ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨୩/୨୦୧୯ (୨୦ ପୃଷ୍ଠା) Sambalpur, Monday, September 23 / 2019 ★★
୧୫ଶ ଭାଗ ୨୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ଦୀପକ ପୁନିଆଙ୍କୁ ରୌପ୍ୟ ପଦକ**
କାଜାଖସ୍ତାନରେ ଅନୁଷ୍ଠିତ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି ଭାରତର ଦୀପକ ପୁନିଆ। ୧୮

୧୪ **ଅକ୍ଷୟଙ୍କ ମ୍ୟୁଜିକ୍ ଭିଡିଓରେ ନୂପୁର**
ଅଭିନେତା ଅକ୍ଷୟ କୁମାର ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ 'ଫିଲ୍‌ହାଲ୍'ର ଶୁଟିଂ କରିଛନ୍ତି। ଏଥିରେ କ୍ରିତି ସାନନଙ୍କ ଭଉଣୀ ନୂପୁର ଅଭିନୟ କରିଛନ୍ତି।



# ଆମେରିକା କହିଲା ହାଓଡି ମୋଦି

**ହ୍ୟୁଷ୍ଟନ,୨୨।୯(ପି.ଟି./ଆଇଏଏନ୍ଏସ୍)**

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ



ଏନ୍‌ଆର୍‌ଜି ଷ୍ଟାଡିୟମରେ ଆମେରିକାର ଆଇନ ପ୍ରଣେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

୭ ଦିନିଆ ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ହାଓଡି ମୋଦି' ମେଗା ଇଭେଣ୍ଟରେ ଉଦ୍‌ବୋଧନ ଦେଇଛନ୍ତି। ହ୍ୟୁଷ୍ଟନର ଏନ୍‌ଆର୍‌ଜି ଷ୍ଟାଡିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ୫୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରିଛନ୍ତି। ଆମେରିକାରେ ଏତେବଡ଼ କାର୍ଯ୍ୟକ୍ରମରେ ଭାଷଣ ଦେବାରେ ମୋଦି ହେଉଛନ୍ତି ପ୍ରଥମ ବିଦେଶୀ ନିର୍ବାଚିତ ନେତା।

ହ୍ୟୁଷ୍ଟନ ମେୟର ଟର୍ନର, ସିନେଟର ଟେଡ୍ କ୍ରୁଜ୍ ଓ ଜନ୍ କର୍ନିନ୍‌ଙ୍କ ସମେତ ଅନେକ ବରିଷ୍ଠ ଆଇନ ପ୍ରଣେତା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। ଆଇନପ୍ରଣେତାମାନେ ଭାରତକୁ ଆମେରିକାର ପ୍ରକୃତ ବନ୍ଧୁ ଭାବେ ଅଭିହିତ କରିବା ସହ ଏହି ମେଗା ଇଭେଣ୍ଟ ଦୁଇଦେଶର ସମ୍ପର୍କରେ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ଆଶାବ୍ୟକ୍ତ କରିଥିଲେ। ମୋଦି ଭାରତୀୟ ସମୟ ରାତି ୯ଟା ୪୦ରେ ମଞ୍ଚ ଉପରକୁ ଯାଇ ନତମସ୍ତକ ହୋଇ ଉପସ୍ଥିତ ପ୍ରବାସୀ ଭାରତୀୟଙ୍କୁ ସମ୍ମାନ ଜଣାଇଥିଲେ। ପରେ ସେ ଉଦ୍‌ବୋଧନ ଦେଇ ୫୦ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କ ହୃଦୟ ଜିତିଥିଲେ। ବିଶ୍ୱର ଶକ୍ତି ରାଜଧାନୀ ଭାବେ ପରିଚିତ ହ୍ୟୁଷ୍ଟନରେ ପ୍ରଧାନମନ୍ତ୍ରୀ ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ମିଳିତ ସମ୍ବୋଧନ ଦୁଇ ବୃହତ୍ ଗଣତନ୍ତ୍ରର ସମ୍ପର୍କକୁ ନୂଆ ଶକ୍ତି ପ୍ରଦାନ କରିବ। ଏହାସହ ଭାରତ ଓ ଆମେରିକାର ଲୋକଙ୍କ ମଧ୍ୟରେ ସମ୍ପର୍କ ମଜଭୁତ ହେବ ବୋଲି ଆମେରିକୀୟ ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି ଷ୍ଟିଫେନ୍ ଗ୍ରିଶାମ୍ ଆଶାବ୍ୟକ୍ତ କରିଛନ୍ତି। ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଭାରତୀୟ-ଆମେରିକୀୟଙ୍କ ହୃଦୟ ଜିଣି ରିପବ୍ଲିକାନ୍ ପାର୍ଟି ଆଡ଼କୁ ଆକର୍ଷିତ କରିବା ଲାଗି ଏହା ଟ୍ରମ୍ପଙ୍କ ଉଦ୍ୟମ ବୋଲି କୁହାଯାଉଛି।

# ଚିଲିକାରେ ଜଳ ଘୂର୍ଣ୍ଣିଝଡ଼

**ବାଲୁଗାଁ,୨୨।୯(ଡି.ଏନ.ଏ.)**

## ବାତ୍ୟା ଆଶଙ୍କାରେ ଲୋକେ ଭୟଭୀତ



ବଡ଼କୁଳ ପାନ୍ଥନିବାସସ୍ଥିତ ଚିଲିକା ଜଳରାଶିରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ହଠାତ୍ ଜଳ ଘୂର୍ଣ୍ଣିଝଡ (ୱାଟର ସ୍ପାଉଟ୍) ସୃଷ୍ଟି ହୋଇ ଆକାଶକୁ ସ୍ପର୍ଶ କରିଥିଲା। ଏହା ଚିଲିକା ମଧ୍ୟସ୍ଥ ଜଟିଆନାସୀ ପାହାଡ଼ ଓ କାଳିଜାଈ ମଧ୍ୟରେ ପ୍ରାୟ ୨୦ମିନିଟ୍ ଧରି ଦୃଶ୍ୟ ହୋଇଥିଲା। ଚିଲିକା ଜଳକୁ ପବନର ଗୋଲେଇ ଚକ୍ର ମଧ୍ୟରେ ଆବଦ୍ଧ କରି ବାଦଲକୁ ଛୁଇଁଥିଲା, ଯାହାକି ଏକ ବିରାଟକାୟ ହାତୀଶୁଣ୍ଢ ପରି ଦୃଶ୍ୟମାନ ହୋଇଥିଲା। ସେଠାରେ ଉପସ୍ଥିତ ପର୍ଯ୍ୟଟକ ଏହି ଦୃଶ୍ୟକୁ ଉପଭୋଗ କରିଥିବା ବେଳେ ନିକଟସ୍ଥ ଅଞ୍ଚଳବାସୀଙ୍କ ମଧ୍ୟରେ ଏହା ଭୟର ବାତାବରଣ ସୃଷ୍ଟି କରିଥିଲା। ଚିଲିକାରେ ଏହା ପ୍ରଥମ ଘଟଣା। ପୂର୍ବରୁ ଏପରି ଦୃଶ୍ୟ କେବେ ଦୃଷ୍ଟିଗୋଚର ହୋଇ ନ ଥିବା ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରକାଶ କରିଛନ୍ତି। କେହି ଏହା ପ୍ରାକୃତିକ ବିପର୍ଯ୍ୟୟ ତଥା ବାତ୍ୟାର ପ୍ରାକ୍ ସୂଚନା ବୋଲି ମତ ଦେଇଛନ୍ତି।

■ ଆନ୍ଧ୍ର ସୀମାରେ ଏନ୍‌କାଉଣ୍ଟର

# ୫ ମାଓବାଦୀ ନିହତ

**ବିଶାଖାପଟନମ, ୨୨।୯ (ଆଇଏଏନ୍ଏସ୍)**



ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାରେ ରବିବାର ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସୁରକ୍ଷା ବଳର ମିଳିତ ଏନ୍‌କାଉଣ୍ଟରରେ ୫ ମାଓବାଦୀ ନିହତ ହୋଇଛନ୍ତି।

ବିଶାଖାପଟନମ୍ ଜିଲା ଗୁଡେମ୍ କୋଟା ବିଧି ବ୍ଲକ୍ ଅନ୍ତର୍ଗତ ଗୁମ୍ମିରେଭୁଲୁ ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ପୋଲିସକୁ ସୂଚନା ମିଳିଥିଲା। ସୁରକ୍ଷା ବଳ ସେଠାକୁ ଯାଇ କୋମ୍ବିଂ ଅପରେଶନ ଚଳାଇଥିବାବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପଟୁ ଗୁଳି ବିନିମୟ ପରେ ୫ ମାଓବାଦୀଙ୍କ ମୃତଦେହ ଠାବ ହୋଇଛି। ଏହାସହ ଏନ୍‌କାଉଣ୍ଟରସ୍ଥଳରୁ ମାଓବାଦୀଙ୍କ ବିପୁଳ ଅସ୍ତ୍ରଶସ୍ତ୍ର ଓ କିଟ୍ ବ୍ୟାଗ୍ ଜବତ ହୋଇଛି। ମାଓବାଦୀଙ୍କ ଗୁଳିମାଡ଼ରେ କେହି ଯବାନ ମୃତାହତ ହୋଇନାହାନ୍ତି। ଏହି ମିଳିତ ଅପରେଶନରେ ମାଓବାଦୀ ନିରୋଧୀ ବଳ, ଗ୍ରେହାଉଣ୍ଡସ, ସ୍ପେଶାଲ ପ୍ରୋଟେକ୍ସନ୍ ଫୋର୍ସ (ଏସ୍‌ପିଏଫ୍) ନିୟୋଜିତ ଥିଲେ। କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାଓବାଦୀ) ପକ୍ଷରୁ ପ୍ରତିଷ୍ଠା ସପ୍ତାହ (ସେପ୍ଟେମ୍ବର ୨୧ରୁ ୨୮) ପାଳନ ଚାଲିଥିବାବେଳେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି। ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବର ୨୩ରେ ମାଓବାଦୀମାନେ ଆନ୍ଧ୍ରପ୍ରଦେଶର ଟିଡିପି ବିଧାୟକ କିଡାରି ସର୍ବେଶ୍ୱର ରାଓ ଓ ପୂର୍ବତନ ବିଧାୟକ ଶିବେରି ସୋମଙ୍କୁ ବିଶାଖାପଟନମ୍ ଜିଲାର ଆକାରୁ ଅଞ୍ଚଳରେ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣାକୁ ବର୍ଷେ ପୂରିବାର ଦିନକ ପୂର୍ବରୁ ଯବାନଙ୍କ ଗୁଳିରେ ୫ ମାଓବାଦୀ ନିପାତ ହୋଇଛନ୍ତି।

**ଧୋଇଗଲା ନଗଡ଼ା ବିକାଶ** ପୃଷ୍ଠା ୮



# ଭିମ୍‌ସାର ହେବ ସୁପର ସ୍ପେଶିଆଲିଟି ହସ୍‌ପିଟାଲ

## ଡିସେମ୍ବର ସୁଦ୍ଧା ପୂରଣ ହେବ ନିର୍ଦ୍ଦେଶକ ପଦବୀ

- ବାରମ୍ବାର ବିଜ୍ଞାପନ ବାହାରୁଛି
- କେହି ଆବେଦନ କରୁ ନାହାନ୍ତି
- ପୁଣି ଥରେ ବିଜ୍ଞାପନ ପ୍ରକାଶ ପାଇବ




**ସମ୍ବଲପୁର,୨୨।୯(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର) ସୁପର ସ୍ପେଶିଆଲିଟି ହସ୍‌ପିଟାଲ କରାଯିବ । ଏଥିପାଇଁ କାମ ଆରମ୍ଭ ହୋଇଛି । ଏହାର ନିର୍ଦ୍ଦେଶକ ପଦବୀ ଆସନ୍ତା ଡିସେମ୍ବର ସୁଦ୍ଧା ପୂରଣ କରାଯିବ। ଏଥିପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସିଛନ୍ତି। ବାରମ୍ବାର ଏହି ପଦ ପାଇଁ ବିଜ୍ଞାପନ ପ୍ରକାଶ କରାଯାଇଛି। ହେଲେ କେହି ଆବେଦନ କରୁନାହାନ୍ତି। ପୁଣି ଥରେ ବିଜ୍ଞାପନ ପ୍ରକାଶ ପାଇବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି ।

ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ରାଜ୍ୟ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଆୟୋଜିତ ବାର୍ଷିକ ସମାରୋହରେ ଯୋଗଦେବା ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାଶ କହିଲେ, ଭିମ୍‌ସାରର ଉନ୍ନତି ପାଇଁ ସହଯୋଗ ଆବଶ୍ୟକ। ଭିମସାରର ନିର୍ଦ୍ଦେଶକ ପଦକୁ ନେଇ ଏବେ ଆଉ ସମସ୍ୟା ରହିବ ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିମ୍‌ସାର ଉପରେ ସବୁବେଳେ ଦୃଷ୍ଟି ରଖିଛନ୍ତି। ସେହି ଡାକ୍ତରଖାନା ଉପରେ ସମଗ୍ର ପଶ୍ଚିମ ଓଡିଶାବାସୀଙ୍କ ସ୍ୱାସ୍ଥ୍ୟ ସେବା ନିର୍ଭର କରୁଛି । ତେଣୁ ଏହାକୁ ସୁପର ସ୍ପେଶିଆଲିଟି ହସ୍‌ପିଟାଲ କରିବାକୁ କାମ ଆରମ୍ଭ ହୋଇଛି। ଭିମ୍‌ସାରରେ ଡାକ୍ତରମାନେ ଉଚ୍ଚ ଦରମା ପାଉଛନ୍ତି। ଇନକ୍ରିମେଣ୍ଟ ବ୍ୟବସ୍ଥା ମଧ୍ୟ ରହିଛି । ଏହି ଡାକ୍ତରଖାନାରେ ଥିବା ସବୁ ସମସ୍ୟା ଧୀରେ ଧୀରେ ସମାଧାନ ହୋଇଯିବ ବୋଲି ସେ କହିଛନ୍ତି। ଦଶହରା ପରେ ଦୁଇଦିନିଆ ଗସ୍ତରେ ଆସି ସେ ଭିମସାର ଓ ସମ୍ବଲପୁର ସହରରେ ଥିବା ଡାକ୍ତର ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ର ପରିଦର୍ଶନ କରିବେ ବୋଲି ଏହି ଅବସରରେ ମନ୍ତ୍ରୀ ଦାସ ଖବରଦାତାମାନଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃୟାରୀ ୨୨ ତାରିଖଠାରୁ ଭିମସାର ନିର୍ଦ୍ଦେଶକ ପଦ ଖାଲି ପଡିଛି । ସେତେବେଳେ ନିର୍ଦ୍ଦେଶକ ଥିବା ଡାକ୍ତର ଅଶ୍ୱିନୀ ପୂଜାରୀଙ୍କୁ ହଟାଇବାକୁ ଜୁନିୟର ଡାକ୍ତର ସଂଘ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପ୍ରାୟ ୬ ମାସର ବାଦ ବିବାଦ ପରେ ଶେଷରେ ନିର୍ଦ୍ଦେଶକ ପୂଜାରୀଙ୍କୁ ସରକାର ବାଧ୍ୟତାମୂଳକ ଭାବେ ଛୁଟି ଦେଇ ପଠାଇ ଦେଇଥିଲେ। ହେଲେ ୧ ମାସ ଛୁଟିରେ ଯିବା ପରେ ନିର୍ଦ୍ଦେଶକ ପୂଜାରୀ ଇସ୍ତଫା ଦେଇଥିଲେ। ସେବେଠୁ ଏହି ପଦ ଖାଲି ପଡିଛି।

**ଆଜିର ସମ୍ପାଦକୀୟ**
**ଛବିରେ ହାତୀ**

**ଆଜିର ମନ୍ତବ୍ୟ**
"ନେହେରୁଙ୍କ ଭୁଲ ଯୋଗୁ ପିଓକେ ସୃଷ୍ଟି ହୋଇଛି।
-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**
ଚଳିତ ବର୍ଷ ଜୁଲାଇରେ ଦେଶର କୋଇଲା ଆମଦାନୀ ୪% ହ୍ରାସ ଘଟି ୧୯ ନିୟୁତ ଟନ୍ ରହିଛି।
– କୋଇଲା ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE 22.09.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers

ବ୍ରାଉନ୍‌ସୁଗାର ବେପାରୀ ରାଜାଙ୍କ ଘର ଉପରେ ଚଢ଼ାଉ

# ଏସ୍‌ଟିଏଫ ହାତରେ ଲାଗିଲା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ

**ଦୁଇଟି ଦାମୀ ଗାଡ଼ି, ୬୦ ହଜାର ଟଙ୍କା ଜବତ**

**ବାଲେଶ୍ୱର ଅଫିସ/ ଜଳେଶ୍ୱର, ୨୨।୯**

ବ୍ରାଉନ୍‌ସୁଗାର ବେପାରୀ ସେକ୍ ରାଜାଙ୍କୁ ଏସ୍‌ଟିଏଫ୍ ୭ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରିବା ପରେ ବହୁ ତଥ୍ୟ ପାଇଛି। ରାଜାଙ୍କଠାରୁ ମିଳିଥିବା ତଥ୍ୟକୁ ଆଧାର କରି ଶନିବାର ଏସ୍‌ଟିଏଫ୍ ସହଦେବଖୁଣ୍ଟା ମଡେଲ ଥାନା ବିଚାରଗଞ୍ଜ ଫାଣ୍ଡିର ହାବିଲଦାର ରଞ୍ଜନ ସାହୁଙ୍କୁ ଗିରଫ କରିଥିଲା। ରାଜାଙ୍କୁ ପଚରାଉଚରା ପରେ ସେ ବ୍ରାଉନସୁଗାର ସହ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଘରେ ଲୁଚାଇ ରଖିଥିବା ସ୍ୱୀକାର କରିଥିଲେ। ଏହି ଆଧାରରେ ରବିବାର ଏସ୍‌ଟିଏଫ୍‌ର ଆଡିଶନାଲ ଏସ୍‌ପି ତେଜରାଜ ପଟେଲଙ୍କ ତତ୍ତ୍ୱାବଧାନରେ ୨ଟି ଟିମ୍ ସେକ୍ ରାଜାଙ୍କୁ ନେଇ ତାଙ୍କ ଅରଡ଼ବଜାରସ୍ଥିତ ମସଜିଦ୍ ଗଳିରେ ଥିବା ବାସଭବନ ଉପରେ ଚଢ଼ାଉ କରିଥିଲା। ଚଢାଉ ସମୟରେ ତାଙ୍କର ମା' ଏବଂ ସ୍ତ୍ରୀ ଉପସ୍ଥିତ ଥିଲେ। ଏସ୍‌ଟିଏଫ୍ ରାଜାଙ୍କ କହିବା ଅନୁସାରେ ତାଙ୍କଘରର ଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ। କୁହାଯାଉଛି ଯାଞ୍ଚ ସମୟରେ ଏସ୍‌ଟିଏଫ୍‌କୁ ବହୁ ଗୁରୁତ୍ୱପୂର୍ଣ୍ଣ ☞ ପୃଷ୍ଠା-୪





ଆପଣଙ୍କର ପ୍ରିୟ ଧରିତ୍ରୀ କାଗଜରେ ଏକ ବ୍ୟାଗ ପ୍ରସ୍ତୁତ କରନ୍ତୁ ଏବଂ ଫଟୋ/ ଭିଡିଓ /ସେଲଫିକୁ plasticfreeodishadht@gmail.com ରେ ମେଲ୍ କରନ୍ତୁ । ଖବରକାଗଜକୁ ପୁଣି ବ୍ୟବହାର ଉପଯୋଗୀ କରିବା ସହ ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନରେ ସହଯୋଗ କରି ପୁରସ୍କାର ଜିତିବାର ସୁଯୋଗ ପାଆନ୍ତୁ । ଶ୍ରେଷ୍ଠ ୫ଟି ବ୍ୟାଗ୍ ପ୍ରସ୍ତୁତକାରୀଙ୍କୁ ମିଳିବ ଆକର୍ଷଣୀୟ ଉପହାର ।

ମଣପ୍ପୁରମ୍ ତରଫରୁ ସ୍ମାର୍ଟ ଗୋଲ୍ଡ ଲୋନ୍
କମ ସୁଧହାରରେ ଅଧିକ ଋଣ ରାଶି !




- 1% ସୁଧହାର ପ୍ରତି ମାସ ନିମନ୍ତେ (ଧନ ଶକ୍ତି ସ୍କିମ, ବାର୍ଷିକ ସୁଧହାର 12%* ମାସିକ ସୁଧ ପଇଠ ସାପେକ୍ଷ)
- 6 ମାସ ଏବଂ 1 ବର୍ଷ ଋଣ ଅବଧି ଯୋଜନା ମଧ୍ୟ ଉପଲବ୍ଧ ।
- ଆପଣଙ୍କ ସ୍ୱର୍ଣ୍ଣର ସମ୍ପୂର୍ଣ୍ଣ ବୀମା ସୁରକ୍ଷା ।
- ଅଧିକ ଜାଣିବା ନିମନ୍ତେ ଆପଣଙ୍କ ନିକଟତମ ମଣପ୍ପୁରମ୍ ଶାଖା କିମ୍ବା ଆମ ୱେବ୍‌ସାଇଟ୍ www.manappuram.com ଲଗ୍ ଅନ୍ କରନ୍ତୁ ।

ସୁଧହାର କେବଳ 1%* ପ୍ରତି ମାସ ବାର୍ଷିକ ସୁଧହାର 12%

9.90%* ସୁଧହାର ସହିତ ବ୍ୟବସାୟୀମାନଙ୍କ ପାଇଁ ଏକ ବିଶେଷ ଯୋଜନା (ଜିଏଲ୍-ବିଏଲ୍)
ଶନିବାର ଦିନ ଆମେ ସମ୍ପୂର୍ଣ୍ଣ ଦିନ କାର୍ଯ୍ୟକରୁ ।
ନିୟମିତ ଅନ୍ତରାଳରେ ମାସିକ ସୁଧ ପରିଶୋଧ କରି 50% ପର୍ଯ୍ୟନ୍ତ ରିହାତି ପାଆନ୍ତୁ ।

OGL Online Gold Loan
ଆପଣ ଘରେ ବସି, କିମ୍ବା ଅଫିସ୍‌ରେ ଥାଇ, ଗୋଲ୍ଡ ଲୋନ୍ ପାଇବା ସହିତ ରିନ୍ୟୁଅଲ୍ ଏବଂ ସୁଧ ପରିଶୋଧର ସୁବିଧା ! 24x7

ମଣପ୍ପୁରମ୍ ଗୋଲ୍ଡ ଲୋନ୍
MANAPPURAM FINANCE LIMITED

Call : 9337072152, Toll Free : 1800 420 22 33 24x7 SMS : GHELP to 56070



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।

- ଶ୍ରୀଚୈତନ୍ୟ ଦେବ

# ସୁମିତ୍ରା ଚୌଧୁରୀଙ୍କ ପରଲୋକ

**କଟକ ଅଫିସ,୨୨।୯**

ଗାନ୍ଧିବାଦୀ ସର୍ବୋଦୟ ନେତ୍ରୀ ସୁମିତ୍ରା ଚୌଧୁରୀ(୯୫)ଙ୍କର ରବିବାର ପୂର୍ବାହ୍ନ ୧୧ଟାରେ କଟକ ବାଖରାବାଦସ୍ଥିତ ବାସଭବନରେ ପରଲୋକ ଘଟିଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ ପୁତ୍ରବଧୂ ହେଉଛନ୍ତି ସୁମିତ୍ରା। ଗୋପବନ୍ଧୁଙ୍କ ପୁତ୍ର ମନମୋହନ ଚୌଧୁରୀଙ୍କୁ ସେ ବିବାହ କରିଥିଲେ। ଗୋପବନ୍ଧୁଙ୍କ ସାନଭାଇ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଝିଅ ଉତ୍ତରାଙ୍କ ବାନ୍ଧବୀ ମଧ୍ୟ ସୁମିତ୍ରା ଥିଲେ। ସ୍ୱାଧୀନତା ଆନ୍ଦୋଳନରେ ସୁମିତ୍ରାଙ୍କର ଭୂମିକା ରହିଥିଲା। ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି ହେବା ସମୟରେ ସେ କସ୍ତୁରବା ଟ୍ରଷ୍ଟରୁ ଇସ୍ତଫା ଦେଇ ସମ୍ପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନରେ ଯୋଗଦେଲେ। ଏହାଛଡ଼ା ସେବାସମିତି ଓ ଗ୍ରାମସେବକ ସମବାୟ ପ୍ରେସ୍‌ର ସମ୍ପାଦିକା ଭାବେ ସେ କାର୍ଯ୍ୟ କରିଛନ୍ତି। ମୃତ୍ୟୁ ପର୍ଯ୍ୟନ୍ତ ସର୍ବୋଦୟ ପତ୍ରିକାର ସେ ମୁଖ୍ୟ ସମ୍ପାଦିକା ରହିଥିଲେ। ଏଥିସହ ସେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ, ହିନ୍ଦ୍ ସ୍ୱରାଜ ଅଭିଯାନ ଟ୍ରଷ୍ଟର ସଭାନେତ୍ରୀ, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ଉପଦେଷ୍ଟା ମଧ୍ୟ ଥିଲେ। ସେ ଅନେକ ପୁସ୍ତକର ସ୍ରଷ୍ଟା, ବହୁ ସମ୍ମାନ ଓ ପୁରସ୍କାରର ଅଧିକାରୀ ଥିଲେ। ଗୋପବନ୍ଧୁ ରମାଦେବୀ ସମ୍ମାନ, କସ୍ତୁରବା ସ୍ମୃତି ସମ୍ମାନ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ସମ୍ମାନ, ସେବା ସୁବର୍ଣ୍ଣ ସମ୍ମାନ, ମହାମାୟା ପଟ୍ଟନାୟକ ସ୍ମୃତି ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି। ଜମ୍ମୁ-କଶ୍ମୀରଠାରେ ଗାନ୍ଧୀ ଗ୍ଲୋବାଲ ଆୱାର୍ଡ ମଧ୍ୟ ସୁମିତ୍ରାଙ୍କୁ ଦିଆଯାଇଥିଲା। ଜନ୍ ହୋଲ୍ଟଙ୍କ ଇଂଲିଶ ପୁସ୍ତକର ଅନୁବାଦ 'ପିଲାଏ ଶିଖନ୍ତି କିପରି', ଅନ୍ୟ ଏକ ଇଂଲିଶ ପୁସ୍ତକର ଅନୁବାଦ 'ଅଦ୍ଭୁତ ଭିକ୍ଷୁ' ଓ ବଙ୍ଗଳା ପୁସ୍ତକର ଅନୁବାଦ 'ଗାନ୍ଧିଜୀଙ୍କ ଜୀବନ କଥା' ହେଉଛି ସୁମିତ୍ରାଙ୍କ ଉଲ୍ଲେଖଯୋଗ୍ୟ ରଚନା। ପଶ୍ଚିମବଙ୍ଗର ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ସୁମିତ୍ରା ୧୯୨୪ ନଭେମ୍ବର



୧୫ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସହରର ଅନେକ ବରିଷ୍ଠ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ଥାନୀୟ ଖାନ୍‌ନଗର ଶ୍ମଶାନରେ ସୋମବାର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି।

# ୨୪ରୁ ପ୍ରବଳ ବର୍ଷା ୪ଦିନ ପର୍ଯ୍ୟନ୍ତ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

୨୪ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ବିଶେଷକରି ଗଞ୍ଜାମ, ପୁରୀ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଆଦି ୯ଜିଲାରେ ପ୍ରବଳ ବର୍ଷା ହେବ। ସେଥିପାଇଁ ଏସବୁ ଜିଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୨୫ରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ଦିନ ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼ ଆଦି ୫ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ପୁରୀ, ଦେବଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ ଓ ଜଗତ୍‌ସିଂହପୁର ଆଦି ୬ ଜିଲାରେ ପ୍ରବଳ ବର୍ଷା ହେବ। ସେହିପରି ୨୬ତାରିଖ ଦିନ ବରଗଡ଼ ଓ ସୁନ୍ଦରଗଡ଼ ଆଦି ଦୁଇଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ଏବଂ ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି ଓ ନୟାଗଡ଼ ଆଦି ୪ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସୋମବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ଅନୁଗୋଳ, କେନ୍ଦ୍ରାପଡ଼ା, ଗଞ୍ଜାମ, ନୟାଗଡ଼ ଓ ବାଲେଶ୍ୱର ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତର ସମ୍ଭାବନା ରହିଛି। ଉତ୍ତର ଓ ଦକ୍ଷିଣ ଉପକୂଳ ଓଡ଼ିଶାରେ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ରବିବାର ଅପରାହ୍ନରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହିତ ଘଡ଼ଘଡ଼ି ହୋଇଥିବାବେଳେ ଚାନ୍ଦବାଲିରେ ସର୍ବାଧିକ ୧୬ମିଲିମିଟର ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

# ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ହାତୀ ଶାବକର ମୃତ୍ୟୁ

**ଖୁଣ୍ଟୁଣୀ,୨୨।୯(ଡି.ଏନ.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲର ଶରଡ଼ ପଡ଼ିଆରୁ ରବିବାର ପୂର୍ବାହ୍ନରେ ବନ ବିଭାଗ ଏକ ହାତୀ ଶାବକର ମୃତଦେହକୁ ଉଦ୍ଧାର କରିଛି। ଖଣ୍ଟୁଆଳି ଗ୍ରାମର କେତେକ ଲୋକେ କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବାବେଳେ ଏକ ହାତୀପଲ ଚିତ୍କାର କରୁଥିବାର ଶୁଣିବାକୁ ପାଇଥିଲେ। ଏହି ଚିତ୍କାର ଶୁଣିବା ପରେ ସେମାନେ ପ୍ରାୟ ଦେଢ଼ କିଲୋମିଟର ଘଞ୍ଚ ଜଙ୍ଗଲ



ମଧ୍ୟକୁ ଯାଇ ଦେଖିବାବେଳେ ଶାବକଟି ତଳେ ପଡ଼ିଛି ଓ ୮ରୁ ୧୦ହାତୀ ତା' ଚାରିପାଖରେ ଘେରି ରହି ଚିତ୍କାର କରୁଥିଲେ। ଏହି ଘଟଣା ପ୍ରଘଟ ହେବା ମାତ୍ରେ କୌଣସି ସୂତ୍ରରୁ ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କ ଅନୁପସ୍ଥିତ ଥିବାବେଳେ କୃଷ୍ଣପୁର ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁ, ବନରକ୍ଷୀ ଆଶିଷ ନାଏକ, କୃଷ୍ଣ ଦେହୁରୀ ଓ ପାରା ଷ୍ଟାଫମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀ ଶାବକକୁ ଠାବ କରିଥିଲେ। ବନ କର୍ମଚାରୀମାନଙ୍କୁ ଦେଖି ସମସ୍ତ ହାତୀ ସେଠାରୁ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ। ତେବେ ବନ କର୍ମଚାରୀମାନେ ମୃତ ହାତୀକୁ ସେଠାରେ ହିଁ ଗାତ ଖୋଳି ପୋତି ଦେଇଥିବା ଜଣାପଡ଼ିଛି। ହାତୀ ଶାବକ ମୃତ୍ୟୁର କାରଣ ସମ୍ପର୍କରେ ଗୁରୁଡି ଝାଟିଆ ପଶୁ ବିଶେଷଜ୍ଞ ଶ୍ରୀନିବାସ ଆଚାରୀଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ତେବେ ମୃତ ହାତୀ ଶାବକର ମୃତ୍ୟୁ ହେବାର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷେ ଯେକୌଣସି ମୃତ ହାତୀର ବ୍ୟବଚ୍ଛେଦ ପରେ ହିଁ ପୋତା ଯିବା କଥା। କିନ୍ତୁ ଏଠାରେ କୌଣସି ଅଧିକାରୀ ନ ଜାଣି ହାତୀ ଶାବକକୁ କିପରି ପୋତି ଦିଆଗଲା, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ଜିଲା ଚିଠି ରାଉରକେଲା

# ଆରଜିଏଚ୍‌ର ଭାଗ୍ୟ

ଗତ ୮୦ ଦଶକରେ ଷ୍ଟିଲସିଟିରେ ପ୍ରତିଷ୍ଠା କରାଯାଇ ଥିଲା ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)। ଆରମ୍ଭରୁ ଏହି ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା ଥିଲା ୬୪। ପରବର୍ତ୍ତୀ ସମୟରେ ସେହି ସଂଖ୍ୟା ୧୨୮ କରାଗଲା। ହାତ ଗଣତି କେତେଜଣ ଡାକ୍ତରଙ୍କୁ ନେଇ ଆରମ୍ଭ କରାଯାଇଥିବା ଏହି ଡାକ୍ତରଖାନାରେ ଏବେ ୨୨ଜଣ ଡାକ୍ତର ଅଛନ୍ତି। କିନ୍ତୁ ଆବଶ୍ୟକ ୬୭। ଏହି ଡାକ୍ତରଖାନାକୁ ଜିଲାସ୍ତରୀୟ ମାନ୍ୟତା ଦେବାକୁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ଏନେଇ ବିଭିନ୍ନ ସମୟରେ ବିରୋଧୀ ଦାବିପତ୍ର ପ୍ରଦାନ ସହିତ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନାନା ଆନ୍ଦୋଳନ, ଅଭିଯୋଗ ଓ ଅନୁରୋଧ ପରେ ବି କିଛି ଲାଭ ହୋଇନି। ବର୍ଷକୁ ୫/୬ଥର କଂଗ୍ରେସ ଏନେଇ ଆନ୍ଦୋଳନ କରିଛି। ତଥାପି ଡାକ୍ତରଖାନାର ଭାଗ୍ୟ ପରିବର୍ତ୍ତନ ହୋଇପାରୁନି। ଅସ୍ଥାୟୀ କର୍ମଚାରୀଙ୍କୁ ଦରମା ମିଳୁ ନ ଥିବାରୁ ସରକାରୀ ଦଳ ନେତା ବି ବହୁ ଥର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତୁରନ୍ତ ଏହି ଡାକ୍ତରଖାନାର ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଦାବି କରିଛନ୍ତି। ତଥାପି ସେପରି ଆଖିଦୃଶିଆ ସଫଳତା ମିଳିନି। ଆରଜିଏଚ୍‌କୁ ଲାଗି ଘରୋଇ ମେଡିକାଲ କଲେଜ ହାଇଟେକ୍ କାମ କରୁଛି। ବିରୋଧୀଙ୍କ ଦାବି ହାଇଟେକ୍‌କୁ ଆରଜିଏଚ୍ ସହ ମିଶ୍ରଣ କରି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉ। ନତୁବା ଆରଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରାଯାଉ। ତାହା ବି ହେଉନି। ଷ୍ଟିଲ ସିଟିରେ ଚିକିତ୍ସା ସୁବିଧା ସନ୍ତୋଷଜନକ ନୁହେଁ। ବିଭିନ୍ନ ମାରାତ୍ମକ ରୋଗ ନିଦାନ ପାଇଁ ପ୍ରତିଦିନ ରୋଗୀ ଆମ୍ବୁଲାନ୍ସରେ କଟକ, ଭୁବନେଶ୍ୱର ଭଳି ସହରକୁ ଯାଉଛନ୍ତି। ପରିବହନ ଓ ଚିକିତ୍ସା ବ୍ୟୟ ଦୃଷ୍ଟିରୁ ଯାତାୟାତରେ ଅର୍ଦ୍ଧେକ ଟଙ୍କା ଖର୍ଚ୍ଚ ହେଉଛି। ଆବଶ୍ୟକତା ଦୃଷ୍ଟିରୁ ରୋଗୀଙ୍କ ସମ୍ପର୍କୀୟ ମାସାଧିକ କାଳ ସେଠାରେ ପଡି ରହୁଛନ୍ତି। ଏଣୁ ଗୁରୁତ୍ୱ ଦୃଷ୍ଟିରୁ ଆରଜିଏଚ୍‌ର ଉନ୍ନତି ନିହାତି ଆବଶ୍ୟକ। ଏମିତି ଯୁକ୍ତି ବାଢୁଛନ୍ତି ବିରୋଧୀ। କେବଳ ସେତିକି ନୁହେଁ, ଏହି ଡାକ୍ତରଖାନା ଉପରେ କେବଳ ସୁନ୍ଦରଗଡ଼ବାସୀ ନିର୍ଭର କରନ୍ତିନି। ପଡୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ର ରୋଗୀ ବି ଏଠାକୁ ଆସନ୍ତି। ଏମିତି ଅବସ୍ଥାରେ ସାଧାରଣ ଭାବେ ଦେଖିଲେ ଉକ୍ତ ଡାକ୍ତରଖାନାରେ ଆଇସିୟୁ ଭଳି ଅନେକ ସୁବିଧା ଆଜି ପର୍ଯ୍ୟନ୍ତ ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ବହୁ ସ୍ପେଶାଲିଷ୍ଟ ଡାକ୍ତର ପଦ ଖାଲି ପଡ଼ିଛି। କର୍ମଚାରୀଙ୍କ ଅଭାବରୁ ଅଧିକାଂଶ ସମୟରେ ରୋଗୀଙ୍କ ସମ୍ପର୍କୀୟ ଓ ବିଭାଗୀୟ ଅଧିକାରୀଙ୍କୁ ହଟହଟା ହେବାକୁ ପଡୁଛି। ଏନେଇ ବହୁ ସମୟରେ ଡାକ୍ତରଖାନାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେଉଛି। ତଥାପି ସ୍ଥିତି ସୁଧୁରୁନି। ସକାଳ ହେବା ମାତ୍ରେ ଏହି ଡାକ୍ତରଖାନାରେ ବହିଃ ବିଭାଗରେ ନାହିଁ ନ ଥିବା ଭିଡ଼ ଲାଗି ରହୁଛି। ରୋଗୀମାନଙ୍କୁ ଡାକ୍ତରମାନଙ୍କ ସହ ପରାମର୍ଶ କରିବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଗୁରୁତର ରୋଗୀମାନେ ବି ଏଥିପାଇଁ ଭାଗ୍ୟକୁ ଆଦରି ପଡୁଛନ୍ତି। ସେଥିପାଇଁ ଅଧିକାଂଶ ସମୟରେ ରୋଗୀମାନଙ୍କୁ ତାଙ୍କ ସମ୍ପର୍କୀୟମାନେ ଅନ୍ୟତ୍ର ନେଇ ଚିକିତ୍ସା କରିବାକୁ ବାଧ୍ୟ ହେଉଛନ୍ତି। ଏମିତି ଆଉ କେତେ ଦିନ ଚାଲିବ ବୋଲି ରାଉରକେଲାବାସୀ ପ୍ରଶ୍ନ କରୁଛନ୍ତି। ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ଚେଷ୍ଟା ଚଳାଇଥିବା ବେଳେ ଆରଜିଏଚ୍ ଅବହେଳିତ ହୋଇ ରହିଛି। ରାଉରକେଲା ଭଳି ମହାନଗର ଓ ସ୍ମାର୍ଟ ସିଟିରେ ଚିକିତ୍ସା ଅବସ୍ଥା କାହିଁକି ସୁଧୁରୁନି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**– ବସନ୍ତ କୁମାର ଧଳ**





> ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
> - ସତ୍ୟସାଇବାବା








### ପବିତ୍ର ପୁଷ୍କରିଣୀ ପାର୍ବତୀ ସାଗର ପାଣି ପ୍ରଦୂଷିତ

# ଭାସୁଛନ୍ତି ଶତାଧିକ ମଲା ମାଛ

**ପୁରୀ ଅଫିସ,୨୨।୯**

ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରକୁ ଲାଗି ରହିଛି ଶ୍ରୀକ୍ଷେତ୍ରର ଅନ୍ୟତମ ତୀର୍ଥ ପୁଷ୍କରିଣୀ ପାର୍ବତୀ ସାଗର। ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସ ସହିତ ଏହାର ବି ସମ୍ପର୍କ ରହିଛି। ସୁଉଚ୍ଚ ପାଚେରି ଦ୍ୱାରା ଏହା ପରିବେଷ୍ଟିତ। ପ୍ରଭୁ ଲୋକନାଥଙ୍କୁ ଦର୍ଶନ କରିବାକୁ ଯିବା ବେଳେ ଶ୍ରଦ୍ଧାଳୁମାନେ ଏଠାରେ ଗୋଡ଼, ହାତ ଧୋଇଥାନ୍ତି। ସେହିପରି ଶ୍ରାବଣ ମାସରେ ଜଳଲାଗି ପାଇଁ ଆସୁଥିବା ହଜାର ହଜାର କାଉଡ଼ିଆ ଏଠାରେ ସ୍ନାନ କରିଥାନ୍ତି। ସରନ୍ତି ସୋମବାର ରାତିରେ ଶ୍ରଦ୍ଧାଳୁ ଏଠାରେ ଗାଧୋଇବା ସହ ଠାକୁରଙ୍କ ବାସନକୁସନ ମଧ୍ୟ ସଫା କରାଯାଏ। ହେଲେ ଏହି ପବିତ୍ର ପୁଷ୍କରିଣୀ ଏବେ ପ୍ରଦୂଷିତ। ଏହି ପୁଷ୍କରିଣୀରେ ଭାସୁଛନ୍ତି ଶହ ଶହ ମଲା ମାଛ।

ପାର୍ବତୀ ସାଗରର ଉତ୍ତର ପାର୍ଶ୍ୱ ପାଚେରୀ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରାୟ ୧୦୦ ଫୁଟ ଭୁଶୁଡ଼ି ପଡ଼ିଛି। ଏପର୍ଯ୍ୟନ୍ତ ଏହାକୁ ମରାମତି କରାଯାଇନାହିଁ। ବିଭିନ୍ନ ସମୟରେ ଏଥିରେ ଅଳିଆ ଆବର୍ଜନା ଏବଂ ବର୍ଷାଦିନେ ବାହାରୁ ପାଣି ଗଡ଼ିଆସି ପଶୁଛି। ତେବେ ଶନିବାରଠାରୁ ପୋଖରୀରେ ମାଛ ମରିବା ଦେଖିବାକୁ ମିଳିଥିଲା। ଅଳ୍ପ କିଛି ଚାଇନା କଉ ମରି ଭାସୁଥିବା ଦେଖାଯାଇଥିଲା। କିନ୍ତୁ ରବିବାର ଶହ ଶହ ମାଛ ମରି ପୋଖରୀରେ ଭାସୁଥିଲେ। ଏ ସମ୍ପର୍କରେ ଲୋକନାଥ ମନ୍ଦିର ମ୍ୟାନେଜର ଅପର୍ଣ୍ଣ ପରିଡ଼ାଙ୍କୁ ପଚାରିବାରେ କହିଛନ୍ତି, କିଛି ବର୍ଷ ବ୍ୟବଧାନରେ ଏମିତି ମାଛ ମରିଥାନ୍ତି। ୩ବର୍ଷ ତଳେ ପାର୍ବତୀ ସାଗରରେ ଚାଇନା କଉ ମରିଥିଲେ। ଏହା ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟକୁ ଅବଗତ କରାଯାଇ ଥିଲା। ସେମାନେ ଆସି ଅନୁଧ୍ୟାନ କରି ଅକ୍ସିଜେନ ଶର୍ଟ ଯୋଗୁ ମାଛ ମରୁଥିବା କହିଥିଲେ। ଏବେ ବି ସମାନ କାରଣରୁ ମାଛ ମରୁଥିବା ସନ୍ଦେହ କରୁଛୁ। ଗତ ଦୁଇଦିନରେ ପ୍ରାୟ ୩ଖଣ୍ଡିରୁ ଊର୍ଦ୍ଧ୍ୱ ଚାଇନା କଉ ମଲେଣି। ଏଗୁଡ଼ିକୁ ଛାଣି ପୋତି ଦିଆଯାଉଛି। ପୋଖରୀରେ ଚୂନ ପକାଇବା ଲାଗି ବ୍ୟବସ୍ଥା କରାଯାଉଛି। ଏ ନେଇ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ଚାଇନା କଉଙ୍କ ପ୍ରଜନନ ଅଧିକ ସଂଖ୍ୟାରେ ହୋଇଥାଏ। ପାର୍ବତୀ ସାଗରରେ ଯଦି ଏମାନେ ଯେତିକି ସଂଖ୍ୟାରେ ରହିବା କଥା ତା'ଠାରୁ ଅଧିକ ହୋଇଯାଇଥିବେ ତେବେ ଅକ୍ସିଜେନ ଶର୍ଟ ହେଉଥିବ। ହଠାତ ଖରା ପରେ ଆକାଶ ମେଘୁଆ ରହିଲେ ସାଧାରଣତଃ ଅକ୍ସିଜେନ ଶର୍ଟ ହୋଇଥାଏ। ତେଣୁ ପୋଖରୀରୁ କିଛି ମାଛ ଧରାଯିବା ଦରକାର। ଯଦି ଅକ୍ସିଜେନ ଯୋଗୁ ମରୁଥାନ୍ତି ତେବେ କିଛିଦିନ ପରେ ଏହା ସ୍ୱାଭାବିକ ହୋଇଯିବ।









ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ରାଜ୍ୟସ୍ତରୀୟ ଆସ୍-ତେ- ଡୁ ଆଖଡ଼ା ଉଦ୍ୟାପିତ

# ପୁରୀ ଚାମ୍ପିୟନ, ସୁନ୍ଦରଗଡ଼ ରନର୍ସ ଅପ୍

ପୁରୀ ଅଫିସ, ୨୨।୯

ସ୍ଥାନୀୟ ପୋଲିସ ଲାଇନ ହାଇସ୍କୁଲ ପରିସରରେ ଚାଲିଥିବା ୬୫ତମ ବିଦ୍ୟାଳୟ ସମୂହ ରାଜ୍ୟସ୍ତରୀୟ ଆସ୍-ତେ-ଡୁ ଆଖଡ଼ା ପ୍ରତିଯୋଗିତା ରବିବାର ଉଦ୍ୟାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପୁରୀ ଜିଲା ଚାମ୍ପିୟନ ଓ ସୁନ୍ଦରଗଡ଼ ଜିଲା ରନର୍ସ ଅପ୍ ହୋଇଛି। ଉଦ୍ୟାପନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ ସଭାପତିତ୍ୱ କରି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କିଶୋର ଶତପଥୀ ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସଫଳତା ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଖଡ଼ା ସଂଘର ପୂର୍ବତନ ସଭାପତି ଜ୍ଞାନରଞ୍ଜନ ମହାନ୍ତି, ସମ୍ପାଦକ ସବ୍ୟସାଚୀ ରଥ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଦ୍ୟାଧର ମିଶ୍ର, ଧ୍ରୁବଚରଣ ଦାସ, ଜ୍ଞାନରଞ୍ଜନ ମହାପାତ୍ର, ଉମେଶ ଚନ୍ଦ୍ର ଶତପଥୀ ମହମ୍ମଦ୍ ଆଲାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟ୍ରେନ୍‌ରୁ ୧୫ କଇଁଛ ଉଦ୍ଧାର, ଅଭିଯୁକ୍ତ ଗିରଫ

ରୂପ୍‌ସା, ୨୨।୯(ଡି.ଏନ.ଏ.)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ଆରପିଏଫ୍ ଥାନା ପୋଲିସ ରବିବାର ଏକ ଟ୍ରେନ୍‌ରେ ଚଢ଼ାଉ କରି ୧୫ଟି ଦେଶୀ କଇଁଛ ଉଦ୍ଧାର କରିଛି। ଏଥିସହ ଅଭିଯୁକ୍ତ ରୂପ୍‌ସା ଥାନା ବରହମ୍ପୁର ଗ୍ରାମର ଶଙ୍କର ଚନ୍ଦ୍ର ଗୋଛାୟତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଓ ଉଦ୍ଧାର କଇଁଛକୁ ବାଲେଶ୍ୱର ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଫରେଷ୍ଟର ବିବେକାନନ୍ଦ ଜେନା ଶଙ୍କରଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପୁରୀ-ହାୱଡ଼ା ଜଗନ୍ନାଥ ଏକ୍ସପ୍ରେସ୍ ଟ୍ରେନ୍‌ରେ ଅଭିଯୁକ୍ତ ଶଙ୍କର ଓ ଅନ୍ୟ ଜଣେ ସହଯୋଗୀ ଦେଶୀ କଇଁଛ ନେଇ ପଶ୍ଚିମବଙ୍ଗ ଯାଉଥିଲେ। ଖବରପାଇ ଆର୍‌ପିଏଫ୍ ଥାନା ପୋଲିସ ସମସ୍ତ ବଗି ଯାଞ୍ଚ କରି ଜଲେଶ୍ୱର ଷ୍ଟେଶନରେ ଅଭିଯୁକ୍ତଙ୍କୁ କାବୁ କରିବା ସହ କଇଁଛ ସବୁକୁ ଉଦ୍ଧାର କରିଥିଲେ। ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ଏସ୍‌ଟିଏଫ...

ପ୍ରଥମ ପୃଷ୍ଠାରୁ...

ପ୍ରମାଣ ମିଳିଛି। ବ୍ରାଉନ ସୁଗାର ବ୍ୟବସାୟ ଟଙ୍କାରେ ରାଜା କିଣିଥିବା ଦୁଇଟି ଦାମୀ ଗାଡ଼ିକୁ ଜବତ କରାଯିବା ସହ ଘର ଭିତରେ ସେ ଲୁଚାଇ ରଖିଥିବା ନଗଦ ୬୦ ହଜାର ଟଙ୍କାକୁ ମଧ୍ୟ ଜବତ କରାଯାଇଛି। ଏସ୍‌ଟିଏଫ୍ ତାଙ୍କୁ ପଚରାଉଚରା କରିବା ସମୟରେ ତାଙ୍କୁ ଏହି ବ୍ରାଉନ ସୁଗାର ବ୍ୟବସାୟରେ ସହଯୋଗ କରୁଥିବା ୫ ଜଣ ପୋଲିସ ଅଫିସରଙ୍କ ବିଷୟରେ କହିଥିଲେ। ଏସ୍‌ଟିଏଫ୍ ସେ କହିଥିବା ୫ଜଣ ଅଫିସରଙ୍କର ଏଥିରେ ସମ୍ପୃକ୍ତି ଅଛି କି ନାହିଁ ସେନେଇ ମଧ୍ୟ ଏସ୍‌ଟିଏଫ୍ ତଦନ୍ତ ଆରମ୍ଭ କରିଦେଇଛି। ସେହିପରି ଅନ୍ୟ ଏକ ଟିମ୍ ସନ୍ଧ୍ୟା ସମୟରେ ତଦନ୍ତ ପାଇଁ ଜଲେଶ୍ୱରରେ ପହଞ୍ଚିଥିଲେ। ସେଠାରେ କେଉଁମାନଙ୍କ ସହ ତାଙ୍କର ସମ୍ପର୍କ ରହିଛି ସେନେଇ ତଦନ୍ତ କରିବା ପାଇଁ ଶେଖବାଡ଼ ଓ ରାଜପୁର ବସ୍ତିରେ ଚଢ଼ାଉ କରିଛନ୍ତି। ଏ ସମ୍ପର୍କରେ ଆଡିଶନାଲ ଏସ୍‌ପି ପଟେଲ କହନ୍ତି, ଅଧିକରୁ ଅଧିକ ପ୍ରମାଣ ଏବଂ ତଥ୍ୟ ସଂଗ୍ରହ ଲାଗି ତଦନ୍ତ ଚାଲିଛି।

# କ୍ରୀଡ଼ା ହିଁ ଭବିଷ୍ୟତରେ ସମୃଦ୍ଧି ଆଣିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

 କ୍ରୀଡ଼ା ରାଜ୍ୟର ଯୁବତୀଯୁବକମାନଙ୍କ ପାଇଁ ଏକ ନିବେଶ ସଦୃଶ। ସେହିପରି ରାଜ୍ୟର ସମୃଦ୍ଧ ଭବିଷ୍ୟତ ପାଇଁ ଦକ୍ଷ ଯୁବବର୍ଗର ନିବେଶ ଆବଶ୍ୟକତା ରହିଛି। କ୍ରୀଡ଼ା ହିଁ ଏହି ଆବଶ୍ୟକତାକୁ ପୂର୍ଣ୍ଣ କରିଥାଏ, ତେଣୁ ରାଜ୍ୟ ସରକାର କ୍ରୀଡ଼ାକୁ ଅଧିକ ଧ୍ୟାନ ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏକ ଇଂଲିଶ ଦୈନିକ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ପ୍ରଭୁ ଚାୱଲାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ରବିବାର ଏହିକଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ଦିନରେ ରାଜ୍ୟ ପ୍ରଶାସନରେ ୫'ଟି ମନ୍ତ୍ରର କାର୍ଯ୍ୟକାରିତା ଏବଂ ମୋ ସରକାର ଯୋଜନାକୁ ସଫଳ ରୂପେ ପ୍ରୟୋଗ କରାଯିବ। ଦୁଇ ଦଶନ୍ଧି ପୂର୍ବରୁ ଓଡ଼ିଶା ଏକ ଗରିବ ରାଜ୍ୟ ରୂପେ ପରିଚିତ ଥିଲା। ହେଲେ ବର୍ତ୍ତମାନ ଏହା ପ୍ରଗତି କରୁଥିବା ଦେଶର ଅନ୍ୟତମ ପ୍ରମୁଖ ରାଜ୍ୟରେ ପରିଣତ ହୋଇପାରିଛି। ରାଜ୍ୟର ଏହି ରୂପାନ୍ତରିତ ପଛରେ ଏକ ଶକ୍ତିଶାଳୀ ଦଳ(ଟିମ୍) କାର୍ଯ୍ୟ କରୁଛି। ଏମାନଙ୍କ ମଧ୍ୟରେ ରହିଛନ୍ତି କେତେକ ଦକ୍ଷ ଅଫିସର, ରାଜନେତା ଏବଂ ଅନ୍ୟାନ୍ୟ ବ୍ୟକ୍ତିତ୍ୱ। ସମସ୍ତଙ୍କ ଦଳଗତ(ଟିମ୍ ୱାର୍କ) ପ୍ରଚେଷ୍ଟା ହିଁ ରାଜ୍ୟ ପାଇଁ ପ୍ରଗତି ଆଣିଦେଇଛି। ଏହା ହିଁ ତାଙ୍କର ବାରମ୍ବାର ବିଜୟୀ ହେବାର କାରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଦୃଶ୍ୟରେ ରହି ଅନେକ ବ୍ୟକ୍ତିବିଶେଷ(ଅଫିସର/ବୁଦ୍ଧିଜୀବୀ) ରାଜ୍ୟର ବିକାଶ ପାଇଁ କାର୍ଯ୍ୟ କରୁଥିବା ନବୀନ କହିଛନ୍ତି। ସେହିପରି ଗତ ସାଧାରଣ





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତିତ୍ୱ ପ୍ରଭୁ ଚାୱଲା।

■୫'ଟି, ମୋ ସରକାର ଯୋଜନାକୁ ଗୁରୁତ୍ୱ
■ଲୋକକୈନ୍ଦ୍ରିକ ପ୍ରଶାସନ ହିଁ ପ୍ରାଥମିକତା
■ବିକାଶ ପାଇଁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ସମର୍ଥନ
■ଉତ୍ତରାଧିକାରୀ ବାଛିବା ପରମ୍ପରାରେ ବିଶ୍ୱାସ କରେନା

ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଥବା ଭାଜପା ସହ କୌଣସି ତିକ୍ତ ଅନୁଭୂତି ନ ଥିଲା। ରାଜ୍ୟ ତଥା ଦେଶର ବିଭିନ୍ନ ଗଠନଧର୍ମୀ ଉନ୍ନତିମୂଳକ କାର୍ଯ୍ୟ ପାଇଁ କେନ୍ଦ୍ର ସରକାରଙ୍କୁ ସହଯୋଗ କରାଯାଉଛି । ନିକଟରେ ମୁଖ୍ୟମନ୍ତ୍ରୀ ଗାର୍ଡ ଅଫ୍ ଅନର ବ୍ୟବସ୍ଥାକୁ ରାଜ୍ୟରୁ ଉଠାଇ ଦେଇଥିଲେ। ଅନୁରୂପ ଭାବେ ରାଜ୍ୟ ସଚିବାଳୟର ନାମ ପରିବର୍ତ୍ତନ କରି ଲୋକସେବା ଭବନ କରିଥିଲେ।

ଏହା କରିବା ପଛରେ ପ୍ରଶାସନକୁ ଅଧିକ ଲୋକକୈନ୍ଦ୍ରିକ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସାରା ଦେଶରେ ଜମ୍ମୁ ଓ କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଠାଯିବା ନେଇ ବିତର୍କ ଲାଗି ରହିଛି। ଏହାକୁ ନବୀନ ପଟ୍ଟନାୟକଙ୍କ ଦଳ ବିଜେଡି ପୂର୍ବରୁ ସମର୍ଥନ ଦେଇସାରିଛି। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନୁଚ୍ଛେଦ ୩୭୦ ଦୀର୍ଘଦିନର ଏକ ପ୍ରସଙ୍ଗ ରହିଥିଲା। ଏହାର ଉଚ୍ଛେଦକୁ ସମର୍ଥନ କରୁଛି, ଏହି ନିଷ୍ପତ୍ତି ସେହି ଅଞ୍ଚଳ ବିକାଶ ପାଇଁ କାର୍ଯ୍ୟ କରିବ। ସେହିଭଳି ଭଲ ଦଳ(ଟିମ୍) ଦ୍ୱାରା ରାଜ୍ୟ ପ୍ରଶାସନ ପରିଚାଳିତ ହେଉଛି। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ଜଣେ ଭଲ ରାଜନୈତିକ ଉତ୍ତରାଧିକାରୀ ସୃଷ୍ଟି କରିବେ ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି ଯେ, ସାଧାରଣ ଜନତା ହିଁ ତାଙ୍କର ପ୍ରକୃତ ଉତ୍ତରାଧିକାରୀ ବାଛିବେ। ଉତ୍ତରାଧିକାରୀ ବାଛିବା ଭଳି ପରମ୍ପରାରେ ସେ ବିଶ୍ୱାସ କରୁ ନ ଥିବା ନବୀନ କହିଛନ୍ତି।

# ମଧ୍ୟାହ୍ନଭୋଜନ ଖାଇ ୨୦ ଛାତ୍ରୀ ଅସୁସ୍ଥ

ଠାକୁରମୁଣ୍ଡା,୨୨।୯(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ ଅନ୍ତର୍ଗତ ଘୋଷଦା ଗ୍ରାମରେ ଥିବା ମା' ଅମ୍ବିକା ଏଲ.ଏମ.ବାଳିକା ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରବିବାର ମଧ୍ୟାହ୍ନଭୋଜନ ଖାଇ ୨୦ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି । ବିଦ୍ୟାଳୟର ହଷ୍ଟେଲରେ ଥିବା ୫୪ ଛାତ୍ରୀଙ୍କ ନିମନ୍ତେ ରବିବାର ମଧ୍ୟାହ୍ନଭୋଜନରେ ଭାତ, ଡାଲି, ମଟର ତରକାରୀ, ସଜନା ଶାଗ ରୋଷେଇ ହୋଇଥିଲା। ଏହା ଖାଇବାର କିଛି ସମୟ ପରେ କେତେକ ଛାତ୍ରୀ ବାନ୍ତି କରିବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ହଷ୍ଟେଲ ପରିଚାଳିକା ସେମାନଙ୍କ ମଧ୍ୟରୁ ୨୦ ଜଣ ଛାତ୍ରୀଙ୍କୁ ଚିକିତ୍ସା ଲାଗି କରଞ୍ଜିଆ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖାଦ୍ୟରେ ବିଷ କ୍ରିୟା ଯୋଗୁଁ ଏପରି ହୋଇଛି ବୋଲି ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ କ୍ଷେତ୍ରବାସୀ ଦାସ କହିଛନ୍ତି। ଖବର ପାଇ କରଞ୍ଜିଆର ପୂର୍ବତନ ବିଧାୟକ ବିଜୟ କୁମାର ନାୟକ ମେଡ଼ିକାଲରେ ପହଞ୍ଚି ଛାତ୍ରୀମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପରିବାରର ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସଭାସମିତିରେ ଉନ୍ନତ ମାନର ଆଲୋଚନା, ପାରିବାରିକ ସଦ୍ଭାବ ସବୁ ପାଇବେ। ବନ୍ଧୁମାନଙ୍କ ସହଯୋଗରେ ଅଟକି ରହିଯାଇଥିବା କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବ। ଆନୁଷ୍ଠାନିକ କାମରେ ଉପସ୍ଥିତି ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମାରମ୍ଭ ପାଇଁ ପ୍ରସ୍ତୁତି ଚଳାଇ ପାରନ୍ତି। ଜମିଜମା କାରବାର, ନୂତନ ଘର ତିଆରି, ଯାନ ବାହନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭାସମିତିରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ବିଗତ ଦିନରେ ଘଟି ଯାଇଥିବା ଘଟଣାର ମୋଡ ବଦଳି ଯାଇପାରେ।

**ମିଥୁନ** ଆଜି କୌଣସି ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିବାକୁ ପଡିପାରେ। ଦିନ ମଧ୍ୟରେ ଘର କିମ୍ୱା ଜମିଜମା, ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ୱା ବିକିବା ସକାଶେ ମନ ବଳାଇବେ। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ୱା ପଡୋଶୀଙ୍କ ସହ ସମସ୍ୟା ମୂଳକ ପରିସ୍ଥିତି ସୃଷ୍ଟି ହେବ। ଆଜି ଯାହା କରିବେ ଅବଶ୍ୟ କ୍ଷତି ହେବନି।

**କର୍କଟ** ଆପଣଙ୍କ କାର୍ଯ୍ୟକଳାପରେ ସାମୟିକ ଅସନ୍ତୁଷ୍ଟ ହୋଇ ସମ୍ମୁଖରେ କିଏ କିଛି ସିନା କହିବେ ନାହିଁ ପଛରେ ବହୁତ ସମାଲୋଚନା ହେବ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିନପାରେ ଏବଂ ଘର କାମକୁ ମଧ୍ୟ ଅଣହେଳା କରିବେ। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧି ପାଇବ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

**ସିଂହ** କର୍ମକ୍ଷେତ୍ରରେ ଅଳସୁଆମି ଅବହେଳା ଯୋଗୁ କାମଟି ବିଗିଡି ଯାଇପାରେ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ସାମୟିକ ଖୁସି ରହିବେ। ବ୍ୟବସାୟରୁ ଭଲ ଲାଭ ପାଇବେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ। ମନ ଭିତରର ଅକୁହା କଥାକୁ ବନ୍ଧୁଙ୍କ ନିକଟରେ ବଖାଣି ସାମୟିକ ସହାନୁଭୂତି ଲାଭ କରିବେ।

**କନ୍ୟା** ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମଗୁଡିକ ଠିକ୍ ଭାବେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ଲୋକମାନଙ୍କ ପ୍ରତି ସତର୍କ ରହିବା ଭଲ ହେବ। ଗୁରୁଜନଙ୍କ ପରାମର୍ଶରେ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। କୌଶଳ ପ୍ରୟୋଗ କରି କାମ ହାସଲ କରି ପାରିବେ ।

**ତୁଳା** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ । ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁମାନଙ୍କ ପ୍ରିୟପାତ୍ର ହେବେ। ଦୀର୍ଘ ଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟ ଭିତ୍ତିକ କାମଗୁଡିକ ସୁରୁଖୁରୁରେ ହୋଇଯିବ। କଳା, ସାହିତ୍ୟ, ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିଲେ ମଧ୍ୟ ଆଜି କେବଳ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରି ପାରିବେ । ସାଧାରଣ କଥାକୁ ନ ବୁଝି ମଧ୍ୟ ଘଟଣାକୁ ଅତିରଞ୍ଜିତ କରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ । କର୍ମ କ୍ଷେତ୍ରରେ ଜଣେ ସହକର୍ମୀଙ୍କ ସହ କଳହ ଲାଗିପାରେ।

**ଧନୁ** ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ମନ ଠିକ୍ ରହିବାରେ ବନ୍ଧୁଙ୍କ ପରାମର୍ଶ ମୁଖ୍ୟ ଭୂମିକା ଗ୍ରହଣ କରିବ।

**ମକର** ପାରିବାରିକ ସମସ୍ୟାକୁ ନେଇ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି। ଜମିଜମା କ୍ରୟ ବିକ୍ରୟ କିମ୍ୱା ନୂତନ ବାଣିଜ୍ୟାରମ୍ଭ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। କିଛିଟା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରି ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ।

**କୁମ୍ଭ** କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିବେ। ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ, ନଚେତ୍ ସମାଲୋଚିତ ହେବାକୁ ପଡିପାରେ। ଚେଷ୍ଟା କରୁଥିବା କାମରେ ଆନୁଷଙ୍ଗିକ ସାହାଯ୍ୟ ନିଶ୍ଚିତ ଲାଭ କରିବେ।

**ମୀନ** ମାନସିକ ଅସ୍ଥିରତା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବାରର ଖର୍ଚ୍ଚ ଭାର କ୍ରମଶଃ ବଢି ବଢି ଯିବା କାରଣରୁ ମନରେ ସରସତା ରହିବ ନାହିଁ । କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। ଆନୁଷ୍ଠାନିକ କାମରୁ କିମ୍ୱା ସଭାସମିତିରେ ସଫଳତା ହାସଲ କରିବେ।

ଆଜି ଆଶ୍ୱିନ କୃଷ୍ଣ ନବମୀ ସୋମବାର, ଶାରଦୀୟ ସମଦିବସ, ସେପ୍ଟେମ୍ବର ୨୩ ତାରିଖ, ରାଶିନକ୍ଷତ୍ର-ଦିବା ଘ୧୨।୦୭ମି. ପରେ, ପୁନର୍ବସୁ/ମିଥୁନ, ମିଥୁନରାଶିର ଘାତବାର, ନବମୀର ଶ୍ରାଦ୍ଧ, ଦିବା ଘ୭।୧୫ମି. ମଧ୍ୟେ ଘ୮।୫୦ମି. ଗତେ, ଘ୧୧।୧୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୧ମି. ଗତେ, ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ୭।୦୯ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

3BHK simplex (SC property) 1k.m. from SUM Hospital, plot - 1800sqft. Build-1350sqft. 9861402539, 9938374731. D-67396

Plot at Sundarpada mouza, Botanda 2.5k.m. from Airport, Bhubaneswar. Contact for detail: 9078002314, 7735015318. D-67072

ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622. D-66784

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871. D-67393

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535. D-66780

Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal-9238902929, 7992736330. D- 66789

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392

**to-let**

At Royal Lagoon, Bhubaneswar, 1810 sqft. fourteenth floor flat north facing semi furnished with Servant room suitable for Executives. Contact: 9123673098. D-14451

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Refresh your mind and soul with best therapy at Orchid Salon/ Spa. 9937287222. D-66963

Ayurvedic full body massage ladies/gents smart experts therapist: 8480939300. D-66966

Newly open full body massage by ladies, gents therapist. 8018656899 D-60838

Ayurvedic full body massage by ladies, gents therapist. 7008773793 D-60839

Monalisa Massage Club: All types body massage with hiprofile smart lady rooms service available-9708545108. D-14410

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

**business**

ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**astrology**

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166


**LEGAL NOTICE**

Notice Under Order-5 Rule 20 C.P.C

IN THE COURT OF THE CIVIL JUDGE (SENIOR DIVISION) DHENKANAL.
CIVIL SUIT NO. 350/2018

Bhagirathi Behera ..... Plaintiff.
Versus
Pratap Chandra Behera and others. .... Defendants.

To,
Pratap Chandra Behera, Son of late Chandramani Behera, At- Khamar Sahi, P.S.- Town, District-Dhenkanal.
At present Fategad Police Station, P.O/ P.S- Fategad, District-Nayagarh.
(Defendant No.3)

Whereas the Plaintiff Bhagirathi Behera, S/o Madhab Chandra Behera village Karigar Sahi (Chamar Sahi), P.S.- Town, District-Dhenkanal has filed the above Civil Suit for declaration of the sale deed No. 10501603970 dated 13.12.2016 as null and void, which was executed in favour of Defendant No.3.

You are hereby directed to appear before the Hon'ble Court on 16.10.2019 positively, failing which the case will be heard and determined in your absence.

Given under my hand and seal of this court, this 13th day of September 2019.

Sd-
CIVIL JUDGE
(SENIOR DIVISION)
Dhenkanal.
D-66822

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

# ଆର୍ଥିକ ମାନ୍ଦାବସ୍ଥା ମୁକାବିଲା କରାଯାଉଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୨।୯(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଗତ କିଛିଦିନ ହେବ ଆର୍ଥିକ ମାନ୍ଦାବସ୍ଥା ସମସ୍ତଙ୍କୁ ଅସୁବିଧାରେ ପକାଇଛି। ଆମେରିକା ଏବଂ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଏହାର ଏକ ମୁଖ୍ୟ କାରଣ। ଏହାସହ ସୌଦି ଆରବରେ ଡ୍ରୋନ୍ ଆକ୍ରମଣ ପରେ ତୈଳ ବଜାରରେ ଦର ବୃଦ୍ଧି ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହେଉଛି। ଭାରତର ଅର୍ଥନୀତିକୁ ୫ ଟ୍ରିଲିୟନ ଆମେରିକୀୟ ଡଲାର ବିଶିଷ୍ଟ କରିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ବିଗତ କିଛିଦିନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ଆର୍ଥିକ ମାନ୍ଦାବସ୍ଥା ଦୂର କରିବା ସକାଶେ ଭାରତ ସରକାର ସକାରାତ୍ମକ ପଦକ୍ଷେପ ନେଇଛନ୍ତି। ଏବେ ଏସିଆ ମହାଦେଶରେ କମ୍ପାନୀଗୁଡିକ ଉପରେ ସବୁଠୁ କମ୍ ଟିକସ ଲାଗୁ କରୁଥିବା ଦେଶଭାବେ ଭାରତ ଆଗକୁ ଆସିଛି। ଭାରତର କର୍ପୋରେଟ ଟ୍ୟାକ୍ସ ସିଙ୍ଗାପୁର ସହ ସମାନ ହୋଇଛି। ଏହା ମୋଦି ସରକାରଙ୍କ ଏକ ଐତିହାସିକ ନିର୍ଣ୍ଣୟ। ପୂର୍ବରୁ ପଞ୍ଜୀକୃତ କମ୍ପାନୀଗୁଡିକ ପାଇଁ ୩୦ ପ୍ରତିଶତରେ ଥିବା କର୍ପୋରେଟ ଟ୍ୟାକ୍ସରେ ଦେୟ ଓ ସେସ୍‌କୁ ମିଶାଇ ୩୪.୯ ପ୍ରତିଶତ ଥିଲା, ଏହା ଏବେ ୧୦ପ୍ରତିଶତ ହ୍ରାସ ପାଇ ୨୫.୧୭ ପ୍ରତିଶତରେ ରହିବ। ନୂଆ ପଞ୍ଜୀକୃତ କମ୍ପାନୀଗୁଡିକ ଯାହା ବିନିର୍ମାଣ (ମାନୁଫାକ୍ଚରିଂ) କ୍ଷେତ୍ରରେ କାର୍ଯ୍ୟରତ, ସେମାନଙ୍କ ଆୟକରକୁ ୧୫ ପ୍ରତିଶତରେ ସୀମିତ ରଖାଯାଇଛି। ଏହି ନୂଆ କମ୍ପାନୀଗୁଡିକୁ କୌଣସି ସର୍ବନିମ୍ନ ବିକଳ୍ପ ଟିକସ (ଏମ୍ଏଟି) ଦେବାକୁ ପଡିବନାହିଁ। ଯେଉଁ ପୁରୁଣା କମ୍ପାନୀଗୁଡିକ ସର୍ବନିମ୍ନ ବିକଳ୍ପ ଟିକସ ୧୮.୫ ପ୍ରତିଶତ ହାରରେ ଦେଉଥିଲେ ଏହାକୁ ମୋଦି ସରକାର ୧୫ ପ୍ରତିଶତରେ ସୀମିତ ରଖିବାକୁ ନିର୍ଣ୍ଣୟ କରିଛନ୍ତି। ଏହି ପଦକ୍ଷେପ ମାନୁଫାକ୍ଚରିଂ ସେକ୍ଟରରେ ନୂଆ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିବା ସହ ମେକ ଇନ ଇଣ୍ଡିଆ ପଦକ୍ଷେପକୁ ତ୍ୱରାନ୍ୱିତ କରିବ। ଏଥିଯୋଗୁ ପୁଞ୍ଜି ନିବେଶକାରୀ ଭାରତର ଷ୍ଟକ ଏକ୍ସଚେଞ୍ଜରେ ଶେୟାର କ୍ରୟ କରିବାକୁ ପ୍ରୋତ୍ସାହିତ ହୋଇଛନ୍ତି।

ଏହି ଟ୍ୟାକ୍ସ ରିହାତି ଘୋଷଣା ପରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୩୬,୦୯୩ ପଏଣ୍ଟରୁ ୩୮,୦୧୭ ପଏଣ୍ଟରେ ପହଞ୍ଚି ପାରିଛି। ଏହି ପଏଣ୍ଟ ବୃଦ୍ଧି ଷ୍ଟକ୍ ଏକ୍ସଚେଞ୍ଜର ଇତିହାସରେ ଏକ ରେକର୍ଡ ସୃଷ୍ଟି କରିଛି।

ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ସେମାନଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) କାର୍ଯ୍ୟର ସୀମା ବଢାଯାଇଛି। ଏହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଅନୁସନ୍ଧାନ ସଂସ୍ଥାର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ କାମରେ ଦୁଇ ପ୍ରତିଶତ ଅର୍ଥ ବ୍ୟୟ କରିହେବ। ଦେଶର ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଏକୀକୃତ କରି ଚାରିଟି କରାଯାଇଛି। ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୭୦ ହଜାର କୋଟି ଟଙ୍କାର ପୁଞ୍ଜି ପ୍ରଦାନ ଲାଗି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଦେଢ କୋଟି ଟଙ୍କା ପର୍ଯ୍ୟନ୍ତ ବେପାର କରୁଥିବା ଛୋଟ ବ୍ୟବସାୟୀ ବ୍ୟାଙ୍କରୁ କମ ସୁଧରେ ଅଧିକ ଋଣ ସୁବିଧା ପାଇପାରିବେ। ମଧ୍ୟମ, କ୍ଷୁଦ୍ର ଓ ଅଣୁ ଶିଳ୍ପୋଦ୍ୟୋଗୀଙ୍କୁ ବଡ ସାହାଯ୍ୟ ମିଳିବ। ସେହିପରି ୧ ହଜାର ଟଙ୍କାରୁ କମ ଭଡା ବିଶିଷ୍ଟ ହୋଟେଲ ରୁମ୍ ଏବଂ ୭ ହଜାର ୫ ଶହ ଟଙ୍କାର ରୁମ୍ ଉପରେ ଲାଗୁଥିବା ଜିଏସ୍‌ଟିକୁ ହ୍ରାସ କରାଯାଇଛି। ଏହାଦ୍ୱାରା ଓଡିଶାର ହୋଟେଲ ଶିଳ୍ପ ବୃଦ୍ଧିପାଇବ, ଯାହା ପର୍ଯ୍ୟଟନ ପାଇଁ ଭଲ। କୃଷି ଉତ୍ପାଦ ଯଥା ଡାଲି, ଚାଉଳ, ଚା, କଫି, ପନିପରିବା ଆଦି ପଣ୍ୟାଗାରରେ ସଂରକ୍ଷଣ ବ୍ୟବସ୍ଥାରୁ ଜିଏସ୍‌ଟି ପର୍ଯ୍ୟାୟକ୍ରମେ ହ୍ରାସ କରି ଶୂନରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟୁତ୍ ଚାଳିତ ବାହନ କ୍ରୟରେ ଜିଏସ୍‌ଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଉପରୋକ୍ତ ପଦକ୍ଷେପଗୁଡିକ ଦ୍ୱାରା କମ୍ପାନୀର ଅଧିକ ଆୟ ବୃଦ୍ଧି ହେବା ସହ କମ୍ପାନୀ ଅଧିକ ପୁଞ୍ଜିନିବେଶ କରିବେ, ଯାହାଦ୍ୱାରା କି ଦେଶରେ ଅଧିକ ରୋଜଗାର ସୃଷ୍ଟି ହେବା ସହ ଅର୍ଥନୀତି ଦ୍ରୁତ ଗତିରେ ବିକଶିତ ହେବ। ଏହାସହ ୧.୫ କୋଟି ଟଙ୍କାରୁ କମ୍ ଅର୍ଥରେ ବେପାର କରୁଥିବା ଲୋକଙ୍କୁ ସ୍ୱେଚ୍ଛାକୃତ ପେନ୍‌ସନ ଯୋଜନାରେ ସାମିଲ କରାଯିବ। ଆସନ୍ତା ୫ ବର୍ଷରେ ୧୦୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଭିତ୍ତିଭୂମି ବିକାଶ ଯଥା- ରାସ୍ତା, ରେଳ, ଜଳ ଓ ଆକାଶପଥରେ ସଂଯୋଗ ତଥା ଟେଲି ଯୋଗାଯୋଗ କ୍ଷେତ୍ରରେ ବିନିଯୋଗ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



ବାବୁ ମହଲ: ଓଲଟା ନୀତି
ଦେଖନ୍ତୁ ଭିଡିଓ
YouTube /dharitrilive

## ଆଜି କ'ଣ କେଉଁଠି

**ଟିଟିଲାଗଡ**
■ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ଉପଜିଲାପାଳଙ୍କ ସଭାଗୃହ, ଅପରାହ୍ନ ୫ଟା।

**କର୍ଲାମୁଣ୍ଡା**
■ବ୍ଲକସ୍ତରୀୟ ଗ୍ରାମ ବିକାଶ ସମିତିର ଦକ୍ଷତା ବିକାଶ ତାଲିମ ଶିବିର, ବିଜାପାଟି(ପୁରୁଣା ସ୍କୁଲ ପରିସର), ପୂର୍ବାହ୍ନ ୧୦।୩୦।

**ପୁରୁଣାକଟକ**
■ନୂଆଁଖାଇ ଭେଟ୍‌ଘାଟ, ଠିକିଯୋର ଜଗନ୍ନାଥ ମନ୍ଦିର, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
■ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସମ୍ବଲପୁର ରେଳ ଷ୍ଟେଶନ ସମ୍ମୁଖ, ପୂର୍ବାହ୍ନ ୧୦ଟା।
■ଜିଲା କଂଗ୍ରେସର ରାଲି ଓ ବିକ୍ଷୋଭ, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା ।

**ଖପ୍ରାଖୋଲ**
■ଜିଲାପାଳ, ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି, ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦।୩୦।
■ହରିଶଙ୍କର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଜୁନିୟର ରେଡକ୍ରସର ବୃକ୍ଷରୋପଣ କାର୍ଯ୍ୟକ୍ରମ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।

**ତରଭା**
■ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି, ବ୍ଲକ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ।

**ବରଗଡ଼**
■ତ୍ରିରଙ୍ଗା କପ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା, (ମ୍ୟାଚ୍: ଧାଙ୍ଗେର ବନାମ ଏସ.ଡୁରୁଙ୍ଗା, ସାହାଜବାହାଲ ବନାମ୍ ପିପିଲିପାଲି), ଖୁଣ୍ଟପାଲି ପଡ଼ିଆ, ଅପରାହ୍ନ ୨ଟା ।

**ଅମରପାଲି**
■ଯୁବ ରେଡକ୍ରସ ଶିବିରର ଉଦ୍‌ଯାପନୀ ଉତ୍ସବ, ସୁବଳୟା କଲେଜ, ପୂର୍ବାହ୍ନ ୧୧ଟା ।

**ସିନାପାଲି**
■ମାରୱାଡି ଯୁବାମଞ୍ଚ ତରଫରୁ ମେଗାସ୍ୱାସ୍ଥ୍ୟ କ୍ୟାମ୍ପ, ଅଗ୍ରସେନ ଭବନ, ପୂର୍ବାହ୍ନ ୧୦ଟା ।

# ମହିଳା କନ୍‌ଷ୍ଟେବଲଙ୍କୁ ଏସ୍ଆଇଙ୍କ ଅସଦାଚରଣ ଅଭିଯୋଗ

ରାଉରକେଲା ଅଫିସ, ୨୨।୯

ରବିବାର ରାଉରକେଲା ଅବକାରୀ ବିଭାଗରେ କାର୍ଯ୍ୟରତ ଜଣେ ମହିଳା କନଷ୍ଟେବଲ ନିଜ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ଅନୁଯାୟୀ ଅବକାରୀ ବିଭାଗରେ ଏସ୍ଆଇ ପଦରେ ଥିବା ସୂର୍ଯ୍ୟନାରାୟଣ ରଥ ଗତ ୫ମାସ ହେଲା ଲଗାତାର ତାଙ୍କୁ ଅସଦାଚରଣ କରୁଥିଲେ। ଏ ନେଇ ସେ ବିରୋଧ କରିଥିଲେ ମଧ୍ୟ କୌଣସି ଲାଭ ମିଳି ନ ଥିଲା। ଏପରି କି ଏ ନେଇ ସେ ଉପରିସ୍ଥ ଅଧିକାରୀଙ୍କ ଘଟଣା ସମ୍ପର୍କରେ ଜଣାଇଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସମ୍ପୃକ୍ତ ମହିଳା କନଷ୍ଟେବଲଙ୍କ ପ୍ରତି ଏସ୍ଆଇଙ୍କ ଅସଦାଚରଣ ଦିନକୁ ଦିନ ବଢ଼ି ଥିଲା। ଫଳରେ ସେ ବାଧହୋଇ ରବିବାର ମହିଳା ଥାନାରେ ଏସ୍ଆଇ ରଥଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ମହିଳା ଥାନା ପକ୍ଷରୁ ଏ ନେଇ ଏକ ମାମଲା ନଂ(୨୭/୧୯) ରୁଜୁ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏ ନେଇ ମହିଳା ଥାନା ଅଧିକାରୀ ପାର୍ବତୀ ହେମ୍ବ୍ରମଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ସହ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି।

■ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର

# ୧ ବର୍ଷରେ ୭୮ ହଜାର ବିମାନଯାତ୍ରୀ



ବର୍ଷ ପୂର୍ତ୍ତି ଉପଲକ୍ଷେ ବିମାନ ବନ୍ଦର କର୍ତ୍ତୃପକ୍ଷ କେକ୍ କାଟି ଖୁସି ମନାଉଛନ୍ତି।

ଝାରସୁଗୁଡ଼ା ଅଫିସ୍/ଲଖନପୁର,୨୨।୯(ଡି.ଏନ୍.ଏ.)

**ବାଣିଜ୍ୟିକ ସଫଳତା ମିଳିଛି**
■ଜୁଲାଇରୁ ଅଗଷ୍ଟ ମଧ୍ୟରେ ୧୩ % ଯାତ୍ରୀ ପରିବହନ ବୃଦ୍ଧି
■ଖରାପ ପାଗ ବିମାନ ଅବତରଣରେ ସମସ୍ୟା
■ଡିଭିଓଆର୍ ମେଶିନ୍ ଲଗାଯିବା ପରେ ବି ସ୍ଥିତି ବଦଳୁନି

ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ(ଭିଏସ୍ଏସ୍) ବିମାନ ବନ୍ଦରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ ସେପ୍ଟେମ୍ବର ୨୨ତାରିଖରେ ଉଦ୍‌ଘାଟନ କରିଥିଲେ। ଏହି ବିମାନ ବନ୍ଦର ଉଦ୍‌ଘାଟନକୁ ରବିବାର ୧ ବର୍ଷ ପୁରିଛି। ଏକବର୍ଷ ପୂର୍ତ୍ତି ଉପଲକ୍ଷେ ବିମାନବନ୍ଦର କର୍ତ୍ତୃପକ୍ଷ କେକ୍‌କାଟି ଧୁମ୍‌ଧାମ୍‌ରେ ଏହି ଉତ୍ସବକୁ ପାଳନ କରିଛନ୍ତି। ଏଥିରେ ବିମାନ ବନ୍ଦର ନିର୍ଦ୍ଦେଶକ ସୁଦେଶ କୁମାର ଚୌହାନ, ଆଲିୟାନ୍ସ ଏୟାର ମ୍ୟାନେଜର ଅଭିଜିତ ଶତପଥୀ, ସ୍ପାଇସ୍‌ଜେଟ୍ ଏୟାର ମ୍ୟାନେଜର ସୁଜିତ କୁମାର, ପୋଲିସ ଅଧିକାରୀ ସୁବାସ ଭୋଇ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ବିମାନ ବନ୍ଦର ଏକ ବର୍ଷ ପୂର୍ତ୍ତିକୁ ନେଇ ନିର୍ଦ୍ଦେଶକ ଚୌହାନ କହିଛନ୍ତି ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର ୨୨ତାରିଖରେ ଉଦ୍‌ଘାଟନ କଲାପରେ ମାର୍ଚ୍ଚ ୩୧ତାରିଖରୁ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏହି ସ୍ପାଇସ୍‌ଜେଟ୍ ଏୟାର ବିମାନ ଝାରସୁଗୁଡାରୁ ହାଇଦ୍ରାବାଦ, ଦିଲ୍ଲୀ ଓ କୋଲ୍‌କତା ସହରକୁ ପ୍ରଥମେ ଉଡ଼ାଣ ଆରମ୍ଭ କରିଥିଲା। ତା'ପରେ ଜୁନ୍ ୫ତାରିଖରୁ ଆଲିୟାନ୍ସ ଏୟାର ବିମାନ ଝାରସୁଗୁଡ଼ାରୁ ଭୁବନେଶ୍ୱର ଓ ରାୟପୁର ସହରକୁ ଉଡାଣ କରିଥିଲା। ଏକ ବର୍ଷ ମଧ୍ୟରେ ଏହି ବିମାନ ବନ୍ଦରରୁ ସମୁଦାୟ ୭୮ ହଜାର ବିମାନଯାତ୍ରୀ ଯାତାୟାତ କରିଛନ୍ତି। ବ୍ୟବସାୟିକ ଦୃଷ୍ଟିରୁ ଏକବର୍ଷ ମଧ୍ୟରେ ବିମାନ ବନ୍ଦରକୁ ବାଣିଜ୍ୟିକ ସଫଳତା ମିଳିଛି ବୋଲି ନିର୍ଦ୍ଦେଶକ ଚୌହାନ କହିଛନ୍ତି। ଏଥିମଧ୍ୟରେ ଗତ ଜୁଲାଇରୁ ଅଗଷ୍ଟମାସ ମଧ୍ୟରେ ୧୩ ପ୍ରତିଶତ ଯାତ୍ରୀ ପରିବହନ ବୃଦ୍ଧି ପାଇଛି । କିନ୍ତୁ ଖରାପ ପାଗ ଯୋଗୁ ଅଧିକାଂଶ ସମୟରେ ବିମାନ ଅବତରଣରେ ସମସ୍ୟା ଦେଖାଦେଉଛି। ଏହାର ସମାଧାନ ପାଇଁ ବନ୍ଦରରେ ଡିଭିଓଆର୍ ମେଶିନ୍ ଲାଗିଛି। ତଥାପି ଏହି ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଏହାର ସମାଧାନ ଦିଗରେ ଏୟାରପୋର୍ଟ ଅଥରିଟି ଇଣ୍ଡିଆର ଦୃଷ୍ଟି ଆକର୍ଷଣ କରାଯାଇଛି। ୨୦୧୯ ମଧ୍ୟରେ ୧୩ କୋଟି ଟଙ୍କା ବ୍ୟୟରେ ଏ ସବୁର ସମାଧାନ କରାଯିବ ବୋଲି ନିର୍ଦ୍ଦେଶକ ଚୌହାନ କହିଛନ୍ତି।




# ଦରମା, ପ୍ରାପ୍ୟ ନେବେ ନାହିଁ ଉପଦେଷ୍ଟା

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ରାଜ୍ୟ ସରକାର ନିକଟରେ ବିଭିନ୍ନ ବିଭାଗ ଏବଂ ସଂସ୍ଥା ପାଇଁ ଉପଦେଷ୍ଟା ନିଯୁକ୍ତ କରିଛନ୍ତି। ଏହି ଉପଦେଷ୍ଟାମାନେ ରାଜ୍ୟ ସରକାରଙ୍କ ତହବିଲରୁ କୌଣସି ଦରମା ଅଥବା ସମ୍ମାନଜନକ ପ୍ରାପ୍ୟ ଗ୍ରହଣ କରିବେ ନାହିଁ। ଏ ସମ୍ପର୍କରେ ସମସ୍ତ ଉପଦେଷ୍ଟା ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅବଗତ କରାଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଦାୟିତ୍ୱକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବା ସେମାନଙ୍କ ପ୍ରାଥମିକ ଉଦ୍ଦେଶ୍ୟ ବୋଲି ଉପଦେଷ୍ଟାମାନେ କହିଛନ୍ତି। ଉପଦେଷ୍ଟାମାନଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟ ପ୍ରଶାସନିକ ତଥା ଅନ୍ୟାନ୍ୟ ମହଲରେ ସ୍ୱାଗତ କରାଯାଇଛି।

ରାଜ୍ୟ ସରକାର କେତେକ ଉପଦେଷ୍ଟାଙ୍କୁ ରାଷ୍ଟ୍ରମନ୍ତ୍ରୀ, ପ୍ରମୁଖ ଶାସନ ସଚିବ ଏବଂ ମୁଖ୍ୟ ଶାସନ ସଚିବ ଭଳି ପାହ୍ୟା ପ୍ରଦାନ କରିଛନ୍ତି। ରାଜ୍ୟରେ ପ୍ରଚଳିତ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ମତାମତ (ଫିଡ୍‌ବ୍ୟାକ୍)ସଂଗ୍ରହ କରିବା ଉପଦେଷ୍ଟାମାନଙ୍କ ପ୍ରମୁଖ ଦାୟିତ୍ୱ। ସେହିଭଳି ବିଭିନ୍ନ ବିଭାଗ ପାଇଁ ତୃଣମୂଳରୁ ସଂଗୃହୀତ ହେଉଥିବା ମତାମତ ସଂପୃକ୍ତ ମନ୍ତ୍ରୀଙ୍କ ଜରିଆରେ ରାଜ୍ୟ ପ୍ରଶାସନକୁ ଅବଗତ କରାଯିବ। ଆବଶ୍ୟକ ହେଲେ ପରାମର୍ଶ ଅନୁଯାୟୀ ଯୋଜନାରେ ପରିବର୍ତ୍ତନ ଅଣାଯିବ ବୋଲି କୁହାଯାଇଛି।




## ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର
### ଆତ୍ମହତ୍ୟା ସନ୍ଦେହ

ଜମନକିରା, ୨୨।୯ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ବଡ଼ରମା ରାସ୍ତାର ଏକ ପୋଲ ତଳୁ ରବିବାର ଜଣେ ବୃଦ୍ଧଙ୍କ ଗଳିତ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ଶାସନ ଥାନା ଅନ୍ତର୍ଗତ ଛପରଗଡ଼ା ଗାଁର ଶ୍ରୀନିବାସ ଖମାରୀ (୭୮)। ମୃତଦେହ ନିକଟରୁ ପୋଲିସ ଏକ ବଙ୍କୁଲି ବାଡ଼ି, ଗାମୁଛା, ବିଷ ବୋତଲ ଓ ଏକ ବ୍ୟାଗ ଜବତ କରିଛି। ଏ ନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୧୯) ରୁଜୁ ହୋଇଛି। କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପୋଲିସ ଅଧିକାରୀ ପ୍ରମୋଦ କୁମାର ସାହୁ କହିଛନ୍ତି , ପାରିପାର୍ଶ୍ୱିକ ସ୍ଥିତିରୁ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ବ୍ୟାଗ ଭିତରେ ଥିବା ଡାକ୍ତରୀ ପ୍ରେସକ୍ରିପଶନରୁ ତାଙ୍କ ଠିକଣା ଜଣାପଡିଛି।



# ଛବିରେ ହାତୀ

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ୨୬ ଦିନ ମଧ୍ୟରେ ୪ ହାତୀଙ୍କ ପ୍ରାଣ ଯାଇସାରିଲାଣି। ସେପ୍ଟେମ୍ବର ୧୯ ଓ ୨୦ରେ ଯଥାକ୍ରମେ ମାଈହାତୀ 'କମଳା' ଓ 'ଗୌରୀ'ର ମୃତ୍ୟୁ ଘଟିବା ପରେ ଏବେ ସେଠାରେ ଆଉ ୪ ହାତୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଟି ମଧ୍ୟ ହର୍ପିସ ଭୂତାଣୁ ଦ୍ୱାରା ଆକ୍ରାନ୍ତ ବୋଲି କୁହାଯାଉଛି। ହାତୀମାନେ ଏହି ଭୂତାଣୁର ବାହକ ହୋଇଥିବାରୁ ସଂକ୍ରମିତ ହେବାର ୪ରୁ ୫ ଦିନ ମଧ୍ୟରେ ଜୀବନ ହରାଇଥାଆନ୍ତି। ଏହି ରୋଗ ଲାଗି ସ୍ୱତନ୍ତ୍ର ଔଷଧ ବାହାରି ନ ଥିବାରୁ ପ୍ରାଣୀ ଚିକିତ୍ସକମାନେ ପାରମ୍ପରିକ ଭାବେ ଆଣ୍ଟିବାଓଟିକ୍ ଦେଇ ସେମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା ଚଳାଇଛନ୍ତି। ଏବେ ଚିଡ଼ିଆଖାନା କର୍ତ୍ତୃପକ୍ଷ କହୁଛନ୍ତି, ଆସାମ ଓ କେରଳରେ ଥିବା ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରାଯାଇ ପରାମର୍ଶ ଗ୍ରହଣ କରାଯାଉଛି। ଏଠାକାର ପ୍ରାଣୀଚିକିତ୍ସକମାନେ ପ୍ରାଣୀଙ୍କ ଉପରେ ଅଧିକ ଗବେଷଣା କରୁ ନ ଥିବାରୁ ସର୍ବଦା ବାହାର ରାଜ୍ୟର ବିଶେଷଜ୍ଞଙ୍କ ଉପରେ ନିର୍ଭର କରୁଛନ୍ତି। ଏଠାରେ ମନେପଡ଼େ ୨୦୧୮ ନଭେମ୍ବରରେ ଅନୁଗୋଳ ଜିଲା ସାତକୋଶିଆ ଜଙ୍ଗଲରେ ପ୍ରାଣ ହରାଇଥିବା ମହାବଳ ବାଘ 'ମହାବୀର' କଥା। ପ୍ରଥମେ କୁହାଯାଇଥିଲା, ଝିଙ୍କ ଶିକାର କରିବାରୁ ମହାବୀରର ପେଟ ସଂକ୍ରମଣ ହୋଇ ମୃତ୍ୟୁ ଘଟିଥିଲା। ତା' ପରେ କୁହାଗଲା ଶିକାରୀଙ୍କ ଯନ୍ତାରେ ପଡ଼ି ଖଣ୍ଡିଆ ହୋଇଗଲା, ଯାହାକି ପରବର୍ତ୍ତୀ ସମୟରେ ଗାଙ୍ଗରିନ୍‌ରେ ତା'ର ମୃତ୍ୟୁ ହେଲା। ସେତେବେଳେ ଆମ ରାଜ୍ୟର ପ୍ରାଣୀ ଚିକିତ୍ସକମାନେ ତାହାର ମୂଳ କାରଣ ଖୋଜି ବାହାର କରିପାରି ନ ଥିଲେ। ଏହା ପରେ ଜଣାପଡ଼ିଲା ଯେ ବାଘକୁ ଠାବ କରିବା ସକାଶେ ତା' ବେକରେ ବନ୍ଧା ଯାଇଥିବା ରେଡିଓ କଲାର ଦ୍ୱାରା ଖଣ୍ଡିଆ ହୋଇ ମହାବୀରର ମୃତ୍ୟୁ ଘଟିଥିଲା। ଏହିଭଳି ମୌଳିକ ଚିକିତ୍ସା ପାଇଁ ଓଡ଼ିଶା ପ୍ରାଣୀ ବିଶେଷଜ୍ଞମାନେ ସକ୍ଷମ ହେଉ ନ ଥିବା ଦୁଃଖଦାୟକ। ଏଠାରେ ଛାତ୍ରୀଛାତ୍ରଙ୍କୁ ଦୋଷ ଦେବା ପରିବର୍ତ୍ତେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଗବେଷଣା କରିବାକୁ ଅନିଚ୍ଛା କେବଳ ଯେ ପ୍ରାଣୀ ଜୀବନକୁ ଅସୁରକ୍ଷିତ କରୁଛି ତାହା ନୁହେଁ, ସମଗ୍ର ରାଜ୍ୟର କୃଷି ବିକାଶରେ ଏହି ବିଶ୍ୱବିଦ୍ୟାଳୟର ସେଭଳି କୌଣସି ଯୋଗଦାନ ଦେଖିବାକୁ ମିଳୁନାହିଁ।

ଆଜିର ପରିସ୍ଥିତି ଦେଖିଲେ ଯେତେବେଳେ ଗୋଟିଏ ମାସ ମଧ୍ୟରେ ୪ ହାତୀଙ୍କ ମୃତ୍ୟୁ ଘଟିଲାଣି, ସେତେବେଳେ ଆସାମ ଓ କେରଳର ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ାଯାଇ ଚିଡ଼ିଆଖାନା କର୍ତ୍ତୃପକ୍ଷ ହାତବାନ୍ଧି ବସିପଡ଼ିବା ପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିବା ସ୍ୱାଭାବିକ। ମନେପଡ଼େ ୨୦୦୦ ମସିହା ଜୁନ୍ ମାସର ୪ ଦିନ ମଧ୍ୟରେ ୧୨ଟି ବାଘଙ୍କ ଜୀବନ ଯିବା କଥା। ଏମାନଙ୍କ ମଧ୍ୟରେ ୮ ଧଳା ବାଘ ଥିଲେ। ବାଘଙ୍କ ଏଭଳି ମୃତ୍ୟୁକୁ ନେଇ ସେତେବେଳେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏପରି କି ଚିଡ଼ିଆଖାନାରେ ବନ୍ଦୀ ଅବସ୍ଥାରେ ଥିବା ପ୍ରାଣୀମାନଙ୍କ ଯତ୍ନ ଓ ପରିଚାଳନା ନେଇ ପ୍ରଶ୍ନ ମଧ୍ୟ ଉଠିଥିଲା। ଏଭଳି ଭୁଲରୁ ନନ୍ଦନକାନନ କର୍ତ୍ତୃପକ୍ଷ ନ ଚେତିବାରୁ ଏବେ ପୃଥିବୀପୃଷ୍ଠରେ ଆତଯାତ କରୁଥିବା ବିରାଟକାୟ ପ୍ରାଣୀ ହାତୀ ବିପଦରେ ପଡ଼ିଛି। ୨୮ ମାର୍ଚ୍ଚ ୨୦୧୯ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୨୦୦୯-୧୦ରୁ ୨୦୧୮-୧୯ ଦଶବର୍ଷ ମଧ୍ୟରେ ଓଡ଼ିଶାରେ ବିଭିନ୍ନ କାରଣରୁ ୭୩୨ ହାତୀଙ୍କ ଜୀବନ ଯାଇଛି। ଚଳିତ ବର୍ଷ ଦେଖିଲେ ବିଦ୍ୟୁତ୍ ସଂସ୍ପର୍ଶରେ ୨୪ ହାତୀଙ୍କ ପ୍ରାଣ ଯାଇଥିବା ବେଳେ ରେଳ ଦୁର୍ଘଟଣାରେ ୧୭, ଶିକାରରେ ୨, ରୋଗରେ ୨୮ ଏବଂ ୩ଟିର ସ୍ୱାଭାବିକ ମୃତ୍ୟୁ ଘଟିଛି। ୭ ହାତୀଙ୍କ ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଅଦ୍ୟାବଧି ଜଣାପଡ଼ି ନାହିଁ। ଏବେ ହର୍ପିସ ଭୂତାଣୁ ଦ୍ୱାରା ହାତୀଙ୍କ ମୃତ୍ୟୁ ହେବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ କହୁଛନ୍ତି, ବାହ୍ୟ ଭୂତାଣୁ ହାତୀ ଦେହରେ ଥିବାରୁ ଏହା ସଂକ୍ରମିତ ହୋଇଛି। ତେବେ ୨୦୧୦ ଅଗଷ୍ଟରେ ଚନ୍ଦକା ଅଭୟାରଣ୍ୟରୁ ଅଣାଯାଇଥିବା ହାତୀ 'ଚନ୍ଦନ' ଦେହରେ ଏହି ଭୂତାଣୁ ଥିଲା ବୋଲି କୁହାଯାଉଛି। ପ୍ରଶ୍ନ ଉଠୁଛି, ଚନ୍ଦନ ଦେହରେ ଏହି ଭୂତାଣୁ ଥିବା ଜଣାପଡ଼ିବା ପରେ ତାହାକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଇ କାହିଁକି ସେଠାରେ ରଖାଯାଇଥିଲା। ଏହି ହାତୀମଡ଼କ ପରେ ବିଶେଷଜ୍ଞମାନେ ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ୭ ନଭେମ୍ବର ୨୦୦୯ରେ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ (ସିଜେଡ୍‌ଏ) ଦେଶର ଚିଡ଼ିଆଖାନାରେ ହାତୀକୁ ରଖିବାରେ ବାରଣ କରି ଏକ ସର୍କୁଲାର ଜାରି କରିଥିଲେ। ଏପରି କି ଚିଡ଼ିଆଖାନାରୁ ହାତୀଙ୍କୁ ସ୍ଥାନାନ୍ତର ପାଇଁ ଆବଶ୍ୟକ ଖର୍ଚ୍ଚ ସିଜେଡ୍‌ଏ ବହନ କରିବ ବୋଲି କୁହାଯାଇଥିଲା। ସେହି ଅନୁଯାୟୀ ଶିମିଳିପାଳ, ସାତକୋଶିଆ ଆଦି ଅଭୟାରଣ୍ୟକୁ ସ୍ଥାନାନ୍ତର କରାଯାଇପାରିଥାଆନ୍ତା। କିନ୍ତୁ ତାହା କରା ନ ଯାଇ ପ୍ରାଣୀ ଉଦ୍ୟାନରେ ହାତୀଙ୍କୁ ଚେନ୍ ଶିକୁଳି ପକାଯାଇ ରଖାଯାଉଛି। ବାସ୍ତବରେ ଦେଖିଲେ ଏଭଳି ବୃହତ୍‌କାୟ ପ୍ରାଣୀଙ୍କ ଚଲାବୁଲା ପାଇଁ ଆବଶ୍ୟକ ଜାଗା ମିଳୁ ନାହିଁ। ନନ୍ଦନକାନନ ବୁଲିଯାଇଥିବା ବ୍ୟକ୍ତି ହାତୀଙ୍କ ରହଣି ସ୍ଥାନ ଦେଖିଥିଲେ ଅନୁମାନ ଲଗାଇପାରିବେ ଯେ କେଡ଼େ ଛୋଟିଆ ଜାଗାରେ ସେମାନଙ୍କୁ ବାନ୍ଧି ରଖାଯାଉଛି। ଆଉ ଏକ ଅଭିଯୋଗ ଆସୁଛି ଯେ, ହାତୀମାନେ ପ୍ରାୟ ୪ ପ୍ରକାରର ଗଛଡାଳକୁ ଖାଇବାକୁ ଭଲ ପାଆନ୍ତି। ସେଗୁଡ଼ିକ ହେଲା ବର, ଓସ୍ତ, ମଇ ଓ ରାଜି। କିନ୍ତୁ ନନ୍ଦନକାନନରେ କେବଳ ବର ଓ ଓସ୍ତ ଡାଳପତ୍ର ଖାଇବାକୁ ଦିଆଯାଇଥାଏ। ସୁଷମ ପୋଷଣ ଅଭାବଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ହାତୀ ପଡ଼ୁଥିବେ ବୋଲି ସନ୍ଦେହ କରାଯାଇପାରେ। ସେହିପରି ପ୍ରାଣୀଉଦ୍ୟାନ ତରଫରୁ ଓୟୁଏଟିରେ ଥିବା 'ସେଣ୍ଟର ଫର୍ ୱାଇଲ୍ଡ ଲାଇଫ୍ ହେଲ୍‌ଥ'କୁ ବାର୍ଷିକ ଅନୁଦାନ ୨୫ ଲକ୍ଷରୁ ୫୦ ଲକ୍ଷ ଟଙ୍କା କରାଯାଇଛି। ତଥାପି ହାତୀମାନଙ୍କ ସ୍ୱାସ୍ଥ୍ୟ ରକ୍ଷା କରାଯାଇପାରୁ ନାହିଁ। ଏବେ ଚିଡ଼ିଆଖାନା କର୍ତ୍ତୃପକ୍ଷ ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ବିଧିବଦ୍ଧ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଲାଣି। ତାହା ନ ହେଲେ ଜାତୀୟ ଐତିହ୍ୟ ପ୍ରାଣୀ ମାନ୍ୟତା ପାଇଥିବା ହାତୀ ନନ୍ଦନକାନନ ଚିଡ଼ିଆଖାନାର ସେହି ସ୍ଥାନରେ କେବଳ ଦର୍ଶକଙ୍କ ପାଇଁ ଛବି ଆକାରରେ ଟଙ୍ଗା ହୋଇଥିବାର ଦେଖିବାକୁ ପାଇବେ।

# ସାହିତ୍ୟିକ ବନାମ ଏନ୍‌ପିଡବ୍ଲ୍ୟୁ



ଜିତେନ୍ଦ୍ର କୁମାର ନାୟକ

ତାମିଲ, ତେଲୁଗୁ, ସଂସ୍କୃତ, କନ୍ନଡ଼ ଓ ମାଲାୟାଲମ୍ ପରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ହେଲେ ଏବର ଓଡ଼ିଆ ସାହିତ୍ୟ କେବଳ ମଞ୍ଚରେ ବଞ୍ଚିଲା ଭଳି ମନେହେଉଛି। ତାହା ସାହିତ୍ୟ ପୁସ୍ତକ ଉନ୍ମୋଚନ ମଞ୍ଚ ହେଉ ବା ହେଉ ସୋସିଆଲ ମିଡିଆ କିମ୍ବା ପୁରସ୍କାର ଦିଆଯାଉଥିବା ମଞ୍ଚ। ଓଡ଼ିଆ ଭାଷା ଯେଉଁ ଶାସ୍ତ୍ରୀୟ ମାନ୍ୟତା ପାଇଛି, ତାହା ଅତୀତର କୃତି ଆଧାରିତ। ସେହି ମର୍ଯ୍ୟାଦାକୁ ବିକିଭାଙ୍ଗି ଆଜିର କେତେକ ସାହିତ୍ୟିକ ନାମ କମାଇବାକୁ ଇଚ୍ଛୁକ। ସାହିତ୍ୟ ଏକଦା ସାମାଜିକ ସଂସ୍କାର ଆଣୁଥିଲା। ନାଟକ ଓ ରୂପକ ଜରିଆରେ ଗଣଙ୍କୁ ପରିବର୍ତ୍ତନ କରିବାର ବାର୍ତ୍ତା ଦେଉଥିଲା। ପ୍ରକୃତିର ସୌନ୍ଦର୍ଯ୍ୟରେ ବିମୁଗ୍ଧ ବ୍ୟକ୍ତି ରଚନା କରିଥିଲେ ପ୍ରକୃତିର ରୂପ ସମ୍ଭାର। ଉଚ୍ଚକୋଟୀର ପ୍ରବନ୍ଧ ଓ ସମାଲୋଚନାଧର୍ମୀ ଲେଖା ସାହିତ୍ୟର ବୌଦ୍ଧିକ ଦିଗକୁ ପୁଷ୍ଟ କରିଥିଲା। ସାହିତ୍ୟ ପ୍ରତି ନିଷ୍ଠା ଯୋଗୁ ସୃଷ୍ଟି ହେଉଥିଲେ ସୁସାହିତ୍ୟିକ। ହେଲେ ଇଣ୍ଟରନେଟ୍‌ର ପ୍ରାବଲ୍ୟ ଓ ସୋସିଆଲ ମିଡିଆରେ ନିଜକୁ ଲେଖକ ଭାବେ ବିଜ୍ଞାପିତ କରିବାର ସୁଯୋଗ ଯେବେଠାରୁ ମିଳିଲାଣି, ସେବେଠୁ ସୃଜନଶୀଳତା କମ୍, ଅଧିକ ପ୍ରଚାର। ଆତ୍ମପ୍ରଚାରରେ ମତ୍ତ ଆଜିର ପିଢ଼ି। ସାମାଜିକ ଗଣମାଧ୍ୟମ ଅଳ୍ପ ସମୟ ମଧ୍ୟରେ ଲେଖକଙ୍କୁ ସେହି ମଞ୍ଚରେ ଥିବା ବ୍ୟକ୍ତିଙ୍କ ନିକଟରେ ପରିଚିତ କରାଇପାରୁଛି।

ସୋସିଆଲ ମିଡିଆ ନିଶ୍ଚିତ ଭାବେ ସାହିତ୍ୟର ପ୍ରସାର କ୍ଷେତ୍ରରେ ଏକ ବଳିଷ୍ଠ ମାଧ୍ୟମ। ଅଥଚ କେତେଜଣ ଯାହିତାହି ଲେଖି ଏହି ମାଧ୍ୟମକୁ ଅଳିଆକୁଣ୍ଡରେ ପରିଣତ କରି ଦେଉଥିବାରୁ ସେଥିରୁ ଭଲ ସୃଷ୍ଟିଟିଏ ଖୋଜି ପାଇବା ପାଇଁ ନୟାନ୍ତ ହେବାକୁ ପଡୁଛି। ଏବେ, ନିଜକୁ ଯିଏ ବଜାରରେ ଯେତେ ବିକେଇ ପାରୁଛି, ତା' ପାଇଁ ଲାଭ ଉଠାଇବା ସେତେ ସହଜ ହୋଇଯାଉଛି। ଭଲ ଲେଆଉଟ୍ ବା ଗ୍ରାଫିକ୍ ଡିଜାଇନ୍ କରିପାରୁଥିବା ସୃଜନକର୍ମୀଟିଏ ପ୍ରକାଶନ ସଂସ୍ଥା କରି ଭଲ ଦୁଇ ପଇସା ଅର୍ଜନ କରିପାରୁଛି। ନିଯୁକ୍ତି କ୍ଷେତ୍ରରେ ଏହା ଏକ ସୁନ୍ଦର ଯୋଗଦାନ ବୋଲି କୁହାଯାଇପାରିବ। କିନ୍ତୁ ଯେତେବେଳେ ସାହିତ୍ୟ ପ୍ରତି ଅନୁରାଗ ନ ଥିବା ବ୍ୟକ୍ତି ସିଧାସଳଖ ସାହିତ୍ୟ ସୃଷ୍ଟିକୁ ଓହ୍ଲାଇ ଆସୁଛି, ସେତେବେଳେ ଲେଖାର ମାନ କେଉଁ ସ୍ତରକୁ ଚାଲିଯାଉଛି ଭାବିଲେ ଆଶ୍ଚର୍ଯ୍ୟ ଲାଗିବ। ଅବଶ୍ୟ ଓଡ଼ିଶାରେ ହାତଗଣତି କେତେଜଣ ସୃଜନକର୍ମୀ ଅଭିନବ ଚିନ୍ତା ପୋଷଣ କରି ସାହିତ୍ୟ କ୍ଷେତ୍ରରେ ସେଲିବ୍ରିଟି ହୋଇପାରିଛନ୍ତି। ସେମାନଙ୍କ ନିଷ୍ଠା ପ୍ରଶଂସାଯୋଗ୍ୟ। କିନ୍ତୁ ମାଲମାଲ ଏମିତି ଅଛନ୍ତି, ଯେଉଁମାନେ ନିଜର ପ୍ରକାଶନ ସଂସ୍ଥା ଥିବାରୁ ଲେଖକ ହୋଇଯାଉଛନ୍ତି। ଲେଖା କିଏ ପଢୁ ବା ନ ପଢୁ, ସେଥିପାଇଁ ସେମାନଙ୍କ ପରବାୟ ନାହିଁ।

ଏଇଠି ମନେପଡ଼େ, ଭାରତୀୟ ରାଜନୀତିରେ ଗତ ଶତାବ୍ଦୀର ଶେଷ ଦଶନ୍ଧି କଥା। ବିଶେଷକରି ବିହାର ଏବଂ ଉତ୍ତରପ୍ରଦେଶରେ ଅପରାଧୀମାନେ ଯେତେବେଳେ ଅନୁଭବ କଲେ ଯେ ରାଜନେତାଙ୍କ ପାଇଁ ଗୁଣ୍ଡା ପାଲଟି ସେମାନଙ୍କ ସକାଶେ ଭୋଟ ଗୋଟାଇବା ଅପେକ୍ଷା ନିଜେ ଟିକେଟ ନେଇ ଲଢ଼ିବା ଶ୍ରେୟସ୍କର, ସେତେବେଳେ ରାଜନୀତିରେ ଅପରାଧୀକରଣ ପ୍ରବେଶ କଲା। ଅପରାଧୀ ପାଲଟିଲେ ନେତା। ବିଧାନସଭା ଓ ସଂସଦରେ ସେମାନଙ୍କୁ ମିଳିଲା ସମ୍ମାନ। ଅବଶ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କୁ ଅନୁଗତମାନେ ହାଜତରେ ଭେଟିଥିବା ଦେଖିବାକୁ ମିଳିଛି। ଆଜି ଓଡ଼ିଆ ସାହିତ୍ୟକୁ ସେହିଭଳି କିଛି ଅଣ-ସାହିତ୍ୟିକ ମାଡ଼ି ବସିଛନ୍ତି। ସେଥିପାଇଁ ଶୁଦ୍ଧ ସାହିତ୍ୟ ରଚନାରେ ମନୋନିବେଶ କରୁଥିବା ବ୍ୟକ୍ତିମାନେ ମନ ମାରିଦେଲେଣି। ଆଉ କିଛି ନାମକରା ଓ ବୟସ୍କ ସାହିତ୍ୟିକ ପରିଚୟ ହଜିଯିବ ଭାବି ନୂଆପିଢ଼ି ସହ ସାଲିସ କରିଗଲେଣି।

ଆଜିର ସାହିତ୍ୟ ସର୍ଜନାକୁ ଦେଖିଲେ ଚାକିରି ହେଉ ବା ଅନ୍ୟ କେଉଁ ଉତ୍ସରୁ ଭଲ ଅର୍ଥଲାଭ କରୁଥିବା କେତେକ ଅକ୍ଷରରଙ୍କୁଣା ଏହି ଦିଗରେ ନାଁ କମାଇବାକୁ ଧାଇଁଛନ୍ତି। ସେଥିପାଇଁ ଯୋଗାଡ଼ିଆଙ୍କୁ ଧରୁଛନ୍ତି। ଏପରି କି କେତେକେ ବହି ଉପରେ ମୁଦ୍ରିତ ନାମ ଦେଖିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଠାରେ ମନରେ ପ୍ରଶ୍ନ ଆସେ, ପ୍ରସିଦ୍ଧି ପାଇବା ପାଇଁ କ'ଣ ଲେଖକ ହେବା ଜରୁରୀ? ଉତ୍ତର ବିତର୍କର ଅପେକ୍ଷା ରଖେ। ଅନେକେ ଭାବନ୍ତି, ବ୍ୟକ୍ତିତ୍ୱକୁ ଆକର୍ଷଣୀୟ ଓ ଅନ୍ୟମାନଙ୍କ ପାଇଁ ଈର୍ଷଣୀୟ କରିବା ଦିଗରେ ଏହା ସହାୟକ ହେବ। ସମ୍ଭବତଃ ଚିନ୍ତକ, ଭାବୁକ ଏବଂ ଦିଗ୍‌ଦର୍ଶକଙ୍କ ସ୍ଥାନରେ ନିଜକୁ ରଖିବା ପାଇଁ ଏକ ଗଳଦ୍‌ଘର୍ମ ପ୍ରୟାସ ଚାଲିଛି। ହେଲେ ପ୍ରସିଦ୍ଧି ପାଇବା ଲାଗି ସୋଜା ଉପାୟ ଅବଲମ୍ବନ କରୁଥିବା ବ୍ୟକ୍ତି ସାହିତ୍ୟର ଶୀର୍ଷ ସ୍ତର ଛୁଇଁବା ନେଇ ସନ୍ଦେହ ରହିଛି। ଏହି ପରିପ୍ରେକ୍ଷୀରେ ସରୋଗେସି (ଭଡ଼ାଟିଆ) ମା'ଙ୍କ ଉଦାହରଣ ଆଖି ଆଗକୁ ଆସୁଛି। ଅନ୍ୟର ଭ୍ରୂଣକୁ ଧରି ରଖୁଥିବା ସରୋଗେସି ମା'ମାନେ ଯେତେବେଳେ ଏହାକୁ ବ୍ୟବସାୟରେ ପରିଣତ କରିଦେଲେ, ସେତେବେଳେ ଏହା ଉପରେ କଟକଣା ଲଗାଗଲା। ବାସ୍ତବିକ ଯେଉଁମାନେ ଅର୍ଥଲୋଭୀ ହୋଇଯିବେ, ସେମାନେ ସେତେବେଳେ ଛୁଆ କିଭଳି ବଢୁଛି ତା' ପ୍ରତି ଯତ୍ନବାନ ହୋଇ ନ ପାରନ୍ତି। ଯେମିତି ହେଉ ପଛେ ପିଲା ଜନ୍ମ ହୋଇଗଲେ ସେମାନଙ୍କ କାମ ସରିଗଲା ବୋଲି ଧରି ନେଇଥାଆନ୍ତି। ଠିକ୍ ସେହିପରି ଅର୍ଥ ନେଇ ଅନ୍ୟ ପାଇଁ ବହି ଲେଖୁଥିବା ବ୍ୟକ୍ତି ସୃଜନକୁ ଗୁରୁତ୍ୱ ଦେଇ ନ ଥାଆନ୍ତି। ଫଳରେ ରଦ୍ଦି କାଗଜ ଭଳି ସେହି ବହି ପରବର୍ତ୍ତୀ ସମୟରେ ଓଜନ ହୋଇ ବିକ୍ରି ହେବାର ସାମଗ୍ରୀ ହୋଇଥାଏ। ଯେଉଁ ଓଡ଼ିଆ ପାଠିକାପାଠକ ଏହି ଗୂଢ଼ ରହସ୍ୟ ଜାଣି ନ ଥିବେ, ସେମାନେ ଏହି ଲେଖାରୁ ଅବଗତ ହୋଇ ଯଦି ଜୀବନରେ ସେହି ଅକ୍ଷରରଙ୍କୁଣାଙ୍କୁ ଆବିଷ୍କାର କରିବେ, ତାହାହେଲେ ସେମାନଙ୍କ ଭାବନା କ'ଣ ହେବ ବୁଝିବା କଷ୍ଟକର ନୁହେଁ।

ବର୍ତ୍ତମାନ ସମୟରେ ଲେଖାଲେଖି କରୁଥିବା ଅଧିକାଂଶ ବ୍ୟକ୍ତି ପରସ୍ପରକୁ ଟେକାଟେକି କରିବାରେ ବ୍ୟସ୍ତ। ଜଣଙ୍କ ସାହିତ୍ୟ କେତେ ପ୍ରଭାବଶାଳୀ ତାହା ପାଠକୀୟ ପ୍ରତିକ୍ରିୟାରୁ ଜଣାପଡ଼େ। ସେହିପରି ସମୀକ୍ଷକଙ୍କ ମନ୍ତବ୍ୟ ବା ଟିପ୍ପଣୀରୁ ଜଣେ ଲେଖକଙ୍କ ସୃଜନ ଗଭୀରତା ମାପିହୁଏ। ଆଜି ରାଜନୀତି, ପ୍ରଶାସନଠାରୁ ଆରମ୍ଭ କରି ସମାଜର ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ଅସଙ୍ଗତିକୁ ଯେଉଁମାନେ ଇଙ୍ଗିତ କରୁଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି। ନିରୋଳା ପ୍ରଶଂସା କରି ଫାଇଦା ନେବା ଲକ୍ଷ୍ୟରେ ଯେଉଁମାନେ ଯୋଗାଡ଼ିଆ ପାଲଟି ଯାଉଛନ୍ତି, ସେମାନଙ୍କୁ ସବୁ ସ୍ତରରୁ ସୁବିଧା ମିଳିପାରୁଛି ଓ ସେମାନଙ୍କ ପିଠିରେ ଦେଶପ୍ରେମୀର ମୋହର ବାଜିଯାଉଛି। 'କେବଳ ପ୍ରଶଂସାରେ କେତେ ଦିନ ସାହିତ୍ୟ ତିଷ୍ଠିବ' ବୋଲି ଜଣେ ବନ୍ଧୁଙ୍କ ସହ କଥା ହୁଅନ୍ତେ, ଉତ୍ତର ମିଳିଲା- ଧରାଧରି ଓ ସେଟିଂ ଦୁନିଆରେ ଚଳି ନ ପାରିଲେ ଅଯୋଗ୍ୟ ବିବେଚିତ ହେବା ନିଶ୍ଚିତ। ଏହାର ମର୍ମ ବୁଝିବାକୁ ହେଲେ ସମସ୍ତଙ୍କ ହିତରେ ସାହିତ୍ୟ ନାହିଁ ବୋଲି ଧରିନେବାକୁ ହେବ। ସମାଜ ସେବାରେ ବ୍ରତୀ ଜଣେ ଶିକ୍ଷିତା ମହିଳା ଘରେ ଶାଶୁଙ୍କୁ ନିର୍ଯାତନା ଦେଉଥିଲେ ହେଁ ବୃଦ୍ଧାବୃଦ୍ଧଙ୍କ ଦୁଃଖ ଦୂର ଲାଗି ମଞ୍ଚରେ ଭାଷଣ ଦେଇ ତାଳି ସାଉଁଟୁଥିବାର ଉଦାହରଣ ଖୋଜିଲେ ଅନେକ ମିଳିବ। ସୃଜନଶୀଳତା ଅନେକାଂଶରେ ଅବାସ୍ତବ ଦୃଷ୍ଟାନ୍ତ ସୃଷ୍ଟି କରୁଥିଲେ ମଧ୍ୟ ଅନେକେ ସେହି ଦିଗ ପ୍ରତି ଦୃଷ୍ଟି ଦେଉନାହାନ୍ତି। ସ୍ରୋତର ପ୍ରତିକୂଳରେ ଗଲେ ବିପଦକୁ ସାମ୍ନା କରିବାର ଭୟ ରହୁଛି। ଆଜିର ଅଧିକାଂଶ ଲେଖକ ସାଧନା ପରିବର୍ତ୍ତେ ସୁବିଧା ବାଟ ଖୋଜିବାରେ ବ୍ୟସ୍ତ। ମନେରଖିବା ଉଚିତ ଯେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା କେବେ ବି 'ରେବତୀ', 'ବୁଢ଼ାଶଙ୍ଖାରୀ', 'ପରଜା', 'ଲକ୍ଷ୍ମୀର ଅଭିସାର', 'କାଳିଜାଈ' ବା 'ବିହଙ୍ଗବିପ୍ଳବ' ଭଳି କ୍ଲାସିକ୍ ଲେଖା ସୃଷ୍ଟି କରିପାରିବ ନାହିଁ। ସେହିପରି 'ସଂଖ୍ୟାତ୍ମକ' ସୃଷ୍ଟି ପଛରେ ପଡ଼ି ଯେଉଁମାନେ 'ଗୁଣାତ୍ମକତା'କୁ ଗୁରୁତ୍ୱ ଦେଉନାହାନ୍ତି, ସେମାନେ ଓଡ଼ିଆ ଭାଷାର ଅଧୋଗତିର କାରଣ ପାଲଟୁଛନ୍ତି।

ଭାଷାର ପ୍ରଚାର ଓ ପ୍ରସାର ଲାଗି ଏହାର ବହୁଳ ବ୍ୟବହାର ନିତାନ୍ତ ଆବଶ୍ୟକ। ଅନୁରୂପ ଭାବେ ଉତ୍ତମ ସାହିତ୍ୟକୃତି ପିଢ଼ି ପରେ ପିଢ଼ିକୁ ଅନୁପ୍ରାଣିତ କରି ଚାଲିଥାଏ। କାଳକୁ ଜୟ କରୁଥିବା ସୃଜନଶୀଳତା ଏକ ଜାତିକୁ ନୂଆ ଦିଗନ୍ତ ଦେଇଥାଏ। ଭାଷା କିମ୍ବା ସାହିତ୍ୟରେ ସମୟୋପଯୋଗୀ ପରୀକ୍ଷାନିରୀକ୍ଷା ସ୍ୱାଗତଯୋଗ୍ୟ। କିନ୍ତୁ ପରିବର୍ତ୍ତନ ନାମରେ ନିଆଯାଉଥିବା ପଦକ୍ଷେପ ଯଦି ଗଛ ସୃଷ୍ଟିର ପରିକଳ୍ପନା କରି ମାଟି ତା'ର ଆଉ ଆଧାର ନୁହେଁ ବୋଲି କହେ, ତା'ହେଲେ ଧରିନେବାକୁ ହେବ ସାହିତ୍ୟ ଅବକ୍ଷୟକବଳିତ। ସୃଜନଶୀଳତାର ଅଭିବୃଦ୍ଧିରେ ବାଧକ ସାଜୁଥିବା ଏଭଳି ନନ୍‌ପରଫର୍ମିଂ ରାଇଟର (ଏନ୍‌ପିଡବ୍ଲ୍ୟୁ) ବା ଅ-ସାହିତ୍ୟିକମାନଙ୍କୁ ସାହିତ୍ୟ ପରିସରରୁ ଦୂରେଇ ରଖାଯିବା ଦରକାର। ଏମାନଙ୍କ ମଧ୍ୟରୁ ଯେଉଁମାନେ ସାଧନା କରି ସାହିତ୍ୟରେ ସ୍ୱଚ୍ଛତା ରକ୍ଷା କରିବାର ପ୍ରମାଣ ଦେଇପାରିବେ, ସେମାନେ ଗ୍ରହଣୀୟ ହେବେ। ଅତଏବ, ସାହିତ୍ୟର ବିଚାରମଞ୍ଚରେ ପାଠକ ବସି ସୃଜନଶୀଳତାର ଗୁଣାତ୍ମକ ମାନଦଣ୍ଡ ଧାର୍ଯ୍ୟ କଲାବେଳେ ମଞ୍ଚ ତଳେ ବସିଥିବା ଲେଖକମାନେ କେଉଁ ସ୍ତରରେ ଅଛନ୍ତି ନିଜେ ନିଜକୁ ପରଖି ନେବାର ସମୟ ଆସିଲାଣି।

ଏଇ-୫୮, ଭିଏସ୍‌ଏସ୍ ନଗର,
ଭୁବନେଶ୍ୱର-୭, ମୋ- ୯୪୩୭୨୨୯୨୫୯

# ଶିକ୍ଷାର୍ଥୀ, ଶିକ୍ଷାୟତନ ଓ ର୍‌ୟାଗିଂ



ପ୍ରଦୀପ୍ତ ନାୟକ

ଶିକ୍ଷାନୁଷ୍ଠାନର ଅନ୍ୟନାମ ବିଦ୍ୟାମନ୍ଦିର, ଯେଉଁଠାରେ ମାତାପିତାଙ୍କର ଯୋଗ୍ୟ ସନ୍ତାନ ତଥା ଦେଶର ସୁନାଗରିକ ତିଆରି ହୁଅନ୍ତି। ଏଣୁ ଏହାକୁ ମଣିଷ ତିଆରି କାରଖାନା ମଧ୍ୟ କୁହାଯାଏ। ଜାତି, ଧର୍ମ, ବର୍ଣ୍ଣ, ରଙ୍ଗ, ଆଞ୍ଚଳିକତା ଓ ଧନୀ-ନିର୍ଦ୍ଧନ ନିର୍ବିଶେଷରେ ଏଠାରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରନ୍ତି। ମାତାପିତା ତଥା ଅଭିଭାବକମାନେ ମୁଣ୍ଡଖାଲ ତୁଣ୍ଡରେ ମାରି ନିଜ ପେଟରୁ କାଟି ପିଲାମାନଙ୍କୁ ଯୋଗ୍ୟ ମଣିଷ କରିବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ପଠାଇଥାନ୍ତି। ସେଠାରେ ଥିବା ଶିକ୍ଷକ, ଅଧ୍ୟାପକମାନେ ପିଲାମାନଙ୍କୁ ପାଠ୍ୟପୁସ୍ତକ ବିଷୟରେ ଚର୍ଚ୍ଚା କରିବାଠାରୁ ଆରମ୍ଭ କରି ସମାଜସେବା ତଥା ଦେଶ ଶାସନ ପର୍ଯ୍ୟନ୍ତ ଶିକ୍ଷାଦାନ କରନ୍ତି। ଛାତ୍ରୀଛାତ୍ରମାନେ କିଭଳି ସୁନାଗରିକ ହେବେ, ସେଥିପାଇଁ ଚେଷ୍ଟା କରନ୍ତି। ତେଣୁ କୁହାଯାଏ ଶିକ୍ଷୟିତ୍ରୀଶିକ୍ଷକ ହେଉଛନ୍ତି ଛାତ୍ରୀଛାତ୍ରଙ୍କର ଦ୍ୱିତୀୟ ମାତାପିତା। ମାତ୍ର ବ୍ୟତିକ୍ରମ କେଉଁଠାରେ ରହିଲା ଯେ, ପିଲାମାନେ ବେଳେବେଳେ ହିଂସ୍ର ହୋଇପଡ଼ନ୍ତି ଏବଂ ର୍‌ୟାଗିଂ ଭଳି ସାମାଜିକ ଅପରାଧମାନ ଶ୍ରେଣୀଗୃହ, ଛାତ୍ରାବାସ କିମ୍ବା ଶିକ୍ଷାନୁଷ୍ଠାନ ପରିସର ମଧ୍ୟରେ କରନ୍ତି।

ଅନେକ ସମୟରେ ରାଜନୈତିକ ହିଂସା, ପ୍ରେମଜନିତ ଗୋଷ୍ଠୀଗତ ହିଂସା ସଂଗଠିତ ହୁଏ, ମାତ୍ର ଏହାକୁ ର୍‌ୟାଗିଂ କୁହାଯାଏ ନାହିଁ। ଉପରୋକ୍ତ ହିଂସାକାଣ୍ଡ ପାଇଁ ବାହାର ବ୍ୟକ୍ତି ବା ଘଟଣା ଜଡ଼ିତ ଥାଏ। ମାତ୍ର ର୍‌ୟାଗିଂ ସାଧାରଣତଃ ବରିଷ୍ଠ ଛାତ୍ରୀଛାତ୍ରଙ୍କ ଦ୍ୱାରା କନିଷ୍ଠଙ୍କ ଉପରେ ହୋଇଥାଏ। ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନରେ ବରିଷ୍ଠ ଛାତ୍ରୀଛାତ୍ର କନିଷ୍ଠଙ୍କୁ ସ୍ୱାଗତ କରିବା ଆଳରେ ସେମାନଙ୍କ ଉପରେ ଅତ୍ୟାଚାର କରିଥାନ୍ତି। ଆମକୁ ର୍‌ୟାଗିଂ କରାଯାଇଛି ମାନେ ଆମେ ର୍‌ୟାଗିଂ କରିବୁ, ଏହା ହିଁ ହେଉଛି ମତଲବ। ଏହା ସମ୍ପୂର୍ଣ୍ଣ ଅମାନବିକ, ବେଆଇନ ଓ ଆପରାଧିକ କାର୍ଯ୍ୟ, ଯାହାର ସଦ୍ୟତମ ଉଦାହରଣ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଘଟିଥିଲା। ଗତ ଅଗଷ୍ଟ ୨୧ ତାରିଖରେ ବରିଷ୍ଠ ଛାତ୍ରମାନଙ୍କ ଦ୍ୱାରା ସଂଘଟିତ ଜଘନ୍ୟ କାଣ୍ଡରେ ପ୍ରଥମ ବର୍ଷର ୫୦ରୁ ଅଧିକ ଛାତ୍ର ନିର୍ଯାତିତ ହୋଇଥିଲେ। ବରିଷ୍ଠ ଛାତ୍ରମାନେ ଅତ୍ୟନ୍ତ ଲଜ୍ଜାଜନକ ଭାବେ କନିଷ୍ଠମାନଙ୍କୁ ଚଡ଼ି ପିନ୍ଧାଇ ଅର୍ଦ୍ଧନଗ୍ନ ଭାବେ ନଚାଇଥିଲେ, ପିଟିଥିଲେ ଓ ଦ୍ୱିତୀୟ ମହଲା ଛାତରୁ ଶିଡ଼ିଦେଇ ତଳକୁ ଦୌଡ଼ାଇଥିଲେ। ଭଦ୍ର ସମାଜର କୌଣସି ବ୍ୟକ୍ତି ଏହା ଚିନ୍ତା କରିପାରିବେ ନାହିଁ।

ବୁର୍ଲା ଇଞ୍ଜିନିୟରିଂ କଲେଜ ଭଳି ସ୍ୱନାମଧନ୍ୟ ଅନୁଷ୍ଠାନରେ ପଢୁଥିବା ତଥାକଥିତ ମେଧାବୀ ଛାତ୍ରମାନେ ଘଟାଇଥିବା ଏହି ଆପରାଧିକ କାଣ୍ଡ ସମସ୍ତ ନୀତିନିୟମ ଓ ଶୃଙ୍ଖଳାକୁ ଜଳାଞ୍ଜଳି ଦେଇ ପ୍ରତିବର୍ଷ ଭଳି ଚଳିତବର୍ଷ ଆୟୋଜିତ ହୋଇଥିଲା। ପ୍ରତିବର୍ଷ ଏପରି ଘଟୁଥିଲେ ମଧ୍ୟ ଏହାକୁ ବନ୍ଦ କରାଗଲା ନାହିଁ କାହିଁକି? ଯେଉଁ ଶିକ୍ଷାନୁଷ୍ଠାନରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ସହିତ ଘନିଷ୍ଠ ଭାବେ ରହିଥାନ୍ତି, ସେଠି ର୍‌ୟାଗିଂ ହୋଇଥିବା ନଜିର ନାହିଁ। ବୁଦ୍ଧିଜୀବୀ ଓ ମାତାପିତାମାନେ ଏ ଦିଗ ପ୍ରତି ତୀକ୍ଷ୍ଣ ନଜର ଦେବା ଉଚିତ। ଆମ ସମାଜର ନୂତନ ପିଢି, ଯେଉଁମାନେ ଦେଶକୁ ନୂଆକରି ନିର୍ମାଣ କରିବେ, ସେମାନଙ୍କର ଗତି କୁଆଡ଼େ? କେବଳ ବୁର୍ଲା ନୁହେଁ, ରାଜ୍ୟ ତଥା ଦେଶର ଅନେକ ବୈଷୟିକ ଶିକ୍ଷାନୁଷ୍ଠାନରେ ପ୍ରତିବର୍ଷ ଏପରି ଘଟଣାମାନ ଘଟୁଛି, ଯାହାକୁ ବନ୍ଦ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କଠାରୁ ଆରମ୍ଭକରି ବିଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟ, ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଏବଂ ରାଜ୍ୟ ସରକାର ବିଭିନ୍ନ ସମୟରେ ଅନୁଶାସନ ଜାରି କରିଛନ୍ତି। ତାହା ପାଣିରେ ଗାର ହୋଇଛି।

ର୍‌ୟାଗିଂ ଭଳି ଜଘନ୍ୟ ପ୍ରଥାକୁ ବନ୍ଦ କରିବା ପାଇଁ ବସିଥିବା ରାଘବନ କମିଟିର ନିର୍ଦ୍ଧାରଣ ଓ ପରାମର୍ଶ ଆଧାରରେ କେତେଗୁଡ଼ିଏ ପଦକ୍ଷେପ ନେବା ପାଇଁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କାଉନସେଲିଂ ସେଲ୍ ଗଠନ କରିବା ଓ ପରିଚାଳନା କରିବା, ଶିକ୍ଷାନୁଷ୍ଠାନରେ ଶ୍ରେଣୀଗୃହ, ଛାତ୍ରାବାସ, ପାଇଖାନା, ଖେଳପଡ଼ିଆ, ଜିମ୍‌ଖାନା, କନ୍‌ଭେନଶନ ଇତ୍ୟାଦି ପ୍ରତ୍ୟେକ ସ୍ଥାନରେ ସିସି ଟିଭି ଲଗାଇବା ଓ ରୀତିମତ ନଜର ରଖିବା, ଶିକ୍ଷାବର୍ଷର ବିଭିନ୍ନ ସମୟରେ ସମସ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ, ଅଧିବେଶନମାନ ଆୟୋଜନ କରିବା, ଯେଉଁଥିରେ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ସମସ୍ତ ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀ ଭାଗନେବେ। ଯେକୌଣସି ପ୍ରକାର ଆପରାଧିକ କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ ବ୍ୟବସ୍ଥା ପ୍ରଚଳନ କରିବା ଦରକାର, ଯାହା ନାମଲେଖା ସମୟରେ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇ ଦିଆଯିବା ଉଚିତ। କୌଣସି ପ୍ରକାର ଥଟ୍ଟା, ପରିହାସ ତଥା କୌତୁକପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁମତି ନ ଦେବା ଏବଂ ସେଥିପ୍ରତି ଅନୁଷ୍ଠାନର ପ୍ରତ୍ୟେକ ଶିକ୍ଷକ, କର୍ମଚାରୀ ଓ ପ୍ରଶାସନିକ ଅଧିକାରୀମାନେ ଯତ୍ନବାନ ହେବା ଜରୁରୀ। ଶିକ୍ଷାନୁଷ୍ଠାନରେ ଗୁରୁତ୍ୱପୂର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ନେଇ ର୍‌ୟାଗିଂକୁ ବିରୋଧ କରିବା ନିମନ୍ତେ ଦଳ ଗଠନ କରି ଦାୟିତ୍ୱ ନ୍ୟସ୍ତ କରିବା ସହିତ ଅଭିଭାବକମାନଙ୍କୁ ବିଶେଷ ଭାବରେ ଅବଗତ କରାଇବା ଇତ୍ୟାଦି କେତେକ ପଦକ୍ଷେପ ନିଆଗଲେ ନିଶ୍ଚିତ ଭାବରେ ର୍‌ୟାଗିଂ ବନ୍ଦ ହୋଇପାରିବ।

ଟିକରପଡ଼ା, କାକଟପୁର, ପୁରୀ, ମୋ- ୯୪୩୭୦୫୩୩୨୯

## ଏଇ ଭାରତରେ

ପରୀକ୍ଷା ଦେବା ପରେ ସମସ୍ତେ ଚାହିଁଥାନ୍ତି ଫଳକୁ। ପାସ୍‌ହେଲେ ସାର୍ଟିଫିକେଟ ଓ ମାର୍କଶିଟ୍ ନେଇ ଆଗକୁ ପଢିବେ। କିନ୍ତୁ ୧୩ ବର୍ଷ ପୂର୍ବେ ପରୀକ୍ଷା ଦେଇଥିବା ଜଣେ ଛାତ୍ର ପାସ୍ କରି ମଧ୍ୟ ଏଯାବତ ମାର୍କଶିଟ୍ ପାଇନାହାନ୍ତି। ମଧ୍ୟପ୍ରଦେଶ ଜବଲପୁରରେ ଏହା ଘଟିଛି। ନୟା ମୁହଲ୍ଲା ନିବାସୀ ମହମ୍ମଦ ଅରିଫ ଜମାଲ କହିଛନ୍ତି, ୨୦୦୬ରେ ସେ ୧୦ମ ପରୀକ୍ଷା ଦେଇ ଗଣିତ, ଇଂରାଜୀ ଓ ହିନ୍ଦୀରେ ଫେଲ୍ ହୋଇଥିଲେ । ପୁଣି ୨୦୦୭ରେ ଏହି ତିନୋଟି ବିଷୟରେ ପରୀକ୍ଷା ଦେଇ ପାସ୍ କରିବା ପରେ ମାର୍କଶିଟ୍‌ରେ ଇଂରାଜୀ ଓ ବିଜ୍ଞାନ ମାର୍କ ଯୋଡ଼ି ହୋଇ ନ ଥିଲା। ଏହି ଭୁଲ୍ ସୁଧାରିବା ପାଇଁ ମହମ୍ମଦ ୧୩ ବର୍ଷ ହେଲା ଜବଲପୁର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଭୋପାଳ ରାଜ୍ୟ ମୁକ୍ତ ଶିକ୍ଷା ପରିଷଦ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ ହୋଇଗଲେଣି। ଏହା ଏକ ପୁରୁଣା କେସ୍ କହି ଅଧିକାରୀମାନେ ସମୟ ଗଡାଇ ଚାଲିଛନ୍ତି। ତାଙ୍କ ପିତାଙ୍କ ନାମ ମହମ୍ମଦ ଫାରୁକ ବଦଳରେ ମାର୍କଶିଟ୍‌ରେ ମହମ୍ମଦ ଅବଦୁଲ କାଦିର ଉଲ୍ଲେଖ କରାଯାଇଛି। ଯେଉଁ ବିଷୟରେ ମହମ୍ମଦ ପରୀକ୍ଷା ଦେଇଥିଲେ ସେହିସବୁ ବିଷୟ ଉଲ୍ଲେଖ ରହିଛି, କିନ୍ତୁ ସେହି ବିଷୟରେ କେତେ ନମ୍ବର ରଖିଛନ୍ତି ତାହା ଦର୍ଶାଯାଇନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ସେପ୍ଟେମ୍ବର ୧୯୯୪

- ଜମ୍ମୁ-କଶ୍ମୀରରେ ଭୋଟର ତାଲିକା ଓ ନିର୍ବାଚନ ଆଇନର ସଂଶୋଧନ ପାଇଁ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।
- ଗୁଜରାଟର ସୁରଟ ସହରରେ ପ୍ଲେଗ ରୋଗରେ ଗତ ଦୁଇଦିନରେ ୨୦୦ ଜଣ ପ୍ରାଣ ହରାଇଛନ୍ତି।

## ଚିରନ୍ତନୀ

ଚିନ୍ତାର ବାହାରେ ତବ
ସତ୍ୟ-ରୂପ ଜନମାଏ ଭ୍ରମ,
କ୍ଷୁଦ୍ରତମ ସଙ୍ଗେ ଯହିଁ
ସମାନ ହୋଇଛି ବୃହତ୍ତମ। (ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୧୫- ଗୋଦାବରୀ ନଦୀରେ ଏକ ପର୍ଯ୍ୟଟନ ବୋଟ୍ ବୁଡ଼ି ଯୋଗୁ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୫ ଜଣ ନିଖୋଜ ଅଛନ୍ତି।

୧୬- ଥାଇଲାଣ୍ଡର ଏକ ବିବାଦୀୟ ମନ୍ଦିରରୁ ଉଦ୍ଧାର କରାଯାଇଥିବା ୧୪୭ଟି ବାଘଙ୍କ ମଧ୍ୟରୁ ୮୦ ବାଘଙ୍କର ଜିନ୍‌ଗତ ସମସ୍ୟା ଓ ନୂଆ ପରିବେଶରେ ଖାପ ଖୁଆଇ ନ ପାରିବାରୁ ମୃତ୍ୟୁ ଘଟିଛି।

୧୭- ଆସନ୍ତା ଅକ୍ଟୋବର ୨ରୁ ଥରେ ମାତ୍ର ବ୍ୟବହାର ହେଉଥିବା ୫୦ ମାଇକ୍ରନରୁ କମ୍ ମୋଟେଇ ବିଶିଷ୍ଟ ପ୍ଲାଷ୍ଟିକ୍ ଓ ପଲିଥିନର ବ୍ୟବହାରକୁ ଓଡ଼ିଶା ସରକାର ନିଷେଧ ଘୋଷଣା କରିଛନ୍ତି।

* ନିର୍ବାଚନ ପୂର୍ବରୁ ଆଫଗାନିସ୍ତାନରେ ରାଷ୍ଟ୍ରପତିଙ୍କ ଏକ ସଭାରେ ଆତଙ୍କବାଦୀ ଆକ୍ରମଣ ଘଟି ୨୬ ଜଣ ନିହତ ହୋଇଛନ୍ତି।

୧୮- କେନ୍ଦ୍ର ସରକାର ଦେଶରେ ଇ-ସିଗାରେଟ୍‌କୁ ନିଷିଦ୍ଧ କରିଛନ୍ତି।

## ଆମ ସମସ୍ୟା

### ନିମ୍ନମାନର ଛତୁଆ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଯୋଜନାରେ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ୬ ମାସରୁ ୩ ବର୍ଷର ଶିଶୁ ଓ ଗର୍ଭବତୀମାନଙ୍କୁ ଯେଉଁ ଛତୁଆ ବଣ୍ଟନ କରାଯାଉଛି ତାହା ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଗହମ, ଚିନାବାଦାମ, ବୁଟ, ମୁଗ, ଚିନି, ଭଙ୍ଗା କାଜୁ ଆଦିର ମିଶ୍ରଣରେ ଛତୁଆ ପ୍ରସ୍ତୁତ କରାଯିବା କଥା। ହେଲେ ଦର ବୃଦ୍ଧିକୁ କାରଣ ଦର୍ଶାଇ ନିମ୍ନମାନର ଛତୁଆ ପ୍ରସ୍ତୁତ କରାଯାଉଛି। ତେଣୁ ଏ ଦିଗରେ ତଦନ୍ତ କରାଯାଉ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ବିରିଡ଼ିରେ ପୋଷ୍ଟକାର୍ଡ ମିଳୁନାହିଁ

ଗତ ଦେଢ଼ମାସ ଧରି ବିରିଡ଼ି ଉପଡାକଘର ଓ ଏହା ଅଧୀନରେ କାର୍ଯ୍ୟ କରୁଥିବା ଶାଖା ଡାକଘରଗୁଡ଼ିକରେ ପୋଷ୍ଟକାର୍ଡ ମିଳୁନାହିଁ। ଡାକ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଯୋଗ୍ୟ ବ୍ୟକ୍ତିଙ୍କୁ ଘର ମିଳୁ

କଟକ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ପାଇଁ ଅନୁସନ୍ଧାନ ପ୍ରକ୍ରିୟାରେ ଅଧିକାଂଶ ଏକମହଲା ଏବଂ ଦୁଇ ମହଲା ବିଶିଷ୍ଟ କୋଠାଘର ରଖାଯାଇଛି। ଯେଉଁମାନେ ଘର ପାଇବାକୁ ଅପେକ୍ଷାରେ ଅଛନ୍ତି ସେମାନେ ବାଦ୍ ପଡିଛନ୍ତି। ପୂର୍ବରୁ ଘର ପାଇଁ ଟଙ୍କା ପାଇ ମଧ୍ୟ କରି ନ ଥିବା ଏବଂ କେତେକ ଘର କରି ତାଲିକାରେ ରହିଛନ୍ତି। ଯେଉଁମାନେ ରହିଯାଇଛନ୍ତି ପୁନର୍ବାର ଆଧାର ନମ୍ବର ଦେଇ ଅନ୍ତର୍ଭୁକ୍ତ କରାଯାଉ। ଏଥିପ୍ରତି ମଣ୍ଡଳ ଉନ୍ନୟନ ଅଧିକାରୀ ଗୁରୁତ୍ୱ ଦେବା ଆବଶ୍ୟକ।

ରମେଶ ଚନ୍ଦ୍ର ବେହେରା, ଆୟତପୁର,
କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | 1 | | | 8 | 4 | B | | | | C | | | 3 |
| | | 7 | | | 5 | | 9 | 1 | | | 4 | | | C |
| | 2 | | | 7 | | | | | | | 6 | B | 9 | |
| | | 4 | | 6 | 1 | C | | | | | | | | |
| | | | 3 | | | 0 | | 2 | | | 9 | | D | |
| | | 8 | | 2 | | 9 | | | | | 5 | | | |
| | E | | | 5 | | | 8 | | | | | D | 2 | A |
| | A | 9 | 4 | 8 | | | D | C | | | | 6 | | 0 |
| C | 5 | | | | A | | | | | D | 7 | E | | B |
| 4 | | 6 | | | 3 | | | B | 0 | | 2 | | 8 | |
| D | 6 | E | | 1 | | | C | | A | 9 | 8 | | 0 | 5 |
| | | | 0 | D | 9 | A | | | | 6 | | | | |
| | 7 | | | | | E | | | C | 3 | 1 | | | |
| | | C | | | | 7 | | | | | | A | | |
| 8 | | | | | 2 | | | | | 5 | D | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | B | 7 | C | 9 | 0 | 6 | 1 | 2 | D | E | 3 | 5 | A | 4 |
| 3 | 4 | 9 | 1 | 2 | B | 5 | 0 | C | A | 8 | 6 | E | 7 | D |
| 5 | 0 | D | 3 | E | 6 | A | 8 | 4 | 7 | 2 | C | 1 | B | 9 |
| 2 | E | A | 8 | D | 4 | 3 | 9 | 7 | 1 | B | 5 | 6 | C | 0 |
| 1 | 6 | C | 7 | 5 | A | D | B | E | 0 | 9 | 4 | 8 | 2 | 3 |
| 6 | 1 | 0 | B | 3 | 5 | C | D | 8 | 2 | 7 | E | 9 | 4 | A |
| 9 | 8 | 5 | 2 | 7 | D | B | E | 6 | 4 | 3 | A | C | 0 | 1 |
| D | 2 | 4 | 9 | 1 | E | 7 | A | 3 | 6 | C | 0 | B | 5 | 8 |
| 7 | C | 3 | 0 | A | 8 | 4 | 2 | 9 | B | 5 | 1 | D | E | 6 |
| E | A | B | 4 | 6 | C | 0 | 5 | 1 | 9 | D | 8 | 2 | 3 | 7 |
| 0 | 5 | 1 | 6 | B | 3 | 9 | C | A | E | 4 | D | 7 | 8 | 2 |
| C | 7 | 2 | 5 | 4 | 1 | 8 | 6 | D | 3 | 0 | B | A | 9 | E |
| B | 9 | 6 | D | C | 7 | E | 3 | 0 | 8 | A | 2 | 4 | 1 | 5 |
| A | D | 8 | E | 0 | 9 | 2 | 4 | B | 5 | 1 | 7 | 3 | 6 | C |
| 4 | 3 | E | A | 8 | 2 | 1 | 7 | 5 | C | 6 | 9 | 0 | D | B |

ଗତକାଲିର ଉତ୍ତର

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ସୁମନ୍ତ


ଗୌରବ


ଆଶୁତୋଷ


ସୁଦାମ୍


ରମେଶ


ସୋନୁ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ






ଶୋଭାଯାତ୍ରାରେ ମା’ଙ୍କ ପାଟଖଣ୍ଡାକୁ ନିଆଯାଉଛି (ବାମ)। ବିରୋଧି ଦଳ ନେତା ପ୍ରଦୀପ୍ତ ନାଏକ ପର୍ବରେ ସାମିଲ ହୋଇଛନ୍ତି (ମଝି)। ଘୋଟିଆ ଗ୍ରାମସ୍ଥିତ ସାମର୍ଥ ଦୃଷ୍ଟିହୀନ ସଂଘ ପକ୍ଷରୁ ଭଜନ ଓ ସଙ୍ଗୀତ ସନ୍ଧ୍ୟା ପରିବେଷଣ କରାଯାଉଛି।

**ଜୁନାଗଡ,୨୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଜୁନାଗଡ ସହରରେ ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଜୁନାଗଡ ସହର ସମେତ ବ୍ଲକର ବିଭିନ୍ନ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। କଳାହାଣ୍ଡି ମହାରାଜ ଅନନ୍ତ ପ୍ରସାଦ ଦେଓଙ୍କ ଉପସ୍ଥିତିରେ ଖଣ୍ଡାବସା ହୋଇଥିଲା। ରବିବାର ସନ୍ଧ୍ୟା ୬ଟା ୧୦ରେ ଘଣ୍ଟ, କୀର୍ତ୍ତନ, ବାଦ୍ୟରେ ତାଳେତାଳେ ମା’ ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ବାହରିଥିବା ଶୋଭାଯାତ୍ରାରେ ପୂଜକ ପାଟ ଖଣ୍ଡାକୁ ଧରି ନିକଟସ୍ଥ ଡାକବଙ୍ଗଳା ପରିସରରେ ତିଆରି ହୋଇଥିବା ଅସ୍ଥାୟୀ କୁଡିଆ ଘରକୁ ନେଇଥିଲେ। ସେହିପରି ବୁଢାରଜା ମନ୍ଦିରରୁ ଶଙ୍କୁଆରୀ ଆଉ ଏକ ଖଣ୍ଡା ଧରି ସେଠାକୁ ଆସିଥିଲେ। ଅସ୍ଥାୟୀ ଘରେ ମା’ ଲଙ୍କେଶ୍ୱରୀଙ୍କ ପାଟଖଣ୍ଡା ଓ ବୁଢା ରଜାଙ୍କ ଖଣ୍ଡାକୁ ଉପସ୍ଥିତ ଥିବା ସ୍ୱର୍ଣ୍ଣାକାର ବାଳକୃଷ୍ଣ ଆଚାରୀ ପୂଜାର୍ଚ୍ଚନା କରି ମାର୍ଜନା କରିଥିଲେ। ପରେ ଲଙ୍କେଶ୍ୱରୀ ମନ୍ଦିର ପୂଜକ ମା’ଙ୍କ ଖଣ୍ଡାକୁ ଧରି ଲଙ୍କେଶ୍ୱରୀ ମନ୍ଦିରକୁ ଆସିଥିଲେ। ସେହିପରି ବୁଢାରଜା ମନ୍ଦିର ଶଙ୍କୁଆରୀ ଖଣ୍ଡାକୁ ଧରି ବୁଢାରଜା ମନ୍ଦିରକୁ ଯାଇଥିଲେ। ମା’ଲଙ୍କେଶ୍ୱରୀଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ରାତ୍ରି ୯.୪୦ ମଧ୍ୟରେ ମା’ ଲଙ୍କେଶ୍ୱରୀଙ୍କ ପାଟଖଣ୍ଡାକୁ ଚାଉଳ ଉପରେ ବସା ଯାଇଥିଲା। ଏହାର କିଛି ସମୟ ପରେ ପାଟ ଗଡରା ବଳି ଦିଆଯାଇଥିଲା। ମଧ୍ୟ ରାତ୍ରିରେ ଦେବୀଙ୍କ ମନ୍ଦିର ପରିସରରେ ଥିବା ଶିମୁଳି ଗଛ ମୂଳରେ ପୋଢ ବଳି ଦିଆଯାଇଥିଲା।

ଖଣ୍ଡାବସା ଅବସରରେ ମା’ ଲଙ୍କେଶ୍ୱରୀଙ୍କ ମନ୍ଦିର ପରିସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଜୁନାଗଡର ମା’ ମେଲୋଡି, ତାଳବନ୍ଦପଡ଼ାର ମା’ ଲଛମା, ମାଟିଗାଁର ଦିଲଖୁସ ମେଲୋଡି ଓ ଗନ୍ତାୟତପଡ଼ାର ଘଣ୍ଟ ଦଳ କଳାକାରଙ୍କ ନାଚରେ ସହର ଦୁଲକି ଉଠିଥିଲା। ସେହିପରି ଘୋଟିଆ ଗ୍ରାମସ୍ଥିତ ସାମର୍ଥ ଦୃଷ୍ଟିହୀନ ସଂଘ ପକ୍ଷରୁ ଭଜନ ଓ ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏହା ଦର୍ଶକଙ୍କୁ ମନମୋହିଥିଲା। ମା’ ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉପଲକ୍ଷେ ରାତି ସମୟରେ ଆଲୋକ ମାଳାରେ ଜୁନାଗଡ ସହର ଝଲସି ଉଠିଥିଲା। ଚାରିଆଡେ ଭକ୍ତି ଭାବମୟର ପରିବେଶ ସୃଷ୍ଟି ହୋଇଥିଲା। ଖଣ୍ଡାବସା ଅବସରରେ ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ହାଇସ୍କୁଲ ପଡିଆଠାରେ ସ୍ୱର୍ଗତ ଗଣପତି ନାଏକ ମେମୋରିଆଲ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ହୋଇଥିଲା। ଫାଇନାଲ ଖେଳ କର୍ଲାକୋଟ ଏବଂ ଝାରକୁଣ୍ଡାମାଲ ମଧ୍ୟରେ ହୋଇଥିଲା। ଏଥିରେ ପେନାଲିଟ୍ ସୁଟରେ କର୍ଲାକୋର୍ଟ ବିଜୟୀ ହୋଇଥିଲା। ଫାଇନାଲ ଖେଳକୁ ନିର୍ମଳ ଦଣ୍ଡସେନା ଓ ବୁଲୁ ବେହେରୁକ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଜୁନାଗଡ଼ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ସାମାଜିକ କର୍ମୀ ଦୁର୍ଗାପ୍ରସାଦ ନାଏକ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ବିଡିଓ ଦୁଲାରାମ ମାରାଣ୍ଡି, ପୂର୍ବତନ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପକ୍ଷରେ ଖଣ୍ଡାବସା ଉତ୍ସବରେ ବିରୋଧି ଦଳ ନେତା ପ୍ରଦୀପ୍ତ କୁମାର ନାଏକ ସାମିଲ ହୋଇ ମା’ଙ୍କ ପୂଜାର୍ଚ୍ଚନା କରିବା ସହ ଆର୍ଶିବାଦ ନେଇଥିଲେ। ଖଣ୍ଡାବସା ଅବସରରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜୁନାଗଡ଼ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୨ ପ୍ଲାଟୁନ ପୋଲିସ ଫୋର୍ସ ସହ ଜିଲାର ବିଭିନ୍ନ ଥାନାରୁ ୧୩ଜଣ ଏଏସ୍‌ଆଇ,ଏସ୍‌ଆଇ ଅଧିକାରୀଙ୍କ ସହ ଧର୍ମଗଡ ଏସଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ।

■ସାମିଲ ହେଲେ ଶତାଧିକ ଶ୍ରଦ୍ଧାଳୁ

■ମେଲୋଡି, ଭଜନ, ସଙ୍ଗୀତ ସନ୍ଧ୍ୟା ମନମୋହିଲା

# ଦୀପାବଳି ପରେ କମିପାରେ ପିଆଜ ଦର: ମନ୍ତ୍ରୀ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

ବଜାରରେ ପିଆଜ ଦର ହୁ ହୁ ହୋଇ ବଢିଚାଲିଛି। ପିଆଜ ଦର ବର୍ତ୍ତମାନ ୫୦ଟଙ୍କାରେ ପହଞ୍ଚିଲାଣି। ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱର ସମେତ ବହୁ ଜିଲାରେ ଦର ବୃଦ୍ଧି ପାଇବା ଯୋଗୁ ଖାଉଟିଙ୍କ ଚିନ୍ତା ବଢ଼ିଯାଇଛି। କିଛିଦିନ ତଳେ ୨୦ରୁ ୨୫ଟଙ୍କାରେ ବିକ୍ରି ହେଉଥିବା ପିଆଜ ଦର ଦୁଇଗୁଣା ବୃଦ୍ଧି ପାଇଯିବା ସମସ୍ତଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଦେଇଛି। ଲୋକମାନେ ମଧ୍ୟ ପିଆଜ କିଣିବାକୁ କୁନ୍ଥୁକୁନ୍ଥୁ ହେବା ଆରମ୍ଭ କରିଦେଲେଣି। ତେବେ ଏଭଳି ସ୍ଥିତି ପାଇଁ ସ୍ୱଳ୍ପ ଆମଦାନୀକୁ ବ୍ୟବସାୟୀମାନେ ଦାୟୀ କରିଛନ୍ତି। ଅନ୍ୟପଟେ ପିଆଜ ଦର ଦୀପାବଳି ପରେ ହ୍ରାସ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିବାପରେ ସାଧାରଣ ଲୋକଙ୍କ ଚିନ୍ତା ଆହୁରି ବଢ଼ିଯାଇଛି।

ମନ୍ତ୍ରୀ ସ୍ୱାଇଁ କହିଛନ୍ତି ଯେ, ମୁଖ୍ୟତଃ ପିଆଜ ଉତ୍ପାଦନ ବହୁଳ ରାଜ୍ୟ କର୍ଣ୍ଣାଟକ, ନାସିକ, ତାମିଲନାଡୁ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶର କେତେକ ଅଞ୍ଚଳରେ ବନ୍ୟା ପ୍ରଭାବରୁ ଉତ୍ପାଦନ ବହୁତ ହ୍ରାସ ପାଇଛି। ଫଳରେ ସେହିକ୍ରମରେ ଓଡିଶାକୁ ଆମଦାନୀ ମଧ୍ୟ କମିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି।



ବ୍ୟବସାୟିକ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ନାସିକରେ ସର୍ବାଧିକ ପିଆଜ ଉତ୍ପାଦିତ ହେଉଛି। ତାହା ଏଠାରେ ଆସି ପହଞ୍ଚିବାକୁ ଯେତିକି ଲାଗୁ ଥିଲା ତାହା ବୃଦ୍ଧି ପାଇ କୁଇଣ୍ଟାଲ ପିଛା ୪୫୦୦ରୁ ୪୬୦୦ଟଙ୍କାରେ ପହଞ୍ଚିଛି। ଗତ ୧୦ଦିନ ମଧ୍ୟରେ ୧୦୦୦ରୁ ୧୫୦୦ଟଙ୍କା ବୃଦ୍ଧି ପାଇଲାଣି। ଉତ୍ପାଦନ କିନ୍ତୁ ୩୦ରୁ ୪୦ ପ୍ରତିଶତ ହ୍ରାସ ପାଇଛି। ଅନ୍ୟପଟେ ପିଆଜ ବହୁ ମାତ୍ରାରେ ଅଘୋଷିତ ଭାବେ ବାଂଲାଦେଶ ଦେଇ ପାକିସ୍ତାନ ଯାଉଛି। ଯଦି କେନ୍ଦ୍ର ଏବଂ ନାସିକ ସରକାର ମିଳିତ ଭାବେ ବସି ଆଲୋଚନା କରିବା ଆବଶ୍ୟକ। କ’ଣ ଏମିତି ହୋଇଗଲା ଯେ, ପ୍ରତିଦିନ ୩୦୦ଟଙ୍କା ପାଖାପାଖି ବୃଦ୍ଧି ପାଉଛି ତାହା ଜଣାପଡନ୍ତା। ସେହିପରି ନାଫେଡ ହେଉଛି ସରକାରୀ ସଂସ୍ଥା। ଆବଶ୍ୟକ ସମୟରେ ପରିବା ବାହାରକୁ ଦେବା ଲାଗି ସରକାର ଏହାକୁ ପ୍ରତିଷ୍ଠା କରିଛନ୍ତି। ହେଲେ ବହୁ କ୍ଷେତ୍ରରେ ନାଫେଡ ମଧ୍ୟ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି ବୋଲି ସୁଧାକର କହିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ପୂର୍ବତନ ଛାତ୍ରନେତାଙ୍କୁ ଆକ୍ରମଣ ଘଟଣା

# ୫ କୋର୍ଟଚାଲାଣ: ୨ ବାଇକ୍, କାର, ଠେଙ୍ଗା ଜବତ

**ଗୋପାଳପୁର,୨୨।୯**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ କିଛି ବର୍ଷ ହେଲା ଛକାପଞ୍ଝା ଲାଗି ରହିଥିଲା। ଏହାକୁ କେନ୍ଦ୍ରକରି ଶୁକ୍ରବାର ପୂର୍ବତନ ଛାତ୍ର ନେତା ଦେବାଶିଷ ମିଶ୍ର ଓରଫ ବୁନୁଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଗୋପାଳପୁର ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦିନେଶ କୁମାର ମିଶାଲ, ଆଶୁତୋଷ ସାହୁ, ଗୋପାଳକୃଷ୍ଣ ସାହୁ, ଧରଣୀଧର ସାହୁ ଓ ଅଣଛାତ୍ର ତଥା ପୂର୍ବତନ ଛାତ୍ର ସଂସଦ ଭବାନୀ କାନ୍ତ ସାହୁ।

ପୋଲିସ ସୂଚନାନୁସାରେ, ଦେବାଶିଷ ଗତ ଶୁକ୍ରବାର ରାଜନୀତି ବିଜ୍ଞାନରେ ପିଏଚଡି କରିବା ସମ୍ପର୍କରେ ବୁଝିବାକୁ ବିଶ୍ୱବିଦ୍ୟାଳୟକୁ ଆସିଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦେବାଶିଷଙ୍କ ସହିତ କେତେକ ଛାତ୍ରଙ୍କର ବଚସା ହୋଇଥିଲା। ପୂର୍ବତନ ଛାତ୍ର ସଂସଦ ସଭାପତି ଭବାନୀକାନ୍ତ, ଦିନେଶ, ଆଶୁତୋଷ, ଗୋପାଳକୃଷ୍ଣ, ଧରଣୀଧର ଓ ଅନ୍ୟମାନେ ମିଳିତଭାବେ ଦେବାଶିଷଙ୍କୁ ଠେଙ୍ଗା ଓ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ଜଣାପଡିବା ପରେ ବିଶ୍ୱବିଦ୍ୟାଳୟ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତ ଦେବାଶିଷଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ପରେ ଦେବାଶିଷ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ନଂ. ୧୦୪/୧୯ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭବାନୀଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରୁ ଗିରଫ କରିଥିଲା। ଏହି ମାମଲାରେ ଦୁଇଟି ବାଇକ୍, ଗୋଟିଏ କାର ଓ ଆକ୍ରମଣରେ ବ୍ୟବହୃତ ଦୁଇଟି ଠେଙ୍ଗା ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ ମହନ୍ତ ସୂଚନା ଦେଇଛନ୍ତି। ଗିରଫ ଭବାନୀକାନ୍ତଙ୍କ ନାମରେ ୯ ସମ୍ବେଦନଶୀଳ ମାମଲା ରହିଥିବା ପୋଲିସ କହିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପରିସ୍ଥିତିରେ ସୁଧାର ଆସୁଥିବା ବେଳେ ୩ ପ୍ଲାଟୁନ୍ ଫୋର୍ସ ମୁତୟନ ସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅପରପକ୍ଷେ ଛାତ୍ରାବାସକୁ ଯିବାପାଇଁ ପରିଚୟ ପତ୍ର ଯାଞ୍ଚ କରି ଛଡା ଯାଉଥିବା ଜଣାପଡ଼ିଛି।

## ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ଅଳ୍ପକେ ବର୍ତ୍ତିଲେ ପରିବାରବର୍ଗ

**ବେଦବ୍ୟାସ, ୨୨।୯ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ କଲୁଙ୍ଗା ଗ୍ରାମ ପଞ୍ଚାୟତର ଅଟୋନଗରରେ ରବିବାର ଦିନ ୧୧ଟା ବେଳେ ଘରୋଇ ରନ୍ଧନ ଗ୍ୟାସ୍ ଲିକ୍ ହୋଇ ଏକ ଦୁର୍ଘଟଣା ଘଟିଛି । ହେଲେ ଅଳ୍ପକେ ବଞ୍ଚି ଯାଇଛନ୍ତି ପରିବାର ବର୍ଗ। ଅଟୋନଗର ନିବାସୀ ଶ୍ରବଣ ସିଂଙ୍କ ଘରେ ଏହା ଘଟିଛି । ପ୍ରତ୍ୟେକ ଦିନ ଭଳି ରବିବାର ଶ୍ରବଣ ସିଂଙ୍କ ସ୍ତ୍ରୀ ସୁମିତ୍ରା ରୋଷେଇ କରୁଥିଲେ । ହଠାତ୍ ଗ୍ୟାସ ଲିକ୍ ହୋଇ ଜଳିଥିଲା। ଏନେଇ ଘରର ଅନ୍ୟ ସଦସ୍ୟମାନେ ଜାଣିବା ସହ ସ୍ଥାନୀୟ ଲୋକେ ଜାଣିଥିଲେ । ସଙ୍ଗେ ସଙ୍ଗେ ରାଉରକେଲା ଦମକଳ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଘର ଲୋକଙ୍କ ବିଶେଷ କ୍ଷତି ହୋଇନାହିଁ ।


**ODISHA COAL AND POWER LTD.**
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Bhubaneswar-751023;
Ph: 0674-2300654, mines@ocpl.org.in, www.ocpl.org.in

**RFP FOR SELECTION OF CONSULTANT FOR OBTAINING FOREST CLEARANCE OF COALMINES**

NIT No: OCPL/Con-95/2019, Date: 23/09/2019

Date of Collection of RFP : 23-09-2019 to 30-09-2019
Date of Submission of Bids : 2:00PM on 14-10-2019

OCPL invites the proposal for the selection of consultant for Preparation of Forest Diversion Proposal and Obtaining Forest Clearance for Dip-Side Manoharpur Coal Mine in Sundargarh, Odisha. The interested agency may download the RFP from our website www.ocpl.org.in or visit our office at the above address to collect the same.

*AGM (Mechanical)*

ଅଶୋକ ଗ୍ରୁପ The Ashok Group
**ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଭୁବନେଶ୍ୱର - ୭୫୧୦୧୪
ସନ୍ଦର୍ଭ: ଏଚ୍‌କେଏ/ସାଇକ୍ଲୋନ୍/ବାଉଣ୍ଡରୀ/ମରାମତି/୨୦୧୯ ତାରିଖ: ୨୩।୦୯।୨୦୧୯

**ଇ-ସଂଗ୍ରହ ବିଜ୍ଞପ୍ତି**

ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱରଠାରେ ସୀମା ପ୍ରାଚୀରକୁ ଭାଙ୍ଗିବା ଓ ନିର୍ମାଣ କରିବା ପାଇଁ ପ୍ରତିଷ୍ଠିତ ତଥା ଅଭିଜ୍ଞତାଧାରୀ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ତା୧୪।୧୦।୨୦୧୯ (୧୫.୦୦ ଘଟିକା)। ବିଡର୍‌ମାନଙ୍କ ପ୍ରାକ୍-ବିଡ୍ ବୈଠକ ତା୨୮।୦୯।୨୦୧୯ରିଖ (୧୨.୦୦ରୁ ୧୪.୦୦ ଘଟିକା) ସ୍ଥାନ ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର।

ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ www.hotelkalingaashok.com, www.theashokgroup.com, http://etenders.gov.in/eprocure/appରେ ଉପଲବ୍ଧ।

ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।

ମହାପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର
ଦୂରଭାଷ: ୦୬୭୪-୨୪୩୧୦୫୫/୫୬

**GOVT. OF INDIA, MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C-71, Sector-7, C.D.A., Cuttack- 753014**
**FORM NO. ITCP-I**
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act.1993)
**R.P. No. 174/2018/CTC**
(Arising out of OA No. 625 of 2015)
Next Date: 21.10.2019

**Utkal Grameen Bank, Godbhaga Branch,** At/Po- Godbhaga, Dist- Bargarh, Pin- 768111 Certificate Holder Bank
Vs
**Sri Gopabandhu Meher & other** Certificate Debtors

To.
1. Sri Gopabandhu Meher, S/o- Gokulananda Meher, At/Po- Kumelsingha, Dist- Bargarh, Pin- 768111
2. Shri Samit Kumar Meher, S/o- Gopabandhu Meher, At/Po- Kumelsingha, Dist- Bargarh, Pin- 768111
3. Shri Dillip Kumar Meher, S/o- Gopabandhu Meher, At/Po- Kumelsingha, Dist- Bargarh, Pin- 768111
4. Shri Kambupani Sahu, S/o- Sankirtan Sahu, At/Po- Lupursingha, Dist- Bargarh, PIN- 768111

Take notice that Certificate arising out of OA No. 625 of 2015 issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of Rs. 12,10,363.00 (Rupees Twelve Lac Ten Thousand Three Hundred Sixty Three only) together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | : Rs. 12,10,363.00 |
| 2. Cost allowed | (+) | : Rs. 16,000.00 |
| 3. Interest @13.50% p.a. with half-yearly rests from 16.11.2015 to 05.12.2018 | | : Rs. 5,95,130.00 |
| | Total | : **Rs. 18,21,493.00** |

(Rupees Eighteen Lac Twenty One Thousand Four Hundred Ninety Three Only) with interest @ 13.50% p.a. with half-yearly rests on the amount due from 06.12.2018 till realization of the entire dues.

2. You are hereby directed to pay the above stated sum within 15 (Fifteen) days of the publication of the notice, failing which the recovery shall be made in accordance with the provisions contained in chapter V of the recovery of Debts due to Banks & Financial Institutions Act. 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are herby directed to appear in person or through legal representative before the undersigned on 21.10.2019 and report the details of payment made by you.

Given under my hand & seal at Cuttack on this 22nd day of August, 2019

**Sd./- R.P. Patnaik**
**Recovery Officer**

**ADMISSION NOTICE - 2019**
DIRECTORATE OF DISTANCE & CONTINUING EDUCATION
**D.D.C.E., UTKAL UNIVERSITY**
**BHUBANESWAR-751007**
UTKAL UNIVERSITY NAAC Accredited A+
Admn Advt-8
**COURSES OFFERED**

DISTANCE MODE (Management Courses)
- Master of Business Administration (MBA)
- BBA / IMBA
- Post Graduate Diploma in Mgt. : (HRM / MM / POM / FM / T&TM / DNM / PPM / ABM)

Admission Procedure - Walk in Online Entrance Test & Rolling Admission.

DISTANCE MODE (Graduate Courses)
- BA (HONS.)
- B.COM. (HONS.)

DISTANCE MODE (Post Graduate Courses)
- MSW
- M.Com.
- MA in Public Admn.
- MA in History
- MA in Pol.Science
- MA in Sanskrit
- MA in Education
- MA in English
- MA in Odia
- MA in Sociology
- MA in Economics
- MA in Hindi

Admission Procedure - Walk in Admission

**Last Date of Admission Extended Upto : 30.09.2019 (Monday)**

APPLY ONLINE : www.ddceutkal.ac.in
(FOR ELIGIBILITY, FEE STRUCTURE , SELECTION PROCESS AND IMPORTANT DATE LINES VISIT OUR WEBSITE. NO ADMISSION ON 2ND AND 4TH SATURDAY)
DIRECTOR

# ଧୋଇଗଲା ନଗଡ଼ା ବିକାଶ

ଯାଜପୁର ଅଫିସ,୨୨।୯

ନଗଡ଼ା ବିକାଶକୁ ଅଧାପନ୍ତରିଆ କରି ବସିଯାଇଛି ପ୍ରଶାସନ। ନଗଡ଼ା ଆଧିବାସୀଙ୍କୁ ସେବା ପ୍ରଦାନ ପାଇଁ କୌଣସି ସରକାରୀ କର୍ମଚାରୀ ଆଉ ପୂର୍ବଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି। ଚିକିତ୍ସକ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ/କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ନିଜ କର୍ତ୍ତବ୍ୟ ସମ୍ପାଦନ ପାଇଁ ବହୁ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି। ସ୍ୱଳ୍ପ ଓ ଦୀର୍ଘମିଆଦୀ ଯୋଜନା କାଗଜକଲମରେ ସୀମିତ ରହିଛି। ଅଶୋକଝରର ପାହାଡ଼ ପାଦଦେଶରୁ ତଳନଗଡ଼ା ପର୍ଯ୍ୟନ୍ତ ୧୨.୯୫କୋଟି ଟଙ୍କାରେ ନିର୍ମିତ ରାସ୍ତା ୨ବର୍ଷ ନ ପୁରଣୁ ଗମନାଗମନ ଅନୁପଯୋଗୀ ହେବା ଏହାର ପ୍ରମୁଖ କାରଣ ସାଜିଛି। ଏହି ମର୍ମରେ ଗତ ୧୩ ତାରିଖରେ ଧରିତ୍ରୀରେ ଆରଡି ବିଭାଗରେ ଡିଏମ୍ଏଫ୍ ଚଳୁ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଆରଡି ବିଭାଗ ଅଧିକାରୀମାନେ ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ବର୍ଷାର ସହଯୋଗ ନେଇଛନ୍ତି। ଗତ ୨ ମୌସୁମୀ ଋତୁରେ ପ୍ରବଳ ବର୍ଷା ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସଫେଇ ଦେଇଛନ୍ତି। କିନ୍ତୁ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସିଂହଭାଗ ଅର୍ଥ ଚଳୁ ହୋଇଛି। ଯାହା ଫଳରେ ରାସ୍ତାର ବିଭିନ୍ନ ସ୍ଥାନରେ ନିର୍ମାଣ ସାମଗ୍ରୀ ଧୋଇ ହୋଇଯାଇଥିବା କୁହାଯାଉଛି। ଏହାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।

୨୦୧୬ ଜୁଲାଇରେ ନଗଡ଼ା ଶିଶୁ ମୃତ୍ୟୁ ଘଟଣା ସାରା ଦେଶରେ ଚହଳ ପକାଇ ଦେଇଥିଲା। ଏଥିଯୋଗୁ ରାଜ୍ୟ ଓ କେନ୍ଦ୍ର ସରକାର ମୁଣ୍ଡେଇଥିବା ବଦନାମକୁ ଲିଭାଇବା ପାଇଁ ଆପ୍ରାଣ ଉଦ୍ୟମ ଆରମ୍ଭ କରିଥିଲେ। ସରକାର ନଗଡ଼ା ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗଢି ତୋଳିବାକୁ ପଣ କରିଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ମାସିକ ୩୫ କେଜି ଲେଖାଏଁ ଚାଉଳ ଯୋଗାଇ ଦେବାକୁ ଖାଦ୍ୟ ଓ ଯୋଗାଣ ବିଭାଗର ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ। ନଗଡାର ବିକାଶ ପାଇଁ ସ୍ୱଳ୍ପ ଓ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ ସହ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ, ଆରଡବ୍ଲୁଏସ୍ଏସ୍, ଗ୍ରାମ୍ୟ ନିର୍ମାଣ, କୃଷି, ଉଦ୍ୟାନ ପ୍ରମୁଖ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ନଗଡା ଗ୍ରାମର ୬୧ ପରିବାରଙ୍କୁ ବିଜୁ ପକ୍କା ଘର ଯୋଗାଇ ଦିଆଯାଇଛି। କିନ୍ତୁ ଗମନାଗମନ ଅନୁପଯୋଗୀ ଯୋଗୁ ବର୍ତ୍ତମାନ ସମସ୍ତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚ୍ଛେଦ ପଡିଛି। ୧୦।୧୧।୨୦୧୬ରେ ହାଇଗ୍ରୀଭା ଇନଫ୍ରାଷ୍ଟ୍ରକ୍ଚର ଠିକାସଂସ୍ଥାକୁ ନଗଡାକୁ ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ୯।୩।୨୦୧୭ ସୁଦ୍ଧା କାର୍ଯ୍ୟ ସମ୍ପାଦନ କରିବାକୁ ଚୁକ୍ତିରେ ଦର୍ଶାଯାଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗର ପତ୍ରସଂଖ୍ୟା ୮୦୪୭/୨୩।୮।୨୦୧୬ରେ ଆବଶ୍ୟକ ଗାଇଡଲାଇନ ଅନୁସାରେ ରାସ୍ତା ନିର୍ମାଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏଥିପାଇଁ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ୨ କୋଟି ଏବଂ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିରୁ ୧୨.୮୧ କୋଟି ଭାବେ ସମୁଦାୟ ୧୪.୮୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ୧୨.୯୫ କୋଟି ଟଙ୍କାରେ ରାସ୍ତା ନିର୍ମାଣ କରିବାକୁ ଠିକାଦାର ସହ ଚୁକ୍ତି ହୋଇଥିଲା। ୩୧।୭।୨୦୧୭ରେ ରାସ୍ତା ସମ୍ପୂର୍ଣ୍ଣ ହୋଇଥିଲା। ଏଥିରେ ୭.୬୬ କି.ମି. କଟିଂ ଲେଙ୍ଗ୍ଥ, ୧୨ଟି ଶିଡି କାର୍ଯ୍ୟ, ୪୫୭ ମିଟର ସୁରକ୍ଷା କାନ୍ଥ, ୩ କି.ମି. ପର୍ଯ୍ୟନ୍ତ ଡ୍ରାଏ ଗାର୍ଡୱାଲ, ୭୫ ମିଟର ମାଟି ଡ୍ରେନ ନିର୍ମାଣ ହୋଇଥିଲା। ଏଥିରୁ ସମୁଦାୟ ୧୨.୯୫ କୋଟି ଟଙ୍କାର ବିନିଯୋଗ ପତ୍ର ଦାଖଲ ହୋଇଥିବାବେଳେ ବାକି ଟଙ୍କା ବିଭାଗରେ ପଡିରହିଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଏବଂ ଚୁକ୍ତି ଅନୁସାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ ହୋଇ ଯେନତେନ ପ୍ରକାରେ କାର୍ଯ୍ୟ ସମ୍ପାଦିତ ହୋଇଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ମାଟି ଓ ମେଟାଲ ପରସ୍ତ ଉଠିଯାଇଛି। ଏହାଦ୍ୱାରା ନଗଡ଼ା ରାସ୍ତା ଖାଲଖମାରେ ଭର୍ତ୍ତି ହେବା ସହିତ ରାସ୍ତା ଉପରେ ନର୍ଦ୍ଦମା ସୃଷ୍ଟି ହୋଇଛି। ଗାଡ଼ି ମୋଟର ଯିବା ତ ଦୂରର କଥା ପାଦରେ ଚାଲିଚାଲି ଯିବା କଷ୍ଟକର ବ୍ୟାପାର ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଆରଡି ବିଭାଗର ନିର୍ବାହୀ ଯନ୍ତ୍ରୀ ବିଜୟକୁମାର ମହାରଣା ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ଇତିମଧ୍ୟରେ ୩ଟି ବର୍ଷା ଋତୁ ଅତିକ୍ରାନ୍ତ ହୋଇ ସାରିଛି। ବର୍ଷା ଯୋଗୁ ମାଟି ଡ୍ରେନ ଅବରୋଧ ହୋଇଯିବାରୁ ରାସ୍ତାରେ ବ୍ୟବହୃତ ସାମଗ୍ରୀ ଧୋଇ ହୋଇଯାଇଛି। ବର୍ତ୍ତମାନ ଆରଡବ୍ଲୁଏସସର ପାଇପ ଜଳଯୋଗାଣ କାର୍ଯ୍ୟ ଚାଲିଥିବାରୁ ରାସ୍ତାର ବିଭିନ୍ନ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି ବୋଲି ସେ ଦର୍ଶାଇଛନ୍ତି।



- ୨ ବର୍ଷ ଗଲାନି ୧୨.୯୫ କୋଟିର ରାସ୍ତା
- ପ୍ରବଳ ବର୍ଷା ଯୋଗୁ ଧୋଇଗଲା ରାସ୍ତା: ଆରଡି ବିଭାଗ
- ନିମ୍ନମାନର ରାସ୍ତା ନିର୍ମାଣକୁ ଦାୟୀ କଲେ ଅଞ୍ଚଳବାସୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥନ ଶୁଖିଲେ କି କରିବ ମାଆ ?**
**ନଈ ଶୁଖିଲେ କି କରିବ ନାଆ ?**

ଥନରୁ କ୍ଷୀର ଶୁଖିଗଲେ ମାଆ ତା'ର ସନ୍ତାନକୁ କ୍ଷୀର ଦେଇ ପାରି ନ ଥାଏ। ସେହିପରି ନଈରୁ ପାଣି ଶୁଖିଗଲେ ଡଙ୍ଗା ବା ନାଆ ଯାଇ ପାରି ନ ଥାଏ। ନଈରେ ପାଣି ଆସିବା ଯାଏ ଗୋଟିଏ ଜାଗାରେ ପଡ଼ି ରହିଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାରେ ସବୁବାଟ ବନ୍ଦ ହୋଇଯାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦେଲି ଦେଲି ବୋଲି କେତେ ହଉଥିଲା**
**କେତେ ଦଉଥିଲା କାହାକୁ**
**ଆଣ୍ଠୁକ ପାଣିରେ ତପ କରୁଥିଲା**
**ପରଧନ ଖାଇବାକୁ ।**

ନିଜେ ତ ଦାନୀ ନୁହେଁ, ଅଥଚ ପରଧନ ଖାଇବାରେ ଧୁରୀଣ। କେତେକ ବ୍ୟକ୍ତି ପରଧନ ପ୍ରତି ଲୋଲୁପ ଦୃଷ୍ଟି ପକାଇଥାନ୍ତି। କଳେବଳେ କୌଶଳେ କେମିତି ସେସବୁ ଭୋଗ କରିବେ ସେନେଇ ପ୍ରସ୍ତୁତି ଚଳାଇଥାନ୍ତି। ତେବେ ଅସତ୍ ଉପାୟରେ ବା ଅନ୍ୟାୟରେ ଉପାର୍ଜନ କରାଯାଉଥିବା ଧନ କେବେ ହେଲେ ଭୋଗ୍ୟ ହୋଇପାରି ନ ଥାଏ। ଫଳସ୍ୱରୂପ ପରଧନ ଆତ୍ମସାତ୍ କରିବାକୁ ପଛାଇ ନ ଥିବା ବ୍ୟକ୍ତି ନିଜ କୃତକର୍ମର ଫଳ ଭୋଗିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ବୁର୍ଲା ପ୍ଲାନେଟୋରିୟମ

# ୨ ବର୍ଷରେ ୧ ଲକ୍ଷ ୭୭ ହଜାର ଦର୍ଶକ

ସମ୍ବଲପୁର,୨୨।୯(ବ୍ୟୁରୋ)

ବୁର୍ଲାସ୍ଥିତ ଅବଦୁଲ କଲାମ ପ୍ଲାନେଟାରିୟମକୁ ୨ ବର୍ଷରେ ୧ ଲକ୍ଷ ୭୭ ହଜାର ୯୮୩ ଦର୍ଶକ ପରିଦର୍ଶନ କରିଛନ୍ତି। ସେହିପରି ପ୍ଲାନେଟାରିୟମ ପରିସରରେ ଥିବା ସାଇନ୍ସ ପାର୍କକୁ ମଧ୍ୟ ଏହି ସମୟ ଭିତରେ ୨ ଲକ୍ଷ ୫୯ ହଜାର ୫୬୩ ଦର୍ଶକ ଆସିଛନ୍ତି। ରବିବାର ପ୍ଲାନେଟାରିୟମ ଦ୍ୱିତୀୟ ବାର୍ଷିକ ଉତ୍ସବରେ ନିର୍ଦ୍ଦେଶକ ଜୟଦେବ କର ସ୍ୱାଗତ ଭାଷଣ ଦେଇ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସହକାରୀ ଯନ୍ତ୍ରୀ ରାକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୁର୍ଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରକାରୀ ବାଳିକା ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ସ୍କୁଲର ଛାତ୍ରୀଛାତ୍ର ଉତ୍ସବରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ଲାନେଟାରିୟମର ଉଦ୍‌ଘାଟନ କରିଥିଲେ।

# ଦଶମଶ୍ରେଣୀ ଛାତ୍ରଙ୍କୁ ପ୍ରଜାକୋର୍ଟରେ ମାଓବାଦୀଙ୍କ ହତ୍ୟା

ମାଲକାନଗିରି,୨୨।୯(ସ୍ୱ.ପ୍ର/ଡି.ଏନ.ଏ.)

ମାଲାକନଗିରି ଜିଲା ସୀମାନ୍ତରେ ମାଓବାଦୀଙ୍କ ବର୍ବରତା ସୀମା ଟପିଛି। ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ପ୍ରଜାକୋର୍ଟରେ ଅତି ନିର୍ମମ ଭାବେ ହତ୍ୟା କରିଛି ଲାଲବାହିନୀ। ତାଙ୍କ ନାମ ରମେଶ କୁଞ୍ଜାମ। ବିଜାପୁର ଏସ୍‌ପି ଦିବ୍ୟାଙ୍ଗ ପଟେଲଙ୍କ ସୂଚନା ଅନୁଯାୟୀ ଜିଲାର ତର୍ଣ୍ଣିମ ଅଞ୍ଚଳରୁ ଆଶ୍ରମ ବିଦ୍ୟାଳୟରେ ପଢୁଥିବା ରମେଶଙ୍କୁ ଗତ ୧୬ରେ ମାଓବାଦୀମାନେ ଅପହରଣ କରି ନେଇ ଯାଇଥିଲେ। ଦୁଇ ଦିନ ରଖିବା ପରେ ପୋଲିସକୁ ମାଓବାଦୀଙ୍କ ଗୁପ୍ତ ସୂଚନା ଦେଉଥିବା ସନ୍ଦେହ କରି ତାଙ୍କୁ ଜଙ୍ଗଲ ମଧ୍ୟରେ ଏକ ପ୍ରଜାକୋର୍ଟରେ ହତ୍ୟା କରିଥିଲେ। ତେବେ ମାଓବାଦୀଙ୍କ ଚାପରେ ପରିବାର ଲୋକେ ପୋଲିସକୁ ଏ ସମ୍ପର୍କରେ କୌଣସି ସୂଚନା ନ ଦେଇ ତାଙ୍କର ଅନ୍ତିମ ସଂସ୍କାର କରି ଦେଇଥିଲେ। ଏ ସମ୍ପର୍କରେ ପୁଲିସ ଖବର ପାଇ ପୋଲିସ ନିଜ ଆଡରୁ ତଦନ୍ତ ଆରମ୍ଭ କରିଥିବା ଏସ୍‌ପି ପଟେଲ କହିଛନ୍ତି।

# ଟାଙ୍ଗିଆ ବେଣ୍ଟରେ ପିଟି ସ୍ତ୍ରୀଙ୍କୁ ହତ୍ୟା

- ଅଭିଯୁକ୍ତ ସ୍ୱାମୀ ଫେରାର
- ପୋଲିସର ତନଘନା ଜାରି

ପାଟଣା,୨୨।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟଠାରୁ ୧୯ କି.ମି. ଦୂର ଡୁମୁରିଆ ପଞ୍ଚାୟତର ଉପାନ୍ତ ଅଞ୍ଚଳ ବଣମହୁଲଡିହା ମୁଣ୍ଡା ସାହିରେ ରବିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀଙ୍କ ଆକମ୍ରଣରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାନି ମୁଣ୍ଡା(୫୦) । ଖବର ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ସ୍ୱାମୀ ସୁନିଆ ମୁଣ୍ଡା (୫୫)ଫେରାର ଅଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ସୁନିଆ ଓ ମାନିଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଧିରେ ଧିରେ ଦୁହିଁଙ୍କ ମଧ୍ୟରେ କଳହ ବଢ଼ିଥିଲା । ଏଥିରେ ସୁନିଆ ଉତ୍‌କ୍ଷିପ୍ତ ହୋଇ ମାନିଙ୍କ ମୁଣ୍ଡକୁ ଟାଙ୍ଗିଆ ବେଣ୍ଟରେ ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ମାନିଙ୍କ ମୃତ୍ୟୁ ଘଟିଥିଲା। ଗାଁ ଚୌକିଆଙ୍କଠାରୁ ଖବର ପାଇ ଘଟଗାଁ ଥାନାଧିକାରୀ ବନ୍ଦନା ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବଣମହୁଲଡ଼ିହା ଅଞ୍ଚଳରେ ଅବାଧରେ ବେଆଇନ ଦେଶୀ ମହୁଲି ମଦର କାରବାର ଯୋଗୁ ଏପରି ଘଟଣା ବାରମ୍ବାର ଘଟୁଥିବା ନଜିର ରହିଛି । ଅଭିଯୁକ୍ତ ସୁନିଆ ଫେରାର ଅଛନ୍ତି। ପୋଲିସ ତାଙ୍କୁ ଧରିବା ପାଇଁ ତନାଘନା ଚଳାଇଛି ।

# ପୋଖରୀରେ ବୁଡ଼ି ଶିଶୁ ମୃତ

ବେତନଟୀ,୨୨।୯(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଛୋଟରାୟପୁର ଗ୍ରାମ ପୋଖରୀରେ ବୁଡି ରବିବାର ଜଣେ ୬ ବର୍ଷ ବୟସ୍କ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମନ୍ମଥ ବେହେରାଙ୍କ ଏକମାତ୍ର ପୁତ୍ର ଶଙ୍କର। ପୋଖରୀ ବନ୍ଧରେ ଛିଡା ହୋଇଥିଲା ବେଳେ ହଠାତ ସେ ପାଣି ଭିତରକୁ ଖସି ପଡ଼ିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏଥିନେଇ ବେତନଟୀ ଥାନାରେ ଏକ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଭୂତ ଭୟରେ ହଷ୍ଟେଲ ଛାଡ଼ିଲେ ୫ ଛାତ୍ର

ଉଦଳା ବସ୍‌ଷ୍ଟାଣ୍ଡରୁ ଉଦ୍ଧାର

ଉଦଳା,୨୨।୯(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଏକ ବିଦ୍ୟାଳୟର ୫ ଛାତ୍ର ଭୂତ ଭୟରେ ହଷ୍ଟେଲ ଛାଡ଼ି ପଳାଇ ଆସିଥିଲେ। ରବିବାର ମୟୂରଭଞ୍ଜ ଜିଲା ଉଦଳା ବସ୍ ଷ୍ଟାଣ୍ଡରୁ ସେମାନଙ୍କୁ ଉଦ୍ଧାର କରାଯାଇଛି। ଏହି ଛାତ୍ରମାନଙ୍କ ଘର ଉଦଳା ଥାନା ଅଞ୍ଚଳରେ ହୋଇଥିବାରୁ ପୋଲିସ୍ ସେମାନଙ୍କ ପରିବାର ଲୋକଙ୍କ ହେପାଜତରେ ଛାଡ଼ିଛି । ସେମାନଙ୍କ ମଧ୍ୟରୁ ୩ ଜଣ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଅନ୍ୟ ୨ ଜଣ ଅଷ୍ଟମ ଶ୍ରେଣୀର ଛାତ୍ର ବୋଲି ଜଣାଯାଇଛି।

ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ସାଢେ ୧୦ଟା ସମୟରେ ୫ ଜଣ ଛାତ୍ର ବସ୍‌ରେ ଆସି ଉଦଳା ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ଏଥିନେଇ ସେମାନେ ଉଦଳା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଉକ୍ତ ଛାତ୍ରମାନଙ୍କୁ ଉଦ୍ଧାର କରିଥିଲା। ପଚରାଉଚରା ପରେ ସେମାନେ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଏକ ବିଦ୍ୟାଳୟର ଛାତ୍ର ବୋଲି ଜଣାପଡିଥିଲା। ତେବେ ଭୂତ ଭୟରେ ସେମାନେ ହଷ୍ଟେଲରୁ ଲୁଚି ପଳାଇ ଆସିଥିବା ପୋଲିସକୁ କହିଥିବା ସୂଚନା ମିଳିଛି। ରବିବାର ସକାଳୁ ସେମାନେ ସାଙ୍ଗରେ ନିଜର ବ୍ୟାଗ୍ ଧରି ବିଦ୍ୟାଳୟରୁ ବାହାରି ଆସିଥିଲେ। ବାଲେଶ୍ୱର ଜିଲା ଔପଦା ଛକ ନିକଟରେ ଉଦଳା ବସ୍‌ରେ ଚଢି ପୂର୍ବାହ୍ନ ସାଢେ ୧୦ଟା ସମୟରେ ସେମାନେ ଉଦଳା ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲେ। ତେବେ ୫ ଜଣ ଛାତ୍ର ହଷ୍ଟେଲରୁ ଲୁଚି ପଳାଇ ଆସିଥିବା ବେଳେ ଏ ବାବଦରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣି ପାରିଲେ ନାହିଁ କିପରି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଇରା ଥାନା ପୋଲିସ୍ ଏହି ଘଟଣାର ତଦନ୍ତ କରିବ ବୋଲି ଉଦଳା ଥାନା ଅଧିକାରୀ ସନାତନ ସାହୁ କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

BUSINESS

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ସାତକମା ରାଜସ୍ୱ ଗ୍ରାମକୁ ଭାଙ୍ଗି ଦୁଇଭାଗ କରିବାକୁ ପ୍ରଶାସନର ଚକ୍ରାନ୍ତ
## ବିରୋଧ କଲେ ଗ୍ରାମବାସୀ

କୁଚିଣ୍ଡା, ୨୨।୯ (ଡି.ଏନ୍‌.ଏ.)
କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ପଞ୍ଚାୟତର ସାତକମା ରାଜସ୍ୱ ଗ୍ରାମକୁ ଦୁଇଭାଗ କରି ଉପରପଡା ନାମରେ ଆଉ ଗୋଟିଏ ନୂତନ ରାଜସ୍ୱ ଗ୍ରାମ କରିବା ପାଇଁ ପ୍ରଶାସନ ଚକ୍ରାନ୍ତ ଚଳାଇଛି। ଏହା ଜାଣିବା ପରେ ଗ୍ରାମବାସୀ ଉତ୍ତେଜିତ ହୋଇଛନ୍ତି। ଏହାର ବିରୋଧ କରି ଗ୍ରାମବାସୀ କୁଚିଣ୍ଡା ଅତିରିକ୍ତ ତହସିଲଦାର ହରମେନ୍ଦ୍ର ଭୋଇଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ଏହି ହୀନ ଚକ୍ରାନ୍ତକୁ ବନ୍ଦ କରୁ। ସାତକମା ରାଜସ୍ୱ ଗାଁକୁ ନ ଭାଙ୍ଗୁ ବୋଲି ସେମାନେ ଦାବି କରିଛନ୍ତି। ସରପଞ୍ଚ ଲମ୍ବୋଦର ପିଙ୍ଗ, ସମିତି ସଭ୍ୟ ଆଶିଷ ସାଥୁଆ, ୱାର୍ଡ ସଭ୍ୟ ବବିତା ବାଗ, ସୁବାସିନୀ ପଲେଇ, ସୁଶୀଲ କୁମାର ସାହୁ, ବିଜୟ କୁମାର ପୂଜାରୀ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି।

## ପଡିଆବାହାଲ ପିଏଚ୍‌ସିକୁ ସିଏଚ୍‌ସି କରାଯାଉ

ପଡିଆବାହାଲ,୨୨।୯ (ଡି.ଏନ୍‌.ଏ)
ପଡିଆବାହାଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରେ ପରିଣତ କରାଯାଉ। ଏଭଳି ଦାବି ନେଇ ରବିବାର ପଡିଆବାହାଲର ଡାକ୍ତର ରାଜାରାମ ଷଡଙ୍ଗୀ ସମ୍ବଲପୁର ସର୍କିଟ ହାଉସରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଭେଟିଛନ୍ତି। ଏହି ମର୍ମରେ ସେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହା ରାଜପଥ କଡରେ ଥିବାରୁ ଦୁର୍ଘଟଣାଗ୍ରସ୍ତଙ୍କୁ ପ୍ରଥମେ ଏଠାରେ ଭର୍ତ୍ତି କରାଯାଏ। କୁଲୁଣ୍ଡି, ବାହାମ, ଡଙ୍ଗରପଡା, ଟାମ୍ପରଗଡ, କବରାପାଲି, ଘେନୁପାଲି ଆଦି ପଞ୍ଚାୟତ ଅଧିବାସୀ ଏହା ଉପରେ ନିର୍ଭର କରନ୍ତି। ସେହିଭଳି ପ୍ରସବ ପାଇଁ ମଧ୍ୟ ଏଠାରେ ଅଞ୍ଚଳର ଗର୍ଭବତୀମାନେ ଭର୍ତ୍ତି ହୋଇଥାନ୍ତି। ଏଣୁ ଏହାକୁ ସିଏଚ୍‌ସିରେ ପରିଣତ କରିବାକୁ ଅଞ୍ଚଳର ଜନପ୍ରତିନିଧି, ସଚେତନ ନାଗରିକମାନଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ରକୁ ଷଡଙ୍ଗୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

### ■ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘର ବାର୍ଷିକ ସମାରୋହ
# ସ୍ୱାସ୍ଥ୍ୟକର୍ମୀଙ୍କ ୬୦ ପ୍ରତିଶତ ଅବଦାନ ରହିଛି

■ ପ୍ରଶଂସା କଲେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ
■ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଲା

ସମ୍ବଲପୁର,୨୨।୯(ବ୍ୟୁରୋ)
ଓଡିଶାର ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ବିଭିନ୍ନ ରୋଗର ପରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଉଛି। ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ରାଜ୍ୟ ସରକାରଙ୍କୁ ଯେଉଁ ସଫଳତା ମିଳିଛି ସେଥିରେ ୬୦ ଭାଗ ଭାଗିଦାର୍ କେବଳ ସ୍ୱାସ୍ଥ୍ୟକର୍ମୀମାନଙ୍କର ରହିଛି। ତପସ୍ୱିନୀ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ରାଜ୍ୟ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘର ବାର୍ଷିକ ସମାରୋହରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, କୌଣସି ବ୍ୟକ୍ତିଙ୍କ ପଦ ଓ କ୍ଷମତା ସବୁଦିନ ପାଇଁ ରହେନାହିଁ। ହେଲେ ସେ ଯଦି ଲୋକମାନଙ୍କୁ ସେବା କରିଥିବ, ଲୋକଙ୍କ ସୁଖ ଦୁଃଖରେ ସାଥି ହୋଇଥିବ ଲେକେ ନିଶ୍ଚୟ ମନେ ରଖିବେ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଏହାର ଉଦାହରଣ ନିଆଯାଇ ପାରେ । ଓଡିଶାବାସୀଙ୍କ ପ୍ରତି ତାଙ୍କର ଭଲ ପାଇବା ଏଭଳି ଥିଲା ଯେ ଲୋକମାନେ ଆଜି ବି ତାଙ୍କ ନାମରେ ଭୋଟ ଦେଉଛନ୍ତି । ତେଣୁ ସ୍ୱାସ୍ଥ୍ୟକର୍ମୀମାନଙ୍କ ସେବା, ପରିଶ୍ରମ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ ବୋଲି ମନ୍ତ୍ରୀ ପ୍ରଶଂସା କରି କହିଛନ୍ତି। ତେବେ ସଂଘ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀମାନଙ୍କର ବିଭିନ୍ନ ସମସ୍ୟା ନେଇ ଏକ ୫ ଦଫା ସମ୍ବଳିତ ଦାବିପତ୍ର ତାଙ୍କୁ ଦିଆଯାଇଥିଲେ।ହେଲେ ଏକ ପ୍ରତିନିଧି ଦଳ ଆସି ତାଙ୍କ ସହ ଆଲୋଚନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଦାବି ପୂରଣ କରିବାରେ ପୂର୍ଣ୍ଣ ସମର୍ଥନ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏସ୍‌ଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ବ୍ରଜକିଶୋର ନନ୍ଦ, ପ୍ରସନ୍ନ ତ୍ରିପାଠୀ, ଦୁର୍ଗା ପ୍ରସନ୍ନ ସାମନ୍ତରାୟ, ପୃଥ୍ୱିରାଜ ଚୌହାନ, ଗୋକୁଲ ମେହେର, ରବୀନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ।



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବ୍ୟକ୍ତବ୍ୟ ଦେଉଛନ୍ତି ।

### ଧାନରେ ରୋଗପୋକ ବ୍ୟାପିବା ଘଟଣା
## ୪୮୭୭ ହେକ୍ଟର ଜମି ପ୍ରଭାବିତ

ସମ୍ବଲପୁର,୨୨।୯ (ବ୍ୟୁରୋ)
ସମ୍ବଲପୁର ଜିଲାରେ ଧାନ ଫସଲରେ ରୋଗପୋକ ବ୍ୟାପିବାରେ ଲାଗିଛି। ଜିଲା କୃଷି ବିଭାଗ ପକ୍ଷରୁ ରୋଗପୋକରେ ପ୍ରଭାବିତ ହୋଇଥିବା ଫସଲ ଉପରେ ଆକଳନ କରାଯାଇଛି। କୃଷି ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ମୋଟ ୪୮୭୭ ହେକ୍ଟର ଜମି ରୋଗପୋକରେ ପ୍ରଭାବିତ ହୋଇଛି। ସେଥିମଧ୍ୟରୁ ୪୨୦୯.୭୦ ହେକ୍ଟର ଜମି ରୋଗପୋକ ନିୟନ୍ତ୍ରଣ ଭିତରେ ରହିଛି। ସେହିପରି ୨୯ ହେକ୍ଟର ଜମିରେ ମାତ୍ରାଧିକ ଓ ୬୩୮.୯୨ ହେକ୍ଟର ଜମିରେ ମଧ୍ୟମ ସ୍ଥିତିରେ ରୋଗପୋକ ଲାଗିଛି। ଠିକ୍ ଭାବେ ଔଷଧ ସିଞ୍ଚନ କଲେ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ ହୋଇ ପାରିବ । ଚାଷୀମାନଙ୍କୁ ସଚେତନ କରିବା ସହ ସବ୍‌ସିଡିରେ କୀଟନାଶକ ଔଷଧ ଦିଆଯାଇଛି ବୋଲି କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ରନାଥ ଜେନା କହିଛନ୍ତି। ବାରମ୍ବାର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ବୈଠକ କରାଯାଉଛି ବୋଲି ସେ କହିବା ସହ ଚାଷୀଙ୍କ ସହ ସମନ୍ୱୟ ରଖି କାମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୧୨ ତାରିଖ ଧାନରେ ରୋଗପୋକ ଲାଗିଥିବା ନେଇ ଏକ ଖବର ପ୍ରକାଶ ପାଇଥିଲା। ଏହାକୁ ଆଧାର କରି କୃଷି ବିଭାଗ ପକ୍ଷରୁ ଜିଲାର ସମସ୍ତ ବ୍ଲକକୁ ରିପୋର୍ଟ ମଗାଯାଇଥିଲା।

## ଭକ୍ତକବି ପ୍ରଭାକର ପାଣିଗ୍ରାହୀଙ୍କ ୧୦୧ତମ ଜୟନ୍ତୀ

ସମ୍ବଲପୁର, ୨୨।୯ (ବ୍ୟୁରୋ)
ଭକ୍ତକବି ପ୍ରଭାକର ପାଣିଗ୍ରାହୀଙ୍କ ୧୦୧ ତମ ଜୟନ୍ତୀ ଗୋବିନ୍ଦତୋଲା ରାଣୀସତିଜୀ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ପ୍ରଦୀପ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଯୋଗଗୁରୁ ପ୍ରଫେସର ଜୟଦେବ ଉନସନା ମୁଖ୍ୟଅତିଥି ଓ ଜଗଦୀଶ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଭାକରଙ୍କ ସରଳ ଜୀବନଯାପନ ଉପରେ ଆଲୋକପାତ କରିଥିଲେ। ଶିଶୁ ସାହିତ୍ୟକ ପ୍ରହଲ୍ଲାଦ ଦାଶ ଓ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ବିଭୂତିଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପକ ତୁଷାରରଞ୍ଜନ ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଏହି ଅବସରରେ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ସନ୍ତୋଷ କୁମାର ମିଶ୍ର, ଚିତ୍ତରଞ୍ଜନ ବେହେରା, ସୁନିତି ବେହେରା, ଦୟାନିଧି ବେହେରା, ସୁରେନ୍ଦ୍ର କୁମାର ମିଶ୍ର, ଚେତନାମୟୀ ବେହେରା, ପ୍ରଣତି ଦାସ, କାହ୍ନୁକେଶବ ବହିଦାର, ବିମଳ ଚନ୍ଦ୍ର ଦାଶ, ଗୋପାଳ ଚନ୍ଦ୍ର ନାୟକ, ଅନନ୍ତଚରଣ ଦାଶ, ବଳରାମ ମାଝୀ, ରବୀନ୍ଦ୍ର ଦେହୁରୀ ଗୀତ ଗାନ କରିଥିଲେ। ହରିବନ୍ଧୁ ବେହେରା, କାଶୀରାମ ପ୍ରଧାନ ଓ ସଚିନ ନନ୍ଦ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ।

# ସଞ୍ଚାର ଉଭୟ ଶାସ୍ତ୍ରୀୟ, ଲୋକକଳାର ସଂରକ୍ଷକ

ସମ୍ବଲପୁର, ୨୨।୯ (ବ୍ୟୁରୋ)
ସମଲେଶ୍ୱରୀ ଭବନ ସଭା କକ୍ଷରେ ରବିବାର 'ସଞ୍ଚାର ଉଭୟ ଶାସ୍ତ୍ରୀୟ ଓ ଲୋକକଳାର ସଂରକ୍ଷକ' ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ମୀନକେତନ ପୁରୋହିତ, ପ୍ରଫେସର ସୁରୁବାବୁ ମେହେର, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଅରବିନ୍ଦ ମହାପାତ୍ର, ବରଗଡ଼ କଳାପାଣି କଲେଜ ଅଧ୍ୟକ୍ଷ ଡ. ମୋହନ ସାହୁ, ରାଉରକେଲାର ସଂସ୍କୃତି ଲେଖକ ଚିତ୍ତରଞ୍ଜନ ବ୍ରହ୍ମା, ଛତିଶଗଡ଼ର ସଞ୍ଚାର ବାୟକ ପବିତ୍ର କର, ଡ. ଦାଶରଥି ବେହେରା, ଅଧ୍ୟାପକ ଡ. ସତ୍ୟନାରାୟଣ ଠାକୁର, ସାହିତ୍ୟିକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଆଲୋଚକ ଭାବେ ଯୋଗ ଦେଇଥିଲେ । ସଞ୍ଚାରରେ ଶାସ୍ତ୍ରୀୟ ଓ ଲୋକକଳା ୨ଭରି ରହିଛି । ଏହି ଲୁପ୍ତ ଲୋକକଳାକୁ ବଞ୍ଚାଇବା ଆବଶ୍ୟକତା ରହିଛି । ତେଣୁ ତଳସ୍ତରରୁ ସଞ୍ଚାର ସଂରକ୍ଷଣ ଲାଗି ଉଦ୍ୟମ ହେବା ଜରୁରୀ। ଫଳରେ ଆଗାମୀ ପିଢ଼ି ସଞ୍ଚାର ବିଷୟରେ ଜାଣି ପାରିବେ ବୋଲି ବକ୍ତାମାନେ କହିଥିଲେ । ପ୍ରାରମ୍ଭରେ ପଞ୍ଚମ ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ ଓ ସମ୍ମାନ ସମାରୋହ ପରିଚାଳନା କମିଟି ସମ୍ପାଦକ ଭଜରାମ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ।



ରବିବାର ସମ୍ବଲପୁର ସମଲେଶ୍ୱରୀ ଭବନ ସଭା କକ୍ଷରେ ପ୍ରଫେସର ମୀନକେତନ ପୁରୋହିତ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

**ରାଜ୍ୟସ୍ତରୀୟ ସଞ୍ଚାର ସମ୍ମିଳନୀ**


ରବିବାର ସମ୍ବଲପୁର ଆମ୍ବେଡ଼କର ଭବନଠାରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ଜିତେନ୍ଦ୍ର ହରିପାଲଙ୍କୁ ଗଣ୍ଡା ସମାଜର ଗର୍ବ ଗୌରବ ସମ୍ମାନରେ ସମ୍ମାନିତ କରାଯାଉଛି।

## ଜିତେନ୍ଦ୍ର ହରିପାଲଙ୍କୁ ଗଣ୍ଡା ସମାଜର ଗର୍ବଗୌରବ ସମ୍ମାନ

ସମ୍ବଲପୁର, ୨୨।୯ (ବ୍ୟୁରୋ)
ଲକ୍ଷେଘର ଗଣ୍ଡା ସମାଜ, ଆମ୍ବେଡ଼କର ଯୁବକ ସଂଘ ଓ ଦିଶା ମିଳିତ ଆନୁକୂଲ୍ୟରେ ଆମ୍ବେଡ଼କର ଭବନଠାରେ ନୂଆଁଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଲକ୍ଷେଘର ଗଣ୍ଡା ସାମଜର ଲୋକଙ୍କ ଏକତ୍ରିକରଣ, ସଂଗଠିତ କରିବାର ପ୍ରୟାସ ନୂଆଁଖାଇ ଭେଟଘାଟର ମୁଖ୍ୟ ଉଦ୍ଦେଶ୍ୟ। ତେଣୁ ଅନେକ ମହିଳା ଓ ପୁରୁଷ, ଯୁବତୀ, ଯୁବକ ଏଠାରେ ଏକତ୍ରିତ ହୋଇ ଥିବାରୁ ନୂଆଁଖାଇ ଭେଟଘାଟର ମୂଳଲକ୍ଷ୍ୟ ସାଧିତ ହୋଇଛି ବୋଲି ବକ୍ତମାନେ କହିଥିଲେ । ଏହି ଅବସରରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ଗଣ୍ଡା ସମାଜର ଗର୍ବ ଓ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ଲୋକଗୀତ ଗାୟକ ରାଜକୁମାର ଜାଲ, ନୃତ୍ୟ ଶିଳ୍ପୀ ଚୁମକି ବୈଠାରୁ, ବିବେକ ପଣ୍ଡା, ଅନିକେଶ ସୁରୁ ଜାଲ, ମନୋଜ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଦୀପ କୁମାର ନାୟକ, ଡ. ଗୋପିନାଥ ବାଗ, ତୁଳାରାମ କଲେତ, ବରୁଣ ସୁନା, ଦିନେଶ ବାଗ, ସୁକଦେବ ରଞ୍ଜିତ, ଦିଲୀପ ବାଗ, ଅଶ୍ୱିନୀ ମାଝୀ, ଭିକାରୀଚରଣ ଛୁରିଆ ମଞ୍ଚାସୀନ ଥିଲେ । ବୃନ୍ଦାବନ ରାଜହଂସ ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ଷେତ୍ରମଣୀ ବିଭାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଣ୍ଠଶିଳ୍ପୀ ଦିଲୀପ ବାଗ, ପ୍ରକାଶ କୁମ୍ଭାର, ନିଳାଞ୍ଚଳ ପାଣ, ନବୀନ କୁଅଁର, ପାରଶ ହରିପାଲ, ପିଣ୍ଟୁ ନାୟକ, ଛୋଟୁ ବିଶ୍ୱନାଥ ଜାଲ, କେଶବ ତରିଆ, ଓମ ଦୀପ, ଗୁଡ୍ଡୁ ଦୀପ, ବିଶିକେଶନ ଦୀପ ସଂଗୀତ ପରିବେଷଣ କରିଥିଲେ । ରକ୍‌ଷ୍ଟାର୍ ରିଦିମିକ୍ ଗ୍ରୁପ, ରାମଗଡ ପଡା, ଷ୍ଟେଶନପଡା କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଅର୍ଜୁନ ସୁରୁଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଁ ଗୁପ୍ତେଶ୍ୱରୀ ପୀଠ ଆକର୍ଷଣୀୟ ହେବ

ସମ୍ବଲପୁର, ୨୨।୯ (ବ୍ୟୁରୋ)
ସମ୍ବଲପୁର ଉପକଣ୍ଠସ୍ଥ ମାଁ ଗୁପ୍ତେଶ୍ୱରୀ ପୀଠ ଆକର୍ଷଣୀୟ ହେବ । ଆଗକୁ ଏହା ସବୁଜବନାନି ହେବା ସହ ପର୍ଯ୍ୟଟନସ୍ଥଳ ଭାବେ ବିକଶିତ କରାଯିବ । ରବିବାର ମାଁ ଗୁପ୍ତେଶ୍ୱରୀ ପୂଜା କମିଟି ଦ୍ୱାରା ଆୟୋଜିତ ବୈଠକରେ ସଭ୍ୟମାନେ ଏହା କହିଛନ୍ତି । ଡା. ବିନୋଦ ନାୟକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । କମିଟି ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଉପସଭାପତି ଗୌରିଶଙ୍କର ଦାଶ ଓ ଓମ୍‌ପ୍ରକାଶ ଅଗ୍ରୱାଲ, ସମ୍ପାଦକ ସତ୍ୟନାରାୟଣ ପଣ୍ଡା, ସହସମ୍ପାଦକ ନିରଞ୍ଜନ ତ୍ରିପାଠୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର, ସହକୋଷାଧ୍ୟକ୍ଷ ଶାନ୍ତିଭୂଷଣ ସାହାଣୀ, ଉପଦେଷ୍ଟା କମିଟି ସଭ୍ୟ ଗୋପାଳ ଅଗ୍ରୱାଲ ଆଲୋଚନାରେ ଭାଗ ନେଇଥିଲେ । ଏହି ଅବସରରେ ଲମ୍ବଡୁଙ୍ଗୁରି ପାହାଡରେ ଚାରା ରୋପଣ କରାଯାଇଥିଲା।

# ବିଶ୍ୱ ଭ୍ରାତୃତ୍ୱ ଭାବନା ବଜାୟ ପାଇଁ ଶୋଭାଯାତ୍ରା

**ଗୁରୁ ନାନକଙ୍କ ୫୫୦ତମ ଜନ୍ମବାର୍ଷିକ**

ସମ୍ବଲପୁର, ୨୨।୯ (ବ୍ୟୁରୋ)
ଗୁରୁନାନକଙ୍କ ୫୫୦ତମ ଜନ୍ମ ବାର୍ଷିକୀ ଶୋଭାଯାତ୍ରା ରବିବାର ସମ୍ବଲପୁର ମୁଦିପଡା ଗୁରୁଦ୍ୱାରାଠାରୁ ଶୁଭାରମ୍ଭ ହୋଇଛି। ମୁଦିପଡା ଛକ, ହସ୍ପିଟାଲ ରୋଡ, ଗଙ୍ଗାଧର ମେହେର କଲେଜ ଛକ, ଫାଟକ, ବୁଢ଼ାରଜା, ସହଯୋଗନଗର ଛକ, ଅଇଁଠାପାଲି ତଳିଛକ, ବୀରବିର୍ସାମୁଣ୍ଡା ଛକ ପରିକ୍ରମା କରି ରୟାଲ ରିଟ୍ରିଟ୍ ଉତ୍ସବ ସ୍ଥଳିରେ ଶୋଭାଯାତ୍ରା ପହଞ୍ଚିଥିଲା। ଗୁରୁନାନକ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶ୍ୱ ଭ୍ରାତୃତ୍ୱ ଭାବନାକୁ ଦୃଷ୍ଟିରେ ରଖି ଏହି ଐତିହାସିକ ଶୋଭାଯାତ୍ରା ବାହାରିଛି। ତେବେ ଗୁରୁନାନକଙ୍କ ଜୀବନ ଦର୍ଶନକୁ ନେଇ ବିଭିନ୍ନ ପ୍ରଜ୍ଞାପନ ମେଢ଼ ଏଥିବରେ ସାମିଲ ହୋଇଛି। ଏହି ଅବସରରେ ନଗର କୀର୍ତ୍ତନରେ ରାସ୍ତା ପ୍ରକମ୍ପିତ ହୋଇଥିଲା । ଶିଖ୍ ଧର୍ମାବଲମ୍ବୀ ମହିଳା, ପୁରୁଷ ଧଳା ବସ୍ତ୍ର ପରିଧାନ କରି ଏଥିରେ ସାମିଲ ହୋଇଥିଲେ। ସୁସଜ୍ଜିତ ରଥରେ ଗ୍ରନ୍ଥସାହେବକୁ ରଖାଯାଇଥିଲା । ସେହିପରି ଅନ୍ୟ ଏକ ରଥରେ ପଞ୍ଚପ୍ୟାରା ଉପବିଷ୍ଟ ହୋଇଥିଲେ । ପଞ୍ଚପ୍ୟାରାଙ୍କ ସମ୍ମୁଖ ଭାଗରେ ମହିଳା ଭକ୍ତମାନେ ପାଣି ସିଞ୍ଚନ କରିବା ସହ ରାସ୍ତା ସଫେଇ କରିଥିଲେ । ସେହିପରି ଅନ୍ୟ କିଛି ମହିଳା ସଫା ହୋଇଥିବା ରାସ୍ତା ଉପରେ ଫୁଲ ପାଖୁଡା ବିଛାଉଥିଲେ । ମୁଦିପଡା ଗୁରୁଦ୍ୱାରା ପ୍ରବନ୍ଧକ କମିଟି ସୁର୍ଜିଦ ସିଂ ବର୍ଣ୍ଣାଲା, ରଞ୍ଜିତ ସିଂ ହୁରା, ରଞ୍ଜିତ ସିଂ ସାଲୁଜା, ଅମଜିଦ ସିଂ, ସୁରଜିତ ସିଂ ଚାୱଲା, ଭଗତ ସିଂ, ଗୁରୁନାନକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଡ. ଆରଏନ ଦାଶ, ହରଜିତ୍ ସିଂ ହୁରା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅମୃତସର ଧର୍ମପ୍ରଚାର କମିଟି, ଓଡିଶା ଓ ଛତିଶଗଡ ରାଜ୍ୟର ସମସ୍ତ ଗୁରୁଦ୍ୱାରା ପ୍ରବନ୍ଧକ କମିଟି ଏହି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ସୋମବାର ସକାଳୁ ସମ୍ବଲପୁର ରୟାଲ ରିଟ୍ରିଟ୍‌ରୁ ଏହା ବାହାରି ଝାରସୁଗୁଡା, ବ୍ରଜରାଜନଗରରେ ପହଞ୍ଚିବ। ୨୪ରେ ବେଲପାହାଡ, ରାୟଗଡ, ୨୫ରେ ଚାମ୍ପା, କୋରବାରେ ପହଞ୍ଚିବ। ୨୬ରେ ପଲି ଓ ବିଲାଶପୁର, ୨୭ରେ ଟାଖଟପୁର, ପଣ୍ଡାରିଆ, କୌନ୍ଧାରେ ପହଞ୍ଚିବ। ୨୮ରେ ନବଗଡ, ବେମଟାରା, ଭିଲାଇ, ୨୯ରେ ରାୟପୁରରେ ପହଞ୍ଚିବ। ୩୦ରେ ମହାସମୁନ୍ଦ, ଖରିଆର ରୋଡ ପହଞ୍ଚିବ। ଅକ୍ଟୋବର ୧ରେ ପିଥୋରା, ବସନା, ବରଗଡ ପରିକ୍ରମା କରି ଅକ୍ଟୋବର ୨ ତାରିଖ ବୁର୍ଲାରେ ଶେଷ ହେବ ବୋଲି ସୂଚନା ଦିଆଯାଇଛି।



ସମ୍ବଲପୁରରେ ଗୁରୁନାନକଙ୍କ ୫୫୦ତମ ଜନ୍ମ ବାର୍ଷିକୀ ଶୋଭାଯାତ୍ରାରେ ବ୍ୟାଣ୍ଡ ବାଜା ସାମିଲ ହୋଇଛି।


ଶୋଭାଯାତ୍ରାରେ ଛାତ୍ରୀମାନେ ସାମିଲ ହୋଇଛନ୍ତି ।


ଶୋଭାଯାତ୍ରା ସହର ପରିକ୍ରମା କରୁଛି।


ଶୋଭାଯାତ୍ରାରେ ପଞ୍ଚପ୍ୟାରା ।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନୂଆଗାଁ, ୨୨।୯ (ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରୀ ଥାନା ଅନ୍ତର୍ଗତ ହାତୀବାରି କୁଆଁରମୁଣ୍ଡା ରାସ୍ତା ଜଟିଆବାବା ମନ୍ଦିର ନିକଟରେ ଶୁକ୍ରବାର ରାତିରେ ମୋଟରସାଇକେଲ ଦୁର୍ଘଟଣାରେ କୁଆଁରମୁଣ୍ଡା ବ୍ଲକ ଧନୁବାଗାନ ଅଞ୍ଚଳର ଦୁର୍ଗେସ ଖୋକ (୫୦)ଙ୍କ ମୃତ୍ୟୁ ଘଟିଛି। ଏନେଇ ହାତୀବାରୀ ଥାନାରେ ଏକ ମାମଲା (ନଂ ୬୪/୧୯) ରୁଜୁ ହୋଇଛି। ମୃତଦେହ ଶନିବାର ହାତିବାରୀ ଥାନା ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଦୁର୍ଗେସ ରାତିରେ ପରବା ଅଞ୍ଚଳରୁ ନିଜ ଗାଁ ଧନୁବାଗାନକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଏଭଳି ଦୁର୍ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁଧାନରୁ ଜଣାଯାଇଛି। ପ୍ରକାଶଥାଉକି ହାତୀବାରି ଥାନା ଠାରୁ ମାତ୍ର ୪/୫ କିଲୋମିଟର ଦୂର ଝାଡ଼ଖଣ୍ଡର ଜଲଡେଗା ଥାନା ଅନ୍ତର୍ଗତ ପରବା ଗ୍ରାମରେ ପ୍ରତ୍ୟେକ ସପ୍ତାହର ୩ ଦିନ ଜୁଆ ଓ ସଟ୍ଟା ଖେଳ ହୋଇଥାଏ। ନୂଆଗାଁ, କୁଆଁରମୁଣ୍ଡା, ହାତୀବାରି ଅଞ୍ଚଳରୁ ଶହ ଶହ ଲୋକ ସେଠାକୁ ଯାଇଥାଆନ୍ତି। ଦୁର୍ଗେସ ଖୋକ ସେଠାକୁ କୁକୁଡ଼ା ଲଢେଇ ଦେଖିବା ଅବା ଅନ୍ୟ କୌଣସି କାମରେ ଯାଇ ଘରକୁ ଫେରୁଥିଲେ। ଏଦିଗରେ ସ୍ଥାନୀୟ ପୋଲିସ ଦୃଷ୍ଟିଦେବାକୁ ଦାବି ହେଉଛି।

# କୋଇଡ଼ା ଅଞ୍ଚଳରେ କମୁନି ହାତୀ ଉପଦ୍ରବ

ଟେନ୍‌ସା, ୨୨।୯ (ଡି.ଏନ.ଏ.)





ଟୁକୁଟୋଲା ଗ୍ରାମରେ ହାତୀପଲ ପଶି ଘରଦ୍ୱାର ଭାଙ୍ଗିଦେଇଛି।

- ଜଙ୍ଗଲ ବିଭାଗ ନୀରବ
- ୩୦ରୁ ଊର୍ଦ୍ଧ୍ୱ ହାତୀ ୧୪ ଘର ଭାଙ୍ଗିଲେ
- ଧାନ, ଚାଉଳ ଖାଇଲେ, ଫସଲ ନଷ୍ଟ କଲେ

କୋଇଡ଼ା ବରସୁଆଁ ବନଖଣ୍ଡ ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ୩୦ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଆତଙ୍କ ସୃଷ୍ଟି କରୁଛନ୍ତି। ଗତ ୫ମାସ ଧରି ଲୋକଙ୍କ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗି ନଷ୍ଟ କରିଦେଉଛନ୍ତି। ଏପରିକି ଲୋକଙ୍କୁ ଦଳିଚକଟି ମାରିଦେଉଛନ୍ତି। ଏନେଇ ବାରମ୍ବାର ବନ ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଛି। ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କୋଇଡା ଓ ବରସୁଆଁ ଅଞ୍ଚଳରେ ଲୋକମାନେ ଭୟରେ ଦିନ କାଟୁଛନ୍ତି। ସନ୍ଧ୍ୟା ହେଲେ ଲୋକେ ନିଆଁ ଜାଳୁଥିବା ଓ ଘର ଦ୍ୱାର ବନ୍ଦ କରି ରହୁଥିବା ଦେଖିବାକୁ ମିଳିଛି। ଏପରିକି ଗ୍ରାମର ଯୁବକମାନେ ନିଆଁ ଜାଳି ବାଡ଼ିଧରି ରାତିସାରା ହାତୀଙ୍କୁ ଘଉଡାଉଥିବାରୁ ଦେଖିବାକୁ ମିଳିଛି । ଗତ ଶୁକ୍ରବାର ଓ ଶନିବାର ରାତିରେ ୩୦ରୁ ଊର୍ଦ୍ଧ୍ୱ ହାତୀ କୋଇଡା ନିକଟ ଟୁକୁଟୋଲା ଗ୍ରାମରେ ପଶି ୧୪ଜଣଙ୍କ ଘରଦ୍ୱାର ଭାଙ୍ଗି ଦେବା ସହ ଧାନ ଚାଉଳ, ଫସଲ ଖାଇ ନଷ୍ଟ କରିଦେଇଛନ୍ତି। ଏପରିକି ଘରର ଆସବାପତ୍ର ମଧ୍ୟ ଦଳିଚକଟି ଦେଇଛନ୍ତି। ହାତୀ ଭୟରେ ଲୋକେ ଘରଦ୍ୱାର ଛାଡି ପଳାଇ ଯାଉଥିବାବେଳେ ପ୍ରଭୁସାଏ ଟପ୍ପୋ ନାମକ ଜଣେ ବ୍ୟକ୍ତି ହାତୀ ହାବୁଡରେ ପଡି ଗୁରୁତର ହୋଇଛନ୍ତି। ସେ କୋଇଡା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡ଼ାକ୍ତରଖାନାକୁ ସ୍ଥାନାନ୍ତରଣ କରାଯାଇଛି। ଯେଉଁମାନଙ୍କ ଘର ଭାଙ୍ଗିଛି ସେମାନେ ହେଲେ ମାସିଦାସ ଟପ୍ପୋ, ବିମାଲିନ୍ ବାଗ, ଯୋହା ପୂର୍ତ୍ତି, ହାବିସ ନାଏକ, ବୁଧରାମ ସାଣ୍ଡିଲ, ମଙ୍ଗୁଲୁ ମୁଣ୍ଡା, ଜୁନେସ କିଡୋ, ପ୍ରଦୀପ କିଡୋ, ଶଙ୍କର ସିହ୍ନା, ଭୋଳା ନାୟକ, ହରସିଂ ତିର୍କି, ବାବୁଲ ସାଣ୍ଡିଲ, କାଳୀଚରଣ ମହାକୁଡ, କଲ୍ୟାଣ ହେମ୍ରମ। ଏମାନେ କୋଇଡା ବନ ବିଭାଗରେ ଅଭିଯୋଗ କରିଥିଲେ ମଧ୍ୟ ବନବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବରପାଇ କୋଇଡା ସରପଞ୍ଚ ସନ୍ଧ୍ୟାରାଣୀ ନାୟକ ଘଟଣାସ୍ଥଳରେ ପହଞ୍ଚି ଘରଦ୍ୱାର ଭାଙ୍ଗି ଯାଇଥିବା ପରିବାର ସଦସ୍ୟଙ୍କୁ ୧୦ କିଲୋଗ୍ରାମ ଲେଖାଏଁ ଚାଉଳ ପ୍ରଦାନ କରିଛନ୍ତି। ସେମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ବନ ବିଭାଗକୁ ଅନୁରୋଧ କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ, ଗତ କିଛି ଦିନ ହେବ ହାତୀ ଉପଦ୍ରବ ଯୋଗୁ ଲୋକ ମଞ୍ଚାବାନ୍ଧି ଗଛ ଉପରେ ରହୁଥିବାର ଦେଖିବାକୁ ମିଳିଥିଲା। ଏପରିକି ଲୋକେ ଘରଦ୍ୱାର ଛାଡି କୋଇଡାରେ ବସବାସ କରୁଥିବାର ମଧ୍ୟ ନଜିର ରହିଛି। ସେହିପରି ବନ୍ଦଲ ଗ୍ରାମରେ ୧୪ରୁ ଊର୍ଦ୍ଧ୍ୱ ପରିବାରର ଫସଲକୁ ମଧ୍ୟ ହାତୀ ଦଳିଚକଟି ଦେଇଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାହ୍ନୁ ସାହି, କନ୍ତରକୋଇଡା, ମାଲଦା, କାଶିରା, ରେଙ୍ଗାଲବେଡା, ଟୁକଟୋଲା, କମଣ୍ଡ, ରାଇକେଡା, ପାଟମୁଣ୍ଡା, ବଣୁଆଁ, ବରସୁଆଁ, ଶସ୍ୟକେଲା, ଗଗନାପୋଷ, ଫଟାଟାଙ୍ଗର ଆଦି ଅଞ୍ଚଳରେ ହାତୀ ଉପଦ୍ରବ କରୁଥିବାରୁ ଦେଖିବାକୁ ମିଳିଛି। ଏନେଇ କୋଇଡା ରେଞ୍ଜର ବିସି ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ହାତୀ ଘଡାଇବା ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ନିୟମିତ କର୍ମଚାରୀମାନେ ବାଣ ଫୁଟାଇ ଓ ନିଆଁ ଦେଖାଇ ହାତୀମାନଙ୍କୁ ଘଉଡାଉଛନ୍ତି।

### ଅଟୋ ଓଲଟି ମହିଳା ଯାତ୍ରୀ ମୃତ

କୁଆଁରମୁଣ୍ଡା,୨୨।୯ (ଡି.ଏନ.ଏ)

ରାଏବୋଗା ଥାନା ସଲଙ୍ଗାବାହାଲ ପଞ୍ଚାୟତର କେନ୍ଦୁମୁଣ୍ଡା-ଆମ୍ବପାନି ରାସ୍ତାରେ ରବିବାର ପୂର୍ବାହ୍ନରେ ଏକ ଯାତ୍ରୀବାହୀ ଅଟୋ ଜେଏଚ ୨୦ବି ୨୫୨୮ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ଅଟୋରେ ଥିବା ୫ ଜଣ ଯାତ୍ରୀଙ୍କ ମଧ୍ୟରୁ ଇମିଲିଆ କୁଲୁ(୪୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ରାଏବୋଗା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ମାମଲା (ନଂ.୫୪/୧୯) ରୁଜୁ କରିଛି। ମୃତଦେହ ସୋମବାର ବ୍ୟବଚ୍ଛେଦ କରାଯିବ। ଦୁର୍ଘଟଣାଗ୍ରସ୍ତ ଅଟୋଟିକୁ ପୋଲିସ ଜବତ କରି ଥାନାରେ ରଖି ଘଟଣାର ତଦନ୍ତ ଚଳାଇଛି।

### ବୋଲେରୋ ଧକ୍କାରେ ଯୁବକ ଗୁରୁତର

ବଡଗାଁ, ୨୨।୯ (ଡି.ଏନ.ଏ)

ବଡଗାଁ ଥାନା ଗରିଆମାଲରୁ ବାମରା ଯିବା ରାସ୍ତାରେ ରବିବାର ରାତି ସାଢ଼େ ୭ଟାରେ ବାଇକ ଆରୋହୀଙ୍କୁ ବୋଲେରୋ ଧକ୍କା ଦେଇଛି। କୁତୁମୁରା ଗ୍ରାମରୁ ଆସି ମାମୁଁ ଘର ଗାଁ କୁରେଇବଗାରେ ରହୁଥିବା ଧନୁର୍ଯ୍ୟ କୁଆ (୪୫) ବାଇକରେ ଆସୁଥିଲା ବେଳେ ବୋଲେରୋ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବଡଗାଁ ଡାକ୍ତରଖାନାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରି ସୁନ୍ଦରଗଡ ମେଡିକାଲ ପଠାଯାଇଛି ।

# ପଞ୍ଚାୟତ କଲାନି, ଗ୍ରାମବାସୀ କଲେ ମରାମତି

ବଡ଼ଗାଁ, ୨୨।୯ (ଡି.ଏନ.ଏ.)

**ତଳିମୁଣ୍ଡା- ବୁଦାପଡ଼ା ରାସ୍ତା**

ବଡ଼ଗାଁ ବ୍ଲକ ବରଙ୍ଗାକଛାର ପଞ୍ଚାୟତର ତଳିମୁଣ୍ଡାରୁ ବୁଦାପଡା ରାସ୍ତା ମରାମତି ପାଇଁ ଗତବର୍ଷ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ହୋଇଥିଲା। କିନ୍ତୁ ରାସ୍ତାରେ ମାଟି ପକାଇଲା ପରେ ମୋରମ ପକାଇବାକୁ ଅଟକଳରେ ଥିଲେ ମଧ୍ୟ ପକାଯାଇ ନ ଥିଲା। ଫଳରେ ବର୍ଷା ଯୋଗୁ ରାସ୍ତା କାଦୁଅରେ ପରିପୂର୍ଣ୍ଣ ହେବାରୁ ଯାତାୟତରେ ସମସ୍ୟା ହୋଇଥିଲା। ଗ୍ରାମବାସୀ ବାରମ୍ବାର ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇ ନିରାଶ ହୋଇଥିଲେ। ଶେଷରେ ନାଏବ ସରପଞ୍ଚ ଦଶରଥ ନାଏକଙ୍କ ନେତୃତ୍ୱରେ ଜୟଦେବ ମାଝୀ, ରବି ମାଝୀ, ସରୋଜ ବାଗ, ଗୋବିନ୍ଦ ବାଗ ପ୍ରମୁଖ ଶନିବାର ତଳିମୁଣ୍ଡା ଗ୍ରାମରୁ ବୁଦାପଡା ୧ କି.ମି ରାସ୍ତା ମରାମତି କରିଛନ୍ତି। ଏଥିରେ ୨ ଜଣ ପୋଲିସ କର୍ମଚାରୀ ଜୟଦେବ ମାଝୀ ଏବଂ ସଞ୍ଜୟ ମାଝୀ ସହଯୋଗ କରିଥିଲା ବେଳେ ଦିଲୀପ ନାଏକ ତାଙ୍କ ଟ୍ରାକ୍ଟର ଓ ରଞ୍ଜିତ ପ୍ରଧାନ ପିକଅପ୍ ଗାଡି ଦେଇଥିଲେ।



ଗ୍ରାମର ଯୁବକମାନେ ରାସ୍ତା ମରାମତି କରୁଛନ୍ତି ।



ନେହେରୁ କପ ହକି ପ୍ରତିଯୋଗିତାରେ ଖେଳାଳିଙ୍କ ସହ ଅତିଥି।

ବାସୁଡିହି ଗ୍ରାମରେ ନେହେରୁ କପ ହକି ପ୍ରତିଯୋଗିତା

# ବକୁଲିଡିହି, ଲଛଡ଼ା ଦଳ ଚାମ୍ପିୟନ

ବଣାଇ, ୨୨।୯ (ସ୍ୱ.ପ୍ର.)

ବଣାଇ ବ୍ଲକ୍ ଝିର୍ଡାପାଲି ପଞ୍ଚାୟତ ବାସୁଡିହି ଗ୍ରାମରେ ରବିବାର ନେହେରୁ କପ ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗତ ୪ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଦୁଇଟି ଗ୍ରୁପରେ ଖେଳ ହୋଇଥିଲା। ପ୍ରତି ଗ୍ରୁପରେ ୧୬ଟି ଦଳ ମୋଟ ୩୨ଟି ଦଳ ନକ୍ଆଉଟ ପର୍ଯ୍ୟାୟରେ ଖେଳିଥିଲେ। ପ୍ରଥମ ଗ୍ରୁପରେ ବକୁଲିଡିହି ଦଳ ଜାନୁଖୋଲ ଦଳକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ଦ୍ୱିତୀୟ ଗ୍ରୁପରେ ଲଛଡା ଦଳ ଚନ୍ଦ୍ରପୁର ଦଳକୁ ହରାଇ ଚାମ୍ପିୟନ ହୋଇଥିଲେ। ଖେଳଗୁଡିକ ରେଫରୀଭାବେ ବିଲୟମ କାନଗଡି, ଉଦୟ ଯୋଯୋ, ସାଲମ ଜଂ ଓ ଫୁଲକୁମାର ଯୋଯୋ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବଣାଇ ବିଧାୟକ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବନ ସୁରକ୍ଷା କମିଟିର ସଭାପତି ଲକ୍ଷ୍ମଣ ସାହୁ ଯୋଗ ଦେଇଥିଲେ। ପ୍ରତିଯୋଗିତା ପରିଚାଳନାରେ ଆୟୋଜକ ନେହେରୁ କ୍ଲବର ସଭାପତି ସିମନ କିଷାନ, ଉପସଭାପତି ମାର୍କସ ମୁଣ୍ଡା, ସମ୍ପାଦକ ଜୟପାଲ ପୂର୍ତ୍ତି, କୋଷାଧ୍ୟକ୍ଷ ନେଲସନ ମୁଣ୍ଡା, ସଦସ୍ୟ ବିଜୟ କିଷାନ, ହିମାଦ୍ରୀ ସାହୁ, ସୁବାଷଚନ୍ଦ୍ର ସାହୁ , ମାର୍କସ ମୁଣ୍ଡା, ଡାନିଏଲ ଓରାମ, ପ୍ରମୋଦ ସାହୁ, ମାର୍ଶଲ କିସାଦ, ଯୁକୁବ ପୂର୍ତ୍ତି ପ୍ରମୁଖ ସହାୟତା କରିଥିଲେ।

ଧରିତ୍ରୀରେ ପ୍ରକାଶିତ ଖବର ଉପରେ ତଦନ୍ତ

# ସମବାୟ ସମିତି ଏମ୍‌ଡି ନିଲମ୍ବିତ

ବଡ଼ଗାଁ, ୨୨।୯ (ଡି.ଏନ.ଏ)

ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ଥିବା ସମବାୟ ସମିତି (ଲ୍ୟାମ୍ପ୍ସ)ରେ ହୋଇଥିବା ଅନିୟମିତତା, ଦୁର୍ନୀତି ଉପରେ ଅଗଷ୍ଟ ୧୮, ୨୦, ୨୧ ଓ ସେପ୍ଟେମ୍ବର ୧୮ରେ ଧରିତ୍ରୀରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ତେବେ ଅଗଷ୍ଟ ୧୮ ତାରିଖ 'ଦୁଇ ଭୂତ କର୍ମଚାରୀଙ୍କ ନାଁରେ ୫ ଲକ୍ଷ ଚଲୁ' ଓ ଅଗଷ୍ଟ ୨୧ 'ଜିଲା ବାହାର ଜମି ପଟ୍ଟାରେ ଧାନ କିଣା' ଖବରକୁ ନେଇ ବିଭାଗୀୟ ଜିଲା ଅଧିକାରୀ ଚିଠି କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ୨ ଭୂତ କର୍ମଚାରୀଙ୍କ ନାଁରେ ଟଙ୍କା ଉଠାଣ ହୋଇଥିବା ଓ କଳାହାଣ୍ଡି ଜିଲାର ଜମି ପଟ୍ଟାରେ ଏଠାରେ ଧାନ କିଣା ଯାଇଥିବା ପ୍ରମାଣ ମିଳିବା ପରେ ସେ ସମୟରେ ସାହାଜବାହାଲ ଲ୍ୟାମ୍ପ୍ସର ଏମଡି ଥିବା ଚୁଡାମଣୀ ବେହେରାଙ୍କୁ ବିଭାଗୀୟ ଜିଲା ଅଧିକାରୀ ୧୭ ତାରିଖ ଚାକିରୀରୁ ନିଲମ୍ବିତ କରିଛନ୍ତି। ଅର୍ଡର ନଂ. ଜିଏଡି/୨୮୯୨ରେ ତାଙ୍କୁ ଚିଠି କରିଥିଲା ବେଳେ ମେମୋ ନଂ. ୨୮୯୩ରେ ଚିଫ୍ ଏକ୍ସିକ୍ୟୁଟିଭ୍ ଅଫିସରଙ୍କୁ ଚିଠି କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୦ ମସିହାରୁ ଲ୍ୟାମ୍ପ୍ସରେ ଏମଡି ଦାୟୀତ୍ୱରେ ଥିବା ସମବାୟ ବ୍ୟାଙ୍କ କର୍ମଚାରୀ ଏବଂ ଲ୍ୟାମ୍ପ୍ସରେ ବୋର୍ଡ ନ ଥିଲା ବେଳେ ସିଇଓ ଦାୟୀତ୍ୱରେ ଥିବା କର୍ମଚାରୀ ସୀତାରାମ ବାଗଙ୍କ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ପରେ ସ୍ୱତନ୍ତ୍ର ଅଡିଟ ହେବାରୁ ଗୋଟିଏ ପରେ ଗୋଟିଏ ଗୁମର ଫିଟୁଛି । ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଲକ୍ଷଲକ୍ଷ ଟଙ୍କା ଠକେଇ କରିନେବା, ଚଞ୍ଚକତା କରି ଆତ୍ମସାତ କରିବା, ଜାଲିଆତି କରି ଲକ୍ଷାଧିକ ଟଙ୍କା ହଡପ କରିବା ସତ୍ତ୍ୱେ କେହି ଜଣେ ଜିଲା ଅଧିକାରୀ ଜାଣି ନ ପାରିବା ସନ୍ଦେହ ଘେରକୁ ଆସୁଛି। ଏହି ଘଟଣାରେ ଉପରୁ ତଳ ପର୍ଯ୍ୟନ୍ତ ଅନେକ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି। ନିଲମ୍ବିତ କରାଯାଇଥିବା ଚୁଡାମଣୀ ବେହେରାଙ୍କୁ ଚାକିରୀରୁ ବହିଷ୍କାର, ତାଙ୍କ ନାମରେ ଥାନାରେ ମାମଲା ରୁଜୁ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଆଗାମୀ ଦିନରେ ଅଞ୍ଚଳର ଚାଷୀମାନେ ସୁନ୍ଦରଗଡ ଡିଆରଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ପ୍ରସ୍ତୁତି ଚଳାଇଥିବା ସେମାନଙ୍କଠାରୁ ସୂଚନା ମିଳିଛି।

# ଶିଶୁ ବାଟିକା ମାତୃ କର୍ମଶାଳା ଉଦ୍‌ଯାପିତ

କୁଆଁରମୁଣ୍ଡା,୨୨।୯ (ଡି.ଏନ.ଏ.)

କୁଆଁରମୁଣ୍ଡା ସିଟି ସ୍କୁଲ ରୋଡରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ବାଟିକା ବିଭାଗ ପକ୍ଷରୁ ରବିବାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଦିନିକିଆ ଏହି କର୍ମଶାଳାରେ ଖେଳ ମାଧ୍ୟମରେ କିଭଳି ଶିଶୁଙ୍କୁ ଶିକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ମା'ମାନେ ଅବଗତ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଶିଶୁଙ୍କ ପାଇଁ ସନ୍ତରଣ କୁଣ୍ଡ, ରଙ୍ଗମଞ୍ଚ, ଖେଳ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ସକାଳ ସାଢେ ୯ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ 'କୋହିନୂର' ବେଦବ୍ୟାସ ଶାଖାର ସଭାନେତ୍ରୀ ବୈଶାଳି କେଡିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶକ୍ତି ସଂରକ୍ଷଣ, ସ୍ୱଚ୍ଛ ଖାଦ୍ୟ ତଥା ଖାଦ୍ୟ ଅପଚୟ ଇତ୍ୟାଦି ଦ୍ୱାରା କିପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ତାହା ଉପସ୍ଥିତ ଶିଶୁ ଓ ମା'ମାନଙ୍କୁ ଅବଗତ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବୀରମିତ୍ରପୁର ସଙ୍କୁଳ ପ୍ରମୁଖ ଚିତ୍ତରଞ୍ଜନ ମହାନ୍ତି, ସ୍ଥାନୀୟ ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଶୈଳେଶ ତିୱାରୀ, ସମ୍ପାଦକ ଗୌରାଙ୍ଗ ସାହୁ, କୋଷାଧ୍ୟକ୍ଷ ଘନଶ୍ୟାମ ଦେବତା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ୩୦ ଶିଶୁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ୯୦ରୁ ଊର୍ଦ୍ଧ୍ୱ ମା' ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ସୁଆରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିଶୁ ବାଟିକା ପ୍ରମୁଖ ମୀନା ବରାଳ, ମୁସ୍କୁ ନନ୍ଦ, ରଶ୍ମିରେଖା ମହାନ୍ତି, ଶ୍ରାବଣୀ ରଜକ, ମମତାରାଣୀ ଦାସ, ପ୍ରତିମା କେର୍କେଟା ପ୍ରମୁଖ ଉପସ୍ଥିତ ଥିଲେ।





କୁଆଁରମୁଣ୍ଡା ଶିଶୁ ମନ୍ଦିରରେ ମାତୃ କର୍ମଶାଳାରେ ଉପସ୍ଥିତ ଅତିଥିମାନେ ।

### କଲୁଙ୍ଗା ଶିଳ୍ପାଞ୍ଚଳ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ନିର୍ବାଚନ

ବେଦବ୍ୟାସ, ୨୨।୯ (ଡି.ଏନ.ଏ)

ଲାଠିକଟା ବ୍ଲକ ଅନ୍ତର୍ଗତ କଲୁଙ୍ଗା ଶିଳ୍ପାଞ୍ଚଳ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ସମାପନ ହୋଇଛି। ପ୍ରଥମେ ଆଗାମୀ ୧ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ସର୍ବସମ୍ମତିକ୍ରମେ ସଭାପତି ଭାବେ ଯୁବ ଶିଳ୍ପଦ୍ୟୋଗି ତଥା ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ରମାକାନ୍ତ ବିଶ୍ୱାଳ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଭାପତି ଭାବେ ପ୍ରତାପ ଜେନା, ସାଧାରଣ ସମ୍ପାଦକ ଭାବେ ଦିଲୀପ କୁମାର ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଭାବେ ବୀରକିଶୋର ରାଉତ, ସାଂସ୍କୃତିକ ସମ୍ପାଦକ ସଞ୍ଜୟ ରାଉତ, କୋଷାଧ୍ୟକ୍ଷ ଭାବେ ମନୋଜ କୁମାର ଓଝା, ପରାମର୍ଶଦାତା ଭାବେ ଯୁବ ଆଇନଜୀବୀ ତଥା ଖବରଦାତା ଉପେନ୍ଦ୍ର ବଘାର, ଉପଦେଷ୍ଟା ଭାବେ ଗୋକୁଳାନନ୍ଦ ଦାଶ, ପ୍ରକାଶ ଟପ୍ପୋ ମନୋନୀତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସୁଶାନ୍ତ କୁମାର କଅଁର, ନବନୀତ ଝା, ଦୀପଙ୍କର ମାଇତି, କବି ପ୍ରସାଦ ସାହୁ, ଅନାମ ସ୍ୱାଇଁ, ଶରତ ଜେନା, ପ୍ରମୋଦ କୁମାର ନାୟକ, ବାବୁଲି ଚୌଧୁରୀ ପ୍ରମୁଖ ମନୋନୀତ ହୋଇଛନ୍ତି। ନବ ମନୋନୀତ ପଦାଧିକାରୀଙ୍କୁ ଉପସ୍ଥିତ ସଭ୍ୟମାନେ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଥିଲେ।

ହାଇଦ୍ରାବାଦରେ ଓସାକା ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

# ସମ୍ବଲପୁରୀ ଲୋକନୃତ୍ୟ ମନମୋହିଲା

ସୁନ୍ଦରଗଡ଼, ୨୨।୯ (ଡି.ଏନ୍.ଏ)



ହାଇଦ୍ରାବାଦରେ ନୂଆଁଖାଇ ଭେଟ୍‌ଘାଟରେ ମୟୁରୀ ଅନୁଷ୍ଠାନ କଳାକାର ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

ହାଇଦ୍ରାବାଦସ୍ଥିତ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଅଗ୍ରଣୀ ସଙ୍ଗଠନ ପଶ୍ଚିମ ଓଡିଶା ସାମାଜିକ୍ ଆରୁ ସାଂସ୍କୃତିକ ଅନୁଷ୍ଠାନ (ଓସାକା) ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ ଧୂମ୍‌ଧାମରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଶ୍ଚିମ ଓଡ଼ିଶାର ଇଷ୍ଟଦେବୀ ମା' ସମଲେଇ ତଥା ପାଟଣେଶ୍ୱରୀ, ମାଣିକେଶ୍ୱରୀ, ସୁରେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହାଇଦ୍ରାବାଦର ଜାମ୍ପା ସଙ୍ଗମ୍ ଅମଲିପେଟ୍ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଡିଆଳର ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇ ପଶ୍ଚିମ ଓଡ଼ିଶାର କଳା-ସଂସ୍କୃତିର ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର ପ୍ରଚାର ପ୍ରସାର ପାଇଁ ଓସାକାର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେଠାରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ, ବାଉଁଶକଳା ଆଦିକୁ ନେଇ ରାଜ୍ୟ ବାହାରେ ପ୍ରଥମ ଥର ପାଇଁ ଆୟୋଜିତ ପଶ୍ଚିମ ଓଡ଼ିଶା ହାଟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ସୁନ୍ଦରଗଡ଼ର ପ୍ରସିଦ୍ଧ ସାଂସ୍କୃତିକ ଅନୁଷ୍ଠାନ ମୟୁରୀର କଳାକାରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ଲୋକନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ନୂଆପଡା ଧନୁଯାତ୍ରାର କଂସ ମହାରାଜ ମଧୁସୂଦନ ପାଣିଗ୍ରାହୀ ଏବଂ ସାଥୀ କଳାକାରଙ୍କ ଅଭିନୟ ଲୋକଙ୍କୁ ଭାବବିହ୍ୱଳ କରିଥିଲା। ସର୍ବେଶ୍ୱର ଭୋଇଙ୍କ ଲୋକସଙ୍ଗୀତର ତାଳେ ତାଳେ ଲୋକମାନେ ଝୁମି ଉଠିଥିଲେ। ଆରତୀ କୁମ୍ଭାର ଓ ରୋହିତ ଦାସଙ୍କ ସଙ୍ଗୀତ ମଧ୍ୟ ଲୋକଙ୍କୁ ବାନ୍ଧି ରଖିଥିଲା। କମେଡି କିଙ୍ଗ ଯୋଗେଶ ଯୋଯୋଙ୍କ କମେଡିରେ ଲୋକମାନେ ବେଦମ ହୋଇଥିଲେ। ପଶ୍ଚିମ ଓଡ଼ିଶାର ଝିଅ ତଥା ଯୁବ କଣ୍ଠଶିଳ୍ପୀ ମୁମ୍ବାଇ ବଲିଉଡ ତାରକା ସ୍ୱାତୀ ମିଶ୍ର ମଧ୍ୟ ଓସାକାର ଭେଟ୍‌ଘାଟ ପରିବେଶରେ ଭାବବିହ୍ୱଳ ହୋଇ ସମ୍ବଲପୁରୀ ଗୀତ ସହ ଅନ୍ୟାନ୍ୟ ଗୀତ ଗାଇଥିଲେ। ଏହି କାର୍ଯ୍ୟକ୍ରମରେ ଓସାକାର ବାର୍ଷିକ ପତ୍ରିକା 'ମାଟିର ମହକ' ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଦୀମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୁବ ଡାକ୍ତର ଶେଖଲାଲ ପଧାନଙ୍କୁ ସମ୍ମାନିତ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ସମୃଦ୍ଧ ବୟନ ଶିଳ୍ପକଳା ସମ୍ବଲପୁରୀ ବସ୍ତ୍ରର ପ୍ରଚାର ପ୍ରସାର ପାଇଁ ମେହେରସ୍ ବରପାଲି ତରଫରୁ ବସ୍ତ୍ର ପ୍ରଦର୍ଶନୀ ସହ ବିକ୍ରୟ ମଧ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ହାସ୍ୟ ବ୍ୟଙ୍ଗକବି ଅର୍ଜୁନ କୁମାର ସାହୁ ଓ ସୁଶୋଭିତା ଗୁରୁ ସଂଯୋଜନା କରିଥିଲେ। ରାମକୃଷ୍ଣ ବାରିକ ପ୍ରାରମ୍ଭରେ ଓସାକା ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେବା ସହ ପଶ୍ଚିମ ଓଡିଶା ହାଟର ଲାଭାଂଶ ଅର୍ଥକୁ ଅନାଥାଶ୍ରମଗୁଡିକୁ ଦାନ କରାଯିବ ବୋଲି ଘୋଷଣା କରିଥିଲେ। ଅନନ୍ତ ବିଶ୍ୱାଳ ଓ ଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୩ ସେପ୍ଟେମ୍ବର, ୨୦୧୯



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ



### କଂଗ୍ରେସର ନୂଆଖାଇ ଭେଟ୍‌ଘାଟ

ପାଇକମାଳ, ୨୨।୯(ଡି.ଏନ.ଏ) ପାଇକମାଳ ବ୍ଲକ ଚେତନା ଶ୍ରମିକ ସଂଘରେ ପୂର୍ବତନ କଂଗ୍ରେସ ବିଧାୟକ ସତ୍ୟ ଭୂଷଣ ସାହୁଙ୍କ ଅଧକ୍ଷତାରେ ନିର୍ବାଚନ ମଣ୍ଡଳୀର ନୂଆଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇ ଯାଇଛି। ବିନୋଦ କୁମାର କାଲିଆ, ବୀରଦୈତ୍ୟ ସାହୁ, ଗୌନ୍ତିଆ ସାହୁ, ପ୍ରଦୀପ ଦେବତା, ନିହାର ରଞ୍ଜନ ମହାନନ୍ଦ, ସରୋଜ ମହାପାତ୍ର, ନିପନ ଦାସ, ରିପୁନାଥ ସେଠ, ବଲଭ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ନୂଆଖାଇର ମହତ୍ୱ ଉପରେ ଆଲୋଚନା କରିଥିଲେ। ଲିଟୁ ପଟନାୟକ, ଗଜରାଜ ସିଂ ପୁଟା, ଓ କଂଗ୍ରେସ କର୍ମୀମାନେ ସହଯୋଗ କରିଥିଲେ ।

### ସରଣ୍ଡାରେ ନୂଆଁଖାଇ ଭେଟ୍‌ଘାଟ

ସରଣ୍ଡା, ୨୨।୯ (ଡି.ଏନ.ଏ) ଅତାବିରା ରଣେଶ୍ୱର ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ଅତାବିରା ଆଞ୍ଚଳିକ ଲାଇଟ, ସାଉଣ୍ଡ ଓ ଡେକୋରେଶନର ନୂଆଁଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜୟ ବେହେରା ମୁଖ୍ୟଅତିଥି ଡ. ତାପସ୍ୱିନୀ ଗୁରୁ ମୁଖ୍ୟବକ୍ତା ଓ ବ୍ୟଙ୍ଗ କବି ନୀତିଶ ଆଚାର୍ଯ୍ୟ, ମନୋରଞ୍ଜନ ଲୁହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନଟରାଜ କଳାପରିଷଦ ତରଫରୁ ନୃତ୍ୟ, ସୁବ୍ରତ ଓ ଶ୍ରୀକାନ୍ତ ପଣ୍ଡା କମେଡି ପରିବେଷଣ ହୋଇଥିଲା। ଏହି ଅବସରରେ ସୁଶାନ୍ତ ପ୍ରଧାନ, ଅଜିତ ପଧାନ, ବାସୁଦେବ ଭୋଇ, କେ. ସତ୍ୟନାରାୟଣ ରାଓ ତଥା ୟୁନିୟନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଡିସେମ୍ବର ୧୫ରେ କଳାକାର ସମାବେଶ

ବରଗଡ଼ ଅଫିସ୍,୨୨।୯

ବରଗଡ଼ରେ ଆସନ୍ତା ୨୯ତାରିଖରେ ପଶ୍ଚିମ ଓଡ଼ିଶା କଳାକାର ସମାବେଶ କରିବା ପାଇଁ ସ୍ଥିରୀକୃତ ହୋଇଥିଲା। ମାତ୍ର ବିଜେପୁର ଉପନିର୍ବାଚନ ପାଇଁ ଉକ୍ତ ସମାବେଶକୁ ଆସନ୍ତା ଡିସେମ୍ବର ୧୫ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ବଉଲଝୁପା ସାଂସ୍କୃତିକ ଅନୁଷ୍ଠାନର ସଭାପତି ଚୈତନ୍ୟ ପାଇକ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲା କଳାକାର ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସେହିପରି ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ବୈଠକରେ ଯୋଗଦେଇ କଳାକାର ସମାବେଶ ପାଇଁ ଉଦ୍ଦିଷ୍ଟ ପରିଚୟପତ୍ରର ଶୁଭାରମ୍ଭ କରିବା ସହିତ ତାହା ବଣ୍ଟନ କରିଥିଲେ। ଧନୁଯାତ୍ରା କଂସ ଅଭିନେତା ଭୁବନେଶ୍ୱର ପ୍ରାନ, ଗୋପାଳ ଦାଶ, ପ୍ରମୋଦ ଦାଶ, ଲୋକନାଥ ମିଶ୍ର, ରାଜେନ୍ଦ୍ର କୁମାର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅନିରୁଦ୍ଧ ପାଇକ, ଜିତେନ୍ଦ୍ରୀୟ ସାହୁ, ଖଗେଶ୍ୱର ସାହୁ, ପଞ୍ଚାନନ ମହାପାତ୍ର, ରମେଶ ବାରିକ, ବିଭୁଧେନ୍ଦୁ ମହାନନ୍ଦ, ରାକେଶ ବାରିକ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପୁଷ୍ପାଞ୍ଜଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କଳାକାର ସମାବେଶ ପାଇଁ ଉଦ୍ଦିଷ୍ଟ ପରିଚୟପତ୍ର ପ୍ରଦାନ କରାଯାଉଛି ।

# ଅତାବିରାରେ ଗୀତା ଆବୃତ୍ତି ପ୍ରତିଯୋଗିତା

ଜାମଟିକ୍ରା, ୨୨।୯ (ଡି.ଏନ.ଏ)

କଟକ ଜିଲା ଜଗତପୁର ସ୍ଥିତ ପ୍ରଜ୍ଞାନ ମିଶନ ତତ୍ତ୍ୱାବଧାନରେ ଅର୍ଜୁନ ବିଷାଦ ଯୋଗ ଆଧାରିତ ଗୀତା ସୁଗୀତା କର୍ତ୍ତବ୍ୟ ଶୀର୍ଷକ ଗୀତା ଆବୃତ୍ତି ପ୍ରତିଯୋଗିତା ଅତାବିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। କୃଷ୍ଣଚନ୍ଦ୍ର ପ୍ରଧାନ, ଜିଲା ସଂଯୋଜକ ରାଜବଲ୍ଲଭ ପଣ୍ଡା ଓ ବ୍ଲକ ସଂଯୋଜକ ହରିପ୍ରସାଦ ପ୍ରଧାନ ଉକ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜବଲ୍ଲଭ ପଣ୍ଡା ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ନିୟମାବଳୀ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ସଂସ୍କୃତ ଶିକ୍ଷୟିତ୍ରୀ ମିନତୀ ଦାଶ, ସୁଷମା ସାହୁ, ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ଶିକ୍ଷକ ଯୋଗେଶ୍ୱର ଶାସ୍ତ୍ରୀ, ଗୋବିନ୍ଦ ପ୍ରଧାନ ବିଚାରକ ଦାୟିତ୍ୱ ତୁଲାଇଥିଲେ। କ ବିଭାଗରେ ୫ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଶକ୍ତି ଗଡତିଆ, ଆର୍ଯ୍ୟାନ ପ୍ରଧାନ, ଆଶୁତୋଷ ଚାନ୍ଦ, ଖ ବିଭାଗରେ ୨୨ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସିଦ୍ଧି ଗଡତିଆ, ଆଶୁତୋଷ ବାରିକ, ବବଲି ବିଭାର ଏବଂ ଗ ବିଭାଗରେ ୧୯ଜଣଙ୍କ ମଧ୍ୟରେ ପ୍ରଜ୍ଞାଶ୍ରୀ ଅଦାବର, ବିଦ୍ୟାରାଣୀ ନାୟକ ଓ ରୋଶନ ବିଶି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗୀଙ୍କ ସହ ପ୍ରତି ବିଭାଗରୁ ସମୁଦାୟ ୬ଜଣ ଲେଖାଏଁ ଜିଲାସ୍ତରକୁ ଉନ୍ନୀତ ହୋଇଛନ୍ତି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲା ସଂସ୍କୃତ ଶିକ୍ଷକ ସଂଘର ସମ୍ବର୍ଦ୍ଧନା



ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବରଗଡ଼ ଅଫିସ୍,୨୨।୯

ନବନିଯୁକ୍ତ ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନଙ୍କୁ ରବିବାର ବରଗଡ଼ ଜିଲା ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଘର ସଭାପତି ଧୀରେନ୍ଦ୍ର ଶାସ୍ତ୍ରୀ, ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଉପଦେଷ୍ଟା ହରିଶଙ୍କର ବେହେରା ପ୍ରମୁଖ ଭୁବନେଶ୍ୱରରେ ଚୌହାନଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧନା ଦେଇଥିଲେ। ବରଗଡ଼ ଜିଲାରେ ସଂସ୍କୃତ ଭାଷାର ପ୍ରଚାର, ପ୍ରସାର ଓ ଉନ୍ନତିରେ ସହଯୋଗ କରିବା ପାଇଁ ଉପରୋକ୍ତ ପ୍ରତିନିଧିମାନେ ଚୌହାନଙ୍କୁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ସାମଗ୍ରିକ ଉନ୍ନତି ସହିତ ସଂସ୍କୃତ ଓ ସଂସ୍କୃତିର ବିକାଶ ଦିଗରେ ସେ ପଦକ୍ଷେପ ନେବେ ବୋଲି ଚୌହାନ କହିଥିଲେ ବୋଲି ଜିଲା ସଂସ୍କୃତ ସଂଘ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି ।

# ପିକଅପ୍ ଭ୍ୟାନ ଧକ୍କାରେ ବାଇକ ଚାଳକ ମୃତ

ପୁରୁଣାକଟକ,୨୨।୯(ଡି.ଏନ.ଏ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଧଳପୁର-ପୁରୁଣାକଟକ ପୂର୍ତ୍ତ ରାସ୍ତାର ପୁରୁଣାକଟକ ଝଜିଆବନ୍ଧ ନିକଟରେ ରବିବାର ପିକଅପ୍ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପୁରୁଣାକଟକ ତ୍ରିନାଥ ସାହିର ହେମନ୍ତ ରାଜହଂସ (୧୮) । ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ସାହିବାସୀ କ୍ଷତିପୂରଣ ଦାବିରେ ୨ ଘଣ୍ଟା ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଗୁଡିକ ଅଟକି ରହିଥିଲା। ପୁରୁଣାକଟକ ପୋଲିସ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ଅତିରିକ୍ତ ତହସିଲଦାର ହରିଓମ ଭୋଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ମୃତକଙ୍କ ପରିବାକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ରାସ୍ତାରୋକୋ ହଟିଥିଲା ।

ସୂଚନା ଅନୁସାରେ, ସକାଳ ୯ଟା ସମୟରେ ହେମନ୍ତ ଏକ ବାଇକ ଯୋଗେ ପୁରୁଣାକଟକ ଯାଉଥିବା ବେଳେ ତିଲେଶ୍ୱର ରବିବାର ସପ୍ତାହିକ ହାଟକୁ ଜିନିଷ ବୋଝେଇ କରି ଯାଉଥିବା ଏକ ପିକଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହେମନ୍ତଙ୍କ ମୃତ୍ୟୁ ହୋଇଥିଲା ।

# ୨ରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା

ବରଗଡ଼ ଅଫିସ୍,୨୨।୯

ରାଜ୍ୟସ୍ତରୀୟ ମହିଳା (୧୭ବର୍ଷରୁ କମ୍) ଫୁଟବଲ, ଟେନିକ୍ୱାଇଟ ପ୍ରତିଯୋଗିତା ଆୟୋଜନ ପରିପ୍ରେକ୍ଷୀରେ ରବିବାର ବରଗଡ଼ ଜିଲା ଅତାବିରା ବ୍ଲକ କୁମେଲସିଂହା ସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲ ସଭାକକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଅକ୍ଟୋବର ୨ରୁ ୪ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ହେବ ବୋଲି ସୂଚନା ଦିଆଯାଇଥିଲା । ଲରମ୍ଭା ଓ ଅତାବିରା ଖେଳ ପଡ଼ିଆରେ ଫୁଟବଲ ଏବଂ ସିଦ୍ଧାର୍ଥ ପବ୍ଲିକ ସ୍କୁଲରେ ଟେନିକ୍ୱାଇଟ ପ୍ରତିଯୋଗିତା କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା । ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକ, ସହ ନିରୀକ୍ଷକ ପ୍ରଶାନ୍ତ ଭୋଇ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ରାଜାରାମ ମେହେର, ମଛିନ୍ଦ୍ର ମଲ୍ଲିକ, ସିଦ୍ଧାର୍ଥ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଜି. ଶ୍ରୀନିବାସ ରାଓ, ନିର୍ଦ୍ଦେଶକ ଭି. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।



ରାଜ୍ୟସ୍ତରୀୟ ପ୍ରତିଯୋଗିତା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ ।


ରବିବାର ବୌଦ୍ଧରେ ମହିଳାମାନେ ପୁଅ ଜିଉଁନ୍ତିଆ ଓଷା ପାଳନ କରୁଛନ୍ତି।

# ଆବାସ ଗୃହ ଫଟୋ ପାଇଁ ଦେବାକୁ ପଡୁଛି ହାତଗୁଞ୍ଜା

ତଳଗାଁ,୨୨।୯(ଡି.ଏନ.ଏ)

ସରକାର ଗ୍ରାମପଞ୍ଚାୟତ ସ୍ତରରେ ଜଣେ ଜଣେ ଜିଓ ଟ୍ୟାଗ ନିଯୁକ୍ତ କରି ଆବାସ ଯୋଜନାରେ ନିର୍ମିତ ଘରଗୁଡ଼ିକର ଫାଉଣ୍ଡେସନ ଠାରୁ ଗୃହ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ଫଟୋ ଉଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ନିର୍ମିତ ଗୃହର ଫଟୋ ଉଠାଇବା ପାଇଁ ଦାୟିତ୍ୱରେ ଥିବା ଜିଓଟ୍ୟାଗ୍ ହିତାଧିକାରୀ ପିଛା ହଜାରେ ଟଙ୍କା ଲେଖାଏ ଆଦାୟ କରୁଥିବା ଅଭିଯୋଗ ହୋଇଛି। ତଳଗାଁ ପଞ୍ଚାୟତକୁ ୩୨୫ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆସିଥିବାବେଳେ ଏଥିପାଇଁ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ନାଏକ, ଯନ୍ତ୍ରୀ ରାଜେଶ ଧୀର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁରୁଚରଣ ସେଠୀ ଏକ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ୪ ମାସ ମଧ୍ୟରେ ଘର ନିର୍ମାଣ କରିବାକୁ ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସଚେତନତା କାର୍ଯ୍ୟକ୍ରମର ପରଦିନ ଠାରୁ ଜିଓ ଟ୍ୟାଗ ଘର ଘର ବୁଲି ଅର୍ଥ ଆଦାୟ କରୁଥିବା ନେଇ ପଞ୍ଚାୟତର ଭିନ୍ନ ଭିନ୍ନ ଗ୍ରାମର ତରାସ ବିନ୍ଧାଣୀ, ବୀର ସାହୁ, ସୂର୍ଯ୍ୟକାନ୍ତି ଦଳବେହେରା, ସୁବାଙ୍ଗ ବେହେରା ଓ ଅନ୍ୟ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁରୁ ଚରଣ ସେଠୀଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଥିଲେ ଏବଂ କୌଣସି ହିତାଧିକାରୀ କାହାକୁ କୌଣସି ଅର୍ଥ ପ୍ରଦାନ ନ କରିବାକୁ ସେ ଅନୁରୋଧ କରିଥିଲେ ।

# ପଲିଥିନ, ପ୍ଲାଷ୍ଟିକ ବର୍ଜନ କାର୍ଯ୍ୟକ୍ରମ

ପୁରୁଣାକଟକ,୨୨।୯(ଡି.ଏନ.ଏ)

ବୌଦ୍ଧ ଜିଲା ପୁରୁଣାକଟକ ପୂର୍ତ୍ତ ରାସ୍ତା ବିଭାଜନ ପକ୍ଷରୁ ରବିବାର ତିଲେଶ୍ୱର ସାପ୍ତାହିକ ହାଟରେ ପଲଥିନ ମୁକ୍ତ ଓ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୁରୁଣାକଟକ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଚୈତନ୍ୟ ଦେହୁରୀଙ୍କ ତତ୍ତ୍ୱାବଧାନ ଓ ସାମାଜିକ କର୍ମୀ ବନମାଳି ପ୍ରଧାନଙ୍କ ସହଯୋଗରେ ଦୋକାନ ଦୋକାନ ବୁଲି ବ୍ୟବସାୟୀଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ପରିବର୍ତ୍ତେ କାଗଜ ଠୁଙ୍ଗା ଓ କପଡା ବ୍ୟାଗ ବ୍ୟବହାର କରିବାକୁ ସଚେତନ କରାଯାଇଥିଲା। ଏଥିରେ ପୂର୍ତ୍ତ ବିଭାଗର ଅନ୍ୟ ସହକର୍ମୀମାନେ ଉପସ୍ଥିତ ଥିଲେ ।

# ଜାତୀୟ ସେବା ଯୋଜନାରେ ସଫେଇ କାର୍ଯ୍ୟକ୍ରମ

ପୁରୁଣାକଟକ,୨୨।୯(ଡି.ଏନ.ଏ)

ବୌଦ୍ଧ ଜିଲା ପୁରୁଣାକଟକ ସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅଧିକାରୀ ରମେଶ ଚନ୍ଦ୍ର ତାରେଣିଆଙ୍କ ତତ୍ତ୍ୱାବଧାନରେ ମା’ ଭୈରବୀଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ଶଲୀଳ ଭୋକ୍ରା, ସଭ୍ୟ କୈଳାସ ଅଗ୍ରୱାଲ, ସୁକାନ୍ତ ଦାସ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀମାନେ ମନ୍ଦିର ଚତୁଃପାର୍ଶ୍ୱକୁ ସଫେଇ କରିବା ପରେ ମନ୍ଦିର ପରିବେଶକୁ ପଲିଥିନ ଓ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଭିମନ୍ୟୁ ସାହୁ, ଶ୍ରୀକାନ୍ତ ବଘାର, ଶିକ୍ଷକ ନାରାୟଣ ମଲିକ, ସ୍ୱେଚ୍ଛାସେବୀ ସୁଧି ଦୀପ, ସୁବ୍ରତ ପୁରୋହିତ, ଦୀପ୍ତିମୟୀ ସାହୁ, ମଧୁସ୍ମିତା ପ୍ରଧାନ ସାମିଲ ହୋଇଥିଲେ ।


ସେବା ଯୋଜନାର ସଫେଇ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର ।

## ପୁରୁଣାକଟକରେ ଭୈରବୀଙ୍କ ଷୋହଳପୂଜା ଆରମ୍ଭ

# ନଗର ପରିକ୍ରମାରେ ପାଟଖଣ୍ଡା ସହ ମା’ଙ୍କ ପ୍ରତିମା


ଭକ୍ତମାନେ ମା’ଙ୍କ ପ୍ରତିମାକୁ ନଗର ପରିକ୍ରମା କରାଉଛନ୍ତି ।

ପୁରୁଣାକଟକ,୨୨।୯(ଡି.ଏନ.ଏ)

ବୌଦ୍ଧ ଜିଲା ପୁରୁଣାକଟକ ସ୍ଥିତ ମା’ ଭୈରବୀଙ୍କ ପୀଠରେ ଷୋହଳପୂଜା ଆରମ୍ଭ ହୋଇଛି । ମା’ଙ୍କ ପୂଜା ଆରମ୍ଭରୁ ସମସ୍ତ ରୀତିନୀତି ଅନୁଯାୟୀ ଗଡସାହିରୁ ଖଣ୍ଡାବସା ପର୍ବ ସହିତ ବିଜୟ ପ୍ରତିମାକୁ ଏକ ବିରାଟ ପଟୁଆରରେ ନଗର ପରିକ୍ରମା ପରେ ରବିବାର ସନ୍ଧ୍ୟା ୬ଟା ସମୟରେ ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ମଧ୍ୟ ରାତ୍ରିରେ ମା’ଙ୍କ ମୂଳାଷ୍ଟମୀ ପୂଜା ଆରମ୍ଭ ହୋଇଥିଲା । ଏହି ଗୁପ୍ତପୂଜା ମା’ଙ୍କ ପୀଠରେ ୧୬ ଦିନ ଅର୍ଥାତ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲୁରହିବ। ମହାଷ୍ଟମୀ ଦିନ ଖଣ୍ଡା ଉଠିବା ପରେ ମହାନବମୀ ଦିନ ମା’ଙ୍କୁ ନବାହ୍ନ ଭୋଗ ସମର୍ପଣ କରି ଅଞ୍ଚଳର ସମସ୍ତେ ନବାହ୍ନ ଭକ୍ଷଣ କରିବେ ।

# ତ୍ରିରଙ୍ଗା କପ୍ ଫୁଟବଲ: ଖଲିଆପାଲି, ଜୁଲଟ୍ ବିଜୟୀ

ବରଗଡ଼ ଅଫିସ୍,୨୨।୯

ବରଗଡ଼ ବ୍ଲକ ଖୁଣ୍ଟପାଲି ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିରଙ୍ଗା କପ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚରେ ଖଲିଆପାଲି ଓ ଜୁଲଟ୍ ପ୍ରତିପକ୍ଷ ଦଳଗୁଡ଼ିକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ରୋହିଣିଆଁ ଓ ଖଲିଆପାଲି ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଏଥିରେ ଖଲିଆପାଲି ୨-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଜୁଲଟ୍ ଓ ଖେଦାପାଲି ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଜୁଲଟ୍ ବିଜୟୀ ହୋଇଥିଲା। ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ ମୁଖ୍ୟଅତିଥି ଏବଂ ଉପେନ୍ଦ୍ର ଘିବିଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରୋହିତ ବାଗ, ସଞ୍ଜୟ ଦାଶ, ଶ୍ୟାମସୁନ୍ଦର ବିଶି, ଅରକ୍ଷିତ ପ୍ରଧାନ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ । ତ୍ରିରଙ୍ଗା କ୍ଲବର ଅରୁଣ ମାଝୀ, ଆନନ୍ଦ ଭୋଇ, ସୁଶାନ୍ତ ମାଝୀଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।


ଅତିଥିଙ୍କ ଗହଣରେ ଖେଳାଳିମାନେ ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
- ଭଲ୍ଟାୟାର





ରବିବାର ସମ୍ବଲପୁର ପଧାନପଡା ବରୁଣ ଏନକ୍ଲେଭ୍‌ରେ ପୁଅ ଜିଉଁନ୍ତିଆ ପୂଜାର୍ଚ୍ଚନା କରାଯାଉଛି ।



ବୃନ୍ଦାହିଲ ଅଞ୍ଚଳରେ ମହିଳାମାନେ ପୁଅ ଜିଉଁନ୍ତିଆ ପୂଜାର୍ଚ୍ଚନା କରୁଛନ୍ତି ।

## ■ ପୁଅ ଜିଉଁନ୍ତିଆରେ ଦୂତୀ ବାହନଙ୍କୁ ପୂଜାର୍ଚ୍ଚନା

# ନିଷ୍ଠା, କାଷ୍ଠାରେ ମା'ମାନେ ବ୍ରତ ଧାରଣ କଲେ

ସମ୍ବଲପୁର,୨୨।୯ (ବ୍ୟୁରୋ)

ପଶ୍ଚିମ ଓଡିଶାର ପର୍ବ ପର୍ବାଣୀ ମଧ୍ୟରେ ପୁଅ ଜିଉଁନ୍ତିଆ ସ୍ୱତନ୍ତ୍ର। ପୁଅର ଦୀର୍ଘାୟୁ ଓ ନିରୋଗ କାମନା କରି ମା'ମାନେ ଏହି ବ୍ରତ କରିଥାନ୍ତି । ରବିବାର ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିରେ ପୁଅ ଜିଉଁନ୍ତିଆ ପାଳିତ ହୋଇଛି । ନିଷ୍ଠା ଓ କାଷ୍ଠାରେ ମା'ମାନେ ବ୍ରତ ଧାରଣ କରିଥିଲେ । ଆୟୁଷର ଦେବୀ ଦୂତିବାହନଙ୍କୁ ପୂଜାର୍ଚ୍ଚନା କରିଥିଲେ। ଧୂପ, ଦୀପ, ଫୁଲ ନୈବେଦ୍ୟ ସହ ଭୋଗ ଲଗାଇ ଚିଲ, ଶାଗୁଣାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରିଥିଲେ । ପିଜୁଳି, ଆଖୁ, କଦଳୀ, ନାରିକେଳ, କରମଙ୍ଗା, ମକା, ଆତ, କମଳା, କାକୁଡ଼ି, କେନ୍ଦୁ, ଚାର, ପଦ୍ମଫୁଲ, ଚମ୍ପା, ଦୁଧୁରା, ଅରଖ, ମନ୍ଦାର, ଗେଣ୍ଡୁ, ଅଁଳା, ହରିଡ଼ା, ବାହାଡ଼ା, କନ୍ଦମୂଳ, କଇଥ, ଆମ୍ବଡାଳ, ଅଁଳା ଡାଳ, ଦୁବ, ବୁରୋପତ୍ର ଦେବୀଙ୍କଠାରେ ପ୍ରଦାନ କରିଛନ୍ତି । ଗୋଧୂଳି ଲଗ୍ନରେ ମା'ମାନେ ନଦୀ, ପୋଖରୀରେ ପୂଜାର୍ଚ୍ଚନା କରିଥିଲେ। ରାତିରେ ସମ୍ବଲପୁର ସହରର ବିଭିନ୍ନ ଛକ, କଲ୍ୟାଣ ମଣ୍ଡପ, ମନ୍ଦିର ପରିସରରେ ପୁଅ ଜିଉଁନ୍ତିଆ ପୂଜାର୍ଚ୍ଚନା କରାଯାଇଛି । ବୟସ୍କା ବ୍ରାହ୍ମଣ ମହିଳା ଦୂତିବାହନ ଦେବୀଙ୍କ ପୂଜା କରିଥିଲେ । ପଣ୍ଡିତ ପୁଅ ଜିଉଁନ୍ତିଆ କାହାଣୀ ଗାନ କରି ବ୍ରତଧାରୀଙ୍କୁ ଶୁଣାଇଥିଲେ। ରାତିରେ ବ୍ରତଧାରୀମାନେ ଘରକୁ ଫେରି ଯାଇଥିଲେ । ଏହାପରେ ସମଲେଶ୍ୱରୀ ମନ୍ଦିରକୁ ଯାଇ ଦେବୀଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି । ସମ୍ବଲପୁର ସହରର ଝାଡୁଆପଡା ବଡଦୁଆର, ସହଯୋଗନଗର, ଦାନୀପାଲି, କୁଲତାପଡା, ରାମଗଡ ପଡା, ଧରିତ୍ରୀ ଲେନ୍, ଦେହେରିପାଲି, ବିମଳହୋତା ଗଲି, ମୁଦିପଡା ଜଗନ୍ନାଥ ମନ୍ଦିର, ନନ୍ଦପଡା, ଠାକୁରପଡା, ବୁଢ଼ାରଜା, ବେହେରାମୁଣ୍ଡା, ଦଶମତୀ କଲୋନୀ, ଗୋପାଳମାଲ, ଧନୁପାଲି, ଗୋବିନ୍ଦଟୋଲା, ପ୍ରଧାନପଡା, ଅଇଁଠାପାଲି, ବଡବଜାର, କମଲିବଜାର, ଜଗନ୍ନାଥ କଲୋନୀ, କଲ୍ୟାଣ ନଗର, ଭୀମଭୋଇ ନଗର ସମେତ ବିଭିନ୍ନ ଆପାର୍ଟମେଣ୍ଟ ଓ ଛକ ଗୁଡିକରେ ପୁଅ ଜିଉଁନ୍ତିଆ ପୂଜାର୍ଚ୍ଚନା କରାଯାଇଛି । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ସମ୍ବଲପୁର ଜିଲା, ଗ୍ରାମାଞ୍ଚଳ ଓ ଉପକଣ୍ଠସ୍ଥ ଗ୍ରାମ ଗୁଡିକରେ ଶନିବାର ରାତିରେ ପୁଅ ଜିଉଁନ୍ତିଆ ବ୍ରତ ପାଳନ କରାଯାଇଛି । କିନ୍ତୁ ସହରରେ ରବିବାର ପାଳନ ହୋଇଛି ।

# ସମଲେଇ ପୀଠରେ ଷୋଡଶ ପୂଜାରମ୍ଭ

ସମ୍ବଲପୁର, ୨୨।୯ (ବ୍ୟୁରୋ)

ସମଲେଇ ପୀଠରେ ରୀତିନୀତି ଓ ପରମ୍ପରା ସହ ରବିବାର ମା' ସମଲେଇଙ୍କ ଷୋଡଶ ପୂଜାନୀତି ଆରମ୍ଭ ହୋଇଛି । ସକାଳ ଆଳତି ପରେ ଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ଘଣ୍ଟ, ଶଙ୍ଖ, ହୁଳହୁଳିରେ ମନ୍ଦିର ପ୍ରକମ୍ପିତ ହୋଇ ଉଠିଥିଲା । ଭକ୍ତଙ୍କ ହରିବୋଲ, ହୁଳହୁଳିରେ ଭକ୍ତିମୟ ହୋଇଥିଲା ଏହି ଶକ୍ତିପୀଠ । ଆଶ୍ୱିନ ମୂଳାଷ୍ଟମୀ ତିଥିରେ ଦୁର୍ଗା ରୂପେ ସମଲେଇଙ୍କୁ ପୂଜାର୍ଚ୍ଚନା କରି କାକରା ପିଠା ଭୋଗ ଅର୍ପଣ କରାଯାଇଥିଲା । ସୋମବାରଠାରୁ କ୍ରମାନ୍ୱୟରେ ସମଲେଇଙ୍କୁ ଷୋହଳ ଜ୍ୟୋତି ଯଥା ନାରାୟଣୀ, ଇସାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବମଙ୍ଗଳା, ଅମ୍ବିକା, ବୈଷ୍ଣବୀ, ଗୌରୀ, ପାର୍ବତୀ ଓ ସନାତନୀ ରୂପେ ପୂଜାର୍ଚ୍ଚନା କରାଯିବ। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି ଯେ, ସମ୍ବଲପୁର ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ଏହି ପୂଜା ଆରମ୍ଭ ହୋଇଥିଲା। ଦେବୀଙ୍କଠାରେ ଚଣ୍ଡ (ଭୋଗ) ଅର୍ପଣ ପରେ ନିଷ୍ଠାବାନ ବ୍ରାହ୍ମଣଙ୍କୁ ଭୋଗ ପ୍ରଦାନ କରି ରାଜା ସ୍ୱୟଂ ଭୋଗ ଗ୍ରହଣରେ ଉପବାସ ଭଙ୍ଗ କରୁଥିଲେ । ତେଣୁ ପରମ୍ପରାକୁ ବଜାୟ ରଖି ନିଜେ ମୁଖ୍ୟପୂଜକ ୧୬ଦିନ ପର୍ଯ୍ୟନ୍ତ ଉପବାସ ରହିଥାନ୍ତି। ରାତିରେ ଦେବୀଙ୍କ ଠାରେ ଅର୍ପଣ ଭୋଗକୁ ସେ ଗ୍ରହଣ କରିଥାନ୍ତି । ଏହି ସମୟରେ ଚଟାଣରେ ବସିବା ଓ ଶୋଇବା କାର୍ଯ୍ୟ କରନ୍ତି । ମହାଳୟା ତିଥିରେ ଦେବୀ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଧବଳମୁଖୀ ପରେ ସମଲେଇଙ୍କୁ ପୂଜକମାନେ କ୍ରମାନ୍ୱୟରେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନି, ମହାଗୌରୀ, ସିଦ୍ଧିଦାତ୍ରୀ ବେଶ କରିଥାନ୍ତି । ଆଶ୍ୱିନ ପୂର୍ଣ୍ଣିମା ତିଥିରେ ଦେବୀଙ୍କ ରାଜରାଜେଶ୍ୱରୀ ବେଶ ହୋଇଥାଏ । ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ଦିନ ମାନସିକ ଦୀପ ପ୍ରଜ୍ୱଳନ ସହ କାଳୀମନ୍ତ୍ରରେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥାଏ । ଦ୍ୱିତୀୟାରେ ତାରାମନ୍ତ୍ର , ତୃତୀୟାରେ ଷୋଡଶୀ ମନ୍ତ୍ର , ଚତୁର୍ଥୀରେ ଭୁବନେଶ୍ୱରୀ ମନ୍ତ୍ର, ପଞ୍ଚମୀରେ ଭୈରବୀ ମନ୍ତ୍ରୀ, ଷଷ୍ଠୀରେ ଛିନ୍ନମସ୍ତା ମନ୍ତ୍ର, ସପ୍ତମୀରେ ଧୂମାବତୀ ମନ୍ତ୍ର, ମହାଷ୍ଟମୀରେ ଖଣ୍ଡାଧୂଆ, ଧ୍ୱଜା ପରିକ୍ରମା, ସନ୍ଧି ପୂଜା, ଭାଏ ଜୀଉଁନ୍ତିଆ, ବଗଳା ମନ୍ତ୍ର , ମହାନବମୀରେ ମାତଙ୍ଗୀ ମନ୍ତ୍ର, ବିଜୟା ଦଶମୀରେ କମଳା ମନ୍ତ୍ରରେ ଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରମ୍ପରା ରହିଛି।

# ଏସିଡ୍ ଆକ୍ରମଣର ପୀଡିତାଙ୍କୁ ଆଇନଗତ ସହାୟତା ନେଇ ସଚେତନତା କାର୍ଯ୍ୟକ୍ରମ

ରେଢାଖୋଲ,୨୨।୯(ଡି.ଏନ.ଏ.)

ରେଢାଖୋଲ ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏସିଡ ଆକ୍ରମଣର ପୀଡିତା ଓ ସେମାନଙ୍କ ପାଇଁ ରହିଥିବା ଆଇନଗତ ସାହାଯ୍ୟ ଓ କ୍ଷତିପୂରଣ ଉପରେ ଆଲୋଚନା ହୋଇଥିଲା। ଏସ୍‌ଡିଜେଏମ୍ ଅଞ୍ଜଳି ମାଛଖଣ୍ଡ ଏଥିରେ ସଭାପତିତ୍ୱ କରିଥିଲେ। ଏସିଡ ଆକ୍ରମଣର ପୀଡିତାଙ୍କ ପାଇଁ ୨୦୧୬ରେ ପ୍ରଣିତ ଆଇନ ଓ ୨୦୧୭ରେ ଭାରତୀୟ ଦଣ୍ଡବିଧି ସଂହିତାରେ ସଂଶୋଧିତ ଆଇନ ଅନୁଯାୟୀ ପୀଡିତାଙ୍କୁ ଦିଆଯାଉଥିବା କ୍ଷତିପୂରଣ ଉପରେ ଏସ୍‌ଡିଜେଏମ ଆଲୋଚନା କରିଥିଲେ। ମହିଳାମାନେ ଏଥିପ୍ରତି ସଚେତନ ହେବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ପ୍ରେମଚାନ୍ଦ କୁଲୁ, ଆଇନଜୀବୀ ଉମାକାନ୍ତ ମହାନନ୍ଦ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଅଧ୍ୟାପିକା ସୁପ୍ରିୟା ମଲ୍ଲିକ ଯୋଗ ଦେଇଥିଲେ। ମହିଳା କଲେଜର ଛାତ୍ରୀଙ୍କ ମଧ୍ୟରେ ମହିଳା ସଶକ୍ତୀକରଣ ଶୀର୍ଷକ ପ୍ରବନ୍ଧ ଓ ଭୀମଭୋଇ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଅଭିପ୍ସା ନନ୍ଦ, ପ୍ରିୟଦର୍ଶିନୀ ସେଠୀ, ରିଙ୍କି ରାଉଳ, ଅନୁପମା ମହାନନ୍ଦ, ନଳିତା ସେଠୀ, ମନସ୍ୱିନୀ ସାଠୁଆ, ରଶ୍ମିତା ଭୁକ୍ତା, ଅଭିମନ୍ୟୁ ଧଳ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ତାଲୁକ ଆଇନସେବା ସମିତି ପକ୍ଷରୁ ଫେଡେରିକ କାଣ୍ଡୁଲନା ଧନ୍ୟବାଦ ଅର୍ପଣ କରିଥିଲେ।




ଭୀମ ଭୋଇ କଲେଜରେ ଆୟୋଜିତ ଆଇନ ସଚେତନତା ଶିବିରରେ ଉପସ୍ଥିତ ଅତିଥି ।

## ■ ଭାଜପାର ରକ୍ତଦାନ ଶିବିର

# ୩୩ ୟୁନିଟ୍ ରକ୍ତ ସଂଗ୍ରହ



ସ୍ୱେଚ୍ଛାସେବୀ ଜଣକ ରକ୍ତଦାନ କରୁଛନ୍ତି।

ଦେବଗଡ଼,୨୨।୯(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମସପ୍ତାହକୁ ଭାଜପା ପକ୍ଷରୁ ଜନ ସେବା ସପ୍ତାହ ଭାବେ ପାଳନ କରାଯାଉଛି। ଏହି ଅବସରରେ ଦେବଗଡ଼ ମୁଖ୍ୟ ଡାକ୍ତରଖାନା ରକ୍ତ ଭଣ୍ଡାର ପରିସରରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଭାଜପା ନେତା, କର୍ମୀ ଓ ସ୍ୱେଚ୍ଛାସେବୀଙ୍କଠାରୁ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବିଡିଓ ଡ.ଅମିତ କୁମାର ମହାପାତ୍ର, ରକ୍ତଭଣ୍ଡାର କର୍ମଚାରୀ ଗୋପାଳକୃଷ୍ଣ ସାହୁ, ପିଆର୍‌ଓ ମଳୟ ବେହେରା, ଅମ୍ବିକା ଦାଶ, ଆଲୋକ ମହାପାତ୍ର, ମୀନାକ୍ଷୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ କରିଥିଲେ। ଭାଜପା ଜିଲା ଉପସଭାପତି ସତ୍ୟ ନାରାୟଣ ପାଣି, ଭୋଳାନାଥ ଦାସ, ନଗର ସଭାପତି ରମଣୀକାନ୍ତ ଦାଶ, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ ଭୂତିଆ, ସରୋଜ ପାଢୀ, ପ୍ରୀତି ବେହେରା, ଦୟା ଶଙ୍କର ଦ୍ୱିବେଦୀ, ରାଜେନ୍ଦ୍ର ଆଚାର୍ଯ୍ୟ, ଚନ୍ଦ୍ରଶେଖର ମହାପାତ୍ର, ରମଣୀ ଆଚାର୍ଯ୍ୟ, ସଧୀର ବ୍ରହ୍ମା, ସୁରଜ ଘଡେଇଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଦେବଗଡ ମୁଖ୍ୟ ଡାକ୍ତରଖାନାର ସମସ୍ତ ରୋଗୀଙ୍କୁ ଫଳ, ବିସ୍କୁଟ ବଣ୍ଟନ କରାଯାଇଥିଲା।

## ■ ବିଭିନ୍ନ ସ୍ଥାନରେ ପୁଅ ଜିଉନ୍ତିଆ ଓଷା

# ମା' ପୁଅର ଦୀର୍ଘାୟୁ ମନାସିଲେ



ପୁଅ ଜିଉନ୍ତିଆ ଓଷା ଅବସରରେ ମା'ମାନେ ପୂଜାର୍ଚ୍ଚନା କରୁଛନ୍ତି।

ଦେବଗଡ଼,୨୨।୯(ଡି.ଏନ.ଏ.)

ସ୍ନେହ, ମମତା ଓ ବାତ୍ସଲ୍ୟର ପ୍ରତୀକ ପୁଅ ଜିଉନ୍ତିଆ ଓଷା ଦେବଗଡ଼ ପୌରାଞ୍ଚଳ ସମେତ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ପାଳିତ ହୋଇଯାଇଛି । ସାହିର ବିଭିନ୍ନ ସ୍ଥାନରେ ମା'ମାନେ ନିର୍ଜଳା ଉପବାସ ରହି ସନ୍ତାନଙ୍କ ମଙ୍ଗଳ ମନାସିଥିଲେ। ବ୍ରତଧାରୀ ମା'ମାନେ ଅପରାହ୍ନରେ ପୋଖରୀ ତଥା ନଦୀ କୂଳରେ ବାଲିର ଏକ ବେଦୀ ନିର୍ମାଣ କରି ପୂଜା କରିବା ପରେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରିଥିଲେ। ପରେ ସନ୍ଧ୍ୟାରେ ଦୂତିବାହନଙ୍କୁ ପୂର୍ଜାର୍ଚ୍ଚନା କରିଥିଲେ। ବୁଧବାର ପୂର୍ବାହ୍ନରେ ମା'ମାନେ ପୁଅମାନଙ୍କୁ ବନ୍ଦାପଣା କରି ବ୍ରତ ବାନ୍ଧି ଓଷା ସମ୍ପନ୍ନ କରିବେ।

# ଦୋଳଗୋବିନ୍ଦ କ୍ଲବ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ,୨୨।୯ (ଡି.ଏନ.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବଳମ ପଞ୍ଚାୟତ ଅଧୀନ ନୂଆଁଗାଁ ଦୋଳଗୋବିନ୍ଦ କ୍ଲବ ଆନୁକୂଲ୍ୟରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ସିଂହଶାଳ ଏବଂ ଜାମୁଝରୀ ଦଳ ମଧ୍ୟରେ ହୋଇଥିଲା। ଏଥିରେ ସିଂହଶାଳ ଦଳ ଜାମୁଝରୀ ଦଳକୁ ପରାସ୍ତକରି ବିଜୟ ଲାଭ କରିଥିଲା। ଖେଳକୁ ରେଫରି ସରୋଜ କୁମାର ଗଡ଼ନାୟକ, ରାଜକୁମାର ମଣ୍ଡଳ, ଆଲୋକ କୁମାର ମହାକୁଲ, ପ୍ରଦୀପ କୁମାର ସାହୁ, ଲିକନ କୁମାର ସାହୁ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, ବାରକୋଟ ବ୍ଲକ ଉପାଧ୍ୟକ୍ଷ ହରମୋହନ ପାଣି, ସରପଞ୍ଚ ବର୍ଷାରାଣୀ ମୁଣ୍ଡା, ସମିତି ସଭ୍ୟା ସନ୍ଧ୍ୟାରାଣୀ ଦେହୁରୀ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୁତିଆ, କ୍ଲବ ସଭାପତି ରହିତ କୁମାର ଧଳ, ସମ୍ପାଦକ ସୁଧିର କୁମାର ଜେନା, କୋଷାଧ୍ୟକ୍ଷ ବଳରାମ ନାୟକ ତଥା କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଅତିଥିମାନଙ୍କ ସହ ଖେଳାଳିମାନେ।

# ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡ଼ି ହାଇସ୍କୁଲରେ ହିନ୍ଦୀ ଦିବସ




ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଉତ୍କଳମଣି ଯୁବ ସଂଘ ପକ୍ଷରୁ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡ଼ି ହାଇସ୍କୁଲରେ ହିନ୍ଦୀ ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର।

ଜମନକିରା, ୨୨।୯ (ଡି.ଏନ୍.ଏ)

ଜମନକିରା ବ୍ଲକ୍ ବଡ଼ରମା ପଞ୍ଚାୟତ ଉତ୍କଳମଣି ଯୁବ ସଂଘ ପକ୍ଷରୁ ଷଣ୍ଢପଥର ସରକାରୀ ଏସ୍‌ଏସ୍‌ଡ଼ି ହାଇସ୍କୁଲରେ ହିନ୍ଦୀ ଦିବସ ପାଳନ କରାଯାଇଛି। ଭାରତ ସରକାରଙ୍କ ଯୁବ ବେପାର ଓ କ୍ରୀଡ଼ା ମନ୍ତ୍ରାଣଳୟ ଅଧୀନ ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ଓ ଚିନିମହୁଲ ଉତ୍କଳମଣି ଯୁବ କେନ୍ଦ୍ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୟ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦନ କୁମାର ମାକର, ବସନ୍ତ କିସାନ ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ହିନ୍ଦୀ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# କର୍ମୀଙ୍କ ଅଭିଯୋଗ ଜିଲାରେ ଦଳର ମୁରବୀ ନାହାନ୍ତି

ସମ୍ବଲପୁର,୨୨।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଧନୁପାଲିସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଜିଲା ବିଜେଡି ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭ୍ୟସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। ତେବେ ଜିଲାରେ ଦଳର କେହି ମୁରବି ନ ଥିବା କର୍ମୀମାନେ ଅଭିଯୋଗ କରିଥିଲେ।

ଆଗକୁ ପଞ୍ଚାୟତ ଓ ଏନଏସି ନିର୍ବାଚନ। ତେଣୁ ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ହେଲେ ୱାର୍ଡସ୍ତରରେ ସଭ୍ୟ ସଂଖ୍ୟା ବୃଦ୍ଧି କରିବାକୁ ହେବ। ଏଥିପାଇଁ ୱାର୍ଡ ସ୍ତରରେ ୪ ଜଣିଆ ଟିମ୍ କାମ କରିବ। ପ୍ରତ୍ୟେକ ପରିବାରକୁ ଯାଇ ଦଳରେ ସାମିଲ ହେବାକୁ ଅନୁରୋଧ କରାଯିବ। କର୍ମୀମାନେ ଅଞ୍ଚଳର ସମସ୍ୟାଗୁଡିକୁ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମାଧାନ କଲେ ସେମାନଙ୍କ ପ୍ରିୟଭାଜନ ହୋଇ ପାରିବେ। ଦଳ ମଜଭୁତ କରିବାରେ କର୍ମୀମାନଙ୍କ ମୁଖ୍ୟ ଭୂମିକା ରହିଥାଏ। ତେଣୁ ଏକଜୁଟ ହୋଇ କାମ କରିବାକୁ ହେବ ବୋଲି ଆହ୍ୱାନ ଦିଆଯାଇଛି। ଏହି ବୈଠକରେ ରାଜ୍ୟ ସଭ୍ୟ ସଂଗ୍ରହ ପର୍ଯ୍ୟବେକ୍ଷକ ତଥା ବିଧାୟକ ଦେବୀପ୍ରସାଦ ମିଶ୍ର, ରାଜ୍ୟସଭା ସଦସ୍ୟ ପ୍ରଶନ୍ନ ଆଚାର୍ଯ୍ୟ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ନାଏକ, ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ପୂର୍ବତନ ବିଧାୟକ ରମେଶ ପଟୁଆ, ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡି ନେତ୍ରୀ ରୀନା ତନ୍ତୀ, ପ୍ରମିଳା ବହିଦାର, ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବଲପୁର, ରେଙ୍ଗାଲି, ରେଢାଖୋଲ, କୁଚିଣ୍ଡା ଓ ଦେବଗଡ ବିଧାନସଭା ଆସନ ଅଧୀନ କର୍ମକର୍ତ୍ତା ଯୋଗ ଦେଇଥିଲେ ।




ବିଜେଡି ବୈଠକରେ ମଞ୍ଚାସୀନ ନେତୃମଣ୍ଡଳୀ ।

ଧରିତ୍ରୀ
DHARITRI
ସୋମବାର, ୨୩ ସେପ୍ଟେମ୍ବର ,୨୦୧୯



"ଝାଡ଼ଖଣ୍ଡରେ ରଘୁବର ଦାସ ସରକାର ସବୁ ଦିଗରୁ ବିଫଳ ହୋଇଛନ୍ତି। ଏହି ଐତିହାସିକ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିଧାନସଭା ନିର୍ବାଚନରେ ପ୍ରସଙ୍ଗ କରୁଛି ଭାଜପା।

-ହେମନ୍ତ ସୋରେନ,
ଜେଏମ୍ଏମ୍ କାର୍ଯ୍ୟକାରୀ ଅଧକ୍ଷ



# ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି

## ଆମେରିକା ସିଇଓମାନଙ୍କ ସହ ମୋଦିଙ୍କ ବୈଠକ

ହ୍ୟୁଷ୍ଟନ,୨୨।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତର ପ୍ରଥମ ଦିନରେ ସେଠାର ତୈଳ ଓ ଗ୍ୟାସ୍ ସେକ୍ଟରର ସିଇଓମାନଙ୍କ ସହ ଗୋଲଟେବୁଲ୍ ବୈଠକରେ ଯୋଗଦେଇଥିଲେ। ଭାରତର ବର୍ଦ୍ଧିତ ଶକ୍ତି ଆବଶ୍ୟକତା ପୂରଣ ପାଇଁ ସୁଯୋଗର କିପରି ସଦୁପଯୋଗ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। ଶକ୍ତି ନିରାପତ୍ତା ଏବଂ ଦୁଇ ଦେଶ ମଧ୍ୟରେ ଆପୋସ ପୁଞ୍ଜିନିବେଶ ସୁଯୋଗ ବୃଦ୍ଧି ଲାଗି ଏକାଠି କାର୍ଯ୍ୟ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ହ୍ୟୁଷ୍ଟନ ଆସି ଶକ୍ତି ସେକ୍ଟର ସହ ଆଲୋଚନା ନ କରିବା ଚିନ୍ତା କରାଯାଇ ନ ପାରେ। ପ୍ରମୁଖ ଶକ୍ତି ସେକ୍ଟର ସିଇଓମାନଙ୍କ ସହ ଚମତ୍କାର ଭାବବିନିମୟ ହୋଇଥିବା ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ବୈଠକରେ ୧୭ଟି ଅନ୍ତର୍ଜାତୀୟ ତୈଳ ଓ ଗ୍ୟାସ୍ କମ୍ପାନୀର ସିଇଓ ଭାଗନେଇଥିଲେ। ସେମାନଙ୍କର ୧୫୦ଟି ଦେଶରେ ୧ ଟ୍ରିଲିୟନ ଡଲାର ମୂଲ୍ୟର କାରବାର ଚାଲିଥିବା ବହିର୍ବ୍ୟାପାର ବିଭାଗ ମୁଖପାତ୍ର ରବୀଶ କୁମାର କହିଛନ୍ତି। ସମସ୍ତ କମ୍ପାନୀର ଭାରତ ସହ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ରହିଛି। ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଆମେରିକାର ପ୍ରାକୃତିକ ଗ୍ୟାସ୍ କମ୍ପାନୀ ଟେଲୁରିଆନ୍ ଆଇଏନ୍‌ସି ସହ ଭାରତର ପେଟ୍ରୋନେଟ ଏଲ୍ଏନ୍‌ଜି ଲିମିଟେଡ (ପିଏଲ୍ଏଲ୍)ର ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ବୁଝାମଣାପତ୍ର ଅନୁଯାୟୀ ଟେଲୁରିଆନର ପ୍ରସ୍ତାବିତ ଡିଫ୍ଟଉଡ୍ ଏଲ୍ଏନ୍‌ଜି ରପ୍ତାନି ଟର୍ମିନାଲରେ ପିଏଲ୍ଏଲ୍ ୨.୫ ବିଲିୟନ ଡଲାର ପୁଞ୍ଜିନିବେଶ କରିବ ଏହା ବଦଳରେ ଉକ୍ତ କମ୍ପାନୀ ପିଏଲ୍ଏଲ୍‌କୁ ବାର୍ଷିକ ୫ ନିୟୁତ ଟନ ହିସାବରେ ୪୦ ବର୍ଷ ପର୍ଯ୍ୟନ୍ତ ଏଲ୍ଏନ୍‌ଜି ଯୋଗାଇଦେବ। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ରାଜିନାମା ଚୂଡାନ୍ତ କରିବା ଲାଗି ଉଭୟ କମ୍ପାନୀ ଉଦ୍ୟମ କରୁଛନ୍ତି।

- ଡିଫ୍ଟଉଡ୍ ଏଲ୍ଏନ୍‌ଜି ରପ୍ତାନି ଟର୍ମିନାଲରେ ୨.୫ ବିଲିୟନ ଡଲାର ନିବେଶ କରିବ ପିଏଲ୍ଏଲ୍
- ବଦଳରେ ପିଏଲ୍ଏଲ୍‌କୁ ବାର୍ଷିକ ୫ ନିୟୁତ ଟନ ଏଲ୍ଏନ୍‌ଜି ଯୋଗାଇବ ଉକ୍ତ କମ୍ପାନୀ

ଭାରତରେ ବ୍ୟବସାୟ ବାତାବରଣରେ ଉଲ୍ଲେଖନୀୟ ଉନ୍ନତି ଘଟିଥିବା ସିଇଓମାନେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ। ନିକଟରେ କର୍ପୋରେଟ ଟିକସ ହ୍ରାସ ସମେତ କେନ୍ଦ୍ର ସରକାର ନେଇଥବା ବିଭିନ୍ନ ଆର୍ଥିକ ସଂସ୍କାର ଓ ଉଦାରୀକରଣ ପଦକ୍ଷେପକୁ ସେମାନେ ସ୍ୱାଗତ କରିଥିଲେ। ସିଇଓମାନେ ଭାରତରେ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବାକୁ ଆଗ୍ରହୀ ବୋଲି କହିବା ସହ ଉକ୍ତ ସେକ୍ଟରକୁ ନିୟନ୍ତ୍ରଣମୁକ୍ତ କରିବା ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଭାରତ ଓ ଆମେରିକା ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଦୁଇଦେଶର ସମ୍ପର୍କକୁ ଏହା ଆହୁରି ବୃଦ୍ଧି କରିବ ବୋଲି ପିଏମ୍ଓ ପକ୍ଷରୁ ଟୁଇଟ୍ କରାଯାଇଛି। ହାଇଡ୍ରୋଜେନ ପ୍ରଯୁକ୍ତି ସମେତ ସିଇଓମାନେ ଦେଇଥିବା ବିଭିନ୍ନ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଗ୍ରହଣ କରିଥିବା ଏୟାର ପ୍ରଡକ୍ଟସ୍ ମୁଖ୍ୟ ସେଫି ଘାସେମି ଖବରଦାତାମାନଙ୍କୁ କହିଛନ୍ତି। ଆଲୋଚନା ବେଶ୍ ସଫଳ ହୋଇଥିବା ସେ ସୂଚନା ଦେଇଛନ୍ତି। ଭାରତରେ ପର୍ଯ୍ୟାପ୍ତ ପରିମାଣରେ ନିମ୍ନମାନର କୋଇଲା ରହିଛି। ଏହାକୁ ସିନ୍ଥେଟିକ୍ ଗ୍ୟାସ୍‌ରେ ରୂପାନ୍ତରିତ କରିବା ଲାଗି ସେମାନଙ୍କ ପାଖରେ ପ୍ରଯୁକ୍ତି ରହିଥିବା ସିଇଓମାନେ କହିଥିଲେ। ଉକ୍ତ ଗ୍ୟାସକୁ ରସାୟନ ପ୍ରସ୍ତୁତିରେ ବ୍ୟବହାର କରାଯିବା ସହ ଭାରତର ତୈଳ ଆମଦାନୀ ନିର୍ଭରଶୀଳତା ହ୍ରାସ କରିପାରିବ ବୋଲି ଘାସେମି କହିଛନ୍ତି।

ବୈଠକରେ ଏୟାର ପ୍ରଡକ୍ଟ, ବେକର ହ୍ୟୁଗ୍ସ, ବିପି ପିଏଲ୍‌ସି, ଚେନାୟର ଏନର୍ଜି, ଡୋମିନିୟନ ଏନର୍ଜି, ଇମର୍ସନ ଇଲେକ୍ଟ୍ରିକ କମ୍ପାନୀ, ଏକ୍ସନମୋବିଲ, ପେରୋଟ ଗ୍ରୁପ୍ ଆଣ୍ଡ ହିଲ୍‌ଉଡ୍, ଆଇଏଚ୍ଏସ୍ ମାର୍କିଟ, ଲ୍ୟୋଣ୍ଡେଲବେସେଲ୍ ଇଣ୍ଡଷ୍ଟ୍ରିଜ୍, ମେକ୍‌ଡରମୋଟ, ସ୍କ୍ଲମ୍ବରଜର, ଟେଲୁରିଆନ୍ ଆଇଏନ୍‌ସି, ଟୋଟାଲ ଏସ୍.ଏ., ଭିନମାର ଇଣ୍ଟରନ୍ୟାଶନାଲ ଏବଂ ୱେଷ୍ଟଲେକ୍ କେମିକାଲ୍ସର ସିଇଓମାନେ ଉପସ୍ଥିତ ଥିଲେ।





## ପାକ୍‌ଠାରୁ ସ୍ୱାଧୀନ ହେବାକୁ ସହାୟତା ଲୋଡ଼ିଲେ ବାଲୋଚ, ସିନ୍ଧି ସଙ୍ଗଠନ

ହ୍ୟୁଷ୍ଟନ,୨୨।୯(ପି.ଟି.)

ପାକିସ୍ତାନଠାରୁ ସ୍ୱାଧୀନତା ପାଇବା ଲାଗି ବାଲୋଚ, ସିନ୍ଧି ଓ ପାସ୍ତୋ ସମ୍ପ୍ରଦାୟର ପ୍ରତିନିଧିମାନେ ହ୍ୟୁଷ୍ଟନର ଏନ୍ଆରଜି ଷ୍ଟାଡିୟମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ଲାଗି ଆମେରିକାର ବିଭିନ୍ନ ଅଞ୍ଚଳରୁ ଉପରୋକ୍ତ ସମ୍ପ୍ରଦାୟର ସଦସ୍ୟମାନେ ଶନିବାର ଶତାଧିକ ସଂଖ୍ୟାରେ ହ୍ୟୁଷ୍ଟନ୍‌ରେ ପହଞ୍ଚିଥିଲେ। ପାକ୍ ସରକାର ଉକ୍ତ ସମ୍ପ୍ରଦାୟର ମାନବାଧିକାର ଉଲ୍ଲଂଘନ କରିଥିବା ସେମାନେ ଉଲ୍ଲେଖ କରିଥିଲେ। ଆମେ ପାକିସ୍ତାନଠାରୁ ସ୍ୱାଧୀନ ହେବାକୁ ଚାହୁଁଛୁ। ୧୯୭୧ରେ ବାଲାଂଦେଶକୁ ଭାରତ ଯେଭଳି ସହାୟତା କରିଥିଲା ସେମାନଙ୍କ ସ୍ୱାଧୀନତା ପାଇଁ ଭାରତ ଓ ଆମେରିକା ସହାୟତା କରିବା ଆବଶ୍ୟକ ବୋଲି ବାଲୋଚ ଜାତୀୟ ଆନ୍ଦୋଳନର ଆମେରିକୀୟ ପ୍ରତିନିଧି ନବି ବକ୍ସ ବାଲୋଚ କହିଛନ୍ତି। ଏଥିପାଇଁ ସେମାନେ ମୋଦି ଓ ଟ୍ରମ୍ପଙ୍କ ସହାୟତା ନିମନ୍ତେ ଅନୁରୋଧ କରିବାକୁ ଆସିଛନ୍ତି। ଶତାଧିକ ସିନ୍ଧି ଆମେରିକୀୟ ହାଓଡି ମୋଦି କାର୍ଯ୍ୟକ୍ରମ ହେବାକୁ ଥିବା ଏନ୍ଆରଜି ଷ୍ଟାଡିୟମ ବାହାରେ ବିକ୍ଷୋଭ କରିବାକୁ ଯୋଜନା କରିଥିଲେ। ସେମାନଙ୍କ ପୋଷ୍ଟର ଓ ବ୍ୟାନର ମୋଦି ଏବଂ ଟ୍ରମ୍ପଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଉକ୍ତ ସମ୍ପ୍ରଦାୟ ଆଶାବାଦୀ ରହିଛି।

## ସ୍ୱଚ୍ଛତାର ନିଦର୍ଶନ ଦେଖାଇଲେ ମୋଦି





ହ୍ୟୁଷ୍ଟନ,୨୨।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ବାହାରେ ମଧ୍ୟ ସ୍ୱଚ୍ଛତାକୁ ନେଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଯାହା କହିଥାନ୍ତି, ତାହା କାର୍ଯ୍ୟରେ କରି ଦେଖାଇଥାନ୍ତି ବୋଲି ସାରା ବିଶ୍ୱକୁ ଜଣାଇଦେଇଛନ୍ତି। 'ହାଓଡି ମୋଦି' କାର୍ଯ୍ୟକ୍ରମ ଲାଗି ଶନିବାର ଜର୍ଜ ବୁଶ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ମୋଦିଙ୍କୁ ସ୍ୱାଗତ କରାଯିବାବେଳେ ତାଙ୍କୁ ଫୁଲତୋଡ଼ା ଦିଆଯାଇଥିଲା। ସେଠାରେ ଭାରତ ପାଇଁ ଆମେରିକାର ରାଷ୍ଟ୍ରଦୂତ କେନେଥ୍ ଜଷ୍ଟର, ଭାରତୀୟ ରାଷ୍ଟ୍ରଦୂତ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଫୁଲତୋଡ଼ାରୁ ଗୋଟିଏ ଫୁଲ ଖସିପଡ଼ିବାରୁ ପ୍ରଧାନମନ୍ତ୍ରୀ ନଇଁପଡ଼ି ତାହାକୁ ଉଠାଇନେଇଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ପରିମଳ କ୍ଷେତ୍ରରେ ନେତୃତ୍ୱ ନେଇଥିବା ପ୍ରଧାନମନ୍ତ୍ରୀଙ୍କୁ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ଲିଙ୍କନ ସେଣ୍ଟରରେ ଗ୍ଲୋବାଲ ଗୋଲ୍‌କିପର୍ସ ଆୱାର୍ଡ ପ୍ରଦାନ କରାଯିବ। ୨୦୧୪ ଅକ୍ଟୋବର ୨ରୁ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିବା ସ୍ୱଚ୍ଛ ଭାରତ ଅଭିଯାନରେ ଦେଶରେ ୧୦ କୋଟିରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ କରାଯାଇଛି।

## ଭାରତୀୟ-ଆମେରିକୀୟଙ୍କ ସ୍ୱାଗତ

**ହ୍ୟୁଷ୍ଟନ,୨୨।୯(ପି.ଟି.):** ହାଓଡି ମୋଦି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମିଳିତ ଉଦ୍‌ବୋଧନ ଦେବା ଐତିହାସିକ ଘଟଣା ବୋଲି ଭାରତୀୟ-ଆମେରିକୀୟମାନେ ମତ ଦେଇଛନ୍ତି। ଭାରତର କଶ୍ମୀର ନୀତିକୁ ଏହା ଆମେରିକାର ସିଧାସଳଖ ସମର୍ଥନ ବୋଲି ସେମାନେ କହିଛନ୍ତି। ହାଓଡି ମୋଦି କାର୍ଯ୍ୟକ୍ରମରେ ଟ୍ରମ୍ପ ଯୋଗଦେବା ଆମେରିକା ଓ ସାରା ବିଶ୍ୱ ପାଇଁ ଭାରତ କେତେ ଗୁରୁତ୍ୱପୂର୍ଣ୍ଣ ତାହା ସ୍ପଷ୍ଟ କରିଛି ବୋଲି ଭାରତୀୟ-ଆମେରିକୀୟ ଡାକ୍ତର ସଂଘର ପୂର୍ବତନ ସଭାପତି ରାକେଶ ମଙ୍ଗଲ କହିଛନ୍ତି। ମୋଦିଙ୍କ ସହ ଟ୍ରମ୍ପ ଗୋଟିଏ ମଞ୍ଚରେ ଯୋଗଦେଉଛନ୍ତି। ପାକିସ୍ତାନ କ୍ଷେତ୍ରରେ ଟ୍ରମ୍ପ ପ୍ରଶାସନର ଆଭିମୁଖ୍ୟ ଏଥିରୁ ସ୍ପଷ୍ଟ ହେଉଛି ବୋଲି ରିପବ୍ଲିକାନ୍ ହିନ୍ଦୁ ସାମ୍ମୁଖ୍ୟର ଶଲଭ କୁମାର ଉଲ୍ଲେଖ କରିଛନ୍ତି।

କଶ୍ମୀର ପ୍ରସଙ୍ଗକୁ ନେଇ ଏନ୍ଆରଜି ଷ୍ଟାଡିୟମ୍‌ରେ ବିକ୍ଷୋଭ କରିବାକୁ ପାକିସ୍ତାନ ଯୋଜନା କରିଥିଲା। ତାହାକୁ ଭଣ୍ଡୁର କରିଦିଆଯାଇଛି। ଭାରତର କଶ୍ମୀର ନିଷ୍ପତ୍ତିକୁ ଆମେରିକା ପୂର୍ଣ୍ଣ ସମର୍ଥନ ଜଣାଇବା ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପାଇଁ ଶକ୍ତ ଚାପୁଡ଼ା ବୋଲି କୁମାର କହିଛନ୍ତି। ହାଓଡି ମୋଦି ଭାରତୀୟ-ଆମେରିକୀୟ ସମ୍ପ୍ରଦାୟର ସର୍ବବୃହତ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଉକ୍ତ ସମ୍ପ୍ରଦାୟ ଏବଂ ଭାରତ-ଆମେରିକା ସମ୍ପର୍କ କ୍ଷେତ୍ରରେ ଗେମ୍ ଚେଞ୍ଜର ହେବ ବୋଲି ସିକାଗୋରୁ କ୍ରିଷ୍ଣ ବଂଶଲ କହିଛନ୍ତି।

## ଧନ୍ୟବାଦ ଦେଲେ ଶିଖ୍ ପ୍ରତିନିଧି

ହ୍ୟୁଷ୍ଟନ,୨୨।୯(ପି.ଟି.)



ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୫୦ ଜଣିଆ ଶିଖ୍ ପ୍ରତିନିଧି ଦଳ ଶନିବାର ହ୍ୟୁଷ୍ଟନରେ ଭେଟିଛନ୍ତି। କଳାତାଲିକାରୁ ୩୦୦ରୁ ଊର୍ଦ୍ଧ୍ୱ ଶିଖ୍‌ଙ୍କ ନାଁ ବାଦ୍ ଦିଆଯାଇଥିବାରୁ ଏଥିପାଇଁ ସେମାନେ ମୋଦିଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସେମାନେ ମୋଦିଙ୍କୁ ପାରମ୍ପରିକ ଶିରୋପା ଭେଟି ଦେଇଥିଲେ। ଶିଖ୍ ରାଜନୈତିକ ଶରଣାର୍ଥୀମାନଙ୍କୁ ଭିଜା ଓ ପାସ୍‌ପୋର୍ଟ ସେବା ଯୋଗାଇଦେବା ଲାଗି ସେମାନେ ମୋଦିଙ୍କୁ ଅନୁରୋଧ କରିଥିଲେ। ଗତ ସପ୍ତାହରେ କେନ୍ଦ୍ର ସରକାର କଳାତାଲିକାରୁ ବିଦେଶରେ ଥିବା ୩୧୨ ଜଣ ଶିଖ୍‌ଙ୍କ ନାଁ ହଟାଇଦେଇଥିଲେ। ଫଳରେ ସେମାନେ ଭାରତ ଫେରିବାର ସୁଯୋଗ ପାଇବେ। ଶିଖ୍ ସମ୍ପ୍ରଦାୟ ସହ ଆଲୋଚନାରେ ସେ ବହୁତ ଖୁସି ବୋଲି ମୋଦି ଟୁଇଟ୍ କରିଛନ୍ତି।

## କଶ୍ମୀରୀ ପଣ୍ଡିତଙ୍କୁ ଭେଟିଲେ

ହ୍ୟୁଷ୍ଟନ,୨୨।୯(ପି.ଟି.)

ଆମେରିକାରେ ରହୁଥିବା କଶ୍ମୀରୀ ପଣ୍ଡିତମାନଙ୍କର ଏକ ୧୭ ଜଣିଆ ପ୍ରତିନିଧି ଦଳ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହ୍ୟୁଷ୍ଟନରେ ସ୍ୱତନ୍ତ୍ର ବିଚାରବିମର୍ଶ କରିବା ସହିତ ସମସ୍ତଙ୍କ ପାଇଁ ଏକ ନୂଆ କଶ୍ମୀର ନିର୍ମାଣ ଲାଗି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଆସୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ଅଗଷ୍ଟ ୫ରେ ଉଚ୍ଛେଦ କରିଥିଲେ। ଏଥିସହିତ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତିକୁ କଶ୍ମୀରୀ ପଣ୍ଡିତମାନେ ସମର୍ଥନ କରିଥିବା ବହିର୍ବ୍ୟାପାର ମୁଖପାତ୍ର ରବୀଶ କୁମାର ଟୁଇଟ୍ କରିଛନ୍ତି। ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କଶ୍ମୀରୀ ପଣ୍ଡିତମାନଙ୍କ ଧୈର୍ଯ୍ୟକୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।

## ମୋଦି କହିଲେ ହାଓଡି ହ୍ୟୁଷ୍ଟନ

ହ୍ୟୁଷ୍ଟନ,୨୨।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଆମେରିକାର ଶକ୍ତି ରାଜଧାନୀ ହ୍ୟୁଷ୍ଟନ୍ ସହରରେ ପହଞ୍ଚିବା ପରେ 'ହାଓଡି ହ୍ୟୁଷ୍ଟନ' ଟୁଇଟ୍ କରିଥିଲେ। ହାଓଡି ହେଉଛି ଟେକ୍ସାସ୍‌ର ପାରମ୍ପରିକ ଅଭିନନ୍ଦନ। ଶନିବାର ସ୍ଥାନୀୟ ସମୟ ଅପରାହ୍ନରେ ମୋଦି ହ୍ୟୁଷ୍ଟନରେ ପହଞ୍ଚିଥିଲେ।

## ମୋଦି ବିଦେଶରେ ସମ୍ମାନ ପାଇବା ଯୋଗ୍ୟ: ଥରୁର

ପୁଣେ,୨୨।୯(ପି.ଟି.)

ମୋଦି ନେତୃତ୍ୱାଧୀନ ସରକାରଙ୍କ ଘୋର ବିରୋଧୀ ଭାବେ ଜଣାଶୁଣା ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ବିଦେଶରେ ଭାରତର ପ୍ରତିନିଧିତ୍ୱ କରୁଥିବାବେଳେ ସେ ସମ୍ମାନ ପାଇବା ଯୋଗ୍ୟ। କିନ୍ତୁ ସେ ଦେଶରେ ଥିବାବେଳେ ତାଙ୍କୁ ପ୍ରଶ୍ନ କରିବା ଅଧିକାର ଲୋକଙ୍କର ରହିଛି ବୋଲି ମହାରାଷ୍ଟ୍ରର ପୁଣେରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଥିରୁଭାନନ୍ତପୁରମ୍ ଏମ୍‌ପି ଥରୁର କହିଛନ୍ତି।

## ଜମ୍ମୁରେ ପାକିସ୍ତାନୀ ଅନୁପ୍ରବେଶକାରୀ ଗିରଫ

**ଜମ୍ମୁ,୨୨।୯(ପି.ଟି.):** ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ଜମ୍ମୁରେ ଅନୁପ୍ରବେଶ କରିଥିବା ଜଣେ ପାକିସ୍ତାନୀ ଯୁବକଙ୍କୁ ଶନିବାର ଗିରଫ କରାଯାଇଛି। ତାଙ୍କ ନାମ ବସରତ ଅଲି ଓ ଘର ପାକିସ୍ତାନର ସିଆଲକୋଟ୍‌ରେ ବୋଲି ଜମ୍ମୁ ପୋଲିସ ଆଇଜି ମୁକେଶ ସିଂ କହିଛନ୍ତି। ସେ ଅନୁପ୍ରବେଶ କରିବା ପରେ ଆର୍‌ଏସ୍‌ପୁରା ସେକ୍ଟର ଅନ୍ତର୍ଗତ ଚନ୍ଦୁ ଚେକ୍ ଗ୍ରାମରେ ପହଞ୍ଚିଥିଲେ। ଗାଁର କିଛି ଲୋକ ତାଙ୍କୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଥିଲେ। ତାଙ୍କର ଅନୁପ୍ରବେଶ ପଛର ଉଦ୍ଦେଶ୍ୟ ସମ୍ପର୍କରେ ପୋଲିସ ଜେରା କରୁଛି।

### ଇତିହାସର ଆଇନାରେ

**ସେପ୍ଟେମ୍ବର ୨୩ର ପ୍ରମୁଖ ଘଟଣା**

୧୯୭୩ ସେପ୍ଟେମ୍ବର ୨୩ ଆର୍ଜେଣ୍ଟିନା ସାଧାରଣ ନିର୍ବାଚନରେ ଜୁଆନ୍ ପେରୋନ ବିଜୟୀ ହୋଇ କ୍ଷମତାକୁ ଫେରିଥିଲେ। ଏହା ଥିଲା ଆର୍ଜେଣ୍ଟିନାର ଦ୍ୱିତୀୟ ସାଧାରଣ ନିର୍ବାଚନ। ଜୁଆନଙ୍କ ଜଷ୍ଟିସିଆଲିଷ୍ଟ ଲିବରେଶନ ଫ୍ରଣ୍ଟକୁ ୬୦ ପ୍ରତିଶତରୁ ଅଧିକ ଭୋଟ ମିଳିଥିଲା।

୨୦୦୪ ସେପ୍ଟେମ୍ବର ୨୩ରେ ହାଇତିରେ ଭୟାବହ ଘୂର୍ଣ୍ଣିଝଡ଼ ଜିଆନେରେ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ବାତ୍ୟା ଫଳରେ ବନ୍ୟା ଓ ଭୂସ୍ଖଳନ ଘଟିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଆମେରିକାର ଫ୍ଲୋରିଡା ଓ ଭର୍ଜିନ ଆଇଲାଣ୍ଡ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା।



ଅହମ୍ମଦାବାଦରେ ନବରାତ୍ରି ମହୋତ୍ସବ ପୂର୍ବରୁ ପାରମ୍ପରିକ ବେଶଭୂଷାରେ ଗର୍ବା ନୃତ୍ୟ ଅଭ୍ୟାସ କରୁଛନ୍ତି ନୃତ୍ୟଶିଳ୍ପୀ।

## ବସ୍ ଦୁର୍ଘଟଣାରେ ୨୬ ମୃତ

ପେଶାୱର,୨୨।୯(ପି.ଟି.)

ପାକିସ୍ତାନର ଉତ୍ତରପଶ୍ଚିମାଞ୍ଚଳରେ ବସ୍ ଦୁର୍ଘଟଣାରେ ୨୬ ଜଣଙ୍କ ମୃତ୍ୟୁ ହେବା ସହ ୧୩ ଆହତ ହୋଇଛନ୍ତି। ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ଏକ ପାହାଡରେ ଧକ୍କା ହୋଇଥିଲା। ମୃତକଙ୍କ ମଧ୍ୟରେ କେତେଜଣ ଶିଶୁ ଅଛନ୍ତି। ଖାଇବର ପଖତୁନଖ୍ୱା ପ୍ରଦେଶ ଓ ଗିଲ୍‌ଗିଟ-ବଲ୍ଟିସ୍ତାନ ସୀମାବର୍ତ୍ତୀ ବାବୁସାର ଟପ୍ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ବସ୍‌ଟି ସ୍କର୍ଦୁ ସହରରୁ ରାଓଲପିଣ୍ଡି ଯାଉଥିଲା। ସେଥିରେ ୧୬ ପାକ୍ ଯବାନଙ୍କ ସମେତ ୪୦ ଜଣ ଯାତ୍ରୀ ଥିଲେ। ଆହତମାନଙ୍କୁ ଚିଲାସ୍ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ■ ବାବ୍ରୀ ମସ୍‌ଜିଦ ଭଙ୍ଗା ମାମଲା

## କଲ୍ୟାଣ ସିଂଙ୍କୁ ସମନ

ଲକ୍ଷ୍ନୌ,୨୨।୯(ପି.ଟି.)

ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା କଲ୍ୟାଣ ସିଂଙ୍କୁ ସମନ ଜାରି କରିଛି। ତାଙ୍କୁ ୨୭ରେ କୋର୍ଟରେ ହାଜର ହେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅଯୋଧ୍ୟାର ବିବାଦୀୟ ରାମଜନ୍ମଭୂମି ଉପରେ ଥିବା ବାବ୍ରୀ ମସ୍‌ଜିଦକୁ ୧୯୯୨ରେ ହିନ୍ଦୁ କରସେବକମାନେ ଭାଙ୍ଗିଦେଇଥିଲେ। ସେତେବେଳେ ଉତ୍ତରପ୍ରଦେଶରେ କଲ୍ୟାଣ ସିଂ ମୁଖ୍ୟମନ୍ତ୍ରୀ ଥିଲେ। ମସ୍‌ଜିଦ ଭଙ୍ଗା ଷଡ଼ଯନ୍ତ୍ରରେ ତାଙ୍କ ସହ ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ, ଏମ୍.ଏମ୍. ଜୋଷୀ, ଉମା ଭାରତୀ ଓ ଅନ୍ୟମାନେ ସମ୍ପୃକ୍ତ ଥିବା ଅଭିଯୋଗର ବିଚାର ସିବିଆଇ ସ୍ୱତନ୍ତ୍ର କୋର୍ଟରେ ଚାଲିଛି। ରାଜସ୍ଥାନ ରାଜ୍ୟପାଳ ଭାବେ କଲ୍ୟାଣଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଗତ ୯ ତାରିଖରେ ସେ ଭାଜପାରେ ଯୋଗଦେଇଥିଲେ। ଶନିବାର ସ୍ୱତନ୍ତ୍ର ବିଚାରପତି ଏସ୍.କେ. ଯାଦବ ତାଙ୍କୁ ସମନ ଜାରି କରିଛନ୍ତି।



## ପାଣି ପମ୍ପ୍ ଚୋରି ସନ୍ଦେହ ଦଳିତ ଯୁବକଙ୍କୁ ପିଟି ହତ୍ୟା

**ଜୟପୁର,୨୨।୯(ପି.ଟି.):** ରାଜସ୍ଥାନର ଝଲୱାରରେ ଶନିବାର ପାଣି ପମ୍ପ୍ ଚୋରି ସନ୍ଦେହରେ ଜଣେ ଦଳିତ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଘାଟୋଲି ଅଞ୍ଚଳର ପୁରିଲାଲ ତନ୍‌ୱରଙ୍କ ଚାଷଜମିରୁ ଶୁକ୍ରବାର ଏକ ପାଣି ପମ୍ପ୍ ଚୋରି ହୋଇଯାଇଥିଲା। ମେୱାଖେଡ଼ା ଗ୍ରାମର ୪୦ ବର୍ଷୀୟ ଦଳିତ ଧୂଳିଚାନ୍ଦ ମୀନା ସେହି ବାଟ ଦେଇ ଯାଉଥିବାବେଳେ ସେ ପମ୍ପ୍ ଚୋରି କରିଥିବା ଲୋକେ ସନ୍ଦେହ କରିଥିଲେ। ପୁରିଲାଲ ତନ୍‌ୱର(୬୦), ତାଙ୍କ ଦୁଇପୁଅ ଦେବୀ ସିଂ(୨୩) ଓ ମୋହନ(୨୦) ଙ୍କ ସମେତ କେତେଜଣ ଲୋକ ଧୂଳିଚାନ୍ଦଙ୍କୁ ମାଡ଼ ମାରିଥିଲେ। ହସ୍ପିଟାଲକୁ ନିଆଯାଉଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି।

## 'ପିଓକେ ସୃଷ୍ଟି ଲାଗି ନେହେରୁ ଦାୟୀ'

ମୁମ୍ବାଇ,୨୨।୯(ପି.ଟି.)



ଅମିତ୍ ଶାହ

ଜବାହାରଲାଲ୍ ନେହେରୁଙ୍କ ଭୁଲ୍ ନିଷ୍ପତ୍ତି ଲାଗି ପାକ୍ ଅଧିକୃତ କଶ୍ମୀର (ପିଓକେ) ସୃଷ୍ଟି ହେଲା। ନେହେରୁ ଯଦି ପାକିସ୍ତାନ ସହ ଅସ୍ତ୍ରବିରତି ଘୋଷଣା କରି ନ ଥାନ୍ତେ ତେବେ ପିଓକେ ସୃଷ୍ଟି ହୋଇ ନ ଥାନ୍ତା ବୋଲି ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ କହିଛନ୍ତି। ନେହେରୁଙ୍କ ପରିବର୍ତ୍ତେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କଶ୍ମୀର ପ୍ରସଙ୍ଗକୁ ହାତକୁ ନେବାର ଆବଶ୍ୟକ ଥିଲା। ଅକ୍ଟୋବରରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଥିଲାବେଳେ ମୁମ୍ବାଇରେ ଏକ ରାଲିକୁ ସମ୍ବୋଧିତ କରି ଶାହ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ସମ୍ପର୍କରେ କହିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଆମର କାମ ଶେଷ ହୋଇନାହିଁ, ଏହା ଆରମ୍ଭ ମାତ୍ର ବୋଲି ସେ ଭାଜପା କର୍ମୀମାନଙ୍କୁ କହିଥିଲେ। ଦେଶକୁ ଜାତୀୟତାବାଦ ଓ ପ୍ରଗତି ପଥରେ ଆଗେଇନେବା ଭାଜପାର ଲକ୍ଷ୍ୟ। ୩୭୦କୁ ନିର୍ଲଜଭାବେ ବିରୋଧ କରୁଥିବା କଂଗ୍ରେସ ଏବଂ ଏନ୍‌ସିପିକୁ ସେ ସମାଲୋଚନା କରିଥିଲେ। ଦେବେନ୍ଦ୍ର ଫଡ୍‌ନବିସ୍ ପୁଣି ଥରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବେ ବୋଲି ଶାହ ଦୃଢ଼ୋକ୍ତି କରିଥିଲେ।



ଛତିଶଗଡ଼ର ବଳରାମପୁର ଜିଲା ସନାବଲ ଗାଁରେ ଏଯାବତ୍ ବିଦ୍ୟୁତ ପହଞ୍ଚିନହିଁ। ଲୋକମାନେ ଲାଣ୍ଟିନଓ ଡିବି ସାହାଯ୍ୟରେ ଜୀବନ ବିତାଉଛନ୍ତି। ଗାଁରେ ପାଖାପାଖି ୪୦ ଘର ରହିଛି। ଲୋକମାନେ ଅନ୍ଧାରରେ ରୋଷେଇ କରନ୍ତି। ପିଲାମାନେ ଲ୍ୟାମ୍ପରେ ପଢୁଛନ୍ତି। କିନ୍ତୁ ଲୋକଙ୍କ ପାଖକୁ ଯାଇଛି ଲମ୍ବା ଚଉଡା ବିଲ୍। ଏହାକୁ ନେଇ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଜୀବନଶୈଳୀ ବଦଳାଉଛି ସାଙ୍କେତିକ ଭାଷା

ଆମେ ଅନେକ ସମୟରେ ମୂକ ଓ ବଧିରମାନେ ସାଙ୍କେତିକ ଭାଷାରେ କଥା ହେଉଥିବା ଲକ୍ଷ୍ୟ କରୁ। ସେମାନେ କ'ଣ କହୁଛନ୍ତି ତାହା ସମୀକ୍ଷା କରିବାକୁ ଚେଷ୍ଟା ମଧ୍ୟ କରିଥାଉ। ସେମାନଙ୍କର ସେହି ଭାଷାର ବ୍ୟବହାର ଓ ତା'ପ୍ରତି ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ସେପ୍ଟେମ୍ବର ୨୩ରେ ପାଳନ କରାଯାଉଛି ଇଣ୍ଟରନ୍ୟାଶନାଲ ସାଇନ୍ ଲାଙ୍ଗୁଏଜ ଡେ' ବା ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ। ଏହି ଦିବସ ସହ ସେପ୍ଟେମ୍ବର ଶେଷ ସପ୍ତାହରେ ଆନ୍ତର୍ଜାତିକ ବଧିର ସପ୍ତାହ ମଧ୍ୟ ପାଳନ କରାଯାଉଛି। ୧୯୫୧ ସେପ୍ଟେମ୍ବର୨୩ରେ ବିଶ୍ୱ ବଧିର ମହାସଂଘ ପ୍ରତିଷ୍ଠା କରାଯାଇଥିଲା। ଏହି ମହାସଂଘ ବଧିରମାନଙ୍କ ମାନବାଧିକାର ଉପରେ ଗୁରୁତ୍ୱ ଦେଇଆସୁଛି। ମହାସଂଘର ପ୍ରସ୍ତାବ କ୍ରମେ ୯୭ଟି ରାଷ୍ଟ୍ର ୨୦୧୭ ଡିସେମ୍ବର ୧୯ରେ ଜାତିସଂଘ ମହାସଭାରେ ଏହି ଦିବସ ପାଳନ କରିବାର ସର୍ବ ସମ୍ମତିକ୍ରମେ ସ୍ଥିର କରିଥିଲେ। ସେପ୍ଟେମ୍ବର ୨୩କୁ ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ ଭାବେ ପ୍ରଥମେ ୨୦୧୮ରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ଏହାର ସ୍ଲୋଗାନ ରହିଥିଲା 'ସାଂକେତିକ ଭାଷା ସହ ସମସ୍ତେ ସାମିଲ ହେବା'। ଏହି ବର୍ଷ ଭାରତର ପ୍ରଥମ ସାଂକେତିକ ଭାଷା ଶବ୍ଦକୋଷ ମୂକ ଓ ବଧିରମାନଙ୍କ ପାଇଁ ପ୍ରକାଶ ପାଇଥିଲା। ଦିବ୍ୟାଙ୍ଗଙ୍କ ଅଧିକାର ପାଇଁ ଅନୁଷ୍ଠିତ ହେଉଥିବା ସମ୍ମିଳନୀ ମଧ୍ୟ ସାଙ୍କେତିକ ଭାଷାର ବ୍ୟବହାର ଓ ପ୍ରଚାର ପ୍ରସାର କରିବା ସହ ଏହି ସୁବିଧା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେଉଛି। ଏମିତିକି ବଧିରମାନଙ୍କର ଏକ ଭାଷାଗତ




ପରିଚୟ ଆଣିବାରେ ଏହା ସହାୟକ ହୋଇପାରିଛି। ବିଶ୍ୱ ବଧିର ମହାସଂଘର ଏକ ଆକଳନରୁ ଜଣାପଡିଛି ଯେ,ବିଶ୍ୱରେ ଏବେ ୭୨ ମିଲିଅନ ବା ୭.୩ କୋଟି ବଧିର ରହିଛନ୍ତି। ଭାରତ ଭଳି ବିକାଶଶୀଳ ଦେଶଗୁଡିକରେ

## ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ

ଏମାନଙ୍କ ସଂଖ୍ୟା ଅଧିକ। ସେମାନେ ବିଭିନ୍ନ ପ୍ରକାରର ୩୦୦ ସାଂକେତିକ ଭାଷା ବ୍ୟବହାର କରୁଛନ୍ତି। ୨୦୧୯ରେ ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସର ସ୍ଲୋଗାନ୍ ରଖାଯାଇଛି 'ସମସ୍ତଙ୍କ ପାଇଁ ସାଂକେତିକ ଭାଷା ଅଧିକାର'। ଏହା ସହ ସେପ୍ଟେମ୍ବର ଶେଷ ସପ୍ତାହରେ ପାଳନ କରାଯାଉଥିବା ଆନ୍ତର୍ଜାତିକ ବଧିର ସପ୍ତାହର ପ୍ରତ୍ୟେକ ଦିନର ସ୍ଲୋଗାନ୍ ଭିନ୍ନ ଭିନ୍ନ ରହିଥାଏ।

## କପେ କଫି ୬୫ ହଜାର



ଓସାକା: ଗୋଟେ କପ୍ କଫିର ଦାମ ୬୫ ହଜାର ଟଙ୍କା। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଜାପାନର ଓସାକା ସିଟିରେ ୨୨ ବର୍ଷ ପୁରୁଣା କଫି ମିଳୁଛି, ଯାହାର ପ୍ରତି କପ୍ର ଦାମ୍ ୬୫ ହଜାର ଟଙ୍କା। ଏହାକୁ ଦୁନିଆର ସବୁଠୁ ପୁରୁଣା ଓ ଦାମିକିଆ କଫି ମଧ୍ୟ କୁହାଯାଏ। ଏହା ନିଜର ସ୍ୱତନ୍ତ୍ର ସ୍ୱାଦ ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ଓସାକା ସିଟିରେ ଥିବା ମଞ୍ଚ ହାଉସ ନାମ କାଫେରେ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର କଫି ରଖାଯାଇ ଫ୍ରେସ୍ ପରଷା ଯାଏ ବୋଲି ଜଣାପଡ଼ିଛି। କଫିରେ ନୂତନ ସ୍ୱାଦ ଆଣିବା ପାଇଁ କାଫେ ମାଲିକ ତାନାକା କଫି ପ୍ୟାକେଟ୍କୁ କିଛି ସମୟ ଫ୍ରିଜ୍ରେ ରଖିଦିଅନ୍ତି। କିନ୍ତୁ ଥରେ କିଛି କଫି ପ୍ୟାକେଟ୍ ଫ୍ରିଜ୍ରେ ରଖିବା ପରେ ସେ ଭୁଲି ଯାଇଥିଲେ। ପ୍ରାୟ ଦେଢ଼ବର୍ଷ ପରେ ସେହି ପ୍ୟାକେଟ୍ ଉପରେ ତାନାକାଙ୍କ ନଜର ପଡ଼ିଥିଲା। କେବଳ ଏହାର ସ୍ୱାଦ ପରଖିବା ପାଇଁ ସେ ସେଥିରୁ କଫି ପ୍ରସ୍ତୁତ କରିଥିଲେ। ମାତ୍ର ତାହା ଖୁବ୍ ସୁନ୍ଦର ବାସ୍ନା ହେଉଥିବାବେଳେ ଏହାର ସ୍ୱାଦ ଖୁବ୍ ନିଆରା ଥିଲା। ଏହାପରେ ସେ କିଛି କଫି ପ୍ୟାକେଟ୍କୁ ୧୦ ବର୍ଷ ରଖିଥିଲେ। ଏହାର ସ୍ୱାଦ ସିରପ୍ ପରି ଲାଗୁଥିବାବେଳେ ୨୦ ବର୍ଷ ରଖାଯାଇଥିବା କଫିରୁ ଆଲକୋହଲ ପରି ଫ୍ଲେଭର ବାହାରିଥିଲା। ଯାହା ଗ୍ରାହକମାନଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏହା ସାଧାରଣ ଲୋକଙ୍କ ପାଇଁ ଖୁବ୍ ମହଙ୍ଗା ହୋଇଥିବାବେଳେ କେବଳ ସ୍ୱାଦ ପାଇଁ ଟଙ୍କା ଖର୍ଚ୍ଚ କରୁଥିବା ଲୋକେ ଏହାକୁ ଖୁବ୍ ପସନ୍ଦ କରନ୍ତି।



## ଟ୍ରାଫିକ ନିୟମ ନମାନିଲେ ବୃଦ୍ଧାଶ୍ରମରେ ସେବା କରିବେ

**ଦିଲ୍ଲୀ:** ସଂଶୋଧିତ ମୋଟର ଯାନ ଅଧିନିୟମ ଲାଗୁ ହେବା ପରେ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଜରିମାନ ଦେଉଥିଲେ ବି ଲୋକଙ୍କ ଚେତା ପଶୁନି। କିଛି ଲୋକ ସୁଧୁରିଯିବାବେଳେ ଆଉ କିଛି ବାରମ୍ବାର ଭୁଲ କରୁଛନ୍ତି। ଏଭଳି ଲୋକଙ୍କୁ ଏବେ ଟ୍ରାଫିକ ପୋଲିସ ଜରିମାନା ବଦଳରେ ନୂଆ ସାମୂହିକ ସେବାରେ ଲଗାଇଦେବାର ବ୍ୟବସ୍ଥା କରିଛି। ଏଭଳି ପଦକ୍ଷେପ ଦେଖିବାକୁ ମିଳିଛି ଦିଲ୍ଲୀରେ। ପରିବହନ ବିଭାଗ ବି ସାମୂହିକ ସେବା ନିୟମ କରିବା ସହ ଅଧିସୂଚନା ବି ଜାରି କରିଦେଇଛି। ଏହି ସମ୍ବନ୍ଧିତ ପ୍ରାଧିକରଣ ଓ ଟ୍ରାଫିକ ପୋଲିସ ନିୟମ ଭଙ୍ଗକାରୀଙ୍କୁ ଏମିତି ଦଣ୍ଡ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଯିଏ ବାରମ୍ବାର ନିୟମ ଭଙ୍ଗକରିବେ ସେମାନେ ବୃଦ୍ଧାଶ୍ରମରେ ସେବା କରିବେ, କିମ୍ବା ଗରିବ ପିଲାଙ୍କୁ ପଢାଇବେ । ବାରମ୍ବାର ନିୟମ ଭଙ୍ଗ କଲେ ସେମାନଙ୍କ ପାଇଁ ନିଶା ବିରୋଧରେ ସଚେତନତା ଆଣିବା,ସମାଜସୁଧାର କାର୍ଯ୍ୟକ୍ରମରେ ସାମିଲ ହେବା, ଘର ଘର ବୁଲି ଟ୍ରାଫିକ ନିୟମ ଉପରେ ସଚେତନ କରିବା ଓ ଧାର୍ମିକ ସ୍ଥାନକୁ ଯାଇ ସେବା ପ୍ରଦାନ କରିବା ଭଳି କାର୍ଯ୍ୟ ଖଞ୍ଜି ଦେଇଛି ପରିବହନ ବିଭାଗ।

## ଅନ୍ତର୍ବସ୍ତ୍ର ପାଇଁ ଅଡୁଆ



**ମୁଜାଫରନଗର:** ଭାରତୀୟ ଦଣ୍ଡବିଧି ଆଇନ ବ୍ୟବସ୍ଥା ବଡ଼ ବିଚିତ୍ର। ଜଘନ୍ୟ ଅପରାଧରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ବର୍ଷ ବର୍ଷ ଲାଗିଯାଉଛି, ଅଥଚ ଖୋଲାରେ ଅନ୍ତର୍ବସ୍ତ୍ର ଶୁଖାଇଥିବା ଅଭିଯୋଗରେ ୨୩ବର୍ଷ ଧରି ଭ୍ରଷ୍ଟାଚାର ବିରୋଧରେ ଧାରଣା ଦେଇଆସୁଥିବା ଜଣେ ଶିକ୍ଷକ ମାତ୍ର କେଇ ମିନିଟ୍ ମଧ୍ୟରେ ଟଣା ହୋଇଛନ୍ତି କାଠଗଡ଼ାକୁ। ଉତ୍ତରପ୍ରଦେଶର ମୁଜାଫରନଗର ସିଭିଲ ଲାଇନ୍ ଥାନା ଅଞ୍ଚଳରେ ଏପରି ଏକ ଘଟଣାକୁ ନେଇ ଏବେ ସବୁଠି ଚର୍ଚ୍ଚା।

ପୋଲିସ ଷ୍ଟେଶନ ହାଉସ୍ ଅଫିସର (ଏସ୍ଏଚ୍ଓ) ସମୀପାଲ ଅତ୍ରେୟଙ୍କ କହିବା କଥା, ଅଭିଯୁକ୍ତ ଶିକ୍ଷକ ବିଜୟ ସିଂଙ୍କ ବିରୋଧରେ ସଞ୍ଜୟ କୁମାର ନାମକ ଜଣେ ବ୍ୟକ୍ତି ଏହି ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତ ଜଣକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖୋଲାରେ ଅନ୍ତର୍ବସ୍ତ୍ର (ଅଣ୍ଡରୱେର) ଶୁଖାଇଥିବା ଏତଲାରେ ଦର୍ଶାଯାଇଛି। ମହିଳାଙ୍କ ଭାବନାକୁ ଆଘାତ ଦେଇଥିବା ଅଭିଯୋଗରେ ସମ୍ପୃକ୍ତ ଶିକ୍ଷକଙ୍କ ନାମରେ ଆଇପିସିର ଧାରା ୫୦୯ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଜିଲାପାଳଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ଶିକ୍ଷକଙ୍କୁ ଧାରଣାସ୍ଥଳରୁ ହଟାଇ ଦିଆଯାଇଛି। ତାଙ୍କ ବ୍ୟବହୃତ ସାମଗ୍ରୀ ଫିଙ୍ଗାଫୋପଡ଼ା କରାଯାଇଛି। ଏହାପରେ ସେ ଶିବଚୌକ୍ ଡାକଘର ନିକଟରେ ପୁଣିଥରେ ଧାରଣା ଆରମ୍ଭ କରିଛନ୍ତି। ପୋଲିସ ଏବଂ ପ୍ରଶାସନ ଉପରେ ଖପ୍ପା ବିଜୟ କହିଛନ୍ତି, ତାଙ୍କୁ ଧାରଣାରୁ ହଟାଇବାକୁ ଏହା ଏକ ଷଡ଼ଯନ୍ତ୍ର। ହେଲେ କୌଣସି ପରିସ୍ଥିତିରେ ସେ ଚାପଗ୍ରସ୍ତ ହେବେନାହିଁ। ତାଙ୍କ ପ୍ରତିବାଦ ଆହୁରି ଶାଣିତ ହେବ। ସେ ଆହୁରି ମଧ୍ୟ କହିଛନ୍ତି, ଯେଉଁ ଅଣ୍ଡରୱେର ଲାଗି ତାଙ୍କ ନାମରେ ମାମଲା ରୁଜୁ ହୋଇଛି, ତାହା ତାଙ୍କର ନୁହେଁ। ଏହା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରହୁଥିବା ଅନ୍ୟ ଜଣେ ଅସହାୟ ଲୋକଙ୍କର। ସୂଚନାଯୋଗ୍ୟ, ବିଜୟଙ୍କ ଧାରଣା ୨୩ବର୍ଷ ତଳର। ଜଣେ ପୂର୍ବତନ ବିଧାୟକଙ୍କ ନାମରେ ଜମି ହଡ଼ପ ଅଭିଯୋଗ ଆଣି ସେ ଧାରଣାରେ ବସିଛନ୍ତି। ଦୀର୍ଘବର୍ଷ ଧରି ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିବା ନେଇ ତାଙ୍କ ନାମ ଲିମ୍କା ବୁକ୍ ଅଫ୍ ରେକର୍ଡ୍ସରେ ସାମିଲ ମଧ୍ୟ ହୋଇଛି।

## ତାରରେ ଝୁଲି ବାହାହେଲେ

**ବର୍ଲିନ:** ଅନେକ ଲୋକଙ୍କୁ କିଛି ଭିନ୍ନ କରି ଦେଖାଇବାର ନିଶା ଘାରିଥାଏ। ଏଥିପାଇଁ ସେମାନେ କିଛି ବି କରିବାକୁ ପ୍ରସ୍ତୁତ ଥାନ୍ତି। ଏଇ ଯେମିତି ଜର୍ମାନୀର ଏକ ଯୋଡ଼ି। ନିଜ ବିବାହକୁ ସ୍ମରଣୀୟ କରିବା ପାଇଁ ସେମାନେ ତାର ସାହାଯ୍ୟରେ ଆକାଶରେ ଝୁଲି ବିବାହ କରିଛନ୍ତି। ବିବାହ ସମୟର ସମସ୍ତ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କନ୍ୟା ଜଣଙ୍କ ହେଲେ ଏନା ଟ୍ରେବର। ଯିଏକି ପେସାରେ ଜଣେ 'ହାଇ ଓୟାର' ଆର୍ଟିଷ୍ଟ ଅର୍ଥାତ୍ ତାରରେ ଚାଲନ୍ତି। ଏନା ତାର ଏବଂ ରଶିରେ ଷ୍ଟଣ୍ଟ କରିଥାନ୍ତି। ବରଙ୍କ ନାମ ସ୍ୱେନ ଲିୟନ। ଏନାଙ୍କ ପିତା ମଧ୍ୟ ଜଣେ ହାଇ ଓୟାର ଆର୍ଟିଷ୍ଟ। ବିବାହରେ ଆସିଥିବା ସମସ୍ତ ଲୋକେ ଏପରି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



## ଛାତ୍ରଙ୍କଠାରୁ ମିଳିଲା ୧୫୦ ଇ-ସିଗାରେଟ୍

**ନୂଆଦିଲ୍ଲୀ:** ନିକଟରେ ଇ-ସିଗାରେଟ୍କୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବ୍ୟାନ୍ କରିଥିବାବେଳେ ଏହାର ବିକ୍ରି ଉପରେ ମଧ୍ୟ କଡ଼ା ଦଣ୍ଡ ରହିଛି। ଏହା ସତ୍ତ୍ୱେ ଦିଲ୍ଲୀରେ ଏକ ଘରୋଇ ବିଦ୍ୟାଳୟର କିଛି ଛାତ୍ରଙ୍କ ନିକଟରୁ ପ୍ରାୟ ୧୫୦ ଇ-ସିଗାରେଟ୍ ମିଳିଛି। ସ୍କୁଲ ପକ୍ଷରୁ ଏହି ଇ-ସିଗାରେଟ୍ଗୁଡ଼ିକୁ ଜବତ କରାଯିବା ସହ ଛାତ୍ରଙ୍କ ଅଭିଭାବକମାନଙ୍କୁ ସୂଚିତ କରାଯାଇଛି। ଉକ୍ତ ବିଦ୍ୟାଳୟର ଜଣେ ଛାତ୍ରଙ୍କ ମାଆଙ୍କ ଅନୁରୋଧ କ୍ରମେ ବିଦ୍ୟାଳୟ ପକ୍ଷରୁ ଚେକିଂ କରାଯାଇଥିଲା। ମାଆଙ୍କୁ ସନ୍ଦେହ ଥିଲା ଯେ ତାଙ୍କ ପୁଅ ଓ ତାଙ୍କ ବନ୍ଧୁମାନେ ଇ-ସିଗାରେଟ୍ର ବ୍ୟବହାର କରୁଛନ୍ତି। ଏନେଇ ମାଆ ସ୍କୁଲ ପ୍ରିନ୍ସିପାଲଙ୍କୁ ଜଣାଇଥିଲେ। ଅଭିଭାବକଙ୍କଠାରୁ ଏଭଳି ସୂଚନା ପାଇ ସ୍କୁଲର ୧୦ମ ରୁ ଯୁକ୍ତ ୨ ଶ୍ରେଣୀର ଛାତ୍ରମାନଙ୍କୁ ହଠାତ୍ ଚେକିଂ କରାଯାଇଥିଲା। ଏଭଳି ହଠାତ୍ ଚେକିଂ ପରେ ସେହି ଗୋଟିଏ ଦିନରେ ପ୍ରାୟ ୧୫୦ଟି ଇ-ସିଗାରେଟ୍ ଛାତ୍ରଙ୍କ ନିକଟରୁ ମିଳିଥିଲା। ଏହାକୁ ଦେଖି ପ୍ରିନ୍ସିପାଲ ଚକିତ ହୋଇଯାଇଥିଲେ। ସୂଚନା ଥାଉ କି, ଇ-ସିଗାରେଟ୍ ଏକ ପ୍ରକାର ଇଲେକ୍ଟ୍ରୋନିକ୍ ଇନ୍ହେଲର୍, ଯେଉଁଥିରେ ନିକୋଟିନ୍ ସହ ଅନ୍ୟ ରାସାୟନିକ ତରଳ ପଦାର୍ଥ ଭର୍ତ୍ତି କରାଯାଇଥାଏ। ଏହି ଇନ୍ହେଲର୍ ବ୍ୟାଟେରି ସାହାଯ୍ୟରେ ତରଳ ପଦାର୍ଥକୁ ଧୂଆଁରେ ପରିଣତ କରେ, ଯାହା ଫଳରେ ଧୂମ୍ରପାନ ଭଳି ଅନୁଭବ ହୋଇଥାଏ। ଅନ୍ୟପଟେ ଏହାକୁ କୌଣସି ପକେଟ୍ ବା ବ୍ୟାଗ୍ରେ ଲୁଚାଇ ରଖିବା ମଧ୍ୟ ଅତି ସହଜ। ୨୦୦୩ରେ ଏହାର ଆବିଷ୍କାର ହୋଇଥିଲା। ଏହା ବ୍ୟାଟେରି ଦ୍ୱାରା ପରିଚାଳିତ। ଇ-ସିଗାରେଟ୍ରେ ତରଳ ନିକୋଟିନ୍ ଭର୍ତ୍ତି ରହିଥାଏ। ଏହାକୁ ସେବନ କରୁଥିବା ବ୍ୟକ୍ତି ଏହାର ଅଭ୍ୟାସରେ ପଡ଼ିଯାଏ।





## ମ୍ୟୁଜିକ୍ ଭିଡିଓ 'ଫିଲହାଲ୍'ରେ ଅକ୍ଷୟ, ନୂପୁରଙ୍କ ଯୋଡ଼ି

## ବଲିଉଡ୍‌ମୁହାଁ କ୍ରିତି ସାନନ୍‌ଙ୍କ ଭଉଣୀ

**ମୁମ୍ବାଇ:**

ଗୋଟିଏ ପରେ ଗୋଟିଏ ବକ୍ସ ଅଫିସ୍‌ରେ ହିଟ୍ ଫିଲ୍ମ ଦେବା ପରେ ଏବେ ବଲିଉଡ୍ ଖିଲାଡୀ ଅକ୍ଷୟ କୁମାର ଏକ ମ୍ୟୁଜିକ୍ ଭିଡିଓରେ ନଜରକୁ ଆସିବେ। ଅକ୍ଷୟଙ୍କ ଏହି ପ୍ରଥମ ମ୍ୟୁଜିକ୍ ଭିଡିଓରେ ତାଙ୍କ ସହ ନଜର ଆସିବେ କ୍ରିତି ସାନନ୍‌ଙ୍କ ଭଉଣୀ ନୂପୁର ସାନନ୍। ନିକଟରେ ମୁମ୍ବାଇର ସେଣ୍ଟ ଜାଭିୟର୍ସ କଲେଜରେ ଏହାର ଶୁଟିଂ ଶେଷ ହୋଇଛି। ଅକ୍ଷୟ-ନୂପୁରଙ୍କ ଏହି ଅପକମିଂ ମ୍ୟୁଜିକ୍ ଭିଡିଓର ନାମ 'ଫିଲହାଲ୍' ହୋଇଥିବାବେଳେ ଏହାକୁ ଅରବିନ୍ଦର ଖୈରା ନିର୍ଦ୍ଦେଶନା ଦେଇଛନ୍ତି। ଅନ୍ୟପଟେ ଏହି ମ୍ୟୁଜିକ୍ ଭିଡିଓରେ ବି ପ୍ରାକ୍ ନିଜ କଣ୍ଠଦାନ କରିଛନ୍ତି।

ବି. ପ୍ରାକ୍ ଜଣେ ପଞ୍ଜାବୀ ଗାୟକ, ଯିଏ ଫିଲ୍ମ 'କେଶରୀ'ର ଲୋକପ୍ରିୟ 'ତେରି ମିଟ୍ଟି' ଗୀତଟି ଗାଇଥିଲେ। ଅନ୍ୟପଟେ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କ ଭଉଣୀ ନୂପୁର ମଧ୍ୟ ଜଣେ ଗାୟିକା। ସେ ଅନେକ ମ୍ୟୁଜିକ୍ ଭିଡିଓରେ କାମ କରିସାରିଛନ୍ତି। 'ଫିଲହାଲ୍'ରେ ପ୍ରଥମ ଥର ପାଇଁ ଅକ୍ଷୟ-ନୂପୁରଙ୍କୁ ଦେଖିବାକୁ ମିଳିବ। ତେବେ ସେ ଖୁବଶୀଘ୍ର ସାଜିଦ୍ ନାଦିଆଦ୍‌ୱାଲାଙ୍କ ଚଳଚ୍ଚିତ୍ରରୁ ବଲିଉଡ୍‌ରେ ପାଦ ରଖିବାକୁ ଯାଉଛନ୍ତି।

## ମୁକ୍ତ ହେବେ ଏଲିଅନ୍

ବିଶ୍ୱରେ ଏମିତି କିଛି ରହସ୍ୟମୟ ସ୍ଥାନ ରହିଛି, ଯାହା ସମ୍ପର୍କରେ ଲୋକେ ଆଜି ପର୍ଯ୍ୟନ୍ତ ଜାଣିନାହାନ୍ତି। ସେହିପରି ଏକ ରହସ୍ୟମୟ ସ୍ଥାନ ହେଉଛି 'ଏରିଆ ୫୧'। ନାଁ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ନା ? ଆମେରିକାର ନେଭେଡାସ୍ଥିତ 'ଏରିଆ ୫୧'କୁ ବିଶ୍ୱର ସବୁଠୁ ରହସ୍ୟମୟ ସ୍ଥାନ ଭାବେ ଗଣନା କରାଯାଏ। ବର୍ତ୍ତମାନ ଏହି ସ୍ଥାନ ଚର୍ଚ୍ଚିତ ହୋଇଛି। କାରଣ ଇମରସିଭ୍ ଏଣ୍ଟରଟେନ୍‌ମେଣ୍ଟ ନାମକ ଏକ କମ୍ପାନୀ ଏହି ଜାଗା ଉପରେ ମୋହର ମାରିବାକୁ ଘୋଷଣା କରିଛି। କମ୍ପାନୀର କହିବା ଅନୁସାରେ, ଏଠାରେ ଏଲିଏନ୍ ଦେଖିବାକୁ ମିଳିବ। ଖାଲି ଏତିକି ନୁହେଁ ଏହାର ଲାଇଭ୍ ଶୋ' ସୋସିଆଲ ମିଡିଆରେ ସିଧା ପ୍ରସାରଣ କରଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀର ଦାବି 'ଏରିଆ ୫୧'ରେ ଏଲିଅନଙ୍କୁ ବନ୍ଧନ କରି ରଖାଯାଇଛି। ଯାହାକୁ ସେ ମୁକ୍ତ କରିବ। ଏକ ରିପୋର୍ଟ ଅନୁଯାୟୀ, ଏଠାକୁ ଏଲିଅନ୍ ଦେଖିବାକୁ ଯିବା ପାଇଁ ଲୋକମାନେ ମଧ୍ୟ ଏକଜୁଟ୍ ହେଉଛନ୍ତି। ଏହି ସ୍ଥାନରେ ଆମେରିକାର ଏୟାର ଫୋର୍ସ ବେସ୍ ରହିଛି। କିନ୍ତୁ ପ୍ରକୃତରେ ଏହା ଭିତରେ କ'ଣ ହେଉଛି, ତାହା ସମ୍ପୂର୍ଣ୍ଣ ଗୁପ୍ତ। ଏଠାରେ ସିସିଟିଭି, ସଶସ୍ତ୍ର ଗାର୍ଡଙ୍କ ଦ୍ୱାରା କଡ଼ା ନଜର ରଖାଯାଇଛି।



ଏହି ସ୍ଥାନରେ ବିମାନ ଉଡ଼ାଣରେ ପ୍ରତିବନ୍ଧକ ମଧ୍ୟ ରହିଛି। 'ଏରିଆ ୫୧' କୁ ନେଇ କିଛି ଲୋକ ଦାବି କରନ୍ତି, ଏହାର ଆଖପାଖରେ ୟୁଏଫ୍‌ଓକୁ ଦେଖିଛନ୍ତି। ଏହାକୁ ଏଲିଅନ୍ ଅପହରଣ କରି ନେଇ ପୁଣି ପୃଥିବୀ ପୃଷ୍ଠରେ ଛାଡ଼ି ଦେଇଥାନ୍ତି। ତେଣୁ ପ୍ରକୃତ ସତ୍ୟ ଲୋକଲୋଚନକୁ ଆଣିବା ପାଇଁ ଉକ୍ତ କମ୍ପାନୀ ପ୍ରସ୍ତୁତ ହେଉଥିବା କହିଛି।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ସମାଜବାଦୀ ନେତାଙ୍କ ପରଲୋକ

ବରପାଲି, ୨୨।୯ (ଡି.ଏନ.ଏ)

ବରପାଲି ଅଞ୍ଚଳର ଜଣେ ସମାଜବାଦୀ ନେତା ଗୋପାଇପାଲିର ଦୁର୍ଯ୍ୟୋଧନ ଦାଶ(୯୨)ଙ୍କ ନିଜ ବାସଭବନରେ ଶନିବାର ପରଲୋକ ହୋଇଛି । ସେ ପୂର୍ବରୁ ପିଡବ୍ଲ୍ୟୁଡି ବିଭାଗରେ କାର୍ଯ୍ୟରତ ଥିବା ବେଳେ ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ ଚାକିରୀରୁ ଅବସର ନେଇଥିଲେ । ପରେ ବିଭିନ୍ନ ସେବା କାର୍ଯ୍ୟରେ ବ୍ରତୀ ଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

### ହରିହରାନନ୍ଦ କ୍ରିୟାଯୋଗ ଧ୍ୟାନକେନ୍ଦ୍ରର ବାର୍ଷିକ ଉତ୍ସବ

ସୋହେଲା,୨୨।୯(ଡି.ଏନ.ଏ)

ସୋହେଲା ବ୍ଲକ ତବଡା ପଞ୍ଚାୟତର ବନାବିରା ହରିହରାନନ୍ଦ କ୍ରିୟାଯୋଗ ଧ୍ୟାନକେନ୍ଦ୍ରର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ଛତିଶଗଡ ରାଜ୍ୟ ଦୁର୍ଗର ଯୋଗାଚାର୍ଯ୍ୟ ଯାଦବେନ୍ଦ୍ର ଠାକୁର ଓ ପାନ୍ନାଲାଲ ପାଣ୍ଡେ ଏବଂ ସମ୍ବଲପୁର ଯୋଗାଚାର୍ଯ୍ୟ ସୁଦାମ ଭୋଇ ଯୋଗ ଦେଇଥିଲେ। ଗୁରୁପୂଜନ ପରେ ଧ୍ୟାନ କରାଯାଇଥିଲା। ଯୋଗାଚାର୍ଯ୍ୟମାନେ ଧ୍ୟାନ ଉପରେ ଦିଗଦର୍ଶନ ଦେଇଥିଲେ । ଗୁରୁ ଆଳତି ପରେ ପ୍ରସାଦ ସେବନ କରାଯାଇଥିଲା। ଗିରିଶ ଦାଶ ଗୁରୁ ପୂଜନ କରିଥିଲେ । ସ୍ୱରାଜ ପଧାନ, ଚିତ୍ରସେନ ଦେବତା, ଭାନୁ ପଧାନ, କୁବେର ପଧାନ, ନରୋତ୍ତମ ପଧାନ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ଆଖପାଖ ଗ୍ରାମର କ୍ରିୟାବାନମାନେ ଯୋଗ ଦେଇଥିଲେ ।

■ ଶାରଦୀୟ ଦୁର୍ଗାପୂଜା ପାଇଁ ପୋଲିସ-ପୂଜା କମିଟି ବୈଠକ

# ସହଯୋଗ ଲୋଡ଼ିଲେ ଏସ୍‌ପି

ବରଗଡ଼ ଅଫିସ୍,୨୨।୯



ବୈଠକରେ ବରଗଡ଼ ଏସ୍‌ପି ବିଭିନ୍ନ ପରାମର୍ଶ ଦେଉଛନ୍ତି ।

■ ଅଧିକ ସ୍ୱେଚ୍ଛାସେବୀ ନିୟୋଜନକୁ ଗୁରୁତ୍ୱ
■ ଚାନ୍ଦା ମାଗିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ
■ ଡିଜେ ବଜାଇବା ଉପରେ ପୁଣି କଟକଣା

ବରଗଡ଼ ଜିଲାରେ ଶାରଦୀୟ ଦୁର୍ଗାପୂଜା ପାଳନକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି ପଦ୍ମିନୀ ସାହୁ ଅଧ୍ୟକ୍ଷତା କରି ଦୁର୍ଗାପୂଜାକୁ ନିରାପଦ, ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଏହାସହିତ ବୈଠକରେ ଉପସ୍ଥିତ ଜିଲାର ବିଭିନ୍ନ ପୂଜା କମିଟି ପ୍ରତିନିଧିଙ୍କୁ ସେ ବିଭିନ୍ନ ପରାମର୍ଶ ଦେଇଥିଲେ।

ପୂଜା ପାଳନ ସମୟରେ ମୁଖ୍ୟତଃ ପୂଜା କମିଟି ଗୁଡ଼ିକର ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଏସ୍‌ପି ସାହୁ ଗୁରୁତ୍ୱାରୋପ କରିଥିଲେ। ପ୍ରତି ପୂଜା କମିଟି ପର୍ଯ୍ୟାପ୍ତ ସଂଖ୍ୟକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରି ସମ୍ପୃକ୍ତ ସ୍ୱେଚ୍ଛାସେବୀଙ୍କ ସମ୍ପୂର୍ଣ୍ଣ ପରିଚୟର ତାଲିକା ଯଥାଶୀଘ୍ର ନିକଟସ୍ଥ ପୋଲିସ ଷ୍ଟେଶନରେ ଦାଖଲ କରିବାକୁ ଏସ୍‌ପି କହିଥିଲେ। ସେହି ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ପୋଲିସ ଶୃଙ୍ଖଳା ରକ୍ଷା ପାଇଁ ପରସ୍ପର ମଧ୍ୟରେ ସମନ୍ୱୟ ରଖିବେ। ଏହା ସହିତ ପୋଲିସ ପାଟ୍ରୋଲିଂ ମଧ୍ୟ ଜାରି ରହିବ ଏବଂ ଟ୍ରାଫିକ ନିୟନ୍ତ୍ରଣରେ ପୋଲିସ କର୍ମଚାରୀ ନିୟୋଜିତ ରହିବେ। ଯେଉଁଠାରେ ଚାନ୍ଦିମେଢ଼ ରହିଛି, ସେଠାରେ ସ୍ୱତନ୍ତ୍ର ପୋଲିସ କର୍ମଚାରୀ ନିୟୋଜିତ କରାଯାଇ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଏସ୍‌ପି କହିଥିଲେ ।

ସେହିପରି ପୂଜାବେଳେ ଡିଜେ ଉପରେ କଟକଣା ଜାରି କରାଯାଇଛି। ରାତ୍ରି ୧୦ଟା ପରେ କୌଣସି ଲାଉଡ୍ ସ୍ପିକର ବ୍ୟବହାର ନ କରିବା ଏବଂ ଭସାଣି ରାତି ୧୦ଟା ସୁଦ୍ଧା ସାରିବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। ପୂଜା ସମୟରେ ଯେଭଳି ଟ୍ରାଫିକ ସମସ୍ୟା କିମ୍ବା ଅଗ୍ନିକାଣ୍ଡ ଆଦି ଅଘଟଣ ନ ଘଟିବ, ସେଥିପ୍ରତି ସଜାଗ ଦୃଷ୍ଟି ରଖିବା ସହିତ ସତର୍କତା ଅବଲମ୍ବନ ଜରୁରୀ। ଏଥିପାଇଁ ପୂଜାସ୍ଥଳରେ ପାଣି, ବାଲି ଆଦି ରଖିବା ସହିତ ଅଗ୍ନି ନିର୍ବାପନ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। ଏହା ସହିତ ଆବଶ୍ୟକସ୍ଥଳେ ବେରିକେଡ୍, ସିସିଟିଭି, ଲୋକଙ୍କୁ ଜରୁରୀ ସୂଚନା ପାଇଁ ମାଇକ୍ ବ୍ୟବସ୍ଥା ଆଦି କରିବାକୁ ଏସ୍‌ପି ଗୁରୁତ୍ୱ ଦେଇଥିଲେ। ପୂଜା ପାଇଁ ଜୋର ଜବରଦସ୍ତ ଚାନ୍ଦା ଅସୁଲି ଅଭିଯୋଗ ମିଳିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ସୂଚାଇ ଦେଇଥିଲେ। ଏହାସହିତ ଲାଉଡ୍ ସ୍ପିକର, ଅଗ୍ନି ନିର୍ବାପନ, ତୋରଣ ଆଦି ପାଇଁ ସମ୍ପୃକ୍ତ ବିଭାଗ ଗୁଡ଼ିକରୁ ଆବଶ୍ୟକ ପ୍ରମାଣପତ୍ର ଆଣିବାକୁ ପଡିବ। ଅଗ୍ନି ନିର୍ବାପନ ପାଇଁ ଆବଶ୍ୟକ ପ୍ରମାଣପତ୍ର ବରଗଡ଼ରେ ହୋଇ ନ ପାରି ସେଥିପାଇଁ ସମ୍ବଲପୁର ଦୌଡ଼ିବାକୁ ପଡୁଥିବାରୁ ତାର ବ୍ୟବସ୍ଥା ବରଗଡ଼ରେ କରିବାକୁ ଉପସ୍ଥିତ ସଭ୍ୟମାନେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ପୂଜା କମିଟି ଗୁଡ଼ିକର ପ୍ରତିନିଧିଙ୍କ ମଧ୍ୟରୁ ବ୍ରହ୍ମାନନ୍ଦ ମହାକୁଡ଼, ପ୍ରଦ୍ୟୁମ୍ନ ତ୍ରିପାଠୀ, ମହେନ୍ଦ୍ର ଦାଶ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ଅନନ୍ତ ଶୟନ ପାଢ଼ୀ, ବେଣୁଧର ମହାପାତ୍ର ପ୍ରମୁଖ ବୈଠକରେ ନିଜର ମତ ରଖିଥିଲେ। ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁଙ୍କ ସମେତ ଜିଲାର ବିଭିନ୍ନ ଥାନା ଅଧିକାରୀ ଉପସ୍ଥିତ ଥିଲେ ।

## ଉପନିର୍ବାଚନ ପୂର୍ବରୁ ଖୋଲିଲା ସ୍ୱାସ୍ଥ୍ୟକେନ୍ଦ୍ର

ବିଜେପୁର,୨୨।୯(ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ଶନିବାର ତାରିଖ ଘୋଷଣା ହୋଇଛି। ଅକ୍ଟୋବର ମାସରେ ଏହି ଉପନିର୍ବାଚନ ହେବ । ତେବେ ଉପନିର୍ବାଚନ ତାରିଖ ଘୋଷଣା ହେବା ଦିନ ବିଜେପୁର ବ୍ଲକ ତାଲପଦରଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ଏବଂ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ସମୟରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଦିଲୀପ ଷଡ଼ଙ୍ଗୀ, ଜିଲା ପ୍ରୋଗ୍ରାମ ଅଫିସର ଶଙ୍କର ଆଚାର୍ଯ୍ୟ, ଏଡ଼ିଏମଓ ଡା. ଦିବ୍ୟକିଶୋର ପତି, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଶାନ୍ତନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଖରମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଶ୍ୱିନୀ କୁମାର ଭୋଇ ଯୋଗଦେଇ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ତଥା ଚିକିତ୍ସା ଆରମ୍ଭ କରିଥିଲେ । ବିପିଏମ ସୁବାସ ନନ୍ଦ, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରୁଦ୍ର ଡନସନା, ସେକ୍ଟର ଅଫିସର କୈଳାସ ସାହୁ ସହଯୋଗ କରିଥିଲେ । ପ୍ରଥମ ଦିବସରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୩ଜଣ ରୋଗୀ ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି ।

## ବିଶ୍ୱକର୍ମା ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨୨।୯

ବରଗଡ଼ ବ୍ଲକ ଅନ୍ତର୍ଗତ ଏସ୍. ଡୁମ୍ୱେରପାଲି ଗ୍ରାମରେ ବିଶ୍ୱକର୍ମା ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶିକ୍ଷକ ସନ୍ତୋଷ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ନାଗରିକ ସମାରୁ ସାହୁ ଅଧ୍ୟକ୍ଷତା କରିଥିଲେ। ଯୁବନେତା ଉମେଶ ପଣ୍ଡା, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସଞ୍ଚାର, ସାମାଜିକ ନାଟକ ପରିବେଷଣ ହୋଇଥିଲା । ମକରଧ୍ୱଜ ସାହୁ, ବୃନ୍ଦାବନ ସାହୁ, ଋଷି ସାହୁ, ଯଦୁମଣି ସାହୁ, ହୃଦାନନ୍ଦ ସାହୁ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜମିଦାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସଭାରେ ବରଗଡ଼ ବିଧାୟକ ବକ୍ତବ୍ୟ ରଖୁଛନ୍ତି ।

## ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଅଧ୍ୟକ୍ଷଙ୍କ ବୈଠକ



ବୈଠକରେ ଯୋଗଦେଇଥିବା ଅଧ୍ୟକ୍ଷା, ଅଧ୍ୟକ୍ଷବୃନ୍ଦ ।

ବରଗଡ଼ ଅଫିସ୍,୨୨।୯

ବରଗଡ଼ ସଂସ୍କାର ଆନ୍ତର୍ଜାତିକ ସ୍କୁଲରେ ଶନିବାର ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଅଧ୍ୟକ୍ଷମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ତଥା ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଚେୟାରମ୍ୟାନ ଶିଶିର ପ୍ରସାଦ ରାଉଳ ଏଥିରେ ଅଧ୍ୟକ୍ଷତା କରିଥିଲେ । ସହୋଦୟ ସ୍କୁଲ କମ୍ପ୍ଲେକ୍ସର ସମ୍ପାଦକ ତଥା ଘନଶ୍ୟାମ ହେମଲତା ଇଂରାଜୀ ମାଧ୍ୟମ ସ୍କୁଲ, ଝାରସୁଗୁଡ଼ାର ଅଧ୍ୟକ୍ଷା ସଂଯୁକ୍ତା ଦାଶ, ରୋଟାରୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଗଜେନ୍ଦ୍ର ମିଶ୍ର, ଭିଏସଏସ ଇଂଲିସ ମିଡ଼ିୟମ ସ୍କୁଲର ଅଧ୍ୟକ୍ଷା ଯସ୍ମିନ ଭାନୁ, ବଲାଙ୍ଗୀର ଆଇଡିଏମ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ବବିତା ମିଶ୍ର, ସମ୍ବଲପୁର ବିକାଶ କନସେପ୍ଟ ସ୍କୁଲର ଅଧ୍ୟକ୍ଷ ବିଜୟ ଚନ୍ଦ୍ର ପାଢ଼ୀ, ସିମେଣ୍ଟନଗରର ଇଂଲିସ ମିଡ଼ିୟମ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଅନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକର ମହମ୍ମଦ ଅସରଦ୍, ଜୟଦେବ ଭୋଇ, ଆନନ୍ଦ ଜାଲ, ଏସ୍. ମଧୁ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କାର ସ୍କୁଲର ଅଧ୍ୟକ୍ଷ କରନ ସାହୁ ସ୍ୱାଗତ କରିଥିଲେ । ବୈଠକରେ ସହୋଦୟ ସ୍କୁଲ କମ୍ପ୍ଲେକ୍ସ ପକ୍ଷରୁ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ଉପରେ ଆଲୋଚନା ହୋଇଥିଲା ।

ସ୍କୁଲ ଉପରେ ଝୁଲି ରହିଛେ ବିଦ୍ୟୁତ୍ ତାର

## ଭଏଭିତ ଅବସ୍‌ତାରେ ଛାତ୍ରୀଛାତ୍ର, ଅଭିଭାବକ

ବିଜେପୁର, ୨୨।୯ (ଡି.ଏନ୍.ଏ.)

ବରଗଡ଼ ଜିଲା ବିଜେପୁର ବ୍ଲକ ଖନ୍ଦା ଉଚ୍ଚ ପ୍ରାଥମିକ ସ୍କୁଲ ଉପ୍‌ରେ ବିପଦ୍ ଅବସ୍‌ତାରେ ବିଦ୍ୟୁତ୍ ତାର ଟନାଯାଇଛେ। ଯେନଟା କି ବହୁତ ତଲେ ରହିଛେ। ଏନ୍‌ତାଥି ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକମାନେ କେତେବେଲେ କେନ୍ ପରକାର ଅଘଟନ ଘଟବା ବଲି ଆଶଁକାରେ ରହୁଛନ୍। ସ୍କୁଲ କତୃରପକ୍ଷ ଇ ବାବ୍‌ଦେ ବିଦ୍ୟୁତ୍ ବିଭାଗକେ ଲେଖି କରି ଦେଇଥିଲେ ବି କେହି ଧିଆନ୍ ନାଇଁ ଦେଉଥିବାର ଅଭିଯୋଗ ହେଇଛେ।

ସୂଚନା ଅନ୍‌ସାରେ ୧୯୬୦ ସାଲେ ଥାପ୍‌ନା ହେଇଥିବାର ଖନ୍ଦା ସ୍କୁଲରେ ଏହେଦେ ୧ମରୁ ୮ମ ଶ୍ରେଣୀ ତକ୍ ୫୮ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ହେଲେ ସ୍କୁଲ ଉପର ଦେଇ ବିପଦ୍ ଅବସ୍‌ତାରେ ଯାଇଥିବାର ବିଦ୍ୟୁତ୍ ତାର ସମକର ଲାଗି ଗୁଟେ ମୁଡ଼ଦୁଖାର କାରନ୍ ହେଇଛେ। ବିଦ୍ୟୁତ୍ ତାରଟା ସ୍କୁଲ ଛାତ୍ ଉପରୁ କୁଲ ଦେଢ଼ନୁ ଦୁଇ ହାତ୍ ନ ଛାଡ଼ିକରି ରହିଛେ। ଧୁକାଗରେଲ ସ୍କୁଲ ଛୁଆକର ଭିତରେ ଭଏ ପଶିଯାଉଛେ। ଆଲମାଲ୍ କେତେବେଲେ କେହେନ୍‌ସି କରନ୍ଥି ତାର୍ ଛିଡ଼ିଗଲେ ଜୀବନ୍ ପଲେଇଯିବା ବଲି ସଭେ ଭଏଭିତ ଅସ୍‌ତାରେ ରହୁଛନ୍। ତାର୍‌କେ ସ୍କୁଲନୁ ଦୂରିଆ ଖସରେଇ ନେବାକେ ବିଦ୍ୟୁତ୍ ବିଭାଗକେ ହାଏର ଗୁହେର କଲେ ବି କେହି ନାଇଁ ଶୁନୁଥିବାର ଅଭିଯୋଗ ହେଉଛେ। ଜିଲାପାଳ ଇ ଦିଗେ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଅଭିଭାବକ୍‌ମାନେ ଦାବି କରିଛନ୍। ଇ ବାବ୍‌ଦେ ପ୍ରଧାନ ଶିକ୍ଷକ ପ୍ରକାଶ ମହାନନ୍ଦଙ୍କୁ ପଚ୍‌ରାଲାରୁ ମୁଇଁ ଦୁଇ ଦୁଇ ଥର ବିଦ୍ୟୁତ୍ ବିଭାଗର ସେକ୍‌ସନ ଅଫିସରଙ୍କୁଁ ଇ ବାବ୍‌ଦେ ଚିଠି ଦେଇଛେଁ। ବିଭାଗୀୟ କରମ୍‌ଚାରୀମାନେ ଆସି ଖାଲି ଡୁଂଗିକରି ପଲଉଛନ୍ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଇଏସଓ ବିଜୟ କୁମାର ତିୱାରୀଙ୍କୁଁ ପଚ୍‌ରାଲାରୁ ଖନ୍ଦା ସ୍କୁଲ ଉପୁରୁ ଲାଇନ୍ ତାର ଖସରା ଯାଉ ନାଇଁହେଲେ କେବୁଲ ଲଗାଯାଉ ବଲି ବିଭାଗୀୟ ଉଚ ଅଧିକାରୀଙ୍କୁଁ ଜନେଇଛେ ବଲି ସେ କହିଥିଲେ।



ଖନ୍ଦା ଉଚ୍ଚ ପ୍ରାଥମିକ ସ୍କୁଲ ଉପ୍‌ରେ ଯାଇଥିବାର ବିଦ୍ୟୁତ୍ ତାର ।

## ତବଡ଼ାରେ ରକ୍ତଦାନ ଶିବିର

ସୋହେଲା,୨୨।୯(ଡି.ଏନ.ଏ)

ସୋହେଲା ବ୍ଲକ ଅନ୍ତର୍ଗତ ସୀମାନ୍ତ ତବଡା ଫାଇଟ କ୍ଲବ କ୍ରିକେଟ ସଂଘ ତରଫରୁ ଦ୍ୱିତୀୟ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୫୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଗ୍ରାମର ୭ଜଣ ମହିଳାଙ୍କ ସମେତ ଫାଇଟ କ୍ଲବର ସମସ୍ତ ସଦସ୍ୟ ତଥା ଗ୍ରାମର ଯୁବକମାନେ ରକ୍ତଦାନ କରିଥିଲେ। ଏଥିରେ ଜୟକିଶାନ କୃଷକ ସଙ୍ଗଠନର ସମ୍ପାଦକ ରମେଶ ମହାପାତ୍ର ଯୋଗ ଦେଇଥିଲେ। ବରଗଡର ଲାବୋରେଟୋରୀ ଟେକ୍‌ନିସିଆନ ବିଜୟ କୁମାର ଖଟୋଇ ଓ ରେବତୀକାନ୍ତ ସାହୁ, ରାକେଶ କୁମାର ରାଣା ଓ ମହେନ୍ଦ୍ର ମେହେର ରକ୍ତ ସଂଗ୍ରହ କରିଥିଲେ ।



ଶିବିରରେ ଉପସ୍ଥିତ ରକ୍ତଦାତା ।

## ଜାମଟିକ୍ରାରେ କରମସାନୀ ପୂଜା

ଜାମଟିକ୍ରା, ୨୨।୯ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା ଗ୍ରାମରେ ରବିବାର ଦିନ ପାରମ୍ପାରିକକଖରିକ ରୀତିନୀତି ଅନୁସାରେ କରମସାନୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାସୁଦେବ କଠାର ପୂଜାକର୍ତ୍ତା ଦାୟୀତ୍ୱ ତୁଲାଇଥିଲେ । କରମାଡାଳକୁ କ୍ଷେତରୁ ବରଣ କରି ଆଣି ପୂଜା ମଣ୍ଡପରେ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ସାନନ୍ଦ ମିଶ୍ର କରମାର ଉତ୍ପତି ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ହରିପ୍ରସାଦ ଭୋଇ, ଖସୁଆ ବରିହା, ସୁବାଷ କଠାର ପ୍ରମୁଖ କଳାକାରମାନେ ରାତିସାରା କରମାନାଚ ଗୀତ

## ତଅପୋଇ ନାଟକ ପରିବେଷିତ

ପାଇକମାଲ,୨୨।୯(ଡି.ଏନ.ଏ)

ପାଇକମାଲ ବ୍ଲକ କାଂସଡା ପଞ୍ଚାୟତ ନୀଳାଥର ଗ୍ରାମରେ ଖୁଦୁରୁକୁଣୀ ପୂଜା ଉପଲକ୍ଷେ ତଅପୋଇ ନାଟକ ପରିବେଷିତ ହୋଇଛି। ଗ୍ରାମର ଗୌନ୍ତିଆ ଗଙ୍ଗାଧର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖୁଦୁରୁକୁଣି ଓଷାରେ ଗ୍ରାମର ୪୦ ଜଣ ବାଳିକା ଅଂଶଗ୍ରହଣ କରିଥିଲେ। ସୁଶାନ୍ତ ସାହୁଙ୍କ ସଂଯୋଜନା ଓ ପରିଚାଳନାରେ ଏହି ନାଟକରେ ସାଧବ ଝିଅ ଭାବେ ଜନ୍ମବତୀ ଧରୁଆ, ସଖି ରଶ୍ମିତା ବରିହା, ଲିପି ମାଝୀ, ଭରତୀ ଦଣ୍ଡସନା, ରଞ୍ଜିତା ଲୁହାଟ, ପୁଷ୍ପା ମାଝୀ, ସଞ୍ଜୁଲତା ଧରୁଆ, ରଜନୀ ସାହୁ, ଲକ୍ଷ୍ମୀ ମାଜୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ନୀଳାଥର ଗ୍ରାମର ଖୁଦୁରୁକୁଣୀ ପୂଜା କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ ।



ତଅପୋଇ ନାଟକର ଏକ ଦୃଶ୍ୟ ।

## ଦାନା ଦେଇଛି ଜିଉଁତିଆ ବୃତ୍ତି

ବରପାଲି, ୨୨।୯ (ଡି.ଏନ.ଏ)

ଜୀବନ ଜୀବିକା ନିର୍ବାହ କରିବା ପାଇଁ ସମସ୍ତେ ଆଦରି ନେଇଥାନ୍ତି ନିଜ ନିଜର କୌଳିକ ବୃତ୍ତି । ଆଉ ଏମାନଙ୍କ ମଧ୍ୟରେ ଅଛନ୍ତି ବରଗଡ ଜିଲା ବରପାଲି ବ୍ଲକର ବିଭିନ୍ନ ଗ୍ରାମରେ ବସବାସ କରୁଥିବା (କୁଲି) ମେହେର ସମ୍ପ୍ରଦାୟର ଲୋକେ। ଏମାନେ ଲୁଗା ବୁଣିବାଠାରୁ ଆରମ୍ଭ କରି ବରତାନ୍ନି ଓ ଜିଉଁତିଆ ଆଦି ତିଆରି କରି ପରିବାର ଚଳାଉଛନ୍ତି। ସମୟ ବଦଳି ଗଲାଣି । ତଥାପି ଆଧୁନିକତାର ପ୍ରଭାବରେ ଏହି ଜୀବିକା ତଥା ପରମ୍ପରା ଲୁପ୍ତ ହେବାକୁ ବସିଥିବା ବେଳେ ଅନେକେ ଆଜି ମଧ ଏହି କୌଳିକ ବୃତ୍ତିରୁ ମୁକୁଳି ପାରିନାହାନ୍ତି। ଅନେକ ପରିବାର ବାପ ଅଜା ଅମଳରୁ କରିଆସୁଥିବାରୁ ଏହାକୁ ନିଜ ବୃତ୍ତି ଭାବେ ଆଦରି ନେଇଛନ୍ତି । ବିଭିନ୍ନ ପର୍ବ ପର୍ବାଣୀ ଯଥା ପୁଅ ଜିଉଁତିଆ, ଭାଇ ଜିଉଁତିଆ, ଅନନ୍ତ ବ୍ରତ, ସାବିତ୍ରୀ ବ୍ରତ, ସୁଦଶା ବ୍ରତ ଓ ଲକ୍ଷ୍ମୀବ୍ରତ ଆଦି ପର୍ବର ଯଥେଷ୍ଟ ଆଗରୁ ଏହାକୁ ବିଭିନ୍ନ ପ୍ରକାର ସୂତାରେ ରଙ୍ଗ ବେରଙ୍ଗର ଜିଉଁତିଆ ଅତି ସୁନ୍ଦର ଭାବେ ତିଆରି କରି ହାଟ ବଜାରରେ ବୁଲି ବିକ୍ରି କରିଥାନ୍ତି । ଏହାର ମୂଲ୍ୟ ଗୋଟାକୁ ୧ ଟଙ୍କାରୁ ୫ ଟଙ୍କା ଯାଏ ରହିଥାଏ । ଏହି ବ୍ରତ ଜିଉଁତିଆ ମର୍ଯ୍ୟାଦାର ପ୍ରତୀକ । ଏସବୁ ବ୍ରତ ଓଷାଦିନରେ ମହିଳାମାନେ ହାତରେ ଧାରଣ କରିଥାନ୍ତି । ଆଜି ପୁଅ ଜିଉଁତିଆ ପର୍ବରେ ବରପାଲି ଅନ୍ତର୍ଗତ କୁସନପୁରୀ ଗ୍ରାମର ଫକୀର ମେହେର ଓ ତାଙ୍କ ବୃଦ୍ଧା ମା' ବରପାଲି ବଜାରରେ ପସରା ମେଲାଇ ରଙ୍ଗବେରଙ୍ଗର ଜିଉଁତିଆ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଏବେ ସୂତା ଦର ବଢ଼ିଯାଇଛି ଏବଂ ଏହାର ଚାହିଦା କମିଯାଇଥିବାରୁ ଆଗଭଳି ଆଉ ରୋଜଗାର ହେଉନାହିଁ। ତଥାପି ସାମୟିକ ଭାବେ ବିଭିନ୍ନ ପର୍ବ ପର୍ବାଣୀରେ ଏହି ହସ୍ତକଳା ମାସ ସାରା ଘରେ ସମସ୍ତେ ପରିବାର ସହ କରିଥାଉ ବୋଲି ଫକୀର କୁହନ୍ତି । ଏଥିରେ ଆମକୁ ହଜାର ହଜାର ଟଙ୍କା ମିଳୁଥିବା ବେଳେ ଅନ୍ୟ ଦିନ ମାନଙ୍କରେ ଘରେ ମଙ୍ଗାଶାଳରେ ଲୁଗାବୁଣା ଓ ରଙ୍ଗକାମ କରି ଦୁଃଖେ କଷ୍ଟରେ ଚଳିଥାଉ ବୋଲି ତାଙ୍କ ମା' କହିଥିଲେ ।



ବରପାଲି ବଜାରରେ ଜଣେ ବୃଦ୍ଧା ଓ ତାଙ୍କ ପୁଅ ରଙ୍ଗବେରଙ୍ଗର ଜିଉଁତିଆ ବିକ୍ରି କରୁଛନ୍ତି ।

# ଉପକାରୀ ଗୁଡ଼



- ଶୀତଦିନରେ ଗୁଡ ଖାଇଲେ ତାହା ଶରୀରକୁ ଉଷ୍ମ ରଖିଥାଏ।
- ଆପଣ ଥଣ୍ଡା, କାଶ, କଫଜନିତ ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ପ୍ରତିଦିନ ଅଳ୍ପ ଗୁଡ଼ ଖାଇଲେ ତାହା ଏଥିରୁ ଅନେକାଂଶରେ ଉପଶମ ଦେଇଥାଏ।
- ଶରୀରରେ ଆଇରନ୍ ପରିମାଣ କମ୍ ଥିଲେ ଖାଦ୍ୟତାଲିକାରେ ଗୁଡ଼କୁ ସାମିଲ କରନ୍ତୁ। କାରଣ ଏଥିରେ ଆଇରନ୍ ପରିମାଣ ଭରି ରହିଛି।
- ଆନେମିଆ ରୋଗୀଙ୍କ ପାଇଁ ଗୁଡ଼ ବେଶ୍ ସ୍ୱାସ୍ଥ୍ୟପ୍ରଦ।
- ଗୁଡ଼ରେ ଆଣ୍ଟି ଆଲର୍ଜି ତତ୍ତ୍ୱ ଭରି ରହିଛି। ତେଣୁ ଏହା ଆଜ୍‌ମା ରୋଗୀଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ମେଟାବଲିଜିମ୍ ସ୍ତରକୁ ସନ୍ତୁଳିତ ରଖିଥାଏ।
- ଏହା ଦ୍ୱାରା ପାଚନକ୍ରିୟା ଆହୁରି ସକ୍ରିୟ ରହିଥାଏ ଏବଂ ଭୋକଜନିତ ସମସ୍ୟା ଦୂର କରେ।
- ମାଇଗ୍ରେନ୍ ରୋଗୀଙ୍କ ପାଇଁ ଗୁଡ଼ ଉପକାରୀ।

# ନକାରାତ୍ମକ ଚିନ୍ତାଧାରା ପାଇଁ ଅବସାଦ ଦାୟୀ



ମନରେ ଅନେକ ସମୟରେ ନକାରାତ୍ମକ ଚିନ୍ତାଧାରା ଆସିଥାଏ। ଏଥିପାଇଁ ପାରିପାର୍ଶ୍ୱିକ ପରିବେଶ ଏବଂ ନିଜର ଦୁର୍ବଳ ମାନସିକତା ଅନେକାଂଶରେ ଦାୟୀ। ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହନ୍ତି ତେବେ ତାଙ୍କ ମାନସିକତା ଅନେକ ସମୟରେ ନକାରାତ୍ମକ ରହିଥାଏ ବୋଲି ସିଡନୀ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। ଏପରି ଏକ ବିଷୟବସ୍ତୁ ଉପରେ ସେମାନେ ନିକଟରେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବାର ଦେଖିବାକୁ ମିଳିଥିଲା। ସେମାନଙ୍କର ମାନସିକତାକୁ ତନ୍ନ ତନ୍ନ କରି ଅଧ୍ୟୟନ କରି ସେମାନେ ଜାଣିପାରିଥିଲେ ଯେ, ନକାରାତ୍ମକ ମାନସିକତା ପାଇଁ ସେମାନେ ଏପରି ପରିସ୍ଥିତିର ସାମନା କରୁଥିଲେ। ତେଣୁ ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରିବା ଦରକାର ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ଅଟିଜିମ୍



ଡା. ସତ୍ୟକାମ ମହାପାତ୍ର





"ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁ ଅନ୍ୟମାନଙ୍କ ସହ ସାମାଜିକ ସମ୍ପର୍କ ସ୍ଥାପନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଏକବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ନାଁ ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ। ନିଜ ଆଖପାଖ ଲୋକଙ୍କ ସହ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରିପାରନ୍ତି ନାହିଁ। ୧ରୁ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି।"

ଅଟିଜିମ୍ ହେଉଛି ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ ଯାହା ସାଧାରଣତଃ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ। ଏହି ରୋଗରେ ସାମାଜିକ ସମ୍ପର୍କ ସ୍ଥାପନ ଭାବର ଆଦାନପ୍ରଦାନ ଓ ଭାଷାର ପରିପ୍ରକାଶ ଆଦିରେ ଅସୁବିଧା ଦେଖାଯାଇଥାଏ। ଆମ ଦେଶରେ ପ୍ରାୟ ୫୦ଲକ୍ଷ ପିଲା ଏହି ରୋଗ ଦ୍ୱାରା ପ୍ରଭାବିତ। ଝିଅମାନଙ୍କ ଅପେକ୍ଷା ପୁଅମାନଙ୍କଠାରେ ଏହା ୫ ଗୁଣ ଅଧିକ ଦେଖାଯାଇ ଥାଏ। ଭାରତରେ ଅଟିଜିମ୍ ରୋଗର ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ସଚେତନତାର ଘୋର ଅଭାବ ରହିଛି। ଫଳରେ ଠିକ୍ ସମୟରେ ଏହି ରୋଗର ଲକ୍ଷଣକୁ ଚିହ୍ନି ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ପାରୁନାହିଁ।

**କାରଣ:** ଅଟିଜିମ୍ ରୋଗ ବିଭିନ୍ନ କାରଣରୁ ହୋଇପାରେ। ଜିନ୍‌ଗତ ପାରିପାର୍ଶ୍ୱିକ କାରଣଗୁଡ଼ିକ ଯୋଗୁ ଏହି ରୋଗ ଆରମ୍ଭ ହୋଇପାରେ। ପିଲା ଜନ୍ମ ପୂର୍ବରୁ ଓ ଜନ୍ମ ସମୟରେ ଘଟିଥିବା କେତେକ ସମସ୍ୟା ଏଥିପାଇଁ ଦାୟୀ ହୋଇପାରେ। ଗର୍ଭଧାରଣ ସମୟରେ ମାତାପିତାଙ୍କ ବୟସ ଅଧିକ ହୋଇଥିଲେ, ଗର୍ଭଧାରଣ ସମୟରେ ମାଆର ଶାରୀରିକ ଅସୁସ୍ଥତା, ନିର୍ଦ୍ଧାରିତ ସମୟ ପୂର୍ବରୁ ପିଲାର ଜନ୍ମ ସମୟରେ ଓଜନ କମ୍ ହେବା ଓ ଜନ୍ମ ପରେ ପିଲା ଡେରିରେ କାନ୍ଦିବା ଆଦି କାରଣ ଯୋଗୁ ଅଟିଜିମ୍ ରୋଗ ହୋଇପାରେ।

**ଲକ୍ଷଣ:** ଅଟିଜିମ୍ ରୋଗରେ ଶିଶୁ ଅନ୍ୟମାନଙ୍କ ସହ ସାମାଜିକ ସମ୍ପର୍କ ସ୍ଥାପନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଏକବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ନାଁ ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ। ନିଜ ଆଖପାଖ ଲୋକଙ୍କ ସହ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରିପାରନ୍ତି ନାହିଁ। ୧ରୁ ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି। ସେମାନେ ଅନ୍ୟମାନଙ୍କ ଆଖିରେ ଆଖି ମିଳାଇପାରନ୍ତି ନାହିଁ। ଅନ୍ୟର ମନର ଭାବନା ଓ ସ୍ନେହକୁ ଠିକ୍ ଭାବେ ବୁଝିପାରନ୍ତି ନାହିଁ। ନିଜର ପାରିପାର୍ଶ୍ୱିକ ଅବସ୍ଥା ପ୍ରତି କମ୍ ସମ୍ବେଦନଶୀଳ ରହିଥାନ୍ତି।

ଏହି ପିଲାମାନେ ନିଜ ମନର ଆବେଗକୁ ନିୟନ୍ତ୍ରଣ କରିପାରନ୍ତି ନାହିଁ, ଯାହା ଫଳରେ ସେମାନେ ବିନା କାରଣରେ ହସନ୍ତି, କାନ୍ଦନ୍ତି ଏବଂ ରାଗନ୍ତି। କେତେକ ପିଲା ନିଜକୁ କ୍ଷତି କଲା ଭଳି ବ୍ୟବହାର ଯଥା ନିଜକୁ କାମୁଡ଼ିବା, ମୁଣ୍ଡ ବାଡ଼େଇବା, ଚୁଟି ଟାଣିବା ଆଦି ବାରମ୍ବାର କରିଥାନ୍ତି।

ଏହି ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇଥାଏ। ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱାଭାବିକ ହୋଇପାରେ। କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦ ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ। ଉକ୍ତ ରୋଗରେ ପିଲାମାନେ କେତେକ ନିର୍ଦ୍ଦିଷ୍ଟ ବ୍ୟବହାରକୁ ବାରମ୍ବାର କରିଥାନ୍ତି। ଯେମିତିକି ଆଗକୁ ପଛକୁ ଦୋହଲିବା, ଆଖି ଆଗରେ ଆଙ୍ଗୁଠି ମୋଡ଼ିବା, ଗୋଲ ଗୋଲ ହୋଇ ଘୂରିବା, କେତେକ ନିର୍ଦ୍ଦିଷ୍ଟ ଶବ୍ଦକୁ ବାରମ୍ବାର କହିବା ଆଦି। ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ। ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳନା ସହ ଖେଳି ନ ଥାନ୍ତି। ଘରକରଣା ଜିନିଷ ଯଥା ସାବୁନ, ଦଉଡ଼ି ଓ ମଗ ଆଦି ସହିତ ଖେଳିବାକୁ ବେଶି ପସନ୍ଦ କରିଥାନ୍ତି। ଅନ୍ୟ ପିଲାମାନଙ୍କ ସହ ନ ଖେଳି ସବୁବେଳେ ଏକୁଟିଆ ଖେଳିଥାନ୍ତି।

## ଚିକିତ୍ସା

ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ । ଏଥି ନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନ୍‌ସୋରି ଇଣ୍ଟିଗ୍ରେସନ ଥେରାପି ଓ ସ୍ପିଚ୍ ଥେରାପି) ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ। ଅଭିଭାବକମାନେ ଡାକ୍ତରଙ୍କଠାରୁ ସମସ୍ତ ବ୍ୟବହାରିକ ଚିକିତ୍ସା ପଦ୍ଧତିଗୁଡ଼ିକୁ ଜାଣିରଖିବା ଉଚିତ। ପିଲା ସହ ଏହି ଚିକିତ୍ସା ପଦ୍ଧତି ଅନୁସାରେ ବ୍ୟବହାର କଲେ ତା'ର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ। ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ। ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇଥାଏ। ଅଟିଜିମ୍ ସହ ଦେଖା ଯାଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ମଧ୍ୟ ଉପଯୁକ୍ତ ଚିକିତ୍ସା ଜରୁରୀ । ଅଭିଭାବକମାନେ ଧୈର୍ଯ୍ୟର ସହିତ ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଉନ୍ନତି ଦେଖାଯାଇଥାଏ।

ଏହି ପିଲାମାନେ କୌଣସି ଉଚ୍ଚ ଶବ୍ଦ କିମ୍ବା ଅତି ଉଜ୍ଜ୍ୱଳ ଆଲୋକ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି ଏବଂ ଏସବୁ ପ୍ରତି ଅସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ କରନ୍ତି।

ପ୍ରାରମ୍ଭିକ ଅବସ୍ଥାରେ ଶିଶୁମାନଙ୍କ ଠାରେ ନିମ୍ନଲିଖିତ କୌଣସି ଲକ୍ଷଣ ଦେଖାଗଲେ ଅଟିଜମ୍‌ର ସନ୍ଦେହ ସୃଷ୍ଟି ହୋଇଥାଏ।

୧)୧୨ ମାସ ବୟସ ସୁଦ୍ଧା ପିଲା କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରି ନ ପାରିବା।

୨) ୧୨ମାସ ବୟସ ସୁଦ୍ଧା ଆଙ୍ଗୁଠି ଦେଖାଇ ନ ପାରିବା କିମ୍ବା କୌଣସି ଅଙ୍ଗଭଙ୍ଗୀ ଦେଖାଇ ନ ପାରିବା।

୩) ୧୬ ମାସ ବୟସ ସୁଦ୍ଧା ଗୋଟିକିଆ ଶବ୍ଦ କହି ନ ପାରିବା।

୪) ୨୪ ମାସ ବୟସ ସୁଦ୍ଧା ଦୁଇ ଶବ୍ଦ ବିଶିଷ୍ଟ ବାକ୍ୟ କହି ନ ପାରିବା।

ଅଟିଜିମ୍‌ରେ ଆକ୍ରାନ୍ତ ପିଲାମାନଙ୍କଠାରେ ନାନା ପ୍ରକାର ଶାରୀରିକ ସମସ୍ୟା ଯଥା ଅପସ୍ମାର ବାତ ବିଭିନ୍ନ ପେଟଜନିତ ସମସ୍ୟା ଏବଂ କେତେକ ନିର୍ଦ୍ଦିଷ୍ଟ ଜିନ୍‌ଗତ ରୋଗ ଆଦି ଦେଖାଯାଇଥାଏ।

ଏଥିସହ ଅନ୍ୟ କେତେକ ମାନସିକ ସମସ୍ୟା ଯଥା: ଚଞ୍ଚଳାମି ରୋଗ (ଏଡିଏଚ୍‌ଡି) ମାନସିକ ଉଦ୍‌ବେଗ ରୋଗ, ଅବସାଦ ରୋଗ ଓ ନିଦ୍ରାହୀନତା ଆଦି ମଧ୍ୟ ଦେଖାଯାଇ ଥାଏ। ଏହି ରୋଗରେ ଅନେକ ପିଲାଙ୍କର ବୃଦ୍ଧିର ଠିକ୍ ବିକାଶ ହୋଇ ନ ଥାଏ।

*-ମାନସିକ ରୋଗ ବିଶେଷଜ୍ଞ, କଟକ*
*ମୋ : ୮୮୯୫୨୯୩୯୯୭*

# ସମସ୍ୟା ସୃଷ୍ଟି କରିପାରେ ପ୍ରାକୃତିକ ଭେଷଜ

"ପ୍ରତ୍ୟେକ ଔଷଧରେ ବିଭିନ୍ନ ଘଟକର କମ୍ ବେଶି ମାତ୍ରା ତା'ର କାର୍ଯ୍ୟକ୍ଷମତା ଉପରେ ନିର୍ଭରକରେ। ଜ୍ଞାନ ଅଭାବରୁ ଠିକ୍ ପ୍ରୟୋଗ ନ କଲେ ଶରୀର ଓ ମୁଖ ଶୁଷ୍କତା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ଝାଳ ବୋହିବା, ଆକାପାକା ଲାଗିବା ଦେଖାଯାଏ। ଏସବୁ ସମସ୍ୟାର ସମାଧାନ ଔଷଧ ଦ୍ୱାରା କରାଯାଇପାରେ।"



ଡା. ଆଶିଷ ବାନାର୍ଜୀ

ଶରୀର ବ୍ୟାଧିର ଗନ୍ତାଘର। ଏଥିରୁ ମୁକୁଳିବା ସହ ସୁସ୍ଥ ଜୀବନଯାପନ କରିବା ପାଇଁ ପ୍ରକୃତି ହାତପାଆନ୍ତାରେ ଔଷଧୀୟ ବୃକ୍ଷ, ଗୁଳ୍ମଲତା, ଧାତବ ଜିନିଷ ଯଥା: ଲୌହ, ଅଭ୍ର, ତାମ୍ର, କାଂସ୍ୟ, ସ୍ୱର୍ଣ୍ଣ, ରୌପ୍ୟ ଆଦିରୁ ପ୍ରସ୍ତୁତ ଭସ୍ମ, ସୁଧାବର୍ଗୀୟ ଦ୍ରବ୍ୟ-ଶଙ୍ଖ, କପର୍ଦ୍ଦକ, ମୁକ୍ତା, ପ୍ରବାଳ, ପ୍ରାଣୀଜଦ୍ରବ୍ୟ-କସ୍ତୁରୀ, ଗୋରଚନା, ରତ୍ନ, ଉପରତ୍ନ ଇତ୍ୟାଦି ପୃଥିବୀ ମାତା ଧରାବକ୍ଷରେ ଅମୃତକୁମ୍ଭରେ ଝଡ଼ିପଡ଼ିଲା। ଔଷଧୀୟ ବୃକ୍ଷ ଓ ଏହାର ପତ୍ରଗୁଡ଼ିକ ମଧ୍ୟରୁ କେତେକ ପ୍ରାୟତଃ ଏକାପରି ଦେଖିବାକୁ ହେଲେ ମଧ୍ୟ ସାମାନ୍ୟ ଫରକ ଥାଏ, ସେଥିମଧ୍ୟରୁ ଠିକ୍ ଚିହ୍ନଟ ଅଭିଜ୍ଞ ଡାକ୍ତରଙ୍କ ପାଇଁ ସମ୍ଭବ। କୁଚିଲା, ଭାଲିଆ, ଦୁଦୁରାବୀଜ, ବିଦାରିକନ୍ଦ, ଜୟପାଳ ଆଦି ଔଷଧୀୟ ଗୁଣ ଥିଲେ ମଧ୍ୟ ଶୋଧନ ବିନା ବ୍ୟବହାର କଲେ ଅନେକ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ।

ଧାତୁ, ଉପଧାତୁ, ରତ୍ନ, ଉପରତ୍ନ ଇତ୍ୟାଦିର ଶୋଧନ, ଭସ୍ମ ଓ ମର୍ଦ୍ଦନ ଉତ୍ତମରୂପେ ହେଲେ ଯାଇ ଏହା ଶରୀର ଅନ୍ତରେ ଅବଶୋଷିତ ହୋଇ ଉତ୍ତମ କାର୍ଯ୍ୟ କରିଥାଏ।

ପ୍ରତ୍ୟେକ ଔଷଧରେ ବିଭିନ୍ନ ଘଟକର କମ୍ ବେଶି ମାତ୍ରା ତା'ର କାର୍ଯ୍ୟକ୍ଷମତା ଉପରେ ନିର୍ଭରକରେ। ଜ୍ଞାନ ଅଭାବରୁ ଠିକ୍ ପ୍ରୟୋଗ ନ କଲେ ଶରୀର ଓ ମୁଖ ଶୁଷ୍କତା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ଝାଳ ବୋହିବା, ଆକାପାକା ଲାଗିବା ଦେଖାଯାଏ। ଏସବୁ ସମସ୍ୟାର ସମାଧାନ ଔଷଧ ଦ୍ୱାରା କରାଯାଇପାରେ। ପ୍ରତ୍ୟେକ ଔଷଧ ସହ ଆବଶ୍ୟକ କ୍ଷେତ୍ରରେ ଅନୁପାନ ବିଭିନ୍ନ ବୃକ୍ଷର ପତ୍ରର ସ୍ୱରସ, ମୂଳ, ଫଳ ଓ ଛାଲିର କ୍ୱାଥ ସହ ଶାସ୍ତ୍ର ସମ୍ମତ ମାତ୍ରାରେ ଦିଆଯାଇଥାଏ। ମାତ୍ର ମାତ୍ରାଧିକ ସେବନଜନିତ ପେଟଗରମ, ପତଳାଝାଡ଼ା, ପେଟ ଫାମ୍ପିବା ଓ ପରିସ୍ରା ସମସ୍ୟା ଇତ୍ୟାଦି ଦେଖାଯାଇପାରେ। କୃମି, ବାନ୍ତି, ଯକୃତ ଜନିତ ଔଷଧ ଖାଇବା ପୂର୍ବରୁ ଖାଇବାକୁ ଦିଆଯାଏ, ଏତଦ୍‌ଭିନ୍ନ ଅନ୍ୟାନ୍ୟ ଔଷଧ ଖାଇବା ପରେ ଦିଆଯାଏ। ମହୁ, ଘୃତ ସମମାତ୍ରାରେ, ମାଛ ଓ କ୍ଷୀର ଏକ ସଙ୍ଗରେ ସେବନ ଅନୁଚିତ। ଔଷଧୀୟ ବୃକ୍ଷ ପଞ୍ଚାଙ୍ଗ ଶାସ୍ତ୍ରୀୟ ଅନୁଯାୟୀ ଋତୁରେ ସଂଗ୍ରହ କଲେ ଉତ୍ତମ ଫଳ ପ୍ରାପ୍ତି ହୁଏ। ଚୂର୍ଣ୍ଣ ଔଷଧ ଛଅମାସ, ମୋଦକ ଏକବର୍ଷ ଓ ଆସବାରିଷ୍ଟ ଯେତେ ପୁରାତନ ହେବ ସେବନ କଲେ ଉତ୍ତମ ଫଳ ମିଳେ। ହଳଦୀ, ମେଥି, ସଦାବିହାରୀ, ନିମ୍ବ, ତୁଳସୀ, ବେଲପତ୍ର ଓ ଗୁଡ଼ମାରୀ ଠିକ୍ ମାତ୍ରାରେ ସେବନକଲେ ଶରୀରପକ୍ଷେ ହିତକର। କାଜୁ, ବାଦାମ, ପେସ୍ତା ଓ ପ୍ରୋଟିନ୍ ଜାତୀୟ ଖାଦ୍ୟ ସ୍ୱଳ୍ପ ମାତ୍ରାରେ ଖାଇବା ଉଚିତ। ରୋଗର ଆରୋଗ୍ୟ ପାଇଁ ପଥ୍ୟାପଥ୍ୟ ନିୟମ ଉପରେ ଗୁରୁତ୍ୱ ଦେବା ଉଚିତ। ଏହିପରି ବୟସ, କାଳ, ମାତ୍ରା ଅନୁଯାୟୀ ଠିକ୍ ଔଷଧ ଚୟନ ଓ ପ୍ରୟୋଗ କେବଳ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ହିଁ ସମ୍ଭବ।



ଧାରଣକରି ଜରାବ୍ୟାଧିରୁ ମୁକ୍ତିର ମାର୍ଗ ଦର୍ଶାଇଛନ୍ତି। ବର୍ତ୍ତମାନ ଗାଁ ଗହଳିରେ ଅନଭିଜ୍ଞ ଚିକିତ୍ସକ, ଆଧ୍ୟାତ୍ମିକ ବାବା ଏପରି କି ବିନା ଡିଗ୍ରୀଧାରୀ ବ୍ୟକ୍ତି ଅର୍ଥ ଉପାର୍ଜନ ଲାଳସାରେ ଏହାର ପାର୍ଶ୍ୱପ୍ରତିକ୍ରିୟା ନ ଥାଏ ବୋଲି ଭୁଲ୍ ପ୍ରୟୋଗ କରୁଛନ୍ତି। ଯାହାର କ୍ରିୟା ଅଛି ତା'ର ପ୍ରତିକ୍ରିୟା ଥାଏ, ମାତ୍ର ଏହା ଜୀବନ ପ୍ରତି ବିପଦ ନ ଥିଲେ ମଧ୍ୟ ଶରୀରରେ ଅନ୍ୟ ସମସ୍ୟା ସୃଷ୍ଟି କରିପାରେ। ଯେପରି ଜଣେ ମହିଳାଙ୍କ ଦାନ୍ତ ପୋକ ଲାଗୁଥିଲା, ସେ ଜଣେ ଗାଉଁଲି କ୍ୱାକ୍‌ଙ୍କୁ କହିବାରୁ ସେ ଏକ ଚେର ଦେଇ କହିଲେ, ଏହାକୁ ରାତିରେ ଶୋଇବା ସମୟରେ ଦାନ୍ତମୂଳରେ ରଖି ଶୋଇଲେ ସକାଳେ ପୋକସବୁ ମରି ବାହାରିଯିବେ। ଦାନ୍ତରେ ପୋକ ଲାଗେ ନାହିଁ, ଦାନ୍ତମୂଳରେ ଖାଦ୍ୟକଣିକା ଜମିରହି ଆସ୍ତେ ଆସ୍ତେ ସେହି ସ୍ଥାନ ଆବରଣକୁ ନଷ୍ଟକରି ଗାତ ସୃଷ୍ଟିକରେ। ମହିଳା ଜଣକ ସକାଳୁ ଉଠି ଦେଖିଲାବେଳକୁ ପୋକ ନାହିଁ, ମାତ୍ର ଦାନ୍ତମୂଳ ସବୁ ଦୁର୍ବଳ ହୋଇ ସେସବୁ କିଛିଦିନ ପରେ ଆସ୍ତେ ଆସ୍ତେ

*-ଆନନ୍ଦବଜାର, ବେତନଟୀ, ମୟୂରଭଞ୍ଜ*
*ମୋ: ୯୮୬୧୩୭୪୩୮୫*

## ସ୍ୱାସ୍ଥ୍ୟ ସୂଚନା



- ସାମାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଲେ କେତେକ ଡାକ୍ତରଙ୍କ ପରାମର୍ଶ ନ କରି ଔଷଧ ଖାଇଥାଆନ୍ତି। ଏପରି ସମୟରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। କାରଣ କେଉଁ ରୋଗର ପ୍ରାରମ୍ଭିକ ସ୍ତରରେ କି ଔଷଧ ଖାଇବା ଦରକାର ତାହା ସେମାନେ ପରାମର୍ଶ ଦେଇଥାଆନ୍ତି।
- ପେଟଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ଅତ୍ୟଧିକ ମସଲା ଏବଂ ତେଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଦ୍ୟ ଖାଉଥିବା ସମୟରେ କେତେକ ତା' ଭିତରେ ପାଣି ପିଇଥାଆନ୍ତି। ଏପରି ଅଭ୍ୟାସଠାରୁ ଦୂରେଇ ରହନ୍ତୁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।
- ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ।
- କୌଣସି ଗୁରୁତର ରୋଗରେ ପୀଡିତ ଥିଲେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ନିଜର ସ୍ୱାସ୍ଥ୍ୟଜନିତ ସମସ୍ୟା ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରୁଥିଲେ ସେ ବିଷୟରେ କୌଣସି କଥା ଲୁଚାନ୍ତୁ ନାହିଁ। କାରଣ ରୋଗ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପରେ ହିଁ ସେ ସେହି ଅନୁସାରେ ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି।

# ଦାନ୍ତ ପାଇଁ କ୍ଷତିକାରକ ସୁଗାର ଫ୍ରି ଖାଦ୍ୟ



ସାଧାରଣତଃ ଡାଇବେଟିସ୍ ରୋଗୀ ନିଜର ଖାଦ୍ୟପେୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିଥାଆନ୍ତି। ବିଶେଷଭାବରେ ଡାକ୍ତର ସେମାନଙ୍କୁ ସୁଗାର ଫ୍ରି ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥାଆନ୍ତି, ଯାହାଦ୍ୱାରା ରକ୍ତରେ ଶର୍କରା ମାତ୍ରା ନିୟନ୍ତ୍ରଣରେ ରହିଥାଏ। କିନ୍ତୁ ଏହି ଖାଦ୍ୟ ଅତ୍ୟଧିକ ପରିମାଣରେ ଖାଇଲେ ତାହା ଦାନ୍ତକୁ ପ୍ରଭାବିତ କରିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ଡାଇବେଟିସ୍ ବିଶେଷଜ୍ଞମାନେ ମତ ଦେଇଛନ୍ତି। ନିୟମିତ ସୁଗାର ଫ୍ରି ଖାଦ୍ୟ ଖାଉଥିବା କେତେଜଣ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରି ସେମାନେ ଏକଥା ଜାଣିପାରିଥିଲେ। ତର୍ଜମା ସମୟରେ ସେମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ବ୍ୟକ୍ତିଙ୍କ ଦାନ୍ତ ଏହାଦ୍ୱାରା ପ୍ରଭାବିତ ହୋଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସୁଗାର ଫ୍ରି ଖାଦ୍ୟ ନୁହେଁ, ସୁଗାର ଫ୍ରି ମୃଦୁପାନୀୟ ଦାନ୍ତ କ୍ଷୟର କାରଣ ସାଜିଥାଏ। କାରଣ ଏଗୁଡିକରେ ମିଶାଯାଉଥିବା ରାସାୟନିକ ତତ୍ତ୍ୱ ଦାନ୍ତର ଉପରଭାଗକୁ ଧୀରେ ଧୀରେ ନଷ୍ଟ କରିବା ଆରମ୍ଭ କରିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# ଅଙ୍ଗୁର ଓ ଲୋ ବ୍ଲଡ୍ ପ୍ରେସର



ବ୍ଲଡ୍ ପ୍ରେସର ବା ରକ୍ତଚାପ ଆଜିକାଲ ଏକ ସାଧାରଣ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଲଟିଗଲାଣି। ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ- ଉଚ୍ଚ ରକ୍ତଚାପ (ହାଇ ବ୍ଲଡ୍‌ପ୍ରେସର) ଏବଂ ନିମ୍ନ ରକ୍ତଚାପ (ଲୋ ବ୍ଲଡ୍‌ପ୍ରେସର)। ଜଣେ ଲୋ ବ୍ଲଡ୍ ପ୍ରେସର ରୋଗୀ ନିଜର ଖାଦ୍ୟପେୟ ପ୍ରତି ସଚେତନ ହେବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବା ଦରକାର। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଏପରି ସମସ୍ୟା ସହ ଜଡ଼ିତ ବ୍ୟକ୍ତି ଯଦି ପ୍ରତିଦିନ କିଛି ଅଙ୍ଗୁର ଖାଆନ୍ତି ତେବେ ଲୋ ବ୍ଲଡ୍‌ପ୍ରେସର ନିୟନ୍ତ୍ରଣରେ ରହିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଭେଷଜ ବିଶେଷଜ୍ଞମାନେ 'ଲୋ ବ୍ଲଡ୍‌ପ୍ରେସର ଏବଂ ଅଙ୍ଗୁର' ବିଷୟବସ୍ତୁକୁ ନେଇ ଏକ ଗବେଷଣା କରି ଏପରି କଥା ଜାଣିପାରିଛନ୍ତି। ଏହା ସହ ସେହି ବ୍ୟକ୍ତି ପ୍ରଚୁର ପାଣି ପିଇବା ଆବଶ୍ୟକ। ଅଳ୍ପ ଲୁଣ ଖାଇଲେ କିଛି କ୍ଷତି ନାହିଁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି। ଖାଦ୍ୟ ତାଲିକାରେ ଆଇରନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ତଟକା ପନିପରିବାରେ ପ୍ରଚୁର ଆଇରନ୍ ଭରି ରହିଛି। ଓଟ୍‌ସରେ ଥିବା ଫାଇବର ତତ୍ତ୍ୱ ଲୋ ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ଏମାନେ ଦୈନନ୍ଦିନ ଖାଦ୍ୟ ତାଲିକାରେ ରସୁଣକୁ ସାମିଲ କରିପାରନ୍ତି।



ମାନ୍ଦାବସ୍ଥା କାରଣରୁ ଗୋଦ୍‌ରେଜ କନ୍‌ଷ୍ଟ୍ରକ୍‌ଶନ ସହରାଞ୍ଚଳ ଢାଞ୍ଚା ନିର୍ମାଣକୁ ଅଧିକ ଗୁରୁତ୍ୱ ଦେଉଛି। କାରଣ ସରକାର ସହରାଞ୍ଚଳର ବିକାଶ ଉପରେ ଅଧିକ ଜୋର୍ ଦେଉଛନ୍ତି।
**– ଅନୁପ ମାଥ୍ୟୁ, ବରିଷ୍ଠ ଉପସଭାପତି ଗୋଦ୍‌ରେଜ କନ୍‌ଷ୍ଟ୍ରକ୍‌ଶନ**



ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ସୁଧୁରିବାର ସଙ୍କେତ ମିଳୁ ନ ଥିବା କାରଣରୁ ହିରୋ ମୋଟୋକର୍ପ ଆର୍ଥିକ ବର୍ଷ ୨୦୨୦ ଲାଗି ପୁଞ୍ଜିନିବେଶକୁ ୧୫୦୦ କୋଟି ତଳେ ରଖିବ।
**– ନିରଞ୍ଜନ ଗୁପ୍ତା, ହିରୋ ମୋଟୋକର୍ପ ସିଏଫ୍‌ଓ**

## ସଂକ୍ଷେପରେ

### ସୌଦିରେ ଡ୍ରୋନ ଆକ୍ରମଣ ପରେ
## ପେଟ୍ରୋଲ ୧.୫୯, ଡିଜେଲ ୧.୩୧ଟଙ୍କା ବଢ଼ିଛି

**ନୂଆଦିଲ୍ଲୀ,୨୨-୯:** ସୌଦି ଆରବର ଆରାମ୍‌କୋ ତୈଳ ଭଣ୍ଡାରରେ ଡ୍ରୋନ ଆକ୍ରମଣ ପରେ ବିଗତ ୬ ଦିନ ମଧ୍ୟରେ ଦେଶରେ ପେଟ୍ରୋଲ ଲିଟର ପିଛା ୧.୫୯ ଟଙ୍କା ଓ ଡିଜେଲ ଲିଟର ପିଛା ୧.୩୧ ଟଙ୍କା ବୃଦ୍ଧି ପାଇଛି। ୨୦୧୭ରେ ଦେଶରେ ଦୈନିକ ତେଲ ଦର ସମୀକ୍ଷା ଆରମ୍ଭ ପରଠାରୁ ଏହି ବୃଦ୍ଧି ସବୁଠାରୁ ଅଧିକ କୁହାଯାଉଛି। ରବିବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୨୭ ପଇସା ବୃଦ୍ଧି କରାଯିବା ଯୋଗୁ ଲୋକେ ୭୩.୬୨ ଟଙ୍କାରେ କିଣିବାକୁ ବାଧ ହେଉଛନ୍ତି। ସେହିପରି ଡିଜେଲ ଦର ଲିଟର ପିଛା ୧୮ ପଇସା ବୃଦ୍ଧି ପାଇ ୬୬.୭୪ ଟଙ୍କା ହୋଇଛି। ସୌଦି ଆରାମ୍‌କୋର ତୈଳ ଭଣ୍ଡାରରେ ଡ୍ରୋନ ଆକ୍ରମଣ ପରେ କ୍ରମାଗତ ୬ ଦିନ ହେବ ତେଲ ଦର ବଢ଼ିଛି। ଡ୍ରୋନ ଆକ୍ରମଣର ଦିନକ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ୨୦ ପ୍ରତିଶତ ବୃଦ୍ଧି ପାଇଥିଲା। ତେବେ ଅଳ୍ପ କେଇଦିନ ଭିତରେ ତୈଳ ଯୋଗାଣ ସ୍ୱାଭାବିକ ହୋଇଯିବ ବୋଲି ସୌଦି ଆରବ ପ୍ରତିଶ୍ରୁତି ଦେବା ପରେ ଏବେ ଅଶୋଧିତ ତେଲ ଦର ହ୍ରାସ ପାଇଛି। ତେବେ ପୂର୍ବାପେକ୍ଷା ସେଭଳି ହ୍ରାସ ପାଇନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୌଦି ସରକାର ଭାରତକୁ ତେଲ ଯୋଗାଣ ଜାରି ରଖିବ ବୋଲି କହିଥିବା ଇଣ୍ଡିଆନ ଅଏଲ କର୍ପୋରେଶନ ଅଧ୍ୟକ୍ଷ ସଞ୍ଜୀବ ସିଂ କହିଛନ୍ତି। ତେବେ ଭାରତର ଅବଶିଷ୍ଟ ଚାହିଦା କାତାରରୁ ପୂରଣ କରାଯିବ। ଇତିମଧ୍ୟରେ ସୌଦି ଆରବ ସମ୍ପୂର୍ଣ୍ଣ ଏଲ୍‌ପିଜି ଯୋଗାଣ ଜାରି ରଖିପାରିବ ନାହିଁ ବୋଲି କହିବା ପରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ଅକ୍ଟୋବରରେ ଆମଦାନୀ ଜାରି ରଖିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାପୀ ଟେଣ୍ଡର ଜାରି କରିଛି। ସୂଚନାଥାଉ କି, ଭାରତ ପ୍ରତି ମାସରେ ପ୍ରାୟ ୨ ଲକ୍ଷ ଟନ ଏଲ୍‌ପିଜି ସୌଦି ଆରବରୁ ଆମଦାନୀ କରିଥାଏ।

### କର୍ପୋରେଟ ଟିକସ ହ୍ରାସ
## ଶୀର୍ଷ ୧୦୦୦ କମ୍ପାନୀଙ୍କୁ ହେବ ୩୭ ହଜାର କୋଟିର ଫାଇଦା

**ନୂଆଦିଲ୍ଲୀ,୨୨-୯:** ସରକାରଙ୍କ ପକ୍ଷରୁ କର୍ପୋରେଟ ଟିକସ ହ୍ରାସ ଘୋଷଣା କରାଯିବା ଦ୍ୱାରା ତାଲିକାଭୁକ୍ତ ଶୀର୍ଷ ୧ ହଜାର କମ୍ପାନୀଙ୍କୁ ପ୍ରାୟ ୩୭ ହଜାର କୋଟି ଟଙ୍କାର ଫାଇଦା ମିଳିବାକୁ ଯାଉଛି ବୋଲି କ୍ରେଡିଟ ରେଟିଂ ଏଜେନ୍ସି କ୍ରିସିଲ୍‌ର ଏକ ରିସର୍ଚ୍ଚରେ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଗତ କିଛିଦିନ ହେବ ଭାରତର ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଶୁକ୍ରବାର କରାଯାଇଥିବା ଘୋଷଣା ଅତ୍ୟନ୍ତ ବ୍ୟାପକ ଥିଲା। କମ୍ପାନୀର ବିଶ୍ଳେଷଣ ଅନୁଯାୟୀ, କର୍ପୋରେଟ ଟିକସ ହ୍ରାସ ସରକାରଙ୍କ ମୋଟ ସଞ୍ଚୟ ଅନୁମାନର ପ୍ରାୟ ୨୫% ବୋଲି ମନେ କରାଯାଉଛି। ଟିକସ ହ୍ରାସ ଦ୍ୱାରା ଏବେ ଭାରତ ଏସିଆର ଅଧିକାଂଶ ଦେଶର ଅର୍ଥନୀତି ସହ ସମକକ୍ଷ ହୋଇଛି। ୧୦୦୦ ଶୀର୍ଷ କମ୍ପାନୀଙ୍କୁ ନେଇ ୮୦ରୁ ଅଧିକ କ୍ଷେତ୍ରର ବିଶ୍ଳେଷଣ କରି କ୍ରିସିଲ ପକ୍ଷରୁ ରିସର୍ଚ୍ଚ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ବଜାର ପୁଞ୍ଜୀକରଣରେ ଏହି ୧୦୦୦ କମ୍ପାନୀଙ୍କ ୭୦ ପ୍ରତିଶତ ଅଂଶ ରହିଛି। ବିଶ୍ଳେଷଣରୁ ଜଣାପଡୁଛି ଯେ, ଗତ ୫ ବର୍ଷରେ ଲାଗୁ ହୋଇଥିବା କର୍ପୋରେଟ ଟିକସ ଅଧିକ ରହିଥିଲା। ତେଲ ଏବଂ ଗ୍ୟାସ୍ ତଥା ଆର୍ଥିକ ସେବା କ୍ଷେତ୍ରର କମ୍ପାନୀଗୁଡ଼ିକ ଉକ୍ତ ୧୦୦୦ କମ୍ପାନୀଙ୍କ ମଧ୍ୟରେ ସାମିଲ ହୋଇଛି। ଏହି ଆକଳନ ଆର୍ଥିକ ବର୍ଷ ୨୦୧୮-୧୯ର ଟିକସ ପୂର୍ବ ଲାଭ ଆଧାରିତ ହୋଇଛି। ସୂଚନାଥାଉ କି, ସରକାର କର୍ପୋରେଟ ଟିକସ ହାରକୁ ୨୫.୧୭%କୁ ହ୍ରାସ ଘୋଷଣା କରିଛନ୍ତି। ଏଥିରେ ମୂଳ ଟିକସ ସହ ଜିଏସ୍‌ଟି ଓ ସେସ୍‌କୁ ସାମିଲ କରାଯାଇଛି।

# ୧୫୦ ଘରୋଇ ଟ୍ରେନ ଚଳାଇବାକୁ ଯୋଜନା

ନୂଆଦିଲ୍ଲୀ,୨୨-୯

ଆଗାମୀ ଦିନରେ ରେଳଯାତ୍ରୀମାନେ ଘରୋଇ ଟ୍ରେନରେ ଆରାମଦାୟକ ଯାତ୍ରାର ମଜା ଉଠାଇପାରିବେ। ଏହି ଟ୍ରେନଗୁଡ଼ିକ ଅତ୍ୟାଧୁନିକ ହେବା ସହ ଆରାମ୍ ଦୃଷ୍ଟିରୁ ବିଶ୍ୱସ୍ତରୀୟ ହେବ। ଭାରତୀୟ ରେଲୱେ ପକ୍ଷରୁ ଏପରି ବ୍ୟବସ୍ଥା ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ରେଲୱେ ବୋର୍ଡ ଅଧ୍ୟକ୍ଷ ବିନୋଦ କୁମାର ଯାଦବ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ,'ତେଜସ୍ ଏକ୍ସପ୍ରେସ' ନାମରେ ଏହି ଟ୍ରେନ ଆସନ୍ତା ମାସର ପ୍ରଥମ ସପ୍ତାହରେ ଚାଲିବା ଆରମ୍ଭ କରିବ। ଏଥିପାଇଁ ରେଲୱେ କ୍ୟାଟରିଂ ବୁଝୁଥିବା ଆଇଆର୍‌ସିଟିସିକୁ ଦାୟିତ୍ୱ ଦିଆଯାଇଛି। ଏହି ପରୀକ୍ଷାନିରୀକ୍ଷା ସଫଳ ହେଲେ ଭାରତୀୟ ରେଲୱେ ଆଗାମୀ ଦିନରେ ଦେଶରେ ୧୫୦ ଘରୋଇ ଟ୍ରେନ ଚଳାଇବାକୁ ଯୋଜନା ପ୍ରସ୍ତୁତ କରିଛି।

ରେଲୱେର ଯୋଜନା ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଦିଲ୍ଲୀ-ମୁମ୍ବାଇ ଓ ଦିଲ୍ଲୀ-ହାଓଡା ମଧ୍ୟରେ କରିଡର ସମେତ ବ୍ୟବସାୟିକ ଦୃଷ୍ଟିରୁ ଲାଭଜନକ ରୁଟ୍‌ରେ ଏହି ଟ୍ରେନଗୁଡ଼ିକ ଚଳାଯିବ। ରୁଟ୍‌କୁ ନେଇ କୌଣସି ବିବାଦର ସମାଧାନ ଲାଗି ଏକ ନିୟାମକ ଗଠନ କରାଯିବ। ଏନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି। ୨୦୨୦ ଶେଷ ସୁଦ୍ଧା କଣ୍ଟ୍ରାକ୍ଟ ପ୍ରଦାନ ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି। ଫଳରେ ନୂଆ ଘରୋଇ ଟ୍ରେନ ୨୦୨୩-୨୪ ସୁଦ୍ଧା ଦେଶରେ ପୂର୍ଣ୍ଣ ଦମ୍‌ରେ ଚଳାଚଳ କରିପାରିବେ। ତାଙ୍କର କହିବାନୁଯାୟୀ, ୧୬ ବଗି ବିଶିଷ୍ଟ ୧୫୦ ଘରୋଇ ଟ୍ରେନ ଲାଗି ୨୪୦୦ କୋଚ୍ ବ୍ୟବହାର କରାଯିବ। ଏଥିପାଇଁ ପ୍ରାୟ ୧୬ ହଜାର କୋଟି ଟଙ୍କା ବ୍ୟୟ ହେବ। ଯାଦବ କହିଛନ୍ତି ଯେ, ଦେଶରେ ଘରୋଇ କମ୍ପାନୀଙ୍କ ଦ୍ୱାରା କଣ୍ଟେନର ଟ୍ରେନ ପରିଚାଳନା କରାଯାଇସାରିଛି। କିନ୍ତୁ ପ୍ରଥମ ଥର ୧୫୦ ପାସେଞ୍ଜର ଟ୍ରେନର ପରିଚାଳନା ଦାୟିତ୍ୱ ଘରୋଇ ହାତକୁ ଟେକି ଦିଆଯିବ। ରେଲୱେର ଯୋଜନାନୁଯାୟୀ ଘରୋଇ ହାତରେ ଟ୍ରେନକୁ ଟେକି ଦେବା କେବଳ ଦେଖାଣିଆ ହେବ ନାହିଁ। ଘରୋଇ ଅପରେଟରମାନେ ନିଜସ୍ୱ ଲୋକୋ ଡ୍ରାଇଭର ନିଯୁକ୍ତ କରିପାରିବେ। ତେବେ ସେମାନଙ୍କୁ ରେଲୱେ ଦ୍ୱାରା ଅନୁମୋଦିତ ହେବାକୁ ପଡିବ। ସେ କହିଛନ୍ତି ଯେ,



**୨୪୦୦ କୋଚ୍ ଲାଗିବ**
- ୧୬ ହଜାର କୋଟି ଖର୍ଚ୍ଚ ହେବ
- ୨୦୨୩-୨୪ ସୁଦ୍ଧା ଟ୍ରେନ ଚାଲିବ
- ୨୦୨୦ ଶେଷ ସୁଦ୍ଧା ନିଲାମୀ ଡକାଯିବ

ଘରୋଇ ଅପରେଟରମାନେ ବିଦେଶରୁ କୋଚ୍ ଓ ଇଞ୍ଜିନ ଆଣିପାରିବେ ନଚେତ୍ ରେଲୱେ ଠାରୁ ଏହାକୁ ଭଡ଼ା ବା ଲିଜ୍ ସୂତ୍ରରେ ନେଇପାରିବେ। ଏହି ଯୋଜନା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ପ୍ଲାଟ୍‌ଫର୍ମ, ଟ୍ରାକ୍, ସିଗ୍‌ନାଲ ଓ ଅନ୍ୟାନ୍ୟ ଭିତ୍ତିଭୂମି ବ୍ୟବହାର କରିବା ବାବଦରେ ଘରୋଇ ଅପରେଟରଙ୍କଠାରୁ ସାମଗ୍ରୀର ପରିବହନ ଶୁଳ୍କ ଆଦାୟ କରାଯିବ। ସେମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସ୍ୱଳ୍ପ ବିଦ୍ୟୁତ୍ ଖର୍ଚ୍ଚ କରୁଥିବା ଅତ୍ୟାଧୁନିକ ଟ୍ରେନ ଆମଦାନୀ କରିବାକୁ କୁହାଯିବ। ସେଥିଲାଗି ସେମାନଙ୍କର ସ୍ୱତନ୍ତ୍ର ବିଦ୍ୟୁତ ଦେୟ ସ୍ଥିର କରାଯିବ। ଅପରେଟରଙ୍କ କନ୍‌ସୋର୍ଟିୟମ ମାଧ୍ୟମରେ ଘରୋଇ ଟ୍ରେନଗୁଡ଼ିକ ପରିଚାଳନା କରାଯିବ ବୋଲି ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ ହର୍ଷ ଧିଙ୍ଗ୍‌ରା କହିଛନ୍ତି। ସେ ପୂର୍ବରୁ ବୋମ୍ବାର୍ଡିୟରର ଇଣ୍ଡିଆର କଣ୍ଟ୍ରି ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟ କରିଛନ୍ତି। ସୂଚନାଥାଉ କି, ବୋମ୍ବାର୍ଡିୟର ସମେତ ଷ୍ଟ୍ୟାଶ୍ଟ ବାନ୍ ଏଜି(ଜର୍ମାନୀ), ଏସ୍‌ଏନ୍‌ସିଏଫ୍(ଫ୍ରାନ୍ସ), ଏମ୍‌ଟିଆର୍(ସିଙ୍ଗାପୁର), ଭର୍ଜିନ ଟ୍ରେନ୍ସ(ୟୁକେ), ଫାର୍ଷ୍ଟ(ୟୁକେ) ଏବଂ ରେନ୍‌ଫି(ସ୍ପେନ୍) ବିଶ୍ୱବିଖ୍ୟାତ ଟ୍ରେନ ଅପରେଟର ଭାବେ ଜଣାଶୁଣା। ସେହିପରି ରେଲୱେ ଏସ୍‌ଏନ୍‌ସିଏଫ୍ ଭଳି ରାଷ୍ଟ୍ରାୟତ୍ତ ଟ୍ରେନ କମ୍ପାନୀଙ୍କୁ ମଧ୍ୟ ନିଲାମୀରେ ସାମିଲ ହେବାକୁ ସୁଯୋଗ ଦେବ। ସୂଚନାଥାଉ କି, ରେଳମନ୍ତ୍ରୀ ପୀୟୂଷ ଗୋୟଲ ଲୋକ ସଭାରେ କହିଥିଲେ ଯେ, ସରକାର ପବ୍ଲିକ୍-ପ୍ରାଇଭେଟ ପାର୍ଟନରଶିପ୍ ଜରିଆରେ ଘରୋଇ ଟ୍ରେନ ପରିଚାଳନା କରିବେ। କାରଣ ରେଲୱେ ଟ୍ରାକ୍, ସିଗ୍‌ନାଲ ଓ ଷ୍ଟେଶନ ରେଲୱେ ହାତରେ ରହିବ। ସେହିପରି ସରକାର ରେଲୱେର ନିଜସ୍ୱ ଟ୍ରେନକୁ ଘରୋଇ ହାତରେ ଟେକି ଦେବେ ନାହିଁ। ଧିଙ୍ଗରାଙ୍କ ମତରେ ଟାଟା, ଅଡାନୀ ଓ ଏଲ୍‌ଆଣ୍ଡଟି ଭଳି ବୃହତ ଘରୋଇ କମ୍ପାନୀ ଅପରେଟର ଭୂମିକାରେ ଓହ୍ଲାଇବାକୁ ପାଦ ବଢ଼ାଇବେ। ସ୍ପେନର ହାଇସ୍ପିଡ୍ ପାସେଞ୍ଜର ଟ୍ରେନ ନିର୍ମାତା ଟାଲ୍‌ଗୋର ଭାରତୀୟ କମ୍ପାନୀ ଏମ୍‌ଡି ସୁବ୍ରତ ନାଥ କହିଛନ୍ତି ଯେ, ବହୁ ଭାରତୀୟ କମ୍ପାନୀ ସେମାନଙ୍କ ସହ ଟାଇ-ଅପ୍ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ ରେଲୱେ ପକ୍ଷରୁ ବେଙ୍ଗାଲୁରୁ-ଚେନ୍ନାଇ, ବେଙ୍ଗାଲୁରୁ-ମହିଶୂର, ସିକନ୍ଦରାବାଦ୍-ଭାଇଜାଗ୍, ନାଗପୁର-ସିକନ୍ଦରାବାଦ୍ ଏବଂ ହାଓଡା-ଭାଇଜାଗ୍ ରୁଟ୍‌ରେ ମଧ୍ୟ ଘରୋଇ ଟ୍ରେନ ଚଳାଚଳ ଲାଗି ନିଲାମ ଡକାଯାଇପାରେ। ରେଲୱେର ଆକଳନ ଅନୁଯାୟୀ ଦିଲ୍ଲୀ-କୋଲକାତା ଓ ଦିଲ୍ଲୀ-ମୁମ୍ବାଇ ମଧ୍ୟରେ ଡେଡିକେଟେଡ ଫ୍ରେଟ୍ କରିଡର ନିର୍ମାଣ ୨୦୨୧ ଡିସେମ୍ବର ସୁଦ୍ଧା ଶେଷ ହେବାକୁ ଯାଉଛି। ଏହାର ଅର୍ଥ ବର୍ତ୍ତମାନ ଚାଲୁଥିବା ୯୦% ପାସେଞ୍ଜର ଓ ମାଲ୍ ପରିବହନ ଏହି ରୁଟ୍‌କୁ ଚାଲିଯିବ। ଅର୍ଥାତ ଏହି ରୁଟ୍‌ରେ ୧୨୦ ଟ୍ରେନ ଘଣ୍ଟାରେ ୮୦ କିମି ହିସାବରେ ଚାଲିପାରିବ। ତେଣୁ ଏହି କରିଡରରେ ୨୦୨୩-୨୪ ସୁଦ୍ଧା ଅଧିକ ସେମି ହାଇସ୍ପିଡ୍ ଟ୍ରେନର ଆବଶ୍ୟକତା ହେବ। ଏ କ୍ଷେତ୍ରରେ ଘରୋଇ ଅପରେଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

# ପିଆଜ କିଲୋ ୮୦ ଟଙ୍କା ଛୁଇଁଲା

ନୂଆଦିଲ୍ଲୀ,୨୨-୯

- ଯୋଗାଣ ପ୍ରଭାବିତ ଯୋଗୁ ଦର ବଢୁଛି
- ସ୍ଥିତି ନିୟନ୍ତ୍ରଣ ନ ହେଲେ ମହଜୁଦ ଉପରେ ସୀମା ଲାଗିବ
- ପିଆଜ ଉତ୍ପାଦନକାରୀ ରାଜ୍ୟରେ ବର୍ଷା ଯୋଗୁ ଉତ୍ପାଦନ ପ୍ରଭାବିତ



ଦେଶର ରାଜଧାନୀ ନୂଆଦିଲ୍ଲୀ ସହ ଦେଶର ଅନ୍ୟ ପ୍ରାନ୍ତରେ ପିଆଜ ଦର କିଲୋ ପିଛା ୭୦ରୁ ୮୦ ଟଙ୍କା ଛୁଇଁଛି। ଏପରି ସ୍ଥିତିରେ କେନ୍ଦ୍ର ସରକାର ବ୍ୟବସାୟୀଙ୍କ ପିଆଜ ମହଜୁଦ କରିବାର ସୀମା ନିର୍ଦ୍ଧାରଣ କରିବାକୁ ବିଚାର କରୁଛନ୍ତି। ପିଆଜ ଉତ୍ପାଦନକାରୀ ରାଜ୍ୟରେ ବର୍ଷା ଯୋଗୁ ଉତ୍ପାଦନ ବାଧାପ୍ରାପ୍ତ ହେବାରୁ ଏଭଳି ସ୍ଥିତି ଉପୁଜିଛି। ଖାଉଟି ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ମୁତାବକ ଗତ ସପ୍ତାହରେ ନୂଆଦିଲ୍ଲୀରେ ପିଆଜର କିଲୋ ପ୍ରତି ଦର ୫୭ ଟଙ୍କା ରହିଥିଲା। ସେହିଭଳି ମୁମ୍ବାଇରେ ଏହାର ଦାମ ୫୬ ଟଙ୍କା ଥିବା ବେଳେ କଲିକତାରେ ୪୮ ଏବଂ ଚେନ୍ନାଇରେ ୩୪ ଟଙ୍କା ଥିଲା। ଅପରପକ୍ଷରେ ଗୁରୁଗ୍ରାମ ଏବଂ ଜମ୍ମୁରେ ପିଆଜ ଦର ୬୦ ଟଙ୍କା ଛୁଇଁଛି। ଗତ ସପ୍ତାହରେ ପିଆଜର ଖୁଚୁରା ବଜାର ଦର ୫୦ରୁ ୬୦ ଟଙ୍କା ଥିବା ବେଳେ ଏହା ୭୦ରୁ ୮୦ଟଙ୍କା ଛୁଇଁଛି।

ସୂତ୍ର ମୁତାବକ, ପିଆଜ ଦର ନିୟନ୍ତ୍ରଣ ଏବଂ ଯୋଗାଣକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ପିଆଜ ଦର ହ୍ରାସ ହେବାର ନାଁ ଧରୁନାହିଁ। ଗତ ୨ରୁ ୩ ଦିନ ମଧ୍ୟରେ ପିଆଜ ଉତ୍ପାଦକ ରାଜ୍ୟଗୁଡିକରେ ପ୍ରବଳ ବର୍ଷା ଯୋଗୁ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଆଗାମୀ କିଛି ଦିନରେ ସ୍ଥିତି ନିୟନ୍ତ୍ରଣକୁ ନ ଆସିଲେ ସରକାର ପିଆଜ ମହଜୁଦ ଉପରେ ସୀମା ନିର୍ଦ୍ଧାରଣ କରିବେ। ପାଣିପାଗ ବିଭାଗ ସୂଚନା ମୁତାବକ ମହାରାଷ୍ଟ୍ର, କର୍ନାଟକ, ଆନ୍ଧ୍ର ପ୍ରଦେଶ, ଗୁଜରାଟ, ପୂର୍ବ ରାଜସ୍ଥାନ ଏବଂ ପଶ୍ଚିମ ମଧ୍ୟପ୍ରଦେଶରେ ପ୍ରବଳ ବର୍ଷା ହୋଇଛି। ବ୍ୟବସାୟୀଙ୍କ ସୂଚନା ମୁତାବକ ଏବେ ଭଣ୍ଡାରରେ ଥିବା ପିଆଜ ବିକ୍ରି ହେଉଛି। ଖରିଫ ଫସଲ ନଭେମ୍ବରରେ ବଜାରକୁ ଆସିବ ବୋଲି ଜଣାପଡିଛି।

# ଇନୋଭିଟିର ନୂଆ ସ୍ୱାଇପ ମେଶିନ

ଭୁବନେଶ୍ୱର,୨୨-୯



ଇନୋଭିଟି ବ୍ରାଣ୍ଡ ପକ୍ଷରୁ ନୂଆ ସ୍ୱାଇପ ମେଶିନ ବଜାରକୁ ଆସିଛି। କମ୍ପାନୀର ଆଞ୍ଚଳିକ ବିକ୍ରି ପ୍ରବନ୍ଧକ ମାନସ ରଞ୍ଜନ ସାହୁ, ଆର୍‌ଜେସ୍ ଏଣ୍ଟରପ୍ରାଇଜେସର ସ୍ୱତ୍ୱାଧିକାରୀ ଜୟ ସଦାନୀ, ଶାଖା ପ୍ରବନ୍ଧକ ସୌମ୍ୟ ସଙ୍କେତ ଏହାର ବଜାର ପ୍ରବେଶ କରାଇଛନ୍ତି। କ୍ୟାଶଲେସ ପେମେଣ୍ଟର ବୃଦ୍ଧିକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ଏଭଳି ମଡେଲ ବଜାରକୁ ଛଡାଯାଇଛି। ଏହା ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଏହା ବ୍ୟବହାର କରିବାକୁ ସହଜ ହୋଇଥିବା ବେଳେ ଗ୍ରାହକଙ୍କ କ୍ୟାଶଲେସ ନେଣଦେଣର ବର୍ଦ୍ଧିତ ଚାହିଦା ପୂରଣ ଦିଗରେ ସହାୟକ ହେବ ବୋଲି କମ୍ପାନୀ କହିଛି। ଏହି ସ୍ୱାଇପ ମେଶିନ କ୍ରୟ କରିବାକୁ ଚାହୁଁଥିବା ଗ୍ରାହକ ନିକଟସ୍ଥ ବିତରକ ପଏଣ୍ଟ ସହ ଯୋଗାଯୋଗ କରିପାରିବେ।

### କର୍ପୋରେଟ ଟିକସ ହ୍ରାସକୁ ନେଇ ସ୍ପଷ୍ଟ କଲେ ସୀତାରାମନ୍
## ବର୍ତ୍ତମାନ ବିତ୍ତୀୟ ନିଅଣ୍ଟ ସଂଶୋଧନ ହେବ ନାହିଁ

ନୂଆଦିଲ୍ଲୀ,୨୨-୯

କର୍ପୋରେଟ, ମିନିମମ୍ ଅଲ୍ଟରନେଟ ଟିକସ ତଥା ହୋଟେଲ ଶିଳ୍ପ ପାଇଁ ଟିକସ ହ୍ରାସ ଘୋଷଣା କରାଯିବା ଯୋଗୁ ବିତ୍ତୀୟ ନିଅଣ୍ଟ ଉପରେ ଚାପ ବଢ଼ିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ଏଥିଯୋଗୁ ସରକାର ଧାର୍ଯ୍ୟ କରିଥିବା ୩.୩%ର ଲକ୍ଷ୍ୟ ଟପିଯିବ ବୋଲି ସେମାନେ କହୁଥିବା ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିଜର ପଦକ୍ଷେପ ନେଇ ନିଃସନ୍ଦେହ ରହିଛନ୍ତି। କର୍ପୋରେଟ ଟିକସ ହ୍ରାସ ଯୋଗୁ ସରକାର ବିତ୍ତୀୟ ନିଅଣ୍ଟର ସଂଶୋଧନ ଅଥବା ଖର୍ଚ୍ଚକାଟ କରିବେ ନାହିଁ ବୋଲି ସୀତାରାମନ୍ ସ୍ପଷ୍ଟ କରିଛନ୍ତି। ୨୦୨୦-୨୧ ବଜେଟରେ ସରକାର ବିତ୍ତୀୟ ନିଅଣ୍ଟ ସଂଶୋଧନ ବିଷୟରେ ଚିନ୍ତା କରିବେ ବୋଲି ସେ କହିଛନ୍ତି। ବିତ୍ତୀୟ ନିଅଣ୍ଟ ସଂଶୋଧନ ନେଇ ପରେ ବିଚାର କରାଯିବ ବୋଲି ସେ ରବିବାର ଖବରଦାତାଙ୍କୁ କହିଛନ୍ତି। ତାଙ୍କର କହିବାନୁଯାୟୀ, ସରକାର ୨୦୧୯-୨୦ର ଦ୍ୱିତୀୟାର୍ଦ୍ଧରେ ବଜାରରୁ ଅତିରିକ୍ତ ଋଣ କରିବା ନେଇ ନିଷ୍ପତ୍ତି ନେବେ। ସୂଚନାଥାଉ କି, ସରକାର ପୂର୍ବରୁ ଗଣମାଧ୍ୟମକୁ କହିଥିଲେ ଯେ, ଭାରତ ଚଳିତ ଆର୍ଥିକ ବର୍ଷରେ ଏହାର ବିତ୍ତୀୟ ନିଅଣ୍ଟର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିପାରିବ ନାହିଁ। ଫଳରେ ଏହାକୁ ସଂଶୋଧନ କରାଯାଇ ୩.୫%ରେ ପୁନଃ ଧାର୍ଯ୍ୟ କରାଯିବ। ପୂର୍ବରୁ ବିତ୍ତୀୟ ନିଅଣ୍ଟ ଜିଡିପିର ୩.୩%ରେ ରହିବ ବୋଲି ସରକାର ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ।

# ୫ ଦିନ ବନ୍ଦ ରହିବ ବ୍ୟାଙ୍କ କାରବାର

ନୂଆଦିଲ୍ଲୀ,୨୨-୯

ଚଳିତ ମାସ ୨୯ରୁ ନବରାତ୍ର ଆରମ୍ଭ ହେଉଥିବା ବେଳେ ଏହା ପୂର୍ବରୁ ନଗଦ ନିଜ ନିକଟରେ ବୁଦ୍ଧିମାନ କାମ ହେବ। କାରଣ ଚଳିତ ମାସ ଶେଷ ୫ ଦିନ ଲାଗି ବ୍ୟାଙ୍କ କାରବାର ବନ୍ଦ ରହିବ। ଲଗାତର ଭାବେ ଏତେଦିନ ବ୍ୟାଙ୍କ ବନ୍ଦ ରହିବା ଯୋଗୁ ନଗଦ ସଙ୍କଟ ଦେଖାଦେଇପାରେ। ଏଣୁ ବ୍ୟାଙ୍କ ବନ୍ଦ ହେବା ଆଗକୁ ସମସ୍ତ ପ୍ରସ୍ତୁତି କରିନେଲେ କୌଣସି ଅସୁବିଧା ସାମ୍ନା କରିବାକୁ ପଡିବ ନାହିଁ। ୧୦ ସରକାର ବ୍ୟାଙ୍କ ମିଶ୍ରଣକୁ ବିରୋଧ କରି ବ୍ୟାଙ୍କ କର୍ମଚାରୀସଙ୍ଗଠନଗୁଡିକ ୨୬ ଏବଂ ୨୭ ତାରିଖରେ ଧର୍ମଘଟକୁ ଓହ୍ଲାଉଛନ୍ତି। ୨୮ ସେପ୍ଟେମ୍ବର ଚତୁର୍ଥ ଶନିବାର ଏବଂ ୨୯ ତାରିଖ ରବିବାର ପଡିବାରୁ ବ୍ୟାଙ୍କ ବନ୍ଦ ରହିବ। ୩୦ ସେପ୍ଟେମ୍ବରରେ ବ୍ୟାଙ୍କ ଖୋଲିବାକୁ ଥିବା ବେଳେ ବର୍ଷର ୬ ମାସ ସମୟ ଶେଷ ଯୋଗୁ ନେଣଦେଣ ହେବ ନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ମୋଟ ୫ ଦିନ ବ୍ୟାଙ୍କ କାରବାର ବନ୍ଦ ରହିବା ଯୋଗୁ ଉପଭୋକ୍ତା ଏବଂ ବ୍ୟବସାୟୀ ନେଣଦେଣ ନେଇ ସମସ୍ୟା ସାମ୍ନା କରିବେ ବୋଲି ଜଣାପଡିଛି।

### ଏଟିଏମ୍‌ରେ ନଗଦ ସମସ୍ୟା ଆଶଙ୍କା

ଲଗାତର ୫ ଦିନ ବ୍ୟାଙ୍କ କାରବାର ବନ୍ଦ ହେବା ଯୋଗୁ ଏଟିଏମଗୁଡିକରେ କ୍ୟାଶ ଶେଷ ହେବାର ସମସ୍ୟା ମଧ୍ୟ ଉପୁଜିବାର ସମ୍ଭାବନା ରହିଛି। କୌଣସି ଏଟିଏମ୍‌ରେ ନଗଦ ରଖିବାର କ୍ଷମତା ୨ ଦିନ ରହିଥାଏ। ଧର୍ମଘଟ ଏବଂ ବନ୍ଦ ଯୋଗୁ ଏଟିଏମ ଟଙ୍କା ଭରିବା ସମସ୍ୟା ଦେଖାଯିବ।

### ଚେକ୍ କ୍ଲିୟର ପାଇଁ ଲାଗିବ ଅଧିକ ସମୟ

ଏହି ସମୟରେ ଚେକ୍ କ୍ଲିୟର ହେବାକୁ ଅଧିକ ସମୟ ଲାଗିବ। ଯଦି କୌଣସି ଗ୍ରାହକ ୨୫ ସେପ୍ଟେମ୍ବରରେ ଚେକ୍ କ୍ଲିୟର ଲାଗି ଦେଇଥାନ୍ତି ତେବେ ଏହା କ୍ଲିୟର ଲାଗି ୩ ଅକ୍ଟୋବର ଯାଏ ସମୟ ଲାଗିବ। ଅକ୍ଟୋବର ପହିଲାରେ ଏହା ଯଦି କ୍ଲିୟର ହୁଏ ତେବେ ୨ ଅକ୍ଟୋବର ଗାନ୍ଧୀଜୟନ୍ତି ପଡୁଥିବାରୁ ୩ ତାରିଖରେ ଖାତାକୁ ପଇସା ଆସିବ।

# ଅଦ୍ୟାବଧି ଏଫ୍‌ପିଆଇ କାଢ଼ି ନେଇଛନ୍ତି ୪୧୯୩ କୋଟି

ନୂଆଦିଲ୍ଲୀ,୨୨-୯

ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟର (ଏଫ୍‌ପିଆଇ) ବା ବିଦେଶୀ ନିବେଶକ ଦେଶର ଷ୍ଟକ୍ ବଜାରରୁ ଶେୟାର ବିକ୍ରି କରି ଅଦ୍ୟାବଧି ୪୧୯୩ କୋଟି ଟଙ୍କା କାଢ଼ି ନେଇଛନ୍ତି। ଡିପୋଜିଟୋରି ତଥ୍ୟରୁ ଜଣାପଡିଛି ଯେ, ଏଫ୍‌ପିଆଇ ୩-୨୦ ମଧ୍ୟରେ ଶେୟାର ବଜାରରୁ ୫୫୭୭.୯୯ କୋଟି ଏବଂ ବଣ୍ଡ ବା ଋଣ ବଜାରରୁ ୧,୩୮୪.୮୧ କୋଟି ଟଙ୍କା କାଢ଼ି ନେଇଛନ୍ତି। ଏଥିପୂର୍ବରୁ ଏଫ୍‌ପିଆଇ ଅଗଷ୍ଟରେ ପୁଞ୍ଜି ବଜାରରୁ ୫୯୨୦.୦୨ କୋଟି ଟଙ୍କା ଉଠାଇ ନେଇଥିଲେ।

# ପେସାଦାରି ଅଭିଜ୍ଞତା ହିଁ ସବୁକିଛି: ଶକ୍ତିକାନ୍ତ

ମୁମ୍ବାଇ,୨୨-୯



ଇତିହାସର ଛାତ୍ର ଥିବା ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ୨୫ତମ ଗଭର୍ନର ହେବା ପରେ ତାଙ୍କୁ ଅନେକ ଥଟ୍ଟା ପରିହାସର ସମ୍ମୁଖୀନ ହେବାକୁ ପଡୁଛି। ଶକ୍ତିକାନ୍ତ ଇତିହାସର ଛାତ୍ର ହେବା କାରଣରୁ ତାଙ୍କୁ ଆର୍‌ବିଆଇ ଗଭର୍ନର ଭଳି ଏକ ଶୀର୍ଷ ପଦବୀରେ କାର୍ଯ୍ୟ କରିବାରେ ଅସୁବିଧା ହେଉଛି କି ବୋଲି ମୁମ୍ବାଇଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ତାଙ୍କୁ ଦର୍ଶକ ମଣ୍ଡଳୀରୁ ଜଣେ ପ୍ରଶ୍ନ ପଚାରିଥିଲେ। ତେବେ ଶକ୍ତିକାନ୍ତ ଏହାର ଉତ୍ତର ଦେଇ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରାସଙ୍ଗିକ ନୁହେଁ। କିନ୍ତୁ ତାଙ୍କର ଅର୍ଥନୀତି ଉପରେ ଗଭୀର ଜ୍ଞାନ ରହିବା ଜରୁରୀ। ଅର୍ଥନୀତିରେ ଦେଖାଦେଉଥିବା ସମସ୍ୟା ଉପରେ ତାଙ୍କର ସାଧାରଣ ଭାବେ ସଚେତନତା ରହିବା ଆବଶ୍ୟକ। ସବୁଠୁ ବଡ଼ କଥା ହେଲା ବ୍ୟକ୍ତିଙ୍କ ନିକଟରେ ପେସାଦାରି ଅଭିଜ୍ଞତା ରହିଥିବା ଜରୁରୀ। ଏହାହିଁ କାର୍ଯ୍ୟରେ ଲାଗିଥାଏ ବୋଲି ଶକ୍ତିକାନ୍ତ କହିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାରରେ ଅର୍ଥ ମନ୍ତ୍ରଣାଳୟର ବିଭିନ୍ନ ଶୀର୍ଷ ପଦବୀରେ ରହିବା ପରେ ଅବସର ନେବାକୁ ଯାଉଥିବା ଶକ୍ତିକାନ୍ତଙ୍କୁ ହଠାତ ୨୦୧୮ ଡିସେମ୍ବର ୧୦ରେ ଆର୍‌ବିଆଇର ଗଭର୍ନର ଭାବେ ନିଯୁକ୍ତ କରାଯାଇଥିଲା। ଉର୍ଜିତ ପଟେଲଙ୍କ ଅଚାନକ ଇସ୍ତଫା ପରେ ତାଙ୍କୁ ଉକ୍ତ ଦାୟିତ୍ୱ ମିଳିଥିଲା। ରାଜନ ଅନ୍ତର୍ଜାତୀୟ ସ୍ତରରେ ଜଣେ ଖ୍ୟାତିସମ୍ପନ୍ନ ଅର୍ଥନୀତିଜ୍ଞ, ଲେଖକ ଏବଂ ସାମାଜିକ-ରାଜନୈତିକ ଚିନ୍ତକ ଥିବାବେଳେ ପଟେଲ ମୁଦ୍ରାନୀତି ବିଶେଷଜ୍ଞ ଭାବେ ଜଣାଶୁଣା। ଶକ୍ତିକାନ୍ତ ଉଦାହରଣ ଛଳରେ କହିଛନ୍ତି ଯେ, ଆମେରିକା ଫେଡେରାଲ ରିଜର୍ଭ ମୁଖ୍ୟ ଜେରମ ପାଓ୍ୱେଲ ରାଜନୀତି ବିଜ୍ଞାନର ଛାତ୍ର ହୋଇଥିବା ବେଳେ ୟୁରୋପିୟାନ ସେଣ୍ଟ୍ରାଲ ବ୍ୟାଙ୍କର ମୁଖ୍ୟ ତଥା ପୂର୍ବତନ ଆଇଏମ୍‌ଏଫ୍ ପ୍ରେସିଡେଣ୍ଟ କ୍ରିଷ୍ଟିନ ଲାଗାର୍ଡ ଜଣେ ଆଇନ ଛାତ୍ରୀ। ସେହିପରି ବ୍ୟାଙ୍କ ଅଫ୍ ଜାପାନର ମୁଖ୍ୟ ହାରୁହିକୋ କୁରୋଡା ସିଭିଲ ସର୍ଭିସ ବ୍ୟାକ୍‌ଗ୍ରାଉଣ୍ଡରୁ ଆସିଛନ୍ତି ବୋଲି ଶକ୍ତିକାନ୍ତ କହିଛନ୍ତି।

# ମାନ୍ଦାବସ୍ଥା ଦୂର ଲାଗି ଉପାୟ ଦେଲା ଶିଳ୍ପଜଗତ

ନୂଆଦିଲ୍ଲୀ,୨୨-୯

- ଟିକସ ହ୍ରାସ ଘୋଷଣାରୁ ଶିଳ୍ପ ଜଗତ ଉତ୍ସାହିତ
- ଚାହିଦା ବୃଦ୍ଧି ନେଇ ଶିଳ୍ପ କ୍ୟାପଟେନଙ୍କ ଗୁରୁତ୍ୱ

ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏହାର ଦୂରୀକରଣ ଲାଗି ଦେଶର ଶିଳ୍ପ ଜଗତ ପକ୍ଷରୁ ବିଭିନ୍ନ ଉପାୟ ଦିଆଯାଇଛି। ଇଣ୍ଡିଆ ଟୁଡେ କନକ୍ଲେଭରେ ଦେଶର ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ମାନେ ଯୋଗ ଦେଇ ମାନ୍ଦାବସ୍ଥା ବିରୋଧରେ ଲଢେଇ ଲାଗି ବିଭିନ୍ନ କୌଶଳ ସମ୍ପର୍କରେ ବ୍ୟାଖ୍ୟା କରିଛନ୍ତି। ସରକାର ଶୁକ୍ରବାର କର୍ପୋରେଟ ଟିକସ କ୍ଷେତ୍ର ପଦକ୍ଷେପକୁ ନେଇ ଶିଳ୍ପ ଜଗତ ପକ୍ଷରୁ ସ୍ୱାଗତ ତଥା ପ୍ରଶଂସା କରାଯାଇଛି। ଘରୋଇ କମ୍ପାନୀଗୁଡିକ ଲାଗି କର୍ପୋରେଟ ଟିକସ ହ୍ରାସ ନିଷ୍ପତ୍ତି ଦ୍ୱାରା ଦେଶର ପୁଞ୍ଜି ବଜାରରେ ଉତ୍ସାହ ଫେରିଛି। ସରକାରଙ୍କ ଏହି ପଦକ୍ଷେପ ଦେଶର ଅର୍ଥ ବ୍ୟବସ୍ଥା ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଏଠାରେ କୁହାଯାଇଛି।

ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରି ଗୋଦରେଜ ଗ୍ରୁପର ଅଧ୍ୟକ୍ଷ ଆଦି ଗୋଦରେଜ କହିଛନ୍ତି, ସରକାରଙ୍କ ଉକ୍ତ ଘୋଷଣା ଅର୍ଥନୈତିକ ଧାରାରେ ପରିବର୍ତ୍ତନ ଆଣିବା ସହ ଦେଶକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢି ତୋଳିବାରେ କାର୍ଯ୍ୟ କରିବ। ଏହା ଦ୍ୱାରା ମାନ୍ଦାବସ୍ଥାରୁ ବାହାରିବାକୁ ଅର୍ଥ ବ୍ୟବସ୍ଥାକୁ ବଳ ମିଳିବ। ଏପରି ସ୍ଥିତିରେ ଚାହିଦା ବୃଦ୍ଧିର ଆବଶ୍ୟକତା ରହିଛି ବୋଲି ଗୋଦରେଜ ମତ ରଖିଛନ୍ତି। ଗ୍ରାହକଙ୍କୁ ପ୍ରୋତ୍ସାହିତ କରିବା ନେଇ ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ମାରୁତି ସୁଜୁକି ଅଧ୍ୟକ୍ଷ ଆର୍.ସି.ଭାର୍ଗଭ କହିଛନ୍ତି, ସରକାରଙ୍କ ଟିକସ ହ୍ରାସ ନିଷ୍ପତ୍ତି ଏକ ବଡ ପଦକ୍ଷେପ। ମାତ୍ର ଚାହିଦା ଦିଗକୁ ଧ୍ୟାନରେ ରଖିବାକୁ ହେବ। ମାନୁଫାକଚରିଂ କ୍ଷେତ୍ରରେ ପ୍ରଦର୍ଶନ ଉନ୍ନତି ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କେବଳ ଯୋଗାଣ କ୍ଷେତ୍ରରେ ବିଚାର ନ କରି ଚାହିଦା ଉପରେ ମଧ୍ୟ ଧ୍ୟାନ ରଖିବା ଉପରେ ହିରାନନ୍ଦିନୀ ଗ୍ରୁପ ଅଧ୍ୟକ୍ଷ ନିରଞ୍ଜନ ହୀରାନନ୍ଦିନୀ କହିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ସରକାର ଦେଶକୁ ଟିକସ କ୍ଷେତ୍ରରେ ଏକ ଉନ୍ନତ ସ୍ଥାନ ଭାବେ ପରିବର୍ତ୍ତନ କରିବାକୁ ଚାହୁଁଥିବା ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କାର୍ଯ୍ୟକ୍ରମରେ ମତ ଦେଇଛନ୍ତି। ସେହିଭଳି ଟିକସ ହ୍ରାସ ହେବା ଦ୍ୱାରା କମ୍ପାନୀଗୁଡିକର କାରବାର ଏବଂ ନଗଦ କ୍ଷେତ୍ରରେ ଏହା ସହାୟତା କରିବ ବୋଲି ସେ ମତ ଦେଇଛନ୍ତି। ବର୍ତ୍ତମାନ କାର ନିର୍ମାତା ମାନେ ସେମାନଙ୍କ ମୂଲ୍ୟ ହ୍ରାସ କରିବାର ସମୟ ଆସିଛି ବୋଲି ସେ କମ୍ପାନୀଗୁଡିକୁ ଆହ୍ୱାନ ଦେଇଛନ୍ତି। ଏହା ହେଲେ ଅଟୋ ସେକ୍ଟରରେ ଚାହିଦା ପୁଣି ଫେରିବ। ଟିକସ ହ୍ରାସ ହେଲେ ସେହି ଅନୁସାରେ ସାମଗ୍ରୀର ମୂଲ୍ୟ କମିବ ବୋଲି କହି ହେବ ନାହିଁ। ଏହା ବାଦ ଟିକସ ଅଧିକାରୀମାନେ ଆକ୍ରୋଶମୂଳକ ଭାବେ ବାଣିଜ୍ୟ ଗୋଷ୍ଠୀଙ୍କୁ ହଇରାଣ କରୁଥିବାରୁ ଏଠାରେ କ୍ଷୋଭ ପ୍ରକାଶ ପାଇଛି।

“ ସାଫ୍ ଚାମ୍ପିୟନଶିପ୍‌ରେ ବାଂଲାଦେଶ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ତେଣୁ ଏହି ଦଳ ବିପକ୍ଷ ଆମର ପ୍ରଥମ ମ୍ୟାଚ ନିଶ୍ଚିତ ତୀବ୍ର ସଂଘର୍ଷପୂର୍ଣ୍ଣ ହେବ।
–ଫ୍ଲୟଡ ପିଣ୍ଟୋ, ଭାରତୀୟ ୧୯ ବର୍ଷରୁ କମ୍ ଫୁଟବଲ କୋଚ୍



“ ସଦ୍ୟସମାପ୍ତ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ବକ୍ସରମାନେ ପାରମ୍ପରିକ ପାୱାରହାଉସ କାଜାଖସ୍ତାନ ଓ ଉଜ୍‌ବେକିସ୍ତାନର ନିକଟତର ହୋଇଛନ୍ତି।
–ସାଣ୍ଟିଆଗୋ ନିଏଭା, ହାଇପରଫର୍ମାନ୍ସ ଡାଇରେକ୍ଟର



## ସଂକ୍ଷେପରେ

### ବନ୍ଦ ହେଲା ପୂର୍ବତନ ଆଇ ଲିଗ୍ କ୍ଲବ

ନୂଆଦିଲ୍ଲୀ,୨୨।୯(ପିଟି): ପୂର୍ବତନ ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ ବାଇଚୁଙ୍ଗ ଭୁଟିଆ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ପରିସ୍ଥିତିରୁ ବର୍ତ୍ତିବା ପାଇଁ ପୂର୍ବତନ ଆଇ ଲିଗ୍ କ୍ଲବ ୟୁନାଇଟେଡ୍ ସିକ୍କିମ ଏଫ୍‌ସିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାଇଚୁଙ୍ଗ ଭୁଟିଆଙ୍କ ଆସୋସିଏଶନ ଓ ସିକ୍କିମ ରାଜ୍ୟ ୟୁନାଇଟେଡ୍ ସିକ୍କିମ ଏଫ୍‌ସିକୁ ପ୍ରତିଷ୍ଠା କରିଥିଲେ। ଏ ସମ୍ପର୍କରେ ଭୁଟିଆ ଏକ ବିଜ୍ଞପ୍ତିରେ କହିଛନ୍ତି, ୨୦୦୪ରେ ପ୍ରତିଷ୍ଠା ହୋଇଥିବା ୟୁନାଇଟେଡ ସିକ୍କିମ ଏଫ୍‌ସି ୧୫ ବର୍ଷ ଧରି ସ୍ଥିତି ବଜାୟ ରଖିବା ପରେ ବନ୍ଦ ହୋଇଛି। ୧୫ ବର୍ଷ ମଧ୍ୟରେ ଦଳ ୨୦୧୨-୧୩ ସିଜନରେ ଦ୍ୱିତୀୟ ଡିଭିଜନ ଲିଗ୍ ଜିତି ଆଇ-ଲିଗ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଆମ ପାଇଁ ଏହି ନିଷ୍ପତ୍ତି ବହୁ କଷ୍ଟକର ଥିଲା। ଦୁଃଖର ସହିତ ଘୋଷଣା କରିବାକୁ ପଡୁଛି ଯେ, ଆମ ଦଳ ଆଜିଠୁ ବନ୍ଦ କରାଯାଉଛି। ଏହା ପଛରେ ଦୁଇଟି କାରଣ ରହିଛି। ପ୍ରଥମତଃ ଫୁଟବଲର ତୃଣମୂଳ ସ୍ତରରୁ ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଦ୍ୱିତୀୟଟି ହେଲା କ୍ଲବ ବାଇଚୁଙ୍ଗ ଓ ଅର୍ଜୁନ କ୍ଲବ ସହ ଜଡ଼ିତ ଥିବାରୁ କନ୍‌ଫ୍ଲିକ୍ଟ ଅଫ ଇଣ୍ଟରେଷ୍ଟ ପରିସ୍ଥିତି ସୃଷ୍ଟି ହୋଇଛି। ୟୁନାଇଟେଡ୍ ସିକ୍କିମ ଏଫ୍‌ସିକୁ ୨୦୦୪ରେ ଭୁଟିଆ ଓ ତାଙ୍କର ଦୁଇ ସାଙ୍ଗ ଅର୍ଜୁନ ରାଇ ଓ ଶେରାପ ଲେପଚା ପ୍ରତିଷ୍ଠା କରିଥିଲେ। ୭ ବର୍ଷ ମଧ୍ୟରେ ଏହା ପେସାଦାର କ୍ଲବରେ ପରିଣତ ହୋଇଥିଲା। ୨୦୧୩-୧୪ରେ ଆଇ-ଲିଗ୍ ଖେଳିବା ପରେ ଲିଗ୍‌ରୁ ବିଦା ହୋଇଯାଇଥିଲେ। ସେବେଠାରୁ ଦଳ ରାଜ୍ୟସ୍ତରୀୟ ଲିଗ୍ (ଏସ୍- ଲିଗ୍) ଖେଳୁଥିଲା। ଦେଶର ଏକମାତ୍ର କ୍ଲବ ଭାବେ ଏହାକୁ ନାଇକ୍ ଭଳି ଅନ୍ତର୍ଜାତୀୟ ସ୍ୱନଶର ମିଳିଥିଲା।

### ପ୍ରଥମ ରାଉଣ୍ଡରୁ ବିଦା ହେଲେ ଭେନସ

ଉହାନ,୨୨।୯(ଏଏଫ୍‌ପି): ଆମେରିକାର ଷ୍ଟାର ମହିଳା ଟେନିସ ଖେଳାଳି ଭେନସ ୱିଲିୟମ୍ସ ଏଠାରେ ଚାଲିଥିବା ଉହାନ କପ୍‌ର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ଅଭିଯାନ ଶେଷ କରିଛନ୍ତି। ତାଙ୍କୁ ୫-୭, ୬-୭(୫/୭) ସେଟ୍‌ରେ ଅନ୍ୟ ଆମେରିକୀୟ ଖେଳାଳି ଡାନିଲେ କଲିନ୍ସ ପରାସ୍ତ କରିଛନ୍ତି। ୨୦୧୭ ପରେ ପ୍ରଥମ ଥର ପାଇଁ ଭେନସ ଏସିଆର କୌଣସି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ୨୦୧୫ ସଂସ୍କରଣର ଚାମ୍ପିୟନ ଭେନସ ଏବେ ବିଶ୍ୱର ୫୯ତମ ର୍‌ୟାଙ୍କରେ ଅଛନ୍ତି। ଏହି ଟୁର୍ନାମେଣ୍ଟରେ ଆଶ୍‌ଲେ ବାର୍ଟିଙ୍କୁ ଶୀର୍ଷ ସିଡ୍ ପ୍ରଦାନ କରାଯାଇଛି। ତାଙ୍କ ବ୍ୟତୀତ କାରୋଲିନା ପ୍ଲିସ୍କୋଭା, ସିମୋନା ହାଲେପ, ବିୟାଙ୍କା ଆଣ୍ଡ୍ରେସ୍କୁ ଓ ନାଓମି ଓସାକା ଅଂଶଗ୍ରହଣ କରୁଛନ୍ତି।

### ଚାଇନା ଓପନ ଟାଇଟଲ ସହ ଫେରିଲେ ମାରିନ



ଚାଙ୍ଗ୍‌ଝୋ,୨୨।୯: ଅଲିମ୍ପିକ୍ ଚାମ୍ପିୟନ କାରୋଲିନା ମାରିନ ସଫଳତାର ସହ ଆହତ ସମସ୍ୟାରୁ ଫେରି ନିଜର ଚାଇନା ଓପନ ଟାଇଟଲ ଡିଫେଣ୍ଡ କରିଛନ୍ତି। ରିଓ ଅଲିମ୍ପିକ୍ ଚାମ୍ପିୟନ ମାରିନ ୧୪-୨୧, ୨୧-୧୭, ୨୧-୧୮ ଗେମ୍‌ରେ ଚାଇନିଜ ତାଇପେର ତାଇ ଜୁ ୟିଙ୍ଗଙ୍କୁ ହରାଇ ଦେଇଛନ୍ତି। ପ୍ରଥମ ଗେମ୍‌ରେ ହାରିବା ପରେ ମଧ୍ୟ ପୂର୍ବତନ ଶୀର୍ଷ ର୍‌ୟାଙ୍କଧାରୀ ସ୍ପାନିଶ ଖେଳାଳି ମାରିନ ଦ୍ୱିତୀୟ ଓ ତୃତୀୟ ଗେମ୍ ଜିତି ଟାଇଟଲ ହାତେଇ ନେଇଥିଲେ। ସମାନ ପ୍ରତିପକ୍ଷ ଖେଳାଳିଙ୍କଠାରୁ କ୍ରମାଗତ ୬ ଥର ହାରିବା ପରେ ମାରିନ ପ୍ରଥମ ବିଜୟ ସ୍ୱାଦ ଚାଖିଛନ୍ତି। ମ୍ୟାଚ୍ ଜିତିବା ପରେ ମାରିନ କାନ୍ଦି ପକାଇଥିଲେ। ମୁଁ ଏତେ ଖୁସି ଯେ, ମୁଁ କିଛି କହିପାରିବି ନାହିଁ ବୋଲି ଟାଇଟଲ ବଜାୟ ରଖିବା ପରେ ସେ କହିଛନ୍ତି। ଉଲ୍ଲେଖଥାଉ କି, ଗତ ଜାନୁୟାରୀରେ ଇଣ୍ଡୋନେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟରେ ମାରିନଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଏଥିରୁ ମୁକୁଳିବା ପାଇଁ ତାଙ୍କୁ ଅସ୍ତ୍ରୋପଚାର ମଧ୍ୟ କରାଇବାକୁ ପଡ଼ିଥିଲା। ଏଥିଯୋଗୁ ଦୀର୍ଘ ୮ ମାସ ଧରି ସେ କୋର୍ଟରୁ ଦୂରେଇ ରହିଥିଲେ।

# ଭେଟେଲ ଜିତିଲେ ସିଙ୍ଗାପୁର ଗ୍ରାଁ ପ୍ରି



ସିଙ୍ଗାପୁର, ୨୨।୯(ଏଏଫପି)

ଫେରାରୀର ସେବାଷ୍ଟିଆନ ଭେଟେଲ ରବିବାର ଅନୁଷ୍ଠିତ ସିଙ୍ଗାପୁର ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟର ରେସିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୀର୍ଘ ୧ ବର୍ଷ ଟାଇଟଲ ଶୂନ୍ୟତାର ଅନ୍ତ ଘଟାଇ ଭେଟେଲ ଏଠାରେ ଚାମ୍ପିୟନ ହୋଇଛନ୍ତି। ଭେଟେଲଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ଅନ୍ୟତମ ଫେରାରୀ ଡ୍ରାଇଭର ତଥା ପୋଲ ପୋଜିଶନର ଅଧିକାରୀ ଚାର୍ଲ୍ସ ଲେକ୍‌ରେକ୍। ମାତ୍ର ୪ ଥର ବିଶ୍ୱ ଚାମ୍ପିୟନ ଭେଟେଲ ଅଭିଜ୍ଞତାର ଉପଯୋଗ କରି ବାଜି ମାରିଛନ୍ତି। ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ୩ୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମର୍ସିଡିଜ୍‌ର ଲୁଇସ ହାମିଲଟନ, ଭାଲଟେରୀ ବୋଟ୍ଟାସ, ରେଡ୍‌ବୁଲ୍‌ର ଆଲେକଜାଣ୍ଡର ଆଲବନ, ମ୍ୟାକଲରେନର ଲାନ୍‌ଡୋ ନୋରିସ, ଟୋରୋ ରୋସୋର ପିଏରେ ଗାସ୍‌ଲେ, ରେନଲ୍ଟର ନିକୋ ହକେନବର୍ଗ ଓ ଆଲ୍‌ଫା ରୋମିଓର ଆଣ୍ଟୋନିଓ ଜିଓଭିନାଜି ଟପ୍-୧୦ ଫିନିଶ୍ କରିଛନ୍ତି। ଏହି ରେସ୍‌ପରେ ମର୍ସିଡିଜ୍‌ର ହାମିଲଟନ ୨୯୬ ପଏଣ୍ଟ ସହିତ ଡ୍ରାଇଭର ଷ୍ଟାଣ୍ଡିଂରେ ପ୍ରଥମସ୍ଥାନ ବଜାୟ ରଖିଛନ୍ତି। ମର୍ସିଡିଜ୍‌ର ଅନ୍ୟତମ ଡ୍ରାଇଭର ବୋଟ୍ଟାସ ୨୩୧ ଏବଂ ଫେରାରୀର ଲେକ୍‌ରେକ ଓ ରେଡବୁଲ୍‌ର ଭର୍ଷ୍ଟାପେନ ୨୦୦ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ୨ୟରୁ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। କନ୍‌ଷ୍ଟ୍ରକ୍ଟର ଷ୍ଟାଣ୍ଡିଂରେ ମର୍ସିଡିଜ୍ ୫୨୭ ପଏଣ୍ଟ ସହିତ ପ୍ରଥମ ଏବଂ ଫେରାରୀ ୩୯୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

# ୫ ପଦବୀ ପାଇଁ ୧୦ ପ୍ରାର୍ଥୀ




**ଓସିଏ ନିର୍ବାଚନ**

- ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ
- ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଶୁଭାଶିଷ

କଟକ ଅଫିସ,୨୨।୯

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନ ନିମନ୍ତେ ରବିବାର ଘୋଷଣା ହୋଇଛି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା । ୫ ପଦବୀରେ ଏବେ ସାମ୍ନାସାମ୍ନି ହେବେ ୧୦ ପ୍ରାର୍ଥୀ । ସଭାପତି ଓ ସମ୍ପାଦକ ପଦବୀରେ ହେବ କଡା ଟକ୍କର । ସଭାପତି ପଦବୀ ନିମନ୍ତେ ପଙ୍କଜ ଲୋଚନ ମହାନ୍ତି ଓ ପ୍ରଦୀପ ଚୌହ୍ୱାନ, ସମ୍ପାଦକ ପଦବୀ ନିମନ୍ତେ ନବରଞ୍ଜନ ପଟ୍ଟନାୟକ ଓ ସଞ୍ଜୟ ବେହେରାଙ୍କ ମଧ୍ୟରେ ଲଢ଼େଇ ହେବ। ଅନ୍ୟପକ୍ଷରେ ଗୋଟିଏ ପଦବୀରେ ନିର୍ବାଚନ ହେବାର ଆବଶ୍ୟକତା ରହିନି। ଆପେକ୍ସ କାଉନସିଲ ପଦବୀରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଆଶୀର୍ବାଦ ବେହେରା ଗୋଷ୍ଠୀର ସମର୍ଥିତ ପ୍ରାର୍ଥୀ ଶୁଭାଶିଷ ସେନାପତି । ଆସନ୍ତା ୨୭ ତାରିଖରେ ନିର୍ବାଚନ ହେବ। ତେଣୁ ଆସନ୍ତା ୪ଦିନ ଅଙ୍କକଷା ଜୋରଦାର ହେବ।

ରବିବାର ଅପରାହ୍ନରେ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲେ। ଏହା ପୂର୍ବରୁ ଯୁଗ୍ମ ସମ୍ପାଦକ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ସୁନ୍ଦରଗଡ଼ ଜିଲାର ପ୍ରତିନିଧି ପ୍ରଭାତ କୁମାର ଭୋଳ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ । ଆଶୀର୍ବାଦଙ୍କ ଗୋଷ୍ଠୀ ପକ୍ଷରୁ ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ଗତ ଶୁକ୍ରବାର ୨ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଜଣେ ହେଲେ ଝାରସୁଗୁଡ଼ା ଜିଲାର ପ୍ରତିନିଧି ମେହତାବ ଖାନ ଓ ଅନ୍ୟଜଣେ ପ୍ରଭାତ । ଯୁଗ୍ମ ସମ୍ପାଦକ ପଦବୀରେ ମେହତାବଙ୍କୁ ଲଢ଼ିବାର ସୁଯୋଗ ଦେଇ ପ୍ରଭାତ ଓହରି ଯାଇଛନ୍ତି । ଏହି ପଦବୀରେ ପ୍ରଦୀପଙ୍କ ଗୋଷ୍ଠୀ ପକ୍ଷରୁ ଆଶାୟୀ ପ୍ରାର୍ଥୀ ରହିଛନ୍ତି ଦେବଗଡ଼ ଜିଲାର ପ୍ରତିନିଧି ସୁଜିତ କୁମାର ପ୍ରଧାନ। ସଭାପତି ପଦବୀରେ ବୌଦ୍ଧ ଜିଲାରୁ ପ୍ରତିନିଧି ହୋଇ ଆସିଥିବା ପଙ୍କଜଙ୍କର ଲଢ଼େଇ ହେବ କଟକର ୟୁନିୟନ ସ୍ପୋର୍ଟିଂ କ୍ଲବ ସମ୍ପାଦକ ତଥା ବରିଷ୍ଠ କ୍ରୀଡ଼ା ସଙ୍ଗଠକ ପ୍ରଦୀପଙ୍କ ସହିତ। ଅନ୍ୟପକ୍ଷରେ ଆଶୀର୍ବାଦଙ୍କ ପୁଅ ସଞ୍ଜୟ ସମ୍ପାଦକ ପଦବୀରେ ମଙ୍ଗଳା କ୍ଲବରୁ ପ୍ରତିନିଧି ହୋଇଥିବା ନବରଞ୍ଜନ ପଟ୍ଟନାୟକଙ୍କ ସହ ଲଢ଼ିବେ । ଉପସଭାପତି ପଦବୀରେ ଅକ୍ଷୟ କୁମାର ସାମନ୍ତ ଓ ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ, ଯୁଗସମ୍ପାଦକ ପଦବୀରେ ମେହତାବ ଖାନ ଓ ସୁଜିତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପଦବୀରେ ବିକାଶ ପ୍ରଧାନ ଓ ଅନିଲ କୁମାର ବିଶ୍ୱାଳ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । କ୍ଲବ ଓ ଜିଲା ସଂଘର ଭୋଟ ଗୁଡ଼ିକୁ ହାତେଇବା ପାଇଁ ଉଭୟ ଗୋଷ୍ଠୀ ପ୍ରୟାସ ଜାରି ରଖିଥିବାବେଳେ ସ୍କୁଲ, କଲେଜ ଗୁଡ଼ିକର ଭୋଟକୁ ନେଇ ଉତ୍ସୁକତା ବଢ଼ିବାରେ ଲାଗିଛି।



ରେଫରି କ୍ଲିନିକ୍‌ରେ ଭାଗ ନେଇଥିବା ରେଫରିମାନେ କର୍ମକର୍ତ୍ତାଙ୍କ ସହ ।

# ଓଡ଼ିଶା ଭଲିବଲ ଆସୋସିଏଶନର ରେଫରି କ୍ଲିନିକ

ଭୁବନେଶ୍ୱର, ୨୨।୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଆନୁକୂଲ୍ୟରେ କିଟ୍ ପରିସରରେ ଏକ ରେଫରି କ୍ଲିନିକ୍ ୨୧ ଓ ୨୨ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ଜିଲାର ରେଫରି ଓ ଟେକ୍ନିକାଲ ଅଫିସିଆଲଙ୍କୁ ମିଶାଇ ପାଖାପାଖି ୮୦ ଜଣ ଉପସ୍ଥିତ ଥିଲେ। ଏହି କ୍ଲିନିକ୍‌ରେ ରେଫରିଙ୍କ କାର୍ଯ୍ୟଧାରା ଏବଂ ନୀତି ନିୟମ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ଭଲିବଲ ଆସୋସିଏଶନ ବାଇଲ ଅନୁସାରେ ପରାମର୍ଶଦାତା କମିଟି ଏବଂ ଓଡ଼ିଶା ଭଲିବଲ ରେଫରି ଆସୋସିଏଶନର କର୍ମକର୍ତ୍ତା ମନୋନୟନ ହୋଇଥିଲା। କ୍ଲିନିକ୍‌ରେ ଉପସ୍ଥିତ ଥିବା ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ରେଫରିଙ୍କ ଦ୍ୱାରା ନିର୍ବିବାଦରେ ଉକ୍ତ ପରାମର୍ଶଦାତା କମିଟି ଗଠିତ ହେବାସହ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ତଦନୁସାରେ ଓଭିଏର ସମ୍ପାଦକ ଡ. ଗଗନେନ୍ଦୁ ଦାସ ସଭାପତି, ଓଭିଏ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ କାର୍ଯ୍ୟକାରୀ ସଭାପତି, ପ୍ରମୋଦ କୁମାର ବେହେରା ଉପସଭାପତି, ସୁଦର୍ଶନ ପଟ୍ଟନାୟକ ସାଧାରଣ ସମ୍ପାଦକ, ନକୁଳ ଚନ୍ଦ୍ର ବେହେରା ସହସମ୍ପାଦକ, ଧନଞ୍ଜୟ ତ୍ରିପାଠୀ କୋଷାଧ୍ୟକ୍ଷ ଏବଂ କେ. ଶିବରାମ ପାତ୍ର, ବିଶ୍ୱଜିତ ଦାସ ଓ ତ୍ରିଲୋଚନ ଦାସ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଥିଲେ। ସେହିପରି ସମରେନ୍ଦ୍ର କୁମାର ମହାପାତ୍ର, ସଞ୍ଜୟ କୁମାର ଦାସ, ସୋମନାଥ ମହାପାତ୍ର, ଡ.ଗୌର ଗୋବିନ୍ଦ ସାମନ୍ତ, ରବି ରାଉତରାୟଙ୍କୁ ନେଇ ପରାମର୍ଶ ଦାତା କମିଟି ଗଠନ ହୋଇଛି।

# ରୁଷୀୟ ଆଥଲେଟଙ୍କ ନମୁନା ହେରଫେର ହେବା ଆଶଙ୍କା

ପ୍ୟାରିସ, ୨୨।୯(ପି.ଟି.)

ରୁଷୀୟ ଆଥଲେଟଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନା ଟ୍ୟାମ୍ପରିଂ ବା ହେରଫେର ହେବା ନେଇ ବିଶ୍ୱ ନିବାରଣ ସଂସ୍ଥା (ନାଡ଼ା) ସନ୍ଦେହ ପ୍ରକଟ କରିଛି। ରୁଷୀୟ ରାଜଧାନୀ ମସ୍କୋରେ ଥିବା ଲାବୋରେଟୋରିରେ ସଂଗୃହୀତ ହୋଇଥିବା ନମୁନାଗୁଡିକ ହେରଫେର ହୋଇଛି ଓ ରୁଷିଆ ଦ୍ୱାର ଏହା କରାଯାଇଛି ବୋଲି ବିଶ୍ୱସ୍ତସୂତ୍ରରୁ ୱାଡ଼ା ଜାଣିବାକୁ ପାଇଛି। ସୋମବାର ଟୋକିଓରେ ଆୟୋଜନ ହେବାକୁ ଥିବା ବୈଠକରେ କମ୍ପ୍ଲିଆନ୍ସ ରିଭ୍ୟୁ କମିଟି (ସିଆରସି) ବାସନ୍ଦ କରିବାକୁ ପ୍ରାସ୍ତାବ ଦେବା ସହ ଏ ନେଇ ୱାଡ଼ାକୁ ଏକ ରିପୋର୍ଟ ଦେବାକୁ ପ୍ରସ୍ତୁତି ଚଳାଇଛି। ଏହି ବୈଠକ ପରେ ସିଆରସି ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ୱାଡ଼ାର ଜଣେ ମୁଖପାତ୍ର କହିଛନ୍ତି। ତେବେ ଏବେ ସବୁ କିଛି କହିବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ରୁଷିଆ ପ୍ରାୟୋଜିତ ଏକ ବଡ଼ ଡୋପିଂ ସ୍କାଣ୍ଡାଲ ପରେ ମସ୍କୋ ଲାବୋରେଟୋରିରେ ନମୁନା ତଥା ଫାଇଲଗୁଡିକୁ ପୁନଃ ଅବସ୍ଥାପିତ କରାଯାଇଥିଲା। ଏବେ ଯାଞ୍ଚ କରିବା ପାଇଁ ୱାଡ଼ା ଅନୁମତି ପାଇବା ପରେ ଏଭଳି ଆଶଙ୍କା ପ୍ରକାଶ ପାଇଛି।

ଯଦି ଏହି ସମ୍ପୂର୍ଣ୍ଣ ପ୍ରକରଣରେ କୌଣସି ଠକାମି ହୋଇଥିବାର ପ୍ରମାଣ ମିଳେ ତାହେଲେ ରୁଷିଆକୁ ଅଲିମ୍ପିକ୍ସ ସମେତ ଆଗକୁ ଆୟୋଜନ ହେବାକୁଥିବା ବଡ଼ ବଡ଼ ଇଭେଣ୍ଟରୁ ବାସନ୍ଦ କରାଯିବ। ଉଲ୍ଲେଖଥାଉ କି, ୨୦୧୫ ପରଠାରୁ ରୁଷିଆକୁ ସବୁ ପ୍ରକାର ଅନ୍ତର୍ଜାତୀୟ ଆଥଲେଟିକ ଇଭେଣ୍ଟରୁ ବାସନ୍ଦ କରାଯାଇଛି। ଯଦିଓ କେତେକ ଆଥଲେଟଙ୍କୁ ନିରପେକ୍ଷ ପତାକା ତଳେ ବିଭିନ୍ନ ଅନ୍ତର୍ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯାଇଛି। ସେପ୍ଟେମ୍ବର ୨୭ରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଆଥଲେଟିକ ଚାମ୍ପିୟନଶିପ୍‌ରେ ରୁଷୀୟ ଖେଳାଳିଙ୍କୁ ପୁଣି ସାମିଲ କରିବା ନେଇ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ) ପୁଣି ଥରେ ଗୁରୁତର ସହ ଚିନ୍ତା କରୁଛି। ଚଳିତ ବର୍ଷ ଶେଷ ଆଡକୁ ୱାଡ଼ା ସବୁ ଦୃଷ୍ଟିକୋଣରୁ ବିଚାର କରି ସବୁ ଡୋପିଂ ମାମଲାଗୁଡିକର ବିଶ୍ଳେଷଣ କରିବ। ମସ୍କୋରେ ଥିବା ଡ୍ରଗ୍ ଟେଷ୍ଟିଂ ଲାବୋରେଟୋରିରେ ୨୯୮ଜଣଙ୍କ ନମୁନାରେ ହେରଫେର ହୋଇଥିବା ପ୍ରମାଣ ମିଳିଥିବା କଥା କୁହାଯାଇଛି।

## ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ

# ଦୀପକଙ୍କୁ ରୌପ୍ୟ, ରାହୁଲଙ୍କୁ ବ୍ରୋଞ୍ଜ

ନୁର-ସୁଲତାନ (କାଜାଖସ୍ତାନ), ୨୨।୯(ପିଟି)

ଏଠାରେ ଚାଲିଥିବା ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରେ ରବିବାର ଭାରତକୁ ଏକ ରୌପ୍ୟ ସମେତ ଦୁଇ ପଦକ ମିଳିଛି। ୮୬ କେଜି ବର୍ଗରେ ଫାଇନାଲରେ ପ୍ରବେଶ କରିଥିବା ଦୀପକ ପୁନିଆ ଆହତ ସମସ୍ୟା ଯୋଗୁ ଫାଇନାଲରୁ ଓହରି ଯାଇଥିଲେ। ଫଳରେ ୨୦ ବର୍ଷୀୟ ରେସଲରଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହାପରେ ରାହୁଲ ଆୱାରେ ୬୧ କେଜି ବର୍ଗରେ ଦେଶ ପାଇଁ ୫ମ ପଦକ ଆଣିଛନ୍ତି। ବ୍ରୋଞ୍ଜ ପଦକ ଲାଗି ହୋଇଥିବା ପ୍ଲେ-ଅଫ୍ ମ୍ୟାଚ୍‌ରେ ସେ ୨୦୧୭ ପାନ ଆମେରିକା ଚାମ୍ପିୟନ ଟେଲର ଲି ଗ୍ରାଫଙ୍କୁ ୧୧-୪ରେ ହରାଇ ଦେଇଛନ୍ତି। ସମ୍ମାନଜନକ ଇଭେଣ୍ଟରେ ଭାରତ ମୋଟ ୫ ପଦକ ସହ ଅଭିଯାନ ଶେଷ କରିଛି। ଦୀପକ ଓ ରାହୁଲଙ୍କ ବ୍ୟତୀତ ବଜରଙ୍ଗ ପୁନିଆ, ରବି ଡାହିୟା ଓ ଭିନେଶ ଫୋଗଟ୍ ପଦକ ହାତେଇଛନ୍ତି। ଏହି ଟୁର୍ନାମେଣ୍ଟ ଇତିହାସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ୨୦୧୩ ସଂସ୍କରଣରେ ଭାରତ ୩ ପଦକ ଜିତିଥିଲା। ସେହିଥର ଅମିର ଡାହିୟା(ରୌପ୍ୟ), ବଜରଙ୍ଗ ପୁନିଆ (ବ୍ରୋଞ୍ଜ) ଓ ସନ୍ଦୀପ ତୁଲସୀ ଯାଦବ (ବ୍ରୋଞ୍ଜ) ପଦକ ହାତେଇଥିଲେ।

ଆୱାରେ ପୂରା ମ୍ୟାଚ୍‌ରେ ସମ୍ପୂର୍ଣ୍ଣ କଣ୍ଟ୍ରୋଲରେ ଥିଲେ। ମହାରାଷ୍ଟ୍ରର କୁସ୍ତିଯୋଦ୍ଧା ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ସହ ଏସିଆନ୍ ଚାମ୍ପିୟନଶିପ୍(୨୦୦୯ ଓ ୨୦୧୧)ରେ ଦୁଇ ବ୍ରୋଞ୍ଜ ପଦକ ଜିତିଥିଲେ। ବାଉଟର ପ୍ରଥମାର୍ଦ୍ଧରେ ଆମେରିକାନ ଗ୍ରାପଲର ଦୁଇ ଗୋଡ଼ରେ ରାହୁଲଙ୍କୁ ଆଟାକ କରିଥିଲେ। ଏହାସତ୍ତ୍ୱେ ବ୍ରେକ୍ ସୁଦ୍ଧା ରାହୁଲ ୪-୨ ବ୍ୟବଧାନରେ ଆଗୁଆ ଥିଲେ। ପରେ ରାହୁଲ ବାଉଟ୍‌କୁ ଆମେରିକୀୟ ଯୋଦ୍ଧାଙ୍କ ହାତରୁ ବହୁ ଦୂରକୁ ନେଇ ଯାଇଥିଲେ। ସେ ପୂର୍ବରୁ ସେମିଫାଇଲରେ ୬-୧୦ ବ୍ୟବଧାନରେ ଇରୋପିଆନ ରୌପ୍ୟ ପଦକ ସଜେନ ବେକା ଲୋମଟାଡ୍‌ଜେଙ୍କଠାରୁ ପରାସ୍ତ ହୋଇଛନ୍ତି। ପ୍ରତିଯୋଗିତାର ଅନ୍ତିମ ଦିନ ସକାଳେ ଅନୁଷ୍ଠିତ ହେବାକୁ ଥିବା ୮୬ କେଜି ବର୍ଗର ଫାଇନାଲରେ ଦୀପକ ଖେଳିବାକୁ ସକ୍ଷମ ନ ଥିବା ସ୍ପଷ୍ଟ କରିଥିଲେ। ଫାଇନାଲରେ ସେ ଇରାନର କିମ୍ବଦନ୍ତୀ ହାଜସାନ ୟାଜଦାନିଙ୍କୁ ଭେଟିବାର ଥିଲା। କିନ୍ତୁ ସେମିଫାଇନାଲରେ ତାଙ୍କ ବାମଗୋଡ଼ ଗୋଇଠିରେ ଆଘାତ ଲାଗିଥିଲା। ଚାଲିବାବେଳେ ବାମ ପାଦରେ କଷ୍ଟ ଅନୁଭବ କରୁଛି। ଏଭଳି ସ୍ଥିତିରେ ଲଢ଼େଇ କରିବା କଷ୍ଟକର। ମୁଁ ଜାଣିଛି, ୟାଜଦାନିଙ୍କ ସହ ଲଢ଼ିବାକୁ ଏହା ସବୁଠୁ ବଡ଼ ସୁଯୋଗ। କିନ୍ତୁ ମୁଁ ଲଢ଼ି ପାରିବି ନାହିଁ ବୋଲି ଦୀପକ କହିଛନ୍ତି। ସୁଇଜରଲାଣ୍ଡର ଷ୍ଟେଫାନ ରିଜମୁଥଙ୍କ ବିପକ୍ଷ ସେମିଫାଇନାଲ ମ୍ୟାଚ୍ ପରେ ଦୀପକ ଛୋଟେଇ ଛୋଟେଇ ମ୍ୟାଟରୁ ଫେରିଥିଲେ। ତାଙ୍କ ଆଖିରେ ମଧ୍ୟ ଆଘାତ ଲାଗିଥିଲା। ଉଲ୍ଲେଖଥାଉ କି, ଦୁଇ ଥର ଅଲିମ୍ପିକ୍ ପଦକ ବିଜେତା ସୁଶୀଲ କୁମାର ଏକମାତ୍ର ଭାରତୀୟ ରେସଲର ଭାବେ ବିଶ୍ୱ ଚାମ୍ପିୟନ ଟାଇଟଲ ଜିତିଥିଲେ। ୨୦୧୦ ବିଶ୍ୱ ଚାମ୍ପିୟନଶିପ ମସ୍କୋଠାରେ ୬୬ କେଜି ବର୍ଗରେ ଏହି ସଫଳତା ପାଇଥିଲେ।



ରାହୁଲ ଆୱାରେ ଓ ଟେଲର ଲି ଗ୍ରାଫଙ୍କ ମଧ୍ୟରେ ଲଢ଼େଇ ।



❝ ଏସିଆନ ଏଜ୍ ଗ୍ରୁପ ସନ୍ତରଣ ଚାମ୍ପିୟନଶିପ୍‌ର ପଦକ ତାଲିକାରେ ଶୀର୍ଷସ୍ଥାନ ହାସଲ କରିବା ଭାରତର ଲକ୍ଷ୍ୟ। ଏଥିପାଇଁ ଭଲ ଭାବେ ପ୍ରସ୍ତୁତି ହୋଇଛି।
–ପ୍ରଦୀପ କୁମାର, ଭାରତୀୟ ସୁଇମିଂ କୋଚ୍



❝ ଲାଭରକପ୍ ଟେନିସ ଟୁର୍ନାମେଣ୍ଟରୁ ଓହରି ଯାଇଥିବାରୁ ମୁଁ ଦୁଃଖିତ । ମାତ୍ର ହାତ ଫୁଲି ଯାଇଥିବାରୁ ମୁଁ ବିଶ୍ରାମ ଆବଶ୍ୟକ କରୁଛି।
–ରାଫାଲ ନାଡାଲ, ସ୍ପେନ ଟେନିସ ତାରକା

## ସଂକ୍ଷେପରେ

### ଓଡ଼ିଶା ଖୋ ଖୋ ଆସୋସିଏଶନର ନିର୍ବାଚନ

## ନାରାୟଣ ସଭାପତି, ପ୍ରଦ୍ୟୁମ୍ନ ସମ୍ପାଦକ

ଭୁବନେଶ୍ୱର, ୨୨।୯(ସ୍ପୋର୍ଟ୍ସ ବ୍ୟୁରୋ): ଓଡିଶା ଖୋଖୋ ଆସୋସିଏଶନ ନିର୍ବାଚନ (୨୦୧୯-୨୦୨୩) ଓଡିଶା ଅଲମ୍ପିକ ଆସୋସିଏଶନର ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀ ଆଇନଜୀବୀ ରବି ଶଙ୍କର ପ୍ରତିହାରୀ ଏହାକୁ ପରିଚାଳନା କରିଥିଲେ। ସଭାପତି ଭାବେ ନାରାୟଣ ପାତ୍ର, ଉପସଭାପତି ଭାବେ କ୍ଷିତିଶ ସାମନ୍ତରାୟ, ଜନାର୍ଦ୍ଦନ ଦାସ, ନଳିନୀ କୁମାର ଦାସ , ତୁଷାରକାନ୍ତି ଘୋଷ, ବିଜୟ ଭାସ୍କର ସିଂ ସାମନ୍ତ, ସମ୍ପାଦକ ଭାବେ ପ୍ରଦ୍ୟୁମ୍ନ ମିଶ୍ର , ସହ ସମ୍ପାଦକ ଭାବେ କାର୍ତ୍ତିକ ଚନ୍ଦ୍ର ନାୟକ, ଲକ୍ଷ୍ମଣ କୁମାର ନାଥ, କୋଷାଧକ୍ଷ ଭାବେ ଚୌଧୁରୀ ପାର୍ଥ ସାରଥି ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ଭାବେ ଅଶୋକ କୁମାର ସାହୁ, ଅଜୟ କୁମାର ସ୍ୱାଇଁ, ପ୍ରଶାନ୍ତ ସେଠ୍, ସୁନାକର ରାଉତ, ଭୁବନ ମୋହନ ଦାସ, ବୁଲୁ ପଟ୍ଟନାୟକ ଆଗାମୀ ୪ ବର୍ଷ ପାଇଁ (୨୦୧୯ - ୨୦୨୩) ସର୍ବସମ୍ମତି କ୍ରମେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ଭାରତୀୟ ଖୋ ଖୋ ସଂଘ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଛତିଶଗଡ ଖୋଖୋ ସଂଘ ସଭାପତି କମଲଜିତ୍ ଆରୋରା ଯୋଗ ଦେଇଥିଲେ।

## ଷ୍ଟାଡିୟମରେ ମହିଳାଙ୍କ ପ୍ରବେଶ ନେଇ ଇରାନକୁ ଫିଫାର ନିର୍ଦ୍ଦେଶ

ପ୍ୟାରିସ୍,୨୨।୯(ଏଏଫ୍‌ପି): ଫୁଟବଲ୍ ଷ୍ଟାଡିୟମରେ ମହିଳା ପ୍ରଶଂସିକାଙ୍କ ପ୍ରବେଶ ନେଇ ଅନୁମତି ଦେବାକୁ ଫିଫା ଇରାନ୍‌କୁ ନିର୍ଦ୍ଦେଶ ଦେଇଛି। ବହୁ ଚର୍ଚ୍ଚିତ 'ବ୍ଲୁ ଗର୍ଲ' ଘଟଣାରେ ଜଣେ ମହିଳା ଆତ୍ମହତ୍ୟା କରିବା ପରେ ଫିଫା ଏ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏହି ଘଟଣା ଅନୁସାରେ ଫୁଟବଲ ଷ୍ଟାଡିୟମକୁ ପ୍ରବେଶ କରୁଥିବାବେଳେ ଜଣେ ମହିଳାଙ୍କୁ ଗିରଫ କରାଯାଇଥିଲା। ଏଥିରେ କ୍ଷୁବ୍ଧ ହୋଇ ସମ୍ପୃକ୍ତ ମହିଳା ଜଣକ ଆତ୍ମହତ୍ୟ କରିଥିଲେ। ଫଳରେ ଫିଫା ଫୁଟବଲ ଷ୍ଟାଡିୟମରେ ମହିଳାଙ୍କ ଅସୀମିତ ପ୍ରବେଶ ପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ଇରାନକୁ ନିର୍ଦ୍ଦେଶ ଦେଇଛି। ଫୁଟବଲ ଓ ମହିଳାଙ୍କ ସମସ୍ୟା ନେଇ ଫିଫାର ପ୍ରତିନିଧି ଦଳ ଚଳିତ ସପ୍ତାହ ଶେଷ ପୂର୍ବରୁ ଇରାନ ଗସ୍ତ କରିଛି। ଫୁଟବଲ ମ୍ୟାଚ୍ ଦେଖିବାକୁ ମହିଳାଙ୍କୁ ଅନୁମତି ଦେବା ଓ ବିନାମୂଲ୍ୟରେ ଏହି ସୁବିଧା ଯୋଗାଇଦେବାକୁ ଫିଫା ତା'ର ଏହି ଆଭିମୁଖ୍ୟକୁ ଦୋହରାଇଛି। ଦେଶରେ ଏହା ଫୁଟବଲର ଲୋକପ୍ରିୟତାକୁ ବଢ଼ାଇବାର ସହାୟକ ହେବ ବୋଲି ଫିଫା ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ୧୯୮୧ ପରଠାରୁ ଇରାନ ମହିଳା ପ୍ରଶଂସକଙ୍କୁ ପ୍ରବେଶ କରିବା ପାଇଁ ଅନୁମତି ଦେଉନାହିଁ। ପୁରୁଷ ଫୁଟବଲରମାନେ ସମ୍ପୂର୍ଣ୍ଣ ପୋଷାକ ପରିଧାନ କରି ନ ଥିବାରୁ ଷ୍ଟାଡିୟମରେ ଏକ ଭିନ୍ନ ପ୍ରକାର ପରିବେଶ ସୃଷ୍ଟି ହେଉଛି। ଫଳରେ ମୁସଲିମ୍ ଧର୍ମଗୁରୁମାନେ ମହିଳାଙ୍କୁ ଷ୍ଟାଡିୟମ ପ୍ରବେଶ ନେଇ ବାରଣ କରିଛନ୍ତି।
'ବ୍ଲୁ ଗର୍ଲ' ଘଟଣାରେ ମହିଳା ପ୍ରଶଂସକ ଜଣକ ପୁରୁଷ ବେଶରେ ଷ୍ଟାଡିୟମକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ। ତେବେ ସେ ଧରାପଡି ଗିରଫ ହୋଇଥିଲେ। ସମ୍ପୃକ୍ତ ମହିଳା ଜଣକ ଏଷ୍ଟେଘଲାଲ ଏଫ୍‌ସିକୁ ସମର୍ଥନ କରୁଥିଲେ। ଏହି କ୍ଲବର ଖେଳାଳିଙ୍କ ଜର୍ସି ରଙ୍ଗ ବ୍ଲୁ ହୋଇଥିବାରୁ ମହିଳାଙ୍କୁ ବ୍ଲୁ ଗର୍ଲ ବୋଲି କୁହାଯାଉଛି। ଗିରଫ ହେବା ପରେ ସେ କୋର୍ଟ ବାହାରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ତେହେରାନ୍‌ର ଏକ ହସ୍ପିଟାଲରେ ସେ ମୃତ୍ୟୁବରଣ କରିଥିଲେ। ଏହି ଘଟଣା ପରେ ସାରା ବିଶ୍ୱରେ ଚର୍ଚ୍ଚା ଓ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ଇରାନକୁ ବାସନ୍ଦ କରବା ପାଇଁ ବିଶ୍ୱର ସର୍ବୋଚ୍ଚ ଫୁଟବଲ ସଂସ୍ଥା ଫିଫା ଉପରେ ଚାପ ପ୍ରୟୋଗ କରାଯାଇଥିଲା।

# ଦକ୍ଷିଣ ଆଫ୍ରିକା ବିଜୟୀ, ସିରିଜ ଡ୍ର

ବେଙ୍ଗାଲୁରୁ,୨୨।୯(ପି.ଟି.)

ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ଓ ଅଧିନାୟକ କ୍ୱିଣ୍ଟନ ଡିକକ୍‌ଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତକୁ ୧୯ଟି ବଲ୍ ବାକିଥାଇ ୯ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ଟି୨୦ ସିରିଜ ୧–୧ ବ୍ୟବଧାନରେ ଅମୀମାଂସିତ ଭାବେ ଶେଷ ହୋଇଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମୁକାବିଲାରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୫ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବାମହାତୀ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ବେଉରାନ ହେଣ୍ଡ୍ରିକ୍ସ ମାତ୍ର ୧୪ ରନ ଦେଇ ମୂଲ୍ୟବାନ ୨ ଉଇକେଟ ଅକ୍ତିଆର କରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ସାରା ସିରଜରେ ସ୍ଥିର ପ୍ରଦର୍ଶନ କରିଥିବା ଦକ୍ଷିଣ ଆଫ୍ରିକା ଅଧିନାୟକ କ୍ୱିଣ୍ଟନ ଡିକକ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୩୫ ରନ ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ଜବରଦସ୍ତ ଆରମ୍ଭ କରିଥିଲା। ରିଜା ହେଣ୍ଡ୍ରିକ୍ସ ଓ ଅଧିନାୟକ କ୍ୱିଣ୍ଟନ ଡିକକ୍ ଓପନିଂ ଯୋଡିରେ ୬୧ ବଲରୁ ୭୬ ରନ ସଂଗ୍ରହ କରି ଦଳକୁ ଦମ୍‌ଦାର ଆରମ୍ଭ ପ୍ରଦାନ କରିଥିଲେ। ତେବେ ଓପନର ହେଣ୍ଡ୍ରିକ୍ସ ୨୬ ବଲରୁ ୪ ଚୌକା ସହ ୨୮ ରନକରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ମିଡ୍‌ଅନ୍‌ରେ କୋହଲିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟ୍‌ରେ ଡିକକ୍ ଓ ଟେମ୍ବା ବଭୁମା ୪୦ ବଲରୁ ଅପରାଜିତ ୬୪ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡିକକ୍ ୫୨ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୫ ଛକା ସହ ୭୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ସେହିପରି ବଭୁମା ୨୩ ବଲରୁ ୨ ଚୌକା ଓ ୧ ଛକା ସହ ୨୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାର୍ଦ୍ଦିକ ଭାରତ ପାଇଁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଫଳରେ ବଡ଼ ସ୍କୋର ହାସଲ କରିବାରେ ସଫଳ ହୋଇପାରି ନ ଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ସର୍ବାଧିକ ୩୬ ରନ କରି ଆଉଟ ହୋଇଥିଲେ। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୯, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୪, ରବୀନ୍ଦ୍ର ଜାଡେଜା ୧୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ।

ତାରକା ଓପନର ରୋହିତ ଶର୍ମା ୯ ରନ କରି ବେଉରାନ ହେଣ୍ଡ୍ରିକ୍ସଙ୍କ ବଲ୍‌ରେ ରିଜା ହେଣ୍ଡ୍ରିକ୍ସଙ୍କୁ ସ୍ଲିପ୍‌ରେ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ଅନ୍ୟତମ ଓପନର ଶିଖର ଧାୱନ ତାବରେଜ ଶାମସିଙ୍କ ବଲକୁ ଏକ୍ସଟ୍ରା କଭର ଉପରେ ଦେଇ ମାରିବାକୁ ପ୍ରୟାସ କରିଥିଲେ। ତେବେ ସେ ଟେମ୍ବା ବଭୁମାଙ୍କ ହାତରେ ଧରା ପଡିଥିଲେ। ଅଧିନାୟକ ବିରାଟ କୋହଲି ଏହି ମ୍ୟାଚରେ ନିରାଶ କରିଥିଲେ। ସେ ମାତ୍ର ୯ ରନ କରିଥିବା ବେଳେ କାଗିସୋ ରାବାଡ଼ାଙ୍କ ବଲକୁ ଲଙ୍ଗ୍‌ଅନ୍ ଉପରେ ଛକା ମାରିବାକୁ ଯାଇ ବାଉଣ୍ଡାରିର ଅତି ନିକଟରେ ଆଣ୍ଡିଲ ଫେଲୁକ୍ୱାୟୋଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବେପରୁଆ ଶଟ୍ ଖେଳିବା ନେଇ ବେଶ୍ ସମାଲୋଚିତ ହେଉଥିବା ପନ୍ତ ପୁଣି ସେହି ତ୍ରୁଟି ଦୋହରାଇଥିଲେ। ବିର୍ଜନ ଫର୍ଚ୍ୟୁନଙ୍କ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ଲଙ୍ଗ୍ ଅଫ୍‌ରେ ସେ ଫେଲୁକ୍ୱାୟୋଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୫ ରନ କରିଥିବା ବେଳେ ଶ୍ରେୟାସ ଆୟାର ଫର୍ଚ୍ୟୁନଙ୍କ ବଲ୍‌ରେ ଉଇକେଟକିପର କ୍ୱିଣ୍ଟନ ଡିକକ୍ ଦ୍ୱାରା ଷ୍ଟମ୍ପ୍ ଆଉଟ ହୋଇଥିଲେ। ଏହାପରେ ହାର୍ଦ୍ଦିକ ରାବାଡ଼ାଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇ ଲଙ୍ଗ୍‌ଅନ୍‌ରେ ଡେଭିଡ ମିଲରଙ୍କୁ କ୍ୟାଚ୍ ଦେଇଥିଲେ। କ୍ରୁନାଲ ପାଣ୍ଡ୍ୟା ମାତ୍ର ୪ ରନ କରିଥିବା ବେଳେ ବେଉରାନ ହେଣ୍ଡ୍ରିକ୍ସଙ୍କ ବଲ୍‌ରେ ଉଇକେଟକିପର ଡିକକ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ୧୭ ବଲରୁ ଗୋଟିଏ ଚୌକା ଓ ଗୋଟିଏ ଛକା ସହ ୧୯ ରନ କରି ଜାଡେଜା ରାବାଡ଼ାଙ୍କ ଦ୍ୱାର କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ୱାଶିଂଟନ ସୁନ୍ଦର ୪ ରନ କରି ରନ୍ ଆଉଟ ହୋଇଥିବା ବେଳେ ଦୀପକ ଚହର ଓ ନବଦୀପ ସଇନି ବିନାସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ରାବାଡ଼ା ସର୍ବାଧିକ ୩, ଫର୍ଚ୍ୟୁନ ଓ ବେଉରାନ ହେଣ୍ଡ୍ରିକ୍ସ ୨ଟି ଲେଖାଏ, ଶାମସି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।




ଉଇକେଟ ନେବା ପରେ ତାବରେଜ ଶାମସି ଓ ବେଉରାନ ହେଣ୍ଡ୍ରିକ୍ସ ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୩୪/୯ (ଧାୱନ– ୩୬, ପନ୍ତ– ୧୯, ଜାଡେଜା– ୧୯, ହାର୍ଦ୍ଦିକ– ୧୪, ରାବାଡ଼ା– ୩/୩୯, ଫର୍ଚ୍ୟୁନ– ୨/ ୧୯, ହେଣ୍ଡ୍ରିକ୍ସ– ୨/୧୪)। ଦକ୍ଷିଣ ଆଫ୍ରିକା ୧୬.୫ ଓଭରରେ ୧୪୦/୧(ଡିକକ– ୭୯*, ହେଣ୍ଡ୍ରିକ୍ସ– ୨୮, ବଭୁମା– ୨୭*, ହାର୍ଦ୍ଦିକ– ୧/ ୨୩ )।

## ମୋତେ ଦରକାର ନାହିଁ, ମୋ କୋଚ୍‌ଙ୍କୁ ସମ୍ମାନ ଦିଅ: ଅମିତ୍ ପଙ୍ଘାଲ

ନୂଆଦିଲ୍ଲୀ,୨୨।୯(ପି.ଟି.)

ମୋତେ କୌଣସି ବ୍ୟକ୍ତିଗତ ସମ୍ମାନ କିମ୍ବା ପୁରସ୍କାର ଦରକାର ନାହିଁ। କିନ୍ତୁ ମୋ କୋଚ୍ ଅନିଲ ଧାଙ୍କରଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାରରେ ସମ୍ମାନିତ କରାଯାଉ ବୋଲି ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ଅମିତ୍‌ପଙ୍ଘାଲ କହିଛନ୍ତି। ନିକଟରେ ରୁଷିଆର ଇକାଟେରିନବର୍ଗଠାରେ ଶେଷ ହୋଇଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ପ୍ରଥମ ଭାରତୀୟ ଭାବେ ରୌପ୍ୟ ପଦକ ହାତେଇଛନ୍ତି। ସେ ପୂର୍ବରୁ ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୨ରେ ଡୋପିଂ ଟେଷ୍ଟରେ ବିଫଳ ହେବା ଯୋଗୁ ଅର୍ଜୁନ ସମ୍ମାନ ପାଇଁ ତାଙ୍କ ନାମକୁ ଉପେକ୍ଷା କରାଯାଇଥିଲା। ଏଥିସହ ତାଙ୍କୁ ଗୋଟିଏ ବର୍ଷ ପାଇଁ ବାସନ୍ଦ ମଧ୍ୟ ହେବାକୁ ପଡ଼ିଥିଲା। ସେହିବର୍ଷ ସେ ଚିକେନ ପକ୍ସ ରୋଗରେ ପୀଡ଼ିତ ଥିଲେ। ସଚେତନତା ଅଭାବରୁ ଏହି ସମୟରେ ସେ ଡାକ୍ତର ଦେଇଥିବା ଔଷଧ ଅତିମାତ୍ରରେ ବ୍ୟବହାର କରିଥିଲେ। ମୋତେ କୌଣସି ପୁରସ୍କାରର ଆବଶ୍ୟକତା ନାହିଁ। ହେଲେ କୋଚ୍ ଅନିଲ ଧାଙ୍କରଙ୍କୁ ଦ୍ରୋଣାଚାର୍ଯ୍ୟ ସମ୍ମାନ ଦିଆଯାଉ। ସେ ମୋ କ୍ୟାରିୟର ତିଆରି କରିଛନ୍ତି। ତାଙ୍କ ବିନା ମୁଁ ବକ୍ସର ହୋଇପାରି ନ ଥାନ୍ତି। ମୁଁ ୨୦୦୮ରେ ବକ୍ସିଂ ଆରମ୍ଭ କରିଥିଲି। ସେବେଠାରୁ ସେ ମୋ ସହ ଅଛନ୍ତି। ମୋତେ ଏବେ ମଧ୍ୟ କିଛି ମାର୍ଗ ଦର୍ଶନର ଆବଶ୍ୟକତା ପଡ଼ିଲେ, ମୁଁ ତାଙ୍କ ସାହାଯ୍ୟ ନିଏ। ତାଙ୍କୁ ଏକ ପୁରସ୍କାର ମିଳିଲେ, ମୁଁ ବହୁତ ଖୁସି ହେବି ବୋଲି ପଙ୍ଘାଲ କହିଛନ୍ତି। ୪୫ ବର୍ଷୀୟ ଧାଙ୍କର କଦାପି ଜାତୀୟ ଦଳ ସହ କୋଚ୍ ଭାବେ କାର୍ଯ୍ୟ କରି ନାହାନ୍ତି।

# ଉନ୍ନତ ପ୍ରଦର୍ଶନ ନେଇ ଦୂତୀ ଆଶାବାଦୀ



**ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୨।୯(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତମାସ ୨୭ ତାରିଖରେ ଦୋହାଠାରେ ଆରମ୍ଭ ହେବ ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍। ଏଥିରେ ଭାଗ ନେବାକୁ ଯାଉଥିବା ଭାରତର ଦ୍ରୁତତମ ମହିଳା ତଥା ଓଡ଼ିଆ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଉନ୍ନତ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ସେ ଫାଇନାଲ୍ସରେ ପ୍ରବେଶ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଦୋହା ଭଳି ପରିବେଶରେ ଖାପ୍ ଖୁଆଇବା ପାଇଁ ଦୂତୀ ସ୍ୱତନ୍ତ୍ର ଭାବେ କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ଜାରି ରଖିଛନ୍ତି। ଏଥିପାଇଁ ସେ ରାତିରେ ଅଭ୍ୟାସ କରୁଛନ୍ତି। ଭାରତୀୟ ଦଳ ୨୩ ତାରିଖରେ ଦୋହା ଯିବାର କାର୍ଯ୍ୟକ୍ରମ ଥିଲେ ହେଁ ଦୂତୀ ୨୫ ତାରିଖରେ ସେଠାକୁ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ୨୦୧୭ ଲଣ୍ଡନ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଏବେ ସେ ନିଜର ତ୍ରୁଟି ସୁଧାରି ପ୍ରଦର୍ଶନରେ ଉନ୍ନତି ଆଣିବା ଲକ୍ଷ୍ୟରେ ରହିଛନ୍ତି।

ଦୋହାରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି ବୋଲି ଦୂତୀ କହିଛନ୍ତି। ଗତ ସଂସ୍କରଣରେ ସେମିଫାଇନାଲରେ ପ୍ରବେଶ କରିପାରି ନ ଥିଲି। ତେବେ ଏଥର ଅତିକମ୍‌ରେ ଫାଇନାଲ୍ସରେ ପ୍ରବେଶ କରିବି ବୋଲି ଆଶା ରଖିଛି। ଏହା ଆଦୌ ସହଜ ନୁହଁ। ତେବେ ଏଥିପାଇଁ ପ୍ରୟାସ କରିବି। ଫାଇନାଲ୍ସରେ ପହଞ୍ଚି ପାରିଲେ ଖୁସି ହେବି ବୋଲି କହିଛନ୍ତି। ୨୦୧୭ ଲଣ୍ଡନ ବିଶ୍ୱ ଚାମ୍ପିୟନଶିପ୍‌ରେ ଦୂତୀ ହିଟ୍ସରେ ୧୨.୦୭ ସେକେଣ୍ଡ ନେଇ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ଓ ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲେ। ଏବେ ପ୍ରସ୍ତୁତି ଠିକ୍ ଚାଲିଛି। ଦୋହା ରେସ୍ ଟାଇମିଂ ସହ ଖାପ୍ ଖୁଆଇବା ପାଇଁ ରାତିରେ ଅଭ୍ୟାସ କରୁଛି। ରାତି ୭ରୁ ୮ଟା ମଧ୍ୟରେ ଅଭ୍ୟାସ କରୁଛି ବୋଲି ସେ କହିଛନ୍ତି। ତେବେ ଦୋହାରେ କ'ଣ ହେଉଛି ତାହା ପରେ ଦେଖାଯିବ ବୋଲି ୨୩ ବର୍ଷୀୟା ଦୂତୀ କହିଛନ୍ତି। ଗତ ଜୁଲାଇରେ ଦୂତୀ ପ୍ରଥମ ଭାରତୀୟ ସ୍ପ୍ରିଣ୍ଟର ଭାବେ ବିଶ୍ୱ ୟୁନିଭର୍ସିଟି ଗେମ୍ସ ଭଳି କୌଣସି ବିଶ୍ୱସ୍ତରୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସେ କୋଚ୍ ଏନ୍. ରମେଶଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଜାରି ରଖିଛନ୍ତି।

ଦୋହାରେ ସେ ମହିଳା ୧୦୦ମି. ହିଟ୍ସରେ ଆସନ୍ତା ୨୮ ତାରିଖର ଅପରାହ୍ନ ୪.୩୦ (ଭାରତୀୟ ସମୟ ସନ୍ଧ୍ୟା ୭.୩୦)ରେ ଦୌଡ଼ିବେ। ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା କଷ୍ଟସାଧ ବୋଲି ସେ ସ୍ୱୀକାର କରିଛନ୍ତି। ଚଳିତ ସେସନରେ ଦୂତୀ ୧୫ଟି କମ୍ପିଟେଟିଭ ରେସ୍‌ରେ ଅଂଶଗ୍ରହଣ କରିଛନ୍ତି। ସେ ୩ଟି ଇଣ୍ଡିଆନ୍ ପ୍ରିକ୍ସ, ୩ଟି ଫେଡ କପ୍, ୩ଟି ଆନ୍ତଃ ରାଜ୍ୟ ଜାତୀୟ, ୩ଟି ବିଶ୍ୱ ୟୁନିଭର୍ସିଟି ଓ ୩ଟି ଏସିଆନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଛନ୍ତି। ପ୍ରତି ଦୁଇବର୍ଷରେ ଥରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ହୋଇଥାଏ। ତେବେ ଅଗଷ୍ଟ ପରେ ଏହି ମୋଗ ଇଭେଣ୍ଟ ଆୟୋଜିତ ହୋଇ ନ ଥାଏ। କିନ୍ତୁ ଦୋହାରେ ପ୍ରବଳ ଗ୍ରୀଷ୍ମ ଚାଲିଥିବାରୁ ଏଥର ଏହାକୁ ସେପ୍ଟେମ୍ବର ଶେଷ ଓ ଅକ୍ଟୋବର ଆରମ୍ଭରେ ଆୟୋଜନ କରାଯାଉଛି।

କୋଚ୍ ଏନ୍. ରମେଶ ଦୂତୀଙ୍କ ସହ ଦୋହା ଯିବେ। ରମେଶ ଭାରତ ଅଫିସିଆଲ ଦଳରେ ସାମିଲ ହୋଇ ନ ଥିବାରୁ ତାଙ୍କର ସବୁ ଖର୍ଚ୍ଚ ଦୂତୀ ବହନ କରିବେ। ରହିବା ଓ ଫ୍ଲାଇଟ୍ ଖର୍ଚ୍ଚ ମୁଁ ବହନ କରିବି। ରମେଶଙ୍କ ପାଇଁ ଏକ ପାସ ବ୍ୟବସ୍ଥା କରିବାକୁ ଆଥଲେଟିକ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍‌ଆଇ)କୁ କହିଛି । ଏଏଫ୍‌ଆଇ ମଧ୍ୟ ପାସ ଦେବାକୁ ବ୍ୟବସ୍ଥା କରୁଛି ବୋଲି ଦୂତୀ କହିଛନ୍ତି। ଗତ ମାସ ଭିଜା ସମସ୍ୟା କାରଣରୁ ୟୁରୋପ୍‌ରେ କେତୋଟି ଦୌଡ଼ ଅଂଶଗ୍ରହଣ କରିପାରି ନ ଥିବାରୁ ଦୂତୀ ଅବସୋସ ଜାହିର କରିଛନ୍ତି। କେତେକ ବୈଷୟିକ ସମସ୍ୟା ଯୋଗୁ ଭିଜା ମିଳିପାରି ନ ଥିଲା ବୋଲି ଦୂତୀ କହିଛନ୍ତି।

# ଅଭ୍ୟାସ ମ୍ୟାଚ୍‌ରେ ହାରିଲା ବୋର୍ଡ ସଭାପତି ଏକାଦଶ

**ମହିଳା ଟି୨୦**

ସୁରଟ, ୨୨।୯(ପି.ଟି.)

ସ୍ଥାନୀୟ ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଟି୨୦ ଅଭ୍ୟାସ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ମହିଳା ଦଳଠାରୁ ବୋର୍ଡ ସଭାପତି ଏକାଦଶ ବୃହତ୍ ୮୩ ରନରେ ପରାସ୍ତ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ଅଭ୍ୟାସ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଜବାବରେ ସଭାପତି ଦଳ ୨୦ ଓଭରରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଭାରତ ତରଫରୁ ଭାରତୀ ଫୁଲମାଳି ୨୩, ମାନସି ଜୋଶୀ ୨୦, ଦେବିକା ବୈଦ୍ୟ ୧୯ ରନ କରି ଆଉଟ ହୋଇଥିବା ବେଳେ ତାରାନୁମ ପଠାନ ୧୫ ରନ କରି ଅପରାଜିତ ରହିଥିଲେ। ବାକି ୭ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଶବନିମ ଇସ୍‌ମାଇଲ ଓ ସୁନେ ଲୁସ୍ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଆୟାବୋଙ୍ଗା ଖାକା ୨ ଓ ଆନି ବୋସ୍କ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପକ୍ଷରୁ ଲିଜେଲି ଲି ୬୫, ତାଜମିନ ବ୍ରିଟ୍ସ ୨୦, ନାଡିନ ଡି କ୍ଲେର୍କ ୨୯ ରନକରି ଆଉଟ ହୋଇଥିବା ବେଳେ ମିଗ୍‌ନନ ଡୁ ପ୍ରିଜ୍ ୪୦ ରନ କରି ଅପରାଜିତ ରହିଥିଲେ। ବୋଡ ସଭାପତି ଏକାଦଶ ତରଫରୁ ପଠାନ ୨, ଓଡ଼ିଆ ବୋଲର ସୁଶ୍ରୀ ଦିବ୍ୟଦର୍ଶିନୀ, ବୈଦ୍ୟ, ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୨୪ ତାରିଖରୁ ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା ଦଳ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳାଯିବ। ଏହାପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଆୟୋଜନ ହେବ। ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ୨୬ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ବ୍ୟାଟିଂରେ ସେ ବିନା ସ୍କୋରରେ ରନ୍ ଆଉଟ ହୋଇ ଅନ୍ତିମ ଉଇକେଟ ଭାବେ ପ୍ୟାଭିଲିୟନ ଫେରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୭୪/୫
(ଲି– ୬୫, ପ୍ରିଜ୍– ୪୦*, ପଠାନ– ୨/୨୩)।
ବୋର୍ଡ ସଭାପତି ଏକାଦଶ
୨୦ ଓଭରରେ ୯୧ ଅଲଆଉଟ୍
(ଫୁଲମାଳି– ୨୩, ଜୋଶୀ– ୨୦, ଇସ୍‌ମାଇଲ– ୩/୧୧, ଲୁସ୍– ୩/୧୭, ସୁଶ୍ରୀ ଦିବ୍ୟଦର୍ଶିନୀ– ୧/ ୨୬)।

# ଓଡବ୍ଲ୍ୟୁଏସିର ମହିଳା ବାଇକ୍ ରାଲି

ଭୁବନେଶ୍ୱର, ୨୨।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଓମେନ୍ସ ଆଡ୍‌ଭେଞ୍ଚର କ୍ଲବ (ଓଡବ୍ଲ୍ୟୁଏସି) ଆନୁକୂଲ୍ୟରେ ରବିବାର ଏକ ମହିଳା ବାଇକ୍ ରାଲି ଆୟୋଜିତ ହୋଇଛି। ଏହି ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ରାମମନ୍ଦିର, ରୂପାଲି, ଆଚାର୍ଯ୍ୟବିହାର ଛକ ଦେଇ ରବୀନ୍ଦ୍ରମଣ୍ଡପଠାରେ ଶେଷ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଆୟୋଜିତ ଏହି ରାଲିରେ ପୁରୀ, କଟକ ଓ ଭୁବନେଶ୍ୱରରୁ ଶତାଧିକ ମହିଳା ଏହି ରାଲିରେ ଯୋଗ ଦେଇଥିଲେ। ରାଲି ମାଧ୍ୟମରେ ଆରୋହୀମାନେ ଟ୍ରାଫିକ୍ ସଚେତନତା ସୃଷ୍ଟି କରିଥିଲେ। କମିଶନରେଟ୍ ପୋଲିସ ଟ୍ରାଫିକ୍ ଡିସିପି ସାଗରିକା ନାଥ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଓଡବ୍ଲ୍ୟୁଏସି ୧୯୯୨ରେ ପ୍ରତିଷ୍ଠାଲାଭ କରି ଓଡ଼ିଶାରେ ବିଭିନ୍ନ କାର୍ଯ୍ୟକ୍ରମମାନ କରିଆସୁଛି। ଅନୁଷ୍ଠାନର ସମ୍ପାଦିକା ମଧୁସ୍ମିତା ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଇକ୍ ରାଲି ସଫଳତାର ସହ ସମ୍ପନ୍ନ ହୋଇଛି।



ଓଡ଼ିଶା ଓମେନ୍ସ ଆଡ୍‌ଭେଞ୍ଚର କ୍ଲବ ଆନୁକୂଲ୍ୟରେ ରବିବାର ଆୟୋଜିତ ମହିଳା ବାଇକ୍ ରାଲି।



କମିଶନରେଟ୍ ପୋଲିସ ଟ୍ରାଫିକ୍ ଡିସିପି ସାଗରିକା ନାଥ ପତାକା ଦେଖାଇ ରାଲିର ଶୁଭାରମ୍ଭ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ସେପ୍ଟେମ୍ବର ୨୩/୨୦୧୯ Sambalpur, Monday, September 23 / 2019




# ବିବାହ ପ୍ରତିଶ୍ରୁତି ଦେଇ ଛାତ୍ରୀଙ୍କୁ ଅପହରଣ

କନ୍ଧମାଳ, ୨୨।୯ (ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ଥାନା ଅଞ୍ଚଳରେ ବିବାହ ପ୍ରତିଶ୍ରୁତି ଦେଇ ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରିବା ପରେ ଅପହର୍ତ୍ତାଙ୍କ ପରିବାର ଲୋକେ ଉକ୍ତ ଛାତ୍ରୀଙ୍କ ଗର୍ଭପାତ କରାଇଛନ୍ତି। ଅପହୃତା ଛାତ୍ରୀ ଜଣକ ନିଜ ପରିବାରକୁ ଫେରି ପୋଲିସରେ ଅଭିଯୋଗ କରିଥିଲେ ମଧ୍ୟ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଛି। ଅନ୍ୟପକ୍ଷେ ଅପହର୍ତ୍ତାଙ୍କ ମା' ଜଣେ ଅଙ୍ଗନୱାଡି କର୍ମୀ ହୋଇଥିବାରୁ ସେ ଫେରାର ଅଛନ୍ତି । ଫଳରେ ଦେଢମାସ ହେଲା ଅଙ୍ଗନୱାଡି ବନ୍ଦ ରହିଛି ।

ସୂଚନା ଅନୁସାରେ, କନ୍ଧମାଳ ବ୍ଲକ ଅଞ୍ଚଳର ଏକ କଲେଜରେ ପଢୁଥିବା ଅନୁସୂଚିତ ଜାତିର ଜଣେ +୨ ନାବାଳିକା ଛାତ୍ରୀଙ୍କ ସହ ସୋନପୁର ଜିଲାର ଏକ କଲେଜରେ ପଢୁଥିବା ଜଣେ +୩ ଛାତ୍ର ବଷ୍ଟୁ କାଳିଆଙ୍କ ପ୍ରେମ ସମ୍ପର୍କ ରହିଥିଲା। ବଷ୍ଟୁ ଉକ୍ତ ଛାତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବରଗଡ ନେଇ ୨ ଦିନ ରଖିଥିଲେ । ପରେ ଉକ୍ତ ଛାତ୍ରୀଙ୍କୁ ନିଜ ଘରକୁ ଆଣି ୫ମାସ ରଖିଥିଲେ । ଗତ ମେ ମାସରେ ଛାତ୍ରୀ ଜଣକ ୩ ମାସର ଗର୍ଭବତୀ ଥିବା ଜଣାପଡିବା ପରେ ବଷ୍ଟୁଙ୍କ ପରିବାର ଲୋକେ ତାଙ୍କୁ ସୁବର୍ଣ୍ଣପୁର ଜିଲା ତରଭା ଡାକ୍ତରଖାନାକୁ ନେଇ ଗର୍ଭପାତ କରାଇଥିଲେ ବୋଲି ଛାତ୍ରୀ ଜଣକ ଅଭିଯୋଗ କରିଛନ୍ତି । ଗର୍ଭପାତ ବେଳେ ତାଙ୍କଠାରୁ କୌଣସି ଦସ୍ତଖତ ନିଆଯାଇ ନ ଥିବା ସେ କହିଛନ୍ତି । ଏହାପରେ ବଷ୍ଟୁ ପାଠପଢା ବାହାନାରେ ଘରୁ ଫେରାର ହୋଇଯିବା ପରେ ଉକ୍ତ ଛାତ୍ରୀଙ୍କୁ ବଷ୍ଟୁଙ୍କ ପରିବାର ଲୋକ ଘରୁ ବାହାର କରି ଦେଇଥିଲେ । ଛାତ୍ରୀ ଜଣକ ନିଜ ପରିବାରକୁ ଫେରି ଏ ନେଇ କନ୍ଧମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ନେଇ ଭିତ୍ତି କରି ପୋଲିସ ଗତ ଅଗଷ୍ଟ ୫ ତାରିଖରେ ଏକ ମାମଲା (ନଂ.୧୩୫/୧୯) ରୁଜୁ କରିଛି। ସେହିଦିନଠାରୁ ବଷ୍ଟୁଙ୍କ ମା' ଫେରାର ଥିବାରୁ ଦେଢମାସ ହେବ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଛି । ଦେଢମାସ ହେବ ପୋଲିସ ମାମଲା ରୁଜୁ କରିଥିଲେ ମଧ ନିରବ ରହିଥିବା ନାବାଳିକା ଛାତ୍ରୀ ଜଣକ ଅଭିଯୋଗ କରିବା ସହ ତାଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କୁ ପଚାରିବାରୁ କହିଲେ, ଆମେ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରିଛୁ। ଏସ୍‌ପି ଏହି ମାମଲାର ସୁପରଭିଜନ କରିବେ ବୋଲି ସୂଚନା ଦେଇଛନ୍ତି ।

■ଆନ୍ତଃ ମହାବିଦ୍ୟାଳୟ ହକି ପ୍ରତିଯୋଗିତା

# ଲଗାତର ୨୪ ବର୍ଷ ଚାମ୍ପିୟନ ହେଲା ମ୍ୟୁନିସିପାଲ କଲେଜ

ରାଉରକେଲା ଅଫିସ,୨୨।୯



ଚାମ୍ପିୟନ ଦଳକୁ ମୁଖ୍ୟଅତିଥି ଟ୍ରଫି ପ୍ରଦାନ କରୁଛନ୍ତି ।

ମ୍ୟୁନିସିପାଲ କଲେଜ ଆନୁକୂଲ୍ୟରେ ଗତ ୨୦ରୁ ୨୨ ଦୁଇଦିନ ଧରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟ ହକି ପ୍ରତିଯୋଗିତା ପାନପୋଷ ସ୍ପୋର୍ଟସ୍ ହଷ୍ଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୨ଟି ମହାବିଦ୍ୟାଳୟ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଛେଣ୍ଡସ୍ଥିତ ହୃଷୀକେଶ ରାୟ ମହାବିଦ୍ୟାଳୟ ଓ ମ୍ୟୁନିସିପାଲ କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ଗୋଲ ବ୍ୟବଧାନରେ ହୃଷୀକେଶ ରାୟ ମହାବିଦ୍ୟାଳୟକୁ ପରାସ୍ତ କରି ମ୍ୟୁନିସିପାଲ ମହାବିଦ୍ୟାଳୟ ଲଗାତର ୨୪ ବର୍ଷ ଚାମ୍ପିୟନ ଆଖ୍ୟା ବଜାୟ ରଖିଥିଲା। ଉଦ୍‌ଯାପନୀ ଉତ୍ସବରେ ମ୍ୟୁନିସିପାଲ କଲେଜର ପୂର୍ବତନ ଅଧକ୍ଷ ପ୍ରସାଦ ପାତ୍ର ଯୋଗଦେଇ ବିଜେତା ଓ ଉପ ବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟୁନିସିପାଲ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା ନେଇ ପାତ୍ର ସନ୍ତୋଷ ବ୍ୟକ୍ତ କରିବା ସହ ଉପବିଜେତାଙ୍କୁ ଭବିଷ୍ୟତରେ ଭଲ ପ୍ରଦର୍ଶନ ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ପ୍ରଶିକ୍ଷକ କ୍ୟାପଟେନ ସତ୍ୟନାରାୟଣ ରାଉତଙ୍କୁ ପ୍ରଶଂସା କରିଥିଲେ। ମ୍ୟୁନିସିପାଲ କଲେଜର ଅଧକ୍ଷ, ଅଧ୍ୟାପିକା, ଆଧ୍ୟାପକ ଓ କର୍ମଚାରୀ କଲେଜର ଏଭଳି ବିଜୟ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଅଧକ୍ଷ ପ୍ରଫେସର ଶରତ ପାଣିଗ୍ରାହୀ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ



### ରକ୍ତଦାନ କଲେ ଯୁବ ରେଡକ୍ରସ ଶିବିରାର୍ଥୀ

**ଅମରପାଲି, ୨୨।୯ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜରେ ଯୁବ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିରର ରବିବାର ଥିଲା ଦ୍ୱିତୀୟ ଦିବସ। ଏଥିରେ ଶିବିରାର୍ଥୀମାନଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ରବିଚନ୍ଦ୍ର ପଶାୟତ ଓ ରାମନାରାୟଣ ଦାସ ତାଲିମ ପ୍ରଦାନ କରିଥିଲେ । ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର ଯୋଗଦେଇ ସଡକ ସୁରକ୍ଷା ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ରାଜ୍ୟ ଯୁବ ରେଡକ୍ରସ ପର୍ଯ୍ୟବେକ୍ଷକ ବି. ଗୋବିନ୍ଦ ରାଓ ପ୍ରଶିକ୍ଷାର୍ଥୀମାନଙ୍କୁ ଏଡ୍ସ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶିବିର ତରଫରୁ କଲେଜରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ୧୮ ଶିବିରାର୍ଥୀ ରକ୍ତଦାନ କରିଥିଲେ। ରମାକାନ୍ତ ପୁରୋହିତ, ଦେବାଶିଷ ପଧାନ, ଦିଲୀପ ମେହେର, ସୁରେନ୍ଦ୍ର ସାହୁ, ଶିବଶଙ୍କର ମହାନନ୍ଦ, ସଞ୍ଜୀବ ମେହେର, ଶିବାନନ୍ଦ ମେହେର, ପଦ୍ମନାଭ, ଉଦ୍ଧବ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ବୀରମହାରାଜପୁର ଅଗ୍ନିଶମ ଅଧିକାରୀ ଶିବିରାର୍ଥୀଙ୍କୁ ଅଗ୍ନିନିରୋଧ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ଗାନ୍ଧିଜୀ, ସାମ୍ପ୍ରତିକ ସମାଜ ଆଲୋଚନାଚକ୍ର

**ଟିକ୍ରାପଡା, ୨୨।୯(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱେଚ୍ଛାସ୍ୱେବୀ ଅନୁଷ୍ଠାନ ପ୍ରଗତି ଆନୁକୂଲ୍ୟରେ 'ଗାନ୍ଧିଜୀ ଏବଂ ସାମ୍ପ୍ରତିକ ସମାଜ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ବଜରଙ୍ଗଲାଲ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଗାନ୍ଧିଜୀଙ୍କ ନୀତି, ଆଦର୍ଶ ହିଁ ସାମ୍ପ୍ରତିକ ସମାଜକୁ ଉଚିତ ମାର୍ଗ ପ୍ରଦର୍ଶନ କରିପାରିବ। ସମାଜରେ ଶାନ୍ତି ସହାବସ୍ଥାନ, ସ୍ୱାବଲମ୍ବନ ପାଇଁ ଗାନ୍ଧିଜୀଙ୍କ ବିଚାରଧାରାକୁ କେବଳ ଉଚ୍ଚାରଣରେ ସୀମିତ ନ ରଖି ଆମ ଆଚରଣରେ ଏହା ପ୍ରତିଫଳିତ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତପୋଷଣ କରିଥିଲେ ।

■ ସମବାୟ ସଭାପତିଙ୍କ ହତ୍ୟା ଘଟଣା

## ହତ୍ୟାକାରୀଙ୍କୁ ଗିରଫ ଦାବିରେ ସ୍ମାରକପତ୍ର

**ଅମରପାଲି, ୨୨।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ସେବା ସମବାୟ ସଭାପତି ପ୍ରଦୀପ ବିଶ୍ୱାଳଙ୍କ ହତ୍ୟା ଘଟଣାକୁ ଚାରିଦିନ ବିତିଲାଣି। ହେଲେ ହତ୍ୟାକାରୀଙ୍କୁ ଗିରଫ କରି ପାରିନି ପୋଲିସ। ମାମଲା ରୁଜୁ କରି ପୋଲିସ ଚୁପ୍ ହୋଇ ବସିଛି। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ଜିଲା ପରିଷଦ ଗାୟତ୍ରୀ ପାଣିଗ୍ରାହୀ। ଏ ନେଇ ସେ ଏକ ଦାବିପତ୍ର ସୁବଳୟା ଥାନା ଅଧିକାରୀ ପ୍ରଦୀପ ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ମୃତକଙ୍କ ଶରୀରରେ ଆଘାତ ଚିହ୍ନ ରହିଥିବାରୁ ଏହା ଏକ ହତ୍ୟାକାଣ୍ଡ। ତେଣୁ ଯଥାଶୀଘ୍ର ଏହାର ତଦନ୍ତ କରି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବାକୁ ପାଣିଗ୍ରାହୀ ଦାବି କରିଛନ୍ତି। ଅଭିଯୋଗ ପତ୍ର ଦେବା ସମୟରେ ରଘୁବୀର ପାଣିଗ୍ରାହୀ, ଭାଜପା ଜିଲା ସମ୍ପାଦକ ରାଜେଶ ସେଠୀ, ଭୀଷ୍ମ ଦନ୍ତା, ଡମ୍ବରୁ ମେହେର, ଦିବ୍ୟଲୋଚନ ଗଡୁଆ, ସୁନୀତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗୁରୁବାର ରାତି ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ଖଣ୍ଡହତା ସେବା ସମବାୟ ସଭାପତି ତଥା ସୁବଳୟା ଥାନା ପୁଇପାଣି ଗ୍ରାମର ପ୍ରଦୀପ ବିଶ୍ୱାଳଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ଘରଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ପଡିଥିଲା। ଖଣ୍ଡହତାସ୍ଥିତ ନିଜ ଔଷଧ ଦୋକାନରୁ ଘରକୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। ତାଙ୍କୁ କେହି ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ଯାଏ ପ୍ରଦୀପଙ୍କ ମୃତ୍ୟୁର ଠିକ୍ ତଥ୍ୟ ଜଣା ପଡୁ ନ ଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।



ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ସୁବଳୟା ଥାନା ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।



ବୀରମହାରାଜପୁରରେ ରବିବାର ପୁଅଜିଉଁନ୍ତିଆ ଓଷା ପାଳନ ହେଉଛି ।

## ପୁଅ ଶୁଭମନାସି ପାଳିତ ହେଲା ପୁଅ ଜିଉଁନ୍ତିଆ

**ଅମରପାଲି, ୨୨।୯ (ଡି.ଏନ.ଏ.)**

ପୁଅମାନଙ୍କର ମଙ୍ଗଳ ମନାସି ପଶ୍ଚିମ ଓଡିଶାରେ ପାଳିତ ହୋଇଯାଇଛି ପୁଅ ଜିଉଁନ୍ତିଆ ବା ଦୂତୀ ବାହନ ଓଷା। ଏହି କ୍ରମରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ମଧ୍ୟ ମାଆମାନେ ପୁଅମାନଙ୍କର ଦୀର୍ଘ ଜୀବନ କାମନା କରି ଏବଂ ବିବାହିତ ନାରୀ ପୁତ୍ରଲାଭ ଆସାରେ ଏହି ନିର୍ଜଳା ଉପବାସ କରି ଓଷା ପାଳନ କରିଥାନ୍ତି । ଏହି ଓଷାରେ ମାଆମାନେ ଜିମୂତବାହନଙ୍କୁ ପୂଜା କରିଛନ୍ତି । ସନ୍ଧ୍ୟା ବେଳେ ଗାଁରେ ଏକତ୍ରିତ ହୋଇ ଫୁଲ, ଦୁବ, ବିଭିନ୍ନ ଫଳ, ଚାଉଳ, ଜହ୍ନି, କଖାରୁ ଆଦି ୨୧ ପ୍ରକାର ଫଳ ନେଇ ପୂଜା ମଣ୍ଡପରେ ରଖି ପୂଜା କରିଥିଲେ । ଘରେ ନିଜ ସନ୍ତାନ ମାନଙ୍କୁ ୧୦୮ ହଳ, ଅକ୍ଷତ ଅରୁଆ ଚାଉଳ ଓ ଶାଳ ଦନାରେ ଏକତ୍ରିତ କରି ବନ୍ଦାପନା କରିଥିଲେ।

## ଟାଙ୍ଗରସାହି ସ୍କୁଲରେ ବ୍ଲକସ୍ତରୀୟ ପ୍ରତିଯୋଗିତା

**ଅମରପାଲି, ୨୨।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଟାଙ୍ଗରସାହି ସ୍କୁଲରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା କରାଯାଇଛି। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଏହି ପ୍ରତିଯୋଗୀତା କରାଯାଇଥିଲା। ସ୍ୱଚ୍ଛତା ପ୍ରଦର୍ଶନୀରେ ଦିପ୍ତୀମୟୀ ପଧାନ, ସଂଗୀତରେ ଶେଷଦେବ ବିଶି, କୁଇଜରେ ଅମିତ ମେହେର, ପ୍ରବନ୍ଧରେ ସିପକ ସାହୁ, ସ୍ୱଚ୍ଛତା ସମ୍ମାନ ଲିଖନରେ ମାନସରଞ୍ଜନ ସିଂ, ତର୍କରେ ସଂଗୀତା ମେହେର ଓ ରୁଦ୍ରନାରାୟଣ ମହାନ୍ତି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଟାଙ୍ଗରସାହି ସ୍କୁଲର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ଓ ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲର ପ୍ରଧାନଶିକ୍ଷକ ବୈଦ୍ୟନାଥ କର୍ଣ୍ଣ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କେଞ୍ଚିରିଆପାଲି କ୍ଲଷ୍ଟର ସିଆରସିସି ଅକ୍ଷୟ ରାୟ ସଭା ସଂଯୋଜନା, ବହଳପଦର କ୍ଲଷ୍ଟରର ସିଆରସିସି ପ୍ରଦୀପ ଜଗଦଲା ଅତିଥି ପରିଚୟ ଓ ବାଗବର ସିଆରସିସି ପଦ୍ମନାଭ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭାବଗ୍ରାହୀ ମେହେର, ଅଭିମନ୍ୟୁ ବର୍ଗର୍ତ୍ତ, ଉମାଶଙ୍କର ପୂଜାହାରୀ, ନାରାୟଣ ଜଗଦଲା, ରାଜକୁମାର ବାଦୀ, ଅଜିତ ନାଏକ, ଅଭିମନ୍ୟୁ ଲୁହା, ଶ୍ରୀଧର ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିମାନେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ଗଣିତ ଶିକ୍ଷା ପ୍ରତି ଆଗ୍ରହୀ ହୁଅନ୍ତୁ ଛାତ୍ରୀଛାତ୍ର

**ତରଭା, ୨୨।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ନୂତନ ବାଳିକା ହାଇସ୍କୁଲ ପରିସରରେ ଜୁନିୟର ମ୍ୟାଥମେଟିକ୍ସ ଅଲମ୍ପିଆଡ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ଅଲମ୍ପିଆଡର ସଂଯୋଜକ କୃଷ୍ଣମୋହନ ମାହାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସ୍ପେସ୍ ଏପ୍ଲିକେସନ ସେଣ୍ଟରର ସରୋଜ କୁମାର ମହାନ୍ତି ମୁଖ୍ୟ ସାଧନା କର୍ମୀଭାବେ ଯୋଗଦେଇଥିଲେ। ଅଧ୍ୟାପକ ନିଳେନ୍ଦୁ ବେହେରା, ଶିକ୍ଷକ ନିଶିକାନ୍ତ ହାତୀ, ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ସାଧନା କର୍ମୀଭାବେ ଯୋଗଦେଇଥିଲେ। ସାଧନାକର୍ମୀ ମହାନ୍ତି ରାମାନୁଜଙ୍କ ଗଣିତ ଜୀବନ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ସେହିପରି ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ, ଭାଷ୍କରାଚାର୍ଯ୍ୟ ପ୍ରମୁଖଙ୍କ ଗଣିତକୁ ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ । ଇଲାବତୀ ସୂତ୍ର, ବୈଦିକ ଗଣିତର ଅନେକ ସମସ୍ୟାର ସରଳ ସମାଧାନର ସୂତ୍ର ସେ ପିଲାଙ୍କୁ ଶିଖାଇଥିଲେ । ଭୟ ନ କରି ଗଣିତ ଶିକ୍ଷା ପ୍ରତି ଆଗ୍ରହୀ ହେବା ପାଇଁ ସାଧନା କର୍ମୀ କୃଷ୍ଣଚନ୍ଦ୍ର ମାହାଣା ଗାଣିତିକ ଗଳ୍ପମାନ ପିଲାଙ୍କୁ କହିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବାଳିକା ଓ ବାଳକ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ବାଳିକା ହାଇସ୍କୁଲର ସିତାଞ୍ଜଳି ପଟ୍ଟନାୟକ, ଗତିକୃଷ୍ଣ ଗୁରୁ, ସୁଧିର ସାହୁ ଓ ପ୍ରଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

■ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କୁ ଭେଟିଲେ କୋସଲ ଏକାଡେମୀର କର୍ମକର୍ତ୍ତା

## କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା, ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି

**ସୋନପୁର,୨୨।୯(ନି.ପ୍ର.)**

କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଓ କୋସଲ ହେରିଟେଜ ଟ୍ରଷ୍ଟର କର୍ମକର୍ତ୍ତା ଗତ ୨୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଛନ୍ତି। ଏହି ଅବସରରେ କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ଓ ପଶ୍ଚିମ ଓଡିଶାକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଏକାଡେମୀ ପକ୍ଷରୁ ରବିବାର ସୁବର୍ଣ୍ଣପୁରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସେହିପରି ପଶ୍ଚିମାଞ୍ଚଳର ମୁଖ୍ୟ ସମସ୍ୟା ଓ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗ୍ରହଣ ସମ୍ପର୍କରେ ଡ. ମିଶ୍ରଙ୍କ ସହ ଆଲୋଚନା ହୋଇଥିଲା। ୨୦୨୧ ମାତୃଭାଷା ଜନଗଣନା ପୂର୍ବରୁ ପଶ୍ଚିମ ଓଡିଶା ବାସୀଙ୍କ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରାଯିବାକୁ ଅନୁରୋଧ କରାଯାଇଛି। ଗତ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ କର୍ମକର୍ତ୍ତାମାନେ ଦିଲ୍ଲୀରେ ରହି ପଶ୍ଚିମ ଓଡିଶାବାସୀଙ୍କ ଭାଷା ଓ ସ୍ୱତନ୍ତ୍ର ପ୍ରଦେଶକୁ ନେଇ ବିଭିନ୍ନ କାୟର୍ୟକ୍ରମରେ ସାମିଲ ହୋଇଥିଲେ। କୋସଲ ଏକାଡେମୀର ସଭାପତି ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ, କୋଷାଧ୍ୟକ୍ଷ ନିମାଇଁ ଚରଣ ନାୟକ ଓ ଯୁଗ୍ମ ସମ୍ପାଦକ ବ୍ରଜମୋହନ ଦାନୀ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। ଗତ ୧୫ ତାରିଖରେ ଜବାହାରଲାଲ ନେହେରୁ ଷ୍ଟାଡିୟମରେ ଜୁହାର ପରିବାର ପକ୍ଷରୁ ଅନୁଷ୍ଠିତ ନୂଆଁଖାଇ ଉତ୍ସବରେ ଯୋଗ ଦେଇଥିଲେ। ପ୍ରତିନିଧିଙ୍କୁ ଦିଲ୍ଲୀର ବୁଦ୍ଧିଜୀବୀମାନେ ସମ୍ବର୍ଦ୍ଧିତ କରିଥିଲେ। ୧୮ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଆଇନ କଲେଜ ପରିସରରେ ପ୍ରଫେସର ତିଲ କୁମାରଙ୍କ ଆହ୍ୱାନକ୍ରମେ ପଶ୍ଚିମ ଓଡିଶାର ଭାଷା ଓ ପ୍ରଦେଶ ଗଠନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର, ଅଧ୍ୟାପକ, ଗବେଷକ ଓ ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ନେତୃମଣ୍ଡଳୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ୧୯ ତାରିଖରେ ଏହି ବିଷୟକୁ ନେଇ ପ୍ରେସ କ୍ଲବ ଅଫ ଇଣ୍ଡିଆରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କ୍ଷୁଦ୍ର ରାଜ୍ୟ ବିନା ସବ୍‌କା ସାଥ ସବ୍‌କା ବିକାଶ ଆଦୌ ସମ୍ଭବ ନୁହେଁ ବୋଲି ଏକାଡେମୀର କର୍ମକର୍ତ୍ତାମାନେ ମତପ୍ରକାଶ କରିଥିଲେ। କର୍ମକର୍ତ୍ତା ମାନେ ଦିଲ୍ଲୀରେ ରହଣୀ ସମୟରେ ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀଙ୍କ ସହ ଆଲୋଚନା କରିଥିଲେ। ଦିଲ୍ଲୀରୁ ଫେରିବା ପରେ ସୁବର୍ଣ୍ଣ ପରିସରରେ ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ, ସମ୍ପାଦକ ବ୍ରଜମୋହନ ଦାନୀ ଓ ଶିକ୍ଷାବିତ୍ ପ୍ରଫେସର ଶମ୍ଭୁଭୂଷଣ ପଣ୍ଡା ଏହି ସୂଚନା ଦେବା ସହ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପାଠ ପଢାଇବା ଦିଗରେ ସରକାର ପଦକ୍ଷେପ ନେବାକୁ କହିଥିଲେ। ସେହିପରି ରାଜନେତା ଓ ବୁଦ୍ଧିଜୀବୀ ସରକାରୀ କଳର ମୋହ ଛାଡି ମା' ମାଟି ପାଇଁ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ।





ଖବରଦାତା ସମ୍ମିଳନୀରେ ଏକାଡେମୀର କର୍ମକର୍ତ୍ତା।

## ସୁବର୍ଣ୍ଣପୁର ଜିଲାରେ ରହିଛି ୬୪ ଅଣପଞ୍ଜୀକୃତ କ୍ଲିନିକ

**ସୋନପୁର,୨୨।୯(ନି.ପ୍ର.)**

ସ୍ୱାସ୍ଥ୍ୟ ବିଭାଗରେ ପଞ୍ଜିକୃତ ନ ହୋଇ ସୁବର୍ଣ୍ଣପୁର ଜିଲାରେ କାର୍ଯ୍ୟକ୍ଷମ ଅଛି ୬୪ଟି ପାଥୋ କ୍ଲିନିକ୍। ପଲି କ୍ଲିନିକ୍ ଓ ପାଥୋ କ୍ଲିନିକ୍‌ଗୁଡିକ ବର୍ଷ ବର୍ଷ ଧରି ବେଆଇନ ଭାବେ ଚାଲି ଆସିଛି। ଜିଲାରେ ଛତୁ ଫୁଟିଲା ପରି କ୍ଲିନିକ୍ ଖୋଲୁଥିବା ବେଳେ ବେଆଇନ କ୍ଲିନିକ୍‌ଗୁଡିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ସରକାରୀ ତଥ୍ୟ ଅନୁଯାୟୀ ଜିଲାରେ କେବଳ ୬ଟି ପାଥୋ କ୍ଲିନିକ୍ ପଞ୍ଜିକୃତ ହୋଇଛନ୍ତି। ସୁବର୍ଣ୍ଣପୁର ସହରରେ ୫ଟି ଓ ବୀରମହାରାଜପୁରରେ ଗୋଟିଏ କ୍ଲିନିକ୍‌ର ପଞ୍ଜିକୃତ ହୋଇଛି। ସେଥିମଧ୍ୟରୁ ସୁବର୍ଣ୍ଣପୁରର ୨ଟି ପଞ୍ଜିକୃତ ପାଥୋକ୍ଲିନିକ୍ ବନ୍ଦ ରହିଛି। ସୁବର୍ଣ୍ଣପୁର ସହରରେ ୧୨ଟି, ସୋନପୁର ବ୍ଲକ ଅଞ୍ଚଳରେ ୬ଟି, ବିନିକାରେ ୧୫ଟି, ଡୁଙ୍ଗୁରିପାଲିରେ ୬ଟି ତରଭାରେ ୧୦ଟି, ବୀରମହାରାଜପୁରରେ ୧୦ଟି ଓ ଉଲୁଣ୍ଡାରେ ୪ଟି ପାଥୋ କ୍ଲିନିକ୍ ବିନା ପଞ୍ଜିକରଣରେ ଚାଲିଛି । ତେଣୁ ଜିଲାରେ ୯୦ ପ୍ରତିଶତ ବେଆଇନ ପାଥୋ କ୍ଲିନିକ୍ କାର୍ଯ୍ୟକ୍ଷମ ଅଛି। ଅନ୍ୟପକ୍ଷେ ବେଆଇନ ପାଥୋ କ୍ଲିନିକ୍‌ର ମାଲିକ ଏବେ ଚିନ୍ତାରେ ଅଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀଙ୍କଠାରୁ ଜିଲାର ସମସ୍ତ କ୍ଲିନିକ୍ ଗୁଡିକର ତଥ୍ୟ ମାଗିଛନ୍ତି। ସରକାରୀ ଗାଇଡ୍‌ଲାଇନ୍ ମୁତାବକ ପଞ୍ଜିକୃତ ହୋଇ ନ ଥିଲେ ଓ ରୋଗୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ନଥିଲେ ସେହି ସବୁ କ୍ଲିନିକ୍‌ଗୁଡିକୁ ବନ୍ଦ କରି ଦିଆଯିବ ବୋଲି ଜିଲାପାଳ ବାନାର୍ଜୀ ଚେତାବନୀ ଦେଇଛନ୍ତି । ଏଥିପାଇଁ ଜିଲାପାଳ ୭ଦିନ ସମୟ ଦେଇଛନ୍ତି। ଜିଲାପାଳଙ୍କ ଏଭଳି କଡା ନିର୍ଦ୍ଦେଶ ପରେ କ୍ଲିନିକ୍ ମାଲିକଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି। ସ୍ୱାସ୍ଥ୍ୟ ବିଭାଗର ନିୟମ ଅନୁଯାୟୀ ପାଥୋଲୋଜିଷ୍ଟ କିମ୍ବା ଏମବିବିଏସ ଡାକ୍ତର ହିଁ କ୍ଲିନିକ୍ ଖୋଲି ପାରିବେ। କିନ୍ତୁ କିଛି ଅପାଠୁଆ ବେଆଇନ ଭାବେ ଜିଲାରେ କ୍ଲିନିକ୍ ଖୋଲି ଲୋକଙ୍କୁ ଠକୁଛନ୍ତି। ଏପରିକି ଭୁଲ ରିପୋର୍ଟ ପାଇଁ ରୋଗୀମାନେ ମଧ୍ୟ ଅସୁବିଧାରେ ପଡୁଥିବା ଅଭିଯୋଗ ହେଉଛି ।

## 'ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚିବ'

**ତରଭା, ୨୨।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ବଡଭଇଁରୋ କଲେଜ ପରିସରରେ ବଡଭଇଁରୋ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଯୁବବାହିନୀ ପ୍ରୋଜେକ୍ଟ ଅଫିସର ସଞ୍ଜୀବ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ସଂଯୋଜକ ରଜତ ଚୌହାନ, କଲେଜ ଅଧ୍ୟକ୍ଷ ରବିନାରାୟଣ ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ବିଜୁ ଯୁବବାହିନୀ ସମ୍ପାଦକ ଜିତେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରତ୍ନରାଜ, ଉମେଶ ମନହିରା, ବେବିନା ନିଆଲ, ରଘୁନାଥ ମିଶ୍ର, ରଜନୀକାନ୍ତ ବଗର୍ତ୍ତୀ, ରାଜକିଶୋର ମଲ୍ଲିକ, ଅଜିତ ବଗର୍ତ୍ତୀ, କଲେକ୍ଟର ଦେହୁରି, ଅକ୍ଷୟ ବିଶି ପ୍ରମୁଖ କଲେଜ ପରିସରରେ ଗମ୍ଭାର, ଶିଶୁ, ଶାଗୁଆନ, ଚାକୁଣ୍ଡା ଆଦି ୧୫୦ଟି ଚାରା ରୋପଣ କରିଥିଲେ। ଅତିଥିମାନେ ବୃକ୍ଷହିଁ ଜୀବନ, ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚି ରହିବ ବୋଲି ପ୍ରକାଶ କରିବା ସହିତ ମଣିଷ ଟିଏକୁ ଗଛଟିଏ ନାରା ଦେଇଥିଲେ। ଶେଷରେ ବିଜୁ ଯୁବବାହିନୀ ସମ୍ପାଦକ ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ

**ଅମରପାଲି, ୨୨।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲାଡୁରପେଟ ସରକାରୀ ୟୁପି ସ୍କୁଲରେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ସଂଗଠନ ସଭାପତି ନବାରୁଣ ଦେବଦତ୍ତ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ପରୁଆ ମୁଖ୍ୟଅତିଥିଭାବେ ଯୋଗଦେଇ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ବହି, ଖାତା, ବଲପେନ ଆଦି ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ଶୁଭେନ୍ଦୁ କୁମାର ଚାନ୍ଦ, ସରୋଜ ନାୟକ, ଦୁବରାଜ ଦାଶ, ଟିଙ୍କୁ ପଣ୍ଡା, ଅମିତ କୁମାର ପଧାନ, ସିଦ୍ଧାର୍ଥ ପାତ୍ର, ରବିନାରାୟଣ ହୋତା, ଅଜିତ କୁମାର ନାୟକ, ସୁରେଶ ପଣ୍ଡା ପ୍ରିୟବ୍ରତ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଂଗଠନର ସମ୍ପାଦକ ପ୍ରକାଶ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଉଛି ।

## ଜୟ ଜଗନ୍ନାଥ ଫୁଟବଲ: ବିଶିପଡା ଚାମ୍ପିୟନ

**ଉଲୁଣ୍ଡା, ୨୨।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ରକସା ଗ୍ରାମର ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ରବିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଫାଇନାଲ ଖେଳରେ ଭାରତ ଗ୍ୟାସ ବିଶିପଡା ଦଳ ପୋଡ଼ଟିକ୍ରାକୁ ଟାଇବ୍ରେକର ୪-୩ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳା ଯାଇଥିବା ମ୍ୟାଚ ଗୁଡିକରେ ବିଶିପଡା ଦଳ ଲସ୍ତଲାକୁ ୧-୦ ଗୋଲରେ, ସାଲେପାଲି ଦଳ ଅଙ୍କରିଆକୁ ୧-୦ ଗୋଲରେ, ପୋଡ଼ଟିକ୍ରା ରକସାକୁ ୧-୦ଗୋଲରେ ଏବଂ ଝାରବାହାଲି ଦଳ ମାଉଲିମାଲକୁ ୧-୦ ଗୋଲରେ ପରାସ୍ତ କରିଥିଲା। ସେହିପରି ପ୍ରଥମ ସେମିଫାଇନାଲରେ ବିଶିପଡା ଦଳ ସାଲେପାଲିକୁ ୨-୦ଗୋଲରେ ଏବଂ ଦ୍ୱିତୀୟ ସେମିଫାଇନାଲରେ ପୋଡ଼ଟିକ୍ରା ଦଳ ଝାରବାହାଲିକୁ ୩-୨ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଖେଳସବୁକୁ ରେଫରି ଭାବେ ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର, ପ୍ରଶାନ୍ତ ସେଠୀ ଓ ସୁରଟୀ ଦୀପ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜକ ସଭାପତି ମଣ୍ଟୁ ମହାନନ୍ଦିଆ ଓ ସମ୍ପାଦକ ଦେବଦତ୍ତ କୁଅଁରଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ତ୍ରିଲୋକେଶ ନାୟକ, ପୁରୁଖା ଖେଳାଳି ସନ୍ତୋଷ ପଣ୍ଡା, ରାଜେନ୍ଦ୍ର ପଣ୍ଡା ଓ ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ଯୋଗଦେଇ ବିଜୟୀ ବିଶିପଡା ଦଳକୁ ଟ୍ରଫିସହ ୩୦୦୦ ଟଙ୍କା ଓ ଉପବିଜେତା ପୋଡ଼ଟିକ୍ରାକୁ ଟ୍ରଫି ସହ ୨୦୦୦ ଟଙ୍କା ନଗଦ ପ୍ରଦାନ କରିଥିଲେ। ଅରବିନ୍ଦ ବଣ୍ଡକୀ ଓ ଜଗନ୍ନାଥ କଅଁର ଧାରା ବିବରଣୀ ପ୍ରଦାନ କରିଥିଲେ। ଅଜିତ ମହାନନ୍ଦ, ଭଗବାନ କଅଁର, ଶିଶିର ମହାନନ୍ଦ, ରାଜା ମହାନନ୍ଦ ଓ ବିଟୁ କଅଁର ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିଙ୍କ ସହ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚର ଖେଳାଳିମାନେ ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ୪ ବନ କର୍ମଚାରୀ ନିଲମ୍ବିତ

ପାଇକମାଳ,୨୨।୯(ଡି.ଏନ.ଏ) ବରଗଡ଼ ଜିଲା ନୃସିଂହନାଥ ଫରେଷ୍ଟ ରେଞ୍ଜ ଅଧୀନରେ କାମ କରୁଥିବା ୪ ବନ କର୍ମଚାରୀ ନିଲମ୍ବିତ ହୋଇଥିବା ସୂଚନା ମିଳିଛି । ନିଲମ୍ବିତ ବନ କର୍ମଚାରୀମାନେ ହେଲେ ପାରା ୱାଚର ଅନିରୁଦ୍ଧ ସେଠ, ଅବିନାଶ ପଟ୍ଟନାୟକ, ପ୍ରଦୀପ ସାହୁ ଏବଂ ପାରସ ଦାଶ । ଉପରୋକ୍ତ ବନ କର୍ମଚାରୀମାନେ ଗତ ଅଗଷ୍ଟ ୧୧ତାରିଖରୁ ଡେପୁଟେଶନରେ ପାଇକମାଳ ରେଞ୍ଜରୁ ନୃସିଂହନାଥ ରେଞ୍ଜକୁ ଆସୁଥିଲେ। ସେମାନେ ରେଞ୍ଜର ମହେଶ କୁମାର ଦାନୀ ଓ ଫରେଷ୍ଟର ଚକାନନ୍ଦ ବରିହା ଅଧୀନରେ କାମ କରୁଥିଲେ । ତେବେ ସେମାନେ ଠିକ୍ ଭାବେ କାମ କରୁ ନ ଥିବା ଯୋଗୁ ଗତ ୧୮ତାରିଖରୁ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି ଫରେଷ୍ଟର ବରିହା କହିଛନ୍ତି ।

### ମହିଳାଙ୍କ ଦଗ୍ଧ ଶବ ଉଦ୍ଧାର

ପାଇକମାଳ,୨୨।୯(ଡି.ଏନ.ଏ) ବରଗଡ଼ ଜିଲା ପାଇକମାଳ ଥାନା ପୋଲିସ ରବିବାର ଜଣେ ମହିଳାଙ୍କ ଦଗ୍ଧ ଶବକୁ ସେ ରହୁଥିବା ଘର ଭିତରୁ ଉଦ୍ଧାର କରିଛି । ମୃତ ମହିଳା ଜଣକ ଉକ୍ତ ଗ୍ରାମର ସୁଦର୍ଶନ ପହରିଆଙ୍କ ପ୍ରଥମ ସ୍ତ୍ରୀ ବାସନ୍ତୀ(୫୦) ବୋଲି ଜଣାପଡ଼ିଛି । ଶବକୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ଏହା ସହିତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଛାନଭିନ ଚଳାଇଥିଲେ। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୧୭୨/୧୯) ରୁଜୁ ହୋଇ ଥିବାବେଳେ ପୋଲିସ ବାସନ୍ତୀଙ୍କ ସ୍ୱାମୀ ସୁଦର୍ଶନ ଏବଂ ସଉତୁଣୀ ଲକ୍ଷ୍ମୀଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି । ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁ ଘଟଣାସ୍ଥଳ ପରିଦର୍ଶନ କରିଥିଲେ।

### ଜିଆଖତ ତାଲିମ ଶିବିର

ଭବାନୀପାଟଣା,୨୨।୯ (ଡି.ଏନ୍.ଏ.) କଳାହାଣ୍ଡି ଜିଲା ଆଦିବାସୀ ଅଧୁଷିତ ଥୁଆମୂଳ ରାମପୁର ବ୍ଲକର ଡୁମେରପଦର ଏବଂ ଅଡ୍ରି ପଞ୍ଚାୟତ ଟାଙ୍ଗରୀ ଗ୍ରାମରେ ଜିଆଖତ ପ୍ରସ୍ତୁତି ଓ କନ୍ଦ ଜାତୀୟ ଫସଲ ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଜିଲା ପରିଷଦ ସଦସ୍ୟ ମୁରଲୀଧର ନାଏକ ମୁଖ୍ୟଅତିଥି ଭାବ୨ରେ ଯୋଗଦେଇ ଶିବିର ଉଦ୍‌ଘାଟନ କରି ଚାଷୀଙ୍କୁ ଉଦ୍‌ବୋଧନ କରିଥିଲେ। ଅନ୍ତୋଦୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସରକାରୀ ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ସହ ଏହାର ଲାଭ ଉଠାଇବାକୁ କହିଥିଲେ। ୧୦ ଦିନ ଧରି ହେବାକୁ ଥିବା ତାଲିମ ଶିବିରରେ ସେଞ୍ଚୁରିଆନ କୃଷି ମହାବିଦ୍ୟାଳୟର ଛାତ୍ରମାନେ ଚାଷୀଙ୍କୁ ଜିଆଖତ, ହାଣ୍ଡିଖତ, ଆଜୋଲା ପ୍ରୟୋଗ, ସବୁଜ ସାର, କମ୍ପୋଷ୍ଟ ପ୍ରସ୍ତୁତି ବିଷୟରେ ତାଲିମ ଦେବା ସହିତ ଫସଲରେ ରୋଗପୋକ ନିୟନ୍ତ୍ରଣ ତଥା ବିହନ ବିଶୋଧନ ପାଇଁ ଜୈବିକ ପଦ୍ଧତି ସମ୍ପର୍କରେ ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମକୁ ରବିନାରାୟଣ ସିଂ, ରାଜକିଶୋର ଦଣ୍ଡସେନା, ବିଣାକାର ନାଏକ ପ୍ରମୁଖ ପରିଚାଳନା କରିଥିଲେ।

### ଖଡିଆଳ ସାଂସ୍କୃତିକ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ

**ଖଡିଆଲ, ୨୨।୯ (ଡି.ଏନ.ଏ)-** ଖଡିଆଳ ସାଂସ୍କୃତିକ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ କରାଯାଇଥିଲା । ଏହି ବୈଠକରେ ଡ. ରାମଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତିକ୍ରମେ ସଭାପତି ଭାବରେ ସାନ୍ତନୁ ପଣ୍ଡା, ଉପସଭାପତି କସାର ଅହକ୍ଷଦ ଖାଁ, ସମ୍ପାଦକ ଜାକିର ଅହକ୍ଷଦ ଖାଁ, ସହ ସମ୍ପାଦକ ଗୋବିନ୍ଦ ପଣ୍ଡା, କୋଷାଧକ୍ଷ ରୋଜେବ ସାହୁ, ସାଂସ୍କୃତିକ ସମ୍ପାଦକ ଅରୁଣଜ୍ୟୋତି ଶର୍ମା, ପୂଜା ସମ୍ପାଦକ କ୍ଷୀରସିନ୍ଧୁ ବାରିକଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବରେ ଡ. ମେଜର ରାମଚନ୍ଦ୍ର ମିଶ୍ର, ସତିଶ କୁମାର ପଟ୍ଟନାୟକ, ଅଧିରାଜ ମୋହନ ପାଣିଗ୍ରାହୀ, ଜଗବନ୍ଧୁ ବାରିକ, ରୀତା ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅନୁଷ୍ଠାନ ସଦସ୍ୟ ନୁର ମହକ୍ଷଦ, ସୁକେଶ ପଟ୍ଟନାୟକ, ଗଙ୍ଗାଧର ମହାନ୍ତି, ଅଶୋକ ବାରିକ, ରାଜକପୁର ବାରିକ, ସୁନୀଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଉପନିର୍ବାଚନ ପାଇଁ ପ୍ରଶାସନିକ ତତ୍ପରତା

**ବରଗଡ଼ ଅଫିସ୍,୨୨।୯**



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀବୃନ୍ଦ ।

- ପୋଲିସ, ପ୍ରଶାସନସ୍ତରରେ ପ୍ରସ୍ତୁତି ଆରମ୍ଭ
- ଅବାଧ, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ
- ନୂଆ ମଡ଼େଲ ମେଶିନରେ ମତଦାନ

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଆସନ୍ତା ଅକ୍ଟୋବର ୨୧ତାରିଖ ହେବ। ଏଥିପାଇଁ ରାଜନୈତିକ ସ୍ତରରେ ଯେଭଳି ତତ୍ପରତା ଦେଖାଯାଇଛି, ଅନୁରୂପ ଭାବେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ତତ୍ପର ହୋଇ ପ୍ରସ୍ତୁତି ଚଳାଇଛନ୍ତି । ଉପନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ରବିବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ ଏବଂ ଜିଲା ପୋଲିସ ମୁଖ୍ୟାଳୟ ସଭାକକ୍ଷରେ ପୃଥକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ନିର୍ବାଚନ ଅଧିକାରୀ ସଞ୍ଜୀବ ମେହେରଙ୍କ ସମେତ ବିଡ଼ିଓ, ତହସିଲଦାର ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ସେହିପରି ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏସପି ପଦ୍ମିନୀ ସାହୁ ଜିଲାର ବିଭିନ୍ନ ଥାନା ଅଧିକାରୀ ତଥା ପୋଲିସ କର୍ମଚାରୀଙ୍କ ସହିତ ଉପନିର୍ବାଚନକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଆଲୋଚନା କରିଥିଲେ । ଏହା ସହିତ ସେଥିପାଇଁ ବିଭିନ୍ନ ପରାମର୍ଶ ଦେଇଥିବା ସୂଚନା ମିଳିଛି । ଉକ୍ତ ବୈଠକରେ ଅତିରିକ୍ତ ଏସପି ଅମରେନ୍ଦ୍ର ରଣା, ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏଥର ବିଜେପୁର ଉପନିର୍ବାଚନରେ ନୂତନ ମୋଡ଼େଲ (ଏମ-୩) ଭିଭିପିଏଟି-ଇଭିଏମରେ ମତଦାନ ଗ୍ରହଣ ହେବ ବୋଲି ସୂଚନା ମିଳିଛି । ଏଥିପାଇଁ ଇଞ୍ଜିନିୟରମାନେ ଏଠାକୁ ପହଞ୍ଚି ମେଶିନ ଯାଞ୍ଚ କରି ସାରିଥିବା ଜଣାପଡ଼ିଛି । ସେହିପରି ସୋମବାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଉପନିର୍ବାଚନ ସମ୍ପର୍କିତ ଅନ୍ୟ ଏକ ବୈଠକ ହେବ ବୋଲି ସୂଚନା ମିଳିଛି । ପ୍ରକାଶଥାଉକି, ଗତ ସାଧାରଣ ନିର୍ବାଚନରେ ଅକ୍ଟୋବର ୨୧ତାରିଖରେ ବିଜେପୁର ଉପନିର୍ବାଚନ ମଣ୍ଡଳୀର ୨୮୫ଟି ବୁଥ୍‌ରେ ଭୋଟଗ୍ରହଣ ହେବାର କାର୍ଯ୍ୟକ୍ରମ ରହିଛି ।

# ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୨।୯**

ବରଗଡ଼ର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପାଧ୍ୟକ୍ଷ ଲିଙ୍ଗରାଜ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତଥା ସ୍ତମ୍ଭକାର ରାଧାମୋହନ ତ୍ରିପାଠୀ, ସାହିତ୍ୟିକ ଦୟାନିଧି ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ର ପୁସ୍ତକ ପଢ଼ି ନିଜ ବକ୍ତବ୍ୟ ରଖିଥିଲେ । ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ତିନି ଜଣ ସାଇନା ହାତୀ, ଗୁନ୍‌ଗୁନ୍ ଜେନା ଏବଂ ଲକ୍ଷ୍ମୀଧର ପରିଡ଼ାଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ପ୍ରଭାତ ସା ଧନ୍ୟବାଦ ଅର୍ପଣ କରିଥିଲେ ।



ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

# ପ୍ଲାଷ୍ଟିକମୁକ୍ତ ସ୍ୱଚ୍ଛ ଭାରତ ଅଭିଯାନ

**ରିଷିଡ଼ା, ୨୨।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡ଼ାରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ କର୍ମଚାରୀମାନେ ରିଷିଡ଼ା ଡାକ୍ତରଖାନାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସଫେଇ କରିଥିଲେ। ଏପରି କି ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବା ତଥା ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ଏହାର ବିନିଯୋଗ ଉପରେ ଲୋକଙ୍କୁ ସଚେତନ କରିଥିଲେ।

# ୧୦୫ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍,୨୨।୯**

ବରଗଡ଼ ଜିଲାର ନିଷ୍ଠା ଅନୁଷ୍ଠାନ ପରିବାର ପକ୍ଷରୁ ପଥର୍ଲା ଗ୍ରାମରେ ରକ୍ତଦାନଶିବିର ଅନୁଷ୍ଠିତ ହୋଇଯାଇଛି। କଟାପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶ୍ରବଣ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ନିଷ୍ଠାର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ଶିବିର ସଂଯୋଜନା କରିଥିଲେ । ଶିବିରରେ ୧୦୫ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିର ପରିଚାଳନାରେ ସ୍ଥାନୀୟ ୟଙ୍ଗ ଷ୍ଟାର ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କ ସମେତ ପଥର୍ଲା, ଗୋବିନ୍ଦପୁରବାସୀ ସହଯୋଗ କରିଥିଲେ।



ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି ।

# ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀ

**ଘଣ୍ଟାପଡା, ୨୨।୯ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉମା କ୍ଲଷ୍ଟର ସିଆରସିସି ବିଜୟ କୁମାର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ଭାବେ କାର୍ତ୍ତିକେଶ୍ୱର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଦେବାଧି ମଲିକ, ଧର୍ମାନନ୍ଦ ସାହୁ, ଗୋବିନ୍ଦ ସାହୁ, ସମୀର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ ବାଟିକା ବିଭାଗରୁ ୩୦ ଓ ଶିଶୁ ମନ୍ଦିର ବିଭାଗରୁ ୩୦ ଜଣ ଅଭିଭାବକ କ୍ରିୟା କଳାପରେ ଭାଗ ନେଇଥିଲେ । ଶେଷରେ ଦେବାଧି ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲା ସୁନାରୀ ସମାଜର ବୈଠକ



ସୁନାରୀ ସମାଜର ବୈଠକରେ ଉପସ୍ଥିତ ସଭ୍ୟବୃନ୍ଦ ।

**ବରଗଡ଼ ଅଫିସ୍,୨୨।୯**

ବରଗଡ଼ ଜିଲା ସୁନାରୀ ସମାଜ କମିଟି ପକ୍ଷରୁ ସ୍ଥାନୀୟ ମାରୱାଡ଼ି ପଞ୍ଚାୟତି ଧର୍ମଶାଳାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଲାଲସେନ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୁନାରୀ ସମାଜର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଅଚ୍ୟୁତାନନ୍ଦ ସାହୁ ସଭାପତି, ପ୍ରେମସାଗର ଫୌଜଦାର ଉପସଭାପତି, ଅଶୋକ କୁମାର ସରାଫ ସମ୍ପାଦକ, ପବିତ୍ର ମୋହନ ସରାଫ ଉପସମ୍ପାଦକ, ରିତେଶ ସରାଫ କୋଷାଧ୍ୟକ୍ଷ ମନୋନିତ ହୋଇଥିଲେ। ସେହିପରି ଜିଲାର ସମସ୍ତ ବ୍ଲକରେ ଗଠନ କରାଯାଇଥିବା ସୁନାରୀ ସମାଜ କମିଟିର ସଭାପତି, ସମ୍ପାଦକ ଜିଲା କମିଟିର ସ୍ଥାୟୀ ସଦସ୍ୟ ରହିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାସହିତ ୧୪ଜଣଙ୍କୁ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନିତ କରାଯାଇଥିଲା। ବୈଠକରେ ସମାଜର ବିଭିନ୍ନ ସମସ୍ୟା, ବିକାଶ ଉପରେ ଆଲୋଚନା ହୋଇଥିଲା।

# ପରିବା ଉତ୍ପାଦକ ମହିଳା ସମବାୟ ପ୍ରତିନିଧିଙ୍କ ଜିଲାସ୍ତରୀୟ ସମ୍ମିଳନୀ

**ଭବାନୀପାଟଣା,୨୨।୯(ଡି.ଏନ୍.ଏ.)**

କଳାହାଣ୍ଡି ଜିଲାରେ ପନିପରିବା ଚାଷକୁ ଏକ ଲାଭଜନକ ବୃତ୍ତି ଭାବେ ପ୍ରତିପାଦିତ କରିଥିବା ମହିଳା ସମବାୟ ପ୍ରତିନିଧିଙ୍କ ଜିଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଜିଲା ଅମଲା ଭବନରେ ଆୟୋଜନ ହୋଇଥିଲା। ବୈଠକରେ କଳାହାଣ୍ଡି ଜିଲାର ୧୬ଟି ସମବାୟ ସଂସ୍ଥାର ଶତାଧିକ ମହିଳା ପନିପରିବା ଚାଷୀ ଯୋଗଦେଇ ନିଜ ସଫଳତା ଏବଂ ଆପଣେଇ ଥିବା ଚାଷ ପଦ୍ଧତି ସମ୍ପର୍କରେ କହିଥିଲେ। ଭୁବନେଶ୍ୱର ମାଧମ ଫାଉଣ୍ଡେଶନ୍ ପକ୍ଷରୁ ପ୍ରାୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦାପ୍ତା, ପରିବର୍ତ୍ତନ, ମହାଶକ୍ତି ଫାଉଣ୍ଡେଶନ୍ ଓ ଲୋକ ଯୋଜନା ସହଯୋଗ କରିଥିଲା। ମହାଶକ୍ତି ଫାଉଣ୍ଡେଶନ୍ ସମ୍ପାଦକ ଯୋଗାନନ୍ଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମାଧମ ଫାଉଣ୍ଡେଶନ୍ କାର୍ଯ୍ୟକ୍ରମ ପରିଚାଳକ କାର୍ତ୍ତିକେୟ ପାଣିଗ୍ରାହୀ, ଭବାନୀପାଟଣା ଲିଡ୍ ବ୍ୟାଙ୍କ ଅଫିସର ବିଜୟ କୁମାର ନନ୍ଦ, ସମବାୟ ବିଭାଗ ସହକାରୀ ଉପନିବନ୍ଧକ ଅକ୍ଷୟ କୁମାର ଦାସ, କଳାହାଣ୍ଡି ଡିଏସ୍‌ଏମ୍‌ଏସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଜର୍ଜ କେରକେଟା, ଜିଲା ଯୋଜନା ଓ ସମନ୍ୱୟ ବିଭାଗ ଅଧିକାରୀ କୁମୁଦିନୀ ମିଶ୍ର, ଭବାନୀପାଟଣା ଉଦ୍ୟାନ ବିଭାଗ ପ୍ରତିନିଧି ବସନ୍ତ ମଞ୍ଜରୀ ପଣ୍ଡା, ଦାପ୍ତା ସଂସ୍ଥାର ମୁଖ୍ୟ ରାଜୁ ଶର୍ମା, ଲୋକଯୋଜନା ମୁଖ୍ୟ ଯଯାତି ମୁଣ୍ଡ ପ୍ରମୁକ ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ମହିଳା ଚାଷୀ ଏବଂ କର୍ମୀଙ୍କୁ ଉତ୍ସାହିତ କରିବା ନେଇ ଆଦର୍ଶ ଚାଷୀ, ଆଦର୍ଶ ସମବାୟ ନେତ୍ରୀ ଏବଂ ଆଦର୍ଶ ପ୍ରକଳ୍ପ କର୍ମୀଙ୍କୁ ପ୍ରମାଣ ପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। ମହିଳା ଚାଷୀଙ୍କ ସଶକ୍ତୀକରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ କଳାହାଣ୍ଡି ଜିଲାରେ ପରିଚାଳିତ ପ୍ରକଳ୍ପକୁ ଜର୍ମାନୀର ଏଜୁଓ ଇଣ୍ଟର ନ୍ୟାସନାଲ ସଂସ୍ଥା ସହାୟତା ପ୍ରଦାନ କରୁଛନ୍ତି। ଏହି ଅବସରରେ ମହିଳା ସମବାୟ ସମିତିମାନଙ୍କ ଦ୍ୱାରା ଉତ୍ପାଦିତ ଜୈବିକ ପନିପରିବା, ଖତ, ଔଷଧ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ହୃଦାନନ୍ଦ ମାଝି, ଗୌରଚନ୍ଦ୍ର ରଣା, ଆରତି ପାତ୍ର, ନମିତା ଷଡଙ୍ଗୀ, ହେମନ୍ତ ମିଶ୍ର ଓ ଜ୍ୟୋତିଷ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବରଗଡ଼ରେ ପୁଅ ଜିଉନ୍ତିଆ ଓଷା

**ବରଗଡ଼ ଅଫିସ୍,୨୨।୯**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରବିବାର ପୁଅ ଜିଉନ୍ତିଆ ଓଷା ପାଳିତ ହୋଇଯାଇଛି। ବିବାହିତା ମହିଳାମାନେ ଉପବାସରେ ରହି ପୂଜାର୍ଚ୍ଚନା ସହିତ ମହାପ୍ରଭୁଙ୍କଠାରେ ନିଜ ସନ୍ତାନଙ୍କ ଶୁଭ କାମନା କରିଥିଲେ । ଏଥିପାଇଁ ବରଗଡ଼ ସହରର ୱାର୍ଡ଼ ନଂ-୫ ସହରାପଡ଼ା, ଶକ୍ତିନଗର ଆଦି ସ୍ଥାନରେ ପୂଜାର୍ଚ୍ଚନା କରାଯାଇଥିଲା । ସେଠାରେ ଆଖପାଖର ମହିଳାମାନେ ଏକତ୍ରିତ ହୋଇ ପୂଜା କରିଥିଲେ ।



ବରଗଡ଼ ୱାର୍ଡ଼ ନଂ-୫ ସହରାପଡ଼ାରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ବୈଠକ

**ଖଡିଆଳ, ୨୨।୯ (ଡି.ଏନ.ଏ)**

ଖଡିଆଳ ବିଜେଡ଼ି କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ହୋଇଥିଲା। ଏହି ବୈଠକ ନଗର ଅଧକ୍ଷ ଦୀପକ କୁମାର ଖମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ଯୋଜନା ବୋର୍ଡ ଅଧକ୍ଷ ରାଜେନ୍ଦ୍ର ଡୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆପଡା ଜିଲା ବିଜେଡିର ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ଓ ଲମ୍ବୋଧର ନିଆଲ ଯୋଗଦେଇଥିଲେ। ବୈଠକରେ ବିଜେଡି କର୍ମକର୍ତ୍ତାଙ୍କୁ ନେଇ ବିଜେଡି ସଭ୍ୟ ସଂଗ୍ରହ କିପରି କରାଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା । ବିଜେଡି ଦଳକୁ କିପରି ମଜବୁତ କରାଯାଇ ପାରିବ ସେ ଉପରେ ଆଲୋକପାତ କରାଯାଇଥିଲା ।

# କୋକସରା ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**କୋକସରା,୨୨।୯ (ଡି.ଏନ୍.ଏ.)**

କୋକସରା ବ୍ଲକ ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ରବିବାର କୋକସରା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକ ଯାଦବ ସଂଘ ସଭାପତି ବିନୋଦ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇଥିଲେ। ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ଧନେଶ୍ୱର ଭାଟି, ଜିଲା ଯାଦବ ମହାସଭାର ସଭାପତି ହରିଶଙ୍କର ବାଗ, ଜିଲା ଯାଦବ କର୍ମଚାରୀ ସଙ୍ଘ ସଭାପତି ଲକ୍ଷ୍ମଣ ବଛା, ଗୋଲାମୁଣ୍ଡା ବ୍ଲକ ସଭାପତି ଗିରିଧାରୀ ତେଜି, ଧର୍ମଗଡ ବ୍ଲକ ସଭାପତି ଶଙ୍କର ଯୁଏଡ, କଲମପୁର ବ୍ଲକ ସଭାପତି କୃଷ୍ଣସିଂ ଲହଜଲ, ପୂର୍ବତନ ଜିଲା ଯାଦବ ଉପସଭାପତି ତୁଳସୀରାମ ବାରିକ, ପୂର୍ବତନ ସଭାପତି କଲମପୁର ବ୍ଲକ କେଦାରନାଥ ଖର୍ସେଲ, ପୂର୍ବତନ ବ୍ଲକ ଯାଦବ ସଭାପତି କୋକସରା ପରମେଶ୍ୱର ଗୋପାଳ, ମୁଷାପାଲି ସରପଞ୍ଚ ରଶ୍ମୀରେଖା ରାଉତ, ବ୍ଲକ ଯାଦବ ଯୁବ ସଭାପତି ଶରତ ଚନ୍ଦ୍ର ରାଉତ, ଯୁବ ଯାଦବ ସଭାପତି କଳାହାଣ୍ଡି ଲିଙ୍ଗରାଜ ବେହେରା, କୋକସରା ବ୍ଲକ ବିଜେଡି ସମ୍ପାଦକ ପଞ୍ଚକ ପୋଡ, ଜଗଦୀଶ ନାଏକ, ହିରଣ୍ୟ ବେହେରା, ଆଇନଜୀବୀ ମନୋଜ କୁମାର ନାଏକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ପାନାବେଡା ମହାବିଦ୍ୟାଳୟ ଅଧ୍ୟକ୍ଷ ଦ୍ୱାରୀକାନାଥ ବାଗ ଉପସ୍ଥିତ ଥିଲେ। ଅତିଥିମାନେ ନୂଆଖାଇ ପର୍ବ ପଶ୍ଚିମ ଓଡ଼ିଶା ସଂସ୍କୃତି, ପରମ୍ପରାର ଏକ ନିଚ୍ଛକ ପ୍ରତିଛବି ବୋଲି କହିଥିଲେ। ଏପରି କି ଅତିଥିମାନେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ପରସ୍ପରକୁ ଭେଟି ସମାଜର କିପରି ଉନ୍ନତି ହୋଇପାରିବ ସେନେଇ କାର୍ଯ୍ୟ କରିବାକୁ କହିଥିଲେ। ଏହି ଅବସରରେ କୋକସରା ବ୍ଲକ ଯାଦବ ସମାଜର ଶତାଧିକ ମହିଳା, ପୁରୁଷ ଉପସ୍ଥିତ ରହି ନୂଆଁଖାଇ ଭେଟ ହେବା ସହ ନିଜ ଭାବର ଆଦାନ ପ୍ରଦାନ କରିଥିଲେ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ,୨୨।୯:** ବଲାଙ୍ଗୀର ଗାନ୍ଧୀଭବନଠାରେ ସାମାଜିକ ସାଂସ୍କୃତିକ ସଙ୍ଗଠନ ରଚନା ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସ୍କୁଲ ଓ କଲେଜ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଗାନ୍ଧିଜୀଙ୍କୁ ମୁଁ ଯେପରି ଜାଣେ ଶୀର୍ଷକ ବିଷୟରେ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ରଖିଥିଲେ।ପୂର୍ବାହ୍ନ ୧୦ଟାରେ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଚନାର ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ବିଚାରକଭାବେ ଶିକ୍ଷାବିତ୍ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଚୈତନ୍ୟଦାସ ଠାକୁର, ସୁରେନ୍ଦ୍ର କୁମାର ତ୍ରିପାଠୀ ଯୋଗଦାନ କରିଥିଲେ। ଓଁପ୍ରଣବ ନାୟକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଛାତ୍ରୀ ଅଳ୍ପନା ନନ୍ଦ, ଛାତ୍ର ଅନୁପ ଗୌରବ ସାହୁ ମନୋନୀତ ହୋଇଥିଲେ।

### ■ ବଲାଙ୍ଗୀରରୁ ଫିରଲେ ରୂପେଲି

# ସାତ୍‌ସପନ ହେଇଛେ ଉଚ ଚିକିଛା

**ଗୁଡ଼ଭେଲା,୨୨।୯ (ଡି.ଏନ୍.ଏ.)**

ରୂପେଲି ଠିକ୍ ହେଇଯିବା, ନିଜେ ନିଜର କାମ୍‌ବୁତା କରିପାରବା। ଉନିଆ ଛୁଆକର ସଂଗେ ମିଶି ଖେଲବା। ପରିବାର ଲୁକ୍‌କର ଇ ସବୁ ସପନ୍ ଏହେଦେ ସପନ୍ ହେଇ ରହିଯାଇଛେ। ଟଁକା ପଏସା ଅଭାବୁ ପରିବାର ଲୋକ୍ ରୂପେଲିର ଉଚ ଚିକିଛା କରେଇ ନାଇଁପାରବାର। ଇ ବାବ୍‌ଦେ ଭିନେ ଭିନେ ଗଣମାଧ୍ୟମ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଥାନୀୟ ପରଶାସନ ଇ ଦିଗେ ଧିଆନ୍ ଦେଇଥିଲା ସତ୍। ହେଲେ ଏହେଦେ ସଭେ ଇ ଗରିବ୍ ଛୁଆର ଦୁଖ୍‌କେ ପାସ୍‌ରି ଦେଇଛନ୍। ଝିଁ'ର ଚିକିଛା ସାହାଯ୍ ଲାଗି ପରିବାର ଲୋକ୍ ଥାନୀୟ ନେତା ମନ୍ତ୍ରୀଙ୍କୁ ଗୁହାରି କରି ନିରାଶ ହେଇଥିବାର ରୂପେଲିର ମା' କୁନିତା କହିଛନ୍। ମାସେ ଆଗ୍‌ରୁ ରୂପେଲିକେ ବଲାଙ୍ଗୀର ମୁଖିଆ ଡାକ୍ତରଖାନାରେ କେତେ ପରୀକ୍ଷା କରି ଘରକେ ପଠେଇ ଦିଆଯାଇଛେ। ହେଲେ ଉଚ ଚିକିଛା ଲାଗି କେହେନ୍‌ସି ପରକାର ଉଦିଅମ ନାଇଁ କରାଯାଇଥିବାର ପରିବାର ଲୋକ ଅଭିଯୋଗ କରିଛନ୍। ଏନ୍‌ତାଥି ମା'ବାପ୍ ଛୁଆର ଦୁଖ୍ ଦେଖି ଆଏଁଖିଥୁ ଲହ ଗଡ଼ାଲାବେଲେ ରୂପେଲି ନିଜର ଭାଏଗ୍‌କେ ଆଦ୍‌ରି ପଡ଼ିରହିଛନ୍।

ପୂରବର ସୂଚନା ହିସାବେ ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଦୁର୍ଙ୍ଗିବାହାଲ ଗାଁର ବାପ୍ ମେଘନାଦ ରଣା ଆର ମା' କୁନିତାଙ୍କର ଝିଁ' ହେଉଛନ୍ ରୂପେଲି ରଣା(୩)। ରୂପାଲି ଜନମ ହେବାର ଦୁଇମାସ ଉତାରୁ ଜନାଗଲା ଯେ, ସେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ଆକ୍ରାଁତ ଅଛନ୍। ଏନ୍‌ତାଥି ଗରିବ୍ ମା'ବାପ୍ ରୂପେଲିକେ ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମୂଳ କରି ବଲାଙ୍ଗୀର, ବରପାଲି, ବୁର୍ଲାରେ ଚିକିଛା କରେଇ ନିରାଶ ହେଇଛନ୍। ଇଆଡ଼େ ରୂପେଲିର ବଏସ୍ ଅନ୍‌ସାରେ ଦିହିପା ନାଇଁ



ଅଜନା ରୋଗ୍‌ରେ ପୀଡ଼ିତ ରୁପେଲି ରଣା।

ବଢ଼ବାର। ଦିନୁଦିନ୍‌କେ ତାକର ମୁଡ଼୍‌ଟା ବଢ଼ତେଲ ଗଲାବେଲେ ହାତ୍‌ଗୋଡ଼ ସବୁ ସପୁର ହେଇଯାଉଛେ। ସବୁବେଲେ ଯେ ହେଲେ ଝନେ ତାହାକୁ ପାଇ କରୁଛନ୍। ତାହାକୁ ପାଇକଲାବେଲେ ଟିକେ ଇଫାଲ ସେଫାଲ ହେଲେ ତାକର ହାତ୍‌ଗୋଡ଼ ଭାଂଗି ଯାଉଛେ, ଫେର ଦିନାକେତେ ଉତାରୁ ଜୁଡ଼ି ହେଇଯାଉଛେ। ଏହେଦେ ରୂପେଲିକେ ୩ ବଛର ଉପରେ ହେଇଥିଲେ ବି ସେ କଥା କହି ନାଇଁପାରବାର। ଇଆଡ଼େ ମୁଡ଼ର ଉଜନ୍ ବଢ଼ତେଲ ଗଲାବେଲେ ଏହେଦେ ସେ ମୁଡ଼ ବି ସିଧା ରଖି ନାଇଁପାରବାର। ସବୁଥିରୁ ବଡ଼ ଦୁଖର କଥା ଇ ଗରିବ୍ ପରିବାରକେ ଆଏଜ୍‌ତକ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଇ ନାଇଁପାରି। ଇ ଦିଗେ ଜିଲା ପରଶାସନ, ସ୍ୱାସ୍ଥ୍ୟ ବିଭାଗ ଦୁରୁଷ୍‌ଟି ଦେଇ ରୂପାଲିକେ ଉଚ ଚିକିଛା ସାହାଯ୍ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍।



ଖଣ୍ଡାଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ।

## ଖଣ୍ଡାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବେଲପଡା, ୨୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ସନ୍ନିକଟ ଧୁମାଭଟା ଗ୍ରାମର କ୍ଷତ୍ରୀୟ ଯୁବାମଞ୍ଚ ଆହ୍ୱାନକ୍ରମେ ଆସନ୍ତା ବିଜୟା ଦଶମୀରେ ଖଣ୍ଡା ଯାତ୍ରା(ଅସ୍ତ୍ରପୂଜା)ପାଇଁ ରବିବାର ବସ୍‌ଷ୍ଟାଣ୍ଡ ନିକଟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବନମାଳୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କ୍ଷେତ୍ରୀୟ ଯୁବମଞ୍ଚ ସମେତ ସମାଜର ବୟୋଜ୍ୟେଷ୍ଠମାନେ ଉପସ୍ଥିତ ରହି ସଫଳ ଯାତ୍ରା ଆୟୋଜନ ଉପରେ ଆଲୋଚନା କରିଥିଲେ। ବିଜୟା ଦଶମୀ ଦିନ ସକାଳୁ ଗ୍ରାମ ଦେବୀଙ୍କଠାରୁ ଆଜ୍ଞାମାଳ ଆଣିବା ପରେ କ୍ଷତ୍ରୀୟମାନେ ଖଣ୍ଡା ଓ ମଶାଲ ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରି ପୂଜାସ୍ଥଳୀରେ ପହଞ୍ଚିବେ। ପରେ ସେଠାରେ ଏକ ସାଧାରଣ ସଭା ଓ ଶେଷରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କ୍ଷେତ୍ରୀୟ ଯୁବାମଞ୍ଚ କମିଟି ସୂତ୍ରରୁ ପ୍ରକାଶ।

# ସୁବର୍ଣ୍ଣପୁର: ପୁରପଲ୍ଲୀରେ ପୁଅ ଜିଉଁନ୍ତିଆ

**ସୋନପୁର,୨୨।୯(ନି.ପ୍ର.)**

ପଶ୍ଚିମ ଓଡିଶାର ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ପୁଅ ଜିଉଁନ୍ତିଆ ଓଷା ଅନ୍ୟତମ। ରବିବାର ମୂଳା ଅଷ୍ଟମୀ ରାତିରେ ଏହି ଓଷା ସୁବର୍ଣ୍ଣପୁରର ପୁରପଲ୍ଲୀରେ ପଳିତ ହୋଇଛି। ପୁଅ ଓ ଝିଅର ମଙ୍ଗଳ କାମନା କରି ମା'ମାନେ ନିର୍ଜଳା ଉପବାସରେ ରହି ପୂଜା କରିଛନ୍ତି। କେବଳ ସନ୍ତାନସନ୍ତତି ଥିବା ମା'ମାନେ ଏହି ଓଷା ପାଳନ କରିଥାନ୍ତି ତାହା ନୁହେଁ, ନିସନ୍ତାନ ମହିଳାମାନେ ବି ସନ୍ତାନପ୍ରାପ୍ତି କାମନା କରି ଓଷା କରିଥିବା ବେଳେ କୁଆଁରୀ ଝିଅମାନେ ବାପାଙ୍କ ମଙ୍ଗଳ କାମନା କରି ଏହି ବ୍ରତ କରିଥିଲେ। ଗାଁ ଗଣ୍ଡାର ମହିଳାଙ୍କଠାରୁ ଆରମ୍ଭ କରି ସହରରେ ଥିବା ମହିଳାମାନେ ମଧ୍ୟ ଏହି ଓଷା ପାଳନ କରିଥିଲେ। ଓଷା ପାଇଁ ମହିଳାମାନେ ୪ରୁ ୫ଦିନ ପୂର୍ବରୁ ବିଭିନ୍ନ ଜିନିଷ ପତ୍ର କିଣାକିଣି କରିଥିଲେ। ବିଶେଷ କରି ପୁଅ ଜିଉଁନ୍ତିଆ ଓଷା ଲାଗି ଆବଶ୍ୟକ ପୂଜା ଉପକରଣ ମଙ୍ଗଳବାର ବଜାର ଓ ମଝିପଡା ମାର୍କେଟରେ ବସିଥିଲା। ଏଥିପାଇଁ ବଜାରରେ ଆଖୁ, ଜିଉଁନ୍ତିଆ, ଖଇ, ଫୁଲ, ବିଭିନ୍ନ ଫଳମୂଳ ଓ ନୂଆବସ୍ତ୍ର ଆଦି କିଣିଥିଲେ। ମାର୍କେଟରେ ମହିଳାଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ରାତି ସାଢେ ୮ଟା ପରେ ସହରର ଥନାପତି ପଡା, ବଡବଜାର, ଢେରାପଡା, ନୂଆପଡା, ମଝିପଡା, ଗୁଣ୍ଡିଚା ମନ୍ଦିର ପଡା, ଗଡଭିତର, ଘୋଡାଘାଟ ପଡା, ବଉଳ ଛକ, ବ୍ଲକ ଛକ, ଗୋକର୍ଣ୍ଣେଶ୍ୱର ପଡା ଓ ଶାନ୍ତିନଗର ଅଞ୍ଚଳରେ ବ୍ରାହ୍ମଣଙ୍କ ଉପସ୍ଥିତିରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର ତଥା ପଡାରେ ମହିଳାମାନେ ଏକତ୍ରିତ ହୋଇ ଏକ ବର୍ଗ କ୍ଷେତ୍ର ସଦୃଶ ସ୍ଥାନରେ କଦଳୀ, ଅଶ୍ୱତଥ ଗଛ ଲଗାଇ ପୂଜାର୍ଚ୍ଚନା କରିଥିଲେ। ସେହି ବର୍ଗ କ୍ଷେତ୍ର ମଧ୍ୟରେ ଜିଅନ୍ତା ମାଛକୁ ଛଡା ଯାଇଥିଲା। ଏହି ଓଷାରେ ଦୃତି ବାହାନ ମହାପ୍ରଭୁଙ୍କୁ ପୂଜା କରି ମା'ମାନେ ନିଜ ସନ୍ତାନଙ୍କ ଦୀର୍ଘାୟୁ କାମନା କରିଥିଲେ। ଗୁରୁବାର ସକାଳେ ଦୁବ ଛୁଆଁ ଓ ପୁଅକୁ ବ୍ରତ ପିନ୍ଧାଇବା ପରେ ମା'ମାନେ ଖାଦ୍ୟ ଗ୍ରହଣ କରିବେ। ଉତ୍ସବ ପାଇଁ ବୁଧବାର ବଜାରରେ ଫଳମୂଳ ସାଙ୍ଗକୁ ପନି ପରିବା ଦର ଆକାଶ ଛୁଆଁ ହୋଇଥିଲା।



ସୋନପୁର ସହରର ଥନାପତିପଡାରେ ମହିଳାମାନେ ପୂଜା କରୁଛନ୍ତି।

# ପ୍ରସିଦ୍ଧ ବଳି ଯାତ୍ରାର ଶୁଭାରମ୍ଭ

**ସୋନପୁର,୨୨।୯(ନି.ପ୍ର.)**

### ଖଣ୍ଡାବସା ପୂଜା ସମ୍ପନ୍ନ

ସୁବର୍ଣ୍ଣପୁରର ପ୍ରସିଦ୍ଧ ମହାବଳୀ ଯାତ୍ରା ଅମାବାସ୍ୟା ତିଥିରୁ ଆରମ୍ଭ ହେବ। ଏଥିପାଇଁ ପରମ୍ପରା ଅନୁଯାୟୀ କୃଷ୍ଣପକ୍ଷ ଅଷ୍ଟମୀ ତିଥି ରବିବାର ବିଳମ୍ବିତ ରାତିରେ ଖଣ୍ଡାବସା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜା ସମ୍ପନ୍ନ ହେବା ପରେ ବଳି ଯାତ୍ରାର ଶୁଭାରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ସମଲେଇ ମନ୍ଦିରରୁ ଖଣ୍ଡାକୁ ରାଜାଙ୍କ ଗଡଭିତରର ଖଣ୍ଡାଧାର ଘାଟକୁ ନିଆଯାଇଥିଲା। ସେଠାରେ ଖଣ୍ଡାକୁ ଧୁଆଯିବା ପରେ ରାଜ ପୁରୋହିତ ଦୀପକ ପୂଜାହାରୀ ପୂଜାର୍ଚ୍ଚନା କରିଥିଲେ। ପରେ ଖଣ୍ଡାକୁ ପୁଣି ସମଲେଇଙ୍କ ପୀଠକୁ ଅଣାଯାଇ ସ୍ଥାପନା କରାଯିବା ସହିତ ପୂଜା ଅର୍ଚ୍ଚନା କରାଯାଇଛି। ପ୍ରଶାସନ, ଦେବୋତ୍ତର ବିଭାଗ ଓ ବଳି ଯାତ୍ରା ପୂଜା କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ରର ପୀଠ ସୁବର୍ଣ୍ଣପୁରର ମହାନ ଆଧ୍ୟାତ୍ମିକ ପରମ୍ପରାର ପରିଚାୟକ ହେଉଛି ଏହି ଯାତ୍ରା। ରାଜାରାଜୁଡା ଅମଳରୁ ଚାଲି ଆସୁଥିବା ଏହି ଯାତ୍ରା ପାଇଁ ସୁବର୍ଣ୍ଣପୁର ଜିଲାବାସୀଙ୍କ ବିଶେଷ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଥାଏ। ଆଶ୍ୱିନ କୃଷ୍ଣ ଅମାବାସ୍ୟାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୬ ଦିନ ବ୍ୟାପୀ ସହରର ବିଭିନ୍ନ ଶକ୍ତିପୀଠରେ ଏହି ଯାତ୍ରା ନିଷ୍ଠାର ସହିତ ପାଳନ କରାଯାଇଥାଏ। ଖଣ୍ଡାବସା ପୂଜାରେ ସମଲେଇ ମନ୍ଦିରର ପୂଜକ ଷଷ୍ଠି ବଡମାଲି, ଚାରଘରିଆ ଲବ ମଲ୍ଲିକ, ମାଗୁଣି ଜୁଗନିଆ, ସୁରୁ ଜୁଗୁନିଆ, ରବି ଗୁରୁ, ଭାଗବତ ସେଠୀ, ବଳି ଯାତ୍ରା କମିଟିର ସଭ୍ୟ ଲଡୁକିଶୋର ମଲ୍ଲିକ, ବ୍ରଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗତ ୮ ବର୍ଷ ଧରି ବଳିଯାତ୍ରାର ଦାୟିତ୍ୱ ତୁଲାଇ ଆସୁଥିବା ଶ୍ରୀବସ୍ତ ମଲ୍ଲିକ କୁହନ୍ତି ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇ ଆସୁଛି। ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିବାକୁ ସେବାୟତ, ବରୁଆ ଓ ଡାଙ୍ଗୁଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଯାତ୍ରା କିଭଳି ବଞ୍ଚି ରହିବ ଏହାହିଁ ମୁଖ୍ୟ ବୋଲି ମଲ୍ଲିକ କହିଛନ୍ତି।



ସମଲେଇ ମନ୍ଦିରରୁ ଖଣ୍ଡା ନଦୀଘାଟକୁ ନିଆଯାଉଛି।

# ବିନିକା ପଞ୍ଚାୟତ ସମିତିର ବୈଠକ

**ବିନିକା, ୨୨।୮(ଡି.ଏନ୍.ଏ.)**

ବିନିକା ପଞ୍ଚାୟତ ସମିତିର ବୈଠକ ଶନିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ବ୍ଲକ୍ ଅଧ୍ୟକ୍ଷ ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ସ୍ଥାନୀୟ ବିଧାୟକ ତଥା ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦାନ କରିଥିଲେ। ବୈଠକରେ ବିଭିନ୍ନ ଉନ୍ନୟନ କାମ ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗର ଡ. କମଳ ପଧାନ ଫାଟୁଆ ରୋଗର ମୂଳୋତ୍ପାଟନ କରାଯିବ ବୋଲି କହିଥିଲେ। ମହାଦେବପାଲି ଓ ବାଙ୍କିଘିର୍ଡିରେ ଖାଲି ପଡିଥିବା ଏଲ୍‌ଆଇ ପଦବୀ ପୂରଣ କରିବା ଉପରେ ସେ ଜୋର ଦେଇଥିଲେ। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟପ୍ରକାଶ ପଧାନ, ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ମତପୋଷଣ କରିଥିଲେ। ବିଦ୍ୟୁତ୍ କାଟ୍ ନେଇ ସଦସ୍ୟମାନେ ବିଦ୍ୟୁତ୍ ବିଭାଗ ଅଧିକାରୀ ରଶ୍ମୀ ରଞ୍ଜନ ଜେନାଙ୍କୁ ପ୍ରଶ୍ନ କରିଥିଲେ। ପାନୀୟ ଜଳଯୋଗାଣ ବିଭାଗ ଆଲୋଚନା କାଳରେ ବିଭାଗୀୟ ଅଧିକାରୀ ରଞ୍ଜନ କୁମାର ପୁଟେଲ ନିଜ ବିଭାଗର ଉନ୍ନୟନମୂଳକ କାମର ରିପୋର୍ଟ ଦେଇଥିଲେ। ଲୋକ ପ୍ରତିନିଧିମାନେ ନଳକୂପ ମରାମତି ପାଇଁ ପଞ୍ଚାୟତ ପକ୍ଷରୁ ପ୍ରଦାନ ହେଉଥିବା ଟଙ୍କାରେ କେଉଁ ସରଞ୍ଜାମ କିଣା ଯାଇଛି ତାହାର ରିପୋର୍ଟ ମାଗିଥିଲେ। ଖୁବ୍‌ଶୀଘ୍ର ସିନ୍ଦୁରପୁର ଗ୍ରାମ ପଞ୍ଚାୟତ ମଣିଗାଁ ତଟବର୍ତ୍ତୀ ମହାନଦୀରୁ ୪୮ଖଣ୍ଡ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଏକ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହେବ ବୋଲି କହିଥିଲେ। ବ୍ଲକ ଯୋଗାଣ ଅଧିକାରୀ ଦିବ୍ୟ ସିଂ ବଡମାଲୀ କହିଥିଲେ ଯେ, ୯୭ ପ୍ରତିଶତ ଲୋକମାନଙ୍କ ଫୁଡ୍ ଆଣ୍ଡ ସପ୍ଲାଏ ପୋର୍ଟାଲରେ ଆଧାର ଲିଙ୍କ୍ ହୋଇଥିବା ବେଳେ ୩ହଜାର ଲୋକ ଏଥିରୁ ବାଦ୍ ପଡିଛନ୍ତି। ଶିକ୍ଷା ବିଭାଗ ସହକାରୀ ଅଧିକାରୀ ସନ୍ତୋଷ ସାହୁ ବୈଠକରେ ୫୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଅଭାବ ଥିବା ମନ୍ତ୍ରୀଙ୍କ ନଜରକୁ ଆଣିଥିଲେ। ଜଳସେଚନ ବିଭାଗ ଅଧିକାରୀ ବ୍ରଜକିଶୋର ତ୍ରିପାଠୀ ନିଜ ବିଭାଗର ଉତ୍ତର ରଖିବା ବେଳେ ଲୋକ ପ୍ରତିନିଧିମାନେ କେନାଲରେ କମ୍ ପାଣି ଆସୁଥିବା ନେଇ ପ୍ରଶ୍ନ କରିଥିଲେ। ବରଗଡ ମୁଖ୍ୟ କେନାଲରେ ପାଣି ଅଟକା ଯାଉଥିବା କାରଣରୁ ଏପରି ସମସ୍ୟା ହେଉଥିବା କହି ତୁରନ୍ତ ଏହାର ସମାଧାନ କରାଯିବ ବୋଲି ତ୍ରିପାଠୀ କହିଥିଲେ। ସମସ୍ତ ବିଭାଗର ଆଲୋଚନା ଶୁଣିବା ପରେ ଅବିଳମ୍ବେ ସମସ୍ୟା ସବୁର ତ୍ୱରିତ ସମାଧାନ ଦିଗରେ ଅଧିକାରୀମାନେ କାର୍ଯ୍ୟ କରିବାକୁ ମନ୍ତ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ବ୍ଲକ ସହକାରୀ ଯନ୍ତ୍ରୀ ଅନୁପମା ଗଣିକ, ଉପାଧ୍ୟକ୍ଷା ପୁଷ୍ପା କଣ୍ଟା ଓ ଜିପିଇଓ ଦୀନବନ୍ଧୁ ମଲିକ ଉପସ୍ଥିତ ଥିଲେ।

## ମୁରିବାହାଲ ଥାନାରେ ଆମ ପୋଲିସ ସମିତି ବୈଠକ

**ମୁରିବାହାଲ, ୨୨।୯ (ଡି.ଏନ.ଏ.)**

ମୁରିବାହାଲ ଥାନାରେ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରଞ୍ଜନ କୁମାର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଥାନା ଅଧୀନ ୧୭ଟି ପଞ୍ଚାୟତର ପୋଲିସ ସମିତି ସଭ୍ୟ ଯୋଗଦେଇଥିଲେ। ଦ୍ରୁତଗତିରେ ଗାଡି ଚଳାଇବା, ନମ୍ବର ବିହୀନ ଗାଡି, ମୁଖ୍ୟ ପିଚୁ ରାସ୍ତାରେ ଧାନ ମଡାଇବା ବନ୍ଦ କରିବା, ଶ୍ରମିକ ପଞ୍ଜିକରଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଛୋଟ ଛୋଟ ସମସ୍ୟାକୁ କିପରି ସମାଧାନ କରିହେବ ସେଥିପାଇଁ ପୋଲିସ ଗୁରୁତ୍ୱ ଦେବା ପାଇଁ ବୈଠକରେ ଆଲୋଚନାର ପ୍ରସଙ୍ଗ ହୋଇଥିଲା। ଥାନା ଅଧିକାରୀ ବରିହା ସମସ୍ତ ଅଭିଯୋଗ ଓ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ପୋଲିସ ଚେଷ୍ଟା କରିବ ବୋଲି କହିଥିଲେ।

## ସୋଲାର ଲାଇଟ ଲଗାଇବାକୁ ନେଇ ଅସନ୍ତୋଷ

**ଲୋଇସିଂହା, ୨୨।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତର ବାଞ୍ଜିପାଲି ଏବଂ ସିଆଲବାହାଲି ଗ୍ରାମବାସୀ ସୋଲାଇର ଲାଇଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଉଭୟ ଗ୍ରାମର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସଦର ଗାଁ ବୁର୍ଡାରେ କେବଳ ୧୧ଟି ସୋଲାର ଲାଇଟ ଲଗାଯାଇଛି। ହେଲେ ପଞ୍ଚାୟତ ଅଧୀନ ବାଞ୍ଜିପାଲି ଓ ସିଆଲବାହାଲିକୁ ଏଥିରୁ ଉପେକ୍ଷିତ କରାଯାଇଥିବା ଅଭିଯୋଗ ହୋଇଛି। ଅବିଳମ୍ବେ ପଞ୍ଚାୟତ ପକ୍ଷରୁ ସୋଲାର ଲାଇଟ ବ୍ୟବସ୍ଥା କରି ଉଭୟ ଗ୍ରାମରେ ଲଗାଇବାକୁ ଦାବି ହେଉଛି।

# ମାତିଲେ ମୋବାଇଲ ଲୁଟେରା

**ବଲାଙ୍ଗୀର ଅଫିସ, ୨୨।୯**

### ବଲାଙ୍ଗୀର ସହର

- ଗୋଟିଏ ଦିନରେ ୨୫ ମୋବାଇଲ ଲୁଟ୍‌ନେଲେ
- ନାବାଳକ ଅଟକ
- ଡେଲି ମାର୍କେଟରୁ ସର୍ବାଧିକ ଚୋରି
- ପୋଲିସର ତନାଘନା

ବଲାଙ୍ଗୀର ସହରରେ ରବିବାର ମୋବାଇଲ ଲୁଟେରା ମାତିଥିଲେ। ଗୋଟିଏ ଦିନରେ ଏହି ଲୁଟେରା ଦଳ ସହରର ବିଭିନ୍ନ ସ୍ଥାନରୁ ୨୫ଟି ମୋବାଇଲ ଲୁଟି ନେଇଥିବା ଜଣାପଡିଛି। ଖବର ଲେଖା ହେବା ପର୍ଯ୍ୟନ୍ତ କେବଳ ବଲାଙ୍ଗୀର ଡେଲିମାର୍କେଟ ଅଞ୍ଚଳରୁ ୧୫ଟି ମୋବାଇଲ ଚୋରି ହୋଇଥିବା ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟଦିନ ଅପେକ୍ଷା ରବିବାର ଡେଲିମାର୍କେଟରେ ଅଧିକ ଭିଡ ପରିଲକ୍ଷିତ ହୁଏ। ଏହାର ଫାଇଦା ନେଇ ଏକ ମୋବାଇଲ ଲୁଟେରା ଦଳ ରବିବାର ସକାଳୁ ଡେଲିମାର୍କେଟ ଅଞ୍ଚଳରେ ଲୁଟ୍‌ପାଟ ଆରମ୍ଭ କରିଦେଇଥିଲେ। ମୋବାଇଲ ଲୁଟ୍ ହେବା ଜଣାପଡିବା ପରେ ଅଞ୍ଚଳରେ ଆକ୍ରୋଶ ବୃଦ୍ଧି ପାଇଥିଲା। ଅନେକ ଲୋକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ପ୍ରାରମ୍ଭରୁ ଘଟଣାକୁ ହାଲୁକା ଭାବେ ନେଇଥିଲେ। ଏହାପରେ ଅଭିଯୋଗକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ପୋଲିସ ତଦାରଖ ଆରମ୍ଭ କରିଥିଲେ। ସନ୍ଧ୍ୟା ସୁଦ୍ଧା କେବଳ ଡେଲିମାର୍କେଟ ଅଞ୍ଚଳରୁ ୧୫ଟି ମୋବାଇଲ ଚୋରି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଅତ୍ୟନ୍ତ କୌଶଳପୂର୍ଣ୍ଣ ଭାବେ ଭିଡରୁ ଲୁଟେରାମାନେ ମୋବାଇଲ ଲୁଟି ନେଉଥିବାରୁ ଏହା ଏକ ର୍ୟାକେଟ୍ ସନ୍ଦେହ କରାଯାଉଛି। ତେବେ ଏହି ମୋବାଇଲ ଲୁଟେରା ଦଳ ସ୍ଥାନୀୟ ଅଞ୍ଚଳର ନାଁ ବାହାରୁ ଆସି ଲୁଟ୍ କରିଛନ୍ତି ତାହା ଜଣାପଡିନାହିଁ। ପୋଲିସ ସନ୍ଧ୍ୟାରେ ମୋବାଇଲ ଲୁଟ୍ ଘଟଣାରେ ଜଣେ ନାବାଳକଙ୍କୁ ଅଟକ ରଖିଛି। ତାଙ୍କଠାରୁ ଏକ ମୋବାଇଲଏ ଜବତ୍ ହୋଇଥିବା ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ କହିଛନ୍ତି। ପୋଲିସ ପକ୍ଷରୁ ଏହି ଲୁଟେରା ଦଳଙ୍କ ଅନୁସନ୍ଧାନ ଆରମ୍ଭ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ସହରରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ବୃଦ୍ଧିପାଇଛି।

# ବାଇକ୍ ଯାଞ୍ଚବେଳେ ପୋଲିସ ଲାଠିମାଡ଼ରେ ଯୁବକ ଗୁରୁତର

### ■ କନଷ୍ଟେବଲଙ୍କ ଉପରକୁ ବାଇକ୍ ଚଢ଼ାଉ ଥିଲେ ଯୁବକ: ପୋଲିସ

**ପାଟଣାଗଡ, ୨୨।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ପୋଲିସ ତରଫରୁ ରବିବାର ସନ୍ଧ୍ୟାରେ ଡ୍ରିଙ୍କ ଆଣ୍ଡ ଡ୍ରାଇଭକୁ ନେଇ ଚେକିଂ ଚାଲିଥିଲା। ଏହି ସମୟରେ ପୋଲିସ ଲାଠି ମାଡରେ ଜଣେ ବାଇକ୍ ଆରୋହୀ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ ଆରୋହୀ ବଲାଙ୍ଗୀର ସହର ରୁଗୁଡିପଡାର ଦୀପଙ୍କର ପଣ୍ଡା (୩୦) ବୋଲି ଜଣାପଡିଛି। ତାଙ୍କୁ ପାଟଣାଗଡ ଉପଖଣ୍ଡସ୍ତରୀୟ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟାରେ ପାଟଣାଗଡ-ରାମପୁର ପେଟ୍ରୋଲ ପମ୍ପ ନିକଟରେ ପୋଲିସ ପକ୍ଷରୁ ଡ୍ରିଙ୍କ ଆଣ୍ଡ ଡ୍ରାଇଭକୁ ନେଇ ଚେକିଂ ଚାଲିଥିଲା। ଏହି ସମୟରେ ବଲାଙ୍ଗୀରର ପଣ୍ଡା ଏକ ଲାଲରଙ୍ଗର ପଲସର ବାଇକ୍ (ଓଡି୩୩ଇ ୧୪୪୪)ରେ ପାଟଣାଗଡରୁ ବଲାଙ୍ଗୀର ଅଭିମୁଖେ ଯାଉଥିଲେ। ରାମପୁର ପେଟ୍ରୋଲ ପମ୍ପ ନିକଟରେ ଚେକିଂ କରୁଥିବା ପୋଲିସ ତାଙ୍କୁ ଚେକିଂ ଉଦ୍ଦେଶ୍ୟରେ ଅଟକାଇଥିଲେ। ହେଲେ ପଣ୍ଡା ବାଇକ୍ ନ ଅଟକାଇ ବଲାଙ୍ଗୀର ଅଭିମୁଖେ ଦ୍ରୁତ୍‌ଗତିରେ ପଳାଇ ଆସୁଥିଲେ। ଏହି ସମୟରେ ପୋଲିସର ଲାଠି ବାଜି ପଣ୍ଡାଙ୍କ ମୁହଁ ଫାଟି ଯାଇଥିଲା। ସେ ହେଲମେଟ୍ ପିନ୍ଧି ନ ଥିବାରୁ ମୁହଁରେ ଆହତ ଲାଗି ରକ୍ତସ୍ରାବ ହୋଇଥିଲା। ଏହାପରେ ମଧ୍ୟ ପଣ୍ଡା ସେଠାରେ ନ ଅଟକି ବାଇକ୍ ଧରି ଉଲ୍‌ବା ପର୍ଯ୍ୟନ୍ତ ପଳାଇ ଯାଇଥିଲେ। ପରେ ବଲାଙ୍ଗୀରରୁ କାର୍‌ରେ ପାଟଣାଗଡ ଆସୁଥିବା ଦୁଇଜଣ ବ୍ୟକ୍ତି ଆହତ ପଣ୍ଡାଙ୍କୁ ଦେଖି ସେଠାରୁ ପାଟଣାଗଡ ହସପିଟାଲକୁ ଆଣି ଭର୍ତ୍ତି କରିଥିବା ଜଣାପଡିଛି। ଏନେଇ ପାଟଣାଗଡ ଆଇଆଇସି କେ.ପ୍ରିୟଙ୍କା ରାଉତରାୟଙ୍କୁ ପଚରାଯିବାରୁ ପୋଲିସ ଚେକିଂ ଚାଲିଥିବା ସମୟରେ ଏହି ବାଇକ୍ ଚାଳକ ଜଣକ ଦ୍ରୁତଗତିରେ ବାଇକରେ ଯାଉଥିଲେ। ତାଙ୍କୁ ଅଟକାଇବା ଚେଷ୍ଟା କରିଥିଲେ ମଧ୍ୟ ସେ ନ ଅଟକି କନଷ୍ଟେବଲଙ୍କ ଉପରକୁ ଗାଡି ଚଢାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କନ୍‌ଷ୍ଟେବଲଙ୍କ ବାଡି ବାଜି ଯାଇଥିବ ବୋଲି ସେ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସେ ଜଣାଇଥିଲେ।



ପାଟଣାଗଡ ହସପିଟାଲରେ ଚିକିତ୍ସିତ ଆହତ ବାଇକ୍ ଆରୋହୀ ଦୀପଙ୍କର ପଣ୍ଡା।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ସୁରଭି ଗୋସେବା କାର୍ଯ୍ୟକ୍ରମ

**ଲାଠୋର, ୨୨।୯ (ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବଛୁବାହାଲି ସୁରଭୀ ଶୋଧ ଏବଂ ବିକାଶ କେନ୍ଦ୍ର ଆନୁକୂଲ୍ୟ ତଥା ଚିନ୍ମୟ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋସୁରକ୍ଷା ଯାତ୍ରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭିନ୍ନ ଗ୍ରାମକୁ ଯାଇ ତାଙ୍କର ପ୍ରବଚନ ମାଧମରେ ଗୋ ସମ୍ପଦର ସୁରକ୍ଷା ଏବଂ ଗାଈ କ୍ଷୀରରୁ ମିଳୁଥିବା ଶକ୍ତି, ଗୋବରର ଉପାଦେୟତା, ଗୋମୂତ୍ରରୁ ତିଆରି ଔଷଧ ବିଷୟରେ ସେ ସଚେତନ କରାଉଛନ୍ତି। ଶନିବାର ସନ୍ଧ୍ୟାରେ ଚିନ୍ମୟ ଦାସ ମହାରାଜ ଲାଠୋର ଗ୍ରାମକୁ ଆସି ଗୋ ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ବାବା ଚିନ୍ମୟ ଦାସଙ୍କୁ ପ୍ରଥମେ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଓ ରିଙ୍କୁ ଅଗ୍ରୱାଲଙ୍କ ନେତୃତ୍ୱରେ ମହିଳା ପୁରୁଷମାନେ ସ୍ୱାଗତ କରିଥିଲେ। ସେଠାରୁ ରଥକୁ ଗ୍ରାମ ପରିକ୍ରମା କରାଇ ଅଗ୍ରସେନ ଭବନଠାରେ ଏକ ସଭାର ଆୟୋଜନ କରାଯାଇଥିଲା।

### ଶିକ୍ଷକଙ୍କ ବିୟୋଗରେ ଶୋକସଭା

**ଖପ୍ରାଖୋଲ, ୨୨।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦମେଇପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶିକ୍ଷକ ପ୍ରଭାକର ସୁଆର(୫୩)ଙ୍କ ବିୟୋଗରେ ପ୍ରଧାନଶିକ୍ଷକ ନିହାର ରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ଶନିବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ସହ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରାଯାଇଥିଲା। ଦମେଇପାଲି ସିଆରସିସି ସୁବାଷ ନାଗ, ପୂର୍ବତନ ସିଆରସିସି ଗୋପିନାଥ ସାହୁ, ରଞ୍ଜନ ମେହେର, ସୁଧୀର ପଧାନ, ହିମାଂଶୁ ଭୋଇ, ପରେଶ ପଧାନ, ଟଙ୍କଧର ବରିହା, ରାଜରାମ ବରିହା ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ୧୭ତାରିଖ ଲଛିମାଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଭାକର ସୁଆରଙ୍କ ଅକାଳ ବିୟୋଗ ଘଟିଥିଲା।

### ଗାନ୍ଧିଜୀ, ସାମ୍ପ୍ରତିକ ସମାଜ ଆଲୋଚନାଚକ୍ର

**ଟିକ୍ରାପଡା, ୨୨।୯(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ଆନୁକୂଲ୍ୟରେ 'ଗାନ୍ଧିଜୀ ଏବଂ ସାମ୍ପ୍ରତିକ ସମାଜ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ମହାକୁର ସଭା ସଂଯୋଜନା କରିଥିଲେ। ନିମାନନ୍ଦ ଖମାରୀ ସଭାରେ ଅଧକ୍ଷତା କରିଥିଲେ। ସ୍ଥାନୀୟ ସରପଞ୍ଚ ବଜରଙ୍ଗଲାଲ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୁନୀଲ ପସାୟତ, ଶେଷଦେବ କଲତା, ଯଶୋବନ୍ତ ନାଏକ, ସୁଶାନ୍ତ ଖମାରୀ, ଅର୍ଜୁନ ଭୋଇ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଗାନ୍ଧିଜୀଙ୍କ ନୀତି, ଆଦର୍ଶ ହିଁ ସାମ୍ପ୍ରତିକ ସମାଜକୁ ଉଚିତ ମାର୍ଗ ପ୍ରଦର୍ଶନ କରିପାରିବ। ସମାଜରେ ଶାନ୍ତି ସହାବସ୍ଥାନ, ସ୍ୱାବଲମ୍ବନ ପାଇଁ ଗାନ୍ଧିଜୀଙ୍କ ବିଚାରଧାରାକୁ କେବଳ ଉଚ୍ଚାରଣରେ ସୀମିତ ନ ରଖି ଆମ ଆଚରଣରେ ଏହା ପ୍ରତିଫଳିତ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତପୋଷଣ କରିଥିଲେ।

## ଅବେବସ୍ତା ଘେରରେ ସାନଗୁର୍ଜିଭଟା ସରକାରୀ ନୂତନ ଉପ୍ରା ବିଦ୍ୟାଳୟ

# ଉଲ୍‌ଗୁଲାନର ଚେତାବନୀ ଦେଲେ ଯୁବଗୋଷ୍ଠୀ

- ୮ଟା ଶ୍ରେଣୀର ପିଲାଙ୍କର ଲାଗି ଗୁଟେ ପଢ଼ାକୁଠି
- ବାରନ୍‌ଡାରେ ବସି ପଢୁଛନ୍ ୩ଟା ଶ୍ରେଣୀର ଚୁଆ
- ହପ୍‌ତେ ଭିତରେ ପଦକ୍ଷେପ ନିଅ: ଯୁବଗୋଷ୍ଠୀ

**ଲାଠୋର, ୨୨।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତ୍ ଅଧୀନ ସାନଗୁର୍ଜିଭଟା ସରକାରୀ ନୂତନ ଉପ୍ରା ବିଦ୍ୟାଳୟ ଏହେଦେ ନାନା ସମସିଆ ଘେରରେ ରହିଛେ। ପରଶାସନ ସ୍କୁଲ ସମସିଆର ସମାଧାନ ଲାଗି ୭ ଦିନ୍ ଭିତରେ ପଦକ୍ଷେପ ନେଉ, ନାଇଁହେଲେ ଉଲ୍‌ଗୁଲାନକେ ଉତିରମୁ ବଲି ଗାଁର ସଚେତନ ଯୁବଗୋଷ୍ଠୀ ଚେତାବନୀ ଦେଇଛନ୍।

ସୂଚନା ଅନ୍‌ସାରେ ୧୯୬୦ ସାଲେ ଥାପିତ ଇ ସ୍କୁଲରେ ଏହେଦେ ୧ମରୁ ୮ମ ଶ୍ରେଣୀ ତକ୍ ୧୩୮ ଝନ୍ ଛାତ୍ରୀଛାତ୍ର ପାଠ୍ ପଢୁଛନ୍। ଶିକ୍ଷାଦାନ ଲାଗି ୫ ଝନ୍ ଶିକ୍ଷକ ବି ରହିଛନ୍। ହେଲେ ଦୁଖର କଥା ଇ ସ୍କୁଲରେ ୮ ଶ୍ରେଣୀର ଛାତ୍ରୀଛାତ୍ର ପଢ଼ବାର ଲାଗି ଗୁଟେନ ପଢ଼ାକୁଠି ରହିଛେ। ଦୁଇଟା ପଢ଼ାକୁଠି ଭାଂଗି ଯାଇଛେ। ଯେନ୍‌ଥିରଲାଗି ୧ମରୁ ୪ର୍ଥ ଶ୍ରେଣୀ ତକ୍ ପିଲା ସେ କୁଠିରେ ବସି ପାଠ୍ ପଢୁଥିଲାବେଲେ ୫ମରୁ ୮ମ ଶ୍ରେଣୀ ପିଲା ବାରନ୍‌ଡାରେ ବସି ପଢୁଛନ୍। ସେନ୍‌ତା ସ୍କୁଲରେ ଆରଗୁଟେ କୁଠି ଥିଲେ ବି ସେଠାନେ ଏମ୍‌ଡିଏମ୍ ସାମାନ ସଂଗେ ଅଫିସ କାଗଜପତର, ଛୁଆକର ବହିପତର ସବୁ ରହିଛେ। ଏନ୍‌ତାଥି ସେ କୁଠିଥି ଗୋଡ଼ କିଁଦ୍‌ରାବାକେ ଜାଗାଠାନ୍ ନାଁଇଁନ। ଯେନ୍ ବି ଗୁଟେ କୁଠି ରହିଛେ ସେ କୁଠିର ଛାତୁ ସିମେଟ ଚକ୍‌ଡା ଛାଡ଼ି ଲୁହାଛଡ୍ ସବୁ ଜଲ୍ ଜଲ୍ ଦିଶୁଛେ। ଅଲପ ବରଷାରେ ବି କୁଠିର ଛାତୁ ପାଏନ୍ ଗଲି ଘରଭିତରେ ଆଁଠେ ପାଏନ୍ ହେଉଛେ। ଇ ସ୍କୁଲ ସମସିଆ ବାବ୍‌ଦେ ଗଲା ଜୁନ୍ ୨୫ ତାରିଖ୍ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ବାରନ୍‌ଡାରେ ପାଠ୍ ପଢୁଛନ୍ ଛାତ୍ରୀଛାତ୍ର' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ବରଗଡ଼ ଜିଲା ଯୋଖିପାଲି ଗାଁର ଗୁଟେ ସାମାଜିକ ଅନୁଷ୍ଠାନ ୟୁଥ ଏଗେନ୍‌ଷ୍ଟ କରପ୍‌ଶନ ଇ ଖବରକେ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଜିଏପିଜି ବିଭାଗ ଆର ବଲାଙ୍ଗୀର ଜିଲାପାଳଙ୍କୁ ଟୁଇଟର ଜରିଆରେ ସମସିଆର ସମାଧାନ ଲାଗି ଅନୁରୋଧ କରିଥିଲେ।



ସ୍କୁଲ ଆଘେ ଗାଁର ସଚେତନ ଯୁବଗୋଷ୍ଠୀ।

ସେନ୍‌ତା ସାନଗୁର୍ଜିଭଟା ଗାଁର ଝନେ ଯୁବକ ଘନଶ୍ୟାମ ସରାଫ ଇ ସମସିଆ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ କୁଠାଥି ଅଭିଯୋଗପତର ଦାଖଲ କରିଥିଲେ। ସେ ହିସାବେ ସ୍କୁଲରେ ଦରକାର ହିସାବେ ପଢ଼ାକୁଠି ତିଆର କରବାକେ ନିରଦେଶ ଆସିଥିଲେ ବି ଆଏଜ୍‌ତକ ଇ ଦିଗେ ପଦକ୍ଷେପ ନାଇଁ ନିଆଯାଇଥିବାର ଅଭିଯୋଗ ହେଉଛେ। ପରଶାସନ ୭ ଦିନ୍ ଭିତରେ ସ୍କୁଲ ସମସିଆର ସମାଧାନ ଦିଗେ ପଦକ୍ଷେପ ନାଇଁ ନେଲେ ଉଲ୍‌ଗୁଲାନକେ ଜୋରଦାର କରାଯିବା ବଲି ଗାଁର ସୁଶାନ୍ତ ନାଗ, ଶେଷଦେବ ନାଗ, ସୁରେଶ କୁମୁରା, ଦଲଗଞ୍ଜନ ନାଗ, ଆକାଶ ସୁନା, ଦେବଗଣ ମଲ୍ଲିକ, ହରି କୁମ୍ଭାର ପରମୁଖ ଚେତାବନୀ ଦେଇଛନ୍।



କାଳିଝରଣ ଗାଁରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କାଳିଝରଣରେ ନୂଆଁଖାଇ ଭେଟଘାଟ୍

**ବଲାଙ୍ଗୀର ଅଫିସ, ୨୨।୯**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଆଟଗାଁ ଗ୍ରାମପଞ୍ଚାୟତର କାଳିଝରଣ ଗାଁରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆକୁଳ ବେହେରାଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ତଥା ଶିଶୁକବି ପ୍ରଶାନ୍ତ କୁମାର ଯୋଷୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କବି ଶୁଭ୍ରାଂଶୁ ପଣ୍ଡା, ରଞ୍ଜିତ ବେହେରା ଓ ମୁଖ୍ୟବକ୍ତା ଭାବେ ପ୍ରକୃତିବନ୍ଧୁ ଶିକ୍ଷକ ଭକ୍ତ ଚରଣ ନାଏକ ମଞ୍ଚାସୀନ ଥିଲେ। ପ୍ରଥମ ଥର ପାଇଁ ଗାଁରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କରାଯାଇଥିବାରୁ ଗ୍ରାମବାସୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଅତିଥିମାନେ ନୂଆଁଖାଇ ତିହାରର ବିଶେଷତ୍ୱ ଉପରେ କହିବା ସହ ଏହି ତିହାର ଏବେ ଆହୁରି ଜନାଦୃତ ହେବାରେ ଲାଗିଛି ବୋଲି କହିଥିଲେ। ସମସ୍ତ ଗ୍ରାମବାସୀ ଗୋଟି ପରିବାର ଭଳି ହୋଇ ସେମାନଙ୍କ ଭିତରେ ଆତ୍ମୀୟ ଓ ଏକତାର ବାର୍ତ୍ତା ଦେଉଛି ବୋଲି କହିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭେଟ୍‌ଘାଟ ଜରିଆରେ ସାମାଜିକ ଓ ସାଂସ୍କୃତିକ ଏକତା ବୃଦ୍ଧି ପାଉଥିବା ଲୋକେ ଅନୁଭବ କରିଥିଲେ। ଉଦ୍ୟୋକ୍ତାମାନଙ୍କୁ ପ୍ରଶଂସା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ସହଯୋଗ କରିଥିଲେ। ଶେଷରେ ଜେନା ସା ଧନ୍ୟବାଦ ଅର୍ପଣ କରିଥିଲେ।

## ପନିପରିବା ଚାଷ ସମ୍ପର୍କିତ ତାଲିମ ଶିବିର

**ଖପ୍ରାଖୋଲ, ୨୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଶାନ୍ତିପୁର ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟଠାରେ ପନିପରିବା ଚାଷ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳଛାୟା ପ୍ରକଳ୍ପ ପିଆଇଏ ସତ୍ୟେନ୍ଦ୍ର ରାଇକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପାଟଣାଗଡ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୋମ୍ୟ ରଞ୍ଜନ ସେଠୀ ଯୋଗଦେଇଥିଲେ। ଶୀତଦିନିଆ ପନିପରିବା ଚାଷ ସମ୍ପର୍କରେ ସେ ତାଲିମ ପ୍ରଦାନ କରିଥିଲେ। ପିଆଜ, କୋବି, ବାଇଗଣ, ବିଲାତି ବାଇଗଣ, ମରିଚ ଭଳି ପନିପରିବା କିଭଳି ସମନ୍ୱିତ ଭାବରେ କରାଯାଇ ରୋଗପୋକ ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ଚାଷୀଙ୍କୁ ବୁଝାଇଥିଲେ। ଶିବିରରେ ଶତାଧିକ ଚାଷୀ ଯୋଗଦେଇଥିଲେ। ଅବିନାଶ ନାଏକ, ସନ୍ତୋଷ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ତାଲିମ ଶିବିରରେ ଯୋଗଦେଇଥିବା ଚାଷୀମାନେ।

## କୁମ୍ଭାର ସମାଜର ନୂଆଁଖାଇ ଭେଟଘାଟ୍

**ବଲାଙ୍ଗୀର ଅଫିସ, ୨୨।୯**

ବଲାଙ୍ଗୀର ଠିକାଦାରପଡାଠାରେ ଜିଲା କୁମ୍ଭାର ସମାଜର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭିକାରୀ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା କୁମ୍ଭାର ସମାଜ ସମ୍ପାଦକ ଅରୁଣ ରଣା ଯୋଗଦେଇ ସମାଜର ଉନ୍ନତି ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। କୋଷାଧ୍ୟକ୍ଷ ଚକ୍ରପାଣି ରଣା ସାମାଜିକ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପଖଣ୍ଡ ସଭାପତି ଠାକୁର ରଣା ଆସନ୍ତାବର୍ଷ ସମାଜ ପକ୍ଷରୁ ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଜନସଂଖ୍ୟା ସର୍ଭେ, ବିବାହ ପ୍ରମାଣପତ୍ର ପ୍ରଦାନ ସମୟରେ ଗ୍ରାମ୍ୟ ସଭାପତିଙ୍କୁ ସମ୍ମାନିତ କରିବା ବିଷୟରେ ଅବଗତ କରାଇଥିଲେ। ଏହି ବୈଠକରେ ସମାଜର ବିଭିନ୍ନ ବ୍ଲକ ସଭାପତି, ସମ୍ପାଦକ ଓ ସଭ୍ୟ ରଘୁରାଜ ରଣା, ଅଶୋକ କୁମାର ରଣା, ଟଙ୍କଧର ରଣା, ଶଶୀଭୂଷଣ ରଣା, ବୃନ୍ଦାବନ ରଣା, ବରୁଣ ରଣା ଅଂଶଗ୍ରହଣ କରିଥିଲେ। ମିଡିଆ ସେଲ ସଭ୍ୟ ଅନୀଲ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ବିକାଶ କେନ୍ଦ୍ରର କର୍ମକର୍ତ୍ତା ନିର୍ବାଚନ

**ବଲାଙ୍ଗୀର ଅଫିସ, ୨୨।୯**

ବଲାଙ୍ଗୀର ଜଗନ୍ନାଥ ମନ୍ଦିରରେ ଶିଶୁ ବିକାଶ କେନ୍ଦ୍ରର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ଉପଦେଷ୍ଟା କପିଳ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂତନ ଭାବେ ମଦନ ମୋହନ ରଥ ସଭାପତି, ସୁନାଧର ବନଛୋର ଉପସଭାପତି, ରତ୍ନମୟ ତ୍ରିପାଠୀ ସମ୍ପାଦକ, ଦୁର୍ଗାଚରଣ ସାହୁ ସହସମ୍ପାଦକ, ବୃଜେନ୍ଦ୍ର କୁମାର ବେହେରା କୋଷାଧକ୍ଷ, ଡା. ନବବିହାରୀ ସାହୁ ଏବଂ କସ୍ତୁରୀ ରଥ କ୍ରୀଡା ସମ୍ପାଦକ ଓ କାର୍ଯ୍ୟକ୍ରମ ପ୍ରସାରଣ ସଂଯୋଜକ ଭାବେ ପ୍ରଦୀପ ପଶାୟତଙ୍କୁ ସର୍ବସମ୍ମତିକ୍ରମେ ମନୋନୟନ କରାଯାଇଛି। କାର୍ଯ୍ୟକାରୀ କମିଟିରେ ମଧୁ ସାହୁ, ଡା. ଅଶୋକ କୁମାର ସେଠୀ, ପ୍ରଶାନ୍ତ ଷଡଙ୍ଗୀ, ଅରୁଣ ଖୁଆସ, ଧ୍ରୁବଚରଣ ସାହୁ, ହୃଷୀକେଶ ପୁରୋହିତ, ଧୀରେନ୍ଦ୍ର ନରାୟଣ ସିଂହଦେଓ, ସୁବାସ ଦାଶ ଅବସ୍ଥାପିତ ହୋଇଥିଲେ। ଡାକ୍ତର ଜ୍ୟୋସ୍ନାମୟୀ ମହାପାତ୍ର, ବିକ୍ରମାନନ୍ଦ ବହିଦାର, ଜଗଦାନନ୍ଦ ଛୁରିଆ, ଜୟରାମ ମିଶ୍ର ଏବଂ କପିଳ ପତିଙ୍କୁ ଅନୁଷ୍ଠାନର ଉପଦେଷ୍ଟା ଭାବେ ଗ୍ରହଣ କରାଯାଇଥିଲା। ଶେଷରେ ରତ୍ନମୟ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ଏକଦିବସୀୟ ଫୁଟବଲ: ଅଗଲାପାଲି ଚାମ୍ପିୟନ

**ଲୋଇସିଂହା,୨୨।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟା ଗ୍ରାମ ଖେଳ ପଡିଆରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ଟାଇବ୍ରେକରରେ ଯୋଗୀସର୍ଡାକୁ ହରାଇ ଅଗଲାପାଲି ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ରେଫରି ଟାଇବ୍ରେକରର ସହାଯ୍ୟ ନେଇଥିଲେ। ଏଥିରେ ୪-୩ ଗୋଲରେ ଅଗଲାପାଲି ଏକାଦଶ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସୁବ୍ରତ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ବୁଢୀପଦର ସମିତି ସଭ ପ୍ରଶାନ୍ତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି, ସହଦେବ ସା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଗୁର୍ଜିଭଟା ଗ୍ରାମ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ଆଖପାଖ ଗ୍ରାମର ୮ଟି ଦଳ ଅଂଶଗ୍ରହଣ କରିଥିଲେ।

## ଫଟୋରେ ଖବର


ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡ଼ା ଉପରପଡ଼ା ପଥେଇ ଦୁର୍ଗା ମନ୍ଦିରରେ ଚାଲିଛି ପୁଅ ଜିଉଁନ୍ତିଆ ପୂଜା।

## ଦଶହରା, ବଏଲ ଯାତ୍ରା ପ୍ରସ୍ତୁତି ବୈଠକ

# ଶୃଙ୍ଖଳିତ ଆୟୋଜନ ଉପରେ ଗୁରୁତ୍ୱ

**ପାଟଣାଗଡ, ୨୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ସଭାଗୃହରେ ରବିବାର ଦଶହରା ଓ ପ୍ରସିଦ୍ଧ ବଏଲ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ଉପଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ନାଜିର ଯଶୋବନ୍ତ କୁମ୍ଭାର ବଏଲ ଯାତ୍ରା-୧୮ର ଖର୍ଚ୍ଚ ବିବରଣୀ ପଠନ କରିଥିଲେ। ଗତବର୍ଷ ବଏଲ ଯାତ୍ରା ପାଇଁ ୧ ଲକ୍ଷ ୨୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଚଳିତବର୍ଷ ଖର୍ଚ୍ଚ ଅଟକଳରେ ସେବାୟତମାନଙ୍କ ଉପାସୀ ପାଉଣାରେ ଅଧିକ ବ୍ୟୟ ଅଟକଳ ରଖିବା ପାଇଁ ପାଇଁ ଛତ୍ରିଆ, ବଜାବାଲା, ଦରଜୀ, ବାରିକ, ପାଇକମାନେ ଦାବି କରିଥିଲେ। ଉପଜିଲାପାଳ ଦାବିଗୁଡିକୁ ପୂରଣ କରିବାକୁ ସହମତି ପ୍ରକାଶ କରିଥିଲେ। ଆଜିଠୁ ଦେବୀମାନଙ୍କ ଷୋଡଶ ଉପଚାର ପୂଜା ଆରମ୍ଭ ହୋଇଥିବା ବେଳେ ଦଶହରା ଯାଏ ଏହାକୁ ବିଧି ଅନୁସାରେ କରିବା ଉପରେ ଆଲୋଚନା ହୋଇଥିଲା। ଆସନ୍ତା ୨୮ତାରିଖ ସମଲେଶ୍ୱରୀଙ୍କ ଝାର ବଏଲ (ମହାଳୟା), ୨୯ତାରିଖ ପାଟଣେଶ୍ୱରୀଙ୍କ ଝାରବଏଲ, ଅକ୍ଟୋବର ୫ତାରିଖ ଅଷ୍ଟମୀ ନୀତି ପୂଜା (ସନ୍ଧିପୂଜା), ୬ ତାରିଖ ବଏଲ ଯାତ୍ରା ଅନୁଷ୍ଠିତ ହେବ। ଯାତ୍ରା ସମୟରେ ପାନୀୟ ଜଳର ବ୍ୟବସ୍ଥା ପାଇଁ ପିଏଚଡି ବିଭାଗକୁ ୨ଟି ଟ୍ୟାଙ୍କର ଯୋଗାଇଦେବା, ଯାତ୍ରା ପଡିଆରେ ଅଗ୍ନିଶମ ଗାଡି ସହ ଷ୍ଟାଫ ପ୍ରସ୍ତୁତ ରହିବା, ଏନଏସି ତରଫରୁ ରାସ୍ତାଘାଟ, ନାଳମାନ ସଫାସୁତୁରା କରିବା, ସ୍ୱାସ୍ଥ୍ୟସେବା ପାଇଁ ଯାତ୍ରା ପଡିଆରେ ଅସ୍ଥାୟୀ ଚିକିତ୍ସାଳୟ ବ୍ୟବସ୍ଥା ଏବଂ ଖାଦ୍ୟପଦାର୍ଥର ମାନ ଯାଞ୍ଚ କରିବା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଯାତ୍ରା ଦିନମାନଙ୍କରେ ରାତ୍ର ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିଭାଗୀୟ ଏସ୍‌ଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବଏଲ ଯାତ୍ରାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଆସନ୍ତା ୩ ଦିନ ମଧ୍ୟରେ ଯାତ୍ରାର ମାଷ୍ଟର ପ୍ଲାନ ତିଆରି କରି ଉପଜିଲାପାଳଙ୍କଠାରେ ଦାଖଲ କରାଯିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଉପସ୍ଥିତ ରହି ଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଉପାରେ ମତ ଦେଇଥିଲେ। ଉପଜିଲାପାଳ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡ. ଦିଲୀପ ବିଶ୍ୱାଳ, ଏସ୍‌ଡିପିଓ ସୁରେଶ ଚନ୍ଦ୍ର ନାଏକ, ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ପୂର୍ତ୍ତ ବିଭାଗ ଏଇଇ କିଶୋର ପାତ୍ର, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରାମଚନ୍ଦ୍ର ମେହେରଙ୍କ ସମେତ ପିଏଚଡି, ଅଗ୍ନିଶମ, ଏନଏସି ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ଯାତ୍ରା କମିଟି ସଭ୍ୟ, ସେବାୟତମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବରିହାର ସିଂହ ବଏଲ ଯାତ୍ରାର ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତି ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ

## ସଂକ୍ଷେପରେ

### ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ

**ଖଡିଆଳ, ୨୨।୯ (ଡି.ଏନ.ଏ)-** ଖଡିଆଳ ସାଂସ୍କୃତିକ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ କରାଯାଇଥିଲା । ଏହି ବୈଠକରେ ଡ. ରାମଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତିକ୍ରମେ ସଭାପତି ଭାବରେ ସାନ୍ତନୁ ପଣ୍ଡା, ଉପସଭାପତି କସାର ଅହମ୍ମଦ ଖାଁ, ସମ୍ପାଦକ ଜାକିର ଅହମ୍ମଦ ଖାଁ, ସହ ସମ୍ପାଦକ ଗୋବିନ୍ଦ ପଣ୍ଡା, କୋଷାଧ୍ୟକ୍ଷ ରୋଜେବ ସାହୁ, ସାଂସ୍କୃତିକ ସମ୍ପାଦକ ଅରୁଣଜ୍ୟୋତି ଶର୍ମା, ପୂଜା ସମ୍ପାଦକ କ୍ଷୀରସିନ୍ଧୁ ବାରିକଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବରେ ଡ. ମେଜର ରାମଚନ୍ଦ୍ର ମିଶ୍ର, ସତିଶ କୁମାର ପଟ୍ଟନାୟକ, ଅଧିରାଜ ମୋହନ ପାଣିଗ୍ରାହୀ, ଜଗବନ୍ଧୁ ବାରିକ, ରୀତା ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅନୁଷ୍ଠାନ ସଦସ୍ୟ ନୁର ମହମ୍ମଦ, ସୁକେଶ ପଟ୍ଟନାୟକ, ଗଙ୍ଗାଧର ମହାନ୍ତି, ଅଶୋକ ବାରିକ, ରାଜକପୁର ବାରିକ, ସୁନୀଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ବୈଠକ

**ଖଡିଆଳ, ୨୨।୯ (ଡି.ଏନ.ଏ)-** ଖଡିଆଳ ବିଜେଡ଼ି କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ହୋଇଥିଲା। ଏହି ବୈଠକ ନଗର ଅଧ୍ୟକ୍ଷ ଦୀପକ କୁମାର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର ଡୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆପଡା ଜିଲା ବିଜେଡିର ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ଓ ଲମ୍ବୋଧର ନିଆଲ ଯୋଗଦେଇଥିଲେ। ବୈଠକରେ ବିଜେଡି କର୍ମକର୍ତ୍ତାଙ୍କୁ ନେଇ ବିଜେଡି ସଭ୍ୟ ସଂଗ୍ରହ କିପରି କରାଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା । ବିଜେଡି ଦଳକୁ କିପରି ମଜବୁତ କରାଯାଇ ପାରିବ ସେ ଉପରେ ଆଲୋକପାତ କରାଯାଇଥିଲା । ଏହି ବୈଠକରେ ବିଜେଡି କର୍ମକର୍ତ୍ତା ସରସ୍ୱତୀ ବାଗ, ସନ୍ତୋଷ ବିଶି, ମହମ୍ମଦ ୟାସିନ, ଖୁଲଣା ବେହେରା, ମମତାମଞ୍ଜୁରୀ ବଫା, ପୁଷ୍ପାଞ୍ଜଳି ପାଣ୍ଡେ, ବାଳକୃଷ୍ଣ ଶବର, ମହମ୍ମଦ ସାହିଦ, ବୃକ୍ଷପର୍ବା ସିଂ ବାବୁ, ଚିତ୍ତରଞ୍ଜନ ବେହେରା, ନିକୁଞ୍ଜ ମହାଉତି, ଛବିଳା ଦୀପ, ମନୋଜ ଦୀପ, କିଶୋର ବାଗ, ଦୟା ବଫା, ଶାନ୍ତନୁ ପଣ୍ଡା, ପ୍ରବୀଣ ପ୍ରଧାନୀ, ଅରୁଣଜ୍ୟୋତି ଶର୍ମାଙ୍କ ସମେତ ଶତାଧିକ ଖଡିଆଳ ବ୍ଲକ ଓ ଏନଏସିର ବିଜୁ କର୍ମୀ ଯୋଗଦେଇଥିଲେ ।

### ରାସ୍ତା ତଳକୁ ଓଲଟିଲା ହାଇୱା

**ନାକଟିଦେଉଳ,୨୧।୯(ଡି.ଏନ.ଏ.)-** ସମ୍ବଲପୁର ଜିଲା ନାକଟିଦେଉଳ ନିକଟସ୍ଥ ଗୋଧିଡିପ-ଗୌଡ଼ପଡ଼ା ରାସ୍ତାରେ ଏକ ହାଇୱା (ଓଡ଼ି ୧୫ ଏଫ-୭୭୫୯) ଓଲଟି ପଡ଼ିଛି। ଗୋଧିଡିପ ଛକଠାରୁ ଗୌଡ଼ପଡ଼ାକୁ ରାସ୍ତା କାମ ହେଉଥିବାରୁ ନାଟୁଆବୁରୀ ନିକଟରେ ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତା ତଳକୁ ଓଲଟି ପଡ଼ିଥିଲା । ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।

ମଶା ପାଇଁ ପ୍ରଶାସନର ଚିନ୍ତାବେଳେ ଲୋକଙ୍କ ଅଜବନୀତି

# ମଶା ନୁହେଁ ମାଛ ପାଇଁ ମଶାରି

**ନୂଆପଡା ଅଫିସ,୨୨।୯**

ଦିନଥିଲା ନୂଆପଡାରେ ମ୍ୟାଲେରିଆ ମୃତ୍ୟୁ ସଂଖ୍ୟା ରାଜ୍ୟରେ ଆଗଧାଡିରେ ଥିବାବେଳେ ତାହା କ୍ରମେ ନିୟନ୍ତ୍ରଣ ହୋଇପାରିଛି । ବେସରକାରୀ ଭାବେ ଏହି ବର୍ଷ ୬/୭ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସରକାରୀ ଭାବେ ଜଣଙ୍କର ମୃତ୍ୟୁ ହୋଇଛି । ତଥାପି ବନାଞ୍ଚଳ ହେତୁ ଏଠାରେ ମଶାଙ୍କ ପ୍ରାଦୁର୍ଭାବକୁ ଲକ୍ଷ୍ୟରେ ରଖି ସବୁପ୍ରକାର ବିକଳ୍ପ ଚିନ୍ତା କରୁଛି ପ୍ରଶାସନ । ଏଥିସକାଶେ ବିଶ୍ୱବ୍ୟାଙ୍କ ପାଣ୍ଠିରୁ ମଶାରୀ ଲୋକଙ୍କୁ ଦିଆଯାଉଥିବାବେଳେ ଲୋକେ ଏହାର ମୂଲ୍ୟ ଏବଂ ବ୍ୟବହାର ନ ଜାଣି ମାଛମରା ଭଳି କାମରେ ବ୍ୟବହାର କରିବା ସଚେତନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ନୂଆପଡା ଜିଲାରେ ମ୍ୟାଲେରିଆ ମୃତ୍ୟୁକୁ ଦୃଷ୍ଟିରେ ରଖି ଏଠାରେ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଆଜିକୁ ଦୁଇ ବର୍ଷ ତଳେ ଜିଲା ବ୍ୟାପି ମଶାରୀ ବଣ୍ଟନ କରାଯାଇଥିଲା। ଏହିକ୍ରମରେ ୬ଲକ୍ଷ ଲୋକସଂଖ୍ୟା ଥିବା ଜିଲାରେ ୪ଲକ୍ଷ ମଶାରୀ ବଣ୍ଟନ କରାଯାଇଥିଲା । ମ୍ୟାଲେରିଆ ପ୍ରବଣ ବୋଡେନ ଏବଂ କୋମନା ବ୍ଲକକୁ ଗୁରୁତ୍ୱ ଦିଆଯାଇଥିଲା। ଏହା ଏକ ସ୍ୱତନ୍ତ୍ର ଧରଣର ଔଷଧ ବୁଡା ମଶାରୀ ଥିଲା । ଏଥିରେ ମଶା ସ୍ପର୍ଶ କରିବା ମାତ୍ରେ ମରିବା ସୁନିଶ୍ଚିତ। ଏହା ବଣ୍ଟନ କରାଯିବା ପରେ ଆବଶ୍ୟକ ମୁତାବକ ସଚେତନତା କରା ନ ଯିବାରୁ



କାଣ୍ଡେତରା ଗାଁରେ ମଶାରି ବ୍ୟବହାର କରି ଲୋକେ ମାଛ ସଂଗ୍ରହ କରୁଛନ୍ତି।

- ବିଶ୍ୱବ୍ୟାଙ୍କ ସହାୟତାରେ ମଶାରି ଦିଆଯାଇଛି
- ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ

ଲୋକେ ଏହାର ବ୍ୟବହାର ଉପରେ ନାକ ଟେକୁଥିଲେ । ଏହା ଦେହରେ ସ୍ପର୍ଶ ହେଲେ କୁଆଡେ କୁଣ୍ଡେଇ ହୋଇଥାଏ ବୋଲି ବ୍ୟବହାର କଲେ ନାହିଁ। କିଛି ଦିନ ବ୍ୟବହାର କଲାପରେ ଅନେକ ସ୍ଥାନରେ ଲୋକେ ଏହାକୁ ବିଭିନ୍ନ ଜାଗାରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଲା। ଏପରିକି ଏହାକୁ ନେଇ ଲୋକେ ମାଛ ମରାରେ ବ୍ୟବହାର କରୁଥିବା ଦେଖାଯାଉଛି । ନିକଟରେ ସ୍ଥାନୀୟ କାଣ୍ଡେତରା ଗାଁରେ ନାଳ ପାଣିରେ କେତେକ ମାଛଧରାଳୀ ସବୁଜ ରଙ୍ଗର ମଶାରୀ ବ୍ୟବହାର କରି ମାଛ ସଂଗ୍ରହ କରୁଥିବା ଆମ ପ୍ରତିନିଧି ଦେଖିବାକୁ ପାଇଥିଲେ। ସେମାନଙ୍କୁ ପଚାରିବାରେ ଏହାକୁ ମାଛ ଧରାରେ ହିଁ ବ୍ୟବହାର କରିଆସୁଛୁ ବୋଲି ବିନା ଦ୍ୱିଧାରେ କହିଥିଲେ। ପରବର୍ତ୍ତି ସମୟରେ ଘରେ ଟାଙ୍ଗି ରଖିଥାନ୍ତି। ଏହିଭଳି ସୁନାବେଡା ଜଙ୍ଗଲର ଜଣେ ଆଦିବାସୀଙ୍କୁ ପଚାରିବାରେ ଏହା ଲଗାଇଲେ ଭଲ ନିଦ ହୁଏ ନାହିଁ ବୋଲି ବ୍ୟବହାର କରୁନାହାଁନ୍ତି କହିଛନ୍ତି। ତେବେ ଏମାନଙ୍କୁ ସଚେତନତାର ଆବଶ୍ୟକତା ରହିଛି । ଏହା ଉପରେ ଜିଲାରେ ସ୍ୱତନ୍ତ୍ର ଭାବେ ମ୍ୟାଲେରିଆ ନିରାକରଣ ବିଭାଗ ରହିଛି । ସେମାନେ ଏହାକୁ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ଏଠାରେ ଉଲ୍ଲେଖଯୋଗ୍ୟ ଏହି ମଶାରୀକୁ ତିନି ବର୍ଷ ପୁରିଗଲା ପରେ ଆସନ୍ତା ୨୦୨୦ମସିହାରେ ସରକାର ପୁଣିଥରେ ନୂତନ ମଶାରୀ ଦେବାର ଚିନ୍ତା କରୁଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ବାରମ୍ବାର ସରକାର ବିଶ୍ୱବ୍ୟାଙ୍କରୁ ଋଣ କରି ଲୋକଙ୍କୁ ମୁକ୍ତରେ ମଶାରୀ ବଣ୍ଟନ କରିବେ । ଲୋକେ ମୁକ୍ତରେ ମିଳୁଛି ବୋଲି ଅପବ୍ୟବହାର କରିବେ। ତେବେ ଯୋଜନାରୁ କେତେଦୂର ସୁଫଳ ମିଳିବ ତାହା ଏକ ପ୍ରଶ୍ନବାଚୀ ହୋଇପଡିଛି।



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ରକ୍ତଦାନ ଶିବିର

**ସିନାପାଲି,୨୨।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଳମଣୀ ମେହେର, ବରିଷ୍ଠ ଆଇନଜୀବୀ ବୈଷମ୍ପାୟନ ମେହେର, ଅଗିଗନ ଯୋଷୀ, ତୁଳସୀରାମ ମେହେର, ଅଧ୍ୟାପକ ନବୀନ ଚନ୍ଦ୍ର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଏଥିରେ ୨୦ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଅନିଲ କୁମାର ସା, ଦିବ୍ୟରଞ୍ଜନ ନାଏକ, ହୃଦାନନ୍ଦ ମେହେର, ତ୍ରିନାଥ ମେହେର, ପଞ୍ଚାନନ ନାଏକ, ଜିତେନ୍ଦ୍ରିୟ ମେହେର, ଗୁରୁକୃଷ୍ଣ ମାଦଲା, ବୈଷ୍ଣବ ମେହେର, ରାଜେଶ ଅଗ୍ରୱାଲ, ବିଜୟ କୁମାର ମାଝି, ନୀଳାଞ୍ଚଳ ମେହେର, ପ୍ରଦୀପ କୁମାର ବାବୁ, ବୈକୁଣ୍ଠ ମେହେର, ତୋଷଣ କୁମାର ବୈଠାରୁ, ସୁବାସ ଚନ୍ଦ୍ର ସାହୁ, ସୀମାଞ୍ଚଳ ମେହେର, ନିକୁ ବିହାରୀ ସା, କୃତିବାସ ମାଝୀ, ପ୍ରଦ୍ୟୁମ୍ନ ମେହେର ଓ ରବୀନ୍ଦ୍ରନାଥ ଯୋଷୀ ପ୍ରମୁଖ ରକ୍ତଦାନ କରିଥିଲେ। ନୂଆପଡା ଜିଲା ରେଡକ୍ରସ ତରଫରୁ ପ୍ରଶାନ୍ତ କୁମାର ସାହୁ, ଗୌତମ ମେହେର, ହରେକୃଷ୍ଣ ମାଝି ଓ ରଶ୍ମୀରଞ୍ଜନ ପ୍ରଧାନ ରକ୍ତସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋଚନ ମେହେର, ହିମାଂଶୁ କୁମାର ହଂସ, ଦେବାଶିସ ନାଏକ, ସ୍ୱପ୍ନେଶ୍ୱର କାଣ୍ଡ, କମଳାକାନ୍ତ ନାଏକ, ରଞ୍ଜିତା ଠାକୁର, ଗିରିଜା ମେହେର, ସନ୍ଧ୍ୟା ରାଣୀ ପଟେଲ, ମୀନାକ୍ଷି ପାଢୀ, ଜନିତା ମେହେର, ଅନୁସୟା ମୁଣ୍ଡ, ସ୍ମରଣିକା ପାତ୍ରଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ପ୍ରକାଶଯୋଗ୍ୟ ଆସନ୍ତା ଡିସେମ୍ବରରେ ସିନାପାଲି ଶିଶୁ ବିଦ୍ୟାମନ୍ଦିରର ପଚିଶ ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ ପାଳନକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ଚାଲିଥିବା ବେଳେ ଉକ୍ତ ରକ୍ତଦାନ ଶିବିର ମଧ୍ୟ ସେଥି ମଧ୍ୟରୁ ଅନ୍ୟତମ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଜୀବନରକ୍ଷାକାରୀ କୌଶଳ ଶିଖାଇଲେ ଏନ୍‌ଡିଆର୍‌ଏଫ୍

**ନୂଆପଡା ଅଫିସ/କୋମନା, ୨୨।୯**

ଛାତ୍ରୀଛାତ୍ରମାନେ ମଧ୍ୟ ବିଭିନ୍ନ ପରିସ୍ଥିତିରେ ନିଜକୁ ରକ୍ଷାକରି ପାରିବେ ସେଥିସକାଶେ କେତୋଟି ଆତ୍ମସୁରକ୍ଷା କୌଶଳ ଶିଖିବା ଦରକାର। ଏଥିପାଇଁ କ୍ୟାମ୍ପ ଜରିଆରେ କଟକରୁ ଏକ ଏନ୍‌ଡିଆର୍‌ଏଫ୍ ଦଳ ଆସି କୋମନା ମହାବିଦ୍ୟାଳୟରେ ତାଲିମ ପ୍ରଦାନ କରିଥିଲେ । ନିଜକୁ ମଜବୁତ କରିବା ସହ ନିଜ ଉପରେ ଗଭୀର ଆତ୍ମବିଶ୍ୱାସ ରଖିବାକୁ ପରାମର୍ଶ କରିଥିଲେ। ମହାବିଦ୍ୟାଳୟରେ ଅଧ୍ୟକ୍ଷ ସଂକୀର୍ତ୍ତନ୍ୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶେଷଦେବ ନାୟକ, ଲାଲ ଆଶୁତୋଷ ଦାସ, ବିନୋଦ ବିହାରୀ ରଥ, ଡିଲେଶ୍ୱରୀ ରଣା, ମାମି ଗୀତାଞ୍ଜଳୀ ଦାସ, ପରେଶ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଟକ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବଳ (ଏନ୍‌ଡିଆର୍‌ଏଫ୍) ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। କୌଶଳଗୁଡିକ ମଧ୍ୟରେ ବନ୍ୟା ମୁକାବିଲା, ଦୁର୍ଘଟଣା, ଭୂମିକମ୍ପ, ଅଗ୍ନିକାଣ୍ଡ ଆଦି ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସୁରକ୍ଷା ଏବଂ ଉଦ୍ଧାର କିପରି କରାଯାଇପାରିବ ତାହା ପ୍ରଦର୍ଶନ କରିଥିଲେ। ଏଥିରେ ଏନ୍‌ଡିଆର୍‌ଏଫ ମୁଖ୍ୟ କମାଣ୍ଡାଣ୍ଟ ନରେନ୍ଦ୍ର କୁମାର, ସବଇନ୍ସପେକ୍ଟର ଏନ.ସି.ମଣ୍ଡଳଙ୍କ ସମେତ ସହକର୍ମୀମାନେ ଯୋଗଦେଇ ବିଭିନ୍ନ କୌଶଳ ଶିଖାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମେତ ଆଖପାଖ ବିଦ୍ୟାଳୟର ୮ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇ କୌଶଳ ଶିକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ କାଉନସେଲର ଅଶ୍ୱିନୀ ଓତା, ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଦୀପକ କୁମାର ଦାସ ସଂଯୋଜନା କରିଥିଲେ।

## ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ

**ବୋଡେନ,୨୨।୯ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ରାଜିବ ଗାନ୍ଧୀ ସେବା କେନ୍ଦ୍ରଠାରେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଜୁ ଜନତା ଦଳ ଜିଲା ପର୍ଯ୍ୟବେକ୍ଷକ ଶୋଭାଗ୍ୟ ନାଏକ ଉପସ୍ଥିତ ହୋଇ ସଭ୍ୟ ସଂଗ୍ରହ ଉପରେ କର୍ମକର୍ତ୍ତାମାନଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ସଭ୍ୟ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲ, ବିଜୁ ଜନତା ଦଳ ବରିଷ୍ଠ କାର୍ଯ୍ୟକର୍ତ୍ତା ଅବନି ରଞ୍ଜନ ଯୋଷୀ, ଯୁବ କାର୍ଯ୍ୟକର୍ତ୍ତା ଟିଟୁ ପଣ୍ଡା, ବରିଷ୍ଠ କର୍ମକର୍ତ୍ତା ଶ୍ରୀକାନ୍ତ ମାଝି, ଶ୍ୟାମ ସୁନ୍ଦର ବେହେରା, ନୃପରାଜ ତାଣ୍ଡି, ଯୁବ ସଭାପତି ମହମ୍ମଦ ଇମ୍ରାନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସଭାପତି ଗୌତମ ନିଆଲଙ୍କ ପରିଚାଳନା କରିଥିଲେ। ଏଥିରେ ଲୋକନାଥ ଛତ୍ରିଆ, ଯୋଗିନ୍ଦ୍ର ମାଝି, ଇନ୍ଦ୍ରମଣି ମାଝି ସହଯୋଗ କରିଥିବାବେଳେ ବହୁ ସଂଖ୍ୟରେ କର୍ମୀମାନେ ଯୋଗଦାନ କରିଥିଲେ।





ଜୁନାଗଡ଼ରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

**ଜୁନାଗଡ,୨୨।୮ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହର ସଂସ୍କୃତି ଭବନଠାରେ ରବିବାର ଧର୍ମଗଡ଼ ଉପଖଣ୍ଡସ୍ତରୀୟ ଅନୁସୂଚିତ ଜାତି ବିକାଶ ପରିଷଦ (ଡମ୍ ସମାଜ) ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଉପଖଣ୍ଡସ୍ତରୀୟ ସମାଜ ସଭାପତି ଗୋବର୍ଦ୍ଧନ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ସମାଜର ଜିଲା ସଭାପତି ସୁଗ୍ରୀବ ଦୀପ, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ କର, କୋକସରା ବ୍ଲକ ଅଧ୍ୟକ୍ଷା ସଭ୍ୟାରାଣୀ ବାଗ, କେସିଙ୍ଗା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବେହେରା, ଜୁନାଗଡ଼ ସଭାପତି ଜାନକୀ ରାମପାନ, କଲମପୁର ସଭାପତି ଶତ୍ରୁଘ୍ନ ବାଗ, ଗୋଲାମୁଣ୍ଡା ସଭାପତି ରାମକୁମାର ସେନାପତି, ଆଇନଜୀବୀ ଦିଗାମ୍ବର ଦୁରିଆ, ଫିରୋଜ ବାରିକ, ନରେନ୍ଦ୍ର କ୍ଷିତୀ, ଲକ୍ଷ୍ୟଜ୍ୟୋତି ଜାଲ, ବିନ୍ଦୁ ମହାନନ୍ଦ, କ୍ଷୀରୋଦ ବାଗ, ବ୍ରଜ ବାଗ, ଯତିନ୍ଦ୍ର କର, ବିନୋଦ କୁମାର ନାଏକ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ସମାଜ ପକ୍ଷରୁ ବିରୋଧୀଦଳ ନେତା ପ୍ରଦୀପ୍ତ ନାଏକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡମ୍ବରୁଧର ବାଗ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଜୟପାଟଣା ସଭାପତି ଯୁଧିଷ୍ଠିର ସୁନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲକ୍ଷ୍ମୀକାନ୍ତ ବାଗ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଖଣ୍ଡର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଗଣ୍ଡାବାହାଲି ଶିଶୁ ମନ୍ଦିରରେ ମାତୃପିତୃ ସମ୍ମିଳନୀ

**ସିନାପାଲି, ୨୨।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଗଣ୍ଡାବାହାଲି ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶନିବାର ଶିଶୁବାଟିକା ବିଭାଗର ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆପଡା ବିଭାଗ ପ୍ରମୁଖ ଗୟାଧର ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଦିବାକର ଖମାରୀ ସମ୍ମାନିତ ଅତିଥି, ସମ୍ପାଦକ ଜଗନ୍ନାଥ ସେଠୀ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରଧାନ ଆଚାର୍ଯ୍ୟ ସୁନିଲ କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଆଚାର୍ଯ୍ୟା ତନୟା ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ଥାନୀୟ ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶତାଧିକ ମାତୃପିତୃ ଉପସ୍ଥିତ ରହି ଶିଶୁ ମନ୍ଦିର ତଥା ଶିଶୁମାନଙ୍କର ବିକାଶକୁ ନେଇ ନିଜ ସୁଚିନ୍ତିତ ମତାମତ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ନରୋତ୍ତମ ନାଏକ, ଦୌଲତ ମେହେର, ଯୁଧିଷ୍ଠିର ମେହେର, ମାନସୀ ମେହେର, ସସ୍ମିତା ମେହେର, ତରୁଣ ବୈଠାରୁ, ଦୁଷ୍ମନ୍ତ ମେହେର, ମେଘବାନ ଭୋଇ, ଭକ୍ତରାମ ବାଗ, ଚମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତସ୍ତରୀୟ ପ୍ରଧାନଶିକ୍ଷକ ବୈଠକ

**କୋମନା,୨୨।୯ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ଗ୍ରାମପଞ୍ଚାୟତସ୍ତରୀୟ ପ୍ରଧାନ ଶିକ୍ଷକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲଖନା ପଞ୍ଚାୟତ ସରପଞ୍ଚ ସୋନପତି ଜଏନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ୱାର୍ଡମେମ୍ବରମାନେ ଜୋଗଦାନ କରିଥିଲେ। ଏଥିରେ ବିଦ୍ୟାଳୟ ଉନ୍ନତି ବିଷୟରେ ଆଲୋଚନା କରାଯିବା ସହ ସମସ୍ତେ ସମୟାନୁବର୍ତ୍ତୀ ହୋଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବାକୁ ପରାମର୍ଶ କରାଯାଇଥିଲା। ଲଖନା ସ୍କୁଲ ପ୍ରଧାନ ଶିକ୍ଷକ ଧନକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର



କଳାହାଣ୍ଡି ଜିଲା ରିଷିଡ଼ା ରାମମନ୍ଦିରରେ ମହିଳାମାନେ ପୁଅ ଜିଉନ୍ତିଆ ଓଷା କରୁଛନ୍ତି।

## ଝରିଆ ସାହୁ ଚାରିଗଡ଼ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ସିନାପାଲି,୨୨।୯(ଡି.ଏନ.ଏ.)**

ସିନାପାଲି ଠାରେ ଝରିଆ ସାହୁ ଚାରିଗଡ ତେଲି ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୌରଚନ୍ଦ୍ର ସାହୁ କୁଳପତି ଝରିଆ ସାହୁ ସମାଜ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ବିଶିଷ୍ଟ ଅତିଥି ସୁକାନ୍ତ ସା, ମୁଖ୍ୟବକ୍ତା ଦେବନାଥ ସାହୁ, ସମ୍ମାନିତ ଅତିଥି କୀର୍ତ୍ତନ ସାହୁ, ଜମୁଲାଲ ସାହୁ ମଞ୍ଚାସୀନ ଥିଲେ । ଝରିଆ ସାହୁ ସମାଜ ସମୀକ୍ଷକ ଗଳାମଣି ସା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଧର ସା ଅତିଥିଙ୍କୁ ଆମନ୍ତ୍ରଣ ପୂର୍ବକ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।





ଝରିଆ ସାହୁ ଚାରିଗଡ ତେଲି ସମାଜର ନୂଆଁଖାଇ ଭେଟଘାଟରେ ଉପସ୍ଥିତ କର୍ମକର୍ତ୍ତା।

କାର୍ଯ୍ୟକ୍ରମ ଶୁଭାରମ୍ଭରେ ନିକୁ ବିହାରୀ ସାଙ୍କ ନେତୃତ୍ୱରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ରଶ୍ମିରଞ୍ଜନ ସା କାର୍ଯ୍ୟକ୍ରମର ବିବରଣୀ ପଠନ କରିଥିଲେ । କାର୍ଯ୍ୟକ୍ରମରେ ଲୀଳାକର ସା ଓ ବିଦ୍ୟାଧର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାମାଜିକ ରୀତିନୀତି ଅନୁସାରେ ଦେବ ପୂଜନ ପରେ ସାମୂହିକ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଚାରିଗଡ ତେଲି ସମାଜର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବହୁ ସଂଖ୍ୟାରେ ସାମାଜିକ କର୍ମକର୍ତ୍ତା ସାମିଲ ଥିଲେ । ନୂଆଖାଇ ଏକ ପାରମ୍ପରିକ ଭାତୃତ୍ୱ ଓ ମିଳନ ପର୍ବ ବୋଲି ଅତିଥି ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀ ତଥା ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ମା କର୍ମାଦେବୀ ଯୁବକ ସଂଘର ସମ୍ପାଦକ ଯଶୋବନ୍ତ ସା ପରିଚାଳନା କରିଥିଲେ। ଶେଷରେ ନିକୁ ବିହାରୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ



### ବିନ୍ଧାଣୀ-ପୁଟିଗାଁ ରାସ୍ତାରେ ଯାତାୟାତ ଠପ୍

ରିଷିଡ଼ା, ୨୨।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାଠାରୁ ପୁଟିଗାଁ ଛକକୁ ଯାଇଥିବା ଆର୍‌ଡି ରାସ୍ତାର ବିନ୍ଧାଣୀ-ପୁଟିଗାଁ ମଧ୍ୟରେ ବନ୍ୟା ଯୋଗୁ ରାସ୍ତା କଟିଯାଇଥିଲା। ଫଳରେ ଯାତାୟତ ଠପ୍ ହୋଇଯାଇଛି। ଏହାର ମରାମତି ନେଇ ରାସ୍ତାରେ ମାଟି ପକାଯାଇଛି । ହେଲେ ବର୍ତ୍ତମାନ ସାମାନ୍ୟ ବର୍ଷା ହେଲେ ମାଟି କାଦୁଅରେ ଯାତାୟାତ ଠପ୍ ହୋଇଯାଉଛି। ଉକ୍ତ ରାସ୍ତା ରିଷିଡ଼ା-କେସିଙ୍ଗା ରାସ୍ତାର ବାଇପାସ୍ ରାସ୍ତା ହୋଇଥିବାରୁ ପ୍ରତିଦିନ ଶତାଧିକ ଯାନବାହନ ଯାତାୟାତ କରିଥାଏ। ଏନେଇ ତୁରନ୍ତ ରାସ୍ତାକୁ ପିଚୁ କରିବାକୁ ସାଧାରଣରେ ଦାବି ହୋଇଛି।

## ଆଦିବାସୀଙ୍କ ନୂଆଁଖାଇ ଭେଟ୍‌ଘାଟ୍

# ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଦିବାସୀଙ୍କ ଗ୍ରାମ ପରିକ୍ରମା

କେସିଙ୍ଗା,୨୨।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ରଲସିଙ୍ଗା ହାଇସ୍କୁଲ ଖେଳ ପଡ଼ିଆରେ ଆଦିବାସୀଙ୍କ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଦିସ୍କନ୍ଦ ସମାଜ ପରଲସିଙ୍ଗା ପଞ୍ଚାୟତ ସମ୍ପାଦକ ଲମ୍ବୋଦର ମାଝି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସମାଜର କର୍ମକର୍ତ୍ତା ଏବଂ ନିମନ୍ତ୍ରିତ ଅତିଥି ଧରଣୀପୀଠରେ ପୂଜାର୍ଚ୍ଚନା କରିଥିଲେ। ପରେ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ଶୋଭାଯାତ୍ରାରେ ବାହାରି ହାଇସ୍କୁଲ ଖେଳ ପଡ଼ିଆରେ ପହଞ୍ଚିଥିଲେ। ମଞ୍ଚ ପରିସରରେ ଗ୍ରାମ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଆଦିବାସୀ ସଂଘ ସଭାପତି ରାଜେନ୍ଦ୍ର ଭୋଇ, ମୁଖ୍ୟବକ୍ତା ଜିଲା ଉପସଭାପତି ପ୍ରକାଶ ମାଝି, ସମ୍ମାନିତ ଅତିଥି ଭାବେ ପରମାନନ୍ଦ ମାଝି, ଦୁର୍ଯ୍ୟୋଧନ ମାଝି, ରଞ୍ଜିତ ମାଝିଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଅତିଥିମାନେ କୃଷି ଭିତ୍ତିକ ନୂଆଁଖାଇ ପର୍ବର ଉଦ୍ଦେଶ୍ୟ, ଲକ୍ଷ୍ୟ ଏବଂ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ୧୩ଟି ବ୍ଲକର ବିଭିନ୍ନ ଗ୍ରାମରୁ ଆଦିବାସୀ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ ସଭାପତି ପାଣ୍ଡମ ମାଝି, ସମ୍ପାଦକ ସାଗର ମାଝି, ଗୋବରିଆ ପ୍ରଗଣାର ଚୂଡ଼ାମଣି ମାଝି, ଲିଙ୍ଗରାଜ ଭୋଇ, କରଲାମୁଣ୍ଡା ବ୍ଲକର ଆଦିସ୍କନ୍ଦ ସମାଜର ସଭାପତି ଅନନ୍ତରାମ ମାଝି, ବୈଦ୍ୟନାଥ ମାଝି, ଜିଲା କମିଟି ସହସମ୍ପାଦକ ସଞ୍ଜିବ ମାଝି, ରାମପୁର ବ୍ଲକ ସଭାପତି ଧନସିଂ ମାଝି ପ୍ରମୁଖଙ୍କ ସହ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ସନ୍ତୋଷ ମାଝି ମଞ୍ଚ ପରିଚାଳନା କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

### ଜିଆଖତ ତାଲିମ ଶିବିର

ଭବାନୀପାଟଣା,୨୨।୯ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଆଦିବାସୀ ଅଧୁଷିତ ଥୁଆମୂଳ ରାମପୁର ବ୍ଲକର ଡୁମେରପଦର ଏବଂ ଅଡ୍ରି ପଞ୍ଚାୟତ ଟାଙ୍ଗରୀ ଗ୍ରାମରେ ଜିଆଖତ ପ୍ରସ୍ତୁତି ଓ କନ୍ଦ ଜାତୀୟ ଫସଲ ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଜିଲା ପରିଷଦ ସଦସ୍ୟ ମୁରଲୀଧର ନାଏକ ମୁଖ୍ୟଅତିଥି ଭାବ୨ରେ ଯୋଗଦେଇ ଶିବିର ଉଦ୍‌ଘାଟନ କରି ଚାଷୀଙ୍କୁ ଉଦ୍‌ବୋଧନ କରିଥିଲେ। ଅନ୍ତୋଦୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସରକାରୀ ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ସହ ଏହାର ଲାଭ ଉଠାଇବାକୁ କହିଥିଲେ। ୧୦ ଦିନ ଧରି ହେବାକୁ ଥିବା ତାଲିମ ଶିବିରରେ ସେଞ୍ଚୁରିଆନ କୃଷି ମହାବିଦ୍ୟାଳୟର ଛାତ୍ରମାନେ ଚାଷୀଙ୍କୁ ଜିଆଖତ, ହାଣ୍ଡିଖତ, ଆଜୋଲା ପ୍ରୟୋଗ, ସବୁଜ ସାର, କମ୍ପୋଷ୍ଟ ପ୍ରସ୍ତୁତି ବିଷୟରେ ତାଲିମ ଦେବା ସହିତ ଫସଲରେ ରୋଗପୋକ ନିୟନ୍ତ୍ରଣ ତଥା ବିହନ ବିଶୋଧନ ପାଇଁ ଜୈବିକ ପଦ୍ଧତି ସମ୍ପର୍କରେ ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମକୁ ରବିନାରାୟଣ ସିଂ, ରାଜକିଶୋର ଦଣ୍ଡସେନା, ବିଣାକାର ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ଲାଷ୍ଟିକମୁକ୍ତ ସ୍ୱଚ୍ଛ ଭାରତ ଅଭିଯାନ

ରିଷିଡ଼ା, ୨୨।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷଡ଼ାରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ କର୍ମଚାରୀମାନେ ରିଷିଡ଼ା ଡାକ୍ତରଖାନାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସଫେଇ କରିଥିଲେ। ଏପରି କି ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବା ତଥା ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ଏହାର ବିନିଯୋଗ ଉପରେ ଲୋକଙ୍କୁ ସଚେତନ କରିଥିଲେ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରାଜକିଶୋର ପାତ୍ର, କନିଷ୍ଠ ଯନ୍ତ୍ରୀ ଇଂ. ଚକ୍ରଧର ବେହେରାଙ୍କ ସମେତ ଅନେକ ସାମାଜିକ କର୍ମୀମାନେ ଯୋଗଦେଇଥିଲେ । ନାଏବ ସରପଞ୍ଚ କୈଳାଶ ଚନ୍ଦ୍ର ପାତ୍ର, ବ୍ଲକ ଯୁବବାହିନୀ ସଭାପତି ତ୍ରିଶଙ୍କର ରଣା, ସମ୍ପାଦକ ମୁକେଶ ନାଏକ, ରଞ୍ଜନ ନାଏକ ପ୍ରମୁଖ ସହଯୋଗ କରିଥିଲେ ।



ରିଷିଡ଼ାରେ ପୂର୍ତ୍ତ ବିଭାଗ କର୍ମଚାରୀମାନେ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବାକୁ ଲୋକଙ୍କୁ ସଚେତନ କରାଉଛନ୍ତି।

## ରାସ୍ତା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ, ୪ ଅଟକ

କୋକସରା,୨୨।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋସକରା ବ୍ଲକ ଟେମରା ପଞ୍ଚାୟତ ବୋବରିଆ ଗ୍ରାମର ବଳଭଦ୍ର ମାଝି(୪୮)ଙ୍କ ମୃତଦେହ ଶନିବାର ବୋବରିଆ ରାଇସମିଲ ନିକଟ ରାସ୍ତା କଡରୁ ଉଦ୍ଧାର ହୋଇଥିଲା। ଏନେଇ ଗ୍ରାମରକ୍ଷୀ ହେମରାଜ ବେଶ୍ରା କୋକସରା ପୋଲିସକୁ ଖବର ଦେଇଥିଲେ। ପରେ ପରିବାର ଲୋକେ ଥାନାରେ ପହଞ୍ଚି ବଳଭଦ୍ରଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରବିବାର ଭବାନୀପାଟଣା ସଦର ଡିଏସ୍‌ପି ଭି.ଏସ୍.ସି.ଏସ୍. ରାଓ, କୋକସରା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ସହ ପୋଲିସ କର୍ମଚାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରିଥିଲେ। ଅନ୍ୟପକ୍ଷେ ପୋଲିସ ତଦନ୍ତ ପରେ ୪ଜଣ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ଏନେଇ କୋକସରା ଥାନା ଅଧିକାରୀ ପ୍ରଧାନଙ୍କୁ ପଚାରିବାରୁ ପୋଲିସ ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କହିଛନ୍ତି।



ପୋଲିସ ଅଧିକାରୀମାନେ ରବିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

# ପରିବା ଉତ୍ପାଦକ ମହିଳା ସମବାୟ ପ୍ରତିନିଧିଙ୍କ ଜିଲାସ୍ତରୀୟ ସମ୍ମିଳନୀ

ଭବାନୀପାଟଣା,୨୨।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲାରେ ପନିପରିବା ଚାଷକୁ ଏକ ଲାଭଜନକ ବୃତ୍ତି ଭାବେ ପ୍ରତିପାଦିତ କରିଥିବା ମହିଳା ସମବାୟ ପ୍ରତିନିଧିଙ୍କ ଜିଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଜିଲା ଅମଲା ଭବନରେ ଆୟୋଜନ ହୋଇଥିଲା। ବୈଠକରେ କଳାହାଣ୍ଡି ଜିଲାର ୧୬ଟି ସମବାୟ ସଂସ୍ଥାର ଶତାଧିକ ମହିଳା ପନିପରିବା ଚାଷୀ ଯୋଗଦେଇ ନିଜ ସଫଳତା ଏବଂ ଆପଣେଇ ଥିବା ଚାଷ ପଦ୍ଧତି ସମ୍ପର୍କରେ କହିଥିଲେ। ଭୁବନେଶ୍ୱର ମାଧ୍ୟମ ଫାଉଣ୍ଡେଶନ୍ ପକ୍ଷରୁ ପ୍ରାୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦାପ୍ତା, ପରିବର୍ତ୍ତନ, ମହାଶକ୍ତି ଫାଉଣ୍ଡେଶନ୍ ଓ ଲୋକ ଯୋଜନା ସହଯୋଗ କରିଥିଲା। ମହାଶକ୍ତି ଫାଉଣ୍ଡେଶନ୍ ସମ୍ପାଦକ ଯୋଗାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାଧ୍ୟମ ଫାଉଣ୍ଡେଶନ୍ କାର୍ଯ୍ୟକ୍ରମ ପରିଚାଳକ କାର୍ତ୍ତିକେୟ ପାଣିଗ୍ରାହୀ, ଭବାନୀପାଟଣା ଲିଡ୍ ବ୍ୟାଙ୍କ ଅଫିସର ବିଜୟ କୁମାର ନନ୍ଦ, ସମବାୟ ବିଭାଗ ସହକାରୀ ଉପନିବନ୍ଧକ ଅକ୍ଷୟ କୁମାର ଦାସ, କଳାହାଣ୍ଡି ଡିଏସ୍‌ଏମ୍‌ଏସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଜର୍ଜ କେରକେଟା, ଜିଲା ଯୋଜନା ଓ ସମନ୍ୱୟ ବିଭାଗ ଅଧିକାରୀ କୁମୁଦିନୀ ମିଶ୍ର, ଭବାନୀପାଟଣା ଉଦ୍ୟାନ ବିଭାଗ ପ୍ରତିନିଧି ବସନ୍ତ ମଞ୍ଜରୀ ପଣ୍ଡା, ଦାପ୍ତା ସଂସ୍ଥାର ମୁଖ୍ୟ ରାଜୁ ଶର୍ମା, ଲୋକଯୋଜନା ମୁଖ୍ୟ ଯଯାତି ମୁଣ୍ଡ ପ୍ରମୁକ ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ମହିଳା ଚାଷୀ ଏବଂ କର୍ମୀଙ୍କୁ ଉତ୍ସାହିତ କରିବା ନେଇ ଆଦର୍ଶ ଚାଷୀ, ଆଦର୍ଶ ସମବାୟ ନେତ୍ରୀ ଏବଂ ଆଦର୍ଶ ପ୍ରକଳ୍ପ କର୍ମୀଙ୍କୁ ପ୍ରମାଣ ପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। ମହିଳା ଚାଷୀଙ୍କ ସଶକ୍ତୀକରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ କଳାହାଣ୍ଡି ଜିଲାରେ ପରିଚାଳିତ ପ୍ରକଳ୍ପକୁ ଜର୍ମାନୀର ଏଜ୍ଜୁଓ ଇଣ୍ଟର ନ୍ୟାସନାଲ ସଂସ୍ଥା ସହାୟତା ପ୍ରଦାନ କରୁଛନ୍ତି। ଏହି ଅବସରରେ ମହିଳା ସମବାୟ ସମିତିମାନଙ୍କ ଦ୍ୱାରା ଉତ୍ପାଦିତ ଜୈବିକ ପନିପରିବା, ଖତ, ଔଷଧ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ହୃଦାନନ୍ଦ ମାଝି, ଗୌରଚନ୍ଦ୍ର ରଣା, ଆରତି ପାତ୍ର, ନମିତା ଷଡଙ୍ଗୀ, ହେମନ୍ତ ମିଶ୍ର ଓ ଜ୍ୟୋତିଷ ନାଏକ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ଜଣେ ମହିଳା କର୍ମୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

# କୋକସରା ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍

କୋକସରା,୨୨।୯ (ଡି.ଏନ୍.ଏ.)

କୋକସରା ବ୍ଲକ ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ରବିବାର କୋକସରା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକ ଯାଦବ ସଂଘ ସଭାପତି ବିନୋଦ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇଥିଲେ। ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ଧନେଶ୍ୱର ଭାଟି, ଜିଲା ଯାଦବ ମହାସଭାର ସଭାପତି ହରିଶଙ୍କର ବାଗ, ଜିଲା ଯାଦବ କର୍ମଚାରୀ ସଙ୍ଘ ସଭାପତି ଲକ୍ଷ୍ମଣ ବଛା, ଗୋଲାମୁଣ୍ଡା ବ୍ଲକ ସଭାପତି ଗିରିଧାରୀ ତେଜି, ଧର୍ମଗଡ ବ୍ଲକ ସଭାପତି ଶଙ୍କର ଯୁଏଡ, କଲମପୁର ବ୍ଲକ ସଭାପତି କୃଷ୍ଣସିଂ ଲହଜଲ, ପୂର୍ବତନ ଜିଲା ଯାଦବ ଉପସଭାପତି ତୁଳସୀରାମ ବାରିକ, ପୂର୍ବତନ ସଭାପତି କଲମପୁର ବ୍ଲକ କେଦାରନାଥ ଖର୍ସେଲ, ପୂର୍ବତନ ବ୍ଲକ ଯାଦବ ସଭାପତି କୋକସରା ପରମେଶ୍ୱର ଗୋପାଳ, ମୁଷାପାଲି ସରପଞ୍ଚ ରଶ୍ମୀରେଖା ରାଉତ, ବ୍ଲକ ଯାଦବ ଯୁବ ସଭାପତି ଶରତ ଚନ୍ଦ୍ର ରାଉତ, ଯୁବ ଯାଦବ ସଭାପତି କଳାହାଣ୍ଡି ଲିଙ୍ଗରାଜ ବେହେରା, କୋକସରା ବ୍ଲକ ବିଜେଡି ସମ୍ପାଦକ ପଙ୍କଜ ପୋଡ, ଜଗଦୀଶ ନାଏକ, ହିରଣ୍ୟ ବେହେରା, ଆଇନଜୀବୀ ମନୋଜ କୁମାର ନାଏକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ପାନାବେଡା ମହାବିଦ୍ୟାଳୟ ଅଧ୍ୟକ୍ଷ ଦ୍ୱାରୀକାନାଥ ବାଗ ଉପସ୍ଥିତ ଥିଲେ। ଅତିଥିମାନେ ନୂଆଖାଇ ପର୍ବ ପଶ୍ଚିମ ଓଡ଼ିଶା ସଂସ୍କୃତି, ପରମ୍ପରାର ଏକ ନିଚ୍ଛକ ପ୍ରତିଛବି ବୋଲି କହିଥିଲେ। ଏପରି କି ଅତିଥିମାନେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ପରସ୍ପରକୁ ଭେଟି ସମାଜର କିପରି ଉନ୍ନତି ହୋଇପାରିବ ସେନେଇ କାର୍ଯ୍ୟ କରିବାକୁ କହିଥିଲେ। ଏହି ଅବସରରେ କୋକସରା ବ୍ଲକ ଯାଦବ ସମାଜର ଶତାଧିକ ମହିଳା, ପୁରୁଷ ଉପସ୍ଥିତ ରହି ନୂଆଁଖାଇ ଭେଟ ହେବା ସହ ନିଜ ଭାବର ଆଦାନ ପ୍ରଦାନ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ବିଧାୟକ ମୌଷଧି ବାଗଙ୍କ ସହ ଅନ୍ୟମାନେ।

# ରିଷିଡ଼ା- କେସିଙ୍ଗା ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ

ରିଷିଡା, ୨୨।୯ (ଡି.ଏନ.ଏ)

କଳାହାଣ୍ଡି ଜିଲା ରିଷିଡ଼ା- କେସିଙ୍ଗା ରାସ୍ତାର ବେଲଖଣ୍ଡି ନିକଟସ୍ଥ ଭଙ୍ଗାମୁଣ୍ଡା ନାଳ ଉପରେ ଥିବା କଲଭର୍ଟରେ ପାଣିଥିବାରୁ ଭାରିଯାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷେ ଏଠାରେ ଏକ ଅସ୍ଥାୟୀ ସଂଯୋଗ ରାସ୍ତା ନିର୍ମାଣ କରାଯାଇ ଦୁଇ ଚକିଆ ଓ ଚାରିଚକିଆ ହାଲୁକାଯାନଗୁଡିକ ଚଳାଚଳ କରୁଛି । ରାସ୍ତା ଅତି ସଂକୀର୍ଣ୍ଣ ଥିବାରୁ ହାଲୁକା ଯାନ ମଧ୍ୟ ଚଳାଚଳ ବାଧାପ୍ରାପ୍ତ ହେଉଛି। ଅପରପକ୍ଷରେ ଓଭରଲୋଡ ଟ୍ରକଗୁଡିକ ଅଳ୍ପ ପାଣିରେ ପଶି ବିପଦସଂକୁଳ ଭାବରେ ଯାତାୟତ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ରାସ୍ତାର କଲଭର୍ଟରେ ଜଳସ୍ତରୀ ବୃଦ୍ଧି ପାଉଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଏଠାରେ ପ୍ରକାଶ ଯେ, ପୋଲ ନିର୍ମାଣ ଅଧପନ୍ତରିଆ ହୋଇ ପଡିରହିଛି। ଚଳିତ ବର୍ଷ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ।



କେସିଙ୍ଗା ରାସ୍ତାର ଭଙ୍ଗାମୁଣ୍ଡା ନାଳ କଲଭର୍ଟ ଉପରେ ଜଣେ ଚାଳକ ଗାଡି ଧୋଉଛନ୍ତି ।

## କୋଶଳା ମାଳି ପଟେଲ ସମାଜର ନୂଆଁଖାଇ ଭେଟ୍‌ଘାଟ୍

# ଏକତାର ଡୋରିରେ ବାନ୍ଧିରଖେ ନୂଆଁଖାଇ

କୋକସରା,୨୨।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋଶଳା ମାଳି ପଟେଲ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ କୋକସରା ବ୍ଲକ ମୋଟେର ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋଶଳା ମାଳି ସମାଜ ଜିଲା ସଭାପତି ଲକ୍ଷ୍ମୀକାନ୍ତ ନାଏକ, ସମ୍ପାଦକ ପବିତ୍ର କୁମାର ପଟେଲ, ପୂର୍ବତନ ଜିଲା ସଭାପତି ଘନଶ୍ୟାମ ପଟେଲ, ସମ୍ମାନିତ ଅତିଥି ଭାବେ ମସ୍ତରାମ ପଟେଲ, ସୟ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ଦୁର୍ଯ୍ୟୋଧନ ପଟେଲ, ଡିଙ୍ଗର ପଟେଲ, ବାନେର କେନ୍ଦ୍ର ସଭାପତି ବିଦ୍ୟାଧର ପଟେଲ, ବଡଟେମରି କେନ୍ଦ୍ର ସଭାପତି ହିମାଂଶୁ ପଟେଲ, ଉପସଭାପତି ହରିହର ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କୋଶଳା ମାଳି ସମାଜକୁ ଏକ ଶୃଙ୍ଖଳିତ ସମାଜ ବୋଲି କହିଥିଲେ। ଏପରି କି କୃଷି ଭିତ୍ତିକ ନୂଆଁଖାଇ ଏକ ଭାଇଚାରର ପର୍ବ। ନୂଆଁଖାଇ ସମସ୍ତଙ୍କୁ ଏକତାର ଡୋରିରେ ବାନ୍ଧି ରହିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଟିକେଶ୍ୱର ପଟେଲ, ହରିହର ପଟେଲ, ସୁଶିଲ କୁମାର ପଟେଲ, କ୍ଷିତିଶ ପଟେଲ, ଦୟାନିଧି ପଟେଲ, ସୁନିନ୍ଦ୍ର ପଟେଲ, ବଂଶୀଧର ପଟେଲ, ଅରବିନ୍ଦ ପଟେଲ, କିଶୋର ପଟେଲ ପ୍ରମୁମ ପରିଚାଳନା କରିଥିଲେ। ପବିତ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ।




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ୍



## ସଂକ୍ଷେପରେ

### ସୁବର୍ଣ୍ଣପୁର ଜିଲାରେ ରହିଛି ୬୪ ଅଣପଞ୍ଜୀକୃତ କ୍ଲିନିକ

**ସୋନପୁର,୨୨।୯(ନି.ପ୍ର.):** ସ୍ୱାସ୍ଥ୍ୟ ବିଭାଗରେ ପଞ୍ଜିକୃତ ନ ହୋଇ ସୁବର୍ଣ୍ଣପୁର ଜିଲାରେ କାର୍ଯ୍ୟକ୍ଷମ ଅଛି ୬୪ଟି ପାଥୋ କ୍ଲିନିକ୍। ପଲି କ୍ଲିନିକ୍ ଓ ପାଥୋ କ୍ଲିନିକ୍‌ଗୁଡିକ ବର୍ଷ ବର୍ଷ ଧରି ବେଆଇନ ଭାବେ ଚାଲି ଆସିଛି। ଜିଲାରେ ଛତୁ ଫୁଟିଲା ପରି କ୍ଲିନିକ୍ ଖୋଲୁଥିବା ବେଳେ ବେଆଇନ କ୍ଲିନିକ୍‌ଗୁଡିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ସରକାରୀ ତଥ୍ୟ ଅନୁଯାୟୀ ଜିଲାରେ କେବଳ ୬ଟି ପାଥୋ କ୍ଲିନିକ୍ ପଞ୍ଜିକୃତ ହୋଇଛନ୍ତି। ସୁବର୍ଣ୍ଣପୁର ସହରରେ ୫ଟି ଓ ବୀରମହାରାଜପୁରରେ ଗୋଟିଏ କ୍ଲିନିକ୍‌ର ପଞ୍ଜିକୃତ ହୋଇଛି। ସେଥିମଧ୍ୟରୁ ସୁବର୍ଣ୍ଣପୁରର ୨ଟି ପଞ୍ଜିକୃତ ପାଥୋକ୍ଲିନିକ୍ ବନ୍ଦ ରହିଛି। ସୁବର୍ଣ୍ଣପୁର ସହରରେ ୧୨ଟି, ସୋନପୁର ବ୍ଲକ ଅଞ୍ଚଳରେ ୬ଟି, ବିନିକାରେ ୧୫ଟି, ଡୁଙ୍ଗୁରିପାଲିରେ ୬ଟି ତରଭାରେ ୧୦ଟି, ବୀରମହାରାଜପୁରରେ ୧୦ଟି ଓ ଉଲୁଣ୍ଡାରେ ୪ଟି ପାଥୋ କ୍ଲିନିକ୍ ବିନା ପଞ୍ଜିକରଣରେ ଚାଲିଛି । ତେଣୁ ଜିଲାରେ ୯୦ ପ୍ରତିଶତ ବେଆଇନ ପାଥୋ କ୍ଲିନିକ୍ କାର୍ଯ୍ୟକ୍ଷମ ଅଛି। ଅନ୍ୟପକ୍ଷେ ବେଆଇନ ପାଥୋ କ୍ଲିନିକ୍‌ର ମାଲିକ ଏବେ ଚିନ୍ତାରେ ଅଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରୁ ଜିଲାର ସମସ୍ତ କ୍ଲିନିକ୍ ଗୁଡିକର ତଥ୍ୟ ମାଗିଛନ୍ତି। ସରକାରୀ ଗାଇଡ୍‌ଲାଇନ୍ ମୁତାବକ ପଞ୍ଜିକୃତ ହୋଇ ନ ଥିଲେ ଓ ରୋଗୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ନଥିଲେ ସେହି ସବୁ କ୍ଲିନିକ୍‌ଗୁଡିକୁ ବନ୍ଦ କରି ଦିଆଯିବ ବୋଲି ଜିଲାପାଳ ବାନାର୍ଜୀ ଚେତାବନୀ ଦେଇଛନ୍ତି । ଏଥିପାଇଁ ଜିଲାପାଳ ୭ଦିନ ସମୟ ଦେଇଛନ୍ତି। ଜିଲାପାଳଙ୍କ ଏଭଳି କଡା ନିର୍ଦ୍ଦେଶ ପରେ କ୍ଲିନିକ୍ ମାଲିକଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି। ସ୍ୱାସ୍ଥ୍ୟ ବିଭାଗର ନିୟମ ଅନୁଯାୟୀ ପାଥୋଲୋଜିଷ୍ଟ କିମ୍ବା ଏମବିବିଏସ ଡାକ୍ତର ହିଁ କ୍ଲିନିକ୍ ଖୋଲି ପାରିବେ। କିନ୍ତୁ କିଛି ଅପାଠୁଆ ବେଆଇନ ଭାବେ ଜିଲାରେ କ୍ଲିନିକ୍ ଖୋଲି ଲୋକଙ୍କୁ ଠକୁଛନ୍ତି। ଏପରିକି ଭୁଲ ରିପୋର୍ଟ ପାଇଁ ରୋଗୀମାନେ ମଧ୍ୟ ଅସୁବିଧାରେ ପଡୁଥିବା ଅଭିଯୋଗ ହେଉଛି।

### ରକ୍ତଦାନ କଲେ ଯୁବ ରେଡକ୍ରସ ଶିବିରାର୍ଥୀ

**ଅମରପାଲି, ୨୨।୯ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜରେ ଯୁବ ରେଡକ୍ରସ ଶିକ୍ଷା ଓ ତାଲିମ ଶିବିରର ରବିବାର ଥିଲା ଦ୍ୱିତୀୟ ଦିବସ। ଏଥିରେ ଶିବିରାର୍ଥୀମାନଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ରବିଚନ୍ଦ୍ର ପଶାୟତ ଓ ରାମନାରାୟଣ ଦାସ ତାଲିମ ପ୍ରଦାନ କରିଥିଲେ । ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର ଯୋଗଦେଇ ସଡକ ସୁରକ୍ଷା ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ରାଜ୍ୟ ଯୁବ ରେଡକ୍ରସ ପର୍ଯ୍ୟବେକ୍ଷକ ବି. ଗୋବିନ୍ଦ ରାଓ ପ୍ରଶିକ୍ଷାର୍ଥୀମାନଙ୍କୁ ଏଡ୍‌ସ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶିବିର ତରଫରୁ କଲେଜରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ୧୮ ଶିବିରାର୍ଥୀ ରକ୍ତଦାନ କରିଥିଲେ।

■ ବଲାଙ୍ଗୀରରୁ ଫେରିଲେ ରୂପେଲି

# ସାତ୍‌ସପନ ହେଇଛେ ଉଚ ଚିକିଛା

**ଗୁଡ଼ଭେଲା,୨୨।୯ (ଡି.ଏନ୍.ଏ.)**

ରୂପେଲି ଠିକ୍ ହେଇଯିବା, ନିଜେ ନିଜର କାମ୍‌ବୁତା କରିପାରବା। ଉନିଆ ଛୁଆକର ସଂଗେ ମିଶି ଖେଲବା। ପରିବାର ଲୁକ୍‌କର ଇ ସବୁ ସପନ୍ ଏହେଦେ ସପନ୍ ହେଇ ରହିଯାଇଛେ। ଟଁକା ପଏସା ଅଭାବୁ ପରିବାର ଲୋକ୍ ରୂପେଲିର ଉଚ ଚିକିଛା କରେଇ ନାଇଁପାରବାର। ଇ ବାବ୍‌ଦେ ଭିନେ ଭିନେ ଗଣମାଧ୍ୟମି ଖବର ବାହାରିଥିଲା। ଖବର ବାହାରଲା ଉତାରୁ ଥାନୀୟ ପରଶାସନ ଇ ଦିଗେ ଧିଆନ୍ ଦେଇଥିଲା ସତ୍। ହେଲେ ଏହେଦେ ସଭେ ଇ ଗରିବ୍ ଛୁଆର ଦୁଖ୍‌କେ ପାସ୍‌ରି ଦେଇଛନ୍। ଝିଁ'ର ଚିକିଛା ସାହାଯ୍ ଲାଗି ପରିବାର ଲୋକ୍ ଥାନୀୟ ନେତା ମନ୍ତ୍ରୀଙ୍କୁଁ ଗୁହାରି କରି ନିରାଶ ହେଇଥିବାର ରୂପେଲିର ମା' କୁନିତା କହିଛନ୍। ମାସେ ଆଗ୍‌ରୁ ରୂପେଲିକେ ବଲାଙ୍ଗୀର ମୁଖିଆ ଡାକ୍‌ତରଖାନାରେ କେତେ ପରୀକ୍ଷା କରି ଘରକେ ପଠେଇ ଦିଆଯାଇଛେ। ହେଲେ ଉଚ ଚିକିଛା ଲାଗି କେହେନ୍‌ସି ପରକାର ଉଦିଅମ ନାଇଁ କରାଯାଇଥିବାର ପରିବାର ଲୋକ ଅଭିଯୋଗ କରିଛନ୍। ଏନ୍‌ତାଥି ମା'ବାପ୍ ଛୁଆର ଦୁଖ୍ ଦେଖି ଆଏଁଖିଥୁ ଲହ ଗଡ଼ାଲାବେଲେ ରୂପେଲି ନିଜର ଭାଏଗ୍‌କେ ଆଦ୍‌ରି ପଡ଼ିରହିଛନ୍।

ପୂରବର ସୂଚନା ହିସାବେ ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଡୁଙ୍ଗିବାହାଲ ଗାଁର ବାପ୍ ମେଘନାଦ ରଣା ଆର ମା' କୁନିତାକଁର ଝିଁ' ହେଉଛନ୍ ରୂପେଲି ରଣା(୩)। ରୂପାଲି ଜନମ ହେବାର ଦୁଇମାସ ଉତାରୁ ଜନାଗଲା ଯେ, ସେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ଆକ୍‌ରାଁତ ଅଛନ୍। ଏନ୍‌ତାଥି ଗରିବ୍ ମା'ବାପ୍ ରୂପେଲିକେ ଗୁଡ଼ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରନୁ ମୂଳ କରି ବଲାଙ୍ଗୀର, ବରପାଲି, ବୁର୍ଲାରେ ଚିକିଛା କରେଇ ନିରାଶ ହେଇଛନ୍। ଇଆଡ଼େ ରୂପେଲିର ବଏସ୍ ଅନ୍‌ସାରେ ଦିହିପା ନାଇଁ ବଢ଼ବାର। ଦିନୁଦିନ୍‌କେ ତାକର ମୁଡ଼୍‌ଟା ବଢ଼ତେଲ ଗଲାବେଲେ ହାତ୍‌ଗୋଡ଼ ସବୁ ସପୁର ହେଇଯାଉଛେ। ସବୁବେଲେ ଯେ ହେଲେ ଝନେ ତାହାକୁ ପାଇ କରୁଛନ୍। ତାହାକୁ ପାଇକଲାବେଲେ ଟିକେ ଇଫାଲ ସେଫାଲ ହେଲେ ତାକର ହାତ୍‌ଗୋଡ଼ ଭାଂଗି ଯାଉଛେ, ଫେର ଦିନାକେତେ ଉତାରୁ ଜୁଡ଼ି ହେଇଯାଉଛେ। ଏହେଦେ ରୂପେଲିକେ ୩ ବଛର ଉପରେ ହେଇଥିଲେ ବି ସେ କଥା କହି ନାଇଁପାରବାର। ଇଆଡ଼େ ମୁଡ଼ର ଉଜନ୍ ବଢ଼ତେଲ ଗଲାବେଲେ ଏହେଦେ ସେ ମୁଡ଼ ବି ସିଧା ରଖି ନାଇଁପାରବାର। ସବୁଥିରୁ ବଡ଼ ଦୁଖର କଥା ଇ ଗରିବ୍ ପରିବାରକେ ଆଏଜ୍‌ତକ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଇ ନାଇଁପାରି। ଇ ଦିଗେ ଜିଲା ପରଶାସନ, ସ୍ୱାସ୍ଥ୍ୟ ବିଭାଗ ଦୁରୁଷ୍‌ଟି ଦେଇ ରୂପାଲିକେ ଉଚ ଚିକିଛା ସାହାଯ୍ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍।



ଅଜନା ରୋଗ୍‌ରେ ପୀଡ଼ିତ ରୁପେଲି ରଣା।



ଖଣ୍ଡାଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ।

## ଖଣ୍ଡାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବେଲପଡା, ୨୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ସନ୍ନିକଟ ଧୁମାଭଟା ଗ୍ରାମର କ୍ଷତ୍ରୀୟ ଯୁବାମଞ୍ଚ ଆହ୍ୱାନକ୍ରମେ ଆସନ୍ତା ବିଜୟା ଦଶମୀରେ ଖଣ୍ଡା ଯାତ୍ରା(ଅସ୍ତ୍ରପୂଜା)ପାଇଁ ରବିବାର ବସ୍‌ଷ୍ଟାଣ୍ଡ ନିକଟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବନମାଳୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କ୍ଷେତ୍ରୀୟ ଯୁବମଞ୍ଚ ସମେତ ସମାଜର ବୟୋଜ୍ୟେଷ୍ଠମାନେ ଉପସ୍ଥିତ ରହି ସଫଳ ଯାତ୍ରା ଆୟୋଜନ ଉପରେ ଆଲୋଚନା କରିଥିଲେ। ବିଜୟା ଦଶମୀ ଦିନ ସକାଳୁ ଗ୍ରାମ ଦେବୀଙ୍କଠାରୁ ଆଜ୍ଞାମାଳ ଆଣିବା ପରେ କ୍ଷତ୍ରୀୟମାନେ ଖଣ୍ଡା ଓ ମଶାଲ ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରି ପୂଜାସ୍ଥଳୀରେ ପହଞ୍ଚିବେ। ପରେ ସେଠାରେ ଏକ ସାଧାରଣ ସଭା ଓ ଶେଷରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କ୍ଷେତ୍ରୀୟ ଯୁବାମଞ୍ଚ କମିଟି ସୂତ୍ରରୁ ପ୍ରକାଶ।

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା





ରଚନା ପକ୍ଷରୁ ଆୟୋଜିତ ଗାନ୍ଧୀ ବକ୍ତୃତା ପ୍ରତିଯୋଗିତାରେ ଜଣେ ଛାତ୍ରୀ ବକ୍ତୃତା ଦେଉଛନ୍ତି।

**ବଲାଙ୍ଗୀର ଅଫିସ,୨୨।୯**

ବଲାଙ୍ଗୀର ଗାନ୍ଧୀଭବନଠାରେ ସାମାଜିକ ସାଂସ୍କୃତିକ ସଙ୍ଗଠନ ରଚନା ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସ୍କୁଲ ଓ କଲେଜ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଗାନ୍ଧିଜୀଙ୍କୁ ମୁଁ ଯେପରି ଜାଣେ ଶୀର୍ଷକ ବିଷୟରେ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ରଖିଥିଲେ।ପୂର୍ବାହ୍ନ ୧୦ଟାରେ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଚନାର ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରେ ବିଚାରକଭାବେ ଶିକ୍ଷାବିତ୍ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଚୈତନ୍ୟଦାସ ଠାକୁର, ସୁରେନ୍ଦ୍ର କୁମାର ତ୍ରିପାଠୀ ଯୋଗଦାନ କରିଥିଲେ। ଓଁପ୍ରଣବ ନାୟକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଛାତ୍ରୀ ଅଜ୍ଞନା ନନ୍ଦ, ଛାତ୍ର ଅନୁପ ଗୌରବ ସାହୁ ମନୋନୀତ ହୋଇଥିଲେ। ଅପରାହ୍ନ ୩ଟାରୁ ସଭାପତି ଠାକୁରଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପର୍ଯ୍ୟାୟରେ କଲେଜ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଚାରକ ଭାବେ ଡ. ମହେଶ ପଟ୍ଟନାୟକ, ସୁନୀଲ ପଣ୍ଡା ଓ ସୁଶାନ୍ତ ପଟ୍ଟନାୟକ ଯୋଗଦାନ କରିଥିଲେ। ପ୍ରତିଯୋଗିତାକୁ ରତ୍ନମୟ ତ୍ରିପାଠୀ ପରିଚାଳନା କରିଥିଲେ।ପ୍ରତିଯୋଗିତାରେ କଲେଜ ଛାତ୍ରୀଛାତ୍ର ଆର୍ଯ୍ୟନ ରାଉତ୍, ସୌମ୍ୟା ମଧୁପର୍ଣ୍ଣା ତ୍ରିପାଠୀ, ଅଦୀତି ଅଗ୍ରୱାଲ ଓ ଅର୍ଚ୍ଚନା ପାଢ଼ୀ ମନୋନୀତ ହୋଇଛନ୍ତି। ଏହି ମନୋନୀତ ପ୍ରତିଯୋଗୀମାନେ ଆସନ୍ତା ୨୮ ତାରିଖ ଦିନ ଗାନ୍ଧୀ ଭବନ ଠାରେ ରଚନା ପକ୍ଷରୁ ହେବାକୁ ଥିବା ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଆଲୋଚନା ସଭାରେ ଅତିଥିବକ୍ତାଙ୍କ ସହ ଗାନ୍ଧୀଦର୍ଶନ ଉପରେ ବକ୍ତବ୍ୟ ରଖିବେ। ଏହି ଉଭୟ ପ୍ରତିଯୋଗିତାରେ ବହୁ ଗାନ୍ଧୀପ୍ରେମୀ, ଛାତ୍ରୀଛାତ୍ର, ଅଭିଭାବକ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

### ସୋଲାର ଲାଇଟ ଲଗାଇବାକୁ ନେଇ ଅସନ୍ତୋଷ

**ଲୋଇସିଂହା, ୨୨।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତର ବାଞ୍ଜିପାଲି ଏବଂ ସିଆଲବାହାଲି ଗ୍ରାମବାସୀ ସୋଲାଇର ଲାଇଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଉଭୟ ଗ୍ରାମର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସଦର ଗାଁ ବୁର୍ଡାରେ କେବଳ ୧୧ଟି ସୋଲାର ଲାଇଟ ଲଗାଯାଇଛି। ହେଲେ ପଞ୍ଚାୟତ ଅଧୀନ ବାଞ୍ଜିପାଲି ଓ ସିଆଲବାହାଲିକୁ ଏଥିରୁ ଉପେକ୍ଷିତ କରାଯାଇଥିବା ଅଭିଯୋଗ ହୋଇଛି। ଅବିଳମ୍ବେ ପଞ୍ଚାୟତ ପକ୍ଷରୁ ସୋଲାର ଲାଇଟ ବ୍ୟବସ୍ଥା କରି ଉଭୟ ଗ୍ରାମରେ ଲଗାଇବାକୁ ଦାବି ହେଉଛି।

### 'ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚିବ'

**ତରଭା, ୨୨।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ବଡଭଇଁରୋ କଲେଜ ପରିସରରେ ବଡଭଇଁରୋ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଯୁବବାହିନୀ ପ୍ରୋଜେକ୍ଟ ଅଫିସର ସଞ୍ଜୀବ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ସଂଯୋଜକ ରଜତ ଚୌହାନ, କଲେଜ ଅଧ୍ୟକ୍ଷ ରବିନାରାୟଣ ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ବିଜୁ ଯୁବବାହିନୀ ସମ୍ପାଦକ ଜିତେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଋତୁରାଜ, ଉମେଶ ମନହିରା, ବେବିନା ନିଆଲ, ରଘୁନାଥ ମିଶ୍ର, ରଜନୀକାନ୍ତ ବଗର୍ତ୍ତୀ, ରାଜକିଶୋର ମଲ୍ଲିକ, ଅଜିତ ବଗର୍ତ୍ତୀ, କଲେକ୍ଟର ଦେହୁରି, ଅକ୍ଷୟ ବିଶି ପ୍ରମୁଖ କଲେଜ ପରିସରରେ ଗମ୍ଭାର, ଶିଶୁ, ଶାଗୁଆନ, ଚାକୁଣ୍ଡା ଆଦି ୧୫୦ଟି ଚାରା ରୋପଣ କରିଥିଲେ। ଅତିଥିମାନେ ବୃକ୍ଷହିଁ ଜୀବନ, ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚି ରହିବ ବୋଲି ପ୍ରକାଶ କରିବା ସହିତ ମଣିଷ ଟିଏକୁ ଗଛଟିଏ ନାରା ଦେଇଥିଲେ ।

## ମୁରିବାହାଲ ଥାନାରେ ଆମ ପୋଲିସ ସମିତି ବୈଠକ

**ମୁରିବାହାଲ, ୨୨।୯ (ଡି.ଏନ.ଏ.)**



ବୈଠକରେ ଯୋଗଦେଇଥିବା ଆମ ପୋଲିସ ସମିତିର ସଦସ୍ୟମାନେ।

ବଲାଙ୍ଗୀର ଜିଲା ମୁରିବାହାଲ ଥାନାରେ ଆମ ପୋଲିସ ସମିତିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରଞ୍ଜନ କୁମାର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଥାନା ଅଧୀନ ୧୭ଟି ପଞ୍ଚାୟତର ପୋଲିସ ସମିତିର ସଭ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦ୍ରୁତଗତିରେ ଗାଡି ଚଳାଇବା, ନମ୍ବର ବିହୀନ ଗାଡି, ମୁଖ୍ୟ ପିଚୁ ରାସ୍ତାରେ ଧାନ ମଡାଇବା ବନ୍ଦ କରିବା, ଶ୍ରମିକ ପଞ୍ଜିକରଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଛୋଟ ଛୋଟ ସମସ୍ୟାକୁ କିପରି ସମାଧାନ କରିହେବ ସେଥିପାଇଁ ପୋଲିସ ଗୁରୁତ୍ୱ ଦେବା ପାଇଁ ବୈଠକରେ ଆଲୋଚନାର ପ୍ରସଙ୍ଗ ହୋଇଥିଲା। ଥାନା ଅଧିକାରୀ ବରିହା ବୈଠକରେ ଆଗତ ସମସ୍ତ ଆପତ୍ତି ଅଭିଯୋଗ ଓ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ପୋଲିସ ଚେଷ୍ଟା କରିବ ବୋଲି କହିଥିଲେ। ଏହି ବୈଠକରେ ଏଏସଆଇ ପଦ୍ମନାଭ ରାଉତରାୟ, ଗଡଗଡବାହାଲ ସରପଞ୍ଚ ଭକ୍ତବନ୍ଧୁ ଛତ୍ରିଆ, ମୁରିବାହାଲ ନାଏବ ସରପଞ୍ଚ ମନୋଜ କୁମାର କର ବ୍ରାହ୍ମଣ ସମାଜ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ସମ୍ପାଦକ ବିରଞ୍ଚିନାରାୟଣ ଖମାରୀ, ଉପସଭାପତି ସବ୍ୟସାଚୀ ମିଶ୍ର, ଲକ୍ଷେଘର ଗଣ୍ଡା ସମାଜ ଉପସଭାପତି ମଦନ ମୋହନ କୁମ୍ଭାର, ଗିରିଧାରୀ ସାହୁ, ରାଧେଶ୍ୟାମ ସାହୁ, ପ୍ରମୋଦ କୁମାର ମିଶ୍ର, ଭଗବାନ ମହାନ୍ତି, ନିମାଇଁଚରଣ ବଘାର, ତରଣୀ ସେନ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ସରକାରୀ ଆୟୁର୍ବେଦ କଲେଜରେ ରକ୍ତଦାନ ଶିବିର





ବଲାଙ୍ଗୀର ଆୟୁର୍ବେଦ କଲେଜରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।

**ବଲାଙ୍ଗୀର ଅଫିସ, ୨୨।୯**

ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । କଲେଜର ଯୁବ ରେଡକ୍ରସ ଓ ରେଡ୍ ରିବନ କ୍ଲବ୍ ଆନୁକୂଲ୍ୟ ତଥା ଏଚ୍‌ଡିଏଫସି ବ୍ୟାଙ୍କର ମିଳିତ ସହଯୋଗରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଆୟୁର୍ବେଦ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ଡା ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଭୀମଭୋଇ ମେଡିକାଲ କଲେଜ ବ୍ଲଡବ୍ୟାଙ୍କ ଭାରପ୍ରାପ୍ତ ଅଧିକାରୀ ଡା ପ୍ରଜ୍ଞା ପରିମିତା ନାଏକ ରକ୍ତଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଏହି ସଭାରେ ପ୍ରଫେସର ଡା. ପ୍ରଦୀପ କୁମାର ପଣ୍ଡା, ଡା. ଅଲେଖ ଚନ୍ଦ୍ର ମହାନ୍ତି, ଏଚ୍‌ଡିଏଫସି ବ୍ୟାଙ୍କ ମ୍ୟାନେଜର ଦେବେନ୍ଦ୍ର ଦାସ, ଉମେଶ ପଟେଲ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରାରମ୍ଭରେ ଡା. ନିଗମାନନ୍ଦ ବଳ ରକ୍ତଦାନ କରିଥିଲେ। ଶିବିରରେ ବ୍ଲଡ ବ୍ୟାଙ୍କ କର୍ମଚାରୀ, ଏଚଡିଏଫସି ବ୍ୟାଙ୍କ କର୍ମକର୍ତ୍ତା, ବ୍ଲଡ ବ୍ୟାଙ୍କର ସେକ୍ ଅସରଫ, ଏଲଟି ରଞ୍ଜନ ବରାଡ ତଥା କଲେଜର ସମସ୍ତ ଛାତ୍ରୀଛାତ୍ର, ସହକର୍ମୀ ସହଯୋଗ କରିଥିଲେ।

## ମାତିଲେ ମୋବାଇଲ ଲୁଟେରା

**ବଲାଙ୍ଗୀର ଅଫିସ, ୨୨।୯**

**ବଲାଙ୍ଗୀର ସହର**
- ■ଗୋଟିଏ ଦିନରେ ୨୫ ମୋବାଇଲ ଲୁଟି୍‌ନେଲେ
- ■ନାବାଳକ ଅଟକ
- ■ଡେଲି ମାର୍କେଟରୁ ସର୍ବାଧିକ ଚୋରି
- ■ପୋଲିସର ତନାଘନା

ବଲାଙ୍ଗୀର ସହରରେ ରବିବାର ମୋବାଇଲ ଲୁଟେରା ମାତିଥିଲେ। ଗୋଟିଏ ଦିନରେ ଏହି ଲୁଟେରା ଦଳ ସହରର ବିଭିନ୍ନ ସ୍ଥାନରୁ ୨୫ଟି ମୋବାଇଲ ଲୁଟି ନେଇଥିବା ଜଣାପଡିଛି। ଖବର ଲେଖା ହେବା ପର୍ଯ୍ୟନ୍ତ କେବଳ ବଲାଙ୍ଗୀର ଡେଲିମାର୍କେଟ ଅଞ୍ଚଳରୁ ୧୫ଟି ମୋବାଇଲ ଚୋରି ହୋଇଥିବା ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟଦିନ ଅପେକ୍ଷା ରବିବାର ଡେଲିମାର୍କେଟରେ ଅଧିକ ଭିଡ ପରିଲକ୍ଷିତ ହୁଏ । ଏହାର ଫାଇଦା ନେଇ ଏକ ମୋବାଇଲ ଲୁଟେରା ଦଳ ରବିବାର ସକାଳୁ ଡେଲିମାର୍କେଟ ଅଞ୍ଚଳରେ ଲୁଟ୍‌ପାଟ ଆରମ୍ଭ କରିଦେଇଥିଲେ । ମୋବାଇଲ ଲୁଟ୍ ହେବା ଜଣାପଡିବା ପରେ ଅଞ୍ଚଳରେ ଆକ୍ରୋଶ ବୃଦ୍ଧି ପାଇଥିଲା । ଅନେକ ଲୋକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଟିମ୍ ପ୍ରାରମ୍ଭରୁ ଘଟଣାକୁ ହାଲୁକା ଭାବେ ନେଇଥିଲେ। ଏହାପରେ ଅଭିଯୋଗକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ପୋଲିସ ତଦାରଖ ଆରମ୍ଭ କରିଥିଲେ । ସନ୍ଧ୍ୟା ସୁଦ୍ଧା କେବଳ ଡେଲିମାର୍କେଟ ଅଞ୍ଚଳରୁ ୧୫ଟି ମୋବାଇଲ ଚୋରି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି । ଅତ୍ୟନ୍ତ କୌଶଳପୂର୍ଣ୍ଣ ଭାବେ ଭିଡରୁ ଲୁଟେରାମାନେ ମୋବାଇଲ ଲୁଟି ନେଉଥିବାରୁ ଏହା ଏକ ର୍‍ୟାକେଟ୍ ସନ୍ଦେହ କରାଯାଉଛି । ତେବେ ଏହି ମୋବାଇଲ ଲୁଟେରା ଦଳ ସ୍ଥାନୀୟ ଅଞ୍ଚଳର ନା ବାହାରୁ ଆସି ଲୁଟ୍ କରିଛନ୍ତି ତାହା ଜଣାପଡିନାହିଁ । ପୋଲିସ ସନ୍ଧ୍ୟାରେ ମୋବାଇଲ ଲୁଟ୍ ଘଟଣାରେ ଜଣେ ନାବାଳକଙ୍କୁ ଅଟକ ରଖିଛି । ତାଙ୍କଠାରୁ ଏକ ମୋବାଇଲଏ ଜବତ୍ ହୋଇଥିବା ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ କହିଛନ୍ତି । ପୋଲିସ ପକ୍ଷରୁ ଏହି ଲୁଟେରା ଦଳଙ୍କ ଅନୁସନ୍ଧାନ ଆରମ୍ଭ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ସହରରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ବୃଦ୍ଧିପାଇଛି।

## ବାଇକ୍ ଯାଞ୍ଚବେଳେ ପୋଲିସ ଲାଠିମାଡ଼ରେ ଯୁବକ ଗୁରୁତର

■ କନଷ୍ଟେବଲଙ୍କ ଉପରକୁ ବାଇକ୍ ଚଢ଼ାଉ ଥିଲେ ଯୁବକ: ପୋଲିସ

**ପାଟଣାଗଡ, ୨୨।୯ (ଡି.ଏନ.ଏ.)**



ପାଟଣାଗଡ ହସପିଟାଲରେ ଚିକିତ୍ସିତ ଆହତ ବାଇକ୍ ଆରୋହୀ ଦୀପଙ୍କର ପଣ୍ଡା।

ବଲାଙ୍ଗୀର ଜିଲା ପାଟଣାଗଡ ପୋଲିସ ତରଫରୁ ରବିବାର ସନ୍ଧ୍ୟାରେ ଡ୍ରିଙ୍କ ଆଣ୍ଡ ଡ୍ରାଇଭକୁ ନେଇ ଚେକିଂ ଚାଲିଥିଲା। ଏହି ସମୟରେ ପୋଲିସ ଲାଠି ମାଡରେ ଜଣେ ବାଇକ୍ ଆରୋହୀ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ ଆରୋହୀ ବଲାଙ୍ଗୀର ସହର ରୁଗୁଡିପଡାର ଦୀପଙ୍କର ପଣ୍ଡା (୩୦) ବୋଲି ଜଣାପଡିଛି। ତାଙ୍କୁ ପାଟଣାଗଡ ଉପଖଣ୍ଡସ୍ତରୀୟ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟାରେ ପାଟଣାଗଡ-ରାମପୁର ପେଟ୍ରୋଲ ପମ୍ପ ନିକଟରେ ପୋଲିସ ପକ୍ଷରୁ ଡ୍ରିଙ୍କ ଆଣ୍ଡ ଡ୍ରାଇଭକୁ ନେଇ ଚେକିଂ ଚାଲିଥିଲା । ଏହି ସମୟରେ ବଲାଙ୍ଗୀରର ପଣ୍ଡା ଏକ ଲାଲରଙ୍ଗର ପଲସର ବାଇକ୍ (ଓଡି୩୩ଇ ୧୪୪୪)ରେ ପାଟଣାଗଡରୁ ବଲାଙ୍ଗୀର ଅଭିମୁଖେ ଯାଉଥିଲେ। ରାମପୁର ପେଟ୍ରୋଲ ପମ୍ପ ନିକଟରେ ଚେକିଂ କରୁଥିବା ପୋଲିସ ତାଙ୍କୁ ଚେକିଂ ଉଦ୍ଦେଶ୍ୟରେ ଅଟକାଇଥିଲେ। ହେଲେ ପଣ୍ଡା ବାଇକ୍ ନ ଅଟକାଇ ବଲାଙ୍ଗୀର ଅଭିମୁଖେ ଦ୍ରୁତ୍‌ଗତିରେ ପଳାଇ ଆସୁଥିଲେ। ଏହି ସମୟରେ ପୋଲିସର ଲାଠି ବାଜି ପଣ୍ଡାଙ୍କ ମୁହଁ ଫାଟି ଯାଇଥିଲା। ସେ ହେଲମେଟ୍ ପିନ୍ଧି ନ ଥିବାରୁ ମୁହଁରେ ଆହତ ଲାଗି ରକ୍ତସ୍ରାବ ହୋଇଥିଲା। ଏହାପରେ ମଧ୍ୟ ପଣ୍ଡା ସେଠାରେ ନ ଅଟକି ବାଇକ୍ ଧରି ଉଲ୍‌ଟା ପର୍ଯ୍ୟନ୍ତ ପଳାଇ ଯାଇଥିଲେ । ପରେ ବଲାଙ୍ଗୀରରୁ କାର୍‌ରେ ପାଟଣାଗଡ ଆସୁଥିବା ଦୁଇଜଣ ବ୍ୟକ୍ତି ଆହତ ପଣ୍ଡାଙ୍କୁ ଦେଖି ସେଠାରୁ ପାଟଣାଗଡ ହସପିଟାଲକୁ ଆଣି ଭର୍ତ୍ତି କରିଥିବା ଜଣାପଡିଛି। ଏନେଇ ପାଟଣାଗଡ ଆଇଆଇସି କେ.ପ୍ରିୟଙ୍କା ରାଉତରାୟଙ୍କୁ ପଚରାଯିବାରୁ ପୋଲିସ ଚେକିଂ ଚାଲିଥିବା ସମୟରେ ଏହି ବାଇକ୍ ଚାଳକ ଜଣକ ଦ୍ରୁତଗତିରେ ବାଇକରେ ଯାଉଥିଲେ। ତାଙ୍କୁ ଅଟକାଇବା ଚେଷ୍ଟା କରିଥିଲେ ମଧ୍ୟ ସେ ନ ଅଟକି କନଷ୍ଟେବଲଙ୍କ ଉପରକୁ ଗାଡି ଚଢାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କନ୍‌ଷ୍ଟେବଲଙ୍କ ବାଡି ବାଜି ଯାଇଥିବ ବୋଲି ସେ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସେ ଜଣାଇଥିଲେ ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭୋଲ୍‌ଟାୟାର



## ସଂକ୍ଷେପରେ

### ଆଜି ଓଡ଼ିଶା କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ ପକ୍ଷରୁ ବିକ୍ଷୋଭ

ରାଉରକେଲା ଅଫିସ, ୨୨।୯: ସିଆଇଟିୟୁ(ସିଟୁ) ସହବନ୍ଧିତ ଓଡ଼ିଶା କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ ନିର୍ମାଣ ଶ୍ରମିକ ମାନଙ୍କ ପକ୍ଷରୁ ୨୩ଦଫା ଦାବି ନେଇ ୨୩ତାରିଖ ସୋମବାର ରାଜ୍ୟ ଶ୍ରମ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। କେନ୍ଦ୍ର ସରକାରଙ୍କ ବିଲଡିଂ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ-୧୯୯୬କୁ ଅନ୍ୟ ସାମାଜିକ ସୁରକ୍ଷା ଆଇନ ସହିତ ମିଶ୍ରଣ କରି ସାମାଜିକ ଲେବର ବୋର୍ଡ ପ୍ରସ୍ତାବକୁ ବାତିଲ କରିବା ପାଇଁ ଦାବି କରିଛନ୍ତି। ଏହାସହ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ବୈଠକ ତୁରନ୍ତ ଡାକିବା, ନିର୍ମାଣ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୨୦ହଜାର ଟଙ୍କା, ଦୁର୍ଘଟଣାଜନିତ ମୃତ୍ୟୁରେ ୮ଲକ୍ଷ, ସାଧାରଣ ମୃତ୍ୟୁ ପାଇଁ ୫ଲକ୍ଷ, ଶ୍ରମିକଙ୍କୁ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ, ଝିଅ ବାହାଘର ପାଇଁ ୧ଲକ୍ଷ ଟଙ୍କା,ଶିକ୍ଷା ସହାୟତା ଏବଂ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଇଏସ୍‌ଆଇ ଓ ଇପିଏଫ୍ ସୁବିଧା ପ୍ରଦାନ ଇତ୍ୟାଦି ୨୩ ଦଫା ଦାବି ନେଇ ବିକ୍ଷୋଭ କରାଯିବ ବୋଲି ଜିଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଙ୍ଗଠନର ଜିଲା ସଭାପତି ପ୍ରଭାତ ପଣ୍ଡା, ଉପସଭାପତି ପ୍ରମୋଦ ସାମଲ, ସୁରେନ୍ଦ୍ର ଦାସ, ଅଜୟ ଶର୍ମା, ଶ୍ରୀମନ୍ତ ବେହେରା, ସାଧାରଣ ସମ୍ପାଦକ ଯଯାତି କେଶରୀ ସାହୁ, କିଶୋର ତନ୍ତୀ ପ୍ରମୁଖ ଉପସ୍ଥିତ ରହିବା ସହ ବିକ୍ଷୋଭରେ ବହୁସଂଖ୍ୟାରେ ନିର୍ମାଣ ଶ୍ରମିକ ଯୋଗଦେବାକୁ ନିବେଦନ କରାଯାଇଛି।

### ଡାକ ମଣ୍ଡଳ କର୍ମଚାରୀଙ୍କ ଅଧିବେଶନ ନୂତନ କର୍ମକର୍ତ୍ତା ନିର୍ବାଚନ

ରାଉରକେଲା ଅଫିସ,୨୨। ୯- ନବଗଠିତ ରାଉରକେଲା ଡାକ ମଣ୍ଡଳ କର୍ମଚାରୀଙ୍କୁ ନେଇ ଅଖିଳ ଭାରତ ୩ୟ ଶ୍ରେଣୀ ଓ ପୋଷ୍ଟମ୍ୟାନ ତଥା ଏମ୍‌ଟିଏସ୍ କର୍ମଚାରୀ ମିଳିତ ଅଧିବେଶନ ରବିବାର ସେକ୍ଟର-୧ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନକୁ ଡାକ କର୍ମଚାରୀ ଓଡ଼ିଶା ପରିମଣ୍ଡଳ ପୂର୍ବତନ ସଭାପତି ତ୍ରିଲୋଚନ ପରିଡା ଉଦ୍‌ଘାଟନ କରି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ରାଉରକେଲା ସୁନ୍ଦରଗଡ଼ ଡାକମଣ୍ଡଳର ଏକ ଅଂଶବିଶେଷ ରୂପେ କାମ କରୁଥିଲା। ବର୍ତ୍ତମାନ ରାଉରକେଲା ଡାକ ମଣ୍ଡଳ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରି ଆସୁଛି। ଏହି ଅବସରରେ କର୍ମଚାରୀଙ୍କ ସମସ୍ୟା ଓ ଦାୟିତ୍ୱ ଉପରେ ଅଲୋକପାତ କରାଯାଇଥିଲା। ମୁଖ୍ୟବକ୍ତା ଅଖିଳ ଭାରତ ଡାକ କର୍ମଚାରୀ ସଂଘ, ପୋଷ୍ଟ ମ୍ୟାନ, ଏମ୍‌ଟିଏସ୍ କେନ୍ଦ୍ରୀୟ ସଂଘ ସାଧାରଣ ସମ୍ପାଦକ ଦେବବ୍ରତ ମହାନ୍ତି ଯୋଗଦେଇ ଆଗାମୀ ଦିନରେ ଡାକ କର୍ମଚାରୀଙ୍କ ଭବିଷ୍ୟତ ପ୍ରତି ଦେଖାଦେଇଥିବା ବିପଦ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ୩ୟ ଶ୍ରେଣୀ କର୍ମଚାରୀ ସଂଘ ଓଡ଼ିଶା ଶାଖା ସମନ୍ୱୟ ସମିତି ଅଧ୍ୟକ୍ଷ ବୃହସ୍ପତି ସାମଲ, ପୋଷ୍ଟ ମ୍ୟାନ ସଂଘ ରାଜ୍ୟ ସମ୍ପାଦକ ଏମ୍.ଏସ୍. ରାଓ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଓ ରାଉରକେଲା ଡାକମଣ୍ଡଳ ଅଧୀକ୍ଷକ ମଧ ଅତିଥି ରୂପେ ଉପସ୍ଥିତ ଥିଲେ। ଶେଷରେ ସଂଗଠନର କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ରୂପେ ଗୋଲକ ପାଲ ନିର୍ବାଚିତ ହୋଇଥିବାବେଳେ ସମ୍ପାଦକ ଭାବେ ରଞ୍ଜନ ରାଉତ ଓ କୋଷାଧ୍ୟକ୍ଷ ଭାବେ ସୁବୋଧ ଲାକ୍ରା ନୂତନ କମିଟିରେ ସ୍ଥାନ ପାଇଥିଲେ। ପୋଷ୍ଟ ମ୍ୟାନ ଓ ଏମ୍‌ଟିଏସ୍ ସଂଘ ସଭାପତି ରୂପେ ଅଜୟ ପାତ୍ର, ସମ୍ପାଦକ ସୁଦାମ ସାହୁ ଓ କୋଷାଧକ୍ଷ ରୂପେ ଯୋଗେନ୍ଦ୍ର ଗୌଡଙ୍କୁ ମନୋନୀତ କରାଯାଇ ଥିଲା।

■ ସ୍କୁଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା

# ଅଗ୍ନି ନିର୍ବାପକ ସିଲିଣ୍ଡର ଫିଲିଂରେ ଅନିୟମିତତା

ରାଉରକେଲା ଅଫିସ,୨୨।୯

ସୁନ୍ଦରଗଡ଼ ଜିଲାର ବିଭିନ୍ନ ସରକାରୀ ସ୍କୁଲରେ ୨୦୧୨ ମସିହାରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିପାଇଁ ଅଗ୍ନି ନିର୍ବାପକ ସିଲିଣ୍ଡର ଯୋଗାଇ ଦିଆଯାଇଥିଲା । ଏପରି କି ଯେଉଁ ସ୍କୁଲର ଭିତ୍ତିଭୂମି ନ ଥିଲା କିମ୍ବା ବିଦ୍ୟୁତ୍ ସଂଯୋଗ ହୋଇ ନ ଥିଲା ସେଠାରେ ବି ଅଗ୍ନି ନିର୍ବାପକ ସିଲିଣ୍ଡର ଲଗାଯାଇଥିଲା। ଇତିମଧ୍ୟରେ ଅଧିକାଂଶ ସ୍କୁଲରେ ସେହି ସିଲିଣ୍ଡର ଆଉ ଦେଖିବାକୁ ମିଳୁନାହିଁ। ଯେଉଁଠି ସିଲିଣ୍ଡର ରହିଛି ସେଠି ଆଉ ଫିଲିଂ କରାଯାଉନାହିଁ। କୌତୂହଳର ବିଷୟ ଅଗ୍ନି ନିର୍ବାପକ ସିଲିଣ୍ଡରର ବ୍ୟବହାର ସଂକ୍ରାନ୍ତରେ ଶିକ୍ଷକମାନେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିଲେ । ଏହା ସତ୍ତ୍ୱେ ସେମାନଙ୍କୁ ବ୍ୟବହାରିକ ତାଲିମ ପ୍ରଦାନ କରାଯାଇ ନ ଥିଲା। ସିଲିଣ୍ଡର ଅବଧି କେବେ ଶେଷ ହେବ ଓ ସେଥିରେ କେତେ ଗ୍ୟାସ ରହିଛି ସେ ନେଇ ମଧ ଶିକ୍ଷକମାନେ ଅନ୍ଧାରରେ ରହିଥିଲେ । ପ୍ରଥମ ଥର ସିଲିଣ୍ଡର ଲଗାଯିବା ପରେ ସେହି ବ୍ୟବସ୍ଥା ସେତିକିରେ ଅଟକି ରହିଥିଲା ।

ତେବେ ଚଳିତ ମାସ ପ୍ରଥମ ସପ୍ତାହରେ ଲାଠିକଟା ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା ବିଭିନ୍ନ ସ୍କୁଲକୁ ଲିଖିତ ଭାବେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ସ୍କୁଲରେ ଲଗା ଯାଇଥିବା ଅଗ୍ନି ନିର୍ବାପକ ସିଲିଣ୍ଡର ଫିଲିଂ କରିବାକୁ କୁହାଯାଉଛି। ସେହି ସିଲିଣ୍ଡର ଫିଲିଂ ଦାୟିତ୍ୱ ଦିଆଯାଇଛି ଜଣେ ପୁସ୍ତକ ବିକ୍ରେତାଙ୍କୁ। ସେ କୁଆଡ଼େ ବଜାର ଦରଠାରୁ ଦି'ଗୁଣା ଅଧିକ ମୂଲ୍ୟରେ ଗ୍ୟାସ ଫିଲିଂ କରୁଥିବା ଅଭିଯୋଗ ହୋଇଛି । କେଉଁ ନିୟମ ଆଧାରରେ ସ୍ୱୀକୃତିପ୍ରାପ୍ତ ଏଜେନ୍ସିକୁ ବାଦ୍ ଦେଇ ଜଣେ ପୁସ୍ତକ ବ୍ୟବସାୟୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ସମ୍ପୃକ୍ତ ବ୍ୟବସାୟୀ ସିଲିଣ୍ଡରରେ କେତେ ପରିମାଣର ଗ୍ୟାସ ଭରୁଛନ୍ତି ସେନେଇ କାହା ପାଖରେ ତଥ୍ୟ ନାହିଁ। ବହୁ ଶିକ୍ଷକ ଏଭଳି ବ୍ୟବସ୍ଥାକୁ ନାପସନ୍ଦ କରିଛନ୍ତି । ଅଗ୍ନିଶମ ବିଭାଗ ମଧ କେବେ କୌଣସି ସ୍କୁଲକୁ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିବା ନଜିର ନାହିଁ। ଏ ସଂକ୍ରାନ୍ତରେ ବିଇଓ ପ୍ରଜ୍ଞା ପାରମିତା ଜେନାଙ୍କୁ ପଚରାଯିବାରୁ ସେ କହିଛନ୍ତି, ସିଲିଣ୍ଡର ଫିଲିଂ ପାଇଁ ବାସ୍ତବରେ କେତେ ଟଙ୍କା ପଡୁଛି ଆମେ ଜାଣିନୁ। ସମ୍ପୃକ୍ତ ବହି ଦୋକାନୀ ଜଣକ ନିଜକୁ ଏଜେନ୍ସି ମାଲିକ କହିବାରୁ ଆମେ ଗ୍ୟାସ ଭରିବାକୁ ତାଙ୍କୁ ସୁଯୋଗ ଦେଇଛୁ। ଯଦି ସେ ଅଧିକ ଦର ନେଉଥାନ୍ତି ତା'ହେଲେ ତଦନ୍ତ କରାଯିବ ବୋଲି କହିଛନ୍ତି । ଏ ସଂକ୍ରାନ୍ତରେ ଅଗ୍ନି ନିର୍ବାପକ ସିଲିଣ୍ଡର ଫିଲିଂ ଦାୟିତ୍ୱ ନେଇଥିବା ବହି ଦୋକାନୀ ପ୍ରମୋଦ ଦାସଙ୍କୁ ଏ ନେଇ ପଚରାଯିବାରୁ ସେ କହିଥିଲେ ମୋର ନିଜ ଏଜେନ୍ସି ନାହିଁ। ମୁଁ ଅନ୍ୟ ଜଣଙ୍କ ସହାୟତାରେ ସିଲିଣ୍ଡର ଫିଲିଂ କରୁଛି । ଜିଏସ୍‌ଟି ସହ ୨ କେଜି ସିଲିଣ୍ଡର ଫିଲି ପାଇଁ ୫୯୦ ଓ ୫ କେଜି ସିଲିଣ୍ଡର ଫିଲିଂ ପାଇଁ ୮୨୬ ଟଙ୍କା ପଡୁଛି। ଏ ବାବଦକୁ ରସିଦ ଦିଆଯାଉଛି। କାହାକୁ ଠକାଯାଉନି। ଆରମ୍ଭରୁ ମୁଁ ସିଲିଣ୍ଡର ଦେଇଥିଲି। ସେଥିପାଇଁ ମୋତେ ଆଉ ଥରେ ଅନୁମତି ମିଳିଛି। ଅନ୍ୟପକ୍ଷେ ଅଗ୍ନିଶମ ବିଭାଗ ଅଧିକାରୀ କମଲ ଗୌଡ କହିଛନ୍ତି, ସରକାରୀ ସ୍କୁଲରେ ଅଗ୍ନି ନିର୍ବାପକ ସିଲିଣ୍ଡର ଲଗାଯିବା ନେଇ ଆମ ପାଖରେ କୌଣସି ଖବର ନାହିଁ।

## ସେଭ୍ ଓଡ଼ିଶା ପକ୍ଷରୁ ବୃକ୍ଷରୋପଣ




ସେଭ ଓଡିଶା ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ।

ରାଉରକେଲା ଅଫିସ, ୨୨।୯

ରାଉରକେଲା ସହରରେ ଥିବା ସେଭ ଓଡ଼ିଶା ଚେରିଟେବୁଲ ସଙ୍ଗଠନ ପକ୍ଷରୁ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ପକ୍ଷରୁ ରେଲୱେ କଲୋନୀ ପୋଲିସ ପଡ଼ିଆରେ ୧୭୦ଟି ଚାରା ରୋପଣ କରାଯାଇଥିଲା । ଆଗାମୀ ଦିନରେ ରାଉରକେଲା ସହରରେ ସଙ୍ଗଠନ ପକ୍ଷରୁ ୫୦ ହଜାର ବୃକ୍ଷରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି କୁହାଯାଇଛି । ଆଜିର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ନବୀନ ଗୁପ୍ତା, ପ୍ରକାଶ ଝା, ଏମ୍.ଡି.ସଦାବ, ବିବେକ ସାହୁ, ବିନୟ ତନ୍ତୀ, ଆର୍.ଜଗନ୍ନାଥ ରାଓ, କେ.ଈଶ୍ୱର ରାଓ, ଦୀପକ ଯାଦବ ପ୍ରମୁଖ ସାମିଲ ଥିଲେ ।

■ ଆଲୋଚନା ଚକ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ମତ

## ଶିକ୍ଷା ଶାନ୍ତି ଓ ମୁକ୍ତି ପ୍ରଦାନର ମାର୍ଗ




ଆଲୋଚନା ଚକ୍ରରେ ଯୋଗ ଦେଇଥିବା ମଞ୍ଚାସୀନ ଅତିଥି ।

ରାଉରକେଲା ଅଫିସ,୨୨। ୯

ଶିକ୍ଷା ବିକାଶ ସମିତି ଓଡ଼ିଶା ପ୍ରଦେଶ ସଂଗଠନ ପକ୍ଷରୁ ଶିକ୍ଷା ଓ ସାମାଜିକ ବିକାଶ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୬ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଆୟୋଜିତ ଏହି ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ମା' ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଅଧ୍ୟକ୍ଷା ଡା. ଜ୍ୟୋତ୍ସ୍ନା ପଟ୍ଟନାୟକ, ମୂଖ୍ୟବକ୍ତା ରୂପେ ଇସ୍ପାତ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଶଙ୍କର ତ୍ରିପାଠୀ ଯୋଗଦେଇ ଶିକ୍ଷା ଓ ବିକାଶ ଶୀର୍ଷକ ଆଲୋଚନାରେ ମତ ପ୍ରଦାନ କରିଥିଲେ। ଅତିଥିମାନେ କହିଲେ ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଲା ପ୍ରଗତିଶୀଳ ହେବା। ବ୍ୟକ୍ତି ଜୀବନର ଚିନ୍ତା, ଚେତନା ସର୍ବୋପରି ଜୀବନ ଶୈଳୀରେ ଗୁଣାତ୍ମକ ବିକାଶ ଆଣିବା। ଶିକ୍ଷା ହେଉଛି ଶାନ୍ତି ଓ ମୁକ୍ତି ପ୍ରଦାନର ମାର୍ଗ। ସଂସ୍କୃତି ଅଭିମୁଖୀ ଓ ଆଧ୍ୟାତ୍ମିକ ପୃଷ୍ଠଭୂମିରେ ଶିକ୍ଷା ମୂଲ୍ୟବୋଧକୁ ସମାଜରେ ସଂରକ୍ଷିତ କରିପାରେ। ଚିନ୍ତା ଓ ଚେତନା ଶକ୍ତିକୁ ଜାଗ୍ରତ କରିବା ଆଧାରରେ ଶକ୍ତି, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଦର୍ଶନ ଓ ସମାଜ ବିଜ୍ଞାନକୁ ଶାଣିତ କରେ ଶିକ୍ଷା। ଯାହା ସାମାଜିକ ବିକାଶରେ ସହାୟକ ହୋଇଥାଏ। ଶିକ୍ଷା ସର୍ବସ୍ପର୍ଶୀ ଓ ସର୍ବବ୍ୟାପୀ ହେବା ଆବଶ୍ୟକ। ଯାହାର ସୁଫଳ ସାମଗ୍ରିକ ଭାବେ ପ୍ରତିଫଳିତ ହୋଇପାରିବ। ସମଷ୍ଟିଗତ ବିକାଶ ସମ୍ଭବ ହେବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା।।

ଇଂ. ଅଭୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ସଭାରେ ଶିବପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୱତ ପରିଷଦର ପ୍ରାନ୍ତ ସଂଯୋଜକ ରୁଦ୍ର ନାରାୟଣ ବେହେରା ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାପକ ଭବେଶ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ପ୍ରଧାପକ ଅଭୟ ପ୍ରଧାନ, ଡା. ଅଚିନ୍ତ୍ୟନାରାୟଣ ଜେନା. ପ୍ରଫେସର ଡା. କଲ୍ୟାଣୀ ମିଶ୍ର, ପ୍ରଧାପିକା କିଶୋରୀ ଦାସ, ପ୍ରତାପ ରାୟ, ରୀନା ଚକ୍ରବର୍ତ୍ତୀ, ରଶ୍ମୀବାଳା ରାଉତରାୟ, ଡା. ସନ୍ଧ୍ୟାରାଣୀ ବରାଳ, ଡା. ଉମାକାନ୍ତ ପଣ୍ଡା, କଳ୍ପନା ଶତପଥୀ, ନୀନାରାଣୀ ଜେନା, ନର୍ମଦା ସାହୁ, ନଳିନୀପ୍ରଭା ପଟ୍ଟନାୟକ, କ୍ଷୀତିଶ ଉଦ୍‌ଗାତା, କାନନବାଳା ତ୍ରିପାଠୀ, ଲକ୍ଷ୍ମଣନାଥ ଦାସ, ଚନ୍ଦ୍ରଧ୍ୱଜ ମାଝି, ଅସୀମ ମଲ୍ଲିକ, ଅକ୍ଷୟ ଦାସ. ଗଙ୍ଗାଧର ପୂହାଣ. ବିଭୂଦତ୍ତ ବେହେରା, ଏସ୍.ପି ସାମନ୍ତରାୟ, ଜୟାନନ୍ଦ ବେହେରା, ଅନିଲ ଦାସ, ଅରୂପ ସୁବୁଦ୍ଧି, ବିଭୂପ୍ରସାଦ ପଣ୍ଡା, ଅଚ୍ୟୁତାନନ୍ଦ ପଟେଲ, ହରିଶଚନ୍ଦ୍ର ପାଣିଗ୍ରାହୀ, ପ୍ରସନ୍ନ ବିଶ୍ୱାଳ, ଯୋଗେନ୍ଦ୍ରନାଥ ମହାନ୍ତ, ଯୁବରାଜ କୁଦେଇ ଓ ମୋହନରାଓ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

## ଶିଶୁମାନଙ୍କ ପ୍ରତି ପ୍ରେରଣାଦାୟୀ ହେବାକୁ ପରାମର୍ଶ



କର୍ମଶାଳାରେ ଉପସ୍ଥିତ ମହିଳାମାନଙ୍କୁ ମୁଖ୍ୟଅତିଥି ଶିଶୁମାନଙ୍କ ଯତ୍ନ ଉପରେ ପରାମର୍ଶ ଦେଉଛନ୍ତି।

ରାଉରକେଲା ଅଫିସ, ୨୨।୯

ଜଗଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଶିଶୁବାଟିକା ବିଭାଗରେ ଏକ ମାତୃ କର୍ମଶାଳା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୁସ୍ମିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସ୍କୁଲ ପରିଚାଳନା କମିଟି ଉପସଭାପତି ଗୋଦାବରୀଶ ଶତପଥୀ ଯୋଗଦେଇ ଶିଶୁର ବିକାଶରେ ମା'ମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ଶିଶୁର ଶିକ୍ଷା,ସଂସ୍କାର, ଚରିତ୍ର ଗଠନ, ରାଷ୍ଟ୍ର ଓ ବିଶ୍ୱକଲ୍ୟାଣ କ୍ଷେତ୍ରରେ ଶିଶୁମାନଙ୍କ ପ୍ରତି ପ୍ରେରଣା ଦାୟୀ ହେବାକୁ ଉପସ୍ଥିତ ମାତୃମଣ୍ଡଳୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ବୈଷ୍ଣବ ମହାପାତ୍ର ଏହି କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କର୍ମଶାଳାରେ ଗୁରୁମାନେ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳା ପରିଚାଳନାରେ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ଶେଷରେ ସୁଚିତ୍ରା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ ।

## ବୋନସ ପ୍ରଦାନ ଦାବି ଜୋରଦାର

**ଆଜି ବିଶ୍ରା ଛକରେ ଗଣ ବିକ୍ଷୋଭ**

ରାଉରକେଲା ଅଫିସ, ୨୨।୯

ରାଉରକେଲା ଇସ୍ପାତ୍ କାରଖାନା ସମେତ ସେଲ୍ ଅଧୀନସ୍ଥ ଅନ୍ୟାନ୍ୟ ଇସ୍ପାତ୍ କାରଖାନାରେ କାର୍ଯ୍ୟରତ ସ୍ଥାୟୀ କର୍ମଚାରୀ ଓ ଠିକା ଶ୍ରମିକମାନଙ୍କୁ ବାର୍ଷିକ ବୋନସ ଓ ଏକ୍ସଗ୍ରାସିଆ ପ୍ରଦାନ ଦାବି ଜୋରଦାର ହୋଇଛି । ଏଥିପାଇଁ ୨୩ ତାରିଖ (ସୋମବାର) ରାଉରକେଲା ମଜଦୁର ସଭା ପକ୍ଷରୁ ସ୍ଥାନୀୟ ବିଶ୍ରା ଛକରେ ଗଣ ବିକ୍ଷୋଭ ହେବ।

ସୂଚନାଯୋଗ୍ୟ, ବାର୍ଷିକ ବୋନସ ଓ ଏକ୍ସଗ୍ରାସିଆ ପ୍ରଦାନ ଦାବିରେ ରାଉରକେଲା ମଜଦୁର ସଭା ଏବଂ ଅନ୍ୟାନ୍ୟ ଶ୍ରମିକ ସଙ୍ଗଠନ ଗତ ୭ ତାରିଖରେ ଅନୁଷ୍ଠିତ ଏନ୍‌ଜେସିଏସ୍ ବୈଠକରେ ଦାବି କରିଥିଲେ। ତେବେ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଶ୍ରମିକ ଓ କର୍ମଚାରୀ ମହଲରେ ଅଶାନ୍ତି ସୃଷ୍ଟି କରିଛି। ମଜୁରି ଚୁକ୍ତିନାମା ନେଇ ଏନ୍‌ଜେସିଏସ୍ ବୈଠକ ନିୟମିତ ନ ଡାକିବା, କାରଖାନାରେ କ୍ଷତି ହେଉଥିବା ଆଳ ଦେଖାଇ ଶ୍ରମିକ ଓ କର୍ମଚାରୀଙ୍କ ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରଦାନ ନ କରିବା ଆଦି ନୀତି ବିରୋଧରେ ରାଉରକେଲା ମଜଦୁର ସଭା ଏହି ଗଣବିକ୍ଷୋଭରେ ସ୍ୱର ଉତ୍ତୋଳନ କରିବ। ଏଣୁ ଇସ୍ପାତ୍ କାରଖାନାରେ କାର୍ଯ୍ୟରତ ସ୍ଥାୟୀ ଓ ଠିକା ଶ୍ରମିକମାନେ ଏହି ଆନ୍ଦୋଳନକୁ ସାମିଲ ହେବାକୁ ରାଉରକେଲା ମଜଦୁର ସଭା ପକ୍ଷରୁ ଅନୁରୋଧ କରାଯାଇଛି।

## ଆଇଏଫ୍‌ଜିଏଲ୍ ରିଫ୍ରାକ୍ଟୋରିଜ୍‌ରେ ବାର୍ଷିକ ବୋନସ ଚୁକ୍ତି ସ୍ୱାକ୍ଷରିତ

ରାଉରକେଲା ଅଫିସ, ୨୨।୯

ସେପ୍ଟେମ୍ବର ୨୧ ତାରିଖରେ ଆଇଏଫ୍‌ଜିଏଲ୍ ରିଫ୍ରାକ୍ଟୋରିଜ୍ କର୍ତ୍ତୃପକ୍ଷ ଏବଂ ଆଇଏଫ୍‌ଜିଏଲ୍ ମଜଦୁର ମଞ୍ଚ ମଧ୍ୟରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବୋନସ ୧୯ ପ୍ରତିଶତ ହାରରେ ମିଳିବା ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏଥିରେ ଶ୍ରମିକମାନେ ୧୫ହଜାର୯୬୦ ଟଙ୍କା ବୋନସ ପାଇବେ। ଏହାସହ ୨୫ ତାରିଖ ପୂର୍ବରୁ ଶ୍ରମିକମାନଙ୍କୁ ବୋନସ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଫଳରେ କାରଖାନାରେ କାର୍ଯ୍ୟରତ ଶ୍ରମିକମାନେ ବୋନସ ପ୍ରଦାନ ନେଇ ଯେଉଁ ଆଶା ଆଶଙ୍କାରେ ଥିଲେ ତା'ର ପରିସମାପ୍ତି ଘଟିଛି। ଉକ୍ତ ଚୁକ୍ତିନାମାରେ ରିଫ୍ରାକ୍ଟୋରିଜ୍ ତରଫରୁ ଏ.କେ.ଶ୍ରୀବାସ୍ତବ, ଉପସଭାପତି ଏ.କେ. ରାୟ, ଜିଏମ୍ ଆର.କେ.ବେଦିଆ, ଆର.ଏନ.ସାହୁ ପ୍ରମୁଖ ଥିବା ବେଳେ ମଜଦୁର ମଞ୍ଚ ତରଫରୁ ସଭାପତି ଜର୍ଜ ତିର୍କୀ, ଉପସଭାପତି ଗୋପାଳ ଦାସ, ସାଧାରଣ ସମ୍ପାଦକ ସନ୍ତୋଷ ଲାକ୍ରା, କାର୍ଯ୍ୟକାରୀ ସଂଯୋଜକ ଏଲ.ପି. ସାହୁ, ସମ୍ପାଦକ ଏଚ.କେ. ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବୋନସ ଦାବି ଚୁକ୍ତି ସମ୍ପାଦନ ହୋଇଥିବାରୁ ସଙ୍ଗଠନ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

■ ଜିଲା ନିର୍ମାଣ ଶ୍ରମିକ ସମ୍ମିଳନୀ

## ଶ୍ରମିକଙ୍କ ପ୍ରତି ଅବହେଳା ନେଇ ୟୁଟିୟୁସିର କ୍ଷୋଭ

ରାଉରକେଲା ଅଫିସ,୨୨। ୯

ନିର୍ମାଣ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା ଓ ସହାୟତା ରାଶି ମିଳୁ ନ ଥିବାରୁ ଅଲ୍ ଇଣ୍ଡିଆ ୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନ ସୁନ୍ଦରଗଡ଼ ଜିଲା ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ରବିବାର ଡେଲି ମାର୍କେଟଠାରେ ଥିବା ୱାର୍କର୍ସ ଓ ପିଜାଣ୍ଟସ ହାଉସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୟୁନିୟନର ସୁନ୍ଦରଗଡ ଜିଲା ଆବାହକ ବିଷ୍ଣୁ ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଦୀପ୍ତ ରାମ ମୁଖ୍ୟଅତିଥି, ସୁନ୍ଦରଗଡ ଜିଲା କମିଟି ସଭାପତି ସତ୍ୟପ୍ରିୟ ମହାନ୍ତି, ସମ୍ପାଦକ ଅଜିତ ନାୟକ, ଏସୟୁସିଆଇ(ସି) ରାଜ୍ୟ କମିଟି ସଦସ୍ୟ ଅଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରମିକ ଅଧିକାର ଉପରେ ଚାଲିଥିବା ଆକ୍ରମଣକୁ ନିନ୍ଦା କରିଥିଲେ। ପ୍ରାରମ୍ଭରେ ୟୁନିୟନ ପତାକା ଉତ୍ତୋଳନ କରାଯାଇ ଶହୀଦ ବେଦିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଦେଶର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ପରିସ୍ଥିତି ସହ ଶ୍ରମିକ କର୍ମଚାରୀଙ୍କ ସମସ୍ୟା ନେଇ ମଞ୍ଚାସୀନ ନେତୃମଣ୍ଡଳୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ନିର୍ମାଣ ଶ୍ରମିକ ସମସ୍ୟା ନେଇ କେତେକ ପ୍ରସ୍ତାବ ଆଗତ କରାଯାଇଥିଲା। ଏହା ଉପରେ ସବିଶେଷ ଆଲୋଚନା ସହ ଏହାର ନିରାକରଣ ନେଇ ଉପସ୍ଥିତ ନେତୃମଣ୍ଡଳୀ ଆଲୋଚନା କରିଥିଲେ। ନିର୍ମାଣ ଶ୍ରମିକଙ୍କୁ ସେମାନଙ୍କ ଉଚିତ ପ୍ରାପ୍ୟ ପ୍ରଦାନ କ୍ଷେତ୍ରରେ କର୍ତ୍ତୃପକ୍ଷ ଅବହେଳା କରୁଥିବାରୁ ଏଥିରେ କ୍ଷୋଭ ପ୍ରକାଶ ପାଇଥିଲା। ଏନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାୟୀ କରାଯାଇଥିଲା। ଦେଶର ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ନିର୍ମାଣ ଶ୍ରମିକଙ୍କ ଅବଦାନକୁ ସରକାର ଭୁଲିଯାଇ ଏମାନଙ୍କ ଉପରେ ହୁକୁମାତି ଜାରି କରିବା ନୀତିକୁ କେବେ ଗ୍ରହଣ କରାଯିବନି ବୋଲି କୁହାଯାଇଥିଲା। କେନ୍ଦ୍ର ସରକାର ଶ୍ରମ ଆଇନକୁ ସଂଶୋଧନ କରି ଏମାନଙ୍କ ପେଟରେ ଲାତ ମାରିଛନ୍ତି। ଆଗାମୀ ଦିନରେ ସରକାର ଏହାର ଦଶା ଭୋଗ କରିବେ। ଆସନ୍ତା ଫେବୃୟାରୀରେ ଅନୁଷ୍ଠିତ ହେବାକୁ ଥିବା ୟୁଟିୟୁସିର କେନ୍ଦ୍ରୀୟ ସମ୍ମିଳନୀ ପୂର୍ବରୁ ଏହା ଏକ ପ୍ରାକ ପ୍ରସ୍ତୁତି ବୋଲି କହିଥିଲେ ମଞ୍ଚାସୀନ ନେତୃମଣ୍ଡଳୀ। ଆଗାମୀ ଦିନରେ ନିର୍ମାଣ ଶ୍ରମିକଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରାଗଲେ ୟୁନିୟନ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ । ପରିଣତି ପାଇଁ ସରକାର ଦାୟୀ ରହିବେ ବୋଲି ଉପସ୍ଥିତ ଶ୍ରମିକ ନେତା କହିଥିଲେ। କାର୍ଯ୍ୟକ୍ରମରେ ଗୁରୁମୋହନ ସିଂ, ନୃପମଣି ମାଝି, ସୁଶୀଲ ବାରିକ, ଦମୟନ୍ତୀ ମହାନ୍ତ, ସୁନୀତା ତିର୍କୀ, ସୁଶାନ୍ତ ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ

ରାଉରକେଲା ଅଫିସ, ୨୨।୯

ରାଉରକେଲା ଇସ୍ପାତ୍ କାରଖାନା ସିଏସ୍‌ଆର୍ ବିଭାଗ ଦ୍ୱାରା ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ୨୦୧୮-୧୯ ଗତ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ନୂଆଗାଁ, ବିଶ୍ରା, କୁଆଁରମୁଣ୍ଡା ଓ ଲାଠିକଟା ବ୍ଲକର ୧୨୮ଟି ଦଳ ଭାଗନେଇଥିଲେ। ଏହାର ଫାଇନାଲ ମ୍ୟାଚ୍ ସ୍ଥାନୀୟ ଇସ୍ପାତ୍ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍.ଏସ୍. କ୍ଲବ ଟିମଜୋର ଓ ଲାଠିକଟା ଏଫ୍‌ସି ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଟିମଜୋର ଦଳ ୧-୦ ଗୋଲରେ ବିଜୟୀ ହୋଇ ଚମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୧୦ହଜାର ଟଙ୍କା ଓ ଟ୍ରଫି ଏବଂ ଉପବିଜେତା ଦଳକୁ ୮ହଜାର ଟଙ୍କା ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହାସହ ଏହି ପ୍ରତିଯୋଗିତାରେ




ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟର ବିଜେତା ଦଳ ସହ ଆର୍‌ଏସ୍‌ପି ସିଇଓ ଓ ଅନ୍ୟ ଅଧିକାରୀମାନେ।

ଅଂଶଗ୍ରହଣ କରିଥିବା ଖେଳାଳୀମାନେ ଆଗାମୀ ଦିନରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ଗୌରବ ଆଣିବେ ବୋଲି ଚଟ୍ଟରାଜ କହିଥିଲେ।

ଅନୁଷ୍ଠିତ ଉତ୍ସବରେ କାର୍ଯ୍ୟବିଭାଗର ଇଡି. ଗୌତମ ବାନାର୍ଜୀ, ପ୍ରକଳ୍ପ ବିଭାଗର ଅତନୁ ଭୌମିକ, ଅର୍ଥ ବିଭାଗର ପି. ନିଗମ, ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ଏ.କେ. ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୨-୧୩ ମସିହାରୁ ସିଏସ୍‌ଆର୍ ବିଭାଗ ଦ୍ୱାରା କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମର ଯୁବପିଢ଼ିଙ୍କ ପାଇଁ ସମ୍ବର୍ଦ୍ଧନ ବ୍ୟାନରରେ ଏଭଳି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ ବ୍ଲକରେ ଅନୁଷ୍ଠିତ ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟର ଶ୍ରେଷ୍ଠ ୨ଟି ଦଳ ଫାଇନାଲ ପର୍ଯ୍ୟାୟରେ ଭାଗନେଇଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ସହାୟତା କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ମ୍ୟାଚ ଅଫିସିଆଲଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

### ଟିମଜୋର ଦଳ ଚମ୍ପିୟନ

ଏହାସହ କେମଙ୍ଗର ଅଜୟ ସମାସୀ ଶ୍ରେଷ୍ଠ ଗୋଲ ସ୍କୋରର, ଟିମଜୋର ଆର୍‌ଏସ୍ କ୍ଲବର ରାକେଶ ଏକ୍କା ଶ୍ରେଷ୍ଠ ଡିଫେଣ୍ଡର ଓ ଲାଠିକଟାର ଶିବା ଏକ୍କା ଶ୍ରେଷ୍ଠ ଗୋଲକିପର ପୁରସ୍କାର ଲାଭ କରିଥିଲେ। ଟିମଜୋର ଦଳର କ୍ରୀଷ୍ଟା ଏକ୍କାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ସେମାନଙ୍କୁ ପୁରସ୍କାର ବାବଦରେ ୫ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସିଏସ୍‌ଆର୍ ବିଭାଗର ଏଜିଏମ୍ ମୁନମୁନ ମିତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡିଜିଏମ୍ ଏମ୍.ଭି. ଆପ୍ପାରାଓ ଧନ୍ୟବାଦ ଅର୍ପଣ କରିଥିଲେ ।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ୪ ବନ କର୍ମଚାରୀ ନିଲମ୍ବିତ

ପାଇକମାଳ,୨୨।୯(ଡି.ଏନ.ଏ) ବରଗଡ଼ ଜିଲା ନୃସିଂହନାଥ ଫରେଷ୍ଟ ରେଞ୍ଜ ଅଧୀନରେ କାମ କରୁଥିବା ୪ ବନ କର୍ମଚାରୀ ନିଲମ୍ବିତ ହୋଇଥିବା ସୂଚନା ମିଳିଛି । ନିଲମ୍ବିତ ବନ କର୍ମଚାରୀମାନେ ହେଲେ ପାରା ୱାଚର ଅନିରୁଦ୍ଧ ସେଠ, ଅବିନାଶ ପଟ୍ଟନାୟକ, ପ୍ରଦୀପ ସାହୁ ଏବଂ ପାରସ ଦାଶ । ଉପରୋକ୍ତ ବନ କର୍ମଚାରୀମାନେ ଗତ ଅଗଷ୍ଟ ୧୧ତାରିଖରୁ ଡେପୁଟେଶନରେ ପାଇକମାଳ ରେଞ୍ଜ୍‌ରୁ ନୃସିଂହନାଥ ରେଞ୍ଜକୁ ଆସୁଥିଲେ। ସେମାନେ ରେଞ୍ଜର ମହେଶ କୁମାର ଦାନୀ ଓ ଫରେଷ୍ଟର ଚକାନନ୍ଦ ବରିହା ଅଧୀନରେ କାମ କରୁଥିଲେ । ତେବେ ସେମାନେ ଠିକ୍ ଭାବେ କାମ କରୁ ନ ଥିବା ଯୋଗୁ ଗତ ୧୮ତାରିଖରୁ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି ଫରେଷ୍ଟର ବରିହା କହିଛନ୍ତି ।

### ମହିଳାଙ୍କ ଦଗ୍ଧ ଶବ ଉଦ୍ଧାର

**ପାଇକମାଳ,୨୨।୯(ଡି.ଏନ.ଏ)-** ବରଗଡ଼ ଜିଲା ପାଇକମାଳ ଥାନା ପୋଲିସ ରବିବାର ଜଣେ ମହିଳାଙ୍କ ଦଗ୍ଧ ଶବକୁ ସେ ରହୁଥିବା ଘର ଭିତରୁ ଉଦ୍ଧାର କରିଛି । ମୃତ ମହିଳା ଜଣକ ଉକ୍ତ ଗ୍ରାମର ସୁଦର୍ଶନ ପହରିଆଙ୍କ ପ୍ରଥମ ସ୍ତ୍ରୀ ବାସନ୍ତୀ(୫୦) ବୋଲି ଜଣାପଡ଼ିଛି । ଶବକୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ଏହା ସହିତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଛାନଭିନ ଚଳାଇଥିଲେ। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୧୭୨/୧୯) ରୁଜୁ ହୋଇ ଥିବାବେଳେ ପୋଲିସ ବାସନ୍ତୀଙ୍କ ସ୍ୱାମୀ ସୁଦର୍ଶନ ଏବଂ ସଉତୁଣୀ ଲକ୍ଷ୍ମୀଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି । ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁ ଘଟଣାସ୍ଥଳ ପରିଦର୍ଶନ କରିଥିଲେ।

### ଜିଆଖତ ତାଲିମ ଶିବିର

**ଭବାନୀପାଟଣା,୨୨।୯ (ଡି.ଏନ୍.ଏ.)-** କଳାହାଣ୍ଡି ଜିଲା ଆଦିବାସୀ ଅଧୁଷିତ ଥୁଆମୂଳ ରାମପୁର ବ୍ଲକର ଡୁମେରପଦର ଏବଂ ଅତ୍ରି ପଞ୍ଚାୟତ ଟାଙ୍ଗରୀ ଗ୍ରାମରେ ଜିଆଖତ ପ୍ରସ୍ତୁତି ଓ କନ୍ଦ ଜାତୀୟ ଫସଲ ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଜିଲା ପରିଷଦ ସଦସ୍ୟ ମୁରଲୀଧର ନାଏକ ମୁଖ୍ୟଅତିଥି ଭାବ୨ରେ ଯୋଗଦେଇ ଶିବିର ଉଦ୍‌ଘାଟନ କରି ଚାଷୀଙ୍କୁ ଉଦ୍‌ବୋଧନ କରିଥିଲେ। ଅନ୍ତୋଦୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସରକାରୀ ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇବା ସହ ଏହାର ଲାଭ ଉଠାଇବାକୁ କହିଥିଲେ। ୧୦ ଦିନ ଧରି ହେବାକୁ ଥିବା ତାଲିମ ଶିବିରରେ ସେଞ୍ଚୁରିଆନ କୃଷି ମହାବିଦ୍ୟାଳୟର ଛାତ୍ରମାନେ ଚାଷୀଙ୍କୁ ଜିଆଖତ, ହାଣ୍ଡିଖତ, ଆଜୋଲା ପ୍ରୟୋଗ, ସବୁଜ ସାର, କମ୍ପୋଷ୍ଟ ପ୍ରସ୍ତୁତି ବିଷୟରେ ତାଲିମ ଦେବା ସହିତ ଫସଲରେ ରୋଗପୋକ ନିୟନ୍ତ୍ରଣ ତଥା ବିହନ ବିଶୋଧନ ପାଇଁ ଜୈବିକ ପଦ୍ଧତି ସମ୍ପର୍କରେ ତାଲିମ ପ୍ରଦାନ କରୁଛନ୍ତି। କାର୍ଯ୍ୟକ୍ରମକୁ ରବିନାରାୟଣ ସିଂ, ରାଜକିଶୋର ଦଣ୍ଡସେନା, ବିଣାକାର ନାଏକ ପ୍ରମୁଖ ପରିଚାଳନା କରିଥିଲେ।

ପଞ୍ଚାୟତିରାଜ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବଣାଇ ଉପଖଣ୍ଡ ଅଞ୍ଚଳ ଗସ୍ତ

# ବଣାଇକୁ ଏନ୍‌ଏସି ମାନ୍ୟତା ମିଳିବ

**ବଣାଇ/ଲହୁଣୀପଡ଼ା, ୨୨।୯ (ସ୍ୱ.ପ୍ର./ଡ଼ି.ଏନ.ଏ.)**

ରାଜ୍ୟ ପଞ୍ଚାୟତିରାଜ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବଣାଇ ଅଞ୍ଚଳକୁ ରବିବାର ମାରାଥନ ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ୨୦ଲକ୍ଷ ଟଙ୍କାରେ ନବନିର୍ମିତ ୫ଟି ଶୀତତାପ ନିୟନ୍ତ୍ରିତ କୋଠରୀର ଉଦ୍‌ଘାଟନ କରିଥିଲେ। ପରେ ଗୁରୁଣ୍ଡିଆ ବ୍ଲକର ନରେନ୍ଦ୍ର ଠାରେ ୫ଲକ୍ଷ ଟଙ୍କାରେ ନିର୍ମିତ ମିଶନ ଶକ୍ତି ଗୃହକୁ ଉଦଘାଟନ କରିଥିଲେ। ଏହା ପରେ ବାବା ବାଣେଶ୍ୱର ମନ୍ଦିର ପରିସରରେ ଆମ ଗାଁ ଆମ ବିକାଶ ଯୋଜନାରେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଷ୍ଠୀ କେନ୍ଦ୍ର, ବଣାଇଁଗଡ଼ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ନିକଟରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମିଶନ ଶକ୍ତି, ଲହୁଣୀପଡା ବ୍ଲକର ନୂଆଡିହି, ଲହୁଣୀପଡା ଓ ରଜାମୁଣ୍ଡାଠାରେ ନବ ନିର୍ମିତ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଥିଲେ। ଏହା ପରେ ସ୍ଥାନୀୟ ବଣାଇ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ଅନ୍ତେବାସୀ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଚିକିତ୍ସା କେନ୍ଦ୍ରର ବିଭିନ୍ନ ଅଭାବ ଅସୁବିଧା ଉପରେ ବୁଝିଥିଲେ। ଏଥିରେ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଖୁବଶୀଘ୍ର ଏଠାରେ ଶହେ ଶଯ୍ୟା ବିଶିଷ୍ଟ ଗୃହ ନିର୍ମାଣ କରାଯିବ। ଏହା ସହିତ ଜିଲା ଖଣିଜ ପାଣ୍ଠିରୁ ୪ଜଣ ଡାକ୍ତର ନିଯୁକ୍ତି ଦିଆଯାଇଥିବା ବେଳେ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନ୍ୟ ଡାକ୍ତର ନିଯୁକ୍ତି ଦିଆଯିବ ବୋଲି



ମନ୍ତ୍ରୀ ପ୍ରତାପ ଜେନା ଏକ ଉନ୍ନୟନ କାର୍ଯ୍ୟକୁ ଫିତାକାଟି ଉଦ୍‌ଘାଟନ କରୁଛନ୍ତି।

- ଲୋକଙ୍କ ସମସ୍ୟା ଶୁଣିଲେ
- ୨୦୨୦ ସୁଦ୍ଧା ପ୍ରତ୍ୟେକ ଘରକୁ ପାନୀୟ ଜଳ

ପ୍ରତିଶ୍ରୁତି ଦେଇଥିଲେ। ବଣାଇକୁ ଖୁବଶୀଘ୍ର ବିଜ୍ଞାପିତ ଅଞ୍ଚଳ (ଏନ୍‌ଏସି) ମାନ୍ୟତା ଦିଆଯାଇ ବଣାଇକୁ ଘୋଷିତ ତାଲିକାରେ ଶୀର୍ଷ ସ୍ଥାନରେ ରଖାଯାଇଥିବା କହିଥିଲେ। ସେହିପରି ସୁନ୍ଦରଗଡ଼ ଜିଲାରେ ପ୍ରତ୍ୟେକ ଘରକୁ ଆସନ୍ତା ୨୦୨୦ ମସିହା ସୁଦ୍ଧା ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି। ଯାହାକି ଓଡିଶାର ପ୍ରଥମ ଜିଲାଭାବେ ସୁନ୍ଦରଗଡ଼ ବିବେଚିତ ହେବ ବୋଲି ସିଦ୍ଧାନ୍ତ ନିଆଯାଇଛି। ସେହିପରି ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ସ୍ଥାନୀୟ ଜନସାଧାରଣ ଏବଂ ଦଳୀୟ କର୍ମୀଙ୍କ ବିଭିନ୍ନ ଅଭାବ ଅସୁବିଧା ସମସ୍ୟା ଉପରେ ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ବଣାଇଁ ଓକିଲ ସଂଘ ପକ୍ଷରୁ ପଞ୍ଚାୟତ ସ୍ତରୀୟ ମଧୁବାବୁ ଆଇନ ସହାୟକ ନିଯୁକ୍ତି ଉପରେ ମନ୍ତ୍ରୀଙ୍କ ଦାବି ଜଣାଇଥିଲେ। ମନ୍ତ୍ରୀ ସଙ୍ଗେସଙ୍ଗେ ସେଠାରେ ଉପସ୍ଥିତ ଥିବା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କୁ ଡାକି ତୁରନ୍ତ ଏହାର କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଞ୍ଚାୟତରାଜ ବିଭାଗର ନିର୍ବାଚିତ ଲୋକପ୍ରତିନିଧିଙ୍କର ପାଉଣା ବୃଦ୍ଧି ଆସନ୍ତା ପଞ୍ଚାୟତ ରାଜ ଦିବସ ଠାରୁ ଦିଆଯିବ ବୋଲି କହିଥିଲେ। ସେହିପରି ବଣାଇଁଗଡ଼ ସହରରେ ଷ୍ଟ୍ରିଟ ଲାଇଟ ଆସନ୍ତା ଦଶହରା ପର୍ବ ଆରମ୍ଭରୁ ଲଗାଯିବ ବୋଲି ବଣାଇ ଉପଜିଲାପାଳ ମନ୍ତ୍ରୀଙ୍କୁ କହିଥିଲେ। ମନ୍ତ୍ରୀ ଜେନା ଖଣ୍ଡାଧାର ଜଳ ପ୍ରପାତ ପରିଦର୍ଶନ କରି ସେଠାରେ ନିଯୁକ୍ତ ପାଇଥିବା ଯୁବଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଉରକେଲା ବିଧାୟକ ତଥା ଜିଲା ଯୋଜାନା ବୋର୍ଡର ଅଧକ୍ଷ ସାରଦା ନାୟକ, ବିଜେଡି ଜିଲା ସଭାପତି ମଙ୍ଗଳା କିସାନ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ, ଜିଲା ପରିଷଦ ଅଧକ୍ଷ ଏମା ଏକ୍କା, ବିଧାୟକ ପ୍ରାର୍ଥୀ ରିତ କିସାନ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ବିଜୁ ଶ୍ରମିକ ସାମୁଖ୍ୟର ଜିଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଡଲି ଦାସ, ମମତା ପାତ୍ର, କେଦାର ମହାନ୍ତ, ଲକ୍ଷ୍ମୀ କିସାନ, କୌଶଲ୍ୟା କିସାନ, ବଣାଇଁଗଡ଼ ବ୍ଲକ ଅଧକ୍ଷ ମୁଲତା କିସାନ, ବିଜେଡି ମୁଖପାତ୍ର ସୁନ୍ଦରମଣି ପ୍ରଧାନ, ବ୍ଲକ ସଭାପତି ଭରତ କୁମୁରା, ରଘୁନାଥ ସାହୁ, କୁମାର ଗୌତମ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଲହୁଣୀପଡ଼ାରେ ସ୍ଥାନୀୟ ବ୍ଲକ କର୍ମଚାରୀ ସମେତ ପ୍ୟାରା ବାର୍ଲା, ଭୁବନେଶ୍ୱର ବେଦେରା, ଉତ୍ତମ କିସାନ, ଉମେଶ ରାୟ, ବଟକୃଷ୍ଣ ମାହାନ୍ତ, ଟୁକୁ ଜୟସ୍ୱାଲ, ସନ୍ତୋଷ ରାୟ,କାହ୍ନୁର କିସାନ, ଅଶୋକ ବେହେରା, ପଙ୍କଜ ଦାସ, ସୁରେଶ କୁମ୍ଭାର, ତ୍ରିଲୋଚନ ମାଝୀ, ବଟ ଦଳେଇ, ଗଙ୍ଗା ମାହାନ୍ତ, ରଣଜିତ ପାତ୍ର, ବିଭୂତିଭୂଷଣ କର, ରମେଶ ସ୍ୱାଇଁ, ରମେଶ ନାୟକ, ଗୁରୁଚରଣ ସ୍ୱାଇଁ, ଅମ୍ରେନ ଭାରୀତ, ଦୌପଦୀ କିସାନ, ଇନ୍ଦିରା ବୋଡ଼ା, ଅରୁଣା ସାହୁ, ବାସୁ ସାହୁ ପ୍ରମୁଖ ବହୁ ବିଜେଡି କର୍ମକର୍ତ୍ତା ସାମିଲ ଥିବା ଦେଖିବାକୁ ମିଳିଥିଲା।



ସୁନ୍ଦରଗଡ ସହରର ଇବ୍ ନଗରଠାରେ ମହିଳାମାନେ ବ୍ରତ ପାଳନ କରୁଛନ୍ତି।

## ମହିଳା ପାଳିଲେ ପୁଅ ଜିଉଁତିଆ ଓଷା

**ସୁନ୍ଦରଗଡ,୨୨।୯ (ଡି.ଏନ୍.ଏ)**

ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ତିଥିରେ ପାଳିତ ହୁଏ ପୁଅଜିଉଁତିଆ ଓଷା । ଏହି ଦିନ ଠାରୁ ମଧ୍ୟ ଦେବୀପୀଠମାନଙ୍କରେ ଆରମ୍ଭ ହୁଏ ଷୋଡଶ ପୂଜା। ପଶ୍ଚିମ ଓଡ଼ିଶାର ପୁରପଲ୍ଲୀଠାରୁ ନଗର ପର୍ଯ୍ୟନ୍ତ ସର୍ବତ୍ର ପାଳିତ ହୁଏ ଏହି ବ୍ରତ। ଏହି ଅବସରରେ ରବିବାର ସୁନ୍ଦରଗଡ ସହରରେ ଥିବା ବିଭିନ୍ନ ସ୍ଥାନରେ ବ୍ରତଧାରୀ ମହିଳାମାନେ ଏକତ୍ରିତ ହୋଇ ପୁତ୍ରର ମଙ୍ଗଳମନାସି ଏହି ବ୍ରତ ପାଳନ କରିଛନ୍ତି। ସନ୍ଧ୍ୟାରେ ମହିଳାମାନେ ଖଇ ଉଖୁଡା, କଦଳୀ ନଡିଆ ଦୁବ, ୨୧ପ୍ରକାର ଫଳ ଓ ପରିବା ଆଦିକୁ ନେଇ ପୂଜାସ୍ଥାନରେ ପହଞ୍ଚିଥିଲେ। ସେଠାରେ ଦୂତିବାହାନ ଦେବତାଙ୍କୁ ଆରାଧନା କରାଯାଇଥିଲା। ମାଆମାନେ ଉପବାସ ରହି ସନ୍ତାନଙ୍କ ମଙ୍ଗଳ ମନାସି ଥିଲେ। ସକାଳେ ପୂଜା କରାଯାଇଥିବା ୧୦୮ ଅକ୍ଷତ ଦୂବରେ ସନ୍ତାନମାନଙ୍କୁ ବନ୍ଦାପନା କରି ଏହି ବ୍ରତକୁ ସମାପନ କରିବେ।

## ଡୁମକଲା ବ୍ରାହ୍ମଣୀନଦୀରେ ସେତୁ ନିର୍ମାଣ ପାଇଁ ଦାବିପତ୍ର

**ବଣାଇ, ୨୨।୯ (ସ୍ୱ.ପ୍ର.)**

ବ୍ରାହ୍ମଣୀନଦୀର ଦେଓଗାଁ ଓ ଡୁମକଳା ମଧ୍ୟରେ ଏକ ସେତୁ ନିର୍ମାଣ ପାଇଁ ଦାବି ଯୋର ଧରିଥିବାବେଳେ ରବିବାର ସ୍ଥାନୀୟ ଜନସାଧାରଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଯୋଜାନାବୋର୍ଡର ଅଧକ୍ଷ ସାରଦା ପ୍ରସାଦ ନାୟକ ଏବଂ ଜିଲା ପରିଷଦ ସଭାପତି ଏମା ଏକ୍କା ବଣାଇଁ ପରିଦର୍ଶନ ସମୟରେ ତାଙ୍କୁ ସ୍ଥାନୀୟ ଜନସାଧାରଣ ପୂର୍ତ୍ତ ବିଭାଗ ଡାକାବଙ୍ଗଳାରେ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଠାରେ ରାଜା ରାଜୁଡା ଅମଳରୁ ୨୩ ନମ୍ବର ଜାତୀୟ ରାଜପଥରେ କାଠପୋଲ ନିର୍ମାଣ କରି ନଦୀପାର ହେଉଥିବା ବେଳେ ଏଠାରେ ସ୍ଥାୟୀଭାବେ ଏକ ସେତୁ ପୂର୍ତ୍ତ ବିଭାଗ ପକ୍ଷରୁ କରିବା ପାଇଁ ଦାବି କରାଯାଇଛି।

## ପଞ୍ଚାୟତିରାଜ, ଆଇନମନ୍ତ୍ରୀଙ୍କ ଗସ୍ତ ଅବସରରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ବେଦବ୍ୟାସ, ୨୨।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ ବିରକେଲା ଗ୍ରାମ ପଞ୍ଚାୟତ ସ୍ଥିତ ବିଭିନ୍ନ ପ୍ରକଳ୍ପକୁ ପଞ୍ଚାୟତରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ରବିବାର ଉଦଘାଟିତ କରିଛନ୍ତି । ରବିବାର ସକାଳ ପ୍ରାୟ ସାଢ଼େ ୮ଟାରେ ରାଉରକେଲା ହାଉସରୁ କାର ଯୋଗେ ବିରକେରାରେ ପହଞ୍ଚିଥିଲେ। ସେଠାରେ ପ୍ରଥମେ ବିରକେରା ଗ୍ରାମ ପଞ୍ଚାୟତ ପ୍ରାଙ୍ଗଣରେ ୧୦ ଲକ୍ଷ ବ୍ୟୟ ଅନୁଦାନରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ। ବିରକେରା ମିନି ଷ୍ଟାଡିୟମ ନିକଟରେ ଏକ ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତରର ଶୁଭ ଦେଇଥିଲେ। ନିକଟରେ ଥିବା ୧୫ ଲକ୍ଷ ବ୍ୟୟରେ ନିର୍ମିତ ଆଦିବାସୀ ସାଂସ୍କୃତିକ କେନ୍ଦ୍ରକୁ ଲୋକାର୍ପିତ କରିଥିଲେ। ସେହିପରି



ବାଜା ବଜାଇ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।

ବିରକେରା ପ୍ରାଥମିକ ଗୋଷ୍ଠୀ କେନ୍ଦ୍ରରେ ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମନ୍ତ୍ରୀ ଗୁରୁଣ୍ଡିଆ ଅଭିମୁଖେ ବାହାରିଥିଲେ । ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲାପରିଷଦ ସଭ୍ୟ ମନେଶ ନାଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇ ପ୍ରାୟ ୬୪ ୟୁନିଟ ରକ୍ତ ସଗୃହିତ ହୋଇଥିଲା।

### ଯୁବକଙ୍କୁ ଡାକିନେଇ ହତ୍ୟା ଆଶଙ୍କା

**ବଡ଼ଗାଁ, ୨୨।୯ (ଡି.ଏନ.ଏ)**

ବଡ଼ଗାଁ ଥାନା ଅନ୍ତର୍ଗତ ବେହେରାମାଲ ଗ୍ରାମରେ ରବିବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କୁ ଡାକିନେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନେ ଶୀଘ୍ର ଧରାପଡିବେ ବୋଲି ପୋଲିସ କହିଛି। ସୂଚନାନୁଯାୟୀ, ବେହେରାମାଲ ଗ୍ରାମର ଦହି କିଷାନ (୪୫)ଙ୍କୁ ଗ୍ରାମର କେତେଜଣ ବ୍ୟକ୍ତି କୌଣସି ଏକ ଚୋରି ଘଟଣାକୁ କେନ୍ଦ୍ର କରି ଡାକିଥିଲେ। ତାଙ୍କୁ ନେଇ ଗାଁ ନିକଟ ରାସ୍ତାରେ ବାଡିରେ ମାଡ ମାରିଥିଲେ। ତାଙ୍କ ଗୋଡରେ କ୍ଷତଚିହ୍ନ ହୋଇଛି। ଏନେଇ ପୋଲିସ ସ୍ପଷ୍ଟ କରି ନ ଥିଲେ ମଧ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

## ରାସ୍ତା ପାର୍ଶ୍ୱରେ ଚାରା ରୋପଣ କଲେ ଗ୍ରାମବାସୀ

**ବଡ଼ଗାଁ, ୨୨।୯ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଗ୍ରାମର ଚେମଠାପଡାରୁ ହନୁମାନ ମନ୍ଦିର ଓ ଖରିକାମୁଣ୍ଡା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଗ୍ରାମବାସୀ ନିମ୍ବ, କିରଞ୍ଜ, ଜାମୁ ଓ ଆମ୍ବ ବୃକ୍ଷଚାରା ରୋପଣ କରିଛନ୍ତି। ଇଂ. ଅଜେକ ପ୍ରଧାନଙ୍କ ପ୍ରଚେଷ୍ଟା ଓ ଗ୍ରାମବାସୀଙ୍କ ସହଯୋଗ, ଶ୍ରମଦାନରେ କାର୍ଯକ୍ରମ ହୋଇଥିଲା। ହୃଦାନନ୍ଦ, ଲଦରୋ, ସୁରତ, ରାମ, ବସନ୍ତ, ଶ୍ୟାମ, ସୁବଳ, କେଶବ, ବାବଲୁ, ବିଜୟ, ମଦନ, ରୀତା, ଲକ୍ଷ୍ମୀ, ଫଗନି, ଡୁଲେଶ୍ୱରୀ, କୁନି, ପ୍ରତିମା, ସରୋଜିନୀ, ଧନମତୀ, ରୁଦ୍ରାଣୀ ପ୍ରମୁଖ ଗ୍ରାମର ମହିଳା, ଯୁବତୀ, ଯୁବକ ୫ଶହ ବୃକ୍ଷ ଚାରା ରୋପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଇଂ. ପ୍ରଧାନ ଚାକିରୀରୁ ଅବସର ନେଲାପରେ ନିଜ ଗ୍ରାମ ଚେମଠାପଡାରେ ବୈଠକ କରି ସୁସ୍ଥ ପରିବେଶ ଗଠନ, ସାମ୍ପ୍ରତିକ ସମୟରେ ବୃକ୍ଷଚାରା ରୋପଣ ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଗ୍ରାମବାସୀ ମଧ ଉତ୍ସାହିତ ହୋଇ ପର୍ଯ୍ୟାବରଣ ଉପରେ କାମ କରିବାକୁ ଆଗେଇ ଆସିଥିଲେ। ଚଳିତବର୍ଷ ଗତମାସ ଚେମଠାପଡାର ଯୁବକମାନେ ମହାବୀର ପର୍ବତରେ ବିଜ ବପନ କରିଥିଲେ । ଇଂ. ପ୍ରଧାନ ବୀଜ ସଂଗ୍ରହ ଓ ଚାରା ପ୍ରସ୍ତୁତ କରାଇଥିଲେ ।



ଗ୍ରାମର ମହିଳା, ପୁରୁଷ ଚାରା ରୋପଣ ପାଇଁ ଯାଉଛନ୍ତି ।

## ପରିବା ଉତ୍ପାଦକ ମହିଳା ସମବାୟ ପ୍ରତିନିଧିଙ୍କ ଜିଲାସ୍ତରୀୟ ସମ୍ମିଳନୀ

**ଭବାନୀପାଟଣା,୨୨।୯(ଡି.ଏନ୍.ଏ.)**

କଳାହାଣ୍ଡି ଜିଲାରେ ପନିପରିବା ଚାଷକୁ ଏକ ଲାଭଜନକ ବୃତ୍ତି ଭାବେ ପ୍ରତିପାଦିତ କରିଥିବା ମହିଳା ସମବାୟ ପ୍ରତିନିଧିଙ୍କ ଜିଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଜିଲା ଅମଲା ଭବନରେ ଆୟୋଜନ ହୋଇଥିଲା। ବୈଠକରେ କଳାହାଣ୍ଡି ଜିଲାର ୧୬ଟି ସମବାୟ ସଂସ୍ଥାର ଶତାଧିକ ମହିଳା ପନିପରିବା ଚାଷୀ ଯୋଗଦେଇ ନିଜ ସଫଳତା ଏବଂ ଆପଣେଇ ଥିବା ଚାଷ ପଦ୍ଧତି ସମ୍ପର୍କରେ କହିଥିଲେ। ଭୁବନେଶ୍ୱର ମାଧମ ଫାଉଣ୍ଡେଶନ୍ ପକ୍ଷରୁ ପ୍ରାୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦାପ୍ତା, ପରିବର୍ତ୍ତନ, ମହାଶକ୍ତି ଫାଉଣ୍ଡେଶନ୍ ଓ ଲୋକ ଯୋଜନା ସହଯୋଗ କରିଥିଲା। ମହାଶକ୍ତି ଫାଉଣ୍ଡେଶନ୍ ସମ୍ପାଦକ ଯୋଗାନନ୍ଦ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମାଧମ ଫାଉଣ୍ଡେଶନ୍ କାର୍ଯ୍ୟକ୍ରମ ପରିଚାଳକ କାର୍ତ୍ତିକେୟ ପାଣିଗ୍ରାହୀ, ଭବାନୀପାଟଣା ଲିଡ୍ ବ୍ୟାଙ୍କ ଅଫିସର ବିଜୟ କୁମାର ନନ୍ଦ, ସମବାୟ ବିଭାଗ ସହକାରୀ ଉପନିବନ୍ଧକ ଅକ୍ଷୟ କୁମାର ଦାସ, କଳାହାଣ୍ଡି ଡିଏସ୍‌ଏମ୍‌ଏସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଜର୍ଜ କେରକେଟା, ଜିଲା ଯୋଜନା ଓ ସମନ୍ୱୟ ବିଭାଗ ଅଧିକାରୀ କୁମୁଦିନୀ ମିଶ୍ର, ଭବାନୀପାଟଣା ଉଦ୍ୟାନ ବିଭାଗ ପ୍ରତିନିଧି ବସନ୍ତ ମଞ୍ଜରୀ ପଣ୍ଡା, ଦାପ୍ତା ସଂସ୍ଥାର ମୁଖ୍ୟ ରାଜୁ ଶର୍ମା, ଲୋକଯୋଜନା ମୁଖ୍ୟ ଯଯାତି ମୁଣ୍ଡ ପ୍ରମୁକ ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ମହିଳା ଚାଷୀ ଏବଂ କର୍ମୀଙ୍କୁ ଉତ୍ସାହିତ କରିବା ନେଇ ଆଦର୍ଶ ଚାଷୀ, ଆଦର୍ଶ ସମବାୟ ନେତ୍ରୀ ଏବଂ ଆଦର୍ଶ ପ୍ରକଳ୍ପ କର୍ମୀଙ୍କୁ ପ୍ରମାଣ ପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। ମହିଳା ଚାଷୀଙ୍କ ସଶକ୍ତୀକରଣ, ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ କଳାହାଣ୍ଡି ଜିଲାରେ ପରିଚାଳିତ ପ୍ରକଳ୍ପକୁ ଜର୍ମାନୀର ଏୱୁଓ ଇଣ୍ଟର ନ୍ୟାସନାଲ ସଂସ୍ଥା ସହାୟତା ପ୍ରଦାନ କରୁଛନ୍ତି।

ଜିଲାସ୍ତରୀୟ ସ୍କୁଲ ସମୂହ ଖୋଖୋ ଚାମ୍ପିୟନଶିପ୍-୨୦୧୯

## ଅଂଶ ଗ୍ରହଣ କଲେ ୬୮ ଟିମ୍‌ର ୭୬୮ ପ୍ରତିଯୋଗୀ

**କୁଆଁରମୁଣ୍ଡା, ୨୨।୯ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାସ୍ତରୀୟ ସ୍କୁଲ ସମୂହ ଖୋଖୋ ଚାମ୍ପିୟନଶିପ୍-୨୦୧୯ ପ୍ରତିଯୋଗିତା ରବିବାର କୁଆଁରମୁଣ୍ଡା ବ୍ଲକର ସାଇ ଭ୍ୟାଲି ୱାର୍ଲ୍ଡ ସ୍କୁଲରେ ଉଦ୍‌ଘାଟିତ ହୋଇଯାଇଛି ।ଏଥିରେ ଜିଲାର ମୋଟ୍ ୬୮ଟି ଖୋଖୋ ଟିମ୍ ଅଂଶ ଗ୍ରହଣ କରିଛନ୍ତି। ୨ ଦିନିଆ ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ୧୭ଟି ଓ ବାଳକ ବିଭାଗରେ ୧୭ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ୧୭ଟି ଓ ବାଳକ ବିଭାଗରେ ୧୭ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଉଭୟ ୧୪ ବର୍ଷ ଓ ୧୭ ବର୍ଷରୁ କମ୍ ମୋଟ ୬୮ଟି ଟିମ୍ ପକ୍ଷରୁ କ୍ରୀଡା ଧ୍ୱଜ ଧରି ଖେଳ ପଡ଼ିଆରେ ମାର୍ଚ୍ଚ କରାଯାଇଥିଲା। ଏହା ପରେ ଉଦ୍‌ଘାଟନୀ ସମାରୋହ ଆରମ୍ଭ କରାଯାଇଥିଲା। ମାତ୍ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟାସୂଚୀ ଅନୁସାରେ ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ନାମ ଥିଲେ ମଧ୍ୟ କୌଣସି କାରଣରୁ ସେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇପାରି ନ ଥିଲେ। ଫଳରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଏହି କ୍ରିଡ଼ୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଉଦ୍‌ଘାଟନୀ ସମାରୋହ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଅନୁଷ୍ଠିତ ହୋଇଥିଲା। ଖରା ସତ୍ତ୍ୱେ ଉଭୟ ବାଳିକା ଓ ବାଳକ ବିଭାଗର ପ୍ରତିଯୋଗୀମାନେ କ୍ରୀଡା ପ୍ରଦର୍ଶନ କରିଥିଲେ। ଏହି ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ, ଗୁରୁଣ୍ଡିଆ ବ୍ଲକ ବିଇଓ ରବୀନ୍ଦ୍ର ମାଝି, ବଣାଇ ବିଇଓ ବିନୟ ପ୍ରକାଶ ସଏ, ସାଇଭ୍ୟାଲି ୱାର୍ଲ୍ଡ ସ୍କୁଲର ନିର୍ଦ୍ଦେଶକ ଗଣେଶ୍ୱର ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ରହି ଖୋଖୋ ପ୍ରତିଯୋଗିତାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। କୁଆଁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକ ଅଞ୍ଚଳର କ୍ରୀଡା ଶିକ୍ଷକ ବିପ୍ରଚରଣ ମହାପାତ୍ର, ଟିକେଶ୍ୱର ମହାନ୍ତ, କିଶୋର କୁମାର ସାହୁ, ମିତ୍ରଭାନୁ ଏକ୍କା, ଭରତ ସାହୁ, ବୈଦ୍ୟନାଥ ଜେନା, ଗଙ୍ଗାଧର ପଟେଲ, ପଞ୍ଚାନନ ଦାସ, ଶୀତଲ ସୋନା, ଦୁଷ୍ମନ୍ତ ମହାନ୍ତ, ମନୋରଞ୍ଜନ ବିଶ୍ୱାଳ, ସୁବାଷ ସାହୁ, ସୁରେନ୍ଦ୍ର ଲାକ୍ରା, ଖେଳ ଶିକ୍ଷୟିତ୍ରୀ ଅନିତା ମୁଣ୍ଡୁ, ଷଷ୍ଠୀ ନାଏକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି କ୍ରୀଡା ପରିଚାଳନା କରୁଛନ୍ତି। ମାତ୍ର ଏହି ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଦେଢ ଘଣ୍ଟା କାଳ ଖରାରେ ଛିଡା ହେବାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସେହିପରି ଜିଲାର ବିଭିନ୍ନ ବ୍ଲକରୁ ଛାତ୍ରୀଛାତ୍ରମାନଙ୍କୁ ଦାୟିତ୍ୱରେ ଆଣିଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ସ୍ଥାନୀୟ ଅଭିଭାବିକାଅଭିଭାବକଙ୍କ ବସିବା ପାଇଁ କୌଣସି ସୁବନ୍ଦୋବସ୍ତ ହୋଇ ନ ଥିବା ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା।




ଜିଲାସ୍ତରୀୟ ସ୍କୁଲ ସମୂହ ଖୋଖା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।



କୁସଂସ୍କାର ଶକ୍ତି ଏତେ ବେଶି ଯେ, ବିଜ୍ଞ ଲୋକ ବି ନିର୍ବୋଧଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ ହୁଅନ୍ତି।
- ଫ୍ରାନ୍‌ସିସ୍ ବାକନ୍



**ସଂକ୍ଷେପରେ**

## ୨୫ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ବେଲପାହାଡ଼,୨୨।୯ (ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୋଲିସ ବେଆଇନ ମଦ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ପ୍ରଧାନ ବୋଦରା(୩୮) ଓ ତାଙ୍କ ଘର ମୋହନପୁର ଗାଁରେ ବୋଲି ଜଣାପଡ଼ିଛି। ଗତ ଶନିବାର ଯୁବକ ଜଣକ ଓଡି୧୪ଏମ୍-୭୩୩୯ ନମ୍ବର ବିଶିଷ୍ଟ ଏକ ହିରୋହୋଣ୍ଡା ମୋଟରସାଇକେଲରେ ୨୫ ଲିଟର ଦେଶୀ ମଦ ଧରି ଯାଉଥିବା ବେଳେ ପୋଲିସ ତାଙ୍କୁ ଧଉଁରାମୁଣ୍ଡା ଗାଁ ଛକ ନିକଟରେ ଧରିଥିଲା। ପୋଲିସ ମଦ ଓ ମୋଟରସାଇକେଲକୁ ଜବତ କରିବା ସହ ଥାନା କେସ୍ (ନଂ ୧୬୦/୨୧।୯।୨୦୧୯)ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ୍ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଧାନ କିସମରେ ନୂତନ ପଦ୍ଧତି ଆଣିବ ସଫଳତା

ଭୁବନେଶ୍ୱର, ୨୨।୯(ବ୍ୟୁରୋ)




ଧାନଚାଷରେ ନୂତନ ପଦ୍ଧତି ଅବଲମ୍ବନ ଦ୍ୱାରା ହିଁ ବିଭିନ୍ନ କିସମ ଲାଗି ସଫଳତା ଆଣିପାରିବ। ଭାରତୀୟ କୃଷି ଗବେଷଣା ପରିଷଦ(ଆଇସିଏଆର୍)ର 'ଫାର୍ମର ଫାଷ୍ଟ ସ୍କିମ୍' ଦ୍ୱାରା ନିଆଯାଇଥିବା ପଦକ୍ଷେପ କୃଷକଙ୍କ ଉତ୍ପାଦନ ବଢ଼ାଇବାରେ ସହାୟକ ହୋଇପାରିଛି। ଏହାର ଜ୍ୱଳନ୍ତ ଉଦାହରଣ କଟକ ଜିଲାରେ ଦେଖିବାକୁ ମିଳିଛି। ସାଲେପୁର ବ୍ଲକ୍ ଅନ୍ତର୍ଗତ ସତ୍ୟଭାମାପୁର, ଲକ୍ଷ୍ମୀନାରାୟଣପୁର, ବିଶ୍ୱନାଥପୁର, ଗଣେଶ୍ୱରପୁର ସମେତ ୧୦ ଗ୍ରାମରେ ୨୫ରୁ ଅଧିକ ଅମଳକ୍ଷମ ଧାନ କିସମ ଦୀର୍ଘ ତିନିବର୍ଷ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଥିଲା। ସେହିପରି ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଚାଷୀଭିତ୍ତିକ କାର୍ଯ୍ୟକ୍ରମରେ ବଡ଼ମ୍ବା ନିକଟବର୍ତ୍ତୀ ମଙ୍ଗରାଜପୁର, ସୁନାପାଲି, ଗୋପପୁର, ଗମେଇ, ଦେଓଳୀ ଗ୍ରାମରେ ୧୨ କିସମର ଧାନ ବିହନ 'ମୋର ଗ୍ରାମ ଓ ମୋର ଗୌରବ' ସ୍କିମ୍ ମାଧ୍ୟମରେ ଯୋଗାଇ ଦିଆଯାଇଥିଲା। ଏହିସବୁ ଗ୍ରାମରେ ନୂତନ ବିହନ ସହିତ ଅନ୍ୟ ସମ୍ପ୍ରସାରଣ ପ୍ରଣାଳୀ ଓ କିସମ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କ ସହ ଆଲୋଚନା କରାଯାଇଥିଲା। ଅଭିନବ ସମ୍ପ୍ରସାରଣ ପଦ୍ଧତି ଦ୍ୱାରା ଚାଷୀଙ୍କୁ ପୁସ୍ତିକା ଯୋଗାଇଦେବା ସହ ମୋବାଇଲ୍ ଆପ୍ ଦ୍ୱାରା ଧାନଚାଷ ସମ୍ବନ୍ଧରେ ବୁଝାଇ ଦିଆଯାଇଥିଲା। ରେଡିଓ, ଟେଲିଭିଜନ, ଖବରକାଗଜ ମାଧ୍ୟମରେ ବିହନ କିସମଗୁଡ଼ିକର ପ୍ରଚାର ପ୍ରସାର କରାଯାଇଥିଲା।

ଏହି ପ୍ରଶିକ୍ଷଣ ବେଳେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ସାଲେପୁର ଅଞ୍ଚଳରେ ସମସ୍ତ ୨୫ କିସମ ମଧ୍ୟରୁ ୭ ଧାନ କିସମ ଆଖପାଖ ଅଞ୍ଚଳରେ ଆଦୃତ ହୋଇଛି। ସେଥିମଧ୍ୟରୁ ମଝିଆଳିଆ ଜମିରେ ମଉଡମଣି, ଖାଲ ଜମିରେ ପ୍ରଧାନ ଧାନ, ସିଆର ଧାନ ୫୦୭, ସିଆର ଧାନ ୫୦୮, ସିଆର ଧାନ ୫୦୦ ଏବଂ ଉଚ୍ଚ ଜମିରେ ସିଆର ଧାନ ୧୦୧ (ଅଙ୍କିତ୍), ସିଆର୍ ଧାନ ୨୦୩ ରହିଛି। ସେହିପରି ମଙ୍ଗରାଜପୁର ଅଞ୍ଚଳରୁ ଆରମ୍ଭ ହୋଇ ମଉଡ଼ମଣି, ସିଆର ଧାନ ୬୦୧, ଅଙ୍କିତ୍, ସିଆର ଧାନ ୫୦୦, ପ୍ରଶାନ୍ତ, ସିଆର ଧାନ ୨୦୨ ଇତ୍ୟାଦି ବଡ଼ମ୍ବା ଓ ଆଠଗଡ଼ ଅଞ୍ଚଳରେ ଅଧିକ ଅମଳକ୍ଷମ ହୋଇପାରିଛି।

ବଡମ୍ବାର ୫ ଗ୍ରାମରେ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ର ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଡ. ଶରତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ଧାନଗୁଡିକ ଚାଷୀଙ୍କୁ ଦିଆଯାଇଥିଲା। ସେହିଭଳି ସାଲେପୁର ଅଞ୍ଚଳରେ ଡ. ଲିପି ଦାସ, ସୁମନ୍ତ ମିଶ୍ର ଓ ଶରତ କୁମାର ପ୍ରଧାନଙ୍କ ଦ୍ୱାରା ସ୍କିମ୍‌ଗୁଡ଼ିକ ସୁଚାରୁରୂପେ ପରିଚାଳନା କରାଯାଇଥିଲା, ଯାହା ବର୍ତ୍ତମାନ ଧାନଚାଷ କ୍ଷେତ୍ରରେ ସଫଳ କାହାଣୀ ସୃଷ୍ଟି କରିପାରିଛି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।



ପଶ୍ଚିମ ଓଡ଼ିଶା ଟ୍ରାଫିକ୍ ସଚେତନତା ସଂସ୍ଥାକୁ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଟ୍ରଫି ପ୍ରଦାନ କରି ସମ୍ମାନିତ କରୁଛନ୍ତି। ଏଥିରେ ସଂସ୍ଥାର ସଂଯୋଜକ ପଦ୍ମଲୋଚନ ଭୋସାଗର, ସଦସ୍ୟା ସସ୍ମିତା ଭୋଇ, ସବିତା କଣ୍ଟା ପ୍ରମୁଖ ଉପସ୍ଥିତ ଥିଲେ।



ମା'ମାନେ ଏକତ୍ରିତ ହୋଇ ପୁଅ ଜିଉଁନ୍ତିଆ ପାଳନ କରୁଛନ୍ତି।

## କିର୍ମିରା ଅଞ୍ଚଳରେ ପୁଅ ଜିଉଁନ୍ତିଆ

କିର୍ମିରା, ୨୨।୯ (ଡି.ଏନ.ଏ)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅନ୍ତର୍ଗତ ଅର୍ଡ଼ା, କିର୍ମିରା, ବନ୍ଧପାଲି, ଗୌଡ଼ପାନପାଲି, ନକ୍ସାପାଲି, ଝାରମୁଣ୍ଡା, ଭୀମଯୋର ସମେତ ବିଭିନ୍ନ ଗ୍ରାମରେ ମା'ମାନେ ରବିବାର ପୁଅମାନଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ପୁଅ ଜିଉଁନ୍ତିଆ ଓଷା ପାଳନ କରିଛନ୍ତି। ମା'ମାନେ ଦିନସାରା ଉପବାସ ରହି ସନ୍ଧ୍ୟାରେ ଗାଁମାନଙ୍କର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ ହୋଇ ପୂଜା କରିଥିଲେ। ସୋମବାର ମା'ମାନେ ପାହାନ୍ତାରୁ ସ୍ନାନପୂର୍ବକ ସୂର୍ଯ୍ୟଙ୍କୁ ପୂଜାକରି ଘରେ କୁଳଦେବୀଙ୍କୁ ପୂଜା କରିବେ। ପରେ ଝିଅପୁଅଙ୍କୁ ଦୁବ ଚାଉଳରେ ବନ୍ଦାଣ କରିବେ। ଏଥିପାଇଁ ଯଥାଶକ୍ତି ମା'ବାପା ନିଜ ଝିଅପୁଅଙ୍କ ପାଇଁ ନୂତନ ବସ୍ତ୍ରର ବ୍ୟବସ୍ଥା କରିଥିବା ଦେଖାଯାଇଛି।



କଲ୍ୟାଣ ମଣ୍ଡପ ପରିସରରେ ସରପଞ୍ଚ ରାଜେନ୍ଦ୍ର ନାୟକ ଚାରାରୋପଣ କରୁଛନ୍ତି।

## ବିଜୁ ଯୁବ ବାହିନୀ ପକ୍ଷରୁ ସବୁଜ ବନାନୀ କାର୍ଯ୍ୟକ୍ରମ

ଲଖନପୁର,୨୨।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ୍ୱର ବିଶ୍ୱାଳ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ବାବୁଲ ଷଣ୍ଢ, ବିଜୁ ଯୁବ ବାହିନୀ ସଭାପତି ପଦ୍ମଲୋଚନ ସା, ସମ୍ପାଦକ ବୀରେନ୍ଦ୍ର ଭଇଁସାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସବୁଜ ବନାନୀ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସାପଡ଼ା କଲ୍ୟାଣ ମଣ୍ଡପ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଏହାର ରକ୍ଷଣାବେକ୍ଷଣ ଦିଗରେ ଧ୍ୟାନଦେବା ପାଇଁ ସରପଞ୍ଚ ନାୟକ ଯୁବ ବାହିନୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବାବୁଲୁ ସାହୁ, ପଞ୍ଚାନନ ସାହୁ, ରୋହନ ସିଂହ, ରମେଶ ନେଟୀ, ଦୀପକ ସେଠ୍, ଅଜୟ ଧୁରୁଆ, ତପନ ସେଠ୍, କ୍ଷୀରୋଦ କଉଡ଼ି ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମାଲିମୁଣ୍ଡାରେ ଚାରାରୋପଣ

କିର୍ମିରା, ୨୨।୯ (ଡି.ଏନ୍.ଏ.)

ଝାରସୁଗୁଡ଼ାର ୧୨ ନଂ ୱାର୍ଡ ମାଲିମୁଣ୍ଡାଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସିଏଫ୍ ପ୍ରଦୀପ ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସେହିଭଳି ଫରେଷ୍ଟର ଆଇ.ସି. ନାଥ, ୟୁ.କେ. ସାହୁ, ଫରେଷ୍ଟ ଗାର୍ଡ ପ୍ରଦୀପ ନାଏକ, ପୂର୍ବତନ କାଉନ୍‌ସିଲର ସନ୍ନ୍ୟାସୀ ବାଗ, ଯୁବ ବାହିନୀ ସଭାପତି ବିଦେଶୀ କିଷାନ, ଏସଏଚ୍‌ଜି ଗ୍ରୁପ ମହିଳାମାନେ ସହଯୋଗ କରିଥିଲେ।

# ୨୪ରେ ଗୁରୁନାନକଙ୍କ ଜୟନ୍ତୀ ଶୋଭାଯାତ୍ରା

ବେଲପାହାଡ଼,୨୨।୯ (ଡି.ଏନ୍.ଏ.)

ଶିଖ୍‌ଧର୍ମଗୁରୁ ଶ୍ରୀଗୁରୁନାନକଜୀଙ୍କ ୫୫୦ ତମ ଜୟନ୍ତୀ ଅବସରରେ ରବିବାର ସନ୍ଧ୍ୟାରେ ସମ୍ବଲପୁରରୁ ଏକ ଐତିହାସିକ ଶୋଭାଯାତ୍ରା ବାହାରିବ। ଉକ୍ତ ଶୋଭାଯାତ୍ରା ଝାରସୁଗୁଡ଼ା ଓ ବ୍ରଜରାଜନଗର ସହର ଅତିକ୍ରମ କରି ଆସନ୍ତା ମଙ୍ଗଳବାର ଅପରାହ୍ନରେ ବେଲପାହାଡ଼ ପୌରାଞ୍ଚଳ କାର୍ଯ୍ୟାଳୟ ନିକଟରେ ପହଞ୍ଚିବ। ଶୋଭାଯାତ୍ରାକୁ ଶିଖ୍ ସମାଜ ଓ ଅନ୍ୟାନ୍ୟ ସମାଜ ପକ୍ଷରୁ ସ୍ୱାଗତ କରାଯିବାର କାର୍ଯ୍ୟକ୍ରମ ରହିଛି। ପରେ ଗୁରୁଦ୍ୱାରାଠାରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରିବ। ଶୋଭାଯାତ୍ରାରେ ଗୁରୁନାନକଦେବଜୀଙ୍କ ଜୀବନ ଚିତ୍ର ପ୍ରଦର୍ଶିତ ହେଉଥିବା ୧୦ଟି ଟ୍ରକ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ଆସନ୍ତା ନଭେମ୍ବର ୧୨ ତାରିଖରେ ଗୁରୁଦ୍ୱାରା ପ୍ରବନ୍ଧକ କମିଟି ପକ୍ଷରୁ ଦେଶବ୍ୟାପୀ ଶ୍ରୀଗୁରୁନାନକଦେବଜୀଙ୍କ ୫୫୦ତମ ଜୟନ୍ତୀ ତଥା ପ୍ରକାଶ ଉତ୍ସବ ପାଳନ ହେବାକୁ ଯାଉଛି। ଏହି ଐତିହାସିକ ଦିବସ ପୂର୍ବରୁ ବିଶ୍ୱରେ ଭ୍ରାତୃଭାବ ପ୍ରତିଷ୍ଠା ପାଇଁ ଶୋଭାଯାତ୍ରାର ଆୟୋଜନ କରାଯାଇଛି ବୋଲି ବେଲପାହାଡ଼ରେ ଗତ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗୁରୁଦ୍ୱାରା କମିଟି ସଭାପତି ଅମ୍ରିକ ସିଂ ପ୍ରକାଶ କରିଛନ୍ତି। ଶୋଭାଯାତ୍ରା ୨୨ ସେପ୍ଟେମ୍ବରରୁ ସମ୍ବଲପୁରରୁ ଆରମ୍ଭ ହୋଇ ଝାରସୁଗୁଡ଼ା ଓ ଛତିଶଗଡ଼ର ବିଭିନ୍ନ ସହର ପରିକ୍ରମା କରିବ। ପରେ ଅକ୍ଟୋବର ୨ ତାରିଖରେ ବସନା, ସରାଇପାଲି ଓ ବରଗଡ଼ ସହର ଅତିକ୍ରମ କରି ବୁର୍ଲାରେ ପହଞ୍ଚିବ ବୋଲି ସୂଚନା ଦିଆଯାଇଛି।

## ଯୁବ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

ଲଖନପୁର,୨୨।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଯୁବ ସଂଗଠନ ତରଫରୁ କଦମ୍ବଡ଼ିହି ମହାତ୍ମା ଗାନ୍ଧୀ ହାଇସ୍କୁଲ ପରିସରରେ ରବିବାର ଏକ ରକ୍ତଦାନ ଶିବିର ସହ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱେଚ୍ଛାକୃତଭାବେ ସ୍ଥାନୀୟ ଅଞ୍ଚଳର ସଂଗଠନଗୁଡ଼ିକର ସଦସ୍ୟମାନେ ରକ୍ତଦାନ କରିଥିଲେ। ଏହି ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆୟୋଜକ ସଂଗଠନ ତରଫରୁ ରକ୍ତଦାତାମାନଙ୍କୁ ଫଳ, ମିଠା ଆଦି ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସଂଗଠନର ମୁଖ୍ୟ ଡାକ୍ତର ଗିରିଶ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରସନ୍ନ ପଟେଲ, ଉତ୍ତମ ନେଗୀ, ସୁରେଶ ବେହେରା, ମହେନ୍ଦ୍ର ସାଏ, ରମେଶ ନାୟକ, ସୁରେଶ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାକୁ ସଂଗଠନର ସଦସ୍ୟ ସୁକୁମାର ପୁରୋହିତ ପରିଚାଳନା କରିଥିଲେ। ସଂଗଠନର ମୁଖ୍ୟ ଡାକ୍ତର ରାଉତ କହିଥିଲେ ରକ୍ତଦାନ ଏକ ମହତ୍ ଦାନ। ପୂର୍ବରୁ ରକ୍ତ ଅଭାବରୁ ରୋଗୀମାନେ ମୃତ୍ୟୁମୁଖରେ ପଡୁଥିଲେ। ଏବେ ଲୋକେ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରୁଥିବାରୁ ରକ୍ତ ଅଭାବଜନିତ ମୃତ୍ୟୁକୁ ଅନେକାଂଶରେ ରୋକାଯାଇପାରିଛି। ଲୋକଙ୍କ ମଧ୍ୟରେ ସଚେତନତା ପାଇଁ ଆଜି ଏହା ସମ୍ଭବ ହୋଇପାରିଛି ବୋଲି ଡାକ୍ତର ରାଉତ କହିଥିଲେ। ଏଥିରେ ଜିଲା ରେଡ୍‌କ୍ରସ୍‌ର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ଅବସରରେ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ, ଆଲୋକୀକରଣ ଆଦି ମୌଳିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏନେଇ ସଂଗଠନ ତରଫରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସଂଗଠନର ସଦସ୍ୟ କୁନ୍ଦନ ସିଂହଦେଓ, ସମ୍ରାଟ ବିଶ୍ୱାଳ, ନିମାଇଁ ସାହୁ, ପ୍ରମୋଦ ବିଶି, ବିକାଶ ପଣ୍ଡା, ମାନସ ବେହେରା, ରମେଶ ସାହୁ, ତ୍ରିନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ସଂଗଠନର ଜଣେ ସଦସ୍ୟ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି।



ଶିକ୍ଷକଙ୍କ ଗହଣରେ ଝାରସୁଗୁଡ଼ା ଜିଲାସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

## ଜିଲାସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ

କିର୍ମିରା, ୨୨।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲାସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ଅର୍ଡ଼ାସ୍ଥିତ ଆଦିବାସୀ ହରିଜନ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମୂହ କ୍ରୀଡ଼ା ସଂଗଠନ ଦ୍ୱାରା ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଜିଲା ଶାରୀରିକ କ୍ରୀଡ଼ା ଅଧିକାରୀ ଡମ୍ବରୁଧର ପୂଜାରୀ ଉଦ୍‌ଘାଟନ କରିଥିଲେ। ଏଥିରେ ଶାରୀରିକ ଶିକ୍ଷା ଶିକ୍ଷକ ସୁରେଶ ଚନ୍ଦ୍ର ନାଏକ, ଶିକ୍ଷକ ପ୍ରଦୀପ କୁଲୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ କିର୍ମିରା, କୋଲାବିରା, ଲଇକେରା, ଲଖନପୁର ଓ ଝାରସୁଗୁଡ଼ା ବ୍ଲକରୁ ୯୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ନୟାଗଡ଼ରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। କ୍ରୀଡ଼ା ସଂଘ ସମ୍ପାଦକ ପ୍ରଦୀପ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ, କ୍ରୀଡା ଶିକ୍ଷକ ନିର୍ମଳ ସାହୁ ସହଯୋଗ କରିଥିଲେ। ଲୋଚନା କଣ୍ଡରା, ତାରଜନ ବିଶ୍ୱାଳ, ରାଜୀବ ବାଗ, ସୁଶାନ୍ତ ଝାଙ୍କର, ଜୀବର୍ଦ୍ଧନ ରାଉତ, ଟଙ୍କଧର ମଲ୍ଲିକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ହାତୀ ଉପଦ୍ରବରେ ଫସଲ ନଷ୍ଟ

କିର୍ମିରା, ୨୨।୯ (ଡି.ଏନ୍.ଏ.)

କିର୍ମିରା ବ୍ଲକ ବାଗଡ଼ିହି ବନ ବିଭାଗ ଅନ୍ତର୍ଗତ କାଦୋବାହାଲ ଗ୍ରାମରେ ହାତୀ ଉପଦ୍ରବରେ ଅନେକ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ୨ରୁ ୩ ଦିନ ହେବ ୪ଟି ଦନ୍ତା ହାତୀ ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ରହି ଧାନ ଫସଲ ଖାଇବା ସହ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ହାତୀ ଉପଦ୍ରବରେ ଗ୍ରାମର ଚିତ୍ରଞ୍ଜୟ ସା, ସନାତନ ଭଏଁସା, ନେପାଳ ସା, ଲଳିତ ସା, ବାରିକ ସା, ଗୌତମ ବାଗ ଆଦିଙ୍କ ୫ ଏକର ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ଯଥାଶୀଘ୍ର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସରପଞ୍ଚଙ୍କ ପ୍ରତିନିଧି ଦୀନବନ୍ଧୁ କଂସରାଳି ଦାବି କରିଛନ୍ତି।



ଜଣେ ଚାଷୀ ହାତୀ ଉପଦ୍ରବରେ ହୋଇଥିବା କ୍ଷୟକ୍ଷତି ଦେଖାଉଛନ୍ତି।

# କର୍କଟ ରୋଗରେ ଯୁବ ଖେଳାଳିଙ୍କ ମୃତ୍ୟୁ

■ ଶ୍ରଦ୍ଧାଞ୍ଜଳି ସହ ସ୍ମୃତିଚାରଣ କଲେ ଅଞ୍ଚଳବାସୀ

ଲଖନପୁର,୨୨।୯(ଡି.ଏନ୍.ଏ.)

ରାଜ୍ୟସ୍ତରୀୟ ଜୁନିୟର ଭଲିବଲ ଖେଳାଳି ଚନ୍ଦନ ବରାଡ(୨୪) ଓରଫ ଟୁକୁନାଙ୍କର କର୍କଟ ରୋଗରେ ଗତ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଖବର ପ୍ରଚାରିତ ହେବା ପରେ ବନ୍ଧବାହାଲରେ ଶୋକରଛାୟା ଖେଳିଯାଇଛି। ଏହି ଅବସରରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଦୀନବାନ୍ଧବ କ୍ଷେତ୍ର ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଧବାହାଲ ଅଞ୍ଚଳର ବହୁ କ୍ରୀଡ଼ାବିତ, ବୁଦ୍ଧିଜୀବୀ, ଛାତ୍ର, ସହକର୍ମୀ ପ୍ରମୁଖ ଉପସ୍ଥିତଥିଲେ। ସ୍ୱର୍ଗତ ଯୁବ ଖେଳାଳିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମସ୍ତେ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏନେଇ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସହକର୍ମୀମାନେ ସ୍ୱର୍ଗତ ଖେଳାଳିଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ରାଜ୍ୟସ୍ତରୀୟ ଜୁନିୟର ଭଲିବଲ ଖେଳାଳୀ ଥିଲେ। ତାଙ୍କ ମୃତ୍ୟୁପରେ ବନ୍ଧବାହାଲ ଜଣେ ଯୁବପ୍ରତିଭାଙ୍କୁ ହରାଇଛି। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବନ୍ଧବାହାଲରେ ପ୍ରତ୍ୟେକ ବର୍ଷ ଚନ୍ଦନ ବରାଡ ମେମୋରିଆ ଟୁର୍ନାମେଣ୍ଟ କରିବା ପାଇଁ ଶ୍ରଦ୍ଧାଞ୍ଜଳି ସଭାରେ ସର୍ବସମ୍ମତିକ୍ରମେ ସହମତି ପ୍ରକାଶ ପାଇଛି। ସୂଚନାନୁସାରେ ପାଖାପାଖି ୧ ବର୍ଷ ହେଲା ଯୁବ ଖେଳାଳି ଟୁକୁନା କର୍କଟ ରୋଗରେ ପୀଡ଼ିତ ହୋଇ ବମ୍ବେରେ ଚିକିତ୍ସିତ ହେଉଥିଲେ। ଗତ ମଙ୍ଗଳବାର ତାଙ୍କର ଦେହାନ୍ତ ହୋଇଛି। ଶ୍ରଦ୍ଧାଞ୍ଜଳି ସଭାରେ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ନାୟକ, ଶ୍ରମିକ ନେତା ବୁଲୁ ପାଣିଗ୍ରାହୀ, ଭାଜପା ଯୁବନେତା ବିଶ୍ୱଜିତ ଷଡ଼ଙ୍ଗୀ, ଫୁଲ୍‌ସିଂହ ମାଝି, ଦଶରଥ ବିଶ୍ୱାଳ, ସଞ୍ଜୟ ନାୟକ, ମାନସ ପ୍ରଧାନ, ଅମିତ ସାହୁ ପ୍ରମୁଖ ଶତାଧିକ ଯୁବକ ଉପସ୍ଥିତ ଥିଲେ।



ସ୍ୱର୍ଗତ ଯୁବ ଖେଳାଳିଙ୍କ ଫାଟୋଚିତ୍ରରେ ଲୋକେ ଶ୍ରଦ୍ଧାସୁମନ ଜଣାଉଛନ୍ତି।